ମୋ ମାମୁ

ଜ୍ଞାନଦେବ ମହାରଣା

Digitized by srujanika@gmail.com

वेदाहमेतं पुरुषं महान्तमादित्यवर्णं तमसः परस्तात्

Digitized by srujanika@gmail.com

ମାମୁଙ୍କ ତୁଳିରୁ....

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ସେ ମୁଖ ସେ ହସ ସେ ମଧୁର ଭାଷ
ମାନସ ପଟୁ କି ଲିଭି ଯାଇଛି

Digitized by srujanika@gmail.com

ଶାଶା, ତାତା, ଆରତୀ ସହ

Digitized by srujanika@gmail.com

ନାତିମାନଙ୍କ ସହ

Digitized by srujanika@gmail.com

ଶରତ ଚନ୍ଦ୍ର ମହାରଣା, ମନମୋହନ ଚୌଧୁରୀ
ଅନ୍ନପୂର୍ଣ୍ଣା ମହାରଣା ଓ ସୁମିତ୍ରା ଚୌଧୁରୀ

Digitized by srujanika@gmail.com

ଶୀତ-ଅତିଥି

—ମନମୋହନ ଚୌଧୁରୀ—

ଲାଂଜ ହଲା ଚଢ଼େଇ କିଏ ଦେଖିଛ ? ଧଳା ପାଉଁଶିଆ, ଶଦା ଚିତ୍ରେଇଟ ମାନ, ସବୁଟାଇଆ ...ଳା ହେବେ । ଲାଂଜଟା ବେଶ୍ ଲମ୍ବ ଅଉ ସବୁବେଳେ ତାକୁ ତଳ ଉପର କରି ହଲାଉ ଥିବେ, କୁସ୍ତିରେ ପଂଚୁଡ଼ଲା ଭଳି । ଶୀତ ଦିନେ ଏ ଚଢ଼େଇ କେତେ ଆସନ୍ତି । ଆମ ଅଗଣାରେ, ପଡ଼ିଆରେ ଚରି ବୁଲି ପୋକ ଜୋକ ଖା'ନ୍ତି । ଛୁଙ୍କୁଛୁଙ୍କୁ ହୋଇ ଦଉଡ଼ୁ ଥାଆନ୍ତି । ଫେର୍ ଖରାଦିନ ହେଲା ବେଳକୁ ଦେଖେ କୁଆଡ଼େ ଚାଲି ଯାଆନ୍ତି । କେତେ ରଙ୍ଗର, କେତେ ଜାତିର ସାନ ବଡ଼ ଚଢ଼େଇ ଆମ ବାହୁଡ଼ି ଆସନ୍ତି—ଯା'ନ୍ତି । କେତେ ରକମର ବୋବାନ୍ତି ।

ମୁଁ ଆମର ଜଣେ ମାମୁଁଙ୍କଠାରୁ ଜାଣିଲି ଏ ଲାଂଜ ହଲା ଚଢ଼େଇ ଖରାଦିନେ ଯା'ନ୍ତି କୁଆଡ଼େ ? ଏ ଚଢ଼େଇଙ୍କର ଖରାଦିନ ଘର ହେଉଛି—କାଶ୍ମୀର, ତିବ୍ବତ, ନ ହେଲେ ସାଇବେରିଆ ।

ଇଂରେଜ ଅମଳରେ ବଡ଼ଲାଟ ଅଉ ତାଙ୍କ ସରକାର ଖରାଦିନେ ଦିଲ୍ଲୀ ସହରର ଖରା ଧାସ ସହି ନ ପାରି ହାଓ୍ୱା ବଦଳାଇବାକୁ ଶିମଲା ଯାଉଥିଲେ । ସେଥିପାଇଁ ଦେଶ ଯାକ ଲୋକ କେତେ ପାଟି ତୁଣ୍ଡ କରୁଥିଲେ, ଗରିବଙ୍କ ଧନ ବରବାଦ ହେଉଛି ବୋଲି । କିନ୍ତୁ ଏ ଚଢ଼େଇଙ୍କ ଶଉକ୍ ଆଗରେ ତାଙ୍କ ଶଉକ୍ କି ଛାର । ଟିକିଏ ଭାବି ଦେଖ, ଏକ ଦମ୍ ସାଇବେରିଆ । ତେବେ କଥା ହେଉଛି, ଲାଂଜ ହଲାର ଟିକଟ କଟା ନାହିଁ । ଲାଂଜ ହଲା ପରି ବଡ଼ଲାଟଙ୍କର କିଛି ଖର୍ଚ୍ଚ ହେଉ ନ ଥିଲେ କାହାର କିଛି କହିବାର ନ ଥାନ୍ତା ।

ଖାଲି ଲାଂଜ ହଲା ନୁହେଁ, ଆଉରି ଅନେକ ଜାତିର ଚଢ଼େଇ ଏମିତି ଖରାଦିନ ଗୋଟାଏ ଜାଗାରେ ତ ଶୀତ ଦିନ ଆଉ ଗୋଟାଏ ଜାଗାରେ କଟାନ୍ତି । କାର୍ତ୍ତିକ ମାର୍ଗଶିର ମାସକୁ କେତେ ଜାତିର ପାଣି ଚଢ଼େଇ ଆସି ବିଲ, ପାଟ, ହ୍ରଦମାନଙ୍କରେ ଭର୍ତ୍ତି ହୋଇ ଯା'ନ୍ତି, ଦେଖି ନାହଁ ? ଶୀତ ଦିନ ସକାଳ ଅଉ ସଂଜବେଳେ ହଂସମାନେ କେମିତି ଧାଡ଼ି ବାନ୍ଧି ଉଡ଼ି ଚାଲିଥାନ୍ତି । ଟିକିଏ ... ଧାଡ଼ି ବଙ୍କା ଟଙ୍କା ନାହିଁ, ଗୋଳମାଳ ନାହିଁ । ତିବ୍ବତ ଠାରୁ ସାଇବେରିଆ ଯାଏ ଏମାନଙ୍କର ...ନିଆ ଘର । ଚକୁଆ ଚକୋଇ, ଗ୍ରୀ ଚଢ଼େଇ ଓ ଆଉରି କେତେ ... ପାଣି ଚଢ଼େଇ ଆମ ଦେଶକୁ ଶୀତ ଦିନ କଟାଇବାକୁ ... । ଚକୁଆ ଚକୋଇ କିଏ ଦେଖିଛ ? ବତକଠୁଁ ଟିକିଏ ... ବଡ଼, ହଂସ ଭଳି ଦେଖିବାକୁ, ନାରଙ୍ଗୀ ବାଦାମୀ ରଙ୍ଗର ...ର । ମୁଣ୍ଡ ଓ ବେକ ଧଳାପିଆ । ଡେଣାରେ କଳା ଓ ... ରଙ୍ଗ ଥାଏ ।

Digitized by srujanika@gmail.com

ଏ ଚଢ଼େଇ ଯାକ ବଡ଼ ନାନା ଜାତିରେ ଅଛନ୍ତି । ପାଣି କୂଳରେ ବୁଲି ଖାଦ୍ୟ ଖୋ
ଖୋଜି ପୋକ ଖୁମ୍ପି ଖାଉଥାଆନ୍ତି । ତାଙ୍କର ଥଣ୍ଟା ସରୁ ଓ ଲମ୍ବା ।
ପିଠି ଉପରଟା ମାଟିଆ, ତାହାର ବି ଟିପି ଟିପିକା । ଲାଂଜ ସହିତ ଦେହଟା
ପାଣି ତଳ ଉପର କରି ହଲାଉ ଥାନ୍ତି, ଏମାନେ ଆଶ୍ୱିନ ମାସ ବେଳକୁ
ଆସି ଏଠି ପହଞ୍ଚି ଯାନ୍ତି ।

ଶୀତ ଦିନେ ସାଇବେରିଆ, ତିବ୍ବତ ଓ କାଶ୍ମୀର ଅଞ୍ଚଳ ବରଫ ବର୍ଷା ହୋଇ ସବୁଆଡ଼ ଢାଙ୍କି ହୋଇଯାଏ । ପାଣି ଜମାଟ ବାନ୍ଧି ବରଫ ହୋଇଯାଏ । ଦିନ ଗୁଡ଼ିକ ଛୋଟ ହୋଇ ଯାଉ ଥିବାରୁ ଚରି ବୁଲିବାକୁ ବେଳ କମ୍ ମିଳେ । ଏଥି ପାଇଁ ସେମାନେ ଅନ୍ୟ ଦେଶକୁ ପଳାଇ ଆସନ୍ତି, କିନ୍ତୁ ବସା ତିଆରି କ
ସେହି ଦେଶରେ ଅଣ୍ଡା ଦିଅନ୍ତି ।

ବଡ଼ଅଡ଼ାଙ୍କ ଜାତିର ଗୋଟାଏ ବଗ, ପ୍ରାୟ ଅଢ଼େଇ ହାତ ଉଚ୍ଚ, ଖରା ଦିନ ୟୁରୋପରେ କଟାଇ ଶୀତ ପଡ଼ିଲେ ଏଠିକି ଆସନ୍ତି । ଏ ବଗ ଉତ୍ତର ଭାରତରେ ବହୁତ । ଅନ୍ୟ ସ୍ଥାନକୁ ସେ
ବେଶୀ ଆସନ୍ତି ନାହିଁ । ଗୋଟାଏ ବଗଛୁଆ ଗୋଡ଼ରେ ନମ୍ବର ଦିଆ ମୁଦି ପିନ୍ଧେଇ ଜର୍ମାନୀରେ ଛ
ଦିଆ ହୋଇଥିଲା । ସେ କେତେ ମାସ ପରେ ଆସି ଚାରି ହଜାର ମାଇଲ ଦୂର ଭରତପୁରରେ
ଧରା ହେଲା ।

କିନ୍ତୁ ଦୂର ଯାତ୍ରୀ ହିସାବରେ ଏମାନଙ୍କୁ ବି ଟପିଲାବାଲା ଅନେକ ଅଛନ୍ତି, ଟେଁ ଟେ
ଜାତିର ଗୋଟାଏ ଚଢ଼େଇ ଛ'ମାସ ଉତ୍ତର ମେରୁ ଅଂଚଳରେ କଟାଇ ସେଠି ଶୀତ ପଡ଼େ ସୁ
ଛ'ମାସ ପାଇଁ ବୁଲିବାକୁ ବସିଲାରୁ ଏକା ଥରକେ ପୃଥିବୀଟା ଯାକ ଟପି ଦକ୍ଷିଣ ମେରୁ ପାଖରେ ହାଜ
ହୁଏ । ସା'ର ଦୌଡ଼ ଏକା ଥରକେ ଏଗାର ହଜାର ମାଇଲରୁ କମ୍ ନୁହେଁ । ଏତେ ବାଟ
କେତେ ଦିନରେ ଉଡ଼ନ୍ତି ? ଚଢ଼େଇ ବିଚରାଟିର ଏମିତି କେତେ ବ ହପ ହେଉଥିବ ? କିନ୍ତୁ ପ୍ରକୃତ
ସ୍ୱାଙ୍କର ଶକ୍ତି କମ ନୁହେଁ । ହଂସମାନେ ଘଣ୍ଟାକୁ ଚାଳିଶ ପଚାଶ ମାଇଲ ଉଡ଼ନ୍ତି ଓ ଏକା ବେଳେ
ଦଶ ବାର ଘଣ୍ଟା ନ ଖାଇ, ବିଶ୍ରାମ ନ କରି ଉଡ଼ି ପାରନ୍ତି । ଏମିତି ସେମାନେ ରାତାରାତି ଚାରି ପା
ଶହ ମାଇଲ ନିଶ୍ଚୟ ଟପି ଯାଉଥିବେ । ଥରେ ଟେଁଟେଇଁ ଜାତିର ଗୋଟିଏ ଚଢ଼େଇ ଶରତ ଦି
ଅଲାସ୍କା ବା ସାଇବେରିଆରେ କଟାଇ ଶୀତ ଦିନକୁ ହାଓ୍ୱାଇ ଦ୍ୱୀପ ପୁଞ୍ଜକୁ ଯାଏ । ମଝିରେ ଦୁଇ ହଜା
ମାଇଲ ଖୋଲା ସମୁଦ୍ର—ପ୍ରଶାନ୍ତ ମହାସାଗର—ଏକା ଦମ୍‌କେ ପାରି ହେବାକୁ ହୁଏ । ଟିକିଏ ଭାବ
ଯେତେବେଳେ ପ୍ରଥମ ଉଡ଼ାଜାହାଜ ଏକା ଦମ୍‌କେ ତିନି ହଜାର ମାଇଲ ସମୁଦ୍ର ପାରି ହୋ
ଆମେରିକାରୁ ୟୁରୋପ ଆସିଲା, ସେତେବେଳେ କେତେ କାଗଜରେ ବଡ଼ ବଡ଼ ଅକ୍ଷରରେ ବାହାବା
ଅଥଚ ଏ ଛୁଆ ଛୁଆ ଚଢ଼େଇମାନଙ୍କର ଏମିତି ସମୁଦ୍ର ଟପିବା ତ ନିତି ବର୍ଷର କାରବାର ।

ଆଉ ଗୋଟିଏ ଜାତିର ଚଢ଼େଇ ଖରାଦିନେ ଜାପାନରେ ବସା କରେ—ଶୀତ ଦି
ଯାଏ ଉଡ଼ି ଅଷ୍ଟ୍ରେଲିଆ ଆଉ ଟାସ୍‌ମାନିଆକୁ, ଗଲାବେଳେ ଏକା ଦମ୍‌କେ ନ ରହି ନଗାଇ

ଜଙ୍ଗଲର ମାଇଲ ଉଡ଼ିଯାଏ । ଯୁଦ୍ଧ ବେଳେ ଜାପାନ ଗୋଟାଏ ପଟେ, ଅଷ୍ଟ୍ରେଲିଆ ଗୋଟାଏ ପଟେ ହେଲେ ଏ ସ୍ଵାଙ୍କ ଯାତ୍ରା ବନ୍ଦ ହୋଇ ନାହିଁ । ଦୁନିଆଟାକୁ ଆମେ ସିନା ଖଣ୍ଡ ଖଣ୍ଡ କରି ଭାଙ୍ଗିଛୁ, ସାରା ଦୁନିଆଟା ପ୍ରକୃତରେ ଏମାନଙ୍କର ।

ଯାତ୍ରୀ ଚଢ଼େଇ ଦଳ ସମୁଦ୍ର ଉପରେ ଦୂରବାଟ ଉଡ଼ନ୍ତିବେଳେ ତାଙ୍କର ଦୟା ମାୟା କିଛି ନ ଥାଏ । ଯେ ଅଙ୍କ ପଡ଼ିଲା, କି ବେମାର ହେଲା, ସେ ସମୁଦ୍ରରେ ସମାଧି ପାଇଲା, ତା' ପାଇଁ ଯାତ୍ରୀ ଦଳକୁ ଅଳ୍ପ ମୁହୂର୍ତ୍ତେ ପଛକୁ ଗୁହିଁବାର ତର ନାହିଁ । ଲକ୍ଷ୍ୟ ସ୍ଥାନରେ ପହଞ୍ଚିଲେ ଯାଇ ବିଶ୍ରାମ । ସ୍ଥଳ ଉପରେ ଉଡ଼ିଲାବେଳେ ମଧ୍ୟ ଅନେକ ଜାତିର ଚଢ଼େଇ ଏକା ଦମ୍‌କେ ହଜାରେ ଦେଢ଼ ହଜାର ମାଇଲ୍ ଟପିଯାନ୍ତି ।

ସବୁଠାରୁ ବଡ଼ ବିଚିତ୍ର କଥା ହେଉଛି ଏମାନେ ବାଟ ଚିହ୍ନନ୍ତି କିମିତି ? ଯେ ଥରେ ଆସିଛି, ସେ ନ ହେଲା ଆଉ ଥରକୁ ସେଇ ବାଟ ଚିହ୍ନି ଚିହ୍ନି ଆସିବ ବୋଲି କହିବା, କିନ୍ତୁ ଦେଖାଯାଏ ଯେ ନୂଆ ନୂଆ—ଯେଉଁମାନେ ପ୍ରଥମ ଥର ପାଇଁ ଯାଉଛନ୍ତି ସେମାନେ ହିଁ ଆଗ ଦଳରେ ଯା'ନ୍ତି । ତାଙ୍କ ସାଙ୍ଗରେ ପୁରୁଣା ଚଢ଼େଇ କେହି ନ ଥାନ୍ତି, ବୁଢ଼ା ଯାକ ପଛରେ ଆସନ୍ତି । ଏମାନେ ହଜାର ହଜାର ମାଇଲ୍ ପାହାଡ଼, ପର୍ବତ, ଜଂଗଲ, ସମୁଦ୍ର ପାରି ହୋଇ ଠିକ୍ ତାଙ୍କର ବାପ ଅଜାଙ୍କ ଚରା ଭୂଇଁରେ ଆସି ପହଞ୍ଚନ୍ତି ।

ଖାଲି ଶୀତଦିନ ନୁହେଁ, ଅନ୍ୟ ସମୟରେ ବି କେତେ ଜାତିର ଚଢ଼େଇ ଆମ ଦେଶକୁ ଆସନ୍ତି । ତାଙ୍କ କଥା ଆଉ ଦିନେ କହିବି । ଆମର ଏ 'ଶୀତ ଦିନିଆ ଅତିଥିମାନେ ବାହୁଡ଼ିବା ପୂର୍ବରୁ ତାଙ୍କୁ ଖୋଜି ତାଙ୍କ ସାଙ୍ଗରେ ଚିହ୍ନା ପରିଚୟ କରି ନେବ । ଆଉ ସେ ଫେରିଲା ବେଳକୁ ତାଙ୍କ ଭିତରେ ଶେଖ୍ ଅବଦୁଲ୍ଲା, ଷ୍ଟାଲିନ୍ ବା ଦଲେଇଲାମାଙ୍କଠାରୁ ବହୁତ ବହୁତ କଥା ପଚାରିବ ।

ଏ ସୁନ୍ଦର ଚଢ଼େଇଟି ବି ଶୀତ ଦିନେ ଉତ୍ତରରୁ ଆମ ଦେଶକୁ ଆସେ । ଅଣ୍ଟିରା ଚଢ଼େଇର ପିଠି ଓ ବେକ କଳା । ପେଟ ଇଟା ଭଳି ଲାଲ୍ । ଗୋଟି ଗୋଟି ହୋଇ ଚରନ୍ତି, ଲାଂଜଟାକୁ ସବୁବେଳେ ହଲାଉ ଥାନ୍ତି ଓ ମୁଣ୍ଡଟାକୁ ନଇଁରେ ନଇଁରେ ଏଣ୍ଡୁଅ ଭଳି ଠୁଙ୍ଗାଉ ଥାନ୍ତି ।

ପିରଭୁ
(ଏଇଟା ସ୍ଵାର ବଙ୍ଗଳା ନାଁ—ଓଡ଼ିଆ ନାଁ ଜଣା ନାହିଁ ।)

ଗୁରୁ ବନ୍ଦନା

ଚିତ୍ର : ଜ୍ଞାନଦେବ

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ମୋ ମାମୁ

ଜ୍ଞାନଦେବ ମହାରଣା

Digitized by srujanika@gmail.com

ମୋ ମାମୁ

ପ୍ରକାଶକ ଓ ଲେଖକ	:	ଜ୍ଞାନଦେବ ମହାରଣା ୩୩/୩୫୭, ଗଜପତି ନଗର, ଭୁବନେଶ୍ୱର-୭୫୧୦୦୫, ଓଡ଼ିଶା ।
ପ୍ରକାଶକାଳ	:	ଅଗଷ୍ଟ ୧୫, ୨୦୧୫
ଛପାସଂଖ୍ୟା	:	୩୦୦
ମୁଦ୍ରକ	:	ରାୟପ୍ରିଣ୍ଟର୍ସ, କଟକ-୯
ମୂଲ୍ୟ	:	୧୫୦ ଟଙ୍କା ମାତ୍ର

MO MAMU

Publisher & Writer	:	Jnanadeva Maharana 33/357, Gajapati Nagar, Bhubaneswar-751005
1st Edition	:	August 15, 2015
No. of Copies	:	300
Printer	:	Ray Printers Cuttack-9
Price	:	₹ 150.00

Digitized by srujanika@gmail.com

ମୋ ମାମୁ

ମାମ୍‌ନା ପାଇଁ

Digitized by srujanika@gmail.com

ମୁଖବନ୍ଧ

ଓଡ଼ିଶା, ଭାରତ ତଥା ବିଦେଶରେ ସୁପରିଚିତ ପଦାର୍ଥବିଜ୍ଞାନୀ, କାନପୁର ଆଇ.ଆଇ.ଟିରୁ ପଦାର୍ଥବିଜ୍ଞାନରେ ଡକ୍ଟରେଟ୍ କରିଥିବା, ବିଦେଶରୁ ବହୁ ଉପାଧିପ୍ରାପ୍ତ, ବହୁ ସମ୍ମାନରେ ବିଭୂଷିତ ବିଶିଷ୍ଟ ବୈଜ୍ଞାନିକ, ଭୁବନେଶ୍ୱରସ୍ଥିତ ପଦାର୍ଥବିଜ୍ଞାନ ଅନୁଷ୍ଠାନର ଅବସରପ୍ରାପ୍ତ ପ୍ରଫେସର ଡଃ. ଜ୍ଞାନଦେବ ମହାରଣାଙ୍କ ଲିଖିତ 'ମୋ ମାମୁ' ପୁସ୍ତକର ପାଣ୍ଡୁଲିପି ଆମୂଳଚୂଳ ଏକାନିଃଶ୍ୱାସରେ ପଢ଼ି ଆନନ୍ଦିତ, ଆମୋଦିତ ଓ ପରିତୃପ୍ତ ହେଲି; ଅଧିକନ୍ତୁ ବିସ୍ମିତ ହେଲି । ଏହି ୧୬୦ ପୃଷ୍ଠାର ରସାଳ ପୁସ୍ତକଟି ଶ୍ରଦ୍ଧେୟ ଜ୍ଞାନଦେବଙ୍କର ମାତୃଭାଷା ଓଡ଼ିଆରେ ରଚିତ ପ୍ରଥମ ପୁସ୍ତକ । ସଫଳତାର ସମସ୍ତ ସ୍ୱାକ୍ଷର ବହନକାରୀ ପୁସ୍ତକ "ମୋ ମାମୁ" । ତାଙ୍କ ଲେଖନୀ ଦୀର୍ଘକାଳ ଧରି ଓଡ଼ିଆ ସାହିତ୍ୟକୁ ଅନୁପମ ଅବଦାନରେ ସମୃଦ୍ଧ କରୁ - ଏତିକି ପ୍ରାର୍ଥନା ।

ଜ୍ଞାନଦେବଙ୍କ ମାମୁ ମନମୋହନ ଚୌଧୁରୀଙ୍କୁ କିଏ ନ ଜାଣେ ? ଓଡ଼ିଶାର ପ୍ରଖ୍ୟାତ ଗାନ୍ଧିବାଦୀ ତ୍ୟାଗୀ ପରିବାର, ସବୁରି ମାଆ ରମାଦେବୀ - ଗାନ୍ଧିବାଦୀ ଦେଶସେବକ ଗୋପବନ୍ଧୁ ଚୌଧୁରୀଙ୍କ ପୁତ୍ର ସେ । ଖେରସର ଜମିଦାର ଆଡ଼୍ଭୋକେଟ୍ ଗୋକୁଳାନନ୍ଦ ଚୌଧୁରୀଙ୍କ ନାତି - ବିଶିଷ୍ଟ ସମାଜ ସେବିକା - ସୁଲେଖିକା - ଅନ୍ନପୂର୍ଣ୍ଣା ମହାରଣା (ଚୁନିଅପା)ଙ୍କ ଏକମାତ୍ର ଭାଇ ଯେ ଗାନ୍ଧିବାଦୀ ବିଦ୍ୱାନ୍ ଶରତ୍ ମହାରଣା ଓ ଚୁନିଅପାଙ୍କ ପୁଅ ଜ୍ଞାନଦେବଙ୍କର ଏକ ମାତ୍ର ମାମୁ ।

ଜ୍ଞାନଦେବଙ୍କ ମାମୁଙ୍କ ଆତ୍ମଜୀବନୀ "କସ୍ତୁରୀ ମୃଗସମ"; ଚୁନିଅପାଙ୍କ "ଅମୃତ ଅନୁଭବ"; ବିନୋଦ କାନୁନ୍‌ଗୋଙ୍କ "ଋଣ ପରିଶୋଧ"; ମାଆ ରମାଦେବୀଙ୍କ "ଜୀବନପଥେ"; ଗୋପିନାଥ ମହାନ୍ତିଙ୍କର "ଧୂଳିମାଟିର ସନ୍ଥ" ପୁସ୍ତକମାନ ମୁଁ ପଢ଼ିଛି - ମୋ' ପ୍ରାଣକୁ ଛୁଇଁଛି - କିନ୍ତୁ ଅସାଧାରଣ ବିସ୍ମୟକର ପ୍ରତିଭାମଣ୍ଡିତ ବିଶିଷ୍ଟ ଗାନ୍ଧିବାଦୀ, ବିନୋବାଶିଷ୍ୟ, ଲେଖକ, ଚିନ୍ତକ, ଅନୁବାଦକ, ନେତା, ସଙ୍ଗଠକ, ବହୁଶାସ୍ତ୍ରବିତ୍ ଏକ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ, ନିଷ୍ପାପର ସତ୍ତାସେବକ ତଥା ଜୀବନ ଶିଳ୍ପୀ ସ୍ଥିତଧୀ ମନମୋହନଙ୍କ ଜୀବନର ବହୁ ଅନାଲୋଚିତ ଦିଗ "ମୋ ମାମୁ" ବହିରେ ସନ୍ନିବେଶିତ । ଉନ୍ମୋଚିତ ହୋଇଛି ଆଶ୍ଚର୍ଯ୍ୟ ସୁନ୍ଦର କଳାକାର ଓ ଚିତ୍ରଶିଳ୍ପୀର ସାଧନାଶୁଦ୍ଧ, ସରଳ, ନିରାଡ଼ମ୍ବର ଜୀବନଯାତ୍ରା ବିଜ୍ଞାନମନସ୍କ ଗାନ୍ଧିଙ୍କ ରଚନାତ୍ମକ କର୍ମରେ ବିଶ୍ୱାସୀ କୃଷିବିଜ୍ଞାନୀ, ଯଥାର୍ଥ ଶିକ୍ଷାଗୁରୁ ମନମୋହନ ଚୌଧୁରୀଙ୍କ କର୍ମକୁଶଳତା, ଚିନ୍ତନକୁ କର୍ମରେ ରୂପାନ୍ତରିତ କରିବାର ଅପୂର୍ବରୀତି ଏ ସମସ୍ତ ପୁସ୍ତକାବଳୀରେ ସ୍ଥାନିତ ହୋଇ ନଥିଲା । ମାତ୍ର "ମୋ ମାମୁ" ତାହା ଉନ୍ମୋଚନ କରିଛି ।

Digitized by srujanika@gmail.com

ଏହା ଏକ ସ୍ୱତନ୍ତ୍ର ମହିମା ମଣ୍ଡିତ ଅନୁଭୂତିପ୍ରସୂନ ମୌଳିକ ଚିନ୍ତନ ଅଧାରିତ ସାର୍ଥକ ରଚନା । ସରଳ, ସାବଲୀଳ, ଭାବଗର୍ଭକ ଅଥଚ ସର୍ବଜନବୋଧ ଭାଷାରେ, ଶୁଦ୍ଧ ଓଡ଼ିଆ ଲିଖିତ "ମୋ ମାମୁ" ଆରମ୍ଭ କଲେ ଶେଷ ନକରି ରହି ହେବ ନାହିଁ । ପୁସ୍ତକଟି ପାଠ କଲାପରେ ମୋର ଅନୁଭବକୁ ମୁଁ ବ୍ୟକ୍ତ କରିବା ପାଇଁ ଶବ୍ଦ ସନ୍ଧାନ କରି ବିଫଳ ହେଲି । କେବଳ ଗୋଟିଏ ଶବ୍ଦ ସ୍ଫୁରିତ ହେଲା "ଅପୂର୍ବ" ! ଜ୍ଞାନଦେବଙ୍କ ଲେଖନୀ ଆଶୀର୍ବାଦ ପ୍ରାପ୍ତ - ଏମିତି ସଚଳ ଥାଉ ଆଜୀବନ !

ପୁସ୍ତକର ପ୍ରଥମରୁ ପ୍ରଶ୍ନ କରିଛନ୍ତି ଲେଖକ - ମାମୁ ଅନ୍ତ ପ୍ରାଣ, ଜ୍ଞାନଦେବ - ଚୁନିଅପାଙ୍କ ପୁଅ - ତାଙ୍କ ଆଦରର ଭଣଜା - ନିଜସ୍ୱ ସ୍ୱତନ୍ତ୍ର ରୀତିରେ, "ମାମୁର ବିଶେଷତ୍ୱ କ'ଣ ? ମାମୁର ବିଶେଷତ୍ୱ ତାର ଗୁଣସମ୍ଭାର ଓ ତାର ବ୍ୟକ୍ତିତ୍ୱକୁ ବଖାଣିବାର ମୋର ଯୋଗ୍ୟତା ନାହିଁ - ସ୍ପୃହା ନାହିଁ ଏବଂ ଉଦ୍ଦେଶ୍ୟ ନାହିଁ x x x ପ୍ରଥମତଃ ଆତ୍ମପ୍ରସାଦ, ଦ୍ୱିତୀୟ ଉଦ୍ଦେଶ୍ୟ - ମୋର ଅମୂଲ୍ୟ ଅନୁଭୂତି । ମାମୁର ସହଚାର୍ଯ୍ୟ ମୋର ଜୀବନକୁ ଆନନ୍ଦମୟ, ସରସ ଏବଂ କମନୀୟ କରିଛି । ମାମୁର ମୋ' ପ୍ରତି ଯାହା ଅବଦାନ ସେ ଯଦି ତାକୁ ମୋ' ପରି ଅପାତ୍ରରେ ନ ଅଜାଡ଼ି କୌଣସି ସୁଯୋଗ୍ୟ ପାତ୍ରରେ ଦେଇଥାଆନ୍ତା ଏବଂ ଫଳ ସ୍ୱରୂପ ସମାଜର ବହୁ ଉପକାର କରିଥାଆନ୍ତା - (କଳା) ଜୀବନକୁ ସରସ ଓ ସ୍ନିଗ୍ଧକରି ରଖିବାର ଚାତୁରୀ ଏବଂ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର କଳା ମାମୁ ମତେ ଶିଖାଇଛି । ମୁଁ ମଧ୍ୟ ସେଥିରୁ କିଛି ହାସଲ କରିଛି । ଏ ମୋର ଆତ୍ମସମୀକ୍ଷା । (ମୋ ମାମୁ - ପୃଷ୍ଠା ୧୭)

କେତେ ସତ୍ୟନିଷ୍ଠ ଏବଂ ଅର୍ଥପୂର୍ଣ୍ଣ ଏ ସରଳ ବକ୍ତବ୍ୟ । ମନମୋହନ ଚୌଧୁରୀ ଯଥାର୍ଥରେ ଜୀବନଶିଳ୍ପୀ ।

ସରଳ କଥା କୁହା ଭାଷାରେ - ଅଳ୍ପ କଥାରେ, ଶିଶୁ କାଳର ଆଶ୍ଚର୍ଯ୍ୟ ସୁନ୍ଦର ବହୁ ଉପାଦେୟ ଅନୁଭୂତିଠାରୁ ଆରମ୍ଭକରି, ପ୍ରସଙ୍ଗକ୍ରମେ ମାଳତୀ ଚୌଧୁରୀ - ନବବାବୁଙ୍କର ଅନନ୍ୟ ପ୍ରଭାବ - ଅଦ୍ୟାବଧି ଅପ୍ରକାଶିତ ବହୁ ପ୍ରତିଭାର ଔଜଲ୍ୟରେ ଆଲୋକିତ ତାଙ୍କ ମାମୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବ ଘଟନାବଳୀ ମାଧମରେ ବ୍ୟକ୍ତ କଲାବେଳେ ସୁନ୍ଦର ଭାବରେ ସେ ବହୁ ପାର୍ଶ୍ୱ ଚରିତ୍ର ଚିତ୍ରିତ କରିଛନ୍ତି । ନିଜ ନାମରୁ ସାର୍ଥକ କରିଥିବା ଅନ୍ତରଙ୍ଗ ଅନୁଭୂତି ସ୍ନାତ ଲେଖକ ବାସ୍ତବରେ "ମୋ ମାମୁ" ରଚନା କରି ଏକ ଜାତୀୟ କର୍ତ୍ତବ୍ୟ ପାଳନ କରିଛନ୍ତି । ବହୁ ଇତିହାସ, ଘଟନା ପ୍ରବାହରେ ସମୃଦ୍ଧ, ଦୂରୁହ ପଦାର୍ଥ ବିଜ୍ଞାନ ସହ ଛୋଟ ଶିଶୁ ଅକ୍ଷର ପରିଚୟ ନ ହୋଇଥିବା ଜ୍ଞାନଦେବକୁ ପରିଚିତ କରାଇବାର ଅଲୌକିକ ଶିକ୍ଷା ପ୍ରଣାଳୀ ବାସ୍ତବିକ ଆଶ୍ଚର୍ଯ୍ୟଜନକ

Digitized by srujanika@gmail.com

ଭାବରେ ଏକ ସ୍ୱତନ୍ତ୍ର ରୀତିରେ ପରିବେଷିତ, ଯାହା ଅନ୍ତରକୁ କରେ - ଅଭିଭୂତ କରେ ପାଠକକୁ ।

"ମୋ ମାମୁ" - ଓଡ଼ିଆ ସାହିତ୍ୟ ଜଗତରେ ବିସ୍ମୟ ସୃଷ୍ଟିକାରୀ ଏକ ଅତି ଶିକ୍ଷଣୀୟ, ଉପାଦେୟ, ମାଧୁର୍ଯ୍ୟ ମହିମାର ସ୍ମାରକ, ନବୀନରୀତିରେ ଆଲୋଚିତ ଜ୍ଞାନବିଜ୍ଞାନ ଭିତ୍ତିକ ରଚନା - ଯାହାର କେନ୍ଦ୍ରବିନ୍ଦୁ - "ମାମୁ" ।

ବୁଲୁ ଭାଇ ଆଉ ସୁମିତ୍ରା ଭାଉଜଙ୍କ ଆଦର୍ଶ ଜୀବନଯାତ୍ରା, ଅସାଧାରଣ ଧୈର୍ଯ୍ୟ, ଏକାନ୍ତ ସରଳ ନିରାଡ଼ମ୍ବର ଗ୍ରାମ୍ୟ ଜୀବନ ଚିତ୍ର ନିଆରା ଢଙ୍ଗରେ ଲେଖା । ମନମୋହନ ଚୌଧୁରୀଙ୍କର ଅନାଲୋଚିତ ପ୍ରତିଭା, ଜୀବନଦର୍ଶନ ଓ କୃତିତ୍ୱ ଏକ ନିଆରା ଶୈଳୀରେ ମାମୁ ଭକ୍ତ ଜ୍ଞାନଦେବ ଲେଖିଛନ୍ତି - ଏହି ଅନୁଭୂତି ସମ୍ବଳିତ ଦୁର୍ଲଭ ବର୍ଣ୍ଣନା ମାଧ୍ୟମରେ ସେ ଏକ ଐତିହାସିକ ମହତ୍‌କର୍ମ କରିଛନ୍ତି ଯାହା ଅଭିନନ୍ଦନୀୟ । ଉପନ୍ୟାସ ପରି ଏହାର ଘଟଣାପ୍ରବାହ, ଗଳ୍ପ ପରି ସଙ୍କେତଧର୍ମୀ - ଅଳ୍ପ କଥାରେ, ଇଙ୍ଗୀତରେ, ପ୍ରତୀକ ମାଧ୍ୟମରେ ସେ ବହୁ ତଥ୍ୟ ଉପସ୍ଥାପନ କରି ପୁସ୍ତକର ଗାମ୍ଭୀର୍ଯ୍ୟ ଓ ମୌଳିକତାକୁ ବଜାୟ ରଖିଛନ୍ତି । ପ୍ରକୃତିପ୍ରେମୀ କବିପ୍ରାଣ - ଅସାମାନ୍ୟ ଚିତ୍ରଶିଳ୍ପୀ 'ମନମୋହନ'ଙ୍କୁ ଅତି ନିକଟରୁ ଚିହ୍ନି ସେ ତାଙ୍କର ବହୁ ଗୁଣମୁଗ୍ଧ ପାଠକ ପାଠିକାଙ୍କୁ ଚିହ୍ନାଇଛନ୍ତି "ମୋ ମାମୁ" ପୁସ୍ତକରେ । ଜଣେ ପରମ ଆତ୍ମୀୟ ଭଣଜା, ଶିଷ୍ୟ, ବିଜ୍ଞାନାନୁରାଗୀ, ଅନୁଗାମୀ, ବିଦେଶରେ ପାଠ ପଢ଼ିଥିବା ଜ୍ଞାନଦେବଙ୍କ ଯଥାର୍ଥ ଶିକ୍ଷାଦାତା ବିଜ୍ଞାନୀ ମନମୋହନ ଚୌଧୁରୀ ।

ପ୍ରଶ୍ନ ଉଠିପାରେ ଅନୁଗାମୀ ? ଜ୍ଞାନଦେବ ?

ବିଜ୍ଞାନ ଓ ଗବେଷଣାରେ ସମ୍ପୂର୍ଣ୍ଣରୂପେ ବୁଡ଼ି ରହିଥିବା, ବିଦେଶରେ ଜ୍ଞାନଚର୍ଚ୍ଚା କରୁଥିବା ଏହି ଅତ୍ୟନ୍ତ ଧୀମାନ୍ ବୈଜ୍ଞାନିକ ଅଧ୍ୟାପକ ଜଣକ ତ ଭିନ୍ନ ପୃଥିବୀର ମଣିଷ । ସେ କିପରି ଅନୁଗାମୀ ହେଲେ ସମ୍ପୂର୍ଣ୍ଣ ଗାନ୍ଧି-ବିନୋବା-କବିଗୁରୁ ରବି ଠାକୁରଙ୍କ ଜୀବନ ଦର୍ଶନରେ ଦୀକ୍ଷିତ ଆତ୍ମବଳରେ ବଳିୟାନ୍ ଏକନିଷ୍ଠ ସାଧକ କର୍ମଯୋଗୀ ମନମୋହନଙ୍କର ?

ଏଇଠି ରହିଛି ଏ ପୁସ୍ତକ ରଚନାର ଆବଶ୍ୟକତା । ଏଇଠି ରହିଛି ଏ ପ୍ରଶ୍ନର ସମୁଚିତ ଉତ୍ତର ।

କି ଚମତ୍କାର ସ୍ୱୀକାରୋକ୍ତି !

ଜ୍ଞାନଦେବଙ୍କ କୋମଳ ଶିଶୁ ପ୍ରାଣରେ ବିଜ୍ଞାନପ୍ରତି ଅହେତୁକ ଆକର୍ଷଣ, ମୌଳିକ ଚିନ୍ତନରେ ସମୃଦ୍ଧ କଳାକାର ଶିକ୍ଷାଗୁରୁ ମାମୁ ହିଁ ସୃଷ୍ଟି କରିଥିଲେ । ଏହି ଆନନ୍ଦରାଜ୍ୟ

Digitized by srujanika@gmail.com

ସହ ଶିଶୁର ପ୍ରାଥମିକ ପରିଚିତ ହୋଇଛି ତାଙ୍କ ଦିବ୍ୟଦ୍ରଷ୍ଟା ପ୍ରକୃତି ପ୍ରେମିକ, ବିଶିଷ୍ଟ ଚିତ୍ରଶିଳ୍ପୀ ମାମୁଙ୍କ ମାଧ୍ୟମରେ । ଉଦ୍ଧୃତି ଆବଶ୍ୟକ -

"ଯାହାର ଆଖି ହସେ - କଣ୍ଠୀକହେ ଆବିଷ୍କାରର, ଆନନ୍ଦର ।"

ସେ ଅନ୍ତର୍ନିହିତ ଆନନ୍ଦକୁ ବିଚିତ୍ର ରୀତିରେ ସଂଚାରିତ କରିପାରନ୍ତି ଶିଶୁଚିତ୍ତରେ ପରଶମଣିର ସନ୍ଧାନେର ଲେଖକ ବିଜ୍ଞାନୀ ମନମୋହନଙ୍କ ଅନୁସନ୍ଧିତ୍ସା - ଜ୍ଞାନପିପାସା - ଜ୍ଞାନ ବିତରଣ କରିବାର ପ୍ରୟାସ ଉତ୍ତରକାଳ ସମ୍ମୁଖରେ ଉନ୍ମୋଚନ କରିଛନ୍ତି "ମୋ ମାମୁ"ର ଲେଖକ । ତାଙ୍କ ସହ ଏକାତ୍ମୀଭୂତ ଭଣଜା ଜ୍ଞାନଦେବଙ୍କ ବ୍ୟତିତ ଆଉ କେହି ଏ ସତ୍ୟ ଉନ୍ମୋଚନ କରି ଉତ୍ତରକାଳକୁ ପ୍ରଭାବିତ କରିବାକୁ ସମର୍ଥ ହୋଇନଥାନ୍ତେ । ଏହା ମୋର ଅନୁଭବ ।

ଦୁରୂହ ବିଜ୍ଞାନ ଶାସ୍ତ୍ର ଆୟତ କରିବାର ଅଲୌକିକ ପ୍ରଣାଳୀ ଜାଣିଥିଲେ ମୌଳିକ ଚିନ୍ତକ ବିଜ୍ଞାନୀ, ତୀକ୍ଷ୍ଣଧୀ, ଜୀବନଶିଳ୍ପୀ ମନମୋହନ । ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସଙ୍ଗେ ପ୍ରତିଭାକୁ ପ୍ରସ୍ଫୁଟିତ କରାଇବାଦିଗରେ ଗୁରୁଜନଙ୍କର ଭୂମିକା କ'ଣ ହେବା ଉଚିତ । ବହୁବିଧ ଦୃଷ୍ଟାନ୍ତ ମାଧ୍ୟମରେ ଚମତ୍କାର ମନଛୁଆଁ ଶୈଳୀରେ ପରିବେଷଣ କରିଛନ୍ତି "ମୋ ମାମୁ"ରେ ଲେଖକ ଜ୍ଞାନଦେବ । ପ୍ରତ୍ୟେକ ଶିଶୁ, କିଶୋର, ଛାତ୍ର, ଛାତ୍ରୀ, ଅଭିଜ୍ଞବ୍ୟକ୍ତି ସମସ୍ତଙ୍କ ପାଇଁ ଏହା ଅବଶ୍ୟ ପଠନୀୟ ଏବଂ ଶିକ୍ଷଣୀୟ ।

କେତୋଟି ଦୃଷ୍ଟାନ୍ତ ନ ଦେଇ ରହି ହେଉ ନାହିଁ ।

ଉଦ୍ଧୃତି - "ମାମୁ ଗାନ୍ଧିଜୀଙ୍କର ଅହିଂସକ ପନ୍ଥାର ପଥିକ ଥିଲା ଏବଂ ଏ ପଥରୁ କେବେ ବାଟହୁଡ଼ା ହୋଇନାହିଁ x x x ସେ ନିଜର ସ୍ୱାଧ୍ୟାୟ - ଚିନ୍ତନ - ମନନରୁ ରବୀନ୍ଦ୍ର ଦର୍ଶନକୁ ଗ୍ରହଣ କଲ୍ଲା । ବିଶ୍ଳେଷଣ କଲା x x x ମାମୁ ରବୀନ୍ଦ୍ରଙ୍କ ବିଶ୍ୱ ମହାମାନବର ଦର୍ଶନକୁ ସମ୍ପୂର୍ଣ୍ଣରୂପେ ତା ଜୀବନରେ ଗ୍ରହଣ କରିଥିଲା । ମାମୁର ଜୀବନ ଦର୍ଶନର ଆଲୋଚନା ମୁଁ କ୍ୱଚିତ୍ ଶୁଣିଛି x x x ମାମୁକୁ ଟିକିଏ ନିରେଖି ଡଉଲିଲେ ମୋ ମୁଣ୍ଡ ବୁଲେଇଦିଏ । ଗୋଟିଏ ଲୋକ ତାର ଜୀବଦ୍ଦଶାରେ କେତେ କ'ଣ କରି ନପାରିଲା ?" ସେ ଯୁଗର ଶ୍ରେଷ୍ଠ ପ୍ରାବନ୍ଧିକ - ଯୁଗସ୍ରଷ୍ଟା ଚନ୍ଦ୍ରମୋହନ ମହାରଣାଙ୍କ ନାତି ଜ୍ଞାନଦେବଙ୍କ ରଚନା ଯେ ରସୋତୀର୍ଣ୍ଣ ହେବ - ଏଥିରେ ସନ୍ଦେହ କ'ଣ ? ପୁସ୍ତକର ଶେଷ ସମୟରେ ଏକ ପ୍ରତୀକଧର୍ମୀ ଚିତ୍ର ଟେକି ଧରିଛନ୍ତି ଲେଖକ - ଲେ ନାଦୋ ଦା ଭିଞ୍ଚିଙ୍କ ଉକ୍ତି - ଯାହା ଅତ୍ୟନ୍ତ ସମୀଚୀନ । ପ୍ରଶ୍ନର ଉତ୍ତରରେ ଗୋଟିଏ ବାକ୍ୟ ।

ପୃଥିବୀ ପ୍ରସିଦ୍ଧ ଚିତ୍ରକର ଫ୍ରାନ୍ସ ସମ୍ରାଟଙ୍କ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦେଇଛନ୍ତି - ଶେଷରେ ଧୀର ସ୍ୱରରେ "କିଛି କିଛି ଛବି ମଧ୍ୟ ଆଙ୍କି ପାରେ ।"

Digitized by srujanika@gmail.com

ଆଶ୍ଚର୍ଯ୍ୟ ତୁଳନା ! ମାଆ ରମାଦେବୀଙ୍କ - ଜେଜେମା ପଦ୍ମାବତୀଙ୍କ ଅପୂର୍ବ ଚିତ୍ର ଆଙ୍କିଛନ୍ତି ମନମୋହନ ଚୌଧୁରୀ ଅତୁଳନୀୟ ଚିତ୍ରଶିଳ୍ପ କଳାର ନିଦର୍ଶନ ଅଦ୍ଭୁତ ସେ କୃତି । ଏ ପ୍ରତିଭାର ପରିଚୟ ଓଡ଼ିଆ ପାଉଛି କି ? ଚିହ୍ନିଛନ୍ତି କିଏ ମୌଳିକ ଚିନ୍ତକ ଚିତ୍ରଶିଳ୍ପୀ ମନମୋହନଙ୍କୁ ଏ ବିଶ୍ୱରେ ?

ଆୟୁଷ୍ମାନ୍ ଜ୍ଞାନଦେବଙ୍କୁ ଆଶୀର୍ବାଦ । ପ୍ରଥମ ପୁସ୍ତକ ବିଜୟର ଟିକା ପିନ୍ଧିଲା - ଅୟଂ ଆରମ୍ଭ ଶୁଭାୟ ଭବତୁ । ଉତ୍ତରକାଳକୁ ତାଙ୍କର ଏ ଅକ୍ଷରସମୃଦ୍ଧ କୀର୍ତ୍ତି ମଣିଷକୁ ମଣିଷକୁ ମଣିଷ କରି ଗଢ଼ିବାରେ ସହାୟକ ହେବ ।

ଶୁଭାନୁଧାୟିନୀ
ମନୋରମା ମହାପାତ୍ର

Digitized by srujanika@gmail.com

କୈଫିୟତ

ମୋର ବନ୍ଧୁବାନ୍ଧବ, ପ୍ରିୟଜନ ଏବଂ ଉତ୍ସାହୀ ପାଠକମାନଙ୍କ ନିମନ୍ତେ ଏହି କୈଫିୟତ ପ୍ରେଶ୍ କରୁଅଛି । ଏହି କ୍ଷୁଦ୍ର ପୁସ୍ତିକା ପ୍ରକାଶ କରିବାର ଉଦ୍ଦେଶ୍ୟ କ'ଣ ? ଓଡ଼ିଆ ଭାଷାରେ ମୁଁ ଗଳ୍ପ କିମ୍ବା ପ୍ରବନ୍ଧ ରଚନା କରିନାହିଁ । ଉଚ୍ଚମାଧ୍ୟମିକ ଶିକ୍ଷା ସମାପ୍ତ ପରି ମୁଁ ବିଜ୍ଞାନ ଶିକ୍ଷା ଦିଗକୁ ମନବଳାଇଲି । ଓଡ଼ିଆ ଭାଷାରେ ମୁଁ ଚିଠି ନିଜର ପରିବାରବର୍ଗଙ୍କୁ ଲେଖୁଥିଲି । ସେଇ ଚିଠି ପତ୍ର ଲେଖା ମଧ୍ୟ କେଇ ବର୍ଷ ହେଲା ବନ୍ଦ ହୋଇଗଲା । ମନଭିତରେ ପ୍ରଶ୍ନ ଉଠୁଛି ଏ ଅପଚେଷ୍ଟା କାହିଁକି ? କାହାପାଇଁ ? ଏହି ପ୍ରଶ୍ନ ଦୁଇଟି କୈଫିୟତ ଦାବୀ କରନ୍ତି ।

"ମୋ ମାମୁ" ମୋର ବ୍ୟକ୍ତିଗତ ଅନୁଭୂତିରୁ ମାମୁର ରୂପରେଖର ବର୍ଣ୍ଣନା । "ମାମୁ" ବ୍ୟାସକବି ଫକୀର ମୋହନଙ୍କର ପ୍ରଣୋଦିତ ଉପନ୍ୟାସ ।

ମୋର ମାମୁ ରକ୍ତ ମାଂସର ମଣିଷ । "ମାମୁ" ବ୍ୟାସକବିଙ୍କର ମାନସ-ସମ୍ଭବ ଚରିତ୍ର । ଫକୀରମୋହନଙ୍କର କଲମରୁ ମିଳନ-ବିଚ୍ଛେଦ, ପ୍ରେମ-ବିରହ, ଆନନ୍ଦ, କାରୁଣ୍ୟ, ଲାଳିତ୍ୟ ଝରିଆସେ । ମୁଁ ନିଜର ଅପାରଗତା ସମ୍ବନ୍ଧରେ ସଚେତନ । ବ୍ୟାସକବିଙ୍କର "ମାମୁ"କୁ ଧ୍ରୁବତାରା ସଦୃଶ ମାର୍ଗଦର୍ଶକ ମନେକରି ଏ ଯାତ୍ରା ଆରମ୍ଭ କରିଥିଲି - ବାଟବଣା ହେଲି କି ନାହିଁ ନିଜେ ଜାଣିପାରୁନାହିଁ ।

ଅକ୍ଟୋବର ଦଶ ତାରିଖ ସନ୍ଧ୍ୟା - ୨୦୧୪ ମସିହା । ମୁଁ ସୁକୁବା ବସାରେ ବସିଥାଏ । ନିଜକୁ ହଠାତ୍ ଏକାଟିଆ ଲାଗିଲା । ଝରକା ଭିତରୁ ଦେଖିଲେ ଅନ୍ଧାରିଆ ଜଙ୍ଗଲରେ ଲମ୍ବା ଲମ୍ବା ଗଛମାନଙ୍କର ରୂପରେଖ ଦେଖାଯାଉଥାଏ । କି କାରଣରୁ ମନ ଚଞ୍ଚଳ ତାହାର କାରଣ ମୁଁ ବୁଝିବାପାଇଁ ଅକ୍ଷମ ହୋଇପଡୁଥାଏ । ନିଜର ମନକୁ ଅକ୍ତିଆର କରିବା ପାଇଁ ମୁଁ ଆନନ୍ଦର ଦିନଗୁଡ଼ିକ ମନେ ପକାଇବାର ପ୍ରଚେଷ୍ଟା କଲି । ମନ ଚଞ୍ଚଳ ହେଲେ କିମ୍ବା ମନୋଯୋଗ ଏବଂ ଏକାଗ୍ରତାରେ ବାଧା

Digitized by srujanika@gmail.com

ଉପୁଜିଲେ ମୁଁ ଏହି ଉପାୟରେ ନିଜ ମନକୁ ଶୃଙ୍ଖଳିତ କରିଥାଏ । ସେଇ ନିତାନ୍ତ ନିସ୍ତବ୍ଧ ସନ୍ଧ୍ୟାରେ ମାମୁକଥା ପିଲାଦିନର କଥା ମୋର ବହୁତ ମନେ ପଡ଼ିଲା । ଅକ୍ଟୋବର ଏଗାର ତାରିଖ ମାମୁର ଜନ୍ମଦିନ । ଅବଚେତନ ମନର କେଉଁ ଗଭୀରତମ ପ୍ରଦେଶରେ ହୁଏତ ଏଇଟା ସାଇତା ହୋଇ ରହିଥିଲା । ଆଉ ବର୍ଷକ ପରେ ତ ମାମୁର ଜନ୍ମ ଶତବାର୍ଷିକି !

ନିଜର ଅମାନିଆ ଉତଲା ମନକୁ କାବୁ କରିବା ପାଇଁ ଗୋଟାଏ ପେନସିଲ୍‌ରେ ଲେଖିବା ଆରମ୍ଭକଲି । ମୋର ମତଲବ ଥିଲା ଏହିପରି କିଛି ଲେଖିଲେ ମୋର ମନ ଠିକ୍‌ବାଟକୁ ଲେଉଟି ଆସିବ ଏବଂ ମୁଁ ମୋର ଏକାଗ୍ରତାକୁ ଫେରିପାଇବି । ମୁଁ କେବେହେଲେ ଓଡ଼ିଆରେ ଲେଖି ନିଜ ମନକୁ ଅକ୍ତିଆର କରିବାର ପନ୍ଥା ଅନୁସରଣ କରି ନଥିଲି । ଲେଖୁ ଲେଖୁ ଦୁଇ ଘଣ୍ଟା ବିତିଗଲା । ମୋର ଆବାସନରେ ଟିଭିଥିଲା । କିନ୍ତୁ ସବୁ କାର୍ଯ୍ୟକ୍ରମ ଜାପାନୀ ଭାଷାରେ । ଗୋଟିଏ ଦୁରଭ୍ୟାସ ଏବଂ ବ୍ୟସନରୁ ମୁକ୍ତି ପାଇଥିଲି । ଦିନସାରା ପରିଶ୍ରମ କରି ମାନସିକ କ୍ଳାନ୍ତିକୁ ଦୂରକରିବା ନିମନ୍ତେ ମନୋରଞ୍ଜନ ଆବଶ୍ୟକ । ମନ ଟିକିଏ ବାଁରେଇ ହୋଇଗଲେ ମସ୍ତିଷ୍କକୁ ବିଶ୍ରାମ ମିଳେ । ପ୍ରତିଦିନ ସନ୍ଧ୍ୟାବେଳେ କିଛି କିଛି ଓଡ଼ିଆରେ ଲେଖିବାରୁ ମୋର ମନୋରଞ୍ଜନ ହେଲା ଏବଂ ମାମୁର ସ୍ମୃତିକୁ ମନେପକାଇବାରୁ ମନରେ ଅସୀମ ଆନନ୍ଦ ଭରି ଉଠିଲା । ପ୍ରତିଦିନ ନିୟମିତ ଭାବରେ ଲେଖିବା ମଧ୍ୟ ସମ୍ଭବପର ହେଲାନାହିଁ । କାମର ଚାପ ବଢ଼ିଗଲେ ଦଶ ପନ୍ଦରଦିନ ଲେଖିପାରେ ନାହିଁ - ଭାବନାର ଖିଅ ଛିଣ୍ଡିଯାଏ । ଏହି ପରି ଲେଖୁ ଲେଖୁ ଦିନେ ଭାବି ବସିଲି ଯେ ଏ ଲେଖାର ଉଦ୍ଦେଶ୍ୟ କ'ଣ ? ମାମୁ ଜେଲରେ "କସ୍ତୁରୀ ମୃଗ ସମ" ଲେଖିଥିଲା । ମୁଁ ଜିଦିକରି ଟିକିଏ କଡାକରି ଦିନେ କହିଲାରୁ ଗାଗା "ଅମୃତ ଅନୁଭବ" ଲେଖିଲା । ମୁଁ ତ "ସ୍ୱାନ୍ତ ସୁଖାୟ" ପାଇଁ ଲେଖିଥିଲି । ଏଇ ଲେଖାକୁ ପ୍ରକାଶ କରିବାର ଉଦ୍ଦେଶ୍ୟ କ'ଣ ? ଅର୍ନ୍ତଦୃଷ୍ଟିରେ ଅନୁଭବ କଲି ଯେ ଓଡ଼ିଆ ଭାଷାରେ ଲେଖିବାର ଲାଳସା "ଅନ୍ତଃ ସଲିଳା ଫଲ୍‌ଗୁ" ଭଳି ରହିଛି । ଏହି ଲାଳସାକୁ ତ୍ୟାଗ କରିବା ଉଚିତ୍ । ମନ ଭିତରୁ ଆଉ ଗୋଟିଏ ଯୁକ୍ତି ଉଙ୍କିମାରି ଉଠିଲା । ମାମୁ ଜୀବନ ବୈଚିତ୍ର୍ୟମୟ । ମାମୁର କର୍ମମୟ ଜୀବନର କେତେକ ଦିଗ ମୁଁ ଅତି ନିକଟରୁ ଦେଖିଛି । ସେ ସମସ୍ତ ଲୋକ ଲୋଚନର ଗୋଚରକୁ ଆଣିଲେ ଆଜି କାଲିର ତରୁଣ-ତରୁଣୀ, ଯୁବକ-ଯୁବତୀ ସେଇ ଆଦର୍ଶରେ ଅନୁପ୍ରାଣିତ ହୋଇପାରନ୍ତି ।

Digitized by srujanika@gmail.com

ମାମୁର ପ୍ରିୟ, ଘନିଷ୍ଠ ସହକର୍ମୀମାନେ ଜଣକ ପରେ ଜଣେ ଚାଲିଗଲେଣି । ସେମାନଙ୍କର ଦିନଲିପିରୁ ସାରକଥା ଉଦ୍ଧାର କଲେ ମାମୁର ଆଦ୍ୟ-ଜୀବନର ବହୁ କାର୍ଯ୍ୟକଳାପ ବିଷୟରେ ଆଜିର ତରୁଣ-ତରୁଣୀ, ଯୁବକ-ଯୁବତୀ ଅବଗତ ହେବେ ।

ଓଡ଼ିଆ ଭାଷାରେ ନିଜର ମନର ଭାବ, ଚିନ୍ତାଧାରା ପ୍ରକାଶ କରିବା ମୋର ପକ୍ଷରେ କଷ୍ଟସାଧ । ମାମୁର କର୍ମମୟ ଜୀବନର ମୂଲ୍ୟାୟନ କରିବା ନିମନ୍ତେ ମୁଁ ଅଯୋଗ୍ୟ । ଏହା ମାମୁର ଜୀବନୀ ମଧ୍ୟରେ ପରିଗଣିତ ହେବାର ଯୋଗ୍ୟ ନୁହେଁ । ଜୀବନୀ ତଥ୍ୟ ସମ୍ବଳିତ ଏବଂ ନିର୍ଭୁଲ ହେବା ଆବଶ୍ୟକ ।

ଲେଖକଙ୍କର ସାହିତ୍ୟିକ ପ୍ରତିଭା ଥିଲେ ଭାଷାର ପୁର ପେଞ୍ଚରେ ସେ ଜୀବନୀକୁ ସରସ ସୁନ୍ଦର ଭାବରେ ଉପସ୍ଥାପନ କରିବାରେ କୃତକାର୍ଯ୍ୟ ହୋଇପାରିବ । ସେ ଖାତାରେ ମଧ୍ୟ ମୋର ଶୂନ୍ୟ । "ନିର୍ଲଜ୍ୟ ଅପମାନ ଡେରି ଛାତି, ହାତୀ ଲଢ଼େଇକୁ ବାନ୍ଧିଲେ କାତି" - କାହିଁକି ?

ମାମୁର ମୋର ସମ୍ପର୍କ ଅନନ୍ୟ ସାଧାରଣ । ରକ୍ତସମ୍ପର୍କ "ଦୈବଦତ୍ତ" । ପରସ୍ପରପ୍ରତି ସ୍ନେହ ଶ୍ରଦ୍ଧା...ଚିରାଚରିତ ଅନୁବନ୍ଧ । ମାମୁ ମୋର ଶୈଶବରୁ, ବାଲ୍ୟ, ତାରୁଣ୍ୟ, ଯୌବନ ପର୍ଯ୍ୟନ୍ତ ଯେଉଁ ଅସୀମ, ଅକ୍ଲାନ୍ତ ପ୍ରଚେଷ୍ଟା ମୋର ମାନସିକ, ବୌଦ୍ଧିକ ଏବଂ ଶାରୀରିକ ବିକାଶ ନିମନ୍ତେ ଚଳାଇ ଆସିଥିଲା ତାହାର ନଜିର ସଚରାଚର ଦେଖାଯାଏ ନାହିଁ । ମାମୁମାନେ ତାଙ୍କର ଭଣଜାମାନଙ୍କ ପାଇଁ ଏ ପ୍ରକାର ଅଭୂତପୂର୍ବ ପ୍ରୟାସ କରିବା ବିରଳ । ମୁଁ ଅକାଳ କୁଷ୍ମାଣ୍ଡ ହେଲି କି କ'ଣ ହେଲି ମାମୁ ହିଁ ଜାଣିଥିବ । ତାହାର ସ୍ୱପ୍ନ, ଆଶା କେତେଦୂର ବାସ୍ତବରେ ରୂପାୟିତ ହୋଇ ପାରିଲା, ତାହାର ପ୍ରଚେଷ୍ଟା କେତେଦୂର ସଫଳ ହେଲା ଅଥବା ବିଫଳ ହେଲା କେବଳ ମାମୁ ହିଁ ଜାଣିଥିଲା । ମାମୁର ସାହଚର୍ଯ୍ୟର ଯେଉଁ ଅମୂଲ୍ୟ ଅନୁଭୂତି, ଅନୁଭବ ମୁଁ ଏତେ ବର୍ଷଧରି ସାଇତି ରଖିଥିଲି ସେତକ ପାଠକମାନଙ୍କ ପାଇଁ ଉପସ୍ଥାପନାରେ କିଞ୍ଚିତ ଦ୍ୱିଧା ବୋଧକରୁ ଥିଲି । ଏହାର ଗୋଟିଏ କାରଣ ମୋତେ ବାରମ୍ବାର ଘାରୁଥିଲା ଏବଂ ଘାରୁଅଛି ।

ଏ ପୁସ୍ତିକା ତ ସାହିତ୍ୟ ପଦବାଚ୍ୟ ନୁହେଁ । ଏହାକୁ ପାଠକରି କୌଣସି ପାଠକଙ୍କର କୌଣସି ଲାଭ ବା ଉପକାର ହେବାର ଆଶା କ୍ଷୀଣ । କିନ୍ତୁ ଏହା କୌଣସି ବ୍ୟକ୍ତିର କୌଣସି ପ୍ରକାରର କରିବାର ସମ୍ଭାବନା ଗୌଣ । ଲେଖକ

Digitized by srujanika@gmail.com

ସଯତ୍ନେ ବ୍ୟକ୍ତିଗତ କୁତ୍ସା, ଦୁର୍ନାମ ବ୍ୟକ୍ତକରିବା ନିମନ୍ତେ ସତତ ସଚେଷ୍ଟ କରି ଆସିଛି । ଗୁଜବ, ଉଡ଼ା ଖବରକୁ ଯେତେ ସମ୍ଭବ ଏଡ଼ାଇ ଦେବାର ପ୍ରଚେଷ୍ଟା ରହିଛି । କୌଣସି ବ୍ୟକ୍ତି ବିଶେଷଙ୍କର ନାମକୁ ଉଲ୍ଲେଖ କରି ତାଙ୍କ ସମ୍ବନ୍ଧରେ ନକାରାତ୍ମକ ଟିପ୍ପଣୀରୁ କ୍ଷାନ୍ତ ରହିବା ପ୍ରତି ମୁଁ ସଜାଗ ରହିବା ନିମନ୍ତେ ଚେଷ୍ଟା କରିଛି । ଏହି କ୍ଷୁଦ୍ର ପୁସ୍ତିକା, ଶତାବ୍ଦୀର ସୂର୍ଯ୍ୟ, କୁଳବୃଦ୍ଧ, ଧୂଳି ମାଟିର ସନ୍ଥ ଏବଂ ବହ୍ନିମାନ ଶ୍ରେଣୀର ଜୀବନୀ ନୁହେଁ ଏବଂ ସେପରି ଜୀବନୀ ଲେଖିବାର ଯୋଗ୍ୟତା ମଧ ମୋର ନାହିଁ ।

ମାମୁ ମୋତେ ଯାହା ଶିଖାଇଛି ଏବଂ ମାମୁଠାରୁ ଯାହା କିଛି ଶିଖିବାର ଚେଷ୍ଟା କରିଛି ତାର ସେ ସବୁ ନିଜର ଦରଖଣ୍ଡିଆ ଭାଷାରେ ଲେଖିଛି । ମାମୁର ବଞ୍ଚିବାର କଳା ମୋର ଜୀବନଯାତ୍ରାକୁ ଅନୁପ୍ରାଣିତ କରିଛି । ମାମୁ ତା'ର ଜୀବନରେ ଦୁଃଖ, କଷ୍ଟ, ମାନସିକ ଆଘାତ ପାଇଛି । ମାମୁ ସ୍ଥିତପ୍ରଜ୍ଞ ପୁରୁଷ । ସେ ସମସ୍ତ ମାମୁ ଅନାୟାସରେ ସହ୍ୟ କରିଛି । ମାମୁକୁ ମୁଁ ମ୍ରିୟମାଣ କିମ୍ବା ଉଦ୍‌ବିଗ୍ନ ହେବାର କ୍ୱଚିତ୍ କରିଛି । ମାମୁକୁ ତାର ବିବେକ ଓ ତା'ର ଆଦର୍ଶ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ମାମୁ ସେହି ନିର୍ଦ୍ଦେଶରେ ପରିଚାଳିତ ହୋଇ ତାହାର କର୍ମପନ୍ଥା ସ୍ଥିର କରିଛି ।

ଶବ୍ଦ ସଂଯୋଜନା, କାବ୍ୟ ରଚନାର କଳାରୁ ମୁଁ ବଞ୍ଚିତ । ମୋର ମନର ଉଚ୍ଛ୍ୱାସ, ଭାବର ପ୍ରବଳ ଆନ୍ଦୋଳନକୁ ଶମନ କରିବା ନିମନ୍ତେ ମୁଁ ଅକ୍ଷମ । ମୋର ମଧ୍ୟରେ ଏ ସମସ୍ତ ପ୍ରତିକୂଳ ଚିନ୍ତା ଥିବା ସତ୍ତ୍ୱେ ମୁଁ ଏ ପୁସ୍ତିକା ପ୍ରକାଶ କରିବା ନିମନ୍ତେ ସାହସ କରୁଛି ।

ଜ୍ଞାନଦେବ ମହାରଣା

Digitized by srujanika@gmail.com

କୃତଜ୍ଞତା ଜ୍ଞାପନ

ବରେଣ୍ୟା ସାହିତ୍ୟିକା ମନୋରମା ମହାପାତ୍ର ଏହି କ୍ଷୁଦ୍ର ପୁସ୍ତିକାର ମୁଖବନ୍ଧ ତାଙ୍କର ବହୁ ମୂଲ୍ୟ ସମୟ ଦେଇ ଲେଖିଛନ୍ତି । ମୁଁ ଶ୍ରୀଯୁକ୍ତା ମହାପାତ୍ରଙ୍କ ନିକଟରେ ଚିର କୃତଜ୍ଞ । ଏହି ପୁସ୍ତିକାରେ ପ୍ରକାଶିତ କେତୋଟି ଚିତ୍ର ଡକ୍ଟର ଆରତି ଚୌଧୁରୀ ଯୋଗାଇ ଦେଇଛନ୍ତି । ଚିତ୍ରଗୁଡ଼ିକ ଶ୍ରୀ ଦୀପଙ୍କର ଦାଶ ଓ ଶ୍ରୀ ରାଜେଶ ମହାପାତ୍ର ସଂଯୋଜନ କରିଛନ୍ତି । ମୋର ପାଣ୍ଡୁଲିପିକୁ ଶ୍ରୀମତୀ ଗୀତାଶ୍ରୀ ରାୟ ତାଙ୍କର କମ୍ପ୍ୟୁଟରରେ ଅଧ୍ୟବସାୟ ଓ ନିଷ୍ଠାର ସହିତ ସଂଯୋଜନା କରିଛନ୍ତି । ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି । ଶ୍ରୀ ସଂଗ୍ରାମ କେଶରୀ ରାୟ ଏହି ପୁସ୍ତକଟି ମୁଦ୍ରଣ ଦାୟିତ୍ୱ ଗ୍ରହଣ କରି ମୋର ପରିଶ୍ରମ ସାର୍ଥକ କରିଛନ୍ତି । ମୁଁ ତାଙ୍କ ନିକଟରେ କୃତଜ୍ଞ ।

Digitized by srujanika@gmail.com

ପରିଭାଷା

ଗୋପବନ୍ଧୁ ଚୌଧୁରୀ	-	ଜେଜେ
ରମାଦେବୀ	-	ଅମି
ନବକୃଷ୍ଣ ଚୌଧୁରୀ	-	ଦାଦାଜେଜେ
ମାଳତୀ ଚୌଧୁରୀ	-	ଆଗୋ
ମନମୋହନ ଚୌଧୁରୀ	-	ମାମୁ
ସୁମିତ୍ରା ଚୌଧୁରୀ	-	ମାମ୍ନା
ଉତ୍ତରା ଚୌଧୁରୀ (ଦେଶାଇ)	-	ବୁବୁ ମାଉସୀ
ବିନାୟକ ଚୌଧୁରୀ	-	କାଲୁ ମାମୁ
କୃଷ୍ଣା ଚୌଧୁରୀ (ମହାନ୍ତି)	-	ତିନୁ ମାଉସୀ
କବୀର ଚୌଧୁରୀ	-	ନାନା
ମାଧବୀ ଚୌଧୁରୀ (ଦାସ)	-	ନାନୀ
ଆରତି ଚୌଧୁରୀ	-	ବୋହୂ
ରାଧାନାଥ ପ୍ରସାଦ ଦାସ	-	ଜାମାତା
ଅସୀମ ମହାନ୍ତି	-	ପାପା
କର୍ମଦେବ ମହାରଣା	-	ବନି
ସ୍ୱପ୍ନା	-	ବୋହୂ
ଅରନ୍ଧୁ ଚୌଧୁରୀ	-	ଶାଣା (ନାତି)
ତଥାଗତ ଚୌଧୁରୀ	-	ତାତା(ନାତି)
ଅଣୁବ୍ରତ ଦାସ	-	ଡ୍ରିନ୍ (ନାତି)
ଅଂଶୁମାନ ମହାରଣା	-	ମାମୁନ୍ (ନାତି)
ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରଣା)	-	ଭଉଣୀ
ଶରତ ଚନ୍ଦ୍ର ମହାରଣା	-	ଭିଣୋଇ

Digitized by srujanika@gmail.com

ମୋ ମାମୁ

ମୋର ଅସୁମାରୀ ମାମୁ, ମାଇଁ, ମାଉସୀ ଆଉ ମଉସା । ଗାଗାର ବାପଘର ଆଡୁ ତା'ର ଯେତେ ଭାଇ, ଭଉଣୀ ସମସ୍ତେ ତ ମୋର ମାମୁ ଆଉ ମାଉସୀ । ତାର ତ ସହୋଦର ଭାଇ ଗୋଟିଏ । କିନ୍ତୁ ଦାଦା-ଖୁଡ଼ିଙ୍କର ଦୁଇ ଝିଅ । ଗୋଟିଏ ଦାଦା-ପୁଅ ଭାଇ, କାଲୁ, ସେ ତ ଅଳ୍ପ ବୟସରେ ଚାଲିଗଲା । ଜେଜେଙ୍କର (ଗୋପବନ୍ଧୁ ଚୌଧୁରୀ) ତିନି ଭଉଣୀ । ସେମାନଙ୍କ ଆଡୁ ବି ମୋର ଅନେକ ମାମୁ-ମାଉସୀ । ଖେଳସଙ୍କ ତରଫରୁ ବି ବହୁତ ମାମୁ-ମାଉସୀ । ଅମିର (ରମାଦେବୀ ଚୌଧୁରୀ) ତ ଗୋଟିଏ ଭଉଣୀ, ଉମାଦେଈ ଆଉ ଭାଇ ଉପେନ୍ଦ୍ର କିଶୋର ଦାସ । ଅମିର ମାମୁଘର ବିରାଟ ପରିବାର । ସେ ପଟୁ ଯେଉଁ ଶାଖା ପ୍ରଶାଖା ଲମ୍ବିଛି ସେଇଠି ବି ମୋର ଢେର ମାମୁ-ମାଉସୀ ଅଛନ୍ତି । ଜେଜେଙ୍କର ମାମୁଘର ବେଣ୍ଟକାର । ପଦ୍ମାବତୀଙ୍କର ପରିବାର ତରଫରୁ ଗାଗାର ଅନେକ ଭାଇ ଭଉଣୀ । ଏବେ ବି ସବୁ ମାମୁ-ମାଇଁ, ମଉସା-ମାଉସୀମାନେ ମତେ ଦେଖିଲେ ବହୁତ ଆଦର ଯତ୍ନ କରନ୍ତି । ସେମାନଙ୍କ ଆଖିରେ ମୁଁ ସେମିତି ଛୋଟ ପିଲା ହୋଇ ରହିଯାଇଛି । ସବୁ ମାମୁ-ମାଇଁ, ମଉସା-ମାଉସୀଙ୍କର ତାଲିକା କରି ବସିଲେ ଗୋଟାଏ ଚଟି ବହି ଲେଖିହେବ । ଆମର ପୁରୁଣା କାଳିଆ ସାମାଜିକ ବ୍ୟବସ୍ଥାରେ ଏଇ ସମ୍ପର୍କ ସୂତ୍ରରେ ସମସ୍ତେ ସମସ୍ତଙ୍କ ସହିତ ବାନ୍ଧିହୋଇ ରହୁଥିଲେ । ମୋର ଯେମିତି ଏତେ ମାମୁ-ମାଇଁ, ମଉସା-ମାଉସୀ ଅନ୍ୟ ସମସ୍ତଙ୍କର ବି ସେତିକି ମାମୁ-ମାଇଁ, ମଉସା-ମାଉସୀ ଅଛନ୍ତି ।

ମୋର ଆହୁରି ଅନେକ ମାମୁ, ମାଉସୀ ଅଛନ୍ତି । ଜେଜେ-ଅମି, ଦାଦାଜେଜେ (ନବକୃଷ୍ଣ ଚୌଧୁରୀ) ଆଗୋ (ମାଳତୀ ଚୌଧୁରୀ) ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ସେମାନେ ତାଙ୍କର ଜୀବନ ସ୍ୱାଧୀନତା ସଂଗ୍ରାମ, ସମାଜ ସଂସ୍କାର, ଜନସେବା, ଭୂଦାନ-ସର୍ବୋଦୟ ଆନ୍ଦୋଳନ ପାଇଁ ଉତ୍ସର୍ଗ କରିଦେଇଥିଲେ । ସେମାନଙ୍କର ଗୋଟିଏ ପରିବର୍ଦ୍ଧିତ ପରିବାର ସୃଷ୍ଟି ହେଲା । ସ୍ୱାଧୀନତା ସଂଗ୍ରାମରେ ତରୁଣ-ତରୁଣୀ, ଯୁବକ-ଯୁବତୀ ବହୁ ସଂଖ୍ୟାରେ

Digitized by srujanika@gmail.com

ଯୋଗଦେଲେ । ଅଳ୍ପ ବୟସର ବାନରସେନାମାନେ ଘରଦ୍ୱାରଛାଡ଼ି ଆନ୍ଦୋଳନରେ ମିଶିଲେ । ଏଇ ପିଲାମାନେ ମଦଦୋକାନ ଆଗରେ ପିକେଟିଂ କରି ଚାଲାଣ ହେଉଥିଲେ । କାହାକୁ କେତେ ବେତମାଡ଼ ହେବ ତାର ହୁକୁମ ପୁଲିସ ତୁରନ୍ତ ତାମିଲ କରିଦେଉଥିଲେ । କାହା ପିଠିରେ ବେତ ନୋଳା ତ କାହାର ଦୁଇ ପାପୁଲି ଲହୁ ଲୁହାଣ । ଏଇ ପିଲାଏ ହସି ହସି ବାଖରାବାଦ ଲେଉଟି ଆସିଥାନ୍ତି । ଅମି-ଆଗୋ ମଲମ ପଟିବାନ୍ଧନ୍ତି । ଗୁଣ୍ଡା କରି ଭାତ ଖୁଏଇ ଦିଅନ୍ତି ଆଉ କାହାରି କାହାରି କଅଁଳ ପାପୁଲି ଫାଟି ଯାଇଥିଲେ, ସେମାନେ ପାଇଖାନା ବସିସାରିଲା ପରେ ଅମି-ଆଗୋ ଶୌଚ କାର୍ଯ୍ୟ ମଧ୍ୟ କରନ୍ତି । ଏ ସବୁର ପ୍ରାଞ୍ଜଳ ବର୍ଣ୍ଣନା ବିନୋଦ ମାମୁ (କାନୁନ୍‌ଗୋ)ଙ୍କର ଋଣ ପରିଶୋଧ ବହିରେ ଲିପିବଦ୍ଧ । ମନମୋହନ ଚୌଧୁରୀଙ୍କ ରଚିତ ଆତ୍ମଜୀବନୀ, "କସ୍ତୁରୀମୃଗ ସମ" ଓ ଅନ୍ନପୂର୍ଣ୍ଣା ମହାରଣା ନିବେଦିତ "ଅମୃତ ଅନୁଭବରେ" ମଧ୍ୟ ସେ ସମୟରେ ଘଟଣା ପ୍ରବାହର ଚାକ୍ଷୁସ ବର୍ଣ୍ଣନା ସମାହିତ । ସ୍ୱାଧୀନତା ସଂଗ୍ରାମର ଫଳସ୍ୱରୂପ ବହୁ ପରିବାର ଗୋଟିଏ ମାଳପରି ଗୁନ୍ଥିହୋଇ ଗଲେ । ଉଦ୍ଦେଶ୍ୟ ଏକ, ଉଦ୍ଦେଶ୍ୟ ସାଧନର ପନ୍ଥା ମଧ୍ୟ ଏକ । ସତ୍ୟ, ଅହିଂସା ଓ ପ୍ରେମର ବନ୍ଧନ । ସେହି ଯୁବକ-ଯୁବତୀ, ତରୁଣ-ତରୁଣୀ ଓ କିଶୋର-କିଶୋରୀ, ସ୍ନେହ, ଶ୍ରଦ୍ଧା, ଆଦର-ଯତ୍ନ, ମା'-ବାପାଙ୍କର ସୁରକ୍ଷା ଭେଜେ-ଅମି, ଦାଦାଭେଜେ, ଆଗୋଙ୍କର ସାନ୍ନିଧ୍ୟରୁ ପାଇଲେ । ସମସ୍ତେ ଗୋଟିଏ ପରିବାର ସଦସ୍ୟ ହୋଇଗଲେ । ଏଇ ପ୍ରେମ ସମ୍ପର୍କ ଅନେକଙ୍କର ହୃଦୟର ଗଭୀରତମ ପ୍ରଦେଶକୁ ସ୍ପର୍ଶକଲା । ସେଇଥିପାଇଁ ସେମାନଙ୍କୁ ଅନେକ ସ୍ୱାଧୀନତା ସେନାନୀ ବାପା-ମା' (ବୋଉ), ବାପି-ନୁମା ବୋଲି ସମ୍ବୋଧନ କଲେ । ଇଂରେଜ ସରକାରଙ୍କର କାରାଗାର ଏ ବନ୍ଧନକୁ ଆହୁରି ସୁଦୃଢ଼ କଲା । ସ୍ୱାଧୀନତା ଆନ୍ଦୋଳନ, ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମ ଏବଂ ଭୂଦାନ - ସର୍ବୋଦୟ ଆନ୍ଦୋଳନ ଏକ ବ୍ୟାପକ ପରିବର୍ଦ୍ଧିତ ପରିବାର ସମ୍ପ୍ରସାରଣର ଉତ୍ସ ହେଲା । ଏଇ ପରିବାର ସଦସ୍ୟମାନେ ମୋର ମାମୁ-ମାଇଁ, ମଉସା-ମାଉସୀ ହୋଇଗଲେ । ପିଲାଦିନୁ ମତେ ଚିହ୍ନେଇ ଦିଅନ୍ତି ଅମୁକ ମାମୁ, ସମୁକ ମାଉସୀ । ସମସ୍ତେ ମତେ କମ୍ ଗେହ୍ଲା କରନ୍ତି ? ମୋର ମାମୁ-ମାଇଁ, ମଉସା-ମାଉସୀ ଓଡ଼ିଶା ସାରା ବିଛେଇ ହୋଇ ଯାଇଛନ୍ତି । ଯାହାର ବେଶି ମାମୁ-ମାଉସୀ ଥାଆନ୍ତି ତାକୁ ପିଲାଦିନୁ ଶିଖାନ୍ତି ବଡ଼ମାମୁ, ମଝିଆମାମୁ, ସାନମାମୁ... । ମୋର ତ ଅସୁମାରୀ ମାମୁ, ମତେ ଚିହ୍ନେଇ ଦିଅନ୍ତି

Digitized by srujanika@gmail.com

ଅମୁକ-ମାମୁ । ତାଙ୍କର ନା ପଛରେ ମାମୁ ଲଗେଇଦିଏ - (ମହମ୍ମଦ) ବାଜିମାମୁ, ଅଲେଖମାମୁ, ବିଚନମାମୁ...ତାଲିକା କରି ବସିଲେ ସରିବ ନାହିଁ, ସରିବ ନାହିଁ । ଏଇ ମାମୁ - ମାଉସୀଙ୍କର ପିଲାଏ ବି ମୋର ଭାଇ-ଭଉଣୀ ହୋଇଗଲେ । ସେମାନେ ଅନେକେ ପରିବାରର ସୁଖ-ଦୁଃଖର ସାଥି ହୋଇଗଲେ ।

କିନ୍ତୁ !

କିନ୍ତୁ ମୋର ଗୋଟିଏ ମାମୁ ଯାହାର ନାମ ନ ଲଗେଇ ତାକୁ ମାମୁ ଡାକେ । ସେ ମାମୁ ହେଲା (ବୁଲୁ)ମାମୁ - ମନମୋହନ ଚୌଧୁରୀ । କି କାରଣରୁ ମାମୁ ସାଙ୍ଗରେ ସମ୍ପର୍କଟା ନିଆରା ହୋଇ ରହିଗଲା ? କାରଣଟା ଖାଲି ରକ୍ତସମ୍ପର୍କ ନୁହେଁ । ସବୁ ମାମୁମାନେ ଭଣଜାମାନଙ୍କୁ ତ ଗେହ୍ଲାକରନ୍ତି, ସବୁ ଭଣଜାମାନେ ତ ମାମୁମାନଙ୍କୁ ସ୍ନେହ, ଶ୍ରଦ୍ଧା ଓ ଭକ୍ତି କରନ୍ତି । ଏଇଟା ଚିରାଚରିତ ସମ୍ପର୍କ । ମୋ ମାମୁର ବିଶେଷତ୍ୱ କ'ଣ ? ମାମୁର ବିଶେଷତ୍ୱ, ତା'ର ଗୁଣ ସମ୍ଭାର । ତା'ର ବ୍ୟକ୍ତିତ୍ୱକୁ ବଖାଣିବାର ମୋର ଯୋଗ୍ୟତାନାହିଁ, ସ୍ପୃହା ନାହିଁ ଏବଂ ଉଦ୍ଦେଶ୍ୟ ନାହିଁ । ତେବେ ଏ ସବୁ ଲେଖିବାର ଉଦ୍ଦେଶ୍ୟ କ'ଣ ? ଏତେ ସମୟ କ୍ଷୟ ଏବଂ କାଳୀ-କାଗଜର ଅପବ୍ୟୟର ଯଥାର୍ଥତା କ'ଣ ? ପ୍ରଥମତଃ ଆତ୍ମପ୍ରସାଦ । ଦ୍ୱିତୀୟ ଉଦ୍ଦେଶ୍ୟ - ମୋର ଅମୂଲ୍ୟ ଅନୁଭୂତି । ମାମୁର ସାହଚର୍ଯ୍ୟ ମୋର ଜୀବନକୁ ଆନନ୍ଦମୟ, ସରସ ଏବଂ କମନୀୟ କରିଛି । ମାମୁର ମୋ' ପ୍ରତି ଯାହା ଅବଦାନ ସେ ଯଦି ତାକୁ ମୋ'ପରି ଅପାତ୍ରରେ ନ ଅଜାଡ଼ି କୌଣସି ସୁଯୋଗ୍ୟ ପାତ୍ରରେ ଦେଇଥାଆନ୍ତା, ସେ ବ୍ୟକ୍ତି ନିଜର ଜୀବନକୁ ଅଧିକ ବିକଶିତ କରିଥାଆନ୍ତା ଏବଂ ଫଳ ସ୍ୱରୂପ ସମାଜରେ ବହୁ ଉପକାର କରିଥାଆନ୍ତା । ଜୀବନକୁ ସରସ ଓ ସ୍ନିଗ୍ଧକରି ରଖିବାର ଚାତୁରୀ ଏବଂ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର କଳା ମାମୁ ମତେ ଶିଖାଇଛି । ମୁଁ ମଧ୍ୟ ସେଥିରୁ କିଛି ହାସଲ କରିଛି - ଏ ମୋର ଆତ୍ମସମୀକ୍ଷା ।

ମାମୁ ବୋଲି କେବେ ହେତୁ ହେଲା ସେ ତ' ଅଜଣା । କିଛି ଛାଇ - ଆଲୁଅର ଖେଳ ପରି ମନେପଡ଼େ । ବଡ଼ ବଡ଼ ଆଖି, ଖୁବ୍ ବଢ଼ିଆ ହସ - ଧଳା ଧଳା ଦାନ୍ତ ଦେଖାଯାଏ । ମାମୁ ଆଖିବାଟେ ବି ହସେ - ଯେମିତି ଆଖିରୁ ବି ହସ ବୋହି ପଡୁଛି । ମୁଁ କୁଆଡ଼େ ପିଲାଦିନେ ବହୁତ କଥା କହୁଥିଲି । ସବୁବେଳେ ବକର ବକର । ସମସ୍ତଙ୍କ ଉପରେ କଡ଼ା ହୁକୁମ, ଯାହା କହୁଛି ତାକୁ ଦବେଇବ ନାହିଁ । ଓଲଟା ସିଧା କହିଲେ ବି କହିଯାଉ ।

Digitized by srujanika@gmail.com

ମାମୁ ସାଙ୍ଗରେ ଗୋଟିଏ ସନ୍ଧ୍ୟାରେ ଯେଉଁ ଭେଟ ହୋଇଥିଲା, ସେ ଏବେ ବି ମୋର ମନଶ୍ଚକ୍ଷୁରେ ଭାସି ଉଠୁଛି । ଘଟଣାଟା ପ୍ରକୃତରେ ଘଟିଥିଲା ନା ମୋର ମନଗଢ଼ା ମୁଁ ଠିକ୍ କହିପାରୁନାହିଁ । ମତେ ତିନିବର୍ଷ ପାଖାପାଖି ହୋଇଥିବ । ସଞ୍ଜବେଳେ, ଲଣ୍ଠନ ଲାଗିସାରିଲାଣି । ମୁଁ ମନକୁ ମନ କ'ଣ ଗୋଟାଏ ନେଇ ଖେଳୁଛି । ଏଇ ସମୟରେ ମାମୁ ବରୀରୁ ଆସି ପହଞ୍ଚିଲା । ମାମୁ ଘରେ ପଶିବାମାତ୍ରେ ମୁଁ ଭାରି ଖୁସି ହୋଇଗଲି, ଆଉ ମାମୁ ବି ମତେ ଦେଖି ଖୁସି । ମାମୁର ସେ ହସ ହସ ଗୋରା ମୁହଁ ଲଣ୍ଠନ ଆଲୁଅ ପଡ଼ି କେମିତି ଦେଖାଯାଇଥିଲା ଏବେ ବି ମୁଁ ଆଖି ବୁଜିଲେ ଦେଖିପାରୁଛି । ତା'ପରେ ମୋର ଅନର୍ଗଳ କଥା ଆରମ୍ଭ ହୋଇଗଲା । କଉ ବାଟେ ଆସିଲୁ ? ମୁଁ ଯେମିତି "କଣିବାଙ୍କ" ଶୁଣିଛି, ମୋର କଥା ଫିଟିଗଲା । ଜାଣିଚୁ "ହୁଣ୍ଡା ବାଘ ମାତିଛି । ହୁଣ୍ଡା ବାଘ ଆଖୁ କିଆରିରେ ପଶି ରାସୁ ରାସୁ ଆଖୁ ଖାଏ ।" ମାମୁ ଆଖିବାଟେ ହସୁଚି, ମତେ କ'ଣ ଗୋଟାଏ ଦିଇଟା କଥା ପଚାରିଛି । ଆଉ ମୁଁ କହିଚାଲିଛି, ଛୋଟ ଛେଳି ଛୁଆ ବି ଖାଇ ଯାଏ, ଛୋଟ ପିଲାଙ୍କୁ ବି ଟେକିନେଇ ଯାଏ । ମାମୁ ପଚାରୁଛି ଆଉ ମୁଁ ହୁଣ୍ଡାବାଘର ଆକୃତି ବର୍ଣ୍ଣନା କରିଚାଲିଛି । ଏଇଟା ମୋର ମାମୁସାଙ୍ଗରେ କଥୋପକଥନର ପ୍ରଥମ ସ୍ମୃତି ।

ମତେ ଦୁଇବର୍ଷ ହେଲାବେଳକୁ ନାନା-ନାନୀଙ୍କର ଜନ୍ମ । ମାମୁ-ମାମ୍ନା ବରୀରେ ଟିଣଘରେ ରହୁଥିଲେ । ବରୀ ମାଉଣ୍ଡ, ପଡ଼ିଆରୁ 'ସେବାଘର' ପାଖଦେଇ ଅରଙ୍ଗାବାଦକୁ ଯେଉଁ ରାସ୍ତା ଯାଇଛି ସେଇ ରାସ୍ତାଧାରରେ କେତେ ଗୁଡ଼ିଏ ଛୋଟ ଛୋଟ ଅନୁଷ୍ଠାନ ଗଢ଼ିଉଠିଥିଲା । ମାଉଣ୍ଡ ପଡ଼ିଆରୁ ସେଇ ରାସ୍ତାରେ ଗଡ଼ି ଆସିଲେ ବାମପାଖରେ ଗୋଟାଏ ଡିହ ଉପରେ କେଇ ବଖରା ଘର ଥିଲା । ସେଇଠି ଚରଖା ସଙ୍ଘର ତାଲିମ କେନ୍ଦ୍ର ଥିଲା । କର୍ମୀମାନେ ସୁତାକଟା, ଲୁଗାବୁଣାର ତାଲିମ ପାଉଥିଲେ । ସେଇ ଡିହର ଉପରୁ ଅନେଇଲେ ବିରାଟ ଦିଘୀ- 'କନ୍ତକାର' । ଚରଖାସଙ୍ଘରୁ ସେବାଘର ଆଡ଼କୁ ଆଗେଇ ଗଲେ ଡାହାଣକରେ "ଟିଣଘର" । ମାମୁ ସୋଦପୁରରୁ ଚମଡ଼ାଶିଳ୍ପର ବିଦ୍ୟା ହାସଲ କରି ବରୀ ଆସିବା ପରେ ଟିଣଘରେ ରହିଲା । ସେଇଠି ସେ ଚମଡ଼ା କଷକରେ । ଆଖପାଖ ଗାଁ ଗୋରୁ ମଲେ ସେ ମଢ଼କୁ ଗାଁ ଦଣ୍ଡା ବାହାରେ ପକାଇ ଦିଅନ୍ତି । ସେ ସମୟର ସମାଜ ବ୍ୟବସ୍ଥା ଅନୁସାରେ କେହି 'ଅଛୁଆଁ' ଜାତିର ଲୋକ ଚମଡ଼ା ଛାଲିନେଇ ସେଇ ଚମଡ଼ାକୁ ଢୋଲ, ମୃଦଙ୍ଗରେ ବିଛାନ୍ତି । ମାମୁ ସୋଦପୁରରୁ ଫେରି ଆସିଲାରୁ ସେଇ ଟିଣଘରେ

Digitized by srujanika@gmail.com

"କାରଖାନା" କଲା । ମାମୁଯାଇ ଗୋରୁ ଛେଲେ, କେହି କେହି ସାହାଯ୍ୟ କରନ୍ତି । ଚମଡ଼ାକୁ କଷକରେ । ମୁଁ ଏସବୁ ଦେଖି ନାହିଁ । ରମ୍ପାର ଗଣେଶ ମାମୁ ଓ ଅନ୍ୟମାନଙ୍କଠାରୁ ଶୁଣିଛି । ଓଡ଼ିଶାରେ ବିଧିବଦ୍ଧ ମହୁମାଛି ଧରିବାର ବିଦ୍ୟା ଟୁଙ୍ଗୁ ଭେଙ୍କେ ଶିଖି ଆସିଲେ । ସେବାଘରେ ମହୁମାଛି ବାକ୍ସରେ ମହୁମାଛି ଧରା ହୋଇ ରହିଲେ । ମାମୁ କିନ୍ତୁ ଏହାର ପ୍ରସାର କରିଲା । ତା'ର କାରଖାନାରେ କାଠ ଡାବଲର କିରାସିନି ପଟାରୁ ଅତି ଶସ୍ତାରେ ମହୁମାଛି ବାକ୍ସ ତିଆରିକରି ଗାଁ ଗାଁରେ ଲୋକଙ୍କୁ ଯୋଗାଇଲା । ବରୀ ଅଞ୍ଚଳର ଲୋକେ ଗୁହାଳରେ ଗାଈ ମଇଁଷୀ ରଖିଲା ଭଳି ବାଗିପଟେ ମହୁମାଛି ବାକ୍ସ ବି ରଖିଲେ । ଏକ ସମୟରେ ବରୀ ଅଞ୍ଚଳରୁ ଶହ ଶହ କିଲୋ ବିଶୁଦ୍ଧ ମହୁ ଉତ୍ପାଦିତ ହେଉଥିଲା ।

ମାମୁ ବାହାଘର ପରେ ମାମୁ-ମାମ୍ନା ସେଇ "ଟିଣଘରେ" ଘର ସଂସାର ଆରମ୍ଭ କଲେ । ବରୀ ଧୋଇଆ ଅଞ୍ଚଳ । ସେ ସମୟରେ ତୁହାକୁ ତୁହା ବଢ଼ିପାଣି । ରାସ୍ତା କହିଲେ ଖାଲଢ଼ିପ, ବଳଦ ଗାଡ଼ି ପାଇଁ ଗୁଳା । ବର୍ଷାଦିନେ କାଦୁଅ । ଡଙ୍ଗା ଯିବା ଆସିବାର ବଡ଼ ବାହନ । ମାମୁର ବି ଗୋଟାଏ କାଠୁଆ ହୁଲି ଡଙ୍ଗା ଥିଲା । ଗୋଟିକିଆ ଜାମୁଗଛର ଗଡ଼ରୁ ଖୋଲି ତିଆରି ହୋଇଥିଲା - ଜାମୁ କାଠ ପାଣିରେ ପଚିଯାଏ ନାହିଁ ।

ସେଇ ଟିଣଘରେ ମାମୁ-ମାମ୍ନା ବସା ବାନ୍ଧି ରହିଲେ । ଦୁଇ ବଖରା ଘର ତା ପାଖକୁ ଲାଗି ମାମୁର କାରଖାନା । ଦିଇଟା ବାତାପି ଗଛ ଥିଲା । ବଡ଼ ବଡ଼ ବାତାପି ଭିତରେ ଖୋସା ନାଲି ଟହ ଟହ । ପିଜୁଳିଗଛ ଦିଇଟା ଥିଲା । ପସିଲାବେଳକୁ ବାଉଁଶ ଫାଟକ ପାଖରେ ବୋଧହୁଏ ଗୋଟାଏ ବୋଗନଭିଲିଆ ଗଛଥିଲା । ହତା ବାହାରେ ଚାଷଜମି, ବାଗଦା, ଲୋକଙ୍କର ଧାନଜମି । ମାମ୍ନା, ବିଭୂତିଭୂଷଣ ବନ୍ଦୋପାଧ୍ୟାୟଙ୍କର ଦ୍ୱିତୀୟା କନ୍ୟା ସୁମିତ୍ରା । ସେ ସମୟରେ କ୍ରିଷ୍ଣନଗର କଲେଜରେ ବି.ଏସ୍.ସି.ପଢ଼ି ସେବାଗ୍ରାରେ ଶିକ୍ଷାର୍ଥିନୀ ଥିଲା । ଆଶାଦେବୀ ଆର୍ଯ୍ୟନାୟକମ୍ ଏ ବିବାହର ପ୍ରସ୍ତାବ ଦେଇଥିଲେ । ଏଇ ବିବାହ ପ୍ରସ୍ତାବ ଆଣିବାରେ ବୁବୁମାଉସୀର ମଧ୍ୟ ଅବଦାନ ଥିଲା । ବାହାଘର ସେବାଗ୍ରାମରେ ହେଲା । ୧୯୪୬ ମାର୍ଚ୍ଚରେ ବାହାଘର ପରେ ମାମୁ-ମାମ୍ନା ଗାନ୍ଧୀଜୀଙ୍କ ଆଶିର୍ବାଦ ପାଇଁ ତାଙ୍କ କୁଟୀରକୁ ଯାଇଥିଲେ । ଗାନ୍ଧୀଜୀ ଯେଉଁ ବିବାହରେ ବର କିମ୍ବା କନ୍ୟା ଭିତରୁ ଜଣେ ହରିଜନ ସେହି ବିବାହରେ ହିଁ ଯୋଗ ଦେଉଥିଲେ । ସେ ସମୟର (ବିଜ୍ଞାନ)କଲେଜ ପଡୁଆ

Digitized by srujanika@gmail.com

ଝିଅ ସୁମିତ୍ରା ବାନାର୍ଜୀ ଏକାଥରେ ନିପଟ ମଫସଲ ଧୋଇଆ ଅଞ୍ଚଳ ବରୀରେ ଆସି ସଂସାର କଲେ । ନାନା-ନାନୀ ବି ସେଇ ଟିଣ ଘରେ ବଢ଼ିଲେ ।

ମୁଁ ଟିକେ ବଡ଼, ଚାରି-ପାଞ୍ଚବର୍ଷର, ହେଲାରୁ କାହା ସାଙ୍ଗରେ ହେଲେ ବି ବରୀ ଯାଇ ଭାଇ-ଭଉଣୀଙ୍କ ପାଖରେ କେଇ ଦିନ ରହିଯାଏ । 'ମାମୁଘରେ' ମହୁମାଛି ବାକ୍ସ । ମାମୁ ବାକ୍ସ ଢାଙ୍କୁଣି କାଢ଼ି ମତେ ମହୁଫେଣା ଦେଖାଏ । ମାଛିଙ୍କ ତଳ ମହଲାରେ ବଡ଼ ବଡ଼ ଫେଣା । ସେଇଠି ରାଣୀ ଅଣ୍ଡା ଦିଏ । ମହୁମାଛି ଫୁଲ ପରାଗ ଆଣି ଫେଣା ଖୋପରେ ରଖନ୍ତି । ମାମୁ ଚିହ୍ନେଇ ଦିଏ ଦେଖ ଦେଖ ରାଣୀ ଯାଉଛି । ସେଇ ମାଛି ଯାହାର ନାଙ୍ଗୁଡ଼ ପଟଟା ଟିକେ ମୋଟା ଆଉ ଲମ୍ବା, ଯାହାର ରଙ୍ଗ ଟିକେ ଗାଢ଼ ଆଉ ମଖମଲ ପରି ଚକ୍ ଚକ୍ କରେ ସେଇ ରାଣୀ । ଦେଖ ଦେଖ କେମିତି ରାଣୀ ଯୋଉ ଆଡ଼େ ଯାଉଛି, କେମିତି ଆଉ ସବୁ ମହୁମାଛି ଆଡ଼ ହୋଇଯାଇ ବାଟ ଛାଡ଼ି ଦେଉଛନ୍ତି । ଖାଲିଖୋପ ଦେଖି ଫେଣାରେ ରାଣୀ ଅଣ୍ଡା ଦେଉଛି । ଦେଖ କେମିତି ଖୋପରେ ଧଳା ଧଳା ପୋକ ଭଳି ଉଠିଛି । ଏଇଟା ରାଣୀ ଦେଇଥିବା ଅଣ୍ଡା । ବଢ଼ି ବଢ଼ି ଏମିତି ହୋଇଛି । ଏଇ ଯୋଉ ଖୋପ ହଳଦିଆ ମହମରେ ବନ୍ଦ କରାହେଇଚି ବା ଭିତରୁ ମହୁମାଛି ବାହାରିବ । ଏଇ ନାଲୁଆ ପୋକର ପର ଗଜୁରୀବ, ଆଖି ଆଉ ଶୁଣ୍ଢ ହବ । ମୁଁ ସେତେବେଳକୁ ଅକ୍ଷର ଚିହ୍ନି ନାହିଁ - ଛଅ ବର୍ଷରେ ପାଠପଢ଼ିଲି । ମାମୁର କେତେ ଧୈର୍ଯ୍ୟ । ମାମୁ ମଜାରେ ମଜାରେ କେତେ କଥା ଶିଖାଏ । ତା'ପରେ ଚଢ଼େଇ କେତେ ଜାତିର ଆସନ୍ତି । ଭଣ୍ଡାଖାଇ, ଡାହୁକ, ଟିକି ଚଢ଼େଇ କେମିତି ଉଡୁ ଉଡୁ ମୁନିଆ ଥଣ୍ଟରେ ମହୁ ଶୋଷି ନିଏ । ଚିଲ କେମିତି ଡେଣା ନ ହଲେଇ ଗୋଲ ଚକ୍କର କାଟେ । ଆଉ କେତେ କ'ଣ । ମାମୁର ଗୋଟାଏ କ୍ୟାମେରା ଥିଲା । ସେଥିରେ ସେ ବେଳେବେଳେ ଫଟୋ ବି ଉଠାଏ । ତା'ର କାରଖାନାରେ ସେ କେତେ ରକମର ସରଞ୍ଜାମ ରଖିଥାଏ - ବଟାଲୀ, ହାତୁଡ଼ି, କରତ । ଥରେ ଗୋଟାଏ କିରାସିନି ପଟାରେ ଖଡ଼ିରେ ଗାର ଟାଣି ମତେ କରତ ଧରେଇ ଦେଇ କହିଲା ଏଇ ଗାରେ ଗାରେ ସିଧା ଚିରି । ଅବଶ୍ୟ ବଙ୍କା ହୋଇଗଲା । ଗୋଟିଏ ଚାରି ପାଞ୍ଚ ବର୍ଷର ପିଲା ପାଇଁ କି ଅକ୍ଲାନ୍ତ ଚେଷ୍ଟା । ମୋ ମୁଣ୍ଡରେ ଯଦି କିଛି ମସଲା ଥାଆନ୍ତା ତାହାହେଲେ ମୁଁ ଏଥିରୁ ବହୁତ କିଛି ନିଜେ ଆଗକୁ ଭାବି ଆଉରି ଆଗକୁ ବଢ଼ି

Digitized by srujanika@gmail.com

ପାରିଥାଆନ୍ତି । ଆଉ ମାମ୍ନା । ମାମ୍ନା ପିଲା ଦିନେ ମୋର ଏତେ ଆଦର ଯତ୍ନ କରିଛି କହିବାର ନାହିଁ । ଆମେ ତିନିଭାଇ-ଭଉଣୀ ଖେଳୁ, କଳି ଝଗଡ଼ା ବି କରୁ ।

ସେଇ ଆନନ୍ଦର ଦିନ ମନେପକାଇ ଭାବିଲେ ମୋର ଆଜିକାଲିକା ପିଲାଙ୍କ ପ୍ରତି ମନରେ ଦୟା ଓ କରୁଣା ଭରି ଉଠେ । ଆଜିର ପିଲା ଚାରିବର୍ଷର ନ ହେଉଣୁ କ୍ରେସ ଯିବ, ପ୍ଲେସ୍କୁଲକୁ ଯିବ, ଅକ୍ଷର ଶିଖିବ, ପାଠ ମୁଖସ୍ଥ କରିବ, ମା-ବାପା ବ୍ୟସ୍ତ, ତ୍ରସ୍ତ ଏବଂ ଉତ୍କଣ୍ଠିତ । ମୋ ପିଲା ଭବିଷ୍ୟତ କ'ଣ ହେବ ! ଭବିଷ୍ୟତ ତ ଯାହା ହବ ନଖଦର୍ପଣରେ ଜଳ ଜଳ ଦେଖାଯାଉଛି । କିନ୍ତୁ ବର୍ତ୍ତମାନଟି ଯେ ଆଖି ଆଗରେ, ନିଜ ହାତରେ ଜଳି ପୋଡ଼ି ପାଉଁଶ କରି ଚାଲିଛ ସେଥିକି ଟିକେ ବି ନିଘା ନାହିଁ ।

ଗାନ୍ଧୀଜୀ ସ୍ୱାଧୀନତା ପୂର୍ବରୁ କହିଥିଲେ ଯେ ସ୍ୱାଧୀନତା ଅତି ଶୀଘ୍ର ଆସୁଛି । କିନ୍ତୁ ଏ ମୋର କଳ୍ପନାର ସ୍ୱାଧୀନତା ନୁହେଁ । ସେ ଗାନ୍ଧୀବାଦୀ କର୍ମୀମାନଙ୍କୁ ନିର୍ଦ୍ଦେଶଦେଇ କହିଲେ ଜଣେ ଜଣେ କର୍ମୀ ଗୋଟିଏ ଗୋଟିଏ ଗାଁକୁ ଆଦରୀ ଆପଣର କରି ଚାଷୀ ମୂଲିଆର ଜୀବନ ଯାପନ କରନ୍ତୁ । ସେହି ଜୀବନ ଶୈଳୀରେ ସେମାନେ, ତାଙ୍କର ନୈତିକତାରେ ଗାଁ ଲୋକଙ୍କୁ ଉଦ୍‌ବୁଦ୍ଧ କଲେ ଗାନ୍ଧୀଙ୍କ ପ୍ରକୃତ ସ୍ୱରାଜ୍ୟ ହାସଲ ହେବ । ସେବାଗ୍ରାମରେ ଗାନ୍ଧୀଜୀ ଯେଉଁ ଯୋଜନା ଉପସ୍ଥାପନା କରିଥିଲେ ତାହାର ସାର କଥା ବିନୋଦ ମାମୁ ତାଙ୍କ ବହିରେ ଲେଖି ଯାଇଛନ୍ତି ।

ଜେଜେ, ଅମି, ମାମୁ-ମାମ୍ନା ସେହି ଆଦର୍ଶକୁ ଅନୁସରଣ କରି କନ୍ତକାର ଆରପାରିରେ 'ଦୁଧେଇ'ରେ ୪-୫ ଏକର ଜମି କିଣିଲେ । ସେଇଠି ରହି ଚାଷବାସ କରି ଗାଈ ବଳଦ ରଖି ଚାଷୀ-ମୂଲିଆର ଜୀବନଶୈଳୀକୁ ଆପଣାର କରିନେଲେ । ମତେ ପ୍ରାୟ ପାଞ୍ଚବର୍ଷ ହେବାରୁ ମତେ ଦିନେ ଗାଗା କହିଲା ଯେ ମୋର ଗୋଟିଏ ଭାଇ ହେବ । ବନି ଜନ୍ମହେବାର କେଇ ମାସ ଆଗରୁ ଆମେ ଯାଇ ସେଇ ଚରଖାସାଙ୍ଘର ଡିହ ଘରେ ରହିଲୁଁ । ୧୯୫୦ ମସିହାରେ ଗୋଟାଏ ବଡ଼ ବଢ଼ି ହେଲା । ଆମେ ରାମଚନ୍ଦ୍ରପୁରରେ । ବଢ଼ିପାଣି ଯେତେବେଳେ ଟିଣଘର ଡିହ ଉପରକୁଉଠିଲା ମାମୁ-ମାମ୍ନା ପିଲାଦୁହିଁଙ୍କୁ ଗୋଟାଏ ଟେବୁଲ୍ ଉପରେ ଶୁଆଇଲେ । ଗୋଟାଏ ପଟ କାନ୍ଥବି ଖସିଲା । ପରଦିନ ସକାଳୁ ମାମୁ ଆଉ ଗଣେଶ ମାମୁ ଗୋଟାଏ କାଠୁଆରେ ସେବା ଘରକୁ ଗଲେ । ଉଦ୍ଦେଶ୍ୟ - ଟିଣଚଦର ଆଣି ଘର କାନ୍ଥ ମଜଭୁତ୍ କରିବେ ।

Digitized by srujanika@gmail.com

ହୁଲି ଡଙ୍ଗାରେ ଫେରିଲାବେଳକୁ ସଡକ ସେ ପଟକୁ ଗଲେ - ସଡକଟି ବନ୍ୟାଜଳରେ ନିମଗ୍ନ । ସେଠି ଗୋଟାଏ ଆମ୍ବ ତୋଟା । ତାରି କରେ କରେ ଡଙ୍ଗାରେ ଆସୁ ଆସୁ ଡଙ୍ଗା ଓଲଟି ଗଲା କି ବୁଡ଼ି ଗଲା । ବଢ଼ି ପାଣି ତ ମାଡୁଥାଏ ତେବେ ବୋଧେ ପାଣି ତୋଡ଼ରେ ଆଡ଼ି ପଡ଼ିଗଲା ଆଉ ହୁଲିଡଙ୍ଗା ତୋଡ଼ ସମ୍ଭାଳି ପାରିଲା ନାହିଁ । ମାମୁ ଆଉ ଗଣେଶ ମାମୁ ପହଁରି ଗୋଟାଏ ଆମ୍ବ ଗଛରେ ଚଢ଼ିଲେ । ଏ ଘଟଣାଟା ସେବାଘର ତିହରୁ ଦେଖାଯାଉଥାଏ । ମାମ୍‌ନା ଅବସ୍ଥା କ'ଣ ହୋଇଥିବ ? ସେଇ ସେବାଘରେ ସେଖିଦେଈ ଥିଲେ । ସେ ହୁରି ଛାଡ଼ିଲେ ଧାଇଁ ପଡ଼ ହୋ, ଧାଇଁ ପଡ଼ ହୋ । ମନମନ ଚଉଧୁରୀ ବୁଡ଼ିଗଲେ, ଧାଇଁପଡ଼ । ପାଖ ସାଇ ଲୋକେ ବି ଏ ଦୁର୍ଘଟଣା ଦେଖିଥିବେ । ଆଉ ଡଙ୍ଗାନେଇ ସେମାନେ ଆମ୍ବଗଛରୁ ମାମୁ ଓ ଗଣେଶମାମୁଙ୍କୁ ଉଦ୍ଧାର କଲେ । ମାମ୍‌ନା ନାନା-ନାନୀଙ୍କୁ ଆଉ ଗୋଟାଏ ପଟେଇରେ ସେବା ଘରକୁ ନିଆଗଲା । ଏ ବିଷୟାନ୍ତରର ଉଦ୍ଦେଶ୍ୟ ହେଲା ଯେ ୧୯୫୦ ବଢ଼ିପରେ ସମସ୍ତେ ଚରଖାସଙ୍ଘ ଘରକୁ ଉଠି ଆସିଲେ । ବଢ଼ି ପରେ ପରେ ଦୁଧେଇ "ନୂଆଘର" ତିଆରି ଆରମ୍ଭ ହେଲା । ବନି ଜନ୍ମପୂର୍ବରୁ ଗାଗା, ମୁଁ ଯାଇ ଚରଖାସଂଘ ତିହରେ ରହିଲୁ ।

ଚରଖାସଙ୍ଘ ଘରେ ରହିବା ମୋ ପାଇଁ ଆହୁରି ଆନନ୍ଦଦାୟକ ହେଲା ଏବଂ ମୋର ଭବିଷ୍ୟତ ପାଇଁ ଫଳଦାୟକ ହେଲା । ନାନା-ନାନୀଙ୍କୁ ତିନିବର୍ଷ । ଆମେ ତିନିଜଣ ସାଙ୍ଗ ହୋଇ ଖେଳୁ । ମାମୁ ସେଠି ଗୋଟାଏ ତନ୍ତ ପକେଇ ଥିଲା । ସେଥିରେ ମାମ୍‌ନା ବି ଲୁଗା ବୁଣୁଥିଲା । ସୂତା ସମସ୍ତେ ସବୁଦିନେ କାଟୁଥିଲେ । ମୁଁ ସେତେବେଳକୁ ଅରଟରେ ରୀତିମତ ଗୋଟିଏ ଧାରାରେ ସୁନ୍ଦର ସୂତା କାଟି ପାରୁଥିଲି । ମୋର ବି ଲୁଗା ବୁଣିବାକୁ ଇଚ୍ଛା ହେଲା । ଯେତେ ହେଲେ ବଡ଼ ଗେହ୍ଲା ଭଣଜା । ମାମୁ ମୋ ପାଇଁ ଗୋଟାଏ ଅଙ୍କ ଚଉଡ଼ାର ତାନି କରିଦେଲା । ଚଉଡ଼ା ପ୍ରାୟ ଅଢ଼େଇ କି ତିନି ଫୁଟର ହେବ । ମୁଁ ହାତରେ ମାକୁ ଏପାଖ ସେପାଖ ମାରି ଗୋଟାଏ ଗାମୁଛା ବୁଣିଲି । ସେ ତଉଲିଆ ବିଚିତ୍ରାନନ୍ଦ ମହାନ୍ତି ବିନୋବାଜୀଙ୍କୁ ପୌନାରରେ ଦେଲେ । ବିନୋବା ପ୍ରଥମେ 'ନା' କହିଲେ, ମୋ ନିଜ ହାତବୁଣା ଶୁଣି ପରେ ରଖିଲେ । ସୂତାଖିଅ ଛିଡ଼ି ହଜିଗଲେ ଖିଅ ବାହାର କରିବା ବଡ଼ କଷ୍ଟ, ବହୁତ ଧୈର୍ଯ୍ୟ ଦରକାର । ବେଳେ ବେଳେ ଖିଅ ନ ପାଇଲେ ରାଗି ବି ଯାଏ । ମୋଟ ଉପରେ କିନ୍ତୁ ମୋର ଧୈର୍ଯ୍ୟ ବଢ଼ିଲା । ମୁଁ ସିନା ଟିକେ ଟିକେ କଥାରେ

Digitized by srujanika@gmail.com

ଧୈର୍ଯ୍ୟ ହରାଇ ରାଗିଯାଏ କିନ୍ତୁ ଦରକାର ପଡ଼ିଲେ ମୋର ଧୈର୍ଯ୍ୟଚ୍ୟୁତି ଘଟେ ନାହିଁ ଏବଂ ମନୋଯୋଗ ମଧ୍ୟ ଅଟଳ ରହେ । ଲୁଗା ବୁଣା ଶିଖିବାରୁ ହିଁ ଧୈର୍ଯ୍ୟ ଧରି କାମ କରିବାର ଅଭ୍ୟାସ ଆରମ୍ଭ ହେଲା । ଏହାର ସୁଫଳର ଉଦାହରଣ ସାମାନ୍ୟ ବିଷୟାନ୍ତର ମାତ୍ର । ଆମେ ଶିକାଗୋରୁ ଲସ ଆଞ୍ଜିଲିସ, ମୋର ଦଦରା ଗାଡ଼ିରେ, ଯିବାକୁ ସ୍ଥିର କଲୁଁ । ବାଟ ୨୫୦୦ ମାଇଲରୁ ବି ଅଧିକା । ଗୋଟାଏ ବଡ଼ ସଡ଼କ-ମାନଚିତ୍ରର ବହି ଧରି ମୁଁ ଚଷି ଚାଲିଥାଏ କେଉଁ ରାଜ୍ୟଭିତର ଦେଇ କେଉଁ କେଉଁ ଇଣ୍ଟରଷ୍ଟେଟ ରାଜପଥ ଦେଇ ଲସ ଆଞ୍ଜିଲିସ୍ ଯିବି । ଦିନେ ସନ୍ଧ୍ୟାରେ ମୋର ଜଣେ ବନ୍ଧୁ ଆସି ପହଞ୍ଚିଲେ । ଖାତା-କଲମ ଓ ମାନଚିତ୍ର ଦେଖୁଣୁ ତାଙ୍କର କୌତୁହଳ ଜାତହେଲା । ମୋର ଉଦ୍ଦେଶ୍ୟ କହିବାରୁ ସେ ପ୍ରଶ୍ନ କଲେ ତୁମେ କ'ଣ ଏକା ଗାଡ଼ି ଚଳେଇବ ନା ପାଳିକରି ଦୁହେଁ ଚଳେଇବ ? ମୁଁ କହିଲି ଶ୍ରୀମତୀ ଗାଡ଼ି ଚଳେଇ ଜାଣନ୍ତିନାହିଁ ତେଣୁ ଗାଡ଼ି ମୋତେ ଏକା ହିଁ ଚଳେଇବାପାଇଁ ପଡ଼ିବ । ମୋର ପ୍ରିୟ ବନ୍ଧୁ କହିଲେ, "ଦେଖ ଦିନସାରା ଦଶ ବାର ଘଣ୍ଟା ଗାଡ଼ି ଚଳାଇବା ପାଇଁ ବହୁତ ଧୈର୍ଯ୍ୟ ଆବଶ୍ୟକ । ତେଣୁ ଆଉଥରେ ଭାବି ଦେଖ, ତୁମେ କ'ଣ ଏକା ଏତେ ବାଟ, ପାଞ୍ଚ-ଛଅଦିନ ଗାଡ଼ି ଚଳେଇ ଯାଇ ପାରିବ ?" ମୁଁ ଉତ୍ତରରେ କହିଲି, "ଧୈର୍ଯ୍ୟ ତ ଗୋଟାଏ ବଡ଼ ଆବଶ୍ୟକତା, ମୋର ସେଥିରେ ଅଭାବ ନାହିଁ । ଆଉ କ'ଣ କ'ଣ ଆବଶ୍ୟକ କହନ୍ତୁ ।" ଲୁଗାବୁଣା, ସୂତାକଟା ଶିକ୍ଷା ପ୍ରଣାଳୀରେ ଧୈର୍ଯ୍ୟ ବହୁତ ବଢ଼ିଯାଇଥିଲା ।

ରାମଚନ୍ଦ୍ରପୁରରେ ମୁଁ ପିଲାଦିନୁ ଟିକେ ଟିକେ ବଗିଚାକାମ କରେ । ଗୋଟାଏ ମଟର ମଞ୍ଜି ପୋତିଲି ତ ଦିଟା ବିଲାତି ବାଇଗଣ ଚାରା ମନ୍ଦାକରି ଲଗେଇଦେଲି । ସେ ବର୍ଷ ବରୀରେ ମାମୁ ମତେ ଆଳୁ ଚାଷ ଶିଖେଇଲା । ସେବାଘରେ ଡିହତଳେ ଗୋଟାଏ ବଡ଼ କିଆରି ଥିଲା । ସେଇଠି ଆଳୁ ଲଗା ହୋଇଥିଲା । ଆମେ ବରୀଗଲାବେଳକୁ ଆଳୁ ଗଛ ଚାରି ଚାରି ଆଙ୍ଗୁଳିର ହୋଇଥାଏ । କୋଡ଼ାହୋଇ ଛୋଟିଆ ହୁଡ଼ା ଟେକା ହୋଇଥାଏ । ପ୍ରତି ସାତଦିନରେ ଆଳୁ କିଆରୀରେ ପାଣି ଦିଆହୁଏ - ସାତକୋଡ଼ା, ସାତପାଣି । ସିଆରରେ ବୁଡ଼େଇ ପାଣିଦେଇ ଛାଡ଼ିଦିଆଯାଏ । ମାଟି ଶୁଖିଲେ କିଆରିକୁ କୋଡ଼ି ଆହୁରି ଉଚ୍ଚାକରି ହୁଡ଼ା ଟେକାହୁଏ । ମାମୁ ହାତ କଳରେ ପାଣି ହାବସି୍ କରେ, ମୁଁ ମାହରା କାଟି ପାଣି ମଡ଼ାଏ । କୋଡ଼ିଲାବେଳେ, ହୁଡ଼ା ଟେକା ହେଲାବେଳେ ମୁଁ ଯାଏ । ଏଥିରୁ

Digitized by srujanika@gmail.com

ମୁଁ ଆଳୁଚାଷ କିଛିଟା ଶିଖିଗଲି । ଏମିତି କରି ତ ଚାଷୀଘର ପିଲାଏ ଚାଷର ବାଗ ପାଇ ଯାଆନ୍ତି । ସେଇ କେଇମାସରେ ସ୍ୱାବଲମ୍ବନର ଦୁଇଟି ଛୋଟ ଛୋଟ ସୋପାନ ଅତିକ୍ରମ କଲି । ଆମେ ବେଳେବେଳେ ନୂଆଘରକୁ ଯାଉ । ଘର ତିଆରି ହୋଇ ନଥାଏ । ବଡ଼ ବଢ଼ିରୁ ରକ୍ଷା ପାଇବା ପାଇଁ ଉଚ୍ଚ ଡିହ ବନ୍ଧା ହୋଇଥାଏ । ଗୋଟାଏ ପୋଖରୀ ବି ଖୋଳା ହେଲା । ଦୁଧେଇ ଜମି ଟିକିଏ ଉଚ୍ଚା, ହଠାତ୍ ବଢ଼ି ପାଣିରେ ବୁଡ଼େନାହିଁ । ସେଥିପାଇଁ ପାଣି ମଡ଼େଇବାର ବ୍ୟବସ୍ଥା ବି ଚାଲିଥାଏ । ଉତ୍ତର-ଭାରତ, ମଧ୍ୟଭାରତ ଓ ଅନ୍ୟତ୍ର ରହଟ୍‌ରେ ବଳଦ ଲଗାଇ ପାଣି ମଡ଼ାନ୍ତି । ନୂଆଘର ପୋଖରୀର ଗୋଟାଏ କୋଣରେ ରହଟ ଲାଗିଲା । ଜେଜେ ନାନା ଜାତିର ଫଳଗଛ, ଆମ୍ବ, ସପେଟା, ପିଜୁଳି, କଲମୀଗଛ ଆଣି ଲଗେଇଲେ ।

ବରୀରେ କେଇମାସ ରହି ବନି ଟିକେ ବଡ଼ ହୋଇଯିବାରୁ ଆମେ ରାମଚନ୍ଦ୍ରପୁର ଫେରିଆସିଲୁଁ । ମୁଁ ମଝିରେ ମଝିରେ ଖସି ବରୀ ଚାଲିଯାଏ । ତା'ପରେ କେଇମାସ ଯାଇ ଆମେ ରେମୁଣାରେ ରହିଲୁଁ । ରେମୁଣାରୁ ଫେରି ଆମେ ଚାରିଜଣ ରାମଚନ୍ଦ୍ରପୁରରେ ବସା ବାନ୍ଧିଲୁଁ । ସେତେବେଳକୁ ମାମୁ-ମାମ୍ନା, ଜେଜେ-ଅମି ନୂଆ ଘରକୁ ଉଠି ଗଲେଣି । ବଡ଼ ଉଚ୍ଚା ଡିହ; ଖୋଲା ବାରଣ୍ଡା, ଗୋଟେ ପଟେ ଦୁଇ ବଖରା ହୋଇ ଚାଳ ଘର । ଚାଳତଳେ ମେଲା ଜାଗା । ତାକୁ ଲାଗି ଆଉ ଗୋଟାଏ ବଖରା, ସେଠି ଆଳୁ, ପିଆଜ ରଖିବା ପାଇଁ କାଠର ବଡ଼ ତାଲା ଥାକ ହୋଇ ରହିଛି । ମୁଗ, ବିରି, ରଖିବା ପାଇଁ ଘୁମ । ମୋଟ ଉପରେ ଚାଷୀ-ବାସି ଘର । ରୋଷେଇ ଘରଟା ପ୍ରଶସ୍ତ । ସେଇଠି ଖିଆ ପିଆ ହେଉଥିଲା । ଗୋଟାଏ ମଗନ ଚୁଲା । କାଠରେ ରାନ୍ଧିଲେ ବି ଏକା ସାଙ୍ଗରେ ଦୁଇ ତିନିଟା ହାଣ୍ଡି ଡେକିଚିରେ ରାନ୍ଧିହେବ । ସେଇ ଡିହର ଗୋଟାଏ କଡ଼କୁ ଗୁହାଳ । ଭିତରେ ମେଜିଆ ଢାଲୁ ହେଇଚି, ସବୁ ମୂତ ବାହାରକୁ ଗଡ଼ିଯାଇ ଜମା ହେବ । ଡିହ ଟିକେ ତଳକୁ ଗୋବର ଗଦା ପାଖରେ ବି କମ୍ପୋଷ୍ଟ ଖାତ । ଆଦର୍ଶ ଚାଷି ପରିବାର । ଘର ସାମନାକୁ ଗୋଟାଏ ସ୍ଥଳ ପଦ୍ମଗଛ ଲାଗିଥିଲା । ଘର ଡିହ ଧାରରେ ଧାଡ଼ିଏ ଫୁଲଗଛର ଗେଣ୍ଡୁ ଲଗାହୋଇଥାଏ । ଭୂଇଁ ତଳେ ତଳେ ଥାଏ, ରଜ ସଂକ୍ରାନ୍ତି ପୂର୍ବରୁ ଦୁଇ ଚାରି ଅସରା ବର୍ଷା ହୋଇଗଲେ ମାଟି ଫୁଟେଇ ଗୋଟା ପେଣ୍ଡୁ ରକମର ବଡ଼ ନାଲିଆସିଆ ଗୋଲ କଢ଼ ଉଠେ । ତା' ପରେ ସେଇ ପେଣ୍ଡୁଟା ଫୁଲ ହୋଇଯାଏ । ପାଖରୁ ଦେଖିଲେ ଟିକି ଟିକି ଫୁଲର ସମ୍ଭାର । ପ୍ରଥମର ଥର ଫୁଲଟା

Digitized by srujanika@gmail.com

ଦେଖି ଜେଜେଙ୍କୁ ପଚାରିଲି, "ଏ ଫୁଲର ନାମ କ'ଣ ?" ଜେଜେ କହିଲେ, "ଭୂଇଁ କଦମ୍ବ" - ବିଲାତି ଫୁଲ ନାମ "ହେମନ୍ଥସ" । ସେଇ ଘର ସାମ୍ନାରେ ଗୋଟାଏ ସୁଗନ୍ଧରାଜ ଗଛ ବି ଥିଲା । ରୋଷେଇ ଘର ପଛପଟକୁ ଗୋଟାଏ ସଜନା ଗଛ ଥିଲା । ନୂଆଘରେ ବଡ଼ ବଗିଚା । କାମରେ ସାହାଯ୍ୟ କରିବା ପାଇଁ ଉଛବ (ଉତ୍ସବ)ଭାଇ ଥିଲା । ତା' ଘର ବାଗ୍‌ଦା ହରିଜନ ବସ୍ତିରେ । ହାତ, କାନ୍ଧ, ଛାତି, ମାଂସପେଶୀ ବଳି ବଳି ହୋଇ ରହିଛି । ତା' ଦେହରେ ଭାରି ବଳ । ରଜରେ ବାଗୁଡ଼ି ଖେଳରେ ତିନିଟା ଭେଣ୍ଡା ଟୋକା ବି ତାକୁ ଧରି ଅଟକେଇବା ମୁସ୍କିଲ୍ । ଉଛବ ଭାଇ ଗାଈ ବଳଦଙ୍କର ଦେଖାଶୁଣା କରେ । ଚାଷକାମରେ ସାହାଯ୍ୟ କରେ । ମାମୁ ତା' ସାଙ୍ଗରେ ହଳ କରେ । ଦିଇଟା ଗାଈ ଥିଲେ - ହାତିଆ ଆଉ ଏକାଦଶୀ । ଏକାଦଶୀ ଭାରି ଶାନ୍ତ । ଘର ଅଣ୍ଡିରା ବାଛୁରୀକୁ ଲୋକେ ବଳଦ କରି ଘରେ ରଖନ୍ତି ନାହିଁ । ହଳ କଲାବେଳେ ପାଞ୍ଚଣରେ ମାରିବାକୁ ହାତ ଉଠିବ ନାହିଁ । ନୂଆଘରେ ନିଜର ଅଣ୍ଡିରା ବାଛୁରୀକୁ ବଳଦ କରି ରଖିଥିଲେ । ବିଞ୍ଝାରପୁର ଆଉ ହରିୟାଣାର ସଙ୍କର - ମାଆ ବିଞ୍ଝାରପୁରୀ ଆଉ ବାପା ହରିଆଣ୍ୱୀ । ଧଳା ରଙ୍ଗ, ବେଶ ଡେଙ୍ଗା । ଆଉ ଦେହରେ ହରିଆଣା ପହିଲମାନର ବଳ । ଭାରି ଶାନ୍ତ ଶିଷ୍ଟ । ନାମ ରଖାଗଲା ପଶୁପତି । ଡାକିଲେ ପାଖକୁ ଚାଲି ଆସିବ । କହିଲେ କଥାମାନି ଚୁପ୍‌ହୋଇ ଠିଆ ହୋଇ ରହିବ । ହଳରେ ଜୋଚିଲେ ପାଞ୍ଚଣ ଉଠେଇବା ଦରକାର ନାହିଁ । ଟିକେ ପିଠିରେ ହାତ ମାରିଦେଲେ କି ନାଙ୍ଗୁଡ଼ ହଲେଇ ଦେଲେ ଚାଲିଲା । ହଳରେ ଜୋଚିଲେ ତା'ର ମନକୁ ମନ ଚାଲିଲା, ହ ହ କଲେ ଚୁପ୍‌କିନା ଠିଆ ହୋଇଯିବ । ଉଛବ ଭାଇ କହେଳ, "ପଶୁପତି ହଉଛି ଜାଣ-ପଶୁ" । ବର୍ଷେ ବର୍ଷେ ଗୋଟାଏ କିଆରୀ ଛଣପଟ ବୁଣାହୁଏ । ଛଣପଟ ଫୁଲରେ ଭର୍ତ୍ତି ହୋଇଗଲେ ସେ କିଆରୀର ରଙ୍ଗ ଅଲଗା । ନୂଆଘରେ ଦୋ ପସଲି ଚାଷ । ଧାନକଟା ହୋଇଗଲେ ଡାଲି ଜାତିର ଫସଲ ମୁଗ କି ବିରି ଚାଷହୁଏ । ଥରେ ଜେଜେ ଗୋଟାଏ ମୁଗ କି ବିରି ଗଛ ଉପାଡ଼ି ତାର ଚେରକୁ ଦେଖେଇ କହିଲେ, "ଦେଖ୍ କେମିତି ମୋଡ଼ି-ମୋଡ଼ି ଗୋଟାଳି ଭଳିଆ ଚେରରେ ଫଳିଛି । ଏଥିରେ ଗଛ ତା ଖାଦ୍ୟ ରଖିଛି । ଆମେ ଅମଳ କରିବା ପାଇଁ ଉପାଡ଼ି ଦେଲାପରେ ଏ ଚେର ବିଲରେ ରହିଯିବ । ଏଥିରେ ସେ ଗଛ ନାଇଟ୍ରୋଜେନ୍ ରଖିଛି । ଆରବର୍ଷକୁ ଧାନ ଚାଷ କଲାବେଳକୁ ଏହା ଧାନ ପାଇଁ ସାରହେବ । ଧାନପରେ

Digitized by srujanika@gmail.com

ବିରି/ମୁଗ କଲେ ପରବର୍ଷକୁ ଧାନକୁ ଖାଦ୍ୟ ମିଳିଯିବ । ସହଜରେ, ସୂକ୍ଷ୍ମରେ ବିଜ୍ଞାନ ବତାଇ ଦେଲେ । ଏମିତି କେତେ କଥା । ନାନା ବହିପତ୍ର ପଢ଼ି ପରାମର୍ଶ ଆଲୋଚନା କରି ନୂତନ, ପ୍ରଣାଳୀର ଚାଷ ପାଇଁ ପରୀକ୍ଷା ନିରୀକ୍ଷା । ଗୋଟାଏ ଘରେ ବଡ଼ କାଠ ଆଲମିରାଟାଏ ଥିଲା । ତା' ଭିତରେ ନାନା ପ୍ରକାରର ବହି । ଗୋଟାଏ ଜାଗାରେ ଛୋଟ ପରୀକ୍ଷାଗାର, ଗବେଷଣାଗାର ଥିଲା । ସେଠି କାଚର ପରୀକ୍ଷାନଳୀ, ବିକର, ରବରନଳୀ, ବଡ଼ କାଚ ଜାର, କାଚର କାହାଳୀ । ଥରେ ଗୋଟିଏ ମଜାର ପ୍ରୟୋଗ ହେଲା । ଗୋଟାଏ କାଚ ଜାରରେ ଅଧାଅଧି ପାଣି ଭରି ତାହା ଭିତରେ କନ୍ତକାରରୁ ଦଳ ଆଣି ରଖାଗଲା । ସେଇ ଦଳ ଉପରେ ଗୋଟାଏ କାଚ କାହାଳିକୁ ଓଲଟାଇ ରଖି ଦିଆଗଲା । ଅର୍ଥାତ୍ କାହାଳି ଭିତରେ ଦଳ ପାଣିତକ ରହିଲା ଆଉ କାହାଳିର ନଦୀଟା ଉପର ଆଡ଼କୁ ରହିଲା । ଗୋଟାଏ ପରୀକ୍ଷାନଳୀରେ ପୁରା ପାଣି ଭର୍ତ୍ତୀକରି ସେଟାକୁ ଉଗୁଡ଼େଇ ସେଇ କାହାଳୀ ନଳୀରେ ରଖାଗଲା । ଦଳ ରହିଲା କାହାଳି ଭିତରେ ପାଣିରେ । ପରୀକ୍ଷାନଳୀର ପାଣି ଆଉ କାହାଳିର ନଳୀ ପାଣିରେ ପୁରି ରହିଛନ୍ତି । ଏହି ଜାର୍‌ଟିକୁ ଖରାରେ ରଖିଦେଲେ । କିଛି ସମୟ ପରେ ଭୁଟୁରୁ ଭୁଟୁରୁ ହୋଇ ଗୋଟିଏ ଗୋଟିଏ ଫୋଟକା ଆସି ସେହି ପରୀକ୍ଷା ନଳୀରେ ପଶିଲା । ସେଇ ବାଷ୍ପ ପରୀକ୍ଷା ନଳୀର ଉପର ମୁଣ୍ଡରେ ଜମା ହେଲା ଆଉ ସେଇଥିରୁ ପାଣି ତଳକୁ ତଳକୁ ଖସିଲା । ଦୁଇ ତିନି ଘଣ୍ଟାପରେ ଆମେ ଦେଖିଲୁ ପରୀକ୍ଷା ନଳୀରେ ଆଉ ପାଣି ନାହିଁ - ପୂରା ଖାଲି । ମାମୁ କି ମାମ୍‌ନା ସେଇ ନଳୀକୁ ତଳମୁହାଁ କରି ପାଣିରୁ ଉଠାଇ ଆଣିଲେ । ଗୋଟାଏ ଦିଆସିଲି କାଠିକୁ ଜଳାଇ ତା'ର ଶିଖାକୁ ଲିଭେଇ ସେଇ କାଠିଟାକୁ ଯେମିତି ନଳୀରେ ପୂରେଇ ଦେଇଛନ୍ତି ସେଇ ସ୍ଫୁଲିଙ୍ଗରୁ ହୁତ୍‌କରି କାଠିଟା ଜଳିଉଠିଲା । ଆମେ ସମସ୍ତେ ପାଞ୍ଚସାତ ବର୍ଷର ହୋଇଥାଉ । ଏହି ଛୋଟିଆ ପ୍ରୟୋଗରୁ ଆମେ ଶିଖିଲୁ ଗଛପତ୍ର ସୂର୍ଯ୍ୟ କିରଣର ସହାୟତାରେ "ରୋଷେଇକରି" ଅମ୍ଳଜାନ ପରିତ୍ୟାଗ କରେ । ଅମ୍ଳଜାନ ଜ୍ୱଳନ ପକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

ନିଜ ବୁଦ୍ଧିରେ, ଗାନ୍ଧୀ ବିଚାରକୁ ପାଥେୟକରି ବୁଢ଼ା-ବୁଢ଼ୀ, ପୁଅ-ବୋହୁ, ନାତି-ନାତୁଣୀ ଭାରତର ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ । ପିଲା-ପିଲିଙ୍କୁ ନିଜ ଛାଞ୍ଚରେ ପକେଇ ଗଢୁଥିଲେ । ନିଜ ସାଧନା ପଥରେ ଆଗେଇ ଆଗେଇ ଚାଲି ଚାଲି - 'ଚରୈବେତି, ଚରୈବେତି ।' ମୁଁ ବି ରାମଚନ୍ଦ୍ରପୁରରୁ ଖସିଯାଇ ସେଠି ସାମିଲ

Digitized by srujanika@gmail.com

ହେଉଥିଲି । ସମସ୍ତେ ମତେ ଦେଖିଲେ କେତେ ଖୁସି ହେଉଥିଲେ । କେତେ ଗେହ୍ଲା କରୁଥିଲେ । ଜେଜେ ତ ମତେ ମୁଣ୍ଡରେ ବସେଇବେ । ମୁଁ ତ ଅମି ପାଇଁ ରାଜା । ମୁଁ କ'ଣ ଖାଇବା ପାଇଁ ଭଲ ପାଏ, ମାମ୍ନା ଖୁଏଇବ । ଶୀତଦିନେ ବାରି ବନ୍ଧାକୋବିରେ ବାରି ମଟର ଛୁଇଁ ଦେଇ ମାମ୍ନା ହାତରନ୍ଧା ବନ୍ଧାକୋବି ତରକାରୀ ଭାରିସୁଆଦ । ବାଡ଼ି ଫଳନ୍ତା ବଡ଼ ବଡ଼ ଟମେଟୋ ବିଲାତି ବାଇଗଣ ସାଲାଡ଼ । ଆହା ସେ କି ଆନନ୍ଦ, ସେ କି ଆନନ୍ଦ !

ନୂଆଘର ହତା ସାମନାରେ ଗୋଟାଏ ବନ୍ଧ - ଚଉଡ଼ା ବହୁତ ଅଳ୍ପ । ଶଗଡ଼ ଗାଡ଼ି ବି ଯିବା ମୁସ୍କିଲ୍ । ସେ ବନ୍ଧ ବାଗଦା କର ଦେଇ ଅରଙ୍ଗାବାଦର ମୁସଲମାନ ବସ୍ତି ମୁଣ୍ଡରେ ଯେଉଁ ଦର୍ଘା ଅଛି ସେଇଠି ଯାଇ ପହଞ୍ଚିଛି । ନୂଆଘର ପିଣ୍ଡାରେ ଠିଆହୋଇ କନ୍ତକାର ସେ ପାରି ଚରଖାସଙ୍ଘର ଘର ଦେଖାଯିବ । ମୋ ପିଲାଦିନେ କନ୍ତକାର ଆଉରି ଆକରରେ ବଡ଼ଥିଲା । ଏବେ ଅନେକ ପୋତି ହୋଇଗଲାଣି । ପିଲାଦିନେ ସବୁ ଜିନିଷ ବଡ଼ ବଡ଼ ଉଚ୍ଚା ଉଚ୍ଚା ଦେଖା ଯାଏ । ମୋ ଅନ୍ଦାଜରେ ସେ ସମୟରେ କନ୍ତକାର ପ୍ରାୟ ଦୁଇବାଟି ସରିକି ଜାଗାରେ ଛାଇ ହୋଇ ଥିଲା । ଉତ୍ତରପଟ ଆଡ଼ିର ଗୋଟାଏ କୋଣକୁ ମନାମିଆଁର ଘରବାରୀ । କନ୍ତକାର କୂଳକୁ ଲାଗି ଗୋଟାଏ ବଡ଼ ଗଛ ଥାଏ । ସେଥିରେ ଅସଂଖ୍ୟ ବାଦୁଡ଼ି ଝୁଲୁଥାଆନ୍ତି ଆଉ ରାତିହେଲେ ସାଇଁ ସାଇଁ ଉଡ଼ି ବାହାରି ଯାଆନ୍ତି । ଚରଖାସଙ୍ଘ ଡିହ ସାମନାରେ ପାଣି କମ । ସେ ପାରିରୁ ହୁଲିଡଙ୍ଗା ଆସିଲେ ସେଇଠି ଲାଗେ । କନ୍ତକାରର ଦକ୍ଷିଣ-ପଶ୍ଚିମ ଆଡ଼କୁ ଭାରି ଗୋଟାଏ ଗହୀର ଗଣ୍ଡ । ଖରାଦିନେ ବି କାତ ପାଏ ନାହିଁ । ପାଣିସିଙ୍ଗଡ଼ା ଦଂଳ । ତା ଭିତରେ ହୁଲି ଡଙ୍ଗା ନେଇ ଆମେ ପାଣିସିଙ୍ଗଡ଼ା ତୋଳୁ । ବର୍ଷା କମିଲେ କନ୍ତକାରରେ କଇଁଫୁଲ ଛାଇ ହୋଇଯାଏ କିନ୍ତୁ ପଦ୍ମଫୁଲ ଫୁଟେ ନାହିଁ । ଶୀତ କଟିଗଲେ ଆମେ କନ୍ତକାରରେ ଯାଇ ବୁଡୁ । ଖରା ବଢ଼ିଲେ ପାଣି କମି କମି ଯାଏ । ପାଖ ଗାଁ ଚାଷୀମାନେ ଡାଲୁଅଧାନ ଚାଷକରନ୍ତି ଆଉ ଯନ୍ତରେ ପାଣି ମଡ଼ାନ୍ତି । ମୁଁ ଯେଉଁ କାଳର କଥା ଲେଖୁଛି ତେତେବେଳେ ଖରାଟିଆ ଧାନ ଫସଲ ଏତେ ହେଉନଥିଲା । ଧୋଇଆ ଅଞ୍ଚଳରେ ସରୁ ଚାଉଳର ଧାନ କ୍ୱଚିତ୍ ଚାଷ ହେଉଥିଲା । ସେ ସବୁ ସୁକୁମାରୀଆ ଜାତିର ଧାନଗଛ । ବଢ଼ିପାଣି ସମ୍ଭାଳି ପାରିବ ନାହିଁ । ପାଣିରେ ବୁଡ଼ିଲେ ପଚିଯିବ । ବଗୀ ଅଞ୍ଚଳରେ ଟାଣୁଆ ଜାତିର ଧାନ ଚାଷ ହୁଏ । ଗୁଆ ହୁଏ କମ୍ । ଗୋଟାଏ ଧାନଥିଲା ପୁଟିଆ । "ପୁଟିଆ

Digitized by srujanika@gmail.com

ଷାଠିଏ ଦିନରେ କାଟିଖା ।" ପାଣି ମାଡ଼ି ମାଡ଼ି ଯାଉଥିବ, ପୁଟିଆ ଧାନ ତା' ସଙ୍ଗେ ସଙ୍ଗେ ବଢ଼ି ବଢ଼ି ଯାଉଥିବ । ଖେଳରେ ଖେଳରେ ଏମିତି କେତେ ଚାଷ ବାସ କଥା ପିଲାଦିନେ ଶିଖିଗଲି । ନୂଆଘର ପଟେ ଆଉ କେତୋଟି ପରିବାର ଆସି ଘରକଲେ । ଆର୍ତ୍ତବନ୍ଧୁ ମହାନ୍ତି ବରୀ ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତି । ଗାନ୍ଧୀ ବିଚାରକୁ ମାନି ଚଳନ୍ତି । ବରୀରେ ଯେଉଁ ପ୍ରାଥମିକ ମୌଳିକ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ସେ ତା'ର ଶିକ୍ଷକ ଥିଲେ । ତାଙ୍କର ପରିବାର ସହିତ ଆମ ପରିବାରର ଘନିଷ୍ଠତା ଥିଲା । ତାଙ୍କର ପୁଅମାନେ ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟର ଛାତ୍ର ଥିଲେ । ଆର୍ତ୍ତବାବୁଙ୍କ ବଡ଼ଝିଅ ପ୍ରେମଅପାଙ୍କ ବିବାହ ବୃନ୍ଦାବନ ଜେନାଙ୍କ ସାଙ୍ଗରେ ହୋଇଥିଲା । ବୃନ୍ଦାବନ ଭାଇ ଖଦୀକାମରେ ବିଶେଷ ଭାବେ ଜଡ଼ିତ ଥିଲେ ଓ ପରବର୍ତ୍ତୀକାଳରେ ଭୂଦାନ-ସର୍ବୋଦୟ ଆନ୍ଦୋଳନରେ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଥିଲେ ।

ଆଉ ଥିଲେ ଗଣେଶ ମାମୁ - ରମ୍ଭାର ଗଣେଶ ଚନ୍ଦ୍ର ମହାନ୍ତି । ସେ ଜେଜେ - ଅମିଙ୍କ ସାଙ୍ଗରେ ଆରମ୍ଭରୁ ସବୁ କାର୍ଯ୍ୟକ୍ରମରେ ମିଶି ରହିଥିଲେ । ମାମୁ ଯେତେ ପ୍ରକାରର ପ୍ରୟୋଗରେ ମାତି ରହୁଥିଲା ଗଣେଶମାମୁଙ୍କର ସବୁଥିରେ ବିଶେଷ ଭୂମିକା ରହୁଥିଲା । ଗଣେଶମାମୁ ଅତି ସ୍ନେହୀ । ତାଙ୍କୁ ମୁଁ କେବେ ଗମ୍‌ଖୋର କିମ୍ବା ନିରାଶ ହେବାର ଦେଖି ନାହିଁ । ଜେଜେ ତାଙ୍କୁ ଡାକନ୍ତି ଗଣଶ । ବେଳେବେଳେ ଜେଜେ ରାଗିଗଲେ ଗଣେଶମାମୁ ଚୁପ୍ ହୋଇ ଶୁଣିବେ ତା'ପରେ ଟିକିଏ ହସିଦେବେ । ଜେଜେ ବି ଗଣେଶ ମାମୁଙ୍କୁ ଡାକି ଆଦରରେ କେତେ କଥା କହିବେ । ମାମୁର ଗୋଟାଏ ଚଳଚ୍ଚିତ୍ର କରିବାର କ୍ୟାମେରା ମାନେ ମୁଭି କ୍ୟାମେରା ଥିଲା । ମାମୁ ମହୁଚାଷ ଉପରେ ଗୋଟାଏ ପ୍ରାମାଣିକ ଚଳଚ୍ଚିତ୍ର କଲା ।

ମହୁମାଛିଙ୍କର ଜୀବନଚକ୍ର, ସେମାନଙ୍କର ସୁଶୃଙ୍ଖଳିତ ଜୀବନଯାତ୍ରା ଓ କାର୍ଯ୍ୟବିଧି ଚିତ୍ରିତ ହୋଇଥିଲା । ମହୁମାଛିମାନଙ୍କର ନିଜ ରାଣୀ ପ୍ରତି ଆନୁଗତ୍ୟ ଓ ଅନୁରାଗ ଅତୁଳନୀୟ । ରାଣୀର ପ୍ରତିରକ୍ଷା ପାଇଁ ସେମାନେ ଜୀବନ ଉତ୍ସର୍ଗ କରିଦିଅନ୍ତି । ରାଣୀ ପ୍ରତି କୌଣସି ବିପଦର ଆଶଙ୍କା ଦେଖାଦେଲେ ଶହ ଶହ ମହୁମାଛି ମରିବା ପାଇଁ ପ୍ରସ୍ତୁତ । ରାଣୀପ୍ରତି ଶ୍ରଦ୍ଧା ଓ ଆନୁଗତ୍ୟକୁ ମାମୁ ସେ ସିନେମାରେ ଅତି ଚମତ୍କାର ଭାବେ ଚିତ୍ରଣ କରିଥିଲେ । ଏହିପରି ସୃଜନଶୀଳ

Digitized by srujanika@gmail.com

ସୃଷ୍ଟିର କ୍ଷମତା କେବଳ ମାମୁଦ୍ୱାରା ହିଁ ସମ୍ଭବ । ମାମୁ ଗଣେଶମାମୁଙ୍କର ଗୋଟାଏ ମହୁମାଛିର ଦାଢ଼ି କଲା ।

ପ୍ରଥମେ ମହୁମାଛି ବାକ୍ସରେ ଟିକିଏ ଧୂଆଁ ମାରିଦେଲା । ମହୁମାଛି ମାନେ ତରବରରେ ମହୁପିଇ ଗଲେ । ଧୂଆଁ ବନ୍ଦ ହେବରୁ ବିପଦ କଟିଗଲା ଭାବି ମହୁ ପ୍ରଭାବରୁ ତାଙ୍କର ମିଜାଜ ଟିକେ ଖୁସ୍ ହୋଇଗଲା । ତା'ପରେ ସରୁ ତାରରେ ତିଆରି ଗୋଟାଏ ଜାଲିରେ ଗୋଟାଏ ଛୋଟ ଖୋପ ତିଆରି କରାଗଲା । ତା'ର ଗୋଟାଏ ମୁହଁ ଖୋଲାଥିଲା ଆଉ ସେଥିରେ ଗୋଟାଏ ଠିପି ଲାଗିବାର ବ୍ୟବସ୍ଥା ରହିଲା । ସେଇ ଖୋପର ଦୁଇ ପାଖରେ ଦୁଇ ଖଣ୍ଡ ଛୋଟ ଡୋର ଲଖାଗଲା । ଏ ଦୁଇ ଡୋରର ଦୁଇମୁଣ୍ଡ ଗଣେଶମାମୁଙ୍କ ଦୁଇ କାନରେ ବନ୍ଧାଯିବାର ବ୍ୟବସ୍ଥା କରାଗଲା । ଅର୍ଥାତ୍ ତାରଜାଲିର ଫରୁଆ ପରି ଖୋପଟି ଗଣେଶମାମୁ ଚିବୁକ ତଳକୁ ଝୁଲି ପଡ଼ିଲା । ବର୍ତ୍ତମାନ ମହୁମାଛି ବାକ୍ସରୁ ରାଣୀକୁ ଅତି ସାବଧାନରେ ଧରି ଏଇ ତାର ଜାଲିର ଖୋପ ଭିତରେ ପୁରେଇ ଦେଲେ ରାଣୀ ବାହାରକୁ ଦେଖାଯିବ ଅଥଚ ବାହାରି ପାରିବ ନାହିଁ । ସୂତୁଲିର ଦୁଇମୁଣ୍ଡକୁ ଗଣେଶମାମୁଙ୍କର କାନରେ ବାନ୍ଧି ତା'ପରେ ମାମୁ ସେଠାର ଜାଲିରେ ଟିକିଏ ମହୁ ନେସି ଦେଲା । ରାଣୀ ବି ତା ଷ୍ଟୁଣ୍ଡରେ ଟିକିଏ ଖାଇଲା । ତା'ପରେ ହାତରେ ମୁଠାଏ ମହୁମାଛି ଆଣି ସେଇ ଜାଲି ଉପରେ ଛାଡ଼ିଦେଲା । ସେମାନେ ସବୁ ମହୁ ଚାଟିଲେ, ରାଣୀକୁ ବି ଦେଖିଲେ ଆଉ ତା'ର ବାସ୍ନା ବି ପାଇଲେ । ବାଁକି ବାକ୍ସରେ ସବୁ ମାଛିଙ୍କୁ ମାମୁ ଘଉଡ଼ାଇ ଦେଲା । ପ୍ରଥମେ ଦଳଟାସାରା ରାଣୀକୁ ନଦେଖି ଉଡ଼ିଲେ କିନ୍ତୁ ଯେଉଁ ମୁଠାଟା ରାଣୀର ସୁରାକ ପାଇଥିଲେ ସେମାନେ ଖବରକଲେ ରାଣୀ କଉଠି । ବାକ୍ସର ଦଳଟା ଧୀରେ ଧୀରେ ଆସି ସେଇ ଜାଲି ଖୋପ ଉପରେ ବସିଗଲେ । ଗଣେଶ ମାମୁର ଗୋଟାଏ ମହୁମାଛି ଦାଢ଼ି ଲମ୍ବିଗଲା । ଗଣେଶମାମୁ ଏ ସମସ୍ତ ପ୍ରକ୍ରିୟା ମଧ୍ୟରେ ନିଶ୍ଚଳ ହୋଇ ଦାରୁ-ଭୂତ-ମୁରାରୀ ଭଳି ଠିଆ ହୋଇ ରହିଥିଲେ । ସାମାନ୍ୟ ହଲଚଲ ହୋଇଥିଲେ ସବୁ ମହୁମାଛି ତାଙ୍କୁ ସିଙ୍ଗ ଦେଇଥାଆନ୍ତେ । ଏ ସମସ୍ତ ଘଟଣା ସେଇ ଚଳଚ୍ଚିତ୍ରରେ ଥିଲା ।

ବରୀରେ ଥିଲାବେଳେ ମାମୁ ଚମଡ଼ା ଛେଲିବା, ଚମଡ଼ା କଷକରିବା, ଖଦୀ-ଗ୍ରାମୋଦ୍ୟୋଗରେ ପ୍ରୟୋଗ ତ କରୁଥିଲା କିନ୍ତୁ ଅନେକ ଏମିତି କିଛି କରୁଥିଲା ଯାହାକି ଲୋକ ଲୋଚନ ଅଗୋଚରରେ ରହିଯାଇଛି । ଗଣେଶମାମୁ ଯେ ମାମୁ

Digitized by srujanika@gmail.com

ଆଉ ଢେଙ୍କେଙ୍କର ପାଖେ ପାଖେ ଛାଇ ଭଳି ରହୁଥିଲେ ସେ କଥା ଦେଖିବା ଲୋକ କହିବେ ।

ଆମେ ଚାରିଜଣ ରାମଚନ୍ଦ୍ରପୁରରେ ଥାଉ । ବା' ଆଉ ଗାଗା ସେମାନେ ତାଙ୍କର ସାଧନାପଥେ । କିନ୍ତୁ କ'ଣ କେମିତି ସବୁ ଏପାଖ ସେପାଖ ହୋଇଗଲା । ଅମି ଆଉ ଢେଙ୍କେ ଅନେକ ଦିନ ପର୍ଯ୍ୟନ୍ତ ବରୀ ଛାଡ଼ି ଚାଲି ଯାଆନ୍ତି । ମାମୁ ବି ଅନେକ ସମୟ ଅନୁପସ୍ଥିତ । ଗାଗା ଥରେ ବା'ଙ୍କୁ ଚିଠିରେ ଲେଖିଥିଲା, "ତମେ ତ ଉଡ଼ନ୍ତା ଚଢ଼େଇ । ତମକୁ ଧରି ରଖିବାର ଶକ୍ତି ମୋର ନାହିଁ ।" ବା'ବି ଘର ଛାଡ଼ି କୁଆଡ଼େ କୁଆଡ଼େ ଚାଲି ଯାଆନ୍ତି । ମୁଁ ଗୋଟାଏ ଶବ୍ଦ ବାରମ୍ବାର 'ବଡ଼'ମାନଙ୍କର କଥା ପ୍ରସଙ୍ଗ ଶୁଣେ "ଭୂଦାନ" । ପାଖରେ ଗାଁରେ ବେଳେ ବେଳେ ସଭା ହୁଏ । ସେଥିରେ ଭୂଦାନ ଯଜ୍ଞ । ୧୯୫୩ ମସିହାରେ ଚାନ୍ଦିଲ ସର୍ବୋଦୟ ସମ୍ମିଳନୀ ହେଲା । ଆମେ ସମସ୍ତେ ଯାଇଥିଲୁଁ । ଧୈର୍ଯ୍ୟର ସହ ବହୁତ ଭାଷଣ ଶୁଣିଲି । ସବୁ ହିନ୍ଦୀରେ, ଏକ ଶବ୍ଦ ବି ବୁଝିଲି ନାହିଁ । ଗୋଟିଏ ଗେଡ଼ା ପତଳା ଦାଢ଼ି ବାଲା ବୁଢ଼ାକୁ ଦେଖିଲି । ସମସ୍ତେ ତାଙ୍କରି କଥା କହୁଛନ୍ତି - ସେ ବିନୋବାଜୀ । ଢେଙ୍କେଙ୍କର ଦାଢ଼ି ଢେର ଘଞ୍ଚ ଆଉ ଲମ୍ବ । ପ୍ରଥମ ଦର୍ଶନରେ ମୋ ଉପରେ ବିଶେଷ କିଛି ପ୍ରଭାବ ପଡ଼ିଲା ନାହିଁ ।

ଓଡ଼ିଶାରେ ୧୯୫୨ରେ ଭୂଦାନ ଯଜ୍ଞ ସମିତି ପ୍ରତିଷ୍ଠା ହେଲା । ପ୍ରଦେଶରେ ସାଙ୍ଗଠନିକ ରୂପେ ଭୁଦାନ କାର୍ଯ୍ୟକ୍ରମର ଅୟମାରମ୍ଭ ହେଲା । ଗାନ୍ଧୀ ବିଚାରରେ ବିଶ୍ୱାସ କରୁଥିବା କର୍ମୀମାନେ ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେଲେ । ନୂଆ ନୂଆ ଯୁବକଗୋଷ୍ଠୀ ମଧ୍ୟ ଏଇ ବିପ୍ଳବର ମୁଖ୍ୟସ୍ରୋତରେ ମିଶିଲେ । ଢେଙ୍କେ-ଅମି ପଦଯାତ୍ରାରେ ଓଡ଼ିଶାସାରା ବୁଲିଲେ । ମାମୁ ସମ୍ପୂର୍ଣ୍ଣରୂପେ ଏହି କ୍ରାନ୍ତିରେ ଝାସଦେଲା । ବା' ସଙ୍ଗଠନର ଗୋଟିଏ ବଡ଼ ଦାୟିତ୍ୱ ବହନକଲେ । ନୂଆଘରେ ଏକା ମାମ୍ନା ଦୁଇ ଯାଆଁଳା ପୁଅ-ଝିଅଙ୍କୁ ନେଇ ଘର ସମ୍ଭାଳି ରହିଲା । ସେ ନିଛାଟିଆ ହତା ଭିତରେ ଆଉ କେହି ନାହାଁନ୍ତି । ଫାଟକ ବାହାରପଟେ ବାଗଦା ହରିଜନ ବସ୍ତିର ଗୋଟିଏ ପରିବାର ରହୁଥିଲେ । ସେମାନେ ହିଁ ସାହାଭରସା । ତେଣେ ରାମଚନ୍ଦ୍ରପୁରରେ ଗାଗା ଆମ ଦୁଇ ଭାଇଙ୍କୁ ନେଇ ଘର ସମ୍ଭାଳୁଥାଏ । ମାମୁ ମଝିରେ ମଝିରେ ଅଳ୍ପକେଇ ଦିନ ପାଇଁ ସାଇକେଲରେ ଆସେ । ବରୀରେ ନ ହେଲେ ରାମଚନ୍ଦ୍ରପୁରରେ ଦେଖାହୁଏ । ବା' ବି କେବେକେବେ ଆସନ୍ତି । ଆମେ

Digitized by srujanika@gmail.com

ଗୟା ସର୍ବୋଦୟ ସମ୍ମିଳନୀକୁ ଗଲୁଁ । ମୋ' ପାଇଁ (ଆମପାଇଁ) ସର୍ବୋଦୟ ସମ୍ମିଳନୀର ବଡ଼ ଆକର୍ଷଣ-ସବୁ ଭାଇ ଭଉଣୀ ଏକାଠି ହୋଇ ଆମର ସମ୍ମିଳନୀ । ସେ କେଇଦିନ ଆମର ଭାରି ମଜା ହୁଏ ଯଦି ଚ ଅଧିକାଂଶ ସମ୍ମିଳନୀରେ ଯେଉଁ ଖାଇବା ମିଳେ ସେ ଆମକୁ ରୁଚେ ନାହିଁ। ରୋଟିରେ ବାଲି, ତରକାରୀରେ ପ୍ରବଳ ଲଙ୍କା, ଡାଲି ପାଣିପରି । ଗୟା ସର୍ବୋଦୟ ସମ୍ମିଳନୀରେ ଶୁଣିଲି ବିନୋବା ଓଡ଼ିଶା ଆସିବେ । ମୁଁ ଅନ୍ଦାଜ କଲି ନିଶ୍ଚୟ ଗୋଟିଏ ବଡ଼ ଘଟଣା ହେବ ।

ଏଇଠି ଟିକିଏ କଥାର ମଙ୍ଗ ମୋଡ଼ିବା । ମାମୁ ଭୂଦାନଯଜ୍ଞ ଆନ୍ଦୋଳନରେ ଯୋଗଦେଲା ବେଳକୁ ତାକୁ ଛତିଶ କି ସଇଁତିରିଶ ବର୍ଷ । ୧୯୫୨ ମସିହାରେ ଅତୀତକୁ ଆଖି ବୁଲେଇ ଦେଖିଲେ ସେ ପର୍ଯ୍ୟନ୍ତ ଖୋଜି ବସିଲେ ମାମୁର କ'ଣ ଥିଲା ? ଏହାର ଉତ୍ତର ଖୋଜିବା ପାଇଁ ଆମକୁ ଗଙ୍ଗୋତ୍ରି ଯିବାପାଇଁ ହେବ ।

ମାମୁର ଜନ୍ମ ୧୯୧୫ ମସିହା ଅକ୍ଟୋବର ୧୧ତାରିଖରେ । ମାମୁର ଆଗମନରେ ଚାରିଆଡ଼େ ଆନନ୍ଦର ଲହରି ଖେଳିଗଲା । ଚାରିଆଡ଼େ ମାନେ ଖେରସ ଚୌଧୁରୀ ପରିବାରରେ ଏବଂ ଅମିର ବାପଘର ପଟେ । ପ୍ରଥମ ନାତି, ସେଥିରେ ତ ସମସ୍ତେ ଆନନ୍ଦିତ ହେବାର କଥା, ଏଟା କି ବଡ଼ କଥା ? ଏ ବିଶେଷ ଆନନ୍ଦର କାରଣ ଅଛି । ଅମି-ଜେଜେଙ୍କର ବାହାଘର ୧୯୧୪ମସିହା ନଭେମ୍ବର ମାସରେ, ଆଉ ଅମିକୁ ମାତ୍ର ୧୫ବର୍ଷ ହୋଇଥିଲା । ଅତି ଗେହ୍ଲାରେ ବଢ଼ିଥିଲା ଏବଂ ତାର ବାପା-ମା' ସେ ଯୁଗକୁ ଚାହିଁ ପ୍ରଗତିଶୀଳ ଥିଲେ ଓ ଚାଲିଚଳଣରେ ଆଧୁନିକତା ଥିଲା । ବାହାଘର ହେଲା ବଡ଼ ଖାନ୍‌ଦାନ୍ ଜମିଦାର ଘରେ । କିନ୍ତୁ ଚଉଧୁରୀଆଣୀ, ପଦ୍ମାବତୀଦେଈ ରକ୍ଷଣଶୀଳା ଥିଲେ । ଏଇ ପରିସ୍ଥିତିରେ ଅମିକୁ ଚଉଧୁରୀ ପରିବାରର ଚାଲିଚଳନ, ବିଧିବିଧାନକୁ ନଜର ରଖି ବୋହୁ ହୋଇ ଘରକରଣା କରିବାକୁ ହେଲା ।

ବାହାଘରର ମାତ୍ର ମାସ ଦୁଇଟା ଭିତରେ ଅମିର ବାପା, ଗୋପାଳ ବଲ୍ଲଭ ଦାସଙ୍କର ମୃତ୍ୟୁ ହେଲା । ଆଖିରୁ ଲୁହଧାର ଶୁଖିଛି କି ନାହିଁ ଶିବରାତ୍ରି ପରଦିନ ଅମିର ଶ୍ୱଶୁର ଗୋକୁଳାନନ୍ଦ ଚୌଧୁରୀ ସିଡ଼ିରୁ ଖସିପଡ଼ିଗଲେ । ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଲା । ସେ ବି ଚାଲିଗଲେ । ଗୋକୁଳାନନ୍ଦ ଚଉଧୁରୀ, ବୋହୁ ବେଲୁକୁ ଅତି ଭଲ ପାଉଥିଲେ । ଏକା ଥାଳିରେ ବସି ଶ୍ୱଶୁର-ବୋହୂ ମାଛମୁଣ୍ଡ ଖାଉଥିଲେ । ସତ୍ୟଭାମାପୁର ଘରେ ତ ଶୋକର ଛାୟା ଖେଳି ଯାଇଥିଲା, କଟକ ଘର ବି ଅନ୍ଧାର ହୋଇଗଲା । ବୁଢ଼ୀମା' ପଦ୍ମାବତୀ, ଅମିକୁ ସବୁ ଗଦେଇ ଦେଲେ । ଅମୀ ଉପରେ

Digitized by srujanika@gmail.com

ଗୁରୁଦାୟିତ୍ୱ ଚପିଲା । ସେ ସମୟରେ ସମ୍ଭ୍ରାନ୍ତ ପରିବାରର ବୋହୂମାନଙ୍କର ସନ୍ତାନ ପ୍ରସବ ନର୍ସ କିମ୍ବା ଡାକ୍ତର କରାଉନଥିଲେ । ଧାଈ କରାଉ ଥିଲେ । ମାମୁଁ ଜନ୍ମପରେ ପ୍ରସୂତିର କିଛି ଶାରୀରିକ ସମସ୍ୟା ଦେଖାଦେଲା । ଦେଶିମତରେ ଗରମ ଗରମ ଭାତରେ ଗୁଆଘିଅ ଖୁଆଇ ଧାଈ ଚିକିତ୍ସା ବ୍ୟବସ୍ଥା କଲାବୋଲି ଅମି କହିବାର ଶୁଣିଛି । ଅମିର ଜ୍ୱର କମିଲା ନାହିଁ - ଜୀବନ ସଂଶୟ ହେବାର ଆଶଙ୍କା ଦେଖାଦେଲାରୁ ବୁଢ଼ୀମା' ଅମିର ଡାକ୍ତରୀ ଚିକିତ୍ସା କରାଇବାପାଇଁ ସମ୍ମତି ଦେଲା । ମାମୁର ଜନ୍ମ ସମସ୍ତଙ୍କର ଦୁଃଖଭାର ଲାଘବ କଲା । ମାମୁର ଜେଜେ, ଗୋକୁଳାନନ୍ଦ ଚଉଧୁରୀ ବଡ଼ ଓକିଲ ଥିଲେ । ପ୍ରଥମେ ସେ ମଧୁବାବୁଙ୍କ ଜୁନିଅର ଥିଲେ ଓ ତାଙ୍କରି ତତ୍ତ୍ୱାବଧାନରେ କଚେରୀରେ ଆଇନ ଜୀବିକା ଭାବରେ ଶିକ୍ଷାକଲେ । ପରେ ସ୍ୱାଧୀନ ଭାବରେ ଓକିଲାତି କଲେ । ତାଙ୍କର ସମସାୟିକ ପ୍ରତିଦ୍ୱନ୍ଦୀ ଓକିଲ ଥିଲେ ଜାନକୀନାଥ ବୋଷ - ନେତାଜୀ ସୁଭାଷ ବୋଷଙ୍କର ବାପା । ଉତ୍କଳର ନବ ଜାଗରଣ ଯୁଗରେ ଗୋକୁଳାନନ୍ଦ ରାଜନୀତିରେ ସକ୍ରିୟ ଥିଲେ । ସେ ଯୁଗର ବହୁ ଶିକ୍ଷିତ ନବଯୁବକଙ୍କ ଭଳି ମଧ ସେ ମଧୁବାବୁଙ୍କର ଅନୁଗାମୀ ହୋଇ ଉତ୍କଳ ସମ୍ମିଳନୀରେ ସକ୍ରିୟ ସଦସ୍ୟ ହେଲେ । ପରବର୍ତ୍ତୀକାଳରେ ମଧୁବାବୁଙ୍କ ସହ ରାଜନୈତିକ ମତାନ୍ତର ହେବାରୁ ସେ ଅନ୍ୟ ଏକ ସଙ୍ଗଠନ ଆରମ୍ଭକଲେ । ଏହି ରାଜନୈତିକ ମତାନ୍ତର ଥିଲେ ସୁଦ୍ଧା ମଧୁବାବୁ ତାଙ୍କୁ ସ୍ନେହ କରୁଥିଲେ । ଗୋକୁଳାନନ୍ଦ ମଧୁବାବୁଙ୍କୁ ସମ୍ମାନ କରୁଥିଲେ । ତା'ନହେଲେ ନିଜ ଆତ୍ମ ପୁଅର ବିବାହ ପ୍ରସ୍ତାବ ନେଇ ସେ ଗୋପାଳ ବଲ୍ଲଭଙ୍କ ଘରକୁ ଯାଇ ନଥାନ୍ତେ । ସେତେବେଳକୁ ରମାର ବାହାଘର କଥା ଅନ୍ୟପରିବାରରେ ଛିଣ୍ଡି ସାରିଥିଲା କେବଳ ନିର୍ବନ୍ଧ ବାକି ଥିଲା । ଗୋକୁଳାନନ୍ଦ ଜିଦ୍‌କରି କହିଲେ, "ଗୋପାଳ ତୁ ସେ ବାହାଘର ଭାଙ୍ଗି ଦେ ।" ଗୋପାଳବଲ୍ଲଭ ଦ୍ୱନ୍ଦ୍ୱରେ ପଡ଼ି ଭାଇ ମଧୁସୂଦନଙ୍କର ପରାମର୍ଶ ଲୋଡ଼ିଲେ । ମଧୁବାବୁ କହିଲେ, "ସେଇ ଗୋକୁଳାନନ୍ଦର ପୁଅ ଭାରି ବିଚକ୍ଷଣ, ବୁଦ୍ଧିମାନ, ସଚ୍ଚରିତ୍ର । ତୁ ବେଲକୁ ସେଇଠି ବାହାକର ।"

ଗୋକୁଳାନନ୍ଦ ଚୌଧୁରୀଙ୍କ ଘରେ ବହୁତ ବହି ବି ଥିଲା । ବିରାଟ ଶିଶୁକାଠ ଖଟରେ ଦୁଇପୁଅଙ୍କୁ ପାଖରେ ଶୋଇ ଢେର ଗପ କହୁଥିଲେ । ଆଉ ବହି ପଢ଼ି ଶୁଆଉଥିଲେ । ବିରାଟ ମଶାରିର ତଳ ଝାଲିରେ ଶିଶାର ଗୋଡ଼ି ଲାଗିଥିଲା - ଯେମିତି ମାଛ ଜାଲରେ ଲାଗିଥାଏ । ମଶା ଆଉ ପଶିପାରୁନଥିଲେ । ଜେଜେ

Digitized by srujanika@gmail.com

निष्कलं निष्क्रियं शान्तं निरवद्यं निरञ्जनम् ।

Digitized by srujanika@gmail.com

या देवी सर्वभुतेषु मातृरूपेण संस्थिता ।

Digitized by srujanika@gmail.com

ଦାଦା

Digitized by srujanika@gmail.com

ଖୁଡ଼ି

Digitized by srujanika@gmail.com



Digitized by srujanika@gmail.com

Digitized by srujanika@gmail.com

ନାନା, ନାନୀ, ବାବୁଲି

Digitized by srujanika@gmail.com

ନାନା-ନାନୀ

Digitized by srujanika@gmail.com

ନାନା-ନାନୀ

Digitized by srujanika@gmail.com

ନାନା-ନାନୀ, ବାବୁଲି

Digitized by srujanika@gmail.com

ଫଟୋରେ ବନି, ନାନୀ....

ବିନୋବାଜୀଙ୍କ ସହିତ ମାମୁ

Digitized by srujanika@gmail.com

Digitized by srujanika@gmail.com



David - Michael Angelo

Digitized by srujanika@gmail.com

ମାମୁଙ୍କ କୋଳରେ ମାମୁନ୍

ଆରତୀ, ଶାଶା, ନାନା

Digitized by srujanika@gmail.com

ତ୍ୱିନ୍, ମାମୁନ୍, ଶାଶା

ନାତିମାନଙ୍କ ସହ ମାମୁ

Digitized by srujanika@gmail.com



कदम-कदम बढ़ाये जा, खुशी के गीत गाये जा

ये जिन्दगी है क़ौम की, तू क़ौम पे लुटाये जा

Digitized by srujanika@gmail.com

ଘରେ ପାଠ ସବୁ ପଢ଼ିଲେ । ବାର ନା ତେରବର୍ଷରେ ମାଟ୍ରିକ୍ ପାସ୍‌କଲେ । ଜେଜେଙ୍କ ଜନ୍ମ ୧୮୯୪ରେ । ୧୯୧୪ରେ ବାହାଘର ବେଳକୁ ଏମ୍.ଏ. ପାସ୍‌କରି ପ୍ରଥମବର୍ଷ ଲ' ପଢୁଥିଲେ । ଜେଜେ ମେଧାବୀ ଛାତ୍ର ଥିଲେ । ସେ ସବୁ ବିଷୟର ବିସ୍ତାରିତ କଥା ଗୋପିନାଥ ଜେଜେ "ଧୂଳିମାଟିର ସନ୍ଥ" ବହିରେ ଲେଖି ଯାଇଛନ୍ତି ।

ମୋ ପିଲାଦିନେ ମାମୁର ପିଲାବେଳର କଥା କ୍ୱଚିତ୍ ଶୁଣିଛି । ଗାଗା ବେଳେବେଳେ କହେ ମାମୁ କେମିତି ଖଣ୍ଡେଇତା ଘାଇ ଭାଙ୍ଗିଲାବେଳେ ରିଲିଫ କାମକୁ ଗଲା । ମାମୁ କେମିତି ଚମଡ଼ା ଛେଲିବା, ଚମଡ଼ା କଷକାମ କଲିକତାରେ ଶିଖିଲା ଇତ୍ୟାଦି ଇତ୍ୟାଦି । ତା'ଭାଇ ଯେ କେଡ଼େ ବୁଦ୍ଧିମାନ, କେତେ ଜ୍ଞାନୀ ସେ କଥା ଗାଗା ମୋତେ ପିଲାଦିନେ କହିବାର ମୋର ମନେନାହିଁ ।

ଗାଗାର ଶେଷ ଜୀବନରେ, ଯେତେବେଳେ ତା'ର ନିଜ ଉପରେ ଆଉ ନିଜର ଅଙ୍କୁଶ ରହିଲା ନାହିଁ ସେତେବେଳେ ତା' ପିଲାଦିନ, ମାମୁର ପିଲାଦିନ ବିଷୟ ମତେ ଗପିଲା । ଆଉ ସେସବୁ କଥା କହି ଯଥେଷ୍ଟ ଆନନ୍ଦ ପାଉଥାଏ ବୋଲି ମୁଁ ଉପଲବ୍ଧି କଲି । ଗାଗା କହେ ଭାଇ ଶୃତିଧର, ଭାଇଙ୍କ ମେଧା ତୀକ୍ଷ୍ଣ । ମାମୁକୁ ବି ସେମିତି ବୁଢ଼ୀମା', ଜେଜେଙ୍କର ମା', ଜୁଟିଥିଲା । ବୁଢ଼ୀମା' ମୁରୁଜ ପକାଏ, ସେଇଥିରେ ଚଢ଼େଇ, ଜୀବଜନ୍ତୁ ବି କରିଦିଏ । ଚିତା / ଝୋଟି ପକାଏ । ସେଥିରେ କେତେ କାରୁକାର୍ଯ୍ୟ । ଚିତା ପକଉ ପକଉ ଅକ୍ଷର ବି ଲେଖିଦିଏ । ମାମୁ ଟିକିଏ ବଡ଼ ହେଲାରୁ ବାଖରାବାଦ ଦୋମହଲା ଘର ଅଗଣା ଆରପଟେ ଯେଉଁ ଧାଡ଼ିଏ କୋଠାରୀ ଅଛି ତା'ରି କାନ୍ଥରେ ବୁଢ଼ୀମା' ହୁକୁମରେ ଏ ମୁଣ୍ଡରୁ ସେ ମୁଣ୍ଡ କଳା ରଙ୍ଗ ବୋଳା ହେଲା । ମାମୁ ହାତରେ ଖଡ଼ି । ମାମୁର ଯେତେବେଳେ ଇଚ୍ଛା ସେତେବେଳେ ତା' ମନକୁ ଯାହା ଆସିଲା ମାମୁ ଆଙ୍କିଲା । ଲଗାମଛଡ଼ା କଳ୍ପନା ଶକ୍ତିର ବିକାଶ । ମାମୁ ମନକୁ ମନ ଅକ୍ଷର ଚିହ୍ନିଲା । ଅକ୍ଷର ତ ବୁଢ଼ୀମା' ଶିଖେଇଥିଲା । ପଢ଼ିବାପାଇଁ ଆରମ୍ଭ କଲା । ଘରେ ଅସଂଖ୍ୟ ବହି । ଖେଳରେ ଖେଳରେ ଇଂରାଜୀ ଶିଖିଗଲା । ଜେଜେ ନିଶ୍ଚୟ ଶିଖିବାରେ ସାହାଯ୍ୟ କରିଥିବେ । ଜେଜେ ବିଲାତରୁ Boy's own Paper ମଗାଇଲେ । ମାମୁ ତାକୁ ପଢ଼ି ପଢ଼ି ଖେଳନା ତିଆରି କରେ । ମନକୁ ମନ ପରୀକ୍ଷା ନିରୀକ୍ଷା କରେ । ତାକୁ ଗୋଟାଏ କ୍ୟାମେରା ମିଳିଲା । ଫଟୋ ଉଠେଇ, ଫିଲ୍ମକୁ ଧୋଇ, ଫଟୋକୁ କାଗଜରେ ଅନ୍ଧାର ଘରେ ଛପେଇବାର ବିଦ୍ୟା ବି ଅକ୍ତିଆର କଲା । ତା'ର ଫଟୋ ଉଠାଇବାର

Digitized by srujanika@gmail.com

ଉତ୍କର୍ଷତାର ଗୋଟିଏ ନିଦର୍ଶନ ହେଉଛି ଯେ ମାମୁ ବାର ବର୍ଷ ବୟସରେ Boy's own Paperର ଫଟୋ ପ୍ରତିଯୋଗିତାରେ ଗୋଟାଏ କଲମ ବିଲାତରୁ ପୁରସ୍କାର ଭାବରେ ପାଇଥିଲା ।

ଏ ତ ଗଲା ମାମୁର ବାଲ୍ୟ ପ୍ରତିଭା ଓ କଳାନୈପୁଣ୍ୟର କାହାଣୀ । ଗୋକୁଳାନନ୍ଦ ଚଉଧୁରୀଙ୍କ ଜୀବିତାବସ୍ଥାରେ ସେ ତାଙ୍କର ବଡ଼ପୁଅ ଗୋପର ଭବିଷ୍ୟତ ପାଇଁ ଯୋଜନା କରୁଥିଲେ । ପୁଅ ଓକିଲାତି ପାସ୍‌କରି ବିଲାତଯିବ । ସେଠି ବାରିଷ୍ଟର ହେବା ପାଇଁ ପଢ଼ିବ ଆଉ ବ୍ରିଟିଶ୍ ସାମ୍ରାଜ୍ୟର ବଡ଼ ଚାକିରୀ ଆଇ.ସି.ଏସ୍. ପରୀକ୍ଷା ଦେବ । ଏତେ ବୁଦ୍ଧିମାନ କୃତିଛାତ୍ର ଆଇ.ସି.ଏସ୍. ଥୁଆ । ତା'ପରେ ସମାଜରେ ପ୍ରତିଷ୍ଠା, ପ୍ରତିପତ୍ତି ସବୁକିଛି । କିନ୍ତୁ ବିଧି ଦାଉ ସାଧିଲା । ବାପା ଚାଲିଗଲେ । ଏତେ ବଡ଼ ଖାନ୍‌ଦାନ୍, ଜମିଦାରୀ ତା'ର ତଦାରଖ କରିବ କିଏ ? ଜେଜେ ପ୍ରଥମ ବର୍ଷ ଲ' ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ତା' ସହିତ କଲିକତା ବିଶ୍ୱବିଦ୍ୟାଳୟରେ ନୂଆ ରେକର୍ଡକରି ଏକ ହଜାରେ ଟଙ୍କା ପୁରସ୍କାର ପାଇଥିଲେ । ବିଲାତ ଯିବା ନୋହିଲା । ଆଇନ ପୋଥିରେ ଡୋର ବନ୍ଧାହେଲା । ଜେଜେ-ଅମି ଘର ଦାୟିତ୍ୱ ନେଲେ । ଜେଜେ ସରକାରୀ ଚାକିରୀରେ ଯୋଗଦେଲେ । ମାଜିଷ୍ଟ୍ରେଟ୍ ହୋଇ ଯାଜପୁରରେ ଅବସ୍ଥାପିତ ହେଲେ । ୧୯୧୯/୨୦ରେ ପ୍ରଳୟଙ୍କରୀ ବନ୍ୟାରେ ଖରସୁଆଁ ସେପାରି ବରୀ ଅଞ୍ଚଳ ନିମଗ୍ନ ହେଲା । ଭୌଗୋଳିକ ଦୃଷ୍ଟିକୋଣରୁ ଖରସ୍ରୋତାର ଉତ୍ତର ପଟ କୂଳରେ ବଡ଼ ବନ୍ଧ । ସେ ପଟେ ବିରୂପା । ଦକ୍ଷିଣ ପଟେ ବି ବନ୍ଧ । ମହାନଦୀର ପାଣି ବରୂପାକୁ ଆସେ । ଜେନାପୁର ତଳକୁ ବ୍ରାହ୍ମଣୀ ଦୁଇ ଭାଗ ହୋଇଯାଇଛି । ବ୍ରାହ୍ମଣୀ ନଈ କାଇପଡ଼ା ତଳକୁ ବିରୂପାରେ ମିଶିଛି । ଉପର ମୁଣ୍ଡରେ, ଅର୍ଥାତ୍ ଛୋଟନାଗପୁର ଓ ବ୍ରାହ୍ମଣୀର ଉତ୍ପତ୍ତି ସ୍ଥଳ ପାନପୋଷ ଉପରକୁ ବର୍ଷା ହେଲେ ବେଣୀପୁରଠାରୁ ବିଞ୍ଝାରପୁର ପର୍ଯ୍ୟନ୍ତ ପ୍ରାୟ ଦଶ ମାଇଲ ଚଉଡ଼ାର ଜଳାର୍ଣ୍ଣବ । ସେ କାଳରେ ବର୍ଷାଦିନେ ପାଟୁଆଳି ଗାଁ ସବୁ ପାଣି ଘେରରେ ତିନି ଚାରିମାସ ରହିଥାଆନ୍ତି । ଡଙ୍ଗା ଏକମାତ୍ର ଚଳାଚଳ କରିବାର ସହାୟକ । ବଡ଼ ବଢ଼ି ହେଲେ ଲୋକେ, ଟାପୁ ଜାଗା ଦେଖି ଆଶ୍ରୟ ନିଅନ୍ତି । ତା'ନହେଲେ ଚାଳ ଉପରେ ବସି ରହି ଖରାବର୍ଷା ଖାଆନ୍ତି । ଖାଇବା ପାଇଁ ଚୁଡ଼ା, ମୁଢ଼ି । ବଢ଼ିପାଣି ଛାଡ଼ିଲେ ମୁଗ, ବିରି, କୋଳଥ ସିଝେଇ ଖାଆନ୍ତି । ବଢ଼ି, ବଢ଼ି ପରେ ବାଡ଼ି, ତା'ପରେ ଦୁର୍ଭିକ୍ଷ । ଏ ମୋର ଆଖି ଦେଖା ଅନୁଭୂତି । ୧୯୧୯

Digitized by srujanika@gmail.com

ମସିହାରେ ଅବସ୍ଥା କି ବିଷମ ଆକାର ଧରିଥିବ ଅନୁମେୟ । ଜେଜେଙ୍କୁ ବରି ଅଞ୍ଚଳରେ ରିଲିଫ୍ କାର୍ଯ୍ୟର ଦାୟିତ୍ୱ ଦିଆଗଲା । ଜେଜେ କୁଆଡ଼େ ଅତି ନିଷ୍ଠାର ସହିତ ଦାୟିତ୍ୱ ତୁଲାଇଥିଲେ । ଯେଉଁ ପରିମାଣରେ ସାହାଯ୍ୟର ଆବଶ୍ୟକ ଥିଲା ସରକାର ତାହା ପୂରଣ କଲେ ନାହିଁ । ଜେଜେ ବାରମ୍ବାର ଅନୁରୋଧ କଲେ ମଧ୍ୟ ଉପରିସ୍ଥ ହାକିମ କର୍ଣ୍ଣପାତ କଲେ ନାହିଁ । ଜେଜେଙ୍କର ସବିଶେଷ ବିବରଣୀ ସରକାରଙ୍କୁ ସୁହେଇଲା ଭଳି ନଥିଲା ବରଂ ସେଥିରେ ସମାଲୋଚନାର ସ୍ୱର ମଧ୍ୟ ମିଶିଥିଲା । ଶେଷରେ ଜେଜେଙ୍କର ବଦଳି ବରଗଡ଼ ହୋଇଗଲା । ତା' ପଛରେ ଜେଜେଙ୍କର କିଛି ପରିମାଣରେ ଅସନ୍ତୋଷ ଏବଂ ସରକାରଙ୍କ ଶାସ୍ତିବିଧାନ ମଧ୍ୟ ଥିଲା । ଏହାର ପ୍ରାଞ୍ଜଳ ଆଲୋଚନା "ଧୂଳି ମାଟିର ସନ୍ଥ" ବହିରେ ରହିଛି । ଜେଜେ ମନେ ମନେ ଚାକିରୀରୁ ଇସ୍ତଫା ଦେବାପାଇଁ ବିଚାରିଲେ ଓ ତାଙ୍କର ନିଷ୍ପତ୍ତି ଅମିକୁ ଜଣାଇ ଅମି ସାଙ୍ଗରେ ଆଲୋଚନା କଲେ । ଅମିତ ସମ୍ମତି ଦେଇଦେଲା । ଏ କଥା ବି କହିଲା ଯେ, କଥା ସେ ଶୁଣିବ । ବନ୍ଧୁ ବାନ୍ଧବ ତାକୁ ନିନ୍ଦି କହିବେ ଯେ ସେ ତା'ର ସ୍ୱାମୀକୁ ଏଥିରୁ ନିବର୍ତ୍ତାଇ ପାରିଲା ନାହିଁ । ଅମି କେବଳ ସହଧର୍ମିଣୀ ନ ଥିଲା ସେ ଅନୁଗାମିନୀ ନହୋଇ ସହଯାତ୍ରୀ ହୋଇଗଲା ।

ଜେଜେ ୧୯୨୧ ମସିହାରେ ତାଙ୍କର ବାପାଙ୍କର ମୃତ୍ୟୁ ବାର୍ଷିକ ଦିନ ଇସ୍ତଫା ପତ୍ରପଠାଇ ଦେଲେ । ଅମି ଜୀବନ ପଥେ ବହିରେ ସେଦିନ ଘଟଣାବଳୀର ବର୍ଣ୍ଣନା କରିଛି । ବ୍ରାହ୍ମଣ ଭୋଜନ ସରିଲା, ଅନ୍ୟମାନେ ଖାଇଲାପରେ ଜେଜେ ବୁଢ଼ୀମା'କୁ ଇସ୍ତଫା ଦେଇଥିବା କଥା କହିଲେ । ସତକୁ ସତ କେତେ ବନ୍ଧୁବାନ୍ଧବ ଅମିକୁ କିଛି ପରିମାଣରେ ଖୁଣ୍ଟାଦେଲେ । ଜେଜେ ଚାକିରୀରୁ ଇସ୍ତଫା ଦେବା ଆଗରୁ ଅମିର ମା'କୁ ଚିଠି ଲେଖି ଜଣାଇଥିଲେ ଏବଂ ସେ ମଧ୍ୟ ତାଙ୍କର ସମ୍ମତି ଦେଇଥିଲେ ।

ଜେଜେ ଇସ୍ତଫା ଦେବା ପୂର୍ବରୁ ଦାଦାଜେଜେ (ନବକୃଷ୍ଣ ଚୌଧୁରୀ) କଲେଜ ଛାଡ଼ି ସାରିଥିଲା । ଜେଜେ ଚାକିରୀ ଛାଡ଼ିଦେବାରୁ ବନ୍ଧୁବାନ୍ଧବମାନଙ୍କ ଭିତରେ ଭାଳେଣି ପଡ଼ିଲା । ଘର ଚଳିବ କେମିତି ? ଦିଇଟା ପୁଅ ଝିଅ ତାଙ୍କର ବି ତ ଗୋଟାଏ ଭବିଷ୍ୟତ ଅଛି ? ସାନ ପୁଅ କଲେଜ ଛାଡିଲା । କମ ସେ କମ ବି.ଏ.ଟା ତ ପାସ କରିଥାଆନ୍ତା । ଦରକାର ପଡ଼ିଲେ ଚାକିରୀଟା କରିପକାନ୍ତା । ଜେଜେ କେବଳ ଚାକିରୀ ଛାଡ଼ି ନଥିଲେ । ସେ ଚାକିରୀରୁ ଇସ୍ତଫା ଦେବାପୂର୍ବରୁ

Digitized by srujanika@gmail.com

ସ୍ଥିର କରିନେଇଥିଲେ ଯେ ପ୍ରଥମେ ନିଜର ମୌଳିକ ମୂଲ୍ୟବୋଧର ପରିବର୍ତ୍ତନ ଆଣିବେ । ନିଜର ବ୍ୟକ୍ତିଗତ ଜୀବନଯାତ୍ରା ଓ ଜୀବନ ଦର୍ଶନରେ ପରିବର୍ତ୍ତନ ଆଣିବେ । ଦ୍ୱିତୀୟ ପଦକ୍ଷେପରେ ସମସ୍ତ ପରିବାରର ଜୀବନ ଦର୍ଶନକୁ ନୂଆ ମୋଡ଼ ଦେବେ । ସେ ଯେଉଁ ଆଦର୍ଶରେ ଅନୁପ୍ରାଣିତ ହୋଇ ନୂଆ ଜୀବନ ପଥର ଯାତ୍ରୀ ହେଲେ ତାଙ୍କର ସମସ୍ତ ପରିବାର ତାଙ୍କର ସହଯାତ୍ରୀ ହେବେ । ଏ ସବୁ ଅକଡ଼େଇ କରିବାର କଥା ନୁହେଁ । ପ୍ରଥମେ ଆଦର୍ଶକୁ ହୃଦୟଙ୍ଗମକରି ତାକୁ ଦୈନନ୍ଦିନ ଜୀବନରେ ପାଳନ କରିବା ପାଇଁ ସତତ ପ୍ରଚେଷ୍ଟା କରିବା ଆବଶ୍ୟକ । ଏତକ ହାସଲ କଲାପରେ ଯାଇ ଜେଜେ ସକ୍ରୀୟଭାବେ ସର୍ବସାଧାରଣ ସଂସ୍ଥାରେ ଓ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କଲେ ।

ଏ ସାଧନାର ପ୍ରଥମ ଚରଣରେ ଅମି-ଜେଜେ ସ୍ଥିରକଲେ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟକୁ ପଠାଇବେ ନାହିଁ । ଅଳକାଶ୍ରମ ଜାତୀୟ ବିଦ୍ୟାଳୟ, ୧୯୨୧ରେ ପଢ଼ାର ବ୍ୟବସ୍ଥା ଘରେ ହେଲା । କିଛିଟା ଅମି ପଢ଼େଇଲା । ଜେଜେ ବରାବର ଶିକ୍ଷାର ଯତ୍ନ ନେଉଥିଲେ । ଚନ୍ଦ୍ରଶେଖର ମାଷ୍ଟ୍ରେ ଘରୋଇ ଶିକ୍ଷକ ନିଯୁକ୍ତ ହେଲେ । ତାଙ୍କର ବ୍ୟକ୍ତିତ୍ୱ, ଚରିତ୍ର ଓ ପାଣ୍ଡିତ୍ୟର ପ୍ରଭାବ ମାମୁ ଆଉ ଗାଗାଠାରେ ଦେଖିବାକୁ ମିଳେ ।

ଦାଦାଜେଜେ ତ କଲେଜ ଛାଡ଼ିଥିଲେ । ତାର ଗୋଟାଏ ଚୁମ୍ବକୀୟ ବ୍ୟକ୍ତିତ୍ୱ ଥିଲା । ସେ ସମସ୍ତଙ୍କ ସାଙ୍ଗରେ ମିଶିଯାଏ । ମିଶି ତ ଅନେକ ଲୋକ ଯାଆନ୍ତି । କି ପିଲା, କି ଯୁବକ, କି ବୁଢ଼ା, ଦାଦାଜେଜେ ସେମାନଙ୍କ ସ୍ତରକୁ ଯାଇପାରେ । ଖେଳିବ ତ ପିଲାସାଙ୍ଗରେ ଖେଳିବ ଆଉ ବୟସ୍କ ଲୋକଙ୍କ ସାଙ୍ଗରେ ବୌଦ୍ଧିକଚର୍ଚ୍ଚା କରିବ ସମାଜଶାସ୍ତ୍ର, ମନୋବିଜ୍ଞାନ, ଦର୍ଶନଶାସ୍ତ୍ର ଏବଂ ସାହିତ୍ୟ ଏ ସବୁଥିରେ ଦାଦା ଜେଜେର ଚାଷ ବହୁତ ଗଭୀର । ଦାଦାଜେଜେକୁ ମୁଁ କୌଣସି ବିଷୟରେ ଉପର ଠାଉରିଆ କଥା କହିବା କିମ୍ବା ବେତଣ୍ଡା ଯୁକ୍ତି କରିବାର କେବେ ଦେଖି ନାହିଁ । ଦାଦାଜେଜେର ସାହଚର୍ଯ୍ୟରୁ ମାମୁ ଆଉ ଗାଗା ଉଭୟଙ୍କୁ ଜୀବନବ୍ୟାପୀ ଅମୂଲ୍ୟ ଜ୍ଞାନର ଭଣ୍ଡାର ମିଳିଛି । ଦାଦାଜେଜେ ପ୍ରଥମେ ସାବରମତି ଆଶ୍ରମକୁ ଗଲା । ତା'ର ବର୍ଷକପରେ ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନକୁ ଗଲା । କେତେ ଜଣଙ୍କର ଜୀବଦ୍ଦଶାରେ ଏ ପ୍ରକାର ଏକକ ଅନୁଭୂତି ଘଟେ । ଗାନ୍ଧୀଜୀଙ୍କ ପାଖରେ ରହି ସତ୍ୟ-ଅହିଂସାର ପ୍ରୟୋଗ ଓ ସାଧନାର ପ୍ରେରଣା ପାଇଲା ଓ ନିଜ ଜୀବନରେ ତାକୁ

Digitized by srujanika@gmail.com

ଅନୁସରଣ କଲା । ଗାନ୍ଧୀଜୀଙ୍କଠାରୁ ଆଧ୍ୟାତ୍ମିକତାର ନୂତନ ମୂଲ୍ୟବୋଧ ଗ୍ରହଣ କଲା । ଅପର ପକ୍ଷରେ ଶାନ୍ତିନିକେତନରେ ଗୁରୁଦେବଙ୍କଠାରୁ ସଙ୍ଗୀତ, ସାହିତ୍ୟ କଳାର ମାଧୁର୍ଯ୍ୟ ପାଇଲା । ଜୀବନକୁ ପୂର୍ଣ୍ଣାଙ୍ଗ କରିବାପାଇଁ ଯେଉଁ ଉପାଦାନର ଆବଶ୍ୟକ ସେ ସବୁ ତାକୁ ମିଳିଲା । ମୁଁ ଯେତିକି ବୁଝେ ଦାଦାଜେଜେଙ୍କର ଜୀବନ ଯାତ୍ରାରେ ଯେଉଁ ପରିମାଣର ଭାରସାମ୍ୟ ଦେଖାଯାଏ ସେ ପ୍ରକାରର ପୂର୍ଣ୍ଣତା କ୍ୱଚିତ୍ ଦେଖିବାପାଇଁ ମିଳେ । ସକାଳେ ଯଦି ରବୀନ୍ଦ୍ର ସଙ୍ଗୀତ କି ରବୀନ୍ଦ୍ର ସାହିତ୍ୟ ବିଷୟରେ କହୁଛି ତ ଆଉ ଟିକିଏ ପରେ ମାର୍କସ୍‌ଙ୍କ ସମ୍ବନ୍ଧରେ ଯୁକ୍ତି କରୁଛି । ଉପର ବେଳା ଆମ ସାଙ୍ଗରେ ଚେସ୍ ଖେଳି ରୁଇ ଲୋପେଜ ଅଥବା ସିସିଲିଆନ୍ ଡିଫେନ୍ସର ଭାରିଏସନ୍ ବୁଝଉଛି । ସେ ତ ମାମୁ ଆଉ ଗାଗାଙ୍କର ସଖା ଥିଲା ।

ଶାନ୍ତିନିକେତନରେ ଦାଦାଜେଜେଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହେଲା ଏବଂ ତାହା ପ୍ରଣୟ ବଲ୍ଲରୀରେ ରୂପାନ୍ତୟୀତ ହେଲା । ମାଳତୀ ସେନ ବଙ୍ଗଦେଶର ଗୋଟିଏ ସମ୍ଭ୍ରାନ୍ତ ପରିବାରର କନ୍ୟା । ତା'ଙ୍କର ପରିବାର ବ୍ରାହ୍ମଧର୍ମରେ ଦୀକ୍ଷିତ । ଏ ବାହାଘରକୁ ଦୁଇ ପରିବାରର ମୁରବି ଅର୍ଥାତ୍ ପଦ୍ମାବତୀ ଓ ସ୍ନେହଲତା ସେନ ବିରୋଧ କଲେ । ଏ ସବୁ ଘଟଣାର ସବିଶେଷ ବିବରଣୀ "ଜୀବନପଥେ" ଓ "ବହ୍ନିମାନ"ରେ ଲିପିବଦ୍ଧ ।

ମାଳତୀ ସେନ ଚଉଧୁରୀ ପରିବାରକୁ ମାଳତୀ ଚଉଧୁରୀ ହୋଇ ଆସିବାରୁ ଗୋଟିଏ ସାଂସ୍କୃତିକ ବିପ୍ଳବ ଘଟିଲା । ମାଳତୀ ଚଉଧୁରୀ, ମୋ ପାଇଁ ଆଗୋ, ବୀଣା ବାଦନରେ ସୁନିପୁଣା, ଶାସ୍ତ୍ରୀୟ ସଙ୍ଗୀତ ଓ ରବୀନ୍ଦ୍ର ସଙ୍ଗୀତରେ ବିଷାରଦା । ଉପରନ୍ତୁ ଶାନ୍ତିନିକେତନରେ ନୃତ୍ୟକଳାରେ ମଧ୍ୟ ପାରଦର୍ଶୀ । ତା' ନହୋଇଥିଲେ ରବୀନ୍ଦ୍ର ନାଥ ନିଜେ "ନଟିର ପୂଜୋ"ରେ ତାକୁ ସାମ୍ରାଜ୍ଞୀ ଲୋକେଶ୍ୱରୀର ଭୂମିକାରେ ଅଭିନୟ କରିବାପାଇଁ କହି ନଥାନ୍ତେ । କି ସାଂସ୍କୃତିକ ବିପ୍ଳବ ହେଲା ? ଅମି ତ ବେହେଲା ଶିଖିଥିଲା । ଆଉ ବେଳେ ବେଳେ ବେହେଲା ବଜାଉଥିଲା । ଗାଗା ତ ଉସ୍ତାଦ ଖାନୁ ମିଆଁଙ୍କଠାରୁ କଣ୍ଠସଙ୍ଗୀତ ଶିଖିଥିଲା । ଆଉ ଗାଗା ବି ସୀତାରରେ ତାରେ ତାରେ ବଜେଇ ଶିଖୁଥିଲା । ନୂଆ କଥା କ'ଣ ହେଲା ? ଗୋକୁଳାନନ୍ଦ ଚଉଧୁରୀଙ୍କ ସମୟରେ ତ ବାଈଜୀ ଆସି ଗଜଲ, ଠୁମରି ଆଉ ଟପ୍ପା ଗାଉଥିଲେ ।

ତଫାତ୍ ତା ଏଇଠି । ସଙ୍ଗୀତ, ନୃତ୍ୟ, ଚାରୁକଳା ଯେ ମନୁଷ୍ୟର ଜୀବନର ଏକ ଅଙ୍ଗ ବିଶେଷ, ଏ କଥା ପ୍ରଥମେ ରବୀନ୍ଦ୍ର ନାଥ ସେ ସମୟର ସମ୍ଭ୍ରାନ୍ତ ପ୍ରଭାବଶାଳୀ

Digitized by srujanika@gmail.com

ସମାଜକୁ ଚେତାଇଥିଲେ । ତା' ପୂର୍ବରୁ ଉଚ୍ଚକୁଳର ଝିଅ ବୋହୂମାନେ ଭଦ୍ରମଣ୍ଡଳୀରେ ଲଳିତ କଳା ପ୍ରଦର୍ଶନ କରୁନଥିଲେ । ଯେଉଁ ମହିଳାମାନେ ସଙ୍ଗୀତ, ନୃତ୍ୟ ପ୍ରଦର୍ଶନ କରୁଥିଲେ ସେମାନଙ୍କୁ ସମାଜ ସମ୍ମାନ ଦେଉନଥିଲା । ଶାନ୍ତି ନିକେତନରେ ରବୀନ୍ଦ୍ରନାଥ ଯେଉଁ ସାଂସ୍କୃତିକ ବିପ୍ଳବର ଅୟମାରମ୍ଭ କଲେ ସେ ବିପ୍ଳବ ମାଧ୍ୟମରେ ଏକ ନୂତନ ଜୀବନ ଦର୍ଶନର ନିଦର୍ଶନ ବାଢ଼ିଲେ । ଜୀବନକୁ ପୂର୍ଣ୍ଣାଙ୍ଗ କରିବାପାଇଁ ଲଳିତକଳା ଏକାନ୍ତ ଆବଶ୍ୟକ । ଏହି ପୃଷ୍ଠଭୂମିରେ ବିବେଚନା କଲେ ଆଗୋ ଚଉଧୁରୀ ପରିବାରରେ ଗୋଟିଏ ପରିପୂରକ ଅଂଶ ଯୋଗାଇ ଦେଲା । ମାମୁ ଉପରେ ଗାଗା ଉପରେ ଆଗୋର କି ପ୍ରଭାବ ରହିଛି ସେ ସବୁ ତନ୍ନ ତନ୍ନ ନିରୀକ୍ଷଣ ନ କଲେ ବୁଝିବା ଅସମ୍ଭବ । ରବୀନ୍ଦ୍ରନାଥଙ୍କର ବିଶ୍ୱ ମାନବିକ ଦର୍ଶନ ଓ ମାନବିକ ଭାତୃଭାବ ମାମୁଙ୍କୁ, ଗାଗାଙ୍କୁ ଯେପରି ସ୍ପର୍ଶ କରିଥିଲା ତାର ଉତ୍ସ ରବୀନ୍ଦ୍ରନାଥ । ସେଇ ରବୀନ୍ଦ୍ର ସଙ୍ଗୀତ ଓ ତାର ଆନୁସାଙ୍ଗିକ ସାଂସ୍କୃତିକ ଭାଗିରଥୀକୁ ମାଳତୀ ସେନ ଭଗିରଥ ଭଳି ବାଟ କଢ଼ାଇ ନେଇ ଆସିଥିଲେ ।

ମାମୁର ମାନସିକ ପୁଷ୍ଟିର ଗୋଟିଏ ଭାବ ତ ଆଗୋ ପଟୁ ଆସିଲା । ମାମୁର ଅସାମାନ୍ୟ ପ୍ରତିଭାର ଝଲକ ତାକୁ ବାର-ତେର ବର୍ଷ ହେଲାବେଳକୁ ସମସ୍ତଙ୍କୁ ଜଳ ଜଳ ହୋଇ ଦିଶୁଥିଲା । ତା' ଭିତରେ ମାମୁ ମାଟ୍ରିକ ପରୀକ୍ଷା ଘରୋଇ ଭାବେ ଦେଇ ପାସ ବି କରିଗଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ନିଶ୍ଚୟ ରାଜନୈତିକ ଚିନ୍ତା ଓ ସଙ୍ଗଠନ ବିଷୟରେ ଜାଗ୍ରତ ରହିଥିବ । ମାମୁର ଧୀମତା ଓ ବିଶ୍ଳେଷଣାତ୍ମକ ଶକ୍ତିଥିବାରୁ କେତେକ ପ୍ରସ୍ତାବ ଦେଲେ ଯେ ଜର୍ମାନୀରେ ଯାଇ ବିଜ୍ଞାନ ଅଧ୍ୟୟନ କରୁ - ବିଲାତ ନ ଗଲେ ନାହିଁ । ଏହା ଏକ ଦ୍ୱନ୍ଦ୍ୱର ବିଷୟ । ଜେଜେ ଯଦି ଏକ ତରଫା ଫଇସଲା କରନ୍ତି ଯେ ନା ବୁଲୁ ବିଦେଶ ଯିବ ନାହିଁ, ତେବେ ହୁଏ ତ ମାମୁର ବିଦେଶ ଯାଇ ବିଜ୍ଞାନ ପାଠପଢ଼ା ହୋଇପାରିବ ନାହିଁ । କିନ୍ତୁ ଏ ପ୍ରକାର ଜୋର୍‌ଜବରଦସ୍ତିକରି ନିର୍ଣ୍ଣୟ ଲଦି ଦେଲେ ମାମୁର ପ୍ରତିକ୍ରିୟା ହୋଇପାରେ । ଅନ୍ୟ ବନ୍ଧୁବାନ୍ଧବମାନେ ବି ଦୋଷାରୋପ କରିପାରନ୍ତି ଯେ ଉଦୀୟମାନ ମେଧାବି ପିଲାର ଭିଷ୍ୟତ ଖାମଖେଆଲିରେ ବରବାଦ କରିଦିଆଗଲା । ମୋର ଶୁଣିବା କଥା ମାମୁକୁ ବିଦେଶଯାଇ ପଢ଼ିବା ବିଷୟରେ ପଚରାଗଲା । ମାମୁ ସ୍ୱେଚ୍ଛାରେ ବିଦେଶ ଯାଇ ବିଜ୍ଞାନ ପଢ଼ିବାପାଇଁ ନାସ୍ତି କରିଦେଲା । ବରଂ ଦେଶର ସ୍ୱାଧୀନତା ପାଇଁ,

Digitized by srujanika@gmail.com

ଦେଶସେବା ପାଇଁ କାମ କରିବ ବୋଲି କହିଲା । ଏହା ଏକ କଠୋର ନିଷ୍ପତ୍ତି । ସେହି ମୁହୂର୍ତ୍ତରେ ମାମୁ ତାହାର ଭବିଷ୍ୟତ ଓ ଲକ୍ଷ୍ୟ ସ୍ଥିର କରିନେଲା । ଇତିହାସକାରମାନେ କହିବେ ମାମୁ ତା ଜୀବନରେ ଲକ୍ଷଚ୍ୟୁତ ହୋଇଛି କି ହୋଇନାହିଁ ।

ମାମୁ ବାନର ସେନାରେ ଯୋଗଦେବା, ପାଟନା କ୍ୟାମ୍ପଜେଲ୍‌ରେ କାରାବରଣ କରିବାର ବିଶେଷ ବିବରଣୀ ତା'ର ଆତ୍ମକଥା, ଅମିର ଆତ୍ମଜୀବନୀ ଏବଂ ଗାଗାର ଆତ୍ମଜୀବନୀ ମାନଙ୍କରେ ବିସ୍ତୃତ ଭାବରେ ବର୍ଣ୍ଣିତ । ସେ କିଶୋରରୁ ତରୁଣ, ତରୁଣରୁ ଯୁବକ ହେବା ଭିତରେ ଗାନ୍ଧୀ-ବିଚାରର ତ ସାଧନା କରୁଥିଲା । ତା' ସହିତ ସେ ଗଣିତ ଓ ବିଜ୍ଞାନର ସ୍ୱାଧ୍ୟାୟ ଜାରି ରଖିଥିଲା । ଏ ଦୁଇଟି ବିଦ୍ୟାରେ ପାରଦର୍ଶିତା ହାସଲ କରିବାରେ ଜେଜେଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଜେଜେ ଗଣିତରେ ଏମ୍.ଏ ପାସ୍ କରିଥିଲେ ଓ ତାହା ସହିତ ଜ୍ୟୋତିର୍ବିଜ୍ଞାନ ମଧ୍ୟ ଅଧ୍ୟୟନ କରିଥିଲେ । ଅର୍ଥାତ୍ ଗ୍ରହନକ୍ଷତ୍ରଙ୍କର ନଭ ମଣ୍ଡଳରେ ଚଳପ୍ରଚଳର ଗାଣିତିକ ସୂତ୍ର ଜେଜେଙ୍କର ଅକ୍ତିଆରରେ ଥିଲା । ଜେଜେଙ୍କର ଏହି ବିଦ୍ୟା ମାମୁ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା । ସତୀଶ ଦାସଗୁପ୍ତ କଲିକତା ନଗରୀର ଉପକଣ୍ଠରେ ସୋଦପୁରରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ । ସୋଦପୁର ଆଶ୍ରମରେ ସତୀଶବାବୁ ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମକୁ ଆଗେଇନେବା ସଙ୍ଗେ ସଙ୍ଗେ ବିଜ୍ଞାନର ନାନା ପରୀକ୍ଷା ନିରୀକ୍ଷା ଚଳାଇଥିଲେ । ସତୀଶବାବୁଙ୍କର ଅସାଧାରଣ ପ୍ରତିଭା ଥିଲା । ସେ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କର ଛାତ୍ରଥିଲେ । ଗାନ୍ଧୀବିଚାରରେ ଉଦ୍‌ବୁଦ୍ଧହୋଇ ସେ ଗାନ୍ଧୀଜୀଙ୍କ ଆନ୍ଦୋଳନରେ ଯୋଗଦେଲେ । ଗାନ୍ଧୀଜୀଙ୍କର ସ୍ୱାସ୍ଥ୍ୟର ଗୁରୁତର ଅବନତି ଘଟିଲା ବେଳେ ସେ ଗ୍ଲୁକୋଜ ଖାଇବା ଦରକାର ବୋଲି ଚିକିତ୍ସକ ପରାମର୍ଶ ଦେଲେ । ଗାନ୍ଧୀଜୀ ବିଲାତରେ ତିଆରି ଗ୍ଲୁକୋଜ୍ ଖାଇବେ ନାହିଁ ବୋଲି ରୋକ ଠୋକ ମନା କରିଦେଲେ । ସେହି ସମୟରେ ସତୀଶବାବୁ ଅକ୍ଳାନ୍ତ ପରିଶ୍ରମକରି ତାଙ୍କର ବିଜ୍ଞାନାଗାରରେ ମାତ୍ର ୭୨ଘଣ୍ଟାରେ ଗାନ୍ଧୀଜୀଙ୍କ ପାଇଁ ଗ୍ଲୁକୋଜ୍ ତିଆରିକରି ପହଞ୍ଚାଇଲେ ।

ଜେଜେ ଓ ସତୀଶବାବୁ ପରସ୍ପରଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ଜେଜେଙ୍କ ପରାମର୍ଶରେ ମାମୁ ସୋଦପୁର ଆଶ୍ରମକୁ ଗଲା । ଅଗଷ୍ଟ ୧୯୩୪ରେ ଜେଜେ ମାମୁକୁ ସତୀଶବାବୁଙ୍କ ପାଖରେ ନେଇ ଛାଡ଼ିଲା । ସେଠି ମାମୁ ବିଶେଷତଃ ଚମଡ଼ା

Digitized by srujanika@gmail.com

କାମ ଶିଖିଲା । ଅର୍ଥାତ୍ କଞ୍ଚା ଚମଡ଼ାକୁ ଛେଲି, କଷକରି ବ୍ୟବହାର ଯୋଗ୍ୟ କରିବାର ପ୍ରଣାଳୀ ଅକ୍ତିଆର କଲେ ଓ ବରୀରେ ସେ କାର୍ଯ୍ୟକ୍ରମକୁ ଜାରି ରଖିଲା । ସତୀଶବାବୁଙ୍କ ସାନ୍ନିଧ୍ୟର ସୁପ୍ରଭାବ ମାମୁର ଜୀବନରେ ଗଭୀର ରେଖାପାତ କରିଛି । ପ୍ରଥମତଃ ବୈଜ୍ଞାନିକ ଦୃଷ୍ଟିକୋଣର ଉତ୍କର୍ଷତା ଓ ବୈଜ୍ଞାନିକ ପଦ୍ଧତିରେ ସବୁକାମ କରିବାର ଅଭ୍ୟାସ, ଏଇ ଦୁଇଟି ଗୁଣ ସତୀଶବାବୁଙ୍କ ଦ୍ୱାରା ମାମୁର ଚରିତ୍ରରେ ବିକଶିତ ହୋଇଛି । ସୋଦପୁରରେ ରହିବାର ଆଉଗୋଟିଏ ଫାଇଦା ମାମୁ ଉଠାଇଲା । ସେଥିପାଇଁ ସବୁ ଶ୍ରେୟ ମାମୁର । ମୋର ଠିକ ମନେ ନାହିଁ - ସତୀଶ ବାବୁଙ୍କ 'କାରଖାନା' ସପ୍ତାହରେ ଗୋଟିଏ ଦିନ ବନ୍ଦ ରହୁଥିଲା କି କ'ଣ । ମାମୁ ସୋଦପୁରରେ ଥିଲାବେଳେ ଇମ୍ପିରିଆଲ୍ ଲାଇବ୍ରେରୀର ସଦସ୍ୟ ହୋଇଥିଲା ଅର୍ଥାତ୍ ସେ ପାଠାଗାରରେ ଯେତେ ସମୟ ଇଚ୍ଛା ସେତେ ସମୟ ଅବାଧରେ ପଢ଼ିପାରିବ ଏବଂ ପୁସ୍ତକ ମଧ୍ୟ ଉଧାରରେ ଆଣିପାରିବ । ମାମୁ ସପ୍ତାହରେ ଗୋଟିଏ ଦିନ ପାଠାଗାର ଖୋଲିବା ସମୟରୁ ବନ୍ଦହେବା ପର୍ଯ୍ୟନ୍ତ ସେଇଠି ବସିପଡ଼େ । ମାମୁର ତୀକ୍ଷ୍ଣ ମେଧା, ମନୋନିବେଷର ଶକ୍ତି ଏବଂ ବିଶ୍ଳେଷଣ କ୍ଷମତା ମାମୁକୁ ଏହି କଠୋର ସାଧନାରେ ସହାୟକ ହୋଇଥିଲେ । ମାମୁକୁ ବୟସ ବା କେତେ ? ସତର କିମ୍ବା ଅଠର । କାଗଜପତ୍ରର ଯୋଗ୍ୟତା ମାଟ୍ରିକ୍ ପାସ୍ । କିନ୍ତୁ ମାମୁ ନିଜେ ନିଜେ ପ୍ରଥମେ ଗଣିତଶାସ୍ତ୍ର ଅକ୍ତିଆର କଲା । ପାଠକେ ଭାବି ପାରନ୍ତି ଇଏ ନିଜର ମାମୁ ବୋଲି ବନେଇ ଚୁନେଇ ଟିକେ ବଢ଼େଇ ବଢ଼େଇ ଲେଖୁଛି । ନା । ମୁଁ କଲେଜରେ ପଢ଼ିଲାବେଳେ ଥୋରିଆସାହିରେ ମାମୁକୁ ଅଙ୍କ ପଚାରିଲେ ମାମୁ ବୁଝାଇ ଦିଏ । ଏ ହେଲା ମାମୁର ସ୍ୱର ସାଧନା ଅର୍ଥାତ୍ ସା, ରେ, ଗା, ମା... । ତାରି ସାଙ୍ଗେ ସାଙ୍ଗେ ମାମୁ ସେଇଠି ପଦାର୍ଥବିଜ୍ଞାନ ବି ପଢ଼ିଲା । ଅର୍ଥାତ୍ ଗଣିତର ଭିତିସ୍ଥାପନ କରିପଢ଼ିଲା । ସେଇ ଦୁଇବର୍ଷରେ କଠୋର ପରିଶ୍ରମ ଓ ପ୍ରଗାଢ଼ ଅଧ୍ୟବସାୟରେ ମାମୁ (ମୋ ଧାରଣା) ସେ ସମୟରେ ପଦାର୍ଥ ବିଦ୍ୟାରେ ଏମ୍.ଏସ୍.ସି ଛାତ୍ରଙ୍କର ଯେତିକି ତାତ୍ତ୍ୱିକଜ୍ଞାନ ଥିଲା ମାମୁ ସେତକ ଅକ୍ତିଆର କଲା । ଏ ଉକ୍ତିର ଦୁଇଟି ପ୍ରମାଣ ମୁଁ ଉପସ୍ଥାପନା କରିବି । ହିରୋସୀମାରେ ଯେତେବେଳେ ପ୍ରଥମ ପରମାଣୁ ବୋମା ପଡ଼ିଲା । ତାର କ୍ଷୟକ୍ଷତି ଅଦୃଷ୍ଟ-ପୂର୍ବ । ଏ ପ୍ରକାର ଧ୍ୱଂସ ଲୀଳାର ନଜିର ଇତିହାସରେ ନାହିଁ । ଗୋଟିଏ ବୋମା ଯେ ଏପରି ଶକ୍ତିଶାଳୀ ହୋଇପାରେ ଏହା ବିଶ୍ୱାସଯୋଗ୍ୟ ନୁହେଁ । ମାମୁ ସେତେବେଳେ ଜେଲରେ ରାଜବନ୍ଦୀ । ମାମୁ ତା

Digitized by srujanika@gmail.com

ଡାୟରୀରେ ଓ ପରେ କସ୍ତୁରୀମୃଗ ସମ ବହିରେ ଲେଖିଛି ଯେ ସେ ଏଇ ବୋମାର ଧ୍ୱଂସଲୀଳା ପଢ଼ି ଆଦୌ ଆଶ୍ଚର୍ଯ୍ୟ ହୋଇଥିଲା । କାରଣ ସେ ଯେତିକି ନ୍ୟୁକ୍ଲିଅର୍ ଫିଜିକ୍ସରେ ପଢ଼ି ହଜମ କରିଥିଲା ସେଥିରୁ ଏ ପ୍ରବଳ ଉର୍ଜାର ଉତ୍ପତ୍ତି କିଛି ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ଏହାର ପରିମାଣ ହିସାବ କରି ଦେଖାଇ ଦେଇ ହେବ । ମାମୁ ଯେ ଏ ପାଠ ସବୁ ହଜମ କରିଥିଲା, ତା'ର ଦ୍ୱିତୀୟ ପ୍ରମାଣ ପରଶମଣିର ସନ୍ଧାନେ । ପଦାର୍ଥ ବିଦ୍ୟାର ଗୂଢ଼ ତତ୍ତ୍ୱ ଅତି ପ୍ରାଞ୍ଜଳ ଭାଷାରେ ଓ ନିତିଦିନିଆ ଘଟଣା ସହ ଅନୁବନ୍ଧରଖି ବୁଝାଇ ଲେଖିବା କାଠିକର ପାଠ । ସେ ବହିରେ ଭାଷାର ସରସତା ମଧ୍ୟ ରହିଛି । ସର୍ବୋପରି ବହିଟି ମାମୁ ଜରୁରୀକାଳୀନ ପରିସ୍ଥିତିରେ 'ମିସା'ବନ୍ଦୀ ଭାବରେ ଥିଲାବେଳେ ରଚନା କଲା । ମତେ ଯେତେବେଳେ ସରକାର ମାମୁ ସାଙ୍ଗରେ ଭେଟିବାର ଅନୁମତି ଦେଲେ, ସେତେବେଳେ ମୁଁ ଅମି କିମ୍ୱା ମାମ୍ନା ସାଙ୍ଗରେ ମାମୁକୁ ଦେଖାକରିବାପାଇଁ ଯାଏ । ମାମୁ ପରଶମଣିର ସନ୍ଧାନେ ଲେଖୁଥାଏ । ମୋ ସାଙ୍ଗରେ ସେହି ବିଷୟରେ ହିଁ କେବଳ ଆଲୋଚନା କରେ । ଆଉ ସରକାରଙ୍କ ଗୋଇନ୍ଦାବିଭାଗ କର୍ମଚାରୀ ତାକୁ ସବୁ ତରତର କରି ଲେଖିପକାନ୍ତି । ମାମୁର ବିଜ୍ଞାନପ୍ରତି ଆକର୍ଷଣ ଓ ଜ୍ଞାନପିପାସା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତା'ର ସହଜାତ ପ୍ରବୃତ୍ତି ହୋଇ ରହିଥିଲା । ଜୁନ ୬ ତାରିଖ ୨୦୦୩ ସନ୍ଧ୍ୟାବେଳେ ମତେ ବାଖରାବାଦ ଘରେ କହିଲା ଯେ ପରଶମଣିର ସନ୍ଧାନେ ବହିର ନୂତନ ସଂସ୍କରଣରେ ଆଉ ଗୋଟାଏ ଅଧେ ଅଧ୍ୟାୟ ଯୋଡ଼ିବା ପାଇଁ ହେବ । ଗତ ପ୍ରାୟ ୨୫ବର୍ଷରେ ପଦାର୍ଥବିଦ୍ୟାର ଯେଉଁ ଅଗ୍ରଗତି ଓ ବିକାଶ ଘଟିଛି ତାକୁ ସରଳ ଭାଷାରେ ଲେଖିବି । ସେଥିପାଇଁ ଆଉ ଟିକିଏ ଗଣିତ ବିଦ୍ୟା ହାସଲ କରିବାକୁ ହେବ । ମୁଁ ମାମୁକୁ କହିଲି ତାତ୍ତ୍ୱିକ ସ୍ତରରେ ଏ ଅଗ୍ରଗତି ପାଚନ କରିବା ଏତେ କଷ୍ଟକର ନୁହେଁ । ଗଣିତଟା ମୋଟାମୋଟି ବୁଝି ହୋଇଯିବ । ମୁଁ ଚଣ୍ଡିଗଡ଼ରୁ ଫେରିଲେ ଦିନେ ବସି ତନ୍ନ ତନ୍ନ ଆଲୋଚନା କରିବା । ମୁଁ ଚଣ୍ଡିଗଡ଼ରୁ ଫେରିଲାବେଳକୁ ମାମୁ ଆଉ ନାହିଁ ।

ମାମୁ ସୋଦପୁରରୁ ୧୯୩୬ ମସିହା ବର୍ଷାଦିନେ ଫେରି ଅମି-ଢେଙ୍କେ, ଗାଗା ଓ ଅନ୍ୟମାନେ ଗାନ୍ଧୀବାଦୀ କର୍ମୀମାନଙ୍କ ସହ ବରୀରେ ଯୋଗଦେଲା । ମାମୁ ପ୍ରାୟ ଦୁଇବର୍ଷ ସତୀଶବାବୁଙ୍କ ପାଖରେ ଥିଲା । ସେଠି ଅନ୍ୟ ରଚନାତ୍ମକ କାର୍ଯ୍ୟକ୍ରମ ସହିତ ଚମଡ଼ାଶିଳ୍ପ ବି ସାମିଲ ହେଲା । ତେତେବେଳର ସାମାଜିକ ନୀତି

Digitized by srujanika@gmail.com

ରିଓ୍ୱାଇକ୍‌କୁ ସ୍ମରଣ କଲେ ମାମୁ ଓ ତା'ର ସହକର୍ମୀମାନଙ୍କୁ କି ପ୍ରକାରର ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିଥିବ, ତାହା ବର୍ତ୍ତମାନ କଳ୍ପନାତୀତ । ଗାଁ ଦଣ୍ଡାରେ ଗୋରୁ ହାଡ଼ ଛୁଇଁଦେଲେ ଗାଧୋଇ, ସଜଲୁଗା ନ ପିନ୍ଧି ଏରୁଣ୍ଡି ବନ୍ଧ ପାରିହେବା ବାରଣ । ଅଥଚ ମାମୁ ଆଉ ତାର ସହକର୍ମୀମାନେ ମଲାଗୋରୁର ଚମଡ଼ା ଛେଲି ତାକୁ କଷ କରୁଥିଲେ । ମଲା ଗୋରୁର ପୁଟିରୁତ ତନ୍ତ ବଳୁଥିଲେ । ସେଇ ତନ୍ତକୁ ବ୍ୟବହାର କରି ତୁଳା ଭିଣୁଥିଲେ ଆଉ ଭୀଣା ତୁଳାରୁ ବଳଣା ତିଆରି କରି ଅରଟ/କେଲୀରେ ସୂତା କଟା ହେଉଥିଲା । ରଚନାତ୍ମକ କାର୍ଯ୍ୟକ୍ରମ ଗୋଟିଏ କାର୍ଯ୍ୟକ୍ରମରେ ସୀମିତ ନଥିଲା । ଏହା ସମାଜ ସଂସ୍କାରର ବାହନ ମଧ୍ୟ ଥିଲା । ବରୀରେ ଥିଲାବେଳେ ମାମୁ ମହୁଚାଷ ଅର୍ଥାତ୍ ମହୁମାଛି ଧରିବା, ତାର ଉପକରଣ ତିଆରି କରିବା ଓ ମହୁମାଛି ବାକ୍ସରୁ ମହୁ ନିଷ୍କାସନ କରିବାର ତ୍ରିବିଧ କାର୍ଯ୍ୟକ୍ରମକୁ ସେ ଅଞ୍ଚଳରେ ପ୍ରସାର କରାଇଥିଲା ।

ଦ୍ୱିତୀୟ ମହାଯୁଦ୍ଧର ଆରମ୍ଭରେ ଗାନ୍ଧୀଜୀ ବ୍ୟକ୍ତିଗତ ସତ୍ୟାଗ୍ରହର ମସୁଧା କଲେ । ଏହା ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ଭଳି ଏକ ଗଣ ଆନ୍ଦୋଳନ ନଥିଲା । ଇଂରେଜ ସରକାର ଅକ୍ଷଶକ୍ତି ବିପକ୍ଷରେ ଯୁଦ୍ଧଘୋଷଣା କଲେ କିନ୍ତୁ ତା' ସହିତ ଇଂରେଜ ସାମ୍ରାଜ୍ୟର ଅଂଶବିଶେଷ ଭାରତବର୍ଷକୁ ମଧ୍ୟ ସେ ବିଶ୍ୱଯୁଦ୍ଧ ଭିତରକୁ ଟାଣି ନେଇଗଲେ । ଏହି ନିଷ୍ପତ୍ତିର ବିରୋଧରେ ଗାନ୍ଧୀଜୀ ବ୍ୟକ୍ତିଗତ ସତ୍ୟାଗ୍ରହର ପରିକଳ୍ପନାକରି ତାଙ୍କର ସହକର୍ମୀମାନଙ୍କୁ ଅବଗତ କରାଇଲେ । ଗାନ୍ଧୀଜୀ ନିଜେ ପ୍ରତି ପ୍ରଦେଶରୁ ଅଳ୍ପ ସଂଖ୍ୟକ ଲେଖାଏ ସତ୍ୟାଗ୍ରହୀ ବାଛିଲେ । ଏହି ବାଣୀ ସତ୍ୟାଗ୍ରହୀମାନେ ଗାଁ ଗଣ୍ଡାରେ ଇଂରେଜ ସରକାରର ଏହି ଏକ ତରଫା ନିଷ୍ପତ୍ତିର ବିରୋଧରେ ଜନମତ ସୃଷ୍ଟିକଲେ । ବିନୋବାଜୀଙ୍କୁ ଗାନ୍ଧୀଜୀ ଭାରତର ପ୍ରଥମ ସତ୍ୟାଗ୍ରହୀର ସମ୍ମାନ ଦେଇଥିଲେ ଏବଂ ବିନୋବାଜୀ ହିଁ ବ୍ୟକ୍ତିଗତ ସତ୍ୟାଗ୍ରହର ଅୟମାରମ୍ଭ କରିଥିଲେ । ଓଡ଼ିଶାରୁ ବ୍ୟକ୍ତିଗତ ସତ୍ୟାଗ୍ରହୀଙ୍କ ମଧ୍ୟରୁ ମାମୁ ଜଣେ । ବିଞ୍ଝାରପୁର ଥାନାର ଦାରୋଗା ମାମୁକୁ ଗିରଫ କରିବାକୁ କୁଣ୍ଠାବୋଧ କଲେ । ତାଙ୍କର ଜଣେ ସହକାରୀ ତାଙ୍କୁ ପ୍ରଶ୍ନକଲେ ସେ କାହିଁକି ମନମୋହନ ଚଉଧୁରୀଙ୍କୁ ଗିରଫ କରୁନାହାନ୍ତି, ସେ ତ ଗାଁ ଗଣ୍ଡାରେ ଯୁଦ୍ଧବିରୋଧୀ ଭାଷଣ ଦେଇ ଆଇନ ଭାଙ୍ଗୁଛନ୍ତି । ମୋର ଶୁଣିବାକଥା - ଦାରୋଗାଙ୍କର ଉତ୍ତର ଥିଲା ଯେ

Digitized by srujanika@gmail.com

ମୁଁ ବୁଲୁବାବୁଙ୍କୁ ମୋର ଥାନା ଇଲାକାରେ ଥିବା ଯାଏଁ ଗିରଫ କରିବି ନାହିଁ । ବୁଲି ବୁଲି ତ ଏ ଥାନା ଇଲାକାରୁ ବାହାରିଯିବେ । ଯାହା ଇଲାକାକୁ ଯିବେ ସିଏ ଗିରଫ କରୁ । ଅର୍ଥାତ୍ ସେତେବେଳକୁ ହାୱା ଟିକେ ଟିକେ ବଦଳିଲାଣି । କିଛି ଲୋକଙ୍କର ମନରେ ବିଶ୍ୱାସ ଆସିଲାଣି ଯେ ହୁଏତ ଏଇମାନଙ୍କର ବାଟରେ ଦେଶ ସ୍ୱାଧୀନ ହୋଇଯାଇପାରେ ।

ଭାରତଛାଡ଼ ଆନ୍ଦୋଳନ, ବ୍ରହ୍ମପୁର ଜେଲରେ କାରାବରଣ ଏବଂ ଜେଲର ଦୈନନ୍ଦିନ ଜୀବନର ଇତିବୃତ୍ତି ତ କସ୍ତୁରୀମୃଗ ସମ ବହିରେ ଅଛି । ମାମୁ ୧୯୪୫ମସିହାରେ ଜେଲରୁ ଖଲାସ୍ ହେଲା । ସେବାଗ୍ରାମରେ ଗାନ୍ଧୀଜୀ ଯେଉଁ ନୂତନ ପରିକଳ୍ପନାର ଉପସ୍ଥାପନା କରିଥିଲେ ତା'ର ଉଲ୍ଲେଖ ଆରମ୍ଭରେ କହିଛି । ସେଇ ସମୟରେ ଆସନ୍ନ ନିର୍ବାଚନପାଇଁ ସମସ୍ତେ ସଜ ହେବାରେ ଲାଗିଲେ । ସର୍ଦ୍ଦାର ପଟେଲ ମନ ବଳାଇଲେ ଯେ ଜେଜେ ରାଜ୍ୟପାଳ ପଦ ଗ୍ରହଣ କରନ୍ତୁ ଆଉ ଅମି ଲୋକସଭା ପାଇଁ ପ୍ରାର୍ଥୀ ହେଉ । ସର୍ଦ୍ଦାର ଏହି ମର୍ମରେ ଜେଜେ ଓ ଅମିକୁ ସୂଚନାଦେଇ ପତ୍ରଦେଲେ । ଜେଜେ ତ ରୋକଠୋକ ମନାକରିଦେଲେ । ଅମି ମୁହଁରୁ ଅମିର ପ୍ରତିକ୍ରିୟା ମୁଁ ଶୁଣିଛି । ଅମି କୁଆଡ଼େ ମୁଚୁକି ମୁଚୁକି ହସି ଆଶ୍ରମର ଅନ୍ତେବାସୀଙ୍କୁ କହିଲା ଯେ ସେ କାହିଁକି ଧାନକୁଟିବା ଛାଡ଼ି ଚଷ୍ଣୁକୁଟିବା ପାଇଁ ଯିବ ?

ମାମୁ ବିଷୟରେ ଗୋଟିଏ ମଜାର ଗୁଜବ ଶୁଣିଛି, କେତେଟା ସତ ଆଉ କେତେ ପରିମାଣରେ ଅତିରଞ୍ଜିତ ସେ କଥା କହିପାରିବି ନାହିଁ । ମାମୁକୁ ଏ କଥା ମୁଁ ବି ପଚାରି ନାହିଁ । ନିର୍ବାଚନର ମୌସୁମୀବାୟୁ ପ୍ରବାହିତ ହେବାର ଅବ୍ୟବହିତ ପୂର୍ବରୁ କଂଗ୍ରେସର ଅଳ୍ପ କେତେଜଣ ନେତୃସ୍ଥାନୀୟ ବ୍ୟକ୍ତି ମାମୁକୁ ନିର୍ବାଚନରେ ପ୍ରାର୍ଥୀ ହେବା ନିମନ୍ତେ ପ୍ରବର୍ତ୍ତାଇଲେ । ଅର୍ଥାତ୍ ବିଧାନସଭାର ସଦସ୍ୟ ହେବାପାଇଁ ମାମୁ କେଉଁ ଏକ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ହେଉ । ତା' ସାଙ୍ଗେ ସାଙ୍ଗେ ଆଶ୍ୱାସନା ଦେଲେ ଯେ ମାମୁର ବିଜୟ ତ ସୁନିଶ୍ଚିତ । ମାମୁ ଟିକିଏ ଗମ୍ଭୀର ହୋଇ କହିଲା, "ଠିଆ ତ ହେବି କିନ୍ତୁ ମନ୍ତ୍ରୀ ଯଦି କରିବ ତାହାହେଲେ ଠିଆହେବି ।" ସମସ୍ତେ କହିଲେ "ଏଟା ଗୋଟାଏ କଥା । ବୁଲୁ ତୁ ଠିଆ ହବୁ ତ ନିଶ୍ଚୟ ଜିତିବୁ । ଆଉ ତୁ ଏମ୍.ଏଲ୍.ଏ ହେଲୁମାନେ ତତେ ତ ମନ୍ତ୍ରୀପଦ ଯାଚି ଯାଚି ଦେବେ ।" ମାମୁ ଆଉ ଟିକିଏ ଗମ୍ଭୀର ହୋଇ କହିଲା, "ନା, ନା ଯଦି ମୁଖ୍ୟମନ୍ତ୍ରୀ କରିବ ତେବେ ଠିଆ ହେବି ।" ଯେଉଁମାନେ ମାମୁକୁ ପ୍ରବର୍ତ୍ତାଇବାପାଇଁ ଆସିଥିଲେ ମାମୁର ଅଭିଳାଷ

Digitized by srujanika@gmail.com

ଏତେ ଉଚ୍ଚକୁ ତାହା ଭାବିପାରି ନଥିଲେ । ଆଉ ମୁଖ୍ୟମନ୍ତ୍ରୀ ପଦ ତ କଥାରେ କଥାରେ ସ୍ଥିର ହୁଏ ନାହିଁ ? ସେମାନଙ୍କର ନ ଯଯୌ ନ ସ୍ତତୌ ଅବସ୍ଥା ଦେଖି ମାମୁ କୁଆଡ଼େ କହିଲା "ନିର୍ବାଚନ ଯଦି ଲଢ଼ିବି ତେବେ ଜିତି ବି ତ ନିଶ୍ଚୟ । ଜିତିଲେ ମନ୍ତ୍ରୀ କ'ଣ ମୁଖ୍ୟମନ୍ତ୍ରୀ ବି ହେବି ।" ସେ ସମୟରେ ଓଡ଼ିଶା ବିଧାନ ସଭା ସଦସ୍ୟ ସଂଖ୍ୟା ବୋଧହୁଏ ସତୁରୀ କି ବାସ୍ତରୀ ଥିଲା । ମାମୁ ପ୍ରାୟ ୨୫/୩୦ଜଣ କଂଗ୍ରେସ ନେତାଙ୍କର ନାମ ତାଲିକା କହିଗଲା । ଯେଉଁ ମାନଙ୍କର ପ୍ରାର୍ଥୀ ହୋଇ ଜୟୀ ହେବାର ଅଶା ଉଜ୍ଜ୍ୱଳ । କିଏ ମାମୁ, କିଏ ମଉସା, ମାଉସୀ... । ଶେଷର ମାମୁ କହିଲା, "ମୁଁ ଯଦି ମୁଖ୍ୟମନ୍ତ୍ରୀ ହେବାକୁ ମନ ବଳାଇବି ଏମାନେ ସମସ୍ତେ କ'ଣ ବିରୋଧ କରିବେ ? ବରଂ ଖୁସିରେ ମତେ ନେଇ ମୁଖ୍ୟମନ୍ତ୍ରୀ କରାଇବେ ।" ଅବଶ୍ୟ ମାମୁ ତା' ଜୀବନରେ ନିର୍ବାଚନ ଲଢ଼ିନାହିଁ । ଏ ଗପ ସତ କେତେ ଆଉ କେତେ ମନଗଢ଼ା ମତେ ଜଣାନାହିଁ । କିନ୍ତୁ ଯାହା ହେଲେ ଆନନ୍ଦ ଦାୟକ ନିଶ୍ଚୟ । ମନଗଢ଼ା ହୋଇଥିଲେ ବି ମାମୁର ରସିକତା ସ୍ୱଭାବର ଏହା ଏକ ଉତ୍ତମ ଚିତ୍ରଣ ।

ମାମୁ ଜେଲରୁ ଖଲାସ ହେଲା । ବରୀରେ ଆସି ସମସ୍ତେ ଗାନ୍ଧୀ ବାଟରେ ପୁଣି ଆଗେଇଲେ । ମାମୁ ମଝିରେ ମଝିରେ ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟକୁ ଆସେ । ମୌଳିକ ଶିକ୍ଷାର ରୂପରେଖ କିପରି ଦେବ ସେ ସମ୍ବନ୍ଧରେ ଗୁରୁଜୀମାନଙ୍କ ସହ ଆଲୋଚନା ଓ ପରାମର୍ଶକରେ । ସେ ବିଦ୍ୟାଳୟରେ ପିଲାଙ୍କପାଇଁ ବିଜ୍ଞାନ ପରୀକ୍ଷାଗାରର ଆବଶ୍ୟକତା ରହିଛି ଓ ଦୈନନ୍ଦିନ ଜୀବନ ସହିତ ଅନୁବନ୍ଧ ରକ୍ଷାକରି କି କି ପ୍ରକାରର ବୈଜ୍ଞାନିକ ପାଠ୍ୟକ୍ରମ ହେବା ଆବଶ୍ୟକ ସେ ବିଷୟରେ ମାମୁଠାରୁ ପରାମର୍ଶ ଜାରି ରଖିଥାଏ । ସ୍ୱାଧୀନତା ପ୍ରାପ୍ତିର ବାସ୍ତବିକତା ସମସ୍ତେ ଉପଲବ୍ଧି କରିଥିଲେ । ସେମାନେ ସ୍ୱାଧୀନ ଭାରତବର୍ଷରେ ନିଜର ଦାୟିତ୍ୱ ବିଷୟରେ ସଚେତନ ମଧ୍ୟ ଥିଲେ । ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରତ୍ୟେକ ନିଜ ନିଜର ଭବିଷ୍ୟତର କର୍ମପନ୍ଥା ବାଛି ନେଇଥିଲେ । ଯେଉଁମାନଙ୍କର ବିଶ୍ୱାସ ଥିଲା ଯେ ଇଂରେଜ ସରକାରକୁ ଦେଶରୁ ବିଦାୟଦେଇ ଏକ ନୂତନ ରାଜନୈତିକ ପରିବର୍ତ୍ତନ ଆବଶ୍ୟକ ସେହି ଗୋଷ୍ଠୀ ନିଜବାଟରେ ଆଗେଇଲେ । ସେମାନଙ୍କର ଯୁକ୍ତିଥିଲା ଯେ ପୁରୁଣା ଶାସନ, ଅମଲାତନ୍ତର ଆମୂଳ ପରିବର୍ତ୍ତନ ପାଇଁ ଦେଶର ଶାସନରେ ସିଧାସଳଖ ଅଂଶ ଗ୍ରହଣ କରିବା ଆବଶ୍ୟକ । ଅର୍ଥାତ୍ ନିର୍ବାଚନ ପ୍ରକ୍ରିୟାରେ ଅଂଶିଦାର ହୋଇ ସରକାରର ଗୋଟିଏ ଅଂଶ ଭାବରେ ଶାସନ ସଂସ୍କାର କରିବାର ଆବଶ୍ୟକତା ରହିଛି । ସେ

Digitized by srujanika@gmail.com

ନିମନ୍ତେ ବହୁମତ ତତ୍ତ୍ୱରେ ନିଷ୍ଠ ଗଣତନ୍ତ୍ରର ପ୍ରତିଷ୍ଠାହେବା ହିଁ ଏକମାତ୍ର ପନ୍ଥା । ଗଣତନ୍ତ୍ର ସମ୍ବିଧାନର ମୂଳଭିତ୍ତି ଦ୍ୱାରା ନିୟନ୍ତ୍ରିତ । ଏହାର ତାତ୍ତ୍ୱିକ ଯୁକ୍ତି ଅନୁସାରେ ଜନସାଧାରଣ ସେମାନଙ୍କର ନିର୍ବାଚିତ ପ୍ରତିନିଧିଙ୍କ ମାଧ୍ୟମରେ ସ୍ୱୟଂ ଶାସନ ଚଳାଇବେ । ଇଂରେଜ ଅମଳରେ ଅମଲାତନ୍ତ୍ର ଦୁର୍ନୀତି ଗ୍ରସ୍ତ ହୋଇଗଲା । ବିଦେଶୀ ସରକାର ଶକ୍ତି ପ୍ରୟୋଗକରି ଜନସାଧାରଣଙ୍କୁ ପୁଲିସ ଓ ସୈନ୍ୟର ସହାୟତାରେ ଭୟଭୀତ କରି ଶାସନ ଚଳାଉଥିଲେ । ଜନତା ଆଶାବାଦୀ ଥିଲେ ଦେଶ ସ୍ୱାଧୀନ ହେଲେ କୁଶାସନ, ଦୁର୍ନୀତି ଲୋପ ପାଇବ - ଡରାଇ ଶାସିବା ନିତି ଚାଲିଯିବ ଲୋକଙ୍କ ମତରେ ଶାସନ ଚାଲିବ । (ବନ୍ଦୀର ଆତ୍ମକଥା)

ବହୁ ଯୁବକ ଯୁବତୀ ପରିବାରର ଭବିଷ୍ୟତ ଓ ପରିଣତିକୁ ଉପେକ୍ଷା ନକରି ଦୁଃଖକଷ୍ଟ ସହି ଜେଲ ଭିତରେ ସଢ଼ି ସଢ଼ି ଦେଶର ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ । ଏହି ସ୍ୱପ୍ନକୁ ପାଥେୟ କରି ସମସ୍ତ ଦୁଃଖ, ଯନ୍ତ୍ରଣା, ମାନ-ଅପମାନକୁ ଅକାତରେ ସ୍ୱାଗତ କରୁଥିଲେ । ଦେଶ ସ୍ୱାଧୀନ ହେବାର ଆଶା ଉଜ୍ଜ୍ୱଳ ହେଲାପରେ ସେମାନେ ନିଜର ଭବିଷ୍ୟତ ଜୀବନ ଓ ଅନ୍ନସଂସ୍ଥାନ ପାଇଁ ଚିନ୍ତାକଲେ । ଘର-ସଂସାର, ଜ୍ଞାତି-କୁଟୁମ୍ବଙ୍କର ଭାର ନେବାକୁ ପଡ଼ିଲା । ଦେଶ ତ ସ୍ୱାଧୀନ ହେବ, ଆଗକୁ କ'ଣ କରିବା ? ସେ ସମୟରେ ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ ଉପଯୁକ୍ତ ଯୋଗ୍ୟତା ଥିଲେ ସେମାନେ ସରକାରୀ ଚାକିରୀରେ ନିଯୁକ୍ତି ପାଇପାରୁଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିବା ସମୟରେ ପୁଲିସ ମିଛସତ ଲେଖି ଅଭିଯୁକ୍ତ କରିବା ଏବଂ ଶେଷରେ ଜେଲ୍ ଦଣ୍ଡହେବାର ତ ନଜିର ଅଛି । ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଲକ୍ଷ୍ମଣ ନାୟକଙ୍କୁ ତ ଫଶୀ ହୋଇଗଲା । ଏହି ପରିସ୍ଥିତିରେ କେତେକେ ଜୀବିକା ଅର୍ଜନପାଇଁ କୌଣସି ନିଯୁକ୍ତି ପାଇ ସଂସାର ଚଳାଇଲେ ।

ଆଉ କିଛି ସ୍ୱାଧୀନତା ସଂଗ୍ରାମୀ ଗାନ୍ଧୀଜୀଙ୍କର ସ୍ୱପ୍ନର ଭାରତକୁ ସାକାର ରୂପ ଦେବାପାଇଁ ଗାନ୍ଧୀଜୀଙ୍କର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଗାନ୍ଧୀବାଟରେ ଆଗକୁ ବଢ଼ିବାପାଇଁ ପ୍ରଚେଷ୍ଟାକଲେ । ଏହି ଶ୍ରେଣୀରେ ବେଶିଭାଗ କର୍ମୀ ଗାଁ ଗଣ୍ଡାରେ ରହି ପୁରୁଣା ଅନୁଷ୍ଠାନ ଗୁଡ଼ିକର ପୂର୍ଣ୍ଣଗଠନ କିମ୍ବା ନୂତନ ସାଧନା କେନ୍ଦ୍ରମାନ ପ୍ରତିଷ୍ଠାକଲେ । ସେମାନେ ସକ୍ରୀୟ ସାଂସଦୀୟ ରାଜନୀତିଠାରୁ ଦୂରରେ ରହିଲେ । ଏମାନଙ୍କ ମଧ୍ୟରେ ଏପରି କିଛି ଲୋକଥିଲେ ଯେଉଁ ମାନେ କି ନବପ୍ରତିଷ୍ଠିତ ଗାଣତାନ୍ତ୍ରିକ

Digitized by srujanika@gmail.com

ପଦ୍ଧତିକୁ ସମର୍ଥନ କରୁନଥିଲେ । ସେମାନେ ଯୁକ୍ତି ବାଢ଼ିଲେ ଯେ ସାଂସଦିୟ ନିର୍ବାଚନ ପ୍ରଣାଳୀ ତ୍ରୁଟିଶୂନ୍ୟ ନୁହେଁ । ଏ ପଦ୍ଧତିରେ ଦୁର୍ନୀତିର ସମ୍ଭାବନା ଯଥେଷ୍ଟ ରହିଛି ଏବଂ ଏ ପ୍ରଣାଳୀରେ ଜନସାଧାରଣଙ୍କର ବସ୍ତୁତଃ କିଛି କ୍ଷମତା ରହିନପାରେ । ଓଡ଼ିଶାର ବହୁ ବରିଷ୍ଠ ଏବଂ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏହି ତୃତୀୟ ପନ୍ଥା ଅନୁସରଣ କଲେ । ବହୁ ଉଦିୟମାନ ଏବଂ ଉତ୍ସାହୀ ଯୁବକମାନେ ମଧ୍ୟ ଏହି ସୂକ୍ଷ୍ମ ବିଚାରପ୍ରତି ଆକର୍ଷିତ ହେଲେ । ସମଗ୍ର ଭାରତବର୍ଷରେ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତାର ପ୍ରାକ୍‌କାଳରୁ ନୂତନ ଉତ୍ସାହରେ କାର୍ଯ୍ୟକ୍ରମ ପ୍ରସାରିତ ହେବାର ଆଭାସ ମିଳିଲା । ମହାତ୍ମାଗାନ୍ଧୀଙ୍କୁ ୩୦ ଜାନୁୟାରୀ ୧୯୪୮ରେ ହତ୍ୟା କରାଗଲା । ସ୍ୱାଧୀନତା ସଂଗ୍ରାମୀ, ରଚନାତ୍ମକ କର୍ମୀ ଓ ଭାରତବର୍ଷର ଜନତାକୁ ବିରାଟ ଧକ୍କା ଲାଗିଲା । ଅବଶ୍ୟ ନିଜର ଭାରସାମ୍ୟ ନ ହରାଇ ଗାନ୍ଧିବାଦୀ କର୍ମୀମାନେ ନିଜ ନିଜ କର୍ମକ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ ହୋଇ ଆଗେଇ ଚାଲିଲେ ।

ମାମୁ ଜେଲ୍‌ରୁ ମୁକୁଳିବାପରଠାରୁ ଗାନ୍ଧୀଜୀଙ୍କର ହତ୍ୟା ପର୍ଯ୍ୟନ୍ତ ଯେଉଁ ତିନିବର୍ଷର ଅବଧି, ସେଥିରେ ତା' ଜୀବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଗଲା । ମାମୁ ମୁକ୍ତ ହେଲା ବେଳକୁ ତାର ବୟସ ତିରିଶ ପାଖାପାଖି । ଘର ସଂସାର ଆରମ୍ଭ କରିବାର କଥା । କନ୍ୟା ତ ଅଭାବ ନଥିଲେ । କିନ୍ତୁ ମାମୁ ଯେଉଁ ପଥର ପଥିକ ସେ ପଥର ଅନୁଗାମିନୀ ନୁହେଁ ବରଂ ସହଯାତ୍ରୀର ଆବଶ୍ୟକତା ବେଶି । ମାମୁର ବାହାଘର ବିଷୟରେ ଗୋଟିଏ ମଜାର ଗପ ମୁଁ ଶୁଣିଛି । କଥାଟାର ସତ୍ୟତା କେତେ ତା'ର ସରଜମିନ ତଦନ୍ତ କରିବା ପାଇଁ ମୁଁ ଅକ୍ଷମ କାରଣ ମୁଖ୍ୟ ନାୟୀକା ପରଲୋକଗତା । ଆଗୋ (ମାଳତୀଚୌଧୁରୀ) ଜେଲରୁ ଖଲାସ ହୋଇ ଆସିଲେ । ମାମୁ ବାହାଘର କଥା ପଡ଼ିଥାଏ । ଆଗୋ କହିଲା ପାତ୍ରୀ ତ ମୁଁ ଠିକ୍ କରିସାରିଛି । ତମେମାନେ ତାକୁ ସମସ୍ତେ ଜାଣ, ସେ ନିଶ୍ଚୟ ସମସ୍ତଙ୍କର ପସନ୍ଦ ହେବ । ସମସ୍ତେ ଆଗ୍ରହରେ ପଚାରିଲେ ସେ କନ୍ୟା କିଏ ? ଆରେ ସେଇ ଅମୁକ ମ ? ଭାରି ଭଲ ଝିଅ । ସବୁ ଗୁଣର ବୁଲୁସାଙ୍ଗରେ ଖୁବ୍ ମାନିବ । ତା' ଭିତରୁ କିଏ କହିଲା ତମେ ଜାଣିନା ସେ ଝିଅ ତ ଏହା ଭିତରେ ବିଭାହୋଇ ଗଲାଣି । ଛାଡ଼ ସେ କଥା । ଆଗୋ ବିରକ୍ତ ହୋଇ କହିଲା, ସେ କିପରି ଅନ୍ୟଜାଗାରେ ବାହାହୋଇ ଗଲା ? ମୁଁ ତ ତାକୁ ବୁଲୁପାଇଁ ମନେମନେ ବାଛିଥିଲି । ଆଉ କିଏ କହିଲା, "ନୁମା, ସେ ଝିଅ କଥା ଭାବି ଲାଭ କ'ଣ ? ଅନ୍ୟ କନ୍ୟା କଥା କହ ।" ଆଗୋ

Digitized by srujanika@gmail.com

କୁଆଡ଼େ କହିଲା, "ନାଁ, ନାଁ ତାକୁ ହିଁ ବୁଲୁ ସାଙ୍ଗରେ ବାହା କରାଇବି । ମୁଁ ଯାଉଛି ସେ ଝିଅର ଛାଡ଼ପତ୍ର କରେଇବି ତା'ପରେ ସେ ଝିଅକୁ ବୁଲୁସାଙ୍ଗରେ ବାହଦେବି ।" ଅବଶ୍ୟ ଏ କାହାଣୀ କେତେ ମନଗଢ଼ା, କେତେ ଅତିରଞ୍ଜିତ ମୋତେ ଅଜଣା । ଆଗୋର ବ୍ୟକ୍ତିତ୍ୱକୁ ଯେଉଁମାନେ ଚିହ୍ନିଛନ୍ତି, ସେମାନେ ହୁଏତ କିଛି ଶତାଂଶ ବାଦଦେଇ ଏ ଘଟଣାର ବର୍ଣ୍ଣନା କିଞ୍ଚିତ ଉପଭୋଗ କରିବେ ।

ଆଶାଦେବୀ ଆର୍ଯ୍ୟନାୟକମ୍ ଜଣେ ବିଦୁଷୀ । ସେ ଗୁରୁଦେବ ରବୀନ୍ଦ୍ରନାଥଙ୍କର ଶାନ୍ତି ନିକେତନର ଛାତ୍ରୀ ଥିଲେ । ସେ ବହୁଗୁଣସମ୍ଭାରରେ ଭୂଷିତା । ମୌଳିକ ଶିକ୍ଷାର ମୂଳ ପତନ ଯେଉଁମାନେ ଗଠନ କରିଥିଲେ ଆଶାଦେବୀ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା । ତାଙ୍କରି ସ୍ୱାମୀ ଏଡେଓ୍ୱାଡ୍ ଆର୍ଯ୍ୟନାୟକମ୍ ଜଣେ ବିଶିଷ୍ଟ ଶିକ୍ଷାବିତ୍ । ଶିକ୍ଷାଶାସ୍ତ୍ରରେ ତାଙ୍କର ପାଣ୍ଡିତ୍ୟ ଗଭୀର । ଆର୍ଯ୍ୟନାୟକମ୍ ଦମ୍ପତି ସେବାଗ୍ରାମରେ ମୌଳିକ ଶିକ୍ଷାର ପ୍ରୟୋଗ କରୁଥିଲେ । ଏମାନଙ୍କର ଅମି, ଜେଜେ, ମାମୁ, ଗାଗା, ବା'ଙ୍କର ପ୍ରତି ଶ୍ରଦ୍ଧା ଓ ସମ୍ମାନ ଥିଲା । ବରୀ-ରାମଚନ୍ଦ୍ରପୁରରେ ମୌଳିକ ଶିକ୍ଷାର ଯେଉଁ ପ୍ରୟୋଗ ଚାଲିଥିଲା ତା'ପ୍ରତି ସେମାନଙ୍କର ବିଶେଷ ଆକର୍ଷଣ ଥିଲା ଏବଂ ସେମାନେ ରାମଚନ୍ଦ୍ରପୁର ବିଦ୍ୟାଳୟକୁ ମଧ କଦାଚିତ ଆସୁଥିଲେ । ଏହି ପରିପ୍ରେକ୍ଷୀରେ ଆର୍ଯ୍ୟନାୟକମ୍ ଦମ୍ପତି ଗାଗା ଆଉ ବା'ଙ୍କୁ ଭଲ ଭାବରେ ଜାଣିଥିଲେ । ଉପରୋକ୍ତ ଉପକ୍ରମର ଉଦ୍ଦେଶ୍ୟ ହେଲା । ଯେ ମାମୁର ବାହାଘରରେ ଅଶାଦେବୀଙ୍କର ଗୋଟିଏ ମୁଖ୍ୟ ଭୂମିକା ରହିଛି । ଅମି ଆଶାଦେବୀଙ୍କୁ ମଧ ମାମୁ ପାଇଁ କନ୍ୟା ଠିକଣା କରିବା ପାଇଁ ଯୋଗାଯୋଗ କରିଥିଲା । ଆଶାଦେବୀ କହିଲେ ଯେ ଗୋଟିଏ ସୁଯୋଗ୍ୟା, ଗୁଣବତୀ କନ୍ୟା ସେବାଗ୍ରାମରେ ଶିକ୍ଷାର୍ଥିନୀ ଭାବରେ ରହିଛି । ମୋର ମତ ଯେ ବୁଲୁ ଏବଂ କନ୍ୟା ପରସ୍ପରକୁ ଭେଟନ୍ତୁ ଏବଂ ସେମାନଙ୍କର ପରିଚୟ ହେଉ ଏବଂ ବିଚାର ଆଦାନ ପ୍ରଦାନ ହେଉ । ମାମୁର ସେବାଗ୍ରାମ ଯିବାର କାର୍ଯ୍ୟକ୍ରମ ଥିଲା । ମାମୁ ନକ୍ଷତ୍ର ପରିଚୟ ପାଇଁ ଗୋଟିଏ ସହଜ ଯନ୍ତ୍ରଟିଏ ତିଆରି କରିଥିଲା । ତା'ରି ସାହାଯ୍ୟରେ ସେ ଆକାଶରେ ଗ୍ରହ-ନକ୍ଷତ୍ରମାନଙ୍କର ଅବସ୍ଥିତି, ଗତିପଥ ଇତ୍ୟାଦି ବୁଝାଇ ଦେଇପାରୁଥିଲା । ମାମୁ ସେଇ ନକ୍ଷତ୍ର ବିଜ୍ଞାନ ବୁଝାଇବା ପାଇଁ ନୟୀତାଲିମ ଅନୁଷ୍ଠାନରେ ଛାତ୍ର-ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପଢ଼ାଇବାର ବି ଗୋଟିଏ କାର୍ଯ୍ୟକ୍ରମ ଥିଲା । ଗାନ୍ଧୀଜୀ ସେତେବେଳେ ଜୀବିତ । ଆଶାଦେବୀ ମାମୁ ସହିତ କନ୍ୟାଟିର ପରିଚୟ କରାଇଦେଲେ । ସେ କହିଲେ

Digitized by srujanika@gmail.com

ସନ୍ଧ୍ୟାରେ ମୁକ୍ତ ଆକାଶରେ ନକ୍ଷତ୍ର ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ସାରି ଫେରିଲାବେଳେ ତୁମେମାନେ ପରସ୍ପର ସହ କଥୋପକଥନ କରି ସମସ୍ତଙ୍କ ସାଙ୍ଗରେ ଫେରିଆସିବ । କେଇଦିନ ଗଲାରୁ ଆଶାଦେବୀ ମାମୁଙ୍କୁ ସେ କନ୍ୟା ସମ୍ବନ୍ଧରେ ତା'ର ମତାମତ ପଚାରିଲେ । ମାମୁ କହିଲା ଯେ ଆଦର୍ଶରେ ଦୁଇଜଣଙ୍କର ବହୁତ ମେଳ ଅଛି । କିନ୍ତୁ ଝିଅଟି ଅତି ସୁକୁମାରିଆ । ଆଶାଦେବୀ ମାମୁକୁ କହିଲେ, ଝିଅଟି ଅତି ସୁକୁମାରିଆ ସତ କିନ୍ତୁ ମୁଁ ତାକୁ ପରଖି ଦେଖିଛି । ତାର ମନର ବଳ ବହୁତ ବେଶି, ସେ କଷ୍ଟ ସହିପାରେ । ଆଶାଦେବୀଙ୍କର ତଉଲିବାର ବାଟ ନିଆରା । ସେ ଝିଅଟି ଯେଉଁଦିନ ସେବାଗ୍ରାମ ଆଶ୍ରମରେ ଯୋଗଦେଲା ତା'ପର ଦିନ ବଡ଼ି ସକାଳୁ ଆଶାଦେବୀ ତାକୁ ଗୋଶାଳାରେ ଗୋରୁ ଗୋବର ପୋଛିବାପାଇଁ ପଠାଇଦେଲେ । "ନଇ ତାଲିମ ସଫାଇ ସେ ସୁରୁ ହୋତି ହୈ ।"

ସେ ସମୟରେ ବି.ଏସ୍.ସି. ପଢ଼ା କୃଷ୍ଣନଗର ସୁମିତ୍ରା ବନ୍ଦୋପାଧ୍ୟାୟ ଏକାବେଳେ କେମେଷ୍ଟ୍ରି ଲାବୋରୋଟୋରୀରୁ ଗୋରୁ ଗୁହାଳ । ବାହାଘର ସେବାଗ୍ରାମରେ ଫେବୃୟାରୀ ୧୯୪୬ରେ ହେଲା । ଗାନ୍ଧୀଜୀ ବାହାଘରରେ ଯୋଗ ଦେଲେ ନାହିଁ - ସର୍ତ୍ତ ଅନୁସାରେ ଯେଉଁ ବାହାଘରରେ ବର କିମ୍ବା କନ୍ୟା ମଧ୍ୟରୁ ଜଣେ ଅସବର୍ଣ୍ଣ ହୋଇଥିବେ ସେ ସେହି ବିବାହ ଉତ୍ସବରେ ଯୋଗଦେବେ । ବରକନ୍ୟା ବିବାହ ସମ୍ପନ୍ନ ଉତ୍ତାରେ ଗାନ୍ଧୀଜୀଙ୍କର ଆଶିର୍ବାଦ ପାଇଁ ତାଙ୍କ କୁଟୀରକୁ ଗଲେ । ମାମୁ-ମାମ୍ନା କଟକ ଆସିଲେ । ତା' କେଇଦିନରେ ମାମୁ-ମାଇଁ ବରୀରେ ବସା ବାନ୍ଧିଲେ । କାହିଁ ବାଖରାବାଦ କାଠଯୋଡ଼ି କୂଳ କୋଠା, କାହିଁ ଅଳକାଶ୍ରମ, କାହିଁ ସୋଦପୁର ଆଶ୍ରମ - ବସା ହେଲା ବରୀ । ମାମ୍ନା କୃଷ୍ଣନଗର, ରାଞ୍ଚି, ସେବାଗ୍ରାମ ଛାଡ଼ି ପରିଶେଷରେ ବଢ଼ି, ମଶା, ମ୍ୟାଲେରିଆ, ହଇଜା-ବସନ୍ତ କ୍ଲିଷ୍ଟ ବରୀରେ ଆସି ରହିଲା । ଠିକଣା :

ସୁମିତ୍ରା ଚୌଧୁରୀ
ପୋ:ଅ: ବରୀ, କଟକ
ଭା : ଯାଜପୁର
ଜି. କଟକ

ମାମୁ-ମାମ୍ନା ଘର ସଂସାର କଲେ । ତାଙ୍କର ଯାଆଁଳା ପୁଅ-ଝିଅଙ୍କର ଜନ୍ମ ୧୯୪୭ ମସିହା ଅକ୍ଟୋବର ମାସରେ । ୧୯୪୮ ମସିହା ଜାନୁଆରୀ ୩୦

Digitized by srujanika@gmail.com

ତାରିଖରେ ଗାନ୍ଧୀଜୀଙ୍କୁ ହତ୍ୟା କରାଗଲା । ଜେଜେ-ଅମି ତ ଗାନ୍ଧୀଜୀଙ୍କର ଶ୍ରଦ୍ଧାର ପାତ୍ର-ପାତ୍ରୀ ଥିଲେ । ଗାନ୍ଧୀଜୀ ମାମୁ ଆଉ ଗାଗାକୁ ଅତି ସ୍ନେହ କରୁଥିଲେ । ତାଙ୍କର ଅକାଳ ମୃତ୍ୟୁ ସମସ୍ତଙ୍କୁ ମ୍ରିୟମାଣ କଲା । ଏମାନଙ୍କର ମନର ଅବସ୍ଥା ଅମି, ମାମୁ, ଗାଗା ସେମାନଙ୍କର ଆତ୍ମଜୀବନୀରେ ଲେଖି ଯାଇଛନ୍ତି । ଗାନ୍ଧୀଜୀଙ୍କର ମୃତ୍ୟୁର ଅଳ୍ପ କେଇଦିନ ଭିତରେ ଆଉ ଗୋଟିଏ ଦୁଃଖଦାୟକ ଦୁର୍ଘଟଣା ଘଟିଗଲା । କାଲୁମାମୁ ନିଜର ଜୀବନ ଲୀଳା ନିଜେ ହିଁ ସାଙ୍ଗ କଲା । କାଲୁମାମୁଙ୍କୁ ମୁଁ ଝାପ୍ସା ଝାପ୍ସା ମନେ ରଖିଛି । କାରଣ ତାର ପ୍ରୟାଣ ବେଳକୁ ମତେ ପ୍ରାୟ ଅଢ଼େଇ ବର୍ଷ । କି କାରଣରୁ ସେ ଏପରି ଚରମ ପଦକ୍ଷେପ ନେଲା ମୁଁ ସେ ବିଷୟରେ କାହାକୁ ପଚାରିନାହିଁ । ଏପରି ଏକ ଦୁଃଖଦାୟକ ଘଟଣାର ଆଲୋଚନା ବି ମୁଁ ପରିବାରର ସଦସ୍ୟମାନଙ୍କର ଆଲୋଚନାର ବିଷୟବସ୍ତୁ ହେବାର ଦେଖି ନାହିଁ । ମୁଁ କେବଳ ଏତିକି ମଝିରେ ମଝିରେ ଶୁଣିଛି ଯେ କାଲୁମାମୁ ଅତ୍ୟନ୍ତ ମେଧାବୀ ଥିଲା । କଲେଜରେ ସେ ବିଜ୍ଞାନ ପଢୁଥିଲା । ପ୍ରଫେସର ବିଭୂତି ଭୂଷଣ ଦେଓ ମୋତେ ଥରେ କାଲୁମାମୁର ପ୍ରଶଂସା କରି ବହୁକଥା କହୁଥିଲେ । କାଲୁମାମୁର ରାଜନୈତିକ ବିଚାର ସମାଜବାଦ ଦିଗକୁ ଢଳିଥିଲା । ସେ ଶ୍ରମିକ ସଙ୍ଗଠନରେ ମଧ୍ୟ ଲାଗିଥିଲା । ସେ କାଳରେ ଯେଉଁ ଶ୍ରମଜୀବିମାନେ ସଫେଇ କାମକରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାର ପ୍ରୟାସ କରି ଆସୁଥିଲେ ସେମାନଙ୍କୁ ସମାଜରେ ନିମ୍ନବର୍ଗର ବୋଲି ଧରି ନିଆଯାଇଥିଲା । ମୋ ଦେଖିବା କଥା । ସେହି ସଫେଇ କରୁଥିବା ସ୍ତ୍ରୀଲୋକମାନେ ପାଇଖାନାରୁ ମଳ ପୋଛି, ପାଛିଆରେ ଭର୍ତ୍ତିକରି ମୁଣ୍ଡେଇ ମୁଣ୍ଡେଇ ନେଇ ଯିବା ନିତି ଦିନିଆ ଘଟଣା । ସେମାନେ ଅଛୁଆଁ । ପିଇବା ପାଇଁ କାହାକୁ ପାଣି ମାଗିଲେ ଦାଣ୍ଡ ବାହାରେ ଠିଆ କରେଇ ଉପରୁ ଲୋଟାରେ ପାଣି ଢାଳି ଦିଅନ୍ତି । ତୃଷାର୍ତ୍ତ ଦୁଇ ହାତରେ ଆଞ୍ଜୁଳା କରି ପାଣିପିଅନ୍ତି । ସେ ଅଛୁଆଁ ଲୋଟାକୁ ଆଗେ ମାଜି ତା'ପରେ ତାକୁ ଘରେ ପୁରାନ୍ତି । କାଲୁ ମାମୁ ଏହି ଶ୍ରେଣୀର ସ୍ତ୍ରୀ-ପୁରୁଷଙ୍କର ସଙ୍ଗଠନରେ ଲାଗିଥିଲା । ତା'ର ଅସୀମ ଉତ୍ସାହ ଓ କର୍ତ୍ତବ୍ୟ ନିଷ୍ଠାର ବର୍ଣ୍ଣନା ୧୯୭୬ ମସିହାରେ ବିଶିଷ୍ଟ ସମାଜବାଦୀ ନେତା ବିଶ୍ୱନାଥ ପଣ୍ଡିତଙ୍କଠାରୁ ଶୁଣିଥିଲି । ପଣ୍ଡିତେ ଚୀରକୁମାର ଏବଂ ଜଣେ ସଚ୍ଚୋଟ ସମାଜବାଦୀ ଥିଲେ । କାଲୁମାମୁ ତାର ଯୌବନର ଦ୍ୱାରରେ ପାଦ ରଖୁ ରଖୁ କି କାରଣରୁ ତାର ରଙ୍ଗମଞ୍ଚର ଯବନିକା ଟାଣିଦେଲା ତାହା ମୋତେ ଅଜଣା । କେହି କେହି ଭିତ୍ତିହୀନ କାରଣ ଦେଖାଇବାର

Digitized by srujanika@gmail.com

ମୁଁ ଅବଗତ କିନ୍ତୁ ସେ ସମସ୍ତ ଅର୍ଦ୍ଧସତ୍ୟର କୌଣସି ଠୋସ ପ୍ରମାଣ ଥିବାର ମୋତେ ଜଣାନାହିଁ । କାଲୁମାମୁର ଅକାଳ ବିୟୋଗ ସମସ୍ତଙ୍କ ମନରେ ଏକ ଗଭୀର କ୍ଷତ ସୃଷ୍ଟିକଲା । ତା'ର କିଛିଟା ଆଭାସ ମାମୁର ଅତ୍ମଜୀବନୀରୁ ମିଳେ । ଦାଦାଜେଜେ ମନ୍ତ୍ରୀପଦରୁ ଇସ୍ତଫାଦେଇ ଅନୁଗୁଳ ଫେରିଗଲା । ଦାଦାଜେଜେ ଓ ଆଗୋ ଯେଉଁ ଦାରୁଣ ମାନସିକ ଆଘାତ ପାଇଥିଲେ ତା'ର ବର୍ଣ୍ଣନା ଅନାଦୀଭାଇ (ନାୟକ) ତା'ର ବହିରେ କିଛି ପରିମାଣରେ ବର୍ଣ୍ଣନା କରିଛି । ଧୀରେ ଧୀରେ ନିଜକୁ ନିଜେ ସମ୍ଭାଳି ନେଇ ପ୍ରତ୍ୟେକେ ଜୀବନର ମୂଳ ଲକ୍ଷ୍ୟ ଆଡ଼କୁ ଆଗେଇବାରେ ଲାଗିଲେ । ୧୯୫୦ ମସିହାବେଳକୁ ଗାନ୍ଧୀଜୀଙ୍କର ଉପଦେଶକୁ ହୃଦୟଙ୍ଗମ କରି ଗ୍ରାମ ସ୍ୱରାଜ୍ୟ ନିମନ୍ତେ ଯେଉଁ କାର୍ଯ୍ୟକ୍ରମର ଆବଶ୍ୟକ ତାରି ପ୍ରସ୍ତୁତିରେ ଲାଗିଲେ ।

ମାମୁକୁ ସେତେବେଳକୁ ପ୍ରାୟ ପଇଁତିରିଶବର୍ଷ । ସମାଜରେ ସାଧାରଣତଃ ସଫଳତାର ମାପ କାଠି କ'ଣ ? ତିରିଶ ପାରିହେଲା ବେଳକୁ ସଂସାର କରିଥିବ, ପେଟ ପୋଷିବା ପାଇଁ ଚାକିରୀଟିଏ ଥିବ କିମ୍ବା ଭଲ ବେପାରରେ ଲାଗିଥିବ । ସେ କାଳରେ ତ ଜମିଦାରୀ ଉଚ୍ଛେଦ ହୋଇନଥିଲା । ଯଦି ଜମିଦାର ଘର ପିଲା ତେବେ ଜମିଦାରୀର ତଦାରଖ କରିବା କଚେରୀ ଚଳେଇବା ଆଉ ଆଇନ କାନୁନ୍‌ର ପେଞ୍ଚଶିଖି ପ୍ରଜାଙ୍କୁ ଶାସନରେ ରଖିବା ହେଲା ଅସଲ କାମ । ମାମୁର ଚାକିରୀ ନାସ୍ତି । ଜେଜେ ଆଉ ଦାଦାଜେଜେ ତ ଦେଶ କାମରେ ଲାଗିଲେ, ନିଜେ ଜମିଦାରୀ କଲେ ନାହିଁ । ବରଂ ଦାଦାଜେଜେ ରାଜସ୍ୱ ମନ୍ତ୍ରୀ ଥିଲାବେଳେ ଜମିଦାରୀ ଉଚ୍ଛେଦ ଆଇନ ତିଆରି କରୁଥିଲା । ମାମୁ ତ ରାଜନୀତିରେ ପଶି କ୍ଷମତାଆଡୁ ମୁହଁ ମୋଡ଼ି ସାରିଥିଲା । ସାଧାରଣ ନିକିତିରେ ତଉଲିଲେ ମାମୁର ଓଜନ ବହୁତ ଊଣା । ମାମୁ ନିଶ୍ଚୟ କିଛି ଲେଖା ଲେଖି କରୁଥିଲା । ପୁରୁଣା ଗ୍ରାମସେବକ ପତ୍ରିକା ଖୋଜିଲେ ମାମୁର ଲେଖା ବାହାରିବ । ମାମୁ ଜାତୀୟ କବି ବୀରକିଶୋର ଦାସଙ୍କ ସମ୍ପାଦିତ 'ମୋ ଦେଶ" ପତ୍ରିକାରେ ପିଲାଙ୍କ ପାଇଁ ମଝିରେ ମଝିରେ ଲେଖୁଥିଲା । ମାମୁର ସେ କଲମ ଚାଷର ନମୁନା ସଂଯୋଗ ହୋଇଛି । ସେ ଲେଖାରୁ ବୋଧହୁଏ କେହି ମାମୁଙ୍କୁ ଉଦୀୟମାନ ସାହିତ୍ୟିକ ଗୋଷ୍ଠୀରେ ପୁରାଇ ନଥିବେ । ସେହି ଯୁବାବସ୍ଥାରେ ଗାନ୍ଧୀବାଦୀଙ୍କ ମଧ୍ୟରେ ମଧ୍ୟ ମାମୁ ପାକଳ ହୋଇନାହିଁ ।

ମାମୁ କ'ଣ କରୁଥିଲା ? ମାମୁର ସେ ସମୟର ଦୈନନ୍ଦିନ ଜୀବନଯାତ୍ରା, ତା'ର ସାଧନା, ତା'ର ସ୍ୱାଧ୍ୟାୟ, ମନନ, ଚିନ୍ତନର ଏକ ମାତ୍ର ଜୀବିତ ସାକ୍ଷୀଙ୍କଠାରୁ

Digitized by srujanika@gmail.com

ତଥ୍ୟ ସଂଗ୍ରହ କଲେ କିଛି ଆଭାସ ମିଳିପାରେ । କିନ୍ତୁ କାହାର ଧୈର୍ଯ୍ୟ ଓ ଏକନିଷ୍ଠ ପ୍ରଚେଷ୍ଟା ଅଛି ଯେ ମାମ୍‌ନାଠାରୁ ସେ ସବୁ ସଂଗ୍ରହ କରିବ ? ମୋର ତ ନାହିଁ । ମାମୁର ସର୍ବଶ୍ରେଷ୍ଠ ସହଜାତ ପ୍ରବୃତ୍ତି : ବିଶ୍ଳେଷଣାତ୍ମକ ମେଧା । ମାମୁର ମସ୍ତିଷ୍କ ଯେଉଁ କ୍ଷୀପ୍ରଗତିରେ ବିଶ୍ଳେଷଣ କରେ ତା'ର ପଟ୍ଟାନ୍ତର ମୁଁ କ୍ୱଚିତ୍ ଦେଖିଛି । ସେ ଦୃଷ୍ଟିରୁ ମାମୁର ଏ ଶକ୍ତି ସର୍ବଶ୍ରେଷ୍ଠ । ବୈଜ୍ଞାନିକମାନଙ୍କର ବିଶ୍ଳେଷଣାତ୍ମକ ଶକ୍ତି ସହିତ ତୁଳନୀୟ । ଅତିରଞ୍ଜିତ ହେଲା କି ? ଆଖର ମୋ ମାମୁ ଟିକିଏ ବଢ଼େଇକରି ହେଲା ତ କ'ଣ ହେଲା ? ଯେଉଁମାନେ ମାମୁକୁ ଅତି ନିକଟରୁ ଦେଖିଛନ୍ତି, ମାମୁ ସହିତ ତାତ୍ତ୍ୱିକ ତର୍କ ବିତର୍କ କରି ଆସିଛନ୍ତି ସେମାନେ କହନ୍ତୁ ତ ମାମୁ ଭଳି ତତ୍ତ୍ୱନିଷ୍ଠ, ସାରଗର୍ଭକ ଆଲୋଚନା, ସମାଲୋଚନାର ଅଭିଜ୍ଞତା ଆଉ କେତେଜଣଙ୍କ ସାହଚର୍ଯ୍ୟରେ ଘଟିଛି ?

ବରୀରେ ମାମୁ ନିରବଚ୍ଛିନ୍ନ, ଏକାଗ୍ର ସାଧନାରେ ବ୍ରତୀ ହୋଇ ରହିଥିଲା । ସେ ସାଧନାର ଦୁଇଟି ପରିପୂରକ ଅଙ୍ଗ - ଶରୀର ଶ୍ରମ ଓ ବୌଦ୍ଧିକ ଜ୍ଞାନ ଅର୍ଜନ । ସର୍ବୋପରି ଗାନ୍ଧୀବିଚାର ଓ ଗାନ୍ଧୀଦର୍ଶନକୁ ବିଶ୍ଳେଷଣକରି ନିଜ ଜୀବନଯାତ୍ରାରେ ପରଖିବା । ଏହା ଏକ ସୁଦୀର୍ଘ ଯୋଜନାବଦ୍ଧ କାର୍ଯ୍ୟକ୍ରମର ଅନ୍ତର୍ଗତ ଥିଲା । କିନ୍ତୁ ସମୟ ଅନ୍ୟ ମୋଡ଼ ନେଲା । ବିନୋବାଜୀ ଭୂଦାନ ଆନ୍ଦୋଳନର ଅୟମାରମ୍ଭ କଲେ । ଅହିଂସକ ପନ୍ଥାରେ ଏକ ଅର୍ଥନୈତିକ ବିପ୍ଳବର ସୂତ୍ରପାତ ହେଲା ବୋଲି ବହୁ ଗାନ୍ଧୀବାଦୀଙ୍କର ହୃଦୟଙ୍ଗମ ହେଲା । ସେମାନେ ଏହି ବିପ୍ଳବ ସ୍ରୋତସ୍ୱିନୀରେ ଝାସଦେଲେ ।

ମାମୁ, ସ୍ତ୍ରୀ ପିଲା ଘରଦ୍ୱାର ଛାଡ଼ି ବୁଲା ଫକୀରର ଝୁଲାମୁଣି ଧରି ଗାଁ ଗାଁ ଭୂଦାନ ଆନ୍ଦୋଳନର ବାର୍ତ୍ତା ପ୍ରଚାର କଲା । ଆଉ ମାମ୍‌ନା ତା'ର ଦୁଇ ଯାଆଁଳା ପିଲାଙ୍କୁ ନେଇ ଦୁଧେଇରେ ଏକା ରହିଲା । ସେତେବେଳେ ସେଇ ଜାଗାଟା ବଡ଼ ନିଛାଟିଆ । ଭୂତ, ଡାଆଣୀ, ପିତାଶୁଣୀର ସିନା ଡର ନାହିଁ ? ଚୋର, ଖଣ୍ଟଙ୍କର ତ ଦାଉ ଅଛି ? ଦୁଧେଇ ଘରର ହତାକୁ ଲାଗି ବାଗଦାର ଗୋଟିଏ ହରିଜନ ପରିବାର ପଲାମାରି ରହୁଥିଲେ । ସେଇମାନେ ନିକଟର ସାଇପଡ଼ିଶା, ସାହାଭରସା । ଆଗରୁ କହିଛି ଆମେମାନେ ଚାନ୍ଦିଲ, ବୋଧଗୟା ସର୍ବୋଦୟ ସମ୍ମିଳନୀକୁ ସପରିବାରେ ଯାଇଥିଲୁଁ । ବିନୋବାଜୀ ଓଡ଼ିଶାକୁ ଆସିବାର ଇଚ୍ଛା ପ୍ରକାଶ କଲେ । ଓଡ଼ିଶାର କର୍ମୀମାନଙ୍କ ମଧ୍ୟରେ ଉତ୍ସାହର ଲହରି ଖେଳିଗଲା ।

Digitized by srujanika@gmail.com

ମତେ ସେତେବେଳକୁ ପ୍ରାୟ ଦଶବର୍ଷ । ମୋର ବୁଦ୍ଧି ପାକଳ ନ ହୋଇଥିଲେ ବି ଦାନା ବାନ୍ଧିବାକୁ ଆରମ୍ଭ କଲାଣି । ମୁଁ ଅନେକ କଥା ବୁଝେ । କଟକରେ ଦପ୍ତରୀ କାମରେ ସାହାଯ୍ୟ ବି କରେ । ଲଫାପାରେ ଚିଠି ପୁରେଇ ଅଠା ଲଗାଇବା, ଟିକଟ ଗୋଟି ଗୋଟି କରି ଲଫାପାରେ ଲଗେଇବା ଭଳି ଛୋଟ ଛୋଟ କାମରେ ସାହାଯ୍ୟକରେ । ବଡ଼ମାନଙ୍କ କଥା ଶୁଣେ । ତେଣୁ କଥାରେ କଥାରେ ଅନେକ କିଛି ବୁଝୁଥାଏ - ସମାଲୋଚନା ବି ଶୁଣେ । ବିନୋବାଜୀ ଜାନୁଆରୀ ୨୬ରେ ଲକ୍ଷ୍ମଣନାଥଠାରେ ଓଡ଼ିଶା ପ୍ରବେଶ କଲେ । ଓଡ଼ିଶା ଭୂଦାନ ଯଜ୍ଞ ସମିତି ଗୋଟାଏ ପୁରୁଣା ଜିପଗାଡ଼ି ଖରିଦି କଲେ । ତା'ର ଡ୍ରାଇଭର ବାବୁଭାଇ - ବାବୁମିଆଁ । କଟକରୁ ସେଇ ଜିପଗାଡ଼ିରେ ବୃନ୍ଦାଭାଇ (ଜେନା) ଓ ଆଉ ଦୁଇ ତିନିଜଣ କର୍ମୀଙ୍କ ସାଙ୍ଗରେ ଆମେ ଲକ୍ଷ୍ମଣନାଥ ବାହାରିଲୁଁ - ବୋଧହୁଏ ଜାନୁଆରୀ ୨୩/୨୪ ତାରିଖ ହେବ । (ବା'ଙ୍କ ଦୈନନ୍ଦିନୀ ଦେଖିଲେ ନିଶ୍ଚୟ ସଠିକ ତାରିଖ ବାହାରିବ) । ବା' ଗାଗା ଆଉ ଅନ୍ୟ ସମସ୍ତେ ଆଗରୁ ଯାଇ ଲକ୍ଷ୍ମଣନାଥରେ ବିନୋବାଜୀଙ୍କର ସ୍ୱାଗତ ବ୍ୟବସ୍ଥା କରୁଥିଲେ । ସେ ସମୟରେ ସଡ଼କରେ ବାଲେଶ୍ୱର ଯିବା ଏତେ ସହଜସାଧ ନଥିଲା । ମହାନଦୀରେ ଆନିକଟ, ବିରୂପାରେ ଆନିକଟ । କିଛିବାଟ ହାଇ ଲେଭଲ କେନାଲ କରେ କରେ ଯାଇ ଫେର ଜଗନ୍ନାଥ ସଡ଼କ ଧରିଲୁଁ । ଧର୍ମଶାଳା ଉପର ପଟକୁ ଯାଇ ବ୍ରାହ୍ମଣୀ ନଈ ପାରହେଲୁଁ । ନଈବାଲିରେ ବାଉଁଶ, ଗଛଡାଳ ଉପରେ ମୋରମ ରାସ୍ତା । ସେଇ ରାସ୍ତା ନଈ ଧାର ପର୍ଯ୍ୟନ୍ତ ଯାଇଛି । ସେଇଠି ଯାଉଁଳି ନାହା ଉପରେ ଜିପ ଚଢ଼ିଲା । ଦୁଇଟା ନାହା ଛନ୍ଦା ଛନ୍ଦି ହୋଇ ଯୋଡ଼ିଦେଇ ତା' ଉପରେ ପଟା ପିଟିଦେଇ ଥାଆନ୍ତି । ଗାଡ଼ି ତାହାରି ଉପରେ ଚଢ଼ିଲା । ଚକାକୁ ବୋଧହୁଏ ନାହାରେ ବାନ୍ଧି ଦୁଇପଟେ କାଠରେ ଠେସ ଦେଇଦେଲେ । ସେ ପାରିରେ ଓହ୍ଲେଇ ଆମେ ବାଲେଶ୍ୱର ଆଡ଼କୁ ଚାଲିଲୁଁ । ଖରସ୍ରୋତା ଓ ବୈତରଣୀ ମଧ ସେମିତି ଯାଉଁଳି ନାଆରେ ପାରିହେଲୁଁ । ଭଦ୍ରକରେ ସାଳନ୍ଦୀ ନଈ ଉପରେ ପୋଲ ଥାଏ । ଭଦ୍ରକ ପାରି ହେଲାରୁ ବୃନ୍ଦାବନ ଭାଇ ହଠାତ୍ କହିଲେ ଚାଲ ରେମୁଣାରେ ଭାତ ଖାଇ ସେଠୁ ଲକ୍ଷ୍ମଣନାଥ ଯିବା । ବାଟରେ କାହିଁକି ହୋଟେଲରେ ଖାଇବା ? ତାଙ୍କରି କଥା ଅନୁସାରେ ବାବୁଭାଇ ବାଲେଶ୍ୱରରୁ ରେମୁଣା ଆଡ଼କୁ ମୁହେଁଇଲେ । ମାତ୍ର ଚାରି ମାଇଲର ରାସ୍ତା । ଏବେ ପନ୍ଦର ମିନିଟ୍‌ରେ ଘର ପହଞ୍ଚୁଛନ୍ତି । ସେ ସମୟରେ ଅଣଓସାରିଆ ଆବଡ଼ା ଖାବଡ଼ା ଗେଟି

Digitized by srujanika@gmail.com

ରାସ୍ତାରେ ଧକଡ଼, ଚକଡ଼ ହୋଇ ଆମେ ଗୋପିନାଥ ମନ୍ଦିରକୁ ଯେଉଁ ରାସ୍ତା ଯାଇଛି ତା'ର ଢାଲୁ ଚଟାଣରେ ଗାଡ଼ି ରଖି ଆମ ଘରକୁ ଗଲୁଁ । ସେତେବେଳକୁ ବେଳ ଗଡ଼ିଗଲାଣି । ଘରେ ତ ଆମ ସମସ୍ତଙ୍କୁ ଜାଣନ୍ତି । ଆମ ଘରେ ଭାତ ହାଣ୍ଡି କେବେ ଖାଲି ନଥାଏ । ବାରି ଗଡ଼ିଆରୁ ପାଣିଫଳ ଆଣି ସାଙ୍ଗେ କାଟିକୁଟି ତରକାରୀକରି ଆମର ସାଦର ସତ୍କାର କଲେ । ରେମୁଣାରୁ ବାହାରି ଲକ୍ଷ୍ମଣନାଥ ପହଞ୍ଚିଲା ବେଳକୁ ସୂର୍ଯ୍ୟାସ୍ତ ।

ଲକ୍ଷ୍ମଣନାଥରେ ଆମେ ସମସ୍ତେ ସେଠାକାର ସ୍କୁଲର ଗୋଟାଏ ବଖରାରେ ରହିଲୁଁ । ଓଡ଼ିଶାର ପ୍ରାୟ ସମସ୍ତ ଭୂଦାନ କର୍ମୀ ଏକତ୍ରିତ ହୋଇଥିଲେ । ବିନୋବାଜୀ ଓଡ଼ିଶାରେ ପ୍ରବେଶ କରିବା ପୂର୍ବରୁ ଲକ୍ଷ୍ମଣନାଥରେ ଦୁଇଟି ଘଟଣାର କ୍ଷୀଣ ସ୍ମୃତି ମନଭିତରେ ଏ ପର୍ଯ୍ୟନ୍ତ ରହିଯାଇଛି । ଦିନେ ରାତିରେ କ'ଣ ଗୋଟାଏ ଆଲୋଚନା ହେଲା । ମୁଁ ଶୋଇବା ପାଇଁ ମଶାରୀ ଭିତରେ ପଶିଥାଏ । ମତେ କଥାବାର୍ତ୍ତା ସ୍ୱର ଶବ୍ଦରୁ ଲାଗିଲା କିଛି ଗୋଟାଏ ଯୁକ୍ତିତର୍କ ଚାଲିଛି । ଆଲୋଚନା ବିଷୟବସ୍ତୁ ମୁଁ ଶୁଣିନଥିଲି ଆଉ ସେ ବୟସରେ ବଡ଼ ମଣିଷମାନଙ୍କ କଥାବାର୍ତ୍ତା ବିଚାର ଆଲୋଚନାରେ ମୋର ଆଗ୍ରହ ବି ନଥିଲା । ଅମିର ଡାଏରୀ, ବା'ଙ୍କର ଡାଏରୀ କିମ୍ବା ମାମୁର ଡାଏରୀ ତନଖି ଖୋଜିଲେ ନିଶ୍ଚୟ କିଛି ଉଲ୍ଲେଖନୀୟ ବିଷୟବସ୍ତୁ ମିଳିବ । ଭୂଦାନଯଜ୍ଞର ଓଡ଼ିଶା ଇତିହାସକୁ ଖୋଳତାଡ଼ କରିବା ମୋର ଉଦ୍ଦେଶ୍ୟ ନୁହେଁ ।

ଦ୍ୱିତୀୟ ଘଟଣାଟି ମୋର ମନେ ଅଛି । କଥା ପଡ଼ିଲା, ବିନୋବାଜୀଙ୍କର ହିନ୍ଦୀ ପ୍ରବଚନର ଓଡ଼ିଆ ଅନୁବାଦ କରିବ କିଏ ? ନାନା ବିଚାର ଆଲୋଚନାପରେ ସ୍ଥିର ହେଲା ମାମୁ ହିଁ ବିନୋବାଜୀଙ୍କର ପ୍ରବଚନର ଅନୁବାଦ କରିବ । ଅନୁବାଦର ଅର୍ଥ ମୁଁ ସେତେବେଳକୁ ଭଲକରି ବୁଝିଥାଏ । ଗାଗା ପ୍ରତିଦିନ ଘରେ ବସି ଅନୁବାଦ କରେ । ହିନ୍ଦୀ ପତ୍ର ପତ୍ରିକା ଏବଂ ହିନ୍ଦୀ ବହିକୁ ଗୋଟାଏ ପାଖରେ ପକାଇ ଡାହାଣ ପଟେ କାଗଜରେ ଓଡ଼ିଆରେ ଲେଖେ । ପ୍ରତି ସପ୍ତାହରେ ତାକୁ ତାଡ଼ା କରି ଲଫାପାରେ ଭରି ମତେଦିଏ । ମୁଁ ଡାକଘରେ ଦେଇ ଦିଏ । ମୋର ଅକ୍ଷର ପରିଚୟ ସାମାନ୍ୟ ବିଳମ୍ବରେ ହେଲା । ଅର୍ଥାତ୍ ମତେ ଛଅବର୍ଷ ହେଲା ଉତାରୁ ମୁଁ ଅକ୍ଷର ଚିହ୍ନି ଲେଖା ପଢ଼ାକଲି । କିନ୍ତୁ ମୋର ତିନୋଟି ଭାଷାର ବର୍ଣ୍ଣ ପରିଚୟ ସମାନ୍ତରାଳ ରୂପେ ଚାଲିଲା । ମତେ ଦଶବର୍ଷ ଧରିଲା ବେଳକୁ ମୁଁ ଛୋଟ ଛୋଟ ହିନ୍ଦୀ ଗପ ପଢ଼ି ତାର ସହଜ ସହଜ ବାକ୍ୟର ଓଡ଼ିଆ ଭାଷାନ୍ତର କରିପାରୁଥିଲି । ଗାଗା ପାଖରେ

Digitized by srujanika@gmail.com

ବସି ସରଳ ଓଡ଼ିଆ ବାକ୍ୟକୁ ମଧ ହିନ୍ଦୀରେ ଅନୁବାଦ କରିପାରୁଥିଲି । ସହଜ କଥିତ ହିନ୍ଦୀ ବି ବୁଝିପାରୁଥିଲି ।

ହିନ୍ଦୀ ପ୍ରବଚନର ଓଡ଼ିଆ ଅନୁବାଦ ବିଷୟ ମତେ ଅଡୁଆରେ ପକାଇଲା । ମୋର ଧାରଣା ହେଲା ବିନୋବାଜୀ କହି କହି ଯାଉଥିବେ ଆଉ ମାମୁ ତାଙ୍କ ପଛେ ପଛେ ଓଡ଼ିଆରେ କହି କହି ଚାଲିବ - ଏହା ଅସମ୍ଭବ । ମୋ ଅଳ୍ପବୁଦ୍ଧିରେ ମୁଁ ଧରିନେଲି ସେମିତି କିଛି ହୋଇ ନପାରେ । ନିଜକୁ ନିଜେ ବୁଝେଇ ଦେଲି - ଦିନକପରେ ତ ସବୁ ସାଫ୍ ହୋଇଯିବ । ଆମେ ସମସ୍ତେ ଅଣଉଦିଆରୁ ଉଠି ଓଡ଼ିଶା - ବଙ୍ଗପ୍ରେଦଶର ସୀମାକୁ ଗଲୁ । ଓଡ଼ିଶାବାସୀଙ୍କ ତରଫରୁ ବିନୋବାଜୀଙ୍କର ସ୍ୱାଗତ ସମ୍ବର୍ଦ୍ଧନା କିଏ କଲେ ମୋର ମନେ ନାହିଁ । ସ୍ୱାଗତ ଅଭିଭାଷଣରେ କ'ଣ କ'ଣ କହିଥିଲେ ଆଦୌ ମନେ ନାହିଁ । ବଙ୍ଗ ପ୍ରଦେଶର ପ୍ରଧାନ ଭୂଦାନକର୍ମୀ ବିଦାୟ ଭାଷଣରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ବାଷ୍ପରୁଦ୍ଧ କଣ୍ଠରେ ବିନୋବାଜୀଙ୍କୁ ବଙ୍ଗରୁ ବିଦାୟଦେଲେ । ବିନୋବାଜୀଙ୍କର ଭାଷଣକୁ ମାମୁ କେମିତି ଅନୁବାଦ କଲା, ଭାଷଣର ବିଷୟବସ୍ତୁ କ'ଣ ଥିଲା ମୋର କିଛି ମାନେ ନାହିଁ ।

ସେଦିନ ସନ୍ଧ୍ୟା ପ୍ରାର୍ଥନା ସଭା ମୋର ମନେ ଅଛି । ବାଣୀକଣ୍ଠ ନିମାଇ ହରିଚନ୍ଦନ ଗଳାଖୋଲି ଭକ୍ତିରେ ତନ୍ମୟ ହୋଇ "କୃପାସିନ୍ଧୁ ବଦନ" - ସେଦିନର ପ୍ରାର୍ଥନାର ଭଜନ ପର୍ବରେ ଗାଇଲେ । ବହୁ ଜନସମାଗମ ହୋଇଥିଲା । ଗୋଟିଏ ଉଚ୍ଚ ସଭାମଞ୍ଚ ତିଆରି ହୋଇଥିଲା । ତା'ଉପରେ ଗୋଟିଏ ଛୋଟ ଖଟିଆ ବୋଧ ହୁଏ ପଡ଼ିଥିଲା । ଖଟିଆ ତଳକୁ ସଭାମଞ୍ଚ ଉପରେ ମାମୁ ବସିଥିଲା । ମୋର ନଜର ଅନୁବାଦର ପ୍ରଣାଳୀ ଆଡ଼କୁ ବେଶି । ବିନୋବାଜୀ ଭାଷଣ ଆରମ୍ଭ କଲେ । ମାମୁ ଆଖିବୁଜି ସିଧା ହୋଇ ବସିଥାଏ । ଅଣ୍ଟାଠାରୁ ବେକ ପର୍ଯ୍ୟନ୍ତ ପୂରା ଲମ୍ବପାତ ହୋଇ ସିଧାସଳଖ - ଓଳମ୍ବରେ ମାପିଲେ ସୂତା ତା'ର ମେରୁଦଣ୍ଡ ଉପରେ ରହିବ । କିନ୍ତୁ ମାମୁର ମୁଣ୍ଡତଳକୁ । ବିନୋବାଜୀ ଗୋଟିଏ ବାକ୍ୟ ସମ୍ପୂର୍ଣ୍ଣ କଲାପରେ ରହିବେ । ମାମୁ ସେ ପୁରା ବାକ୍ୟଟିର ସମ୍ପୂର୍ଣ୍ଣ ଅନୁବାଦ କରିବ । ଅନୁବାଦ ଆରମ୍ଭ କଲାବେଳକୁ ମୁଣ୍ଡ ସିଧାକରି ନାସାଗ୍ର ଦୃଷ୍ଟିରେ କହିଚାଲିବ । ମାମୁ ବାଗ୍ମୀ ନୁହେଁ । କିନ୍ତୁ ନ ଝୁଣ୍ଟି ପୁରା ବାକ୍ୟର ଅନୁବାଦ କରିବ । ମୁଁ ସେ ସମୟରେ ଗୁଣୀ, ବିଦ୍ୱାନ ପଦଯାତ୍ରୀଙ୍କ ମୁହଁରୁ ଶୁଣିଛି ଯେ ବିନୋବାଜୀଙ୍କର ପ୍ରବଚନ ଅନୁବାଦ କରିବା ଅତି କଷ୍ଟସାଧ୍ୟ । କାରଣ ତାଙ୍କର ପ୍ରବଚନ ବିଚାରପୁଷ୍ଟ । ବିନୋବାଜୀ ଜଣେ ଭାଷାତତ୍ତ୍ୱବିତ୍ ଥିଲେ ।

Digitized by srujanika@gmail.com

ତାଙ୍କର ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ । ଭାରତର ପ୍ରଧାନ ପ୍ରଧାନ ଭାଷା ଉପରେ ତାଙ୍କର ଦଖଲ ଥିଲା । ତାଙ୍କ ପ୍ରବଚନରେ ସେ ମାପି ଚୁପି ଶବ୍ଦର ଶୁଦ୍ଧ ପ୍ରୟୋଗ କରୁଥିଲେ ଏବଂ ବାକ୍ୟ ସଂଯୋଜନାରେ ସେ କୁଶଳୀ ଥିଲେ । ତାଙ୍କର ଭାଷଣର କେବଳ ଆକ୍ଷରୀକ ଅନୁବାଦ କଲେ ସେ ଭାଷାନ୍ତର ଅସମ୍ପୂର୍ଣ୍ଣ ରହିଯିବ । ଭାଷାନ୍ତର ସହିତ ଭାଷଣର ଆଧ୍ୟାତ୍ମିକ ଓ ଅର୍ଥନୈତିକ ଦିଗକୁ ଧ୍ୟାନ ଦେବାକୁ ପଡ଼ିବ । କିନ୍ତୁ ମାମୁ ସେ ଅନୁବାଦରେ ଗୁରୁଦାୟୀତ୍ୱ ବହନ କଲା । ତା'ର ବି କିଛି ସମାଲୋଚନା ହେଲା । କିଆଁଖୁଣ୍ଟା ଲେଖିଲେ ଅମୁକ ଉତ୍କୃଷ୍ଟତର ଅନୁବାଦକ ଥାଉଁ ଥାଉଁ ମନମୋହନ ଚୌଧୁରୀଙ୍କୁ ଏ ଭାର ଦେବା ଏକ ପକ୍ଷପାତୀ ସିଦ୍ଧାନ୍ତ । ମୋର ପିଲାଳିଆ ବୁଦ୍ଧିରେ ମୁଁ ଯେତିକି ବୁଝିଲି ସେଥିରୁ ମୋର ମନେହେଲା ବିନୋବାଜୀ ସ୍ୱୟଂ ମାମୁର ଭାଷାନ୍ତର କରିବାର ପ୍ରତିଭାକୁ ସ୍ୱୀକାର କରିନେଇଥିଲେ । ଗୋଟିଏ ଘଟଣାର ମୁଁ ଚାକ୍ଷୁଷ ପ୍ରମାଣ ପାଇଛି । ସୋର ରହଣିର ଘଟଣା । ସୋରକୁ ପଦଯାତ୍ରା କରି ଆସିବା ପୂର୍ବ ରାତିରେ ମାମୁ ବୋଧହୁଏ ଅସାବଧାନ ହୋଇ ବାହାରେ ଶୋଇ ପଡ଼ିଥିଲା । ସୋର ପହଞ୍ଚିଲାବେଳକୁ ମାମୁର ତଣ୍ଟି ପୁରା ବସିଯାଇଛି । ପାଟିରୁ ଗୋଟିଏ ବି ଶବ୍ଦ ବି ବାହାରିବା ମୁସ୍କିଲ୍ । ତେଣୁ ସ୍ଥିର ହେଲା ସହଯାତ୍ରୀଙ୍କ ମଧ୍ୟରୁ ଆଉ ଜଣେ ଅନୁବାଦର ଦାୟିତ୍ୱ ତୁଲାଇବେ । ହୁଏ ତ ସେ ମାନସିକ ସ୍ତରରେ ହଠାତ୍ ଏ ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲେ କିମ୍ବା ବିନୋବାଜୀଙ୍କ ପ୍ରବଚନକୁ ଅନୁବାଦ କରିବା ପାଇଁ ଯାଇ ଟିକିଏ ଅସ୍ୱସ୍ତିବୋଧ କଲେ ତାହା ମତେ ଜଣା ନାହିଁ । କିନ୍ତୁ ମୁଁ ଯାହା ସଚେତନ ଅବସ୍ଥାରେ ଦେଖିଛି ଏବଂ ଶୁଣିଛି ସେଇ କଥା ଲେଖୁଛି । ସୋରରେ ବିନୋବାଜୀଙ୍କର ସକାଳ ଅଭିଭାଷଣର ଯେଉଁ ଅନୁବାଦ ହେଲା ସେଥିରେ ସେ ସନ୍ତୁଷ୍ଟ ହେଲେ ନାହିଁ । ଭାଷଣ ମଝିରେ କହିଲେ ଆଜି ମୋର ଭାଷଣର ସଠିକ ଅନୁବାଦ କଲେ ନାହିଁ । ବିନୋବାଜୀ ସେଇ ବାକ୍ୟଟି ଆଉରି ଥରେ ଦୋହରାଇ କହିଲେ ଏ ବାକ୍ୟର ମଧ୍ୟ ଅନୁବାଦ କରନ୍ତୁ । ସେଇ ବାକ୍ୟଟିର ଅନୁବାଦ ହେଲା । ମୁଁ ସେ ସମୟରେ ବିନୋବାଜୀଙ୍କର ଠିକ୍ ପଛରେ ଠିଆ ହୋଇଥିଲି । ଏତକ ତ ସର୍ବସାଧାରଣ ଶୁଣିଲେ । ଅଭିଭାଷଣ ପରିଶେଷରେ ବିନୋବାଜୀ ଉଠିଲାବେଳକୁ କହିଲେ, "ମନମୋହନ ତୋ ଧ୍ୟାନସ୍ଥ ହୋକର ପ୍ରବଚନ କୀ ଅନୁବାଦ କରତା ହୈ ।" ମାମୁର ଏକାଗ୍ରତାର ସାଧନାର ଏହା ପାରିତୋଷିକ ।

ବିନୋବାଜୀଙ୍କର ଉତ୍କଳ ପଦଯାତ୍ରା ମାମୁର ଗୋଟିଏ ଅନନ୍ୟ ସାଧାରଣ

Digitized by srujanika@gmail.com

ଅନୁଭବ, ଅନୁଭୂତି ଏବଂ ଅଭିଜ୍ଞତା, ଏଥିରେ ସନ୍ଦେହର ଅବକାଶ ନାହିଁ । ପ୍ରଥମତଃ ନିରବଚ୍ଛିନ୍ନ ଉତ୍କଳ-ବ୍ୟାପୀ ପଦଯାତ୍ରାର ଅନୁଭୂତି । ଓଡ଼ିଶାର ଗାଁ ଗଣ୍ଡା ନଈ-ପାହାଡ଼, ବିଲ-ବଣର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମାମୁ ନିଶ୍ଚୟ ଉପଭୋଗ କରିଥିବ । ଦ୍ୱିତୀୟରେ ବିନୋବାଜୀଙ୍କ ସାନ୍ନିଧ । ଗାନ୍ଧୀଜୀଙ୍କର ତିରୋଧାନପରେ ବିନୋବାଜୀ ଗାନ୍ଧୀଜୀଙ୍କର ବିଚାରଧାରାକୁ ନିଜର ଆଧ୍ୟାତ୍ମିକ ମୂଲ୍ୟବୋଧର ଅନୁବନ୍ଧର ସମନ୍ୱୟରେ ନୂଆ ରୂପ ଦେଲେ । ସେ ଏହି ଦୃଷ୍ଟିକୋଣରୁ ଏକ ସ୍ୱତନ୍ତ୍ର ବିପ୍ଳବର ମଞ୍ଚସୃଷ୍ଟିକଲେ । ବିନୋବାଜୀଙ୍କର ପଦଯାତ୍ରାରେ ମାମୁକୁ ବିନୋବାଜୀଙ୍କର ବିବର୍ତ୍ତନଶୀଳ ବିଚାର ଓ ଦାର୍ଶନିକ ତତ୍ତ୍ୱର ପ୍ରତକ୍ଷ୍ୟ ଅନୁଭବ ହେଲା । ବିନୋବା-ପ୍ରବଚନ ଅନୁବାଦ କରିବା ଫଳରେ ମାମୁର ନିଜର ବିଚାରଧାରା ଅଧିକ ପରିପକ୍ୱହେଲା । ମାମୁର ସ୍ୱାଧ୍ୟାୟ ତ ଗୋଟିଏ ବଡ଼ଗୁଣ । କିନ୍ତୁ ବିଚାର ବିନିମୟରେ ପ୍ରତ୍ୟେକଙ୍କର ମାନସିକ ବିକାଶର ପ୍ରଗତି ଦ୍ରୁତତର ହୋଇଥାଏ । ବିନୋବାଜୀଙ୍କର ଦୈନିକ କାର୍ଯ୍ୟକମର ତିନୋଟି ପ୍ରଧାନ ଅଙ୍ଗ । ବଡ଼ି ଭୋରରୁ ଉଠି ପଦଯାତ୍ରା ଆରମ୍ଭ କରନ୍ତି । ବିନୋବାଜୀ, ଜୟଦେବଭାଇ ଏବଂ ଆଉ ଜଣେ ଦୁଇଜଣ କର୍ମୀ ଲଣ୍ଠନଟିଏ ନେଇ ଆଗେ ଆଗେ ଚାଲନ୍ତି । ଏମାନଙ୍କଠାରୁ ଟିକିଏ ପଛରେ ଅନ୍ୟ ସହଯାତ୍ରୀମାନେ ଚାଲିଥାଆନ୍ତି । ପ୍ରତ୍ୟେହ ବିନୋବାଜୀ ପ୍ରାୟ ଛଅ ମାଇଲ ଚାଲନ୍ତି - କେଉଁଦିନ ଟିକେ ବେଶି, କେଉଁଦିନ ଟିକିଏ ଅଳ୍ପ । ରହଣିରେ ପହଞ୍ଚିଲା ପରେ ସାଧାରଣତଃ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରନ୍ତି । ସେହି ସ୍ୱାଗତ ସମାରୋହରେ ବିନୋବାଜୀ ଛୋଟ ଭାଷଣଟିଏ ଦେଇଥାଆନ୍ତି । ତା'ର ଅନୁବାଦ ମାମୁକରେ । ସକାଳ ବେଳା ଟିକିଏ ବିଶ୍ରାମକରି ସେ କର୍ମୀମାନଙ୍କ ସହ ବିଚାର ଆଲୋଚନା କରନ୍ତି କିମ୍ୱା କୌଣସି ବ୍ୟକ୍ତି ବିଶେଷ ଯଦି ବିଶେଷ କିଛି ଆଲୋଚନା କରିବାପାଇଁ ଆସିଥାଆନ୍ତି ତେବେ ବିନୋବାଜୀ ତାଙ୍କ ସହିତ ସମୟ ବିତାନ୍ତି । ମଝିରେ ମଝିରେ କେହି ସମାଜ ବିଜ୍ଞାନୀ କିମ୍ୱା ଅର୍ଥନୀତିଜ୍ଞ କିମ୍ୱା ଦାର୍ଶନିକ ଅଳ୍ପ କେଇଦିନ ପାଇଁ ପଦଯାତ୍ରାରେ ଯୋଗଦେଇ ବିନୋବାଜୀଙ୍କର ବିଚାର ଓ ଆଦର୍ଶକୁ ଆଲୋଚନାର ବିଷୟବସ୍ତୁକରି ତାଙ୍କ ନିକଟକୁ ଯାଆନ୍ତି । ଉପରବେଳା ଦିନେ ଦିନେ ସ୍ଥାନୀୟ କର୍ମୀ ଅଥବା ରାଜନୈତିକ ଦଳର ସମର୍ଥକମାନଙ୍କ ସହିତ କିଛି ସମୟ ପ୍ରଶ୍ନୋତ୍ତରରେ ବିତେ । ସନ୍ଧ୍ୟାବେଳକୁ ପ୍ରାର୍ଥନା ଓ ପ୍ରାର୍ଥନା ଶେଷରେ ବିନୋବାଜୀଙ୍କର ପ୍ରବଚନ । ସେ ପ୍ରବଚନର ଅନୁବାଦର ଦାୟୀତ୍ୱ ମାମୁ ଉପରେ । ବିନୋବାଜୀ ସୁବକ୍ତା । ମାପି,

Digitized by srujanika@gmail.com

ତଉଲି ଶବ୍ଦର ବ୍ୟବହାର ଏବଂ ବାକ୍ୟ ସଂଯୋଜନାର ପୋଖତ କଳାକାର । ଯଦିଓ ତାଙ୍କ ଭାଷଣରେ "ରେହଟୋରିକ" ନଥାଏ କିନ୍ତୁ ପ୍ରବଚନର ଲାଳିତ୍ୟ ଏବଂ ତାତ୍ତ୍ୱିକ ପୁଷ୍ଟିର ପଟାନ୍ତର ନାହିଁ । ମୌଳିକ ଦାର୍ଶନିକ ଭିତ୍ତିଭୂମିରୁ ନ ହଟି ନିଜର ମତକୁ ପ୍ରତିଦିନ ନୂଆ ନୂଆ ରୂପ ରେଖ ଦେଇ ଜନସାଧାରଣଙ୍କୁ ଉପସ୍ଥାପନା କରିବା କଷ୍ଟ ସାପେକ୍ଷ । ବିନୋବାଜୀଙ୍କର ବହୁ ଯୁଗର ନୀରବ ନିରବଚ୍ଛିନ୍ନ ସାଧନାରୁ ଏହା ଉତ୍ପନ୍ନ । ସେ ପ୍ରବଚନକୁ ଦିନ ପରେ ଦିନ, ମାସ ପରେ ମାସ ସକାଳ-ସନ୍ଧ୍ୟାରେ ଅନୁବାଦ କରିବା ନିମନ୍ତେ ଅନୁବାଦକଙ୍କର ସେହି ପ୍ରକାରର ଅଧ୍ୟୟନ, ଅଧ୍ୟବସାୟ ଓ ତୀକ୍ଷ୍ଣମେଧାର ସଂଯୋଗ ଆବଶ୍ୟକ । ମାମୁ ଏ ତ୍ରିଗୁଣର ଅଧିକାରୀ ଥିଲା । ବିନୋବା-ପଦଯାତ୍ରାରେ ମାମୁର ଗାନ୍ଧୀ-ବିନୋବା ଦର୍ଶନର ମୂଳଦୁଆ ଆହୁରି ମଜଭୁତ ହେଲା । ବିନୋବାଜୀ ମାମୁକୁ ଅତି ଶ୍ରଦ୍ଧା କରୁଥିଲେ । ସେ ସମୟରେ 'ବଡ଼ ସହର କହିଲେ ବାଲେଶ୍ୱର, କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ସମ୍ବଲପୁର... । ସବୁ ସହରର ଲୋକ ସଂଖ୍ୟା ଲକ୍ଷେ ତଳକୁ । ତଥାପି ବଡ଼ ସହରରେ ବିନୋବାଜୀଙ୍କ ପ୍ରାର୍ଥନା ସଭାରେ ଯଥେଷ୍ଟ ଜନ ସମାଗମ ହୁଏ । ଯେ କୌଣସି ବକ୍ତା ଅଧିକ ଶ୍ରୋତା ସମାଗମ ହେଲେ ଉତ୍ସାହିତ ହୋଇ ନିଜର ଭାଷଣର ସ୍ତରକୁ ଉଚ୍ଚମାନକୁ ନେଇଯାଆନ୍ତି । ମୁଁ ଦେଖେଁ ବଡ଼ ସଭାରେ ବିନୋବାଜୀଙ୍କର ଭାଷଣ ଟିକିଏ ଆକର୍ଷଣୀୟ । ସେତେବେଳକୁ ମୁଁ ହିନ୍ଦୀ ଭାଷା ବେଶ୍ ବୁଝି ପାରିଲିଣି । ତେଣୁ ଭାଷଣରୁ କିଛି ପରିମାଣରେ ରସ ଗ୍ରହଣ ମଧ୍ୟ କରୁଥିଲି । ଏମିତି ବଡ଼ ବଡ଼ ସଭାରେ ସଭା ମଞ୍ଚଟି ଟିକେ ଉଚ୍ଚା ହୋଇଥାଏ । ସଭାଟି ସନ୍ଧ୍ୟାପୂର୍ବରୁ ଅର୍ଥାତ୍ ଦିନ ଥାଉଁ ଥାଉଁ ଆରମ୍ଭ ହୁଏ । ଛାଇ ଲେଉଟିଲା ବେଳକୁ ପ୍ରାର୍ଥନା ଉତ୍ତାରୁ ବିନୋବାଜୀ ଟିକେ ଗଳାଖଙ୍କାରି ଗଳା ସଫା କରି ନିଅନ୍ତି । ମାମୁ ସାଧାରଣତଃ ଖାଲି ଦେହରେ ଧ୍ୟାନସ୍ଥ ହୋଇ ବସେ ।

ମାମୁ ଭାରି ସୁନ୍ଦର ଦେଖାଯାଏ । ଏମିତିରେ ମାମୁର କପାଳ, ଆଖି, ନାକ, ଭ୍ରୂଲତା, ମୁହଁ ସବୁ ସୁନ୍ଦର । ମାମୁର ଶରୀର କମନୀୟ । ମାମୁ ବର୍ଷରେ ବାରମାସ ଭୋରୁ ଉଠି ଆସନ କରେ । ଶରୀର ଠିକ୍ କୁନ୍ଦି ହୋଇ ମାଂସପେଶୀ ବହୁଳ ନୁହେଁ । ଯେଉଁ ମାଂସପେଶୀର ଯେତିକି ବିକାଶ ଆବଶ୍ୟକ, ଶରୀର ଭାରସାମ୍ୟ ରକ୍ଷାକରି ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ସହ ସମନ୍ୱୟ ରକ୍ଷାକରି ମାଂସପେଷୀ ଗଠିତ । ବାହାଦୁଇଟା ଅତି ମୋଟା ନୁହେଁ ଅଥଚ ସେ ଦୁଇ ବାହୁରେ ଯେ ଯଥେଷ୍ଟ ଶକ୍ତି ଅଛି

Digitized by srujanika@gmail.com

ଗୋଟାଏ ନଜରରେ ଜଣା ପଡ଼ିଯିବ । କାନ୍ଧ ଦେଖିଲେ ବୃଷସ୍କନ୍ଧ ବୋଲି ବାରି ହୋଇଯିବ ତା ଅର୍ଥ ନୁହେଁ ଯେ କାନ୍ଧରେ ଗୁବା ଗୁବା ହୋଇ ମାଂସପେଶୀ ଉଠି ଆଳୁ ବାତରା ଭଳି ଦିଶୁଛନ୍ତି । ଛାତି ଚଉଡ଼ା । ନିଜର ମାମୁ ବୋଲି କଅଣ ଅତି ରଞ୍ଜକ ହୋଇଗଲା କି ? ଏତେ ହୃଷ୍ଟପୁଷ୍ଟ ସମାନୁପାତର ରକ୍ତ-ମାଂସ ସମ-ମଣିଷ ମୁଁ ପ୍ରାୟ ଦେଖିନାହିଁ - ଥିବେ ନିଶ୍ଚୟ କିନ୍ତୁ ଏ ଆଖି ଦିଓଟି ଦେଖିନାହାନ୍ତି । ଦେଖିଲି । ୧୯୮୬ ମସିହା ଜୁଲାଇ ମାସରେ ଫ୍ଲରେନ୍ସରେ ଦେଖିଲି । ମିକାଏଲ ଆଞ୍ଜେଲୋର ଡାଭିଡ । କିନ୍ତୁ ସେ ତ ଶଙ୍ଖ ମର୍ମରେ ପଥରର ଡାଭିଡ଼ । ସେ ତ ଚାଲ ବୁଲ କରେ ନାହିଁ, ସେ ତ କଥା କହିପାରେ ନାହିଁ । ସେ ତ ମନଖୋଲା ହସ ହସେ ନାହିଁ ନା ତା'କୁ କାଲ୍‌କୁଲସ ଜଣା । ମାମୁ ତ ଏ ସବୁ କିଛି କିରିପାରେ ସଜୀବ ରକ୍ତମାଂସର ମଣିଷ । ଏବେ ବି ମନଶ୍ଚକ୍ଷୁରେ ଦେଖି ପାରୁଛି ସେଇ ଅସ୍ତସୂର୍ଯ୍ୟର କିରଣ ମାମୁ ଫୁଙ୍ଗୁଲା ଦେହ ଉପରେ ଅଜାଡ଼ି ହୋଇ ପଡୁଛି । ଆଉ ମାମୁ । ମାମୁ ଧ୍ୟାନସ୍ତ ହୋଇ ମୁଣ୍ଡ ନୁଆଁଇ ବିନୋବାଜୀଙ୍କର ସନ୍ଧ୍ୟା ପ୍ରବଚନର ମୁଖନିଃସୃତ ପ୍ରଥମ ବାକ୍ୟକୁ ଅନୁବାଦ କରିବାପାଇଁ ପ୍ରସ୍ତୁତ ।

ଆମେମାନେ ବରୀ-ରାମଚନ୍ଦ୍ରପୁର ଚାଲିଯାଉଁ । ମଝିରେ ମଝିରେ ଆସି ପଦଯାତ୍ରାରେ ଯୋଗ ଦେଉଁ । ମୋର ଧାରଣା ବଡ଼ ବଡ଼ ସହର କିମ୍ବା ତା'ର ଆଖପାଖରେ ରହଣି ପଡିଲାବେଳକୁ ଜନସମାଗମ ଅଧିକ ହୁଏ । ଉପରନ୍ତୁ ପଦଯାତ୍ରୀଙ୍କ ସଂଖ୍ୟା ବି ବଢ଼ି ଯାଏ କାରଣ ଅନ୍ୟ ପ୍ରଦେଶର ନେତୃସ୍ଥାନୀୟ ଭୂଦାନଯଜ୍ଞର କର୍ମକର୍ତ୍ତା ବିନୋବାଜୀଙ୍କ ସହିତ ଆଲୋଚନା ଓ ପରାମର୍ଶ କରିବାକୁ ଆସନ୍ତି । ସେହି ସମୟରେ ଗାଗା ଆଉ ମାମୁନାଙ୍କୁ ଏ ଅତିଥି ଚର୍ଚ୍ଚାର ଭାର ତୁଲେଇବା ପାଇଁ ହୋଇଥାଏ । ଆମେ ସମସ୍ତେ କେତେ ଦିନ ରହି ପୁଣି ଫେରିଯାଉଁ । ମୁଁ ବାଲେଶ୍ୱରଠାରୁ ଭଦ୍ରକ ପର୍ଯ୍ୟନ୍ତ ପଦଯାତ୍ରାରେ ଥିଲି । ବିନୋବାଜୀ ରାମଚନ୍ଦ୍ରପୁରରେ ଆସି ପହଞ୍ଚିଲାବେଳକୁ ମୁଁ ରାମଚନ୍ଦ୍ରପୁରରେ ଉପସ୍ଥିତ ନଥିଲି । ସେ ବର୍ଷ ସର୍ବୋଦୟ ସମ୍ମିଳନୀ ପୁରୀରେ ହେଲା । ଓଡ଼ିଶାର ସବୁ କର୍ମୀମାନେ ମିଶି କାମ ତୁଲାଇଲେ । ଖାଇବା ଓ ଆବାସର ସୁବ୍ୟବସ୍ଥାକୁ ସବୁ ଅତିଥିମାନେ ପ୍ରଶଂସା କଲେ । ବିନୋବାଜୀ କୋରାପୁଟ ଜିଲ୍ଲାରେ ବହୁଦିନ ଧରି ପଦଯାତ୍ରା କଲେ । ସେଠାରେ ଆନ୍ଦୋଳନ ବହୁ ପରିମାଣରେ ସଫଳ ମଧ୍ୟ ହେଲା । ବିନୋବାଜୀ ଓଡ଼ିଶାରୁ ବିଦାୟ ନେଇ ଆନ୍ଧ୍ରପ୍ରଦେଶରେ ପ୍ରବେଶ କଲେ । ଜେଜେ ଓଡ଼ିଶାର

Digitized by srujanika@gmail.com

ସର୍ବୋଦୟ ପରିବାରର କର୍ମୀମାନଙ୍କ ପକ୍ଷରୁ ବିଦାୟ ଭାଷଣ ଦେଲେ । ସେ ସମୟରେ ଢେଢେ ମଧ୍ୟ ଭାବ ବିହ୍ୱଳ ହୋଇଗଲେ, ତାଙ୍କର କଣ୍ଠସ୍ୱର ଭାଙ୍ଗିଗଲା । ମୁଁ ଢେଢେଙ୍କୁ ଭାବବିହ୍ୱଳ ହେବାର କେବେ ବି ଦେଖିନଥିଲି । ଆନ୍ଧ୍ରପ୍ରଦେଶ ତରଫରୁ ବିନୋବାଜୀଙ୍କୁ ଯେଉଁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା ତା'ର ଉତ୍ତରରେ ବିନୋବାଜୀ ଯେଉଁ ଭାଷଣଦେଲେ ତା'ର ତେଲୁଗୁ ଅନୁବାଦ ଅଧ୍ୟାପକ ଗୋରାଙ୍କର ସୁପୁତ୍ର ଲବଣମ୍ ଭାଇ କରିଥିଲେ । ଲବଣ ସତ୍ୟାଗ୍ରହ ସମୟରେ ସେ ଜନ୍ମ ହୋଇଥିଲେ ବୋଲି ନାମ ରହିଲା - ଲବଣମ୍ ।

ମୁଁ ଟିକିଏ ବେଶି ବୟସରେ ସ୍କୁଲ ଗଲି । ମୋର ଅକ୍ଷର ପରିଚୟ ତ ଛଅ ବର୍ଷ ବୟସରେ ହୋଇଥିଲା । ମୁଁ ଘରେ ଗାଗା ପାଖରେ ବସି ଓଡ଼ିଆ, ବଙ୍ଗଳା ଆଉ ହିନ୍ଦୀ ଶିଖିଲି । ଗାଗା ଅଙ୍କ ବି ପଢ଼େଇ ଦେଉଥିଲା । ମୋର ପାଠ ପଢ଼ା ଆରମ୍ଭ ହେଲାବେଳକୁ ବା' ବେଶି ସମୟ ଭୂଦାନ କାମରେ ଦେଉଥିଲେ । ମୋ ଉପରେ ବି ପାଠ ପଢ଼ିବାର ଚାପ ନଥିଲା । ମୁଁ ବେଳେବେଳେ ବରୀରେ ଦୁଧେଇ ଘରେ ମାମ୍ନା ଆଉ ନାନା-ନାନୀଙ୍କ ସାଙ୍ଗରେ ରହେ । ଆମେ ତିନିଭାଇଭଉଣୀ ସାଙ୍ଗ ହୋଇ ଖେଳୁ ଆଉ କଳି କଜିଆ ବି କରୁ । ବରୀରେ ମାମ୍ନା ଏକା ଆଉ ରାମଚନ୍ଦ୍ରପୁରରେ ଗାଗା ଏକା । ମାମୁ ଆଉ ବା' ଭୂଦାନ କାମରେ ଲାଗି ଥାଆନ୍ତି । ମାମୁ ବାହାରେ ବାହାରେ ଥିଲେ ବି ମଝିରେ ମଝିରେ ବରୀ ଆସେ । କେଇଦିନ ରହି ପୁଣି ତା' କାମରେ ଚାଲିଯାଏ । ମାମୁ ପ୍ରତି ସପ୍ତାହରେ କିମ୍ବା ପନ୍ଦର ଦିନରେ ତା'ର ସବୁ ଦାୟିତ୍ୱ ସତ୍ତ୍ୱେ ଲମ୍ବା ଲମ୍ବା ଚିଠି ଲେଖେ । ସେ ଚିଠି ମୁଖ୍ୟତଃ ନାନା-ନାନୀଙ୍କ ପାଇଁ ଉଦ୍ଦିଷ୍ଟ । ସେ ଚିଠିରେ ଧାରାବାହିକ ଭାବରେ କ୍ରମାନ୍ୱୟରେ ବିଜ୍ଞାନକୁ ସରଳ, ସରସ ଓ ସୁଖପାଠ୍ୟ କରି ଲେଖେ । ମାମୁ ସେ ସମୟରେ ଲିପି ସଂସ୍କାରରେ ବି ମାତି ଥାଏ । ଓଡ଼ିଆ ଭାଷାରେ ମାତ୍ରା ସବୁ ଉପର ତଳ ହୋଇ ଯୋଗ କରାଯାଏ । ଫଳରେ ଛାପାଖାନାରେ ଅକ୍ଷର ଖଞ୍ଜିଲାପରେ ସେ ଫର୍ମା ଛାପାଖାନରେ ବସାଇ ଛାପିଲା ବେଳକୁ ଅକ୍ଷରର ଉପରେ ଓ ତଳେ ଥିବା ମାତ୍ରା ଅନେକ ସମୟରେ "ଉଡ଼ି" ଯାଆନ୍ତି । ଯେମିତି ଶିଳାଗୃହବାସୀ - ଶଳାଗହବାସୀ... । ମାମୁ ଓଡ଼ିଆ ଲିପିର ସଂସ୍କାର କରିବାର ପ୍ରଚେଷ୍ଟା କଲା । ଯୁକ୍ତାକ୍ଷରକୁ ବିଭାଜନ କରି ଯେଉଁ ଦୁଇଟି ଅକ୍ଷରମିଶି ଯୁକ୍ତାକ୍ଷରଟିର ସୃଷ୍ଟି ସେଇ ଦୁଇଟି ଅକ୍ଷରକୁ ମିଳାଇବାର ନିୟମ ତିଆରି କଲା । 'ଉ'କାର ଅକ୍ଷରର ତଳେ ନ ଲାଗି ଏକା ଧାଡ଼ିରେ ଲାଗିଲା ।

Digitized by srujanika@gmail.com

କଉଠୁ ଆରମ୍ଭ କରି କଉଠି ପହଞ୍ଚିଗଲିଣି । ମାମୁର ଚିଠି ମୋ ପକ୍ଷରେ ପଢ଼ିବା ପ୍ରାୟ ଅସମ୍ଭବ । ନାନା-ନାନୀ ତ ମୋ'ଠାରୁ ବୟସରେ ସାନ । ମାମ୍ନା ସେଇ ଚିଠି ଝୁଣ୍ଟି ଝୁଣ୍ଟି ପଢ଼େ । କିନ୍ତୁ ସେ ଚିଠିର ବିଷୟବସ୍ତୁର ଆକର୍ଷଣ ଏପରି ଯେ ଆମେ ମାମୁର ଚିଠିକୁ ଚାତକ ପରି ଚାହିଁ ବସିଥାଉଁ । ସେ ଚିଠିରେ ମାମୁ ଛବି ଆଙ୍କି ବିଜ୍ଞାନର ତତ୍ତ୍ୱ ବୁଝାଇଥାଏ । ଉଦାହରଣ ସ୍ୱରୂପ ଅଣୁ ବିଷୟରେ ଯେଉଁ ଚିଠି ଆସିଲା ସେଥିରେ ଇଲେକ୍ଟ୍ରନ କିପରି ନ୍ୟୁକ୍ଲିଅସ୍ ଚାରିପଟେ ଚକା ଭଉଁରୀ ଖେଳୁଛି ସେଇଟା ଗୋଟାଏ ଛବି ଆଙ୍କି ବୁଝେଇ ଦେଇଛି । ପାଣିର ରାସାୟନିକ ବିଶ୍ଳେଷଣରେ ଅମ୍ଳଜାନର ଦୁଇ ହାତକୁ ଦୁଇଟି ଉଦ୍‌ଜାନ ଧରିଛନ୍ତି । ସେ ଚିଠିରେ ମାମୁ ରସାୟନଶାସ୍ତ୍ର ଓ ପଦାର୍ଥବିଦ୍ୟାର ଅନେକ ମୌଳିକ ତତ୍ତ୍ୱକୁ ଆମରି ବୟସର ପିଲା ବୁଝିବା ଭାଷାରେ ବୁଝାଇଥିଲା ଓ ନାନାପ୍ରକାରର ଚିତ୍ରକରି ସେ ବିଜ୍ଞାନର ମୂଳଦୁଆ ପ୍ରସ୍ତୁତ କରୁଥିଲା । କୌଣସି କୌଣସି ଚିଠିରେ ମାମୁ ଉଦ୍ଭିଦବିଜ୍ଞାନ ଓ ପ୍ରାଣୀବିଜ୍ଞାନ କଥା ବି ଲେଖୁଥିଲା । ଗୋଟାଏ ଚିଠିର ବିଷୟବସ୍ତୁ ଥିଲା ଏମିବା । ଏମିବା କେମିତି ଖାଏ ? ସବୁଠାରୁ ମଜାର ବର୍ଣ୍ଣନା ଥିଲା ଏମିବା କେମିତି ଦୁଇଭାଗ ହୋଇଯାଏ । କେତେଗୁଡ଼ିଏ ଛବି କ୍ରମାନ୍ୱୟରେ ଏମିବାର ବିଭକ୍ତି କରଣର ପ୍ରକ୍ରିୟାକୁ ସୁସ୍ପଷ୍ଟ କରିଦେଲା - ଠିକ୍ ଚଳଚ୍ଚିତ୍ର ଦେଖିଲାପରି ମନେହେଲା । ମାମୁ ବରୀ ଆସିଲେ ଦିନେ ଓଳିଏ ପାଇଁ ରାମଚନ୍ଦ୍ରପୁର ଆସେ । ତା'ର ଅତିପ୍ରିୟ 'ଚୁନୀ' ସାଙ୍ଗରେ ଦେଖାକରି ଫେରିଯାଏ । ଆମେ ବରୀ-ରାମଚନ୍ଦ୍ରପୁରରେ ଅଲଗା ହୋଇ ୧୯୫୭ ମସିହା ପର୍ଯ୍ୟନ୍ତ ରହିଲୁ - ଯିବା ଆସିବା ତ ଲାଗିଥାଏ । ୧୯୫୭ ମସିହା ବେଳକୁ ମାମ୍ନା ନାନୀ-ନାନାଙ୍କୁ ନେଇ ରାମଚନ୍ଦ୍ରପୁରରେ ରହିଲା । କି କାରଣରୁ ଏପରି ନିଷ୍ପତ୍ତି ନିଆଗଲା ମୋତେ ଅଜଣା । କାରଣ ଅନେକ ଥାଇପାରେ । ଅମିର, ମାମୁର ଆଉ ବା'ଙ୍କର ଡାଏରୀ ମିଳାଇଲେ ଜଣାପଡ଼ିବ । ସେଥିକୁ ମୋର ଧୈର୍ଯ୍ୟନାହିଁ କିମ୍ୱା ସ୍ପୃହା ନାହିଁ । କାରଣ ତ ବହୁତ ଥାଇପାରେ । ବିନୋବାଜୀ ନିଧିମୁକ୍ତି, ତନ୍ତ୍ରମୁକ୍ତି କଥା କହିଲେ । ସେ ଜୋର ଦେଇ କହିଲେ, ୧୯୫୭ରେ ଗ୍ରାମ ସ୍ୱରାଜ୍ୟ ସଫଳ ହେବ । "ଗାଓଁ କି କ୍ଷେତୀ, ଗାଓଁକୀ ରାଜ ସତାବନମେଁ ହୋ ସ୍ୱରାଜ ।" କର୍ମୀମାନେ ଲୋକ ଆଧାରିତ ହୋଇ ଚଳିଲେ । ଗାଗା ତ ତା' ଆଗରୁ ଗାନ୍ଧୀସାହିତ୍ୟ, ବିନୋବା ବିଚାର ପ୍ରଭୃତି ହିନ୍ଦୀରୁ ଓଡ଼ିଆ ଅନୁବାଦ କରି ଘର ଚଳାଉଥିଲା । ମାମ୍ନା ପକ୍ଷରେ ଏକାକି ଦୁଧେଇ ସମ୍ଭାଳିବା ବୋଧହୁଏ ସମ୍ଭବ ହୋଇନଥିବ । ଦ୍ୱିତୀୟତଃ ରାମଚନ୍ଦ୍ରପୁର

Digitized by srujanika@gmail.com

ମୌଳିକ ବିଦ୍ୟାଳୟରେ ଉତ୍ତର ମୌଳିକ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଅର୍ଥାତ୍ ନବମରୁ ଏକାଦଶ ସୋପାନ ଖୋଲିଲା । ଉତ୍ତର ମୌଳିକ ବିଭାଗରେ ଗଣିତ ଓ ବିଜ୍ଞାନ ଶିକ୍ଷାଦେବା ପାଇଁ ଶିକ୍ଷକ/ଶିକ୍ଷୟତ୍ରୀଙ୍କର ଆବଶ୍ୟକତା ପଡ଼ିଲା । ରାମଚନ୍ଦ୍ରପୁର ବିଦ୍ୟାଳୟର ଶିକ୍ଷକମାନଙ୍କର ପାରିଶ୍ରମିକ ଅଧିକ ନଥିଲା । ଏହି ସ୍ୱଳ୍ପ ପାରିଶ୍ରମିକରେ କୌଣସି କଲେଜ ପଢ଼ୁଆ ବିଜ୍ଞାନ ସ୍ନାତକ ଆସି ରାମଚନ୍ଦ୍ରପୁରରେ ରହିବାର ଆଶା କ୍ଷୀଣ ହୋଇଥିବ ନିଶ୍ଚୟ । ମାମ୍ନା ଉତ୍ତର ମୌଳିକ ବିଭାଗରେ ଯୋଗଦେଲା । ତା'ର ସହକର୍ମୀ ଭାବରେ ଅଣିକଣାର ପଦ୍ମନାଭ ଭାଇ (ଜେନା) ଯୋଗଦେଲେ । ସେ ସେବାଗ୍ରାମରେ ଉତ୍ତମ ମୌଳିକ କାର୍ଯ୍ୟକ୍ରମର ଛାତ୍ର ଥିଲେ ।

କାରଣ ଯାହା ହୋଇଥାଉ ପଛେ ଏ ନିଷ୍ପତ୍ତି ଆମ ଚାରି ଭାଇଭଉଣୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦଦାୟକ ଥିଲା । ରାମଚନ୍ଦ୍ରପୁରର ଦୁଇ ବଖରା ଚାଳଘରେ ଆମେ ସମସ୍ତେ ରହିଲୁ । ଗୋଟିଏ ବଖରା ଟିକିଏ ବଡ଼, ସେଥିରେ ଚାରୋଟି ଆମ ମାପ ମୁତାବକ କାଠ ଖଟ ପଡ଼ିଲା । ସେ ବଖରାକୁ ଲାଗି ଆଉ ଗୋଟିଏ ଛୋଟ ବଖରା । ସେଇଠି ରୋଷେଇ ହୁଏ. ତାରି ଭିତରେ ଭଣ୍ଡାର ଘର । ଆମେ ଚାରିଜଣ ସାଙ୍ଗ ହୋଇ ଖେଳୁଁ । ନାନା ଆଉ ମୁଁ ଗଛ ଚଢ଼ିବାରେ ପାରଙ୍ଗମ । ନଈ ପହଁରି ପାରୁ । ବୁଢ଼ିମା' ବାରି ପଟେ ଠିଆ ହେଲେ ବ୍ରାହ୍ମଣୀ ନଈ । ସବୁଠାରୁ ଲାଭଜନକ ବିଷୟଟି ହେଲା ଯେ ମାମୁ ଆସିଲେ ଆମ ସମସ୍ତଙ୍କର ଆଉରି ମଜା । ମାମୁ ସାଙ୍ଗରେ ନଈକୁ ପହଁରିବାପାଇଁ ଯାଉଁ । ଆମେ ଟିକେ ବଡ଼ ହୋଇଗଲୁଣି । ମାମୁର ସେ ଆଡ଼କୁ ନଜର । ରିଡରର୍ସ ଡାଇଜେଷ୍ଟରୁ ଗପ ପଢ଼ି ଶୁଆଏ । ଇଂରାଜୀ ବାକ୍ୟଟି ପଢ଼ି ତା'ର ଓଡ଼ିଆ ଅନୁବାଦ କରେ । ଆମେ ଚାରିହେଁ ସେତେବେଳକୁ ଇଂରାଜୀ ଶିଖି ନଥିଲୁ । ଆମର ପ୍ରାୟ ବର୍ଣ୍ଣ ପରିଚୟ ହୋଇଥିଲା । ଏଥିରୁ ଗୋଟାଏ ବଡ଼ ସୁଫଳ ହେଲା ଯେ ଔପଚାରିକ ଭାବରେ ଇଂରାଜୀ ନ ପଢ଼ିଥିଲେ ବି ଆମେ ଅନେକ ପରିମାଣରେ ଇଂରାଜୀ ବୁଝିପାରିଲୁଁ ଆଉ ଭଙ୍ଗା ଭଙ୍ଗା ଭୁଲ୍ ଭାଲ୍ ବାକ୍ୟ ବି କହିଲୁଁ । ମାମୁ ଆମର ବୟସୋପଯୋଗୀ ବଙ୍ଗଳା ଶିଶୁସାହିତ୍ୟ ପଢ଼ି ଶୁଣାଏ । ଶିଶୁ ସାହିତ୍ୟ ରଚନାରେ ବଙ୍ଗଳା ଭାଷାର ପରମ୍ପରା ରହି ଆସିଛି । ଶିଶୁ ସାହିତ୍ୟରେ ବଙ୍ଗ-ଭାଷା ସମୃଦ୍ଧ । ମାମୁ ନାନା ରକମର ବଙ୍ଗଳା ଗପ ବହି ପଢ଼ି ଶୁଣାଏ - ପ୍ରେମେନ୍ଦ୍ର ମିତ୍ର, ସୁନୀଲ ଗଙ୍ଗୋପାଧ୍ୟାୟ । ଏମାନେ ସେତେବେଳେ ନବୀନ, ଯୁବକ ସାହିତ୍ୟିକ । ପିଲାଙ୍କ ପାଇଁ ମଜାର ମଜାର ଗପ ଲେଖନ୍ତି । କିନ୍ତୁ ତା'ର

Digitized by srujanika@gmail.com

ଅନ୍ତରାଳରେ ପୃଥିବୀର ଭୂଗୋଳ, ବିଦେଶର ଚାଲିଚଳଣର ବର୍ଣ୍ଣନା ଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଘଟଣାବଳୀକୁ ଛନ୍ଦି ବି କାହାଣୀର ରଚନା । ଗୋଟାଏ ଗପର ବିଷୟ ବସ୍ତୁ ଥିଲା ଯେ ଦୁଇଜଣ ଜର୍ମାନ ନାଜି ଆଫ୍ରିକାରେ ଇଉରାନିୟମର ଖଣିର ଆବିଷ୍କାର ପାଇଁ ବୁଲୁଛନ୍ତି । ଆଉ ମୁଖ୍ୟ ନାୟକ କିପରି ସେ ଦୁଇ ଜଣଙ୍କର ପ୍ରୟାସକୁ ବିଫଳ କରୁଛି ... ।

ସୟଦ ମୁସ୍ତାଫା ଅଲ୍ଲି ଆଉ ଜଣେ ବିଖ୍ୟାତ ସାହିତ୍ୟିକ । ଅଲ୍ଲିଙ୍କର ରଚିତ ଭ୍ରମଣ କାହାଣୀ ବଙ୍ଗ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ମୁସ୍ତାଫା ଅଲି ଜଣେ ବିଦ୍ୱାନବ୍ୟକ୍ତି ଓ ସେ ଅନେକ ଭାଷା ଅକ୍ତିଆର କରିଥିଲେ । ସେ ୟୁରୋପ ଓ ଏସିଆର ବିଭିନ୍ନ ଦେଶ ଭ୍ରମଣ କରି ତାଙ୍କର ଅନୁଭୂତି ଓ ଅଭିଜ୍ଞତା ସରସ ସୁନ୍ଦର ଭାଷାରେ ଲେଖି ଯାଇଛନ୍ତି । ତାଙ୍କର କାହାଣୀ ହାସ୍ୟରସରେ ଭରପୂର । ଆମକୁ ତାଙ୍କର ଦେଶ-ବିଦେଶେ, ଜଲେ ଡାଙ୍ଗାଏ ବହି ଶୁଣିବା ପାଇଁ ମଜାଲାଗେ । ସେ ଘଟଣାବଳୀ ଗଳ୍ପଛଳରେ ଓ ସେହି ଛନ୍ଦରେ ବର୍ଣ୍ଣନାକରି ଥାଆନ୍ତି । ସେହି ଗଳ୍ପଗୁଚ୍ଛରେ ବିଭିନ୍ନ ଦେଶର ସଂସ୍କୃତି, ସାମାଜିକ ଆଚାର ବ୍ୟବହାର, ଚାଲିଚଳନର ବର୍ଣ୍ଣନା ଥାଏ । ଉପରନ୍ତୁ ବିଭିନ୍ନ ଦେଶର ସାମାଜିକ ବ୍ୟବସ୍ଥା, ଆଦବ କାଏଦା ବି ଲିପିବଦ୍ଧ । ଗୋଟିଏ କାହାଣୀରେ ସମ୍ଭ୍ରାନ୍ତ ଜର୍ମାନ ପରିବାରରେ ଖାଇବା ଟେବୁଲରେ ବସି କିପରି ଖାଇବ ତା'ର ଏକ ସୁନ୍ଦର ବର୍ଣ୍ଣନା ରହିଛି । ଚଉକିରେ ସିଧା ହୋଇ ବସିବ ଖାଇବାବେଳେ ସୁଡ଼ଶାଡ଼ ଶବ୍ଦ କରିବ ନାହିଁ । ଛୁରୀ, କଣ୍ଟାଚାମଚ, ଏମିତି ବ୍ୟବହାର କରିବ ଯେ, ସେ ବାସନରେ ବାଜି ଟୁନ୍ ଟାନ୍ ଶବ୍ଦ ବାହାରିବ ନାହିଁ । ଖାଇବା ପାଟିକୁ ନେଲାବେଳକୁ ମୁହଁ ସେତିକି ମେଲା କରିବ ଖାଇବା ଯିବାପାଇଁ ଯେତିକି ଖୋଲିବା ଦରକାର । ଜିଭ ବାହାରକରି ଓଠ ଚାଟିବ ନାହିଁ । ସବୁଠାରୁ କଷ୍ଟସାଧ ଅଭ୍ୟାସଟି ହେଲା ଖାଦ୍ୟ ଚୋବାଇଲା ବେଳେ କେବଳ ଗାଲର ଉପରକୁ ଥିବା ଦୁଇପାଖର ହାଡ଼ ସାମାନ୍ୟ ଉପର ତଳ ହେଉଥିବ । ଖାଇବା ଟେବୁଲରେ ଅବଶ୍ୟ କିଛି କିଛି ବାକ୍ୟ ବିନିମୟ କରିବ । ଯଦି କୌଣସି ହାସ୍ୟୋଦ୍ଦୀପକ ବିଷୟ ଆସେ ତେବେ ହେଁ ହେଁ ଫେଁ ଫେଁ ହୋଇ ବଡ଼ପାଟିରେ ହସିବ ନାହିଁ । ମୁଁ ଥରେ ଜଣେ ଜର୍ମାନ ପ୍ରଫେସରଙ୍କ ଘରକୁ ନୈଶ୍ୟ ଭୋଜନକୁ ଆମନ୍ତ୍ରିତ ହୋଇ ଯାଇଥିଲି । ମୁସ୍ତାଫା ଅଲିଙ୍କର କାହାଣୀ ମନେପକେଇ ସେହି ପ୍ରକାରର 'ସଣ୍ଣା'ରେ ଖାଇବା ପାଇଁ ଚେଷ୍ଟାକରୁଥାଏ । ମୁଁ ଚୋରା ନଜରରେ ଗୃହସ୍ୱାମୀ ଓ ଗୃହକର୍ତ୍ତ୍ରୀଙ୍କ ଆଡ଼କୁ ଆଖି ପକାଉଥାଏ । ସେମାନଙ୍କର ଖାଇବାର ଆଦବ କାଏଦା ମୁସ୍ତାଫା ଅଲିଙ୍କର

Digitized by srujanika@gmail.com

ବର୍ଣ୍ଣନାର ସମ୍ପୂର୍ଣ୍ଣ ନକଲ ।

ଆମର ସବୁଠାରୁ ଅଧିକ ଆଗ୍ରହର ପୁସ୍ତକ ସୁକୁମାର ରାୟଙ୍କର ରଚନାବଳୀ (ସଂତ୍ୟଜିତ ରାୟଙ୍କର ପିତା ଏବଂ ଉପେନ୍ଦ୍ର କିଶୋର ରାୟ ଚଉଧୁରୀଙ୍କର ପୁତ୍ର) । ତାଙ୍କର କବିତାର ମୌଳିକ ଭଙ୍ଗିର ଆଉ କୌଣସି ନଜିର ନାହିଁ । ସେ ଅନନ୍ୟ । ସେଥିରେ ବ୍ୟଙ୍ଗ କବିତା, ହାସ୍ୟରସର କବିତା ଏବଂ ଅସମ୍ଭବ ଭିତ୍ତିର କବିତା । ସୁକୁମାର ରାୟଙ୍କୁ ପଢ଼ିଲେ ମନଟା ହାଲୁକା ହୋଇଯାଏ । ମନ କଳ୍ପନା ଜଗତରେ ଉଡ଼ିବୁଲେ । ମନେ ହେବ ଗୋରୁ ଗଛଡ଼ାଳରେ ବସିଛି, ତେନ୍ତୁଳୀ ଗଛରେ ଆମ୍ବ ଫଳିଛି । ମନକୁ ଯାହା ଆସୁଛି ଆସୁ, ସବୁ ବନ୍ଧଭାଙ୍ଗି ଗଲା ତ ଯାଉ । ସେ ବୟସରେ ଆମମାନଙ୍କୁ ଏତେ ମଜା ଲାଗୁଥିଲା ଯେ ସୁକୁମାର ରାୟଙ୍କର ଅନେକ ପଦ୍ୟ ନିଜର ଅଜାଣତରେ, ବିନା ପ୍ରୟାସରେ କଣ୍ଠସ୍ଥ ହୋଇ ଯାଇଥିଲା । କଥା କଥାକେ ଆମେ ତାଙ୍କୁ ଉଦ୍ଧୃତ ବି କରୁଥିଲୁଁ ।

ଆମେ କେବଳ ବଙ୍ଗଳା ସାହିତ୍ୟ ପଢୁଥିଲୁ ତା ନୁହେଁ । ଜାତୀୟ କବି ବୀରକିଶୋର ଦାସଙ୍କ ଦ୍ୱାରା "ମୋ ଦେଶ" ପତ୍ରିକା ବି ଆସୁଥିଲା । ସେଥିରେ ମଧ ମଜାର ମଜାର ଗଳ୍ପ ଓ କବିତା ପ୍ରକାଶ ପାଉଥିଲା । ଅନେକ କବିତାରେ ଜାତୀୟତା ବୋଧର ବାଣୀ ଅନ୍ତରାଳରେ ରହିଥିଲା - ଯଥା ଲକ୍ଷ୍ମଣ ନାୟକଙ୍କ ଫାଶୀ ପାଇବା । ପଚାଶ ଦଶକରେ ବିନୋଦମାମୁ (କାନୁନ୍‌ଗୋ) "ଶିଶୁସମ୍ପଦ" ପତ୍ରିକା ପ୍ରକାଶ କଲେ । ବିନୋଦମାମୁ ସ୍କୁଲ ପଢ଼ା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ଅମିକୁ ସେ 'ବୋଉ' ସମ୍ବୋଧନ କରୁଥିଲେ । କାରଣ ସେ ଘର ଛାଡ଼ି ଚାଲି ଆସିବାପରେ କଟକ ବାଖରାବାଦ ଘର ହିଁ ତାଙ୍କ ପାଇଁ ଘର ହୋଇ ଯାଇଥିଲା । ଗାନ୍ଧୀଜୀଙ୍କର ଓଡ଼ିଶାରେ ହରିଜନ ପଦଯାତ୍ରାସମୟରେ ସେ ପଦଯାତ୍ରୀ ଥିଲେ । ଉପରନ୍ତୁ ଜେଜେ-ଅମି ଯେଉଁ ଅଳ୍ପ କେତେଜଣ କର୍ମୀଙ୍କୁ ସାଙ୍ଗରେ ଧରି ୧୯୩୪ ମସିହାରେ ବରୀରେ ଆସି ପହଞ୍ଚିଲେ ସେମାନଙ୍କ ମଧ୍ୟରୁ ବିନୋଦମାମୁ ଜଣେ । ସେ ଜେଲରେ ସ୍ୱାଧ୍ୟାୟ ଓ ଅଧ୍ୟବସାୟ ବଳରେ ବିଜ୍ଞାନର ବହୁ ତଥ୍ୟ ଅଧ୍ୟୟନ କରିଥିଲେ । ବିଜ୍ଞାନର ଜଟିଳ ତତ୍ତ୍ୱ ଓ ବିଷୟବସ୍ତୁକୁ ଅତି ସରଳ ଭାଷାରେ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନା କରିବାର କଳା ତାଙ୍କୁ ଭଲ ଭାବରେ ଜଣାଥିଲା । ଶିଶୁ ସମ୍ପଦରେ ସେ ଅତି ସରଳ ଓ ଚିତ୍ତଆକର୍ଷକ ଲେଖାମାନ ଲେଖୁଥିଲେ । ବିଜ୍ଞାନ ଭିତ୍ତିକ ଛୋଟ ଛୋଟ ବହି ପିଲାଙ୍କ ପାଇଁ ରଚନା କରୁଥିଲେ ।

Digitized by srujanika@gmail.com

ସେ ସବୁ ବହି ଥରେ ପଢ଼ିବା ଆରମ୍ଭ କଲେ ଆଉ ଅଟକି ରହିବା ଅସମ୍ଭବ । ଗାଗାର ବହୁତ କାବ୍ୟ କବିତା କଣ୍ଠସ୍ଥ । ସେ ଆମମାନଙ୍କୁ ଭକ୍ତ-କବି ମଧୁସୂଦନ ରାଓଙ୍କ ରଚିତ କବିତା ଦାଶେ ଆପଣଙ୍କର ବନ୍ଦୀର ଆତ୍ମକଥା, କାରାକବିତାରୁ ଶୁଣାଏ । ମାମୁ ଯେ ଖାଲି ଗପ ପଢ଼ି ଶୁଣାଉଥିଲା ତା ନୁହେଁ; ନିହାଣ, କରତ, ହାତୁଡ଼ିର ବ୍ୟବହାର ଶିଖାଏ । ଆମେମାନେ ମିଶି କିଛି ଗୋଟାଏ ନୂଆ ଜିନିଷ ତିଆରି କରୁ । ଆଜି କାଲି ସରକାର ବାହାଦୂର ଶିକ୍ଷାନୀତିରେ ପରିବର୍ତ୍ତନ ଆଣିବା ନିମନ୍ତେ କେତେ କ'ଣ କରୁଛନ୍ତି । ପିଲାମାନଙ୍କର ସୃଜନୀ ଶକ୍ତିର ବିକାଶ ପାଇଁ "ପ୍ରୋଜେକ୍ଟ" । ସେ ବି ବଡ଼ କଡ଼ା କଡ଼ା ପ୍ରୋଜେକ୍ଟ । ପିଲାକୁ ପ୍ରୋଜେକ୍ଟ ଧରିଲାମାନେ ବାପା-ମା ନୟାନ୍ତ । ଆମ ସାହିର ଓ ବନ୍ଧୁବାନ୍ଧବ ମଧ ମୋତେ ଅନେକ ସମୟରେ ଅନୁରୋଧ କରନ୍ତି ଯେ ମୁଁ ତାଙ୍କ ପିଲାଙ୍କର "ପ୍ରୋଜେକ୍ଟ"ରେ ସାହାଯ୍ୟ କରେଁ । ସେ ପ୍ରୋଜେକ୍ଟ ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମନ ଜିଣିବା ଭଳି ହେବା ଦରକାର । ଏଇ ଘାଣ୍ଟ ଚକଟରେ ମାତ୍ର ଦଶ ବାର ବର୍ଷର ପିଲାଟିର ଯାହା କିଛି ସୃଜନୀଶକ୍ତି ଥିବ ତାହା ମଧ ଶୁଖୁଆ ପୋଡ଼ାରେ ଯିବ ।

ଖେଳରେ ଖେଳରେ ମାମୁ ସାଙ୍ଗରେ ଆମେ ଅନେକ କଥା ଶିଖୁଁ । ସବୁ ଖେଳପରି ଲାଗେ । ମନ ଛାଡ଼େ ନାହିଁ । ମାମୁ ଥରେ କଟକରୁ ଗୋଟାଏ ତମ୍ବାର 'କଏଲ' ତାର ଆଣିଲା । ସେ କହିଲା ପଙ୍ଖା କେମିତି ବୁଲେ ଜାଣିଚ ? ତା' ଭିତରେ ଗୋଟାଏ "ମୋଟର" ଅଛି । ସେଇଟା ବିଜୁଳି ଶକ୍ତିରେ ଗୋଟାଏ ଅଖକୁ ବୁଲାଉଚି । ସେଇଥିପାଇଁ ପଙ୍ଖାର ଡେଣା ସବୁ ବୁଲୁଛନ୍ତି । ସେତେବେଳେ ରାମଚନ୍ଦ୍ରପୁରରେ ବିଜୁଳି ନଥିଲା । କଟକ ଗଲେ ଆମେ ପଙ୍ଖା ଦେଖୁ । ଆଉ ସବୁଠି ବି ପଙ୍ଖା ନଥାଏ । କଟକରେ ସେତେବେଳେ ବେଶି ଡି-ସି ବିଜୁଳି । ତେଣୁ ମୋଟର ତିଆରି ଆରମ୍ଭ ହେଲା । ଦୁଇଟା ଛୋଟ ଛୋଟ ନଳୀ ଯୋଗାଡ଼କରି ତା ଉପରେ ସେ ତାର ଗୁଡ଼ାଇଲୁଁ । ତା' ଉପରେ ଗୋଟାଏ ଛୋଟ ହାଲୁକା ଚକ ତିଆରି ହେଲା । ତା' ମଝିରେ କଣାକରି ଗୋଟାଏ ଅଖ ପୁରାଇଲୁଁ । ତା'ପରେ ଅସଲ କାରୁକାର୍ଯ୍ୟ ହେଲା । ଦୁଇପାଖରେ ଦୁଇଟା 'ହାତ' ସେ 'ଅଖ'ର ବାହାର ପଟେ ଲାଗିଲା । ଉଦ୍ଦେଶ୍ୟ ହେଲା କଏଲରେ ବିଦ୍ୟୁତ୍ ପ୍ରବାହ ହେଲେ ସେ ନଳୀ ଭିତରେ ଚୁମ୍ବକକ୍ଷେତ୍ର ସୃଷ୍ଟି ହେବ । ସେଇ କ୍ଷେତ୍ର ଚକାର ହାତକୁ ଭିତରକୁ ଟାଣିନେବ । ଫଳରେ ଚକାଟିକିଏ ବୁଲିଯିବ ଆଉ ସେତିକିବେଳେ ଆର ହାତର

Digitized by srujanika@gmail.com

ଶେଷ ମୁଣ୍ଡ ଦ୍ୱିତୀୟ ନଳୀର ପ୍ରାୟ ବାହାରେ ପହଞ୍ଚିବ । ଏତିକିବେଳେ ପ୍ରଥମ ନଳୀର ବିଦ୍ୟୁତ୍ ପ୍ରବାହର ସଂଯୋଗ କଟିଯାଇ ସେ ସଂଯୋଗ ଦ୍ୱିତୀୟ ନଳୀ ସହ ଯୋଗହେବ ଏବଂ ଦ୍ୱିତୀୟ ନଳୀଟା ଚୁମ୍ବକ ହୋଇ ଆର ହାତକୁ ଟାଣିନେବ । ସେତିକିରେ ପ୍ରଥମ ହାତଟି ନଳୀ ମୁହଁରେ ପହଞ୍ଚିବ । ଏଇ ପ୍ରକ୍ରିୟାରେ ଚକ ଘେରାଏ ବୁଲିଯିବ । ଆମେମାନେ ଲାଗିପାଡି ମାମୁ ସାଙ୍ଗରେ ମିଶି ଏଇ ଟିକି 'ମୋଟର' ତିଆରି କଲୁଁ । ମଫସଲ ଗାଁରେ ବିଜୁଳିଶକ୍ତି ଆସିବ କେଉଁଠାରୁ ? ଆମ ସ୍କୁଲରେ ଗୋଟାଏ ରେଡ଼ିଓ ଥିଲା । ତା'ର ବ୍ୟାଟେରୀର ମସଲା କମି ଗଲା ଓ ରେଡ଼ିଓର ସ୍ୱର କ୍ଷୀଣ ହୋଇଗଲା । ସେଟା ଅବ୍ୟବହାର୍ଯ୍ୟ ହୋଇପଡ଼ିଥିଲା । ସେ ବ୍ୟାଟେରୀଟା ପୁରା ମରି ନଥିଲା । ଶୁକୁ ଶୁକୁ ହୋଇ ପଡ଼ିଥିଲା । ଆମେ ଏଇ ନୂଆ ଯନ୍ତ୍ର ନେଇ ସେଠିକି ଗଲୁଁ କାରଣ ସେ ସମୟରେ ପୁରୁଣା କାଳିଆ ରେଡ଼ିଓ ପାଇଁ ବଡ଼ ଓଜନଦାର ବ୍ୟାଟେରୀ ଲାଗୁଥିଲା । ସେ 'ମୋଟର' ଚାଲିବାପାଇଁ ବି ଶକ୍ତି ଦରକାର । ସେ ମୋଟରଟି ଅଳ୍ପ ସମୟ ଚାଲିଲା, ପରେ ସେ ଚକ ଆଉ ବୁଲିଲା ନାହିଁ । ମାମୁର ଉଦ୍ଦେଶ୍ୟ ସଫଳ ହେଲା ଅର୍ଥାତ୍ ସେ ଯେଉଁ ଉଦ୍ୟମ କରିଥିଲା ତାହା ଫଳପ୍ରସୂ ହେଲା । ମୁଁ ଏଥିରୁ ଗୋଟାଏ ବଡ଼ କଥା ଶିଖିଲି । ବିଦ୍ୟୁତ୍ ପ୍ରବାହ ଯଦି କୌଣସି ବୃତ୍ତାକାର ତାର ମଧ୍ୟଦେଇଯାଏ ତାହାହେଲେ ସେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟିକରେ । ଏଇଟା ମାମୁର ସେଇ ମୋଟର ସାଙ୍ଗରେ ଖେଳୁ ଖେଳୁ ପ୍ରଥମେ ଶିଖିଲି । କାରଣ ସେ ନଳୀଟା ତାର ପାଖରେ ଗୋଟାଏ ଲୁହାକଣ୍ଟା ଧରିଲାରୁ ତାକୁ ଟାଣିନେଲା । ଏମିତି କେଇ ଥର ଖେଳୁ ଖେଳୁ ମୁଁ ଦେଖିଲି ସେ କଣ୍ଟାଟା ଚୁମ୍ବକ ହୋଇଗଲା । ଚୁମ୍ବକ ବିଷୟରେ ମୋର ପିଲାଦିନୁ ଗୋଟାଏ କିଛି ଧାରଣା ଥିଲା । ମୁଁ ପାଠ ପଢ଼ିବା ଆଗରୁ ମତେ ଯେତେବେଳେ ପ୍ରାୟ ପାଞ୍ଚବର୍ଷ ବା' ମୋ ପାଇଁ ଗୋଟାଏ ଚୁମ୍ବକ ଆଣିଦେଇଥିଲେ । ତା ଦେହରେ ଲୁହା କଣ୍ଟା ଏକ ତରଫା ଘଷିଲେ କେମିତି ସେ କଣ୍ଟା ଚୁମ୍ବକ ହୋଇଯାଏ ସେ ପରୀକ୍ଷା ବା' ମୋତେ ଦେଖାଇଥିଲେ । କଣ୍ଟାଟା ସେଇ ଚୁମ୍ବକରୁ ଚୁମ୍ବକତ୍ୱ ନେଇ ଗଲା ନାହିଁ ।

ମାମୁର ଏଇ "ମୋଟର" ତିଆରିରୁ ମୁଁ ବିଦ୍ୟୁତ୍ ପ୍ରବାହ ଓ ଚୁମ୍ବକତ୍ୱର ଅନୁବନ୍ଧ କଥା ଭାବିଲି । ବହୁବର୍ଷ ପରେ ଏହାର ମୂଳ କାରଣ ବୁଝିଲି ଆଉ ମଧ୍ୟ ବୁଝିଲି ଯେ କାହିଁକି ଲୁହାକୁ ଚୁମ୍ବକରେ ଘଷିଲେ ଲୁହା ଚୁମ୍ବକ ହୋଇଯାଏ ଆଉ ଖଣ୍ଡେ କାଚକୁ ଚୁମ୍ବକରେ ଘଷିଲେ ସେ ଚୁମ୍ବକତ୍ୱ ପାଏ ନାହିଁ । ମାମୁର ଗୋଟାଏ

Digitized by srujanika@gmail.com

ସୁଦୂରପ୍ରସାରୀ ଯୋଜନା ଥିଲା । ସେ ଯେ ଆମକୁ ଖାଲି ଏକଚାଟିଆ କରି ଖେଳରେ ଖେଳରେ ବିଜ୍ଞାନର ରହସ୍ୟ ସହିତ ପରିଚୟ କରୁଥିଲା ତା ନୁହେଁ; ଉତ୍ତର ମୌଳିକ ଛାତ୍ରମାନଙ୍କୁ ମଧ୍ୟ ବେଳେବେଳେ ସାମିଲ କରୁଥିଲା । ସେହି ବିଭାଗର ଛାତ୍ର ସଂଖ୍ୟା ସ୍ୱଳ୍ପ ଥିଲା । ପ୍ରଥମ ବର୍ଷ ଅର୍ଥାତ୍ ନବମ ସୋପାନରେ ମାତ୍ର ଦୁଇଜଣ ଛାତ୍ର ଥିଲେ । ତାହାର ପର ବର୍ଷ ମାତ୍ର ସାତ ଆଠ ଜଣ ଛାତ୍ର ଯୋଗଦେଲେ । ସବୁ ଛାତ୍ର ଆବାସିକ ଥିଲେ । ରାମଚନ୍ଦ୍ରପୁରରେ ମୌଳିକ ଶିକ୍ଷାର ପ୍ରୟୋଗର ପ୍ରାରମ୍ଭରୁ କେତେଗୁଡ଼ିଏ ନୂତନ ଶିକ୍ଷା ପଦ୍ଧତିର ପ୍ରଚେଷ୍ଟା ଚାଲୁ ହୋଇଥିଲା । ବିଦ୍ୟାଳୟର ସବୁ ଛାତ୍ରଛାତ୍ରୀ ଶରୀର ଶ୍ରମରେ ଭାଗ ନେଉଥିଲେ ଓ କେତେଗୁଡ଼ିଏ ଧନ୍ଦା ଶିଖୁଥିଲେ । ସେହି ତାଲିକାରେ ସୂତାକଟା, ଲୁଗାବୁଣା, କୃଷି, ଗୋପାଳନ ଅନ୍ତର୍ଭୁକ୍ତ ଥିଲା । ଏହି ଶିକ୍ଷା ପଦ୍ଧତିରେ ଗୋଟିଏ ବଡ଼ ବୈଶିଷ୍ଟ୍ୟ ହେଉଛି ପାଠପଢ଼ା ଓ ହାତ କାମ ମଧ୍ୟରେ ଅନୁବନ୍ଧ । ପିଲାଏ ବଗିଚାରେ କାମ କରୁଥିବା ସମୟରେ ଉଦ୍ଭିଦ ବିଜ୍ଞାନର ଶିକ୍ଷା ପାଉଥିଲେ । ଗଣିତ ପଢ଼ିଲାବେଳେ ଦୈନନ୍ଦିନ କାର୍ଯ୍ୟସହ ସମନ୍ୱୟ ରଖି ଅଙ୍କ କଷୁଥିଲେ । ତେଲ ବୋଳା ହୋଇଥିବା ବାଉଁଶରେ ମାଙ୍କଡ଼ ଚଢ଼ିବା ଓ ଖସିବାର କି ତାତ୍ପର୍ଯ୍ୟ ରହିଛି ? ତେଲ ବୋଳା ବାଉଁଶ ନଗୀରେ କେହି କେବେହେଲେ ମାଙ୍କଡ଼ ଚଢ଼ିବାର ଦେଖିଛନ୍ତି କି ?

ରାମଚନ୍ଦ୍ରପୁରରେ ମୌଳିକ ବିଦ୍ୟାଳୟ ପ୍ରତିଷ୍ଠା ହେବା ସମୟରୁ ଜେଜେ ଓ ମାମୁ ସେ ବିଦ୍ୟାଳୟ ଶିକ୍ଷାପଦ୍ଧତି ଓ ପାଠ୍ୟକ୍ରମ ଓ ତାହାର ସଙ୍ଗଠନରେ ବିଶେଷ ଦୃଷ୍ଟି ପକାଉଥିଲେ । ସେଠାରେ ବା'ଙ୍କର ଭୂମିକା କ'ଣ ଥିଲା ତାହା ଓଡ଼ିଶାରେ ମୌଳିକ ଶିକ୍ଷାର ଇତିହାସ ଯେଉଁମାନେ ପ୍ରଣୟନ କରିବେ ସେମାନେ ଲିପିବଦ୍ଧ କରିବେ । ବା' ତାଙ୍କର ଡାଏରୀରେ ଉଲ୍ଲେଖ କରି ଲେଖିଛନ୍ତି ଯେ, ମାମୁ ତାଙ୍କ ସାଙ୍ଗରେ ମୌଳିକ ବିଦ୍ୟାଳୟରେ ବିଜ୍ଞାନଶିକ୍ଷା କେଉଁ ରୂପରେଖ ନେବ, ତାହାର ସବିଶେଷ ଆଲୋଚନା କରୁଥିଲା ଏବଂ ପାଠ୍ୟକ୍ରମ ପ୍ରସ୍ତୁତିରେ ତା'ର ମତାମତ ଉପସ୍ଥାପନ କରୁଥିଲା । ବା' କଲେଜରେ ଦୁଇବର୍ଷ ବିଜ୍ଞାନ ପଢ଼ିଥିଲେ ଓ ବି.ଏ.ରେ ବା'ଙ୍କର ଗଣିତ ଅନର୍ସ ଥିଲା । ମାମୁ ସତୀଶବାବୁଙ୍କର ତତ୍ତ୍ୱାବଧାନରେ ଯଥେଷ୍ଟ ବିଜ୍ଞାନ ଶିକ୍ଷା କରିଥିଲା ଏବଂ ନିଜର ଅଧ୍ୟବସାୟ ଓ ସ୍ୱାଧ୍ୟାୟର ଫଳ ସ୍ୱରୂପ ସମସ୍ତ ବିଜ୍ଞାନର ସାର ବିଷୟବସ୍ତୁକୁ ଅକ୍ତିଆର କରିଥିଲା । ରାମଚନ୍ଦ୍ରପୁର ବିଦ୍ୟାଳୟର ଜନ୍ମରୁ ସେଠାରେ ଗୋଟିଏ ଭଲ ପାଠାଗାର ଏବଂ ଗୋଟିଏ ବିଜ୍ଞାନ ପରୀକ୍ଷାଗାର

Digitized by srujanika@gmail.com

ପ୍ରତିଷ୍ଠା ହୋଇଥିଲା । ତେତେବେଳେ ସେଇ ଧୋଇଆ ଅଞ୍ଚଳରେ ରାସ୍ତା ଘାଟ ବି ନଥିଲା । କଟକ ଯିବାପାଇଁ ଯାଜପୁର କିମ୍ବା କେନ୍ଦ୍ରାପଡ଼ା ଚାଲି ଚାଲି ଯିବାକୁ ହୁଏ । ବର୍ଷାଦିନେ ବ୍ରାହ୍ମଣୀ-ଖରସ୍ରୋତାଙ୍କର ସହଯୋଗରୁ ପାଞ୍ଚମାଇଲ ପାଟରେ ଡଙ୍ଗାରେ ଯିବା ଆସିବା ପାଇଁ ପଡ଼େ । ଏହି ବନ୍ୟା ଅଧ୍ୟୁସିତ ନିପଟ ମଫସଲରେ ଯେଉଁ ନଈତାଲିମର ଆରମ୍ଭ, ତାହାର ପାଠାଗାରରେ ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା ଓ ଅନ୍ୟ କେତେ ଉପାଦେୟ ପୁସ୍ତକ ଥିଲା । ପିଲାଙ୍କ ବିଜ୍ଞାନାଗାରରେ ଗୋଟିଏ ଅଣୁବୀକ୍ଷଣ ଯନ୍ତ୍ରଥିଲା । ରସାୟନ ବିଜ୍ଞାନର ଛୋଟ ଛୋଟ ପରୀକ୍ଷା କରିବାର ସରଞ୍ଜାମ ଥିଲା । ଏହା ହେଉଛି ସେ ବିଦ୍ୟାଳୟର ଆଦି ପର୍ବ । ଭାରତଛାଡ଼ ଆନ୍ଦୋଳନରେ ବିଦ୍ୟାଳୟ ତ ବନ୍ଦ ହୋଇଗଲା, ଉପରନ୍ତୁ ବହୁ ସଂଖ୍ୟକ ଶିକ୍ଷକ କାରାବରଣ କଲେ । ଗୁରୁଜୀମାନେ ଜେଲରୁ ଖଲାସ ହୋଇ ଅଧୁରାକାମକୁ ଆଗେଇବାପାଇଁ ପ୍ରସ୍ତୁତ ନହେଉଣୁ କେହି ବ୍ୟକ୍ତିବିଶେଷ ସେଇ ସ୍କୁଲ ଘରେ ନିଆଁ ଲଗେଇଦେଲେ । ସେହି ଅଗ୍ନିକାଣ୍ଡରେ ପାଠାଗାର ପାଉଁଶ ହୋଇଗଲା । ବିଜ୍ଞାନଗାର ମଧ୍ୟ ଧ୍ୱଂସ ହେଲା । କେତେକେ ମୂଲ୍ୟବାନ ଚିଠିପତ୍ର ମଧ୍ୟ ବିଲୁପ୍ତ ହେଲା । ସେଇ ସମୟରେ ଭାରତର ଇଂରେଜ ଶାସନ ଅସ୍ତାଚଳରେ ପହଞ୍ଚୁଥିଲା । ତାଙ୍କର କେହି ବିଶ୍ୱସ୍ତ ସହାୟକ ଏହି ଅଗ୍ନିକାଣ୍ଡର କର୍ଣ୍ଣଧାର । ସ୍ୱାଧୀନତା ଉତ୍ତାରୁ ରାମଚନ୍ଦ୍ରପୁର ବିଦ୍ୟାଳୟର ପୁନଃନିର୍ମାଣ ଆରମ୍ଭ ହେଲା । ଧୀରେ ଧୀରେ ପାଠାଗାର ଓ ବିଜ୍ଞାନାଗାରର ପ୍ରସ୍ତୁତି ହେଲା ।

ଏତେ ବଡ଼ ପୂର୍ବାଭାସ ଉପସ୍ଥାପନାର ଉଦ୍ଦେଶ୍ୟ ଏତିକି ଯେ ମାମୁର ମୌଳିକ ଶିକ୍ଷାରେ ବିଜ୍ଞାନକୁ ଏକ ଅଙ୍ଗବିଶେଷ କରି ରଖିବାର ଯେଉଁ ଉଦ୍ଦେଶ୍ୟଥିଲା ତା'ର ସେ ଉତ୍ସାହର ଜୁଆରରେ ଭଟ୍ଟା ପଡ଼ିନଥିଲା । ମାମୁ ରାମଚନ୍ଦ୍ରପୁର ଆସିଲେ ବିଦ୍ୟାଳୟର ପାଠ୍ୟକ୍ରମର ଉପରନ୍ତୁ କିଛି କିଛି ବିଜ୍ଞାନଚର୍ଚ୍ଚା କରୁଥିଲା । ସେ ଉତ୍ତର ମୌଳିକ ଛାତ୍ରମାନଙ୍କ ସହିତ ମିଶି ସେଇ ବିଜ୍ଞାନାଗାରରେ କିଛି କିଛି ପରୀକ୍ଷା ନିରୀକ୍ଷା କରୁଥିଲା । ସେ ବିଜ୍ଞାନାଗାରରେ ଗୋଟିଏ ଫମ୍ପା ଗୋଲାକାର ବସ୍ତୁ ଥିଲା । ପ୍ରକୃତରେ ସେଇଟା ମଝିରୁ ଦୁଇଖଣ୍ଡ ହୋଇ କଟା ହୋଇଥିଲା । ସେଇ ଦୁଇ ଅଂଶକୁ ଅଲଗା ବି କରିହୁଏ । ମାମୁ ଥରେ କହିଲା ଏହାକୁ ନେଇ ଗୋଟିଏ ମଜାର ପରୀକ୍ଷା କରିବା । ସେଇ ଦୁଇ ଅଂଶ ଅତି ଭଲ ଭାବରେ ଖାପ ଖାଇ ଯୋଡ଼ିହୋଇ ଯାଏ । ଏଇ ଗୋଲାକାର ଫମ୍ପା ପେଣ୍ଡୁର ଦୁଇପଟେ ଧରିବା

Digitized by srujanika@gmail.com

ପାଇଁ କଡ଼ା ବି ଲାଗିଥାଏ । ଗୋଟିଏ ପଟର କଡ଼ା ପାଖରେ ଗୋଟିଏ ଛିଦ୍ର ବି ଥାଏ । ମାମୁ କହିଲା ଏଇ ଦୁଇ ପଟକୁ ଯୋଡ଼ି ଏ ପେଣ୍ଡୁ ଭିତରୁ ସବୁ ପବନ ଯଦି ବାହାର କରିଦେବା ତାହାହେଲେ ସେଇ କଡ଼ା ଦୁଇଟାକୁ ଦୁଇଜଣ ଟାଣି ଆଲଗା କରିପାରିବେ ନାହିଁ । ଦିନେ ସନ୍ଧ୍ୟାବେଳେ ଏହି ପରୀକ୍ଷାଟି କରିବାର ସ୍ଥିର ହେଲା । ସେଇ ଛିଦ୍ରରେ ଗୋଟିଏ ପମ୍ପ ଲଗାଇ ଭିତରୁ ପବନ ତକ ବାହାର କରିବାପାଇଁ ଯେଉଁ ପମ୍ପ ଦରକାର ସେଟା ବି ଥିଲା । ଏଇଟା ସାଇକଲ ପମ୍ପର ଠିକ ଓଲଟା କାମକରେ । ସାଇକଲ ପମ୍ପ ପବନକୁ ଠେଲି ଟିଉବ ଭିତରେ ପୁରାଇଦିଏ । ଏଇ ପମ୍ପ ପବନକୁ ସେଇ ପେଣ୍ଡୁ ଭିତରୁ ସୋଶି ବାହାର କରେ । ବାଡ଼ି ବାଇଗଣ ଆଉ ପୋଥି ବାଇଗଣରେ ବହୁତ ଫରକ୍ । ପ୍ରଥମେ ତ କିଛି ହେଲା ନାହିଁ । ଦୁଇଜଣ ଦୁଇପଟୁ କଡ଼ାକୁ ଧରିଟାଣି ଦେଲେ ଆଉ ଫସକିନା ସେ ଦୁଇ ଖଣ୍ଡ ଅଲଗା ହୋଇଗଲା । ମାମୁର ଜିଦ୍ କମ୍ ନୁହେଁ । ପଦାର୍ଥବିଜ୍ଞାନରେ ତତ୍ତ୍ୱ ଯଦି କହୁଛି ଏଇ ଦୁଇଖଣ୍ଡ ଅଲଗା ହେବନାହିଁ ତାହାହେଲେ ଏଇ ପ୍ରଣାଳୀରେ କିଛି ଭୁଲ ଭଟକା ରହୁଛି । ଆମେ ତ ସେତେବେଳେ ପିଲା । ଯଦି ଖୋଲିଗଲା ତ ଖୋଲିଗଲା - ଆଉ ଯାଏ କେତେ, ଆସେ କେତେ ? ମାମୁ ସବୁ ତନ୍ନ ତନ୍ନ କରି ତଦାରଖ କଲା । ସେ ଏଇ ନିର୍ଣ୍ଣୟରେ ଉପସ୍ଥିତ ହେଲା ଯେ ପବନ ଶୋଷି ବାହାର କଲାବେଳୁ କେଉଁବାଟେ ଚୋରାରେ ପବନ ପଶି ଯାଉଛି । ସେଇ ଦୁଇ ଫାଳର ଯୋଉ ଯୋଡ଼ ସେଇଟି ନିଶ୍ଚୟ ପବନ ପଶୁଛି । ଏହାର ନିରାକରଣ ପାଇଁ ଦୁଇ ତିନିପ୍ରକାର ଚେଷ୍ଟା ହେଲା । କିନ୍ତୁ ସବୁଥର ଫେଲ୍ । ମୋର ତ ଧୈର୍ଯ୍ୟ ନଥାଏ । ମାମୁ କିନ୍ତୁ ଛାଡ଼ିବାର ଲୋକନୁହେଁ । ସେ ଭାବି ଭାବି କହିଲା ଯେ ଯୋଡ଼େଇରେ ଯଦି କିଛି ଭେସ୍‌ଲିନ୍ ବୋଳିଦେବା ତାହାହେଲେ ପବନ ପଶିବାର ଅଦୃଶ୍ୟ ପଥର ନିରୋଧ ହେବ । ସାଇକଲ ମରାମତି ପାଇଁ ଭେସିଲିନ ଦରକାର ହୁଏ । ଗୋଟାଏ ଭେସିଲିନ ଡବା ମିଳିଲା । ଭେସିଲିନ ଭଲକରି ଲେପି ସେଇ ଦୁଇଖଣ୍ଡ ଫମ୍ପା ପେଣ୍ଡୁର ଅଂଶ ବିଶେଷକୁ ଯୋଡ଼ି ସେଥିରୁ ପବନ ଶୋଷି ବାହାର କରାଗଲା । ତା'ପରେ ଯେତେବେଳେ ଦୁଇଜଣ ବେଶ୍ ବଳିଷ୍ଠ ଛାତ୍ର ଦୁଇପଟୁ ଟାଣିଲେ ସେ ଅଲଗା ହେଲା ନାହିଁ । ସେମାନେ ତଳେ ଗୋଡ଼ ଲମ୍ବେଇ ବସି ପାଦକୁ ପାଦ ଲଗେଇ ଯେତେ ଟାଣିଲେ ବି ଅଲଗା କରି ପାରିଲେନାହିଁ । ମାମୁ ଆଡ଼କୁ ଅନେଇଲାବେଳକୁ ସେ ଆଖିବାଟେ ହସୁଛି । ସଫଳତାର ହସ । କଥା ସେତିକିରେ ସରିଲା ନାହିଁ । ମାମୁ

Digitized by srujanika@gmail.com

ବୁଝେଇ ଦେଲା ଯେ ଭିତରଟା ଫାଙ୍କା ହୋଇଯିବାରୁ ବାୟୁମଣ୍ଡଳ ବାହ୍ୟଚାପ ସେଇ ପେଣ୍ଡୁକୁ ଚାରିଆଡୁ ଠେଲି ରଖିଲା । ସେଇଥିପାଇଁ ଦୁଇଜଣ ଭେଣ୍ଡିଆ ପିଲାଙ୍କର ତାକୁ ଟାଣି ଅଲଗା କରିବାକୁ ବଳ ପାଇଲା ନାହିଁ । ଆଉରି ବୁଝାଇ ଦେଲା ଯେ ଆମର ଯେଉଁ ନଳକୂପ ଲାଗିଛି ସେଥିରେ ମାଟି ତଳେ ଥିବା ପାଣି ଏହି କାରଣରୁ ହିଁ ଉପରକୁ ଉଠି ଆସୁଛି । ଆଉ ଦିନେ ଗୋଟାଏ ନଳକୂପ ଖୋଲି ଦେଖାଇଥିଲା ଯେ କେଉଁ କେଉଁ ପ୍ରକ୍ରିୟା ଦେଇ ପାଣି ଏତେ ତଳୁ ଉପରକୁ ଉଠି ଆସୁଛି ତାହା ବୁଝାଇଦେଲା । ଆଉ ଗୋଟିଏ ଥିଲା ରସାୟନ ବିଦ୍ୟାର ପ୍ରୟୋଗ । ୟୁକାଲିପଟାସ୍ ଗଛ ଓ ଛେଲି ଦେଇ ସେଥିରୁ ତା'ର ଅତର ତିଆରି କରିବାର ପ୍ରଣାଳୀ । ଗୋଟାଏ କାଚ ଫ୍ଲାସ୍‌ରେ ୟୁକାଲିପଟାସ୍ ପତ୍ର ଓ ଛେଲି ରଖି ତା'ର ମୁହଁ ବନ୍ଦ କରିଦେଲା । କେବଳ ଗୋଟିଏ କାଚନଳୀ ତାହାରି ସୋଲୋ ଠିପିର ଠିକ୍ ତଳକୁ ସେ ଫ୍ଲାସ୍‌ରେ ପଶି ରହିଲା । ଏଇ ନଳୀଟିକୁ ଗରମ କରି ଆଗରୁ ବଙ୍କା ବି କରାଯାଇଥିଲା । ସେଇ ନଳୀର ଚାରିପଟେ ଥଣ୍ଡା ପାଣି ପ୍ରବାହିତ କରାଗଲା । କିଛି ସମୟ ଗଲା ଉତ୍ତାରୁ ସେଇ ନଳୀର ଆର ମୁଣ୍ଡରେ ଠୋପା ଠୋପା ତରଳ ପଦାର୍ଥ ଆଉ ଗୋଟିଏ ଚୋଟ କାଚ ବୋତଲରେ ଜମା ହେଲା । ମାମୁ ଏ ପ୍ରକ୍ରିୟା ଅତି ସହଜ ଭାଷାରେ ବୁଝାଇ ଦେଲା । ପାଣି ୧୦୦°ରେ ଫୁଟି ବାମ୍ପ ହୁଏ । କିନ୍ତୁ ୟୁକାଲିପଟାସ୍ ପତ୍ର ଓ ଛେଲିରେ ଥିବା ତେଲ ଅତି ଅଳ୍ପ ତାପରେ ବାଷ୍ପୀଭୂତ ହୁଏ । ପାଣି ଫୁଟି ବାମ୍ପ ହେବା ପୂର୍ବରୁ ଏଇ ବାଷ୍ପୀୟ ତୈଳ ସେଇ କାଚନଳୀ ଦେଇ ବାହାରିଯାଏ । ପୁଣି ପାଣିରେ ନଳୀକୁ ଥଣ୍ଡା କରିଲେ ସେ ତରଳ ତେଲ ହୋଇ ଅନ୍ୟ ବୋତଲରେ ଠୋପା ଠୋପା ହୋଇ ଜମାହୁଏ । ମାମୁ ଆହୁରି ବୁଝେଇଦେଲା ଯେ ଏହି ପ୍ରକ୍ରିୟାରେ ବିଭିନ୍ନ ତରଳ ବସ୍ତୁର ସମ୍ମିଶ୍ରଣକୁ କିପରି ଅଲଗା କରାଯାଇପାରେ । ମୁଁ ସେତେବେଳେ ସପ୍ତମ ସୋପାନର ଛାତ୍ର । ଅଥଚ ଦିନକରେ ରସାୟନ ବିଦ୍ୟାର କେତେ କଥା ଦେଖିଲି ଓ ଶିଖିଗଲି । କାଚନଳୀକୁ କେମିତି ମନମୁତାବକ ବଙ୍କା ତେଢ଼ା କରିହେବ ସେ କଥା ବି ଶିଖିଲି । ପାଠକେ ବର୍ତ୍ତମାନ ଭାବୁଥିବେ ଯେ ମନମୋହନ ଚଉଧୁରୀ ତ ରାମଚନ୍ଦ୍ରପୁରରେ ପୁଅ, ଝିଅ ଏବଂ ଦୁଇ ଭଣଜାଙ୍କ ସହ ଏ ଲୀଳା ଖେଳା କରୁଥିଲେ ତେବେ ସେ ବି ଭୂଦାନ-ସର୍ବୋଦୟ କାମ କରୁଥିଲେ ? ତା'ଙ୍କର ତ ଏକ ପ୍ରକାରର ସୁସ୍ଥି ଜୀବନ ଥିଲା । ଏହି ନିର୍ଣ୍ଣୟରେ ଉପସ୍ଥିତ ହେବା ପୂର୍ବରୁ ପାଠକଙ୍କୁ ମନେପକାଇ ଦେବାକୁ ହେବ ଯେ ମାମୁ ଆସିଲେ ଦଶ ପନ୍ଦର ଦିନ ରହି

Digitized by srujanika@gmail.com

ପୁଣି ଚାଲିଯାଏ । ଆଉ ଥରେ ଆସିଲାବେଳକୁ ମାସେ ଦୁଇ ମାସ ଗଡ଼ିଯାଇଥାଏ । ବର୍ତ୍ତମାନ ମୋର ହୃଦ୍‌ବୋଧ ହେଉଛି ଯେ ମାମୁ ତାର ମନେ ମନେ ଆମ୍ଭମାନଙ୍କର ମାନସିକ ଏବଂ ଶାରିରୀକ ବିକାଶ ପାଇଁ ଗୋଟିଏ ରୂପରେଖ ଗଢ଼ିଥିଲା । ଆମେ ସମସ୍ତେ ଯେଉଁ ପାଞ୍ଚଛଅ ବର୍ଷ ଏକାଠି ରହିଥିଲୁଁ ସେହି ସମୟରେ ମାମୁ ମଝିରେ ମଝିରେ ସପ୍ତାହେ ଦୁଇ ସପ୍ତାହ ରହଣିରେ ଆମମାନଙ୍କୁ ଧୀରେ ଧୀରେ ମଣ କରୁଥିଲା । ଆମମାନଙ୍କର ସ୍ୱାଧୀନତାର ସୀମା ନଥିଲା । ତାହାରି ଭିତରେ ମାମୁ ଆମ୍ଭମାନଙ୍କୁ ବିଭିନ୍ନ ଦିଗକୁ ଆକୃଷ୍ଟ କରୁଥିଲା ଏବଂ ସେ ଅଳ୍ପ ବୟସରେ ମଧ୍ୟ ଜୀବନକୁ ଉପଭୋଗ କରିବାର କଳା ସହିତ ପରିଚୟ କରାଉ ଥିଲା । ରାମଚନ୍ଦ୍ରପୁରରେ ଗାଗା କସ୍ତୁରବାକେନ୍ଦ୍ରର ଶିକ୍ଷାର୍ଥିନୀମାନଙ୍କୁ ସନ୍ଧ୍ୟାବେଳେ ଆକାଶର ଗ୍ରହ ନକ୍ଷତ୍ରମାନଙ୍କ ସହ ପରିଚୟ କରାଉଥିଲା । ମୁଁ ସେତେବେଳେ ଅନେକ ଛୋଟ । ଗାଗା ଗୋଟିଏ ଗୋଟିଏ ନକ୍ଷତ୍ର ଚିହ୍ନାଏ । ବିଭିନ୍ନ ରାଶୀମାନଙ୍କର ମଧ୍ୟରେ ଯେଉଁ ନକ୍ଷତ୍ର ଥାଆନ୍ତି ସେମାନଙ୍କର ନାମ ଓ ସେ ନାମ ସହିତ କିମ୍ବଦନ୍ତୀ ବି କହେ । ଖେଳରେ ଖେଳରେ ମୁଁ ବହୁ ନକ୍ଷତ୍ର ଚିହ୍ନିଗଲି । ଗାଗା ବିଭିନ୍ନ ଋତୁରେ ନକ୍ଷତ୍ର ମାନଙ୍କର ଆକାଶରେ କିପରି ଅବସ୍ଥିତି ବଦଳି ଯାଏ ତାକୁ ବୁଝାଏ । ଧ୍ରୁବତାରା ବର୍ଷରେ ବାରମାସ ଉତ୍ତର ଦିଗରେ ହିଁ ଥାଏ । ଧ୍ରୁବ ତାରାକୁ କେମିତି ଚିହ୍ନିବ ସେ ଉପାୟ ବି ବତେଇ ଦେଲା । ତାକୁ ଲକ୍ଷ୍ୟକରି ରାତିରେ ସମୁଦ୍ରରେ ବୋଇତରେ ଗଲାବେଳେ ମାଝିମାନେ ଦିଗ ନିର୍ଣ୍ଣୟ କରୁଥିଲେ । ଧୀରେ ଧୀରେ ଏଥିରୁ କାହିଁକି ଯେ ମୋର ଆଗ୍ରହ କ୍ଷୀଣ ହୋଇଗଲା ମୁଁ ଜାଣେ ନାହିଁ । ପୃଥିବୀ ସୂର୍ଯ୍ୟ ଚାରିପଟେ ପରିକ୍ରମାକରେ ଏବଂ ଚନ୍ଦ୍ର ଯେ ପୃଥିବୀ ଚାରିପଟେ ପରିକ୍ରମାକରେ ସେତକ ତ ମୁଁ ଗାଗାଠାରୁ ବୁଝି ପାରିଥିଲି । ଆମ ଘରେ ତ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ଖାଇବା ବାରଣ ନଥିଲା । ତେଣୁ ମୋର ଆକାଶ ଓ ଗ୍ରହ ନକ୍ଷତ୍ରମାନଙ୍କ ବିଷୟରେ ଗୋଟାଏ ସ୍ପଷ୍ଟ ଧାରଣା ହୋଇଯାଇଥିଲା । ମାମ୍ନା, ନାନା, ନାନୀ ରାମଚନ୍ଦ୍ରପୁରରେ ଆସି ରହିବା ଉତ୍ତାରୁ ଯେତେବେଳେ ମାମୁ ମଝିରେ ମଝିରେ ଆସି ଆମ୍ଭମାନଙ୍କ ଗହଣରେ ରହିଲା ମୋର ଆଗ୍ରହ ଓ ଦୃଷ୍ଟି ପୁନର୍ବାର ନଭମଣ୍ଡଳକୁ ଆକର୍ଷିତ ହେଲା । ସୂର୍ଯ୍ୟ ଗୋଟିଏ ନକ୍ଷତ୍ର । ସୂର୍ଯ୍ୟ ପୃଥିବୀର ନିକଟତମ, ସେଇଥିପାଇଁ ତା'ର ଆଲୋକର ତେଜ ଏତେ ଅଧିକ । ଏହିପରି କୋଟି କୋଟି ନକ୍ଷତ୍ର ବ୍ରହ୍ମାଣ୍ଡରେ ଅଛନ୍ତି । ସୂର୍ଯ୍ୟକୁ ବାଦ ଦେଲେ ପରବର୍ତ୍ତୀ ନିକଟ ନକ୍ଷତ୍ର

Digitized by srujanika@gmail.com

ପୃଥିବୀଠାରୁ ଚାରି ଆଲୋକ ବର୍ଷ ଦୂରରେ । ଏ ସବୁ ବିଷୟ ମାମୁ ଅତି ସରଳ ଭାଷାରେ ଉପଯୁକ୍ତ ଉଦାହରଣ ଦେଇ ବୁଝାଇଦିଏ । ରାମଚନ୍ଦ୍ରପୁରରୁ ବରୀ ପ୍ରାୟ ଦୁଇ ମାଇଲ । ଆମକୁ ଚାଲି ଚାଲି ଯିବାକୁ ଅଧଘଣ୍ଟାକରୁ ବି ଅଧିକ ସମୟ ଲାଗେ ।· ସାଇକେଲରେ ଆହୁରି ଅଳ୍ପସମୟ ଲାଗିବ । ପୃଥିବୀ ଚାରିପଟେ ବୁଲି ଆସିଲେ ପଚିଶ ହଜାର ମାଇଲ । ଆଲୋକ ରେଖା ଗୋଟିଏ ସେକେଣ୍ଡରେ ପୃଥିବୀ ଚାରିପଟେ ସାତଥର ବୁଲି ଆସିବ । ଆଲୋକର ଗତିପଥ ସର୍ବଦା ସରଳରେଖା । ଆଲୋକର ଗତି ସର୍ବୋଚ୍ଚ - ତାହାଠାରୁ ଅଧିକ ବେଗରେ କୌଣସି ବସ୍ତୁ ଗତି କରିପାରିବ ନାହିଁ । ଅର୍ଥାତ୍ ମାମୁ ଟିକିଏ ଆଇନ୍‌ଷ୍ଟାଇନ୍‌ଙ୍କର ଆପେକ୍ଷିକ ତତ୍ତ୍ୱ ଆଡ଼କୁ ଧସେଇ ପଶିଗଲା । ଯଦିଚ ଆଇନଷ୍ଟାଇନଙ୍କର ନାମ ଉଲ୍ଲେଖ କଲା ନାହିଁ । ଛାୟାପଥରେ କୋଟି କୋଟି ନକ୍ଷତ୍ର । ବ୍ରହ୍ମାଣ୍ଡରେ ବହୁ ଛାୟା ପଥ ଅଛନ୍ତି । ଏହା ଗୋଟିଏ ନିହାରୀକା । ଆମେ ଖାଲି ଆଖିରେ ଏଣ୍ଡ୍ରୋମିଡାକୁ ତାରାଟିଏ ବୋଲି ଧରିନେଇଥାଉ । କିନ୍ତୁ ଏହା ଲକ୍ଷ ଲକ୍ଷ ନକ୍ଷତ୍ରଙ୍କର ସମଷ୍ଟି ମାତ୍ର । ବଡ଼ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ତା' ଭିତରେ ଥିବା ଅସଂଖ୍ୟ ତାରା ଅଲଗା ଖେଳେଇ ହୋଇ ରହିଥିବାର ଦେଖାଯିବ । ଏ ତ ହେଲା ନକ୍ଷତ୍ର ଓ ନିହାରିକା ସମ୍ବନ୍ଧରେ ଏକ ପରିଚୟପତ୍ର । ତା'ପରେ ମାମୁ ଆରମ୍ଭ କଲା ସୌରଲୋକର ଗୁଣାତ୍ମକ ବିଶ୍ଳେଷଣ । ପ୍ରକୃତରେ ସୂର୍ଯ୍ୟର ଆଲୋକ ଗୋଟିଏ ବର୍ଣ୍ଣାଳୀ - ବାଘନିସହଲାନା । ଆମେ କେମିତି ଜାଣୁଯେ ଶୁଭ୍ର ଆଲୋକ ବିଭିନ୍ନ ରଙ୍ଗର ସମଷ୍ଟି ? ଅସ୍ତସୂର୍ଯ୍ୟର କିରଣ ମେଘ ଉପରେ ପଡ଼ିଲେ ମେଘ ଲାଲ ଦେଖାଯାଏ । ଏ ଲାଲ ରଙ୍ଗ କେଉଁଠୁ ଆସିଲା ? ଇନ୍ଦ୍ରଧନୁର ରଙ୍ଗ କେଉଁଠୁ ଆସିଲା ? ଇନ୍ଦ୍ରଧନୁ ମେଘୁଆ ପାଗରେ ସୂର୍ଯ୍ୟର ବିପରୀତ ଦିଗରେ ଭାସି ଉଠେ । ସକାଳେ ଇନ୍ଦ୍ରଧନୁ ପଶ୍ଚିମ ଦିଗରେ ପଡ଼େ ଆଉ ସଞ୍ଜବେଳେ ପୂର୍ବଦିଗରେ । କେହି ଦିନ ଦ୍ୱିପ୍ରହରେ ଇନ୍ଦ୍ରଧନୁ ଦେଖିଛ କି ? ଏ ସବୁ ବିଷୟବସ୍ତୁ ଆଲୋଚନା ହେବା ପରେ ଆମର କୌତୁହଳ ଯେତେବେଳେ ଜାଗ୍ରତ ହେଲା ମାମୁ ଗୋଟାଏ ପ୍ରିଜିମ୍ ଭିତର ଦେଇ ସୂର୍ଯ୍ୟାଲୋକ ପ୍ରବେଶ କରାଇ ଅନ୍ୟପଟେ ସେ ବର୍ଣ୍ଣାଳୀକୁ ଦେଖାଇଲା । ଦ୍ୱିତୀୟ ଚରଣରେ ପ୍ରଶ୍ନ ହେଲା - ସୂର୍ଯ୍ୟରୁ ଏତେ ଆଲୋକ, ଏତେ ତାପ ଉତ୍ପନ୍ନ ହେଉଛି କିପରି ? ଏ ସବୁର ଉତ୍ସ କିଏ ? କିରାସିନି ଜାଳିଲେ ଆଲୋକ ଏବଂ ଉତ୍ତାପ ବିକରିତ ହୁଏ । କୋଇଲାକୁ ଇନ୍ଧନରୂପେ ବ୍ୟବହାର କରି ରେଳ ଇଞ୍ଜିନ୍ ଚାଲେ । ସୂର୍ଯ୍ୟ ତ ଏତେ ଉତ୍ତପ୍ତ । ତା'ର ଇନ୍ଧନ କୁଆଡୁ ଆସେ

Digitized by srujanika@gmail.com

? ଏଇଠି ମାମୁ ଟିକିଏ ବାଟ ଭାଙ୍ଗି ନାଭିକିୟ ଶକ୍ତି ଓ ଅଣୁପରମାଣୁ ବିଷୟରେ ଆମକୁ କାହାଣୀ ଶୁଣେଇଲା । ଗୋଟିଏ ପରମାଣୁରେ କେତେ ଉର୍ଜା ଛପିରହିଛି । ଆଇନ୍‌ଷ୍ଟାଇନ୍ ବସ୍ତୁତ ଓ ଉର୍ଜାର ସମନ୍ୱୟମୂଳକ ତଥ୍ୟ ପ୍ରତିପାଦନକରି ଯେଉଁ ସମୀକରଣ ପ୍ରଦାନ କଲେ ସେହି ତତ୍ତ୍ୱକୁ ବୁଝିଲେ ସୂର୍ଯ୍ୟ ଏବଂ ଅନ୍ୟ ନକ୍ଷତ୍ରମାନଙ୍କର ଅସରନ୍ତି ଉର୍ଜାର ଉତ୍ସ କେଉଁଠି ତାହା ବୁଝି ହେବ । ଅନ୍ତତଃ ମାମୁ ମୋ ପାଇଁ ମୋ ମୁଣ୍ଡରେ ଗୋଟାଏ ବାଇଆ ଫଳ ଗଛର ମଞ୍ଜି ପୋତିଲା । ଏ ବିଷୟ ବସ୍ତୁ ଧୀରେ ଧୀରେ ସରଳ ଭାଷାରେ ମୁହେଁ ମୁହେଁ ବୁଝାଇ ସାରିଲା, ପରେ ମାମୁ ଅନ୍ୟ ଆଡ଼େ ମୁହାଁଇଲା । ଅର୍ଥାତ୍ ଆମକୁ ବାଟ କଢ଼ାଇ ଆଉ ଗୋଟିଏ ଅଜଣା ଦୁନିଆକୁ ନେଇଗଲା ।

ମାମୁର ବକ୍ତବ୍ୟ ହେଲା ଯେ ସମସ୍ତଙ୍କର ଯେମିତି ଗୋଟାଏ ଜୀବନଚକ୍ର ରହିଛି ନକ୍ଷତ୍ରମାନଙ୍କର ବି ଜୀବନଚକ୍ର ଅଛି । ସାଧାରଣତଃ ତିନି ପ୍ରକାରର ତାରା ଜ୍ୟୋତିର୍ବିଜ୍ଞାନର ପର୍ଯ୍ୟବେକ୍ଷଣରୁ ଜଣାପଡ଼େ । ଏ ସମସ୍ତଙ୍କର ଜୀବନ ନାଭିକୀୟ ଉର୍ଜା ଉପରେ ନିର୍ଭରକରେ । ଗୋଟାଏ ଜାତିର ନକ୍ଷତ୍ର ହେଲା ଧୂସର ବା ମାଟିଆ । ଆଉ ଗୋଟାଏ ଜାତି ହେଲା "ଶୁକ୍ଳବାମନ" ଏବଂ ତୃତୀୟଟି "ଲୋହିତ ଦାନବ" । ଗୋଟିଏ ନକ୍ଷତ୍ରର ବର୍ଣ୍ଣାଳୀକୁ ବିଶ୍ଳେଷଣ କଲେ ତାହାର ବୟସ ଏବଂ ଉତ୍ତାପ ଜଣାପଡ଼େ । ନକ୍ଷତ୍ରର ଅନ୍ୟ ଗୁଣାତ୍ମକ ଅନୁସନ୍ଧାନରୁ ତାହାର ଓଜନ ଏବଂ ତାହାର ବ୍ୟାସ କେତେ ତାହା ନିରୂପଣ କରିହୁଏ । ସେ ନକ୍ଷତ୍ର ଯେ ପୃଥିବୀଠାରୁ କେତେ ଦୂର ଅର୍ଥାତ୍ ଆଲୋକ ବର୍ଷ ତାହା ମଧ ନିର୍ଣ୍ଣୟ କରିହୁଏ । ଯେ କୌଣସି ଇନ୍ଧନ ପରିଶେଷରେ ନିଃଶେଷ ହେବ ହିଁ ହେବ । ନାଭିକୀୟ ଉର୍ଜାର ଉତ୍ସ ମଧ ପିରଶେଷରେ ଶେଷ ହେବ । ଗୋଟିଏ ନକ୍ଷତ୍ର ତା'ର ଜୀବନ ଚକ୍ରର ଶେଷ ପରିଣତି ସ୍ୱରୂପ ନିଷ୍ଚିହ୍ନ ହୋଇଯିବ । ଅର୍ଥାତ୍ ଆଲୋକ ଏବଂ ଉତ୍ତାପ ବିକିରଣରୁ ବିରତ ହେବ । ଆମେମାନେ ତାକୁ ଆଉ ଦେଖିପାରିବା ନାହିଁ । ମାମୁ ଆମକୁ ଏତକ ବୁଝାଇଲା ବେଳକୁ "ନ୍ୟୁଟ୍ରନ" ତାରକାର ଆବିଷ୍କାର ହୋଇନଥିଲା ଯଦି ଚ ସେ ସମୟ ଏ ପ୍ରକାର ତାରକାର ତାତ୍ତ୍ୱିକ ଗବେଷଣା ହୋଇ ସାରିଥିଲା । ଦ୍ୱିତୀୟ ବସ୍ତୁଟି ହେଲା "କୃଷ୍ଣବିଳ" ଅର୍ଥାତ୍ "ବ୍ଲାକ୍‌ହୋଲ୍" । ଏହି "କୃଷ୍ଣବିଳ"ର ତାତ୍ତ୍ୱିକ ସିଦ୍ଧାନ୍ତ ପ୍ରତିପାଦିତ ହୋଇଥିଲେ ମଧ ସେତେବେଳକୁ ତାହା ଗ୍ରହଣୀୟ ହୋଇନଥିଲା । ମାମୁ ଏ ଦୁଇଟି ବିଷୟ ତା'ର କାହାଣୀରୁ ବାଦ୍‌ଦେଇଥିଲା । ନକ୍ଷତ୍ର ଓ ନିହାରିକାର

Digitized by srujanika@gmail.com

ଜଗତରୁ ମାମୁ ଆମକୁ ପିକ୍‌ନିକ୍ କରିବା ପାଇଁ ଆଉ ଗୋଟିଏ ଦୁନିଆକୁ ନେଇଗଲା । ସେ ଦୁନିଆ ହେଲା ଅଣୁ-ପରମାଣୁର କାହାଣୀ । ଅଣୁର ଅସ୍ତିତ୍ୱ । କେମିତି ଟମସନ କାଚନଳୀରେ ବିଦ୍ୟୁତ୍ ପ୍ରବାହ କରି ଇଲେକ୍ଟ୍ରନ୍‌ର ସୁରାକ ପାଇଲେ । ରଣ୍ଟଜେନ କେମିତି ଏକ୍ସ-ରେ ଆବିଷ୍କାର କଲେ । ମତେ ବାକେରେଲଙ୍କର ତେଜସ୍କ୍ରିୟ ବସ୍ତୁର ଆବିଷ୍କାରର କଥା ବହୁତ ଆନନ୍ଦ ଦେଇଥିଲା । ସେଇଥିରୁ ତ କ୍ୟୁରୀ ଦମ୍ପତି ଏହି ତେଜସ୍କ୍ରିୟତାର ଉତ୍ସ ଖୋଜି ଖୋଜି ରେଡ଼ିୟମ ଆବିସ୍କାର କଲେ । ମାମୁ ମେରି କ୍ୟୁରୀଙ୍କର ଜୀବନ କାହାଣୀ ଏବଂ ପିଅର କ୍ୟୁରୀଙ୍କର ଅକାଳ ମୃତ୍ୟୁଘଟଣା ମୋତେ ବହୁତ ସ୍ପର୍ଶକରିଥିଲା । ବହୁ ବର୍ଷପରେ ଯେଉଁ ରାସ୍ତାରେ ଅନ୍ୟମନସ୍କ ହୋଇ ଯାଉ ଯାଉ ପିଅରଙ୍କ ଉପରେ ଘୋଡ଼ାଗାଡ଼ୀ ଚଢ଼ିଯାଇଥିଲା ସେଇ ରାସ୍ତାର ଏ ମୁଣ୍ଡରୁ ସେ ମୁଣ୍ଡ ମୁଁ ଚାଲି ଚାଲି ଗଲି ଓ ପିଅରଙ୍କର କଥା ମନେପକାଇଲି । ମାମୁ ଆହୁରି କହିଲା ମେଣ୍ଡେଲେଫଙ୍କର ତାଲିକାରେ ଯେତେ ମୌଳିକ ଉପାଦାନ ଅଛି ସମସ୍ତଙ୍କର ନିଜସ୍ୱ ବର୍ଣ୍ଣାଳୀ ରହିଛି । ସେଇ ବର୍ଣ୍ଣାଳୀରୁ ଉପାଦାନକୁ ଚିହ୍ନଟ କରାଯାଇ ପାରିବ । ବିଭିନ୍ନ ନକ୍ଷତ୍ରରୁ ନିର୍ଗତ ଆଲୋକକୁ ବିଶ୍ଳେଷଣ କରି ସେହି ନକ୍ଷତ୍ରରେ କେଉଁ କେଉଁ ଉପାଦାନ ରହିଛି ତାହା ନିର୍ଣ୍ଣୟ କରିହେବ । ଅଣୁର ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନର ଏହା ଏକ ଅନୁବନ୍ଧର ନମୁନା । ମାମୁ ଯୁବକ ବୋହରଙ୍କର ତତ୍ତ୍ୱ ବି ବୁଝାଇଲା । ଶେଷକୁ ତରଙ୍ଗ ଏବଂ କଣିକାର ଦ୍ୱୈତ ତତ୍ତ୍ୱ ବି କଥାରେ କଥାରେ ବୁଝାଇଦେଲା ।

ବିଜ୍ଞାନ ବୋଇଲେ କେବଳ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ନୁହେଁ । ଆମ ବାରିରେ ଗୋଟାଏ ପିମ୍ପୁଡ଼ିକୋଳି (ତୁତ୍‌କୋଳି) ଗଛଥିଲା । ତା'ରି ପତ୍ର ଏଣ୍ଡିପୋକଙ୍କର ଖାଦ୍ୟ - ଅବଶ୍ୟ ବେଶି ଭାଗ ଏଣ୍ଡିଚାଷ ଗବପତ୍ର ଖୁଆଇ କରାଯାଏ । ଥରେ ସେଥିରେ ସାଁବାଳୁଆ ପୋକ ହେଲା । ସଜନା ଗଛରେ, ଶୃଙ୍ଗାରହାର ଗଛରେ ଯେମିତି ପୋକ ହେଲେ ପାଳବିଡ଼ାରେ ନିଆଁ ଲଗେଇ ପୋଡ଼ି ଦିଅନ୍ତି କିନ୍ତୁ ଏ ଗଛର ପୋକଙ୍କୁ ସେହି ମୃତ୍ୟୁ ଦଣ୍ଡରୁ ତ୍ରାହି ମିଳିଲା । ମାମୁ ତ ଭୂଦାନ କାମରେ ଚାଲିଯାଏ । ସେ ଆମକୁ ସେଇ ପୋକମନ୍ଦା ଉପରେ ନଜର ରଖିବା ପାଇଁ କହିଲା । କିଛି ପୋକ ତ ଚଢ଼େଇମାନଙ୍କର ଅଧାର ହେଲେ । କିଛି ଯାଇ ସେ ଗଛର ପତ୍ର ଖାଇ ଗୋଟିଏ ଗୋଟିଏ ପତ୍ରକୁ ମୋଡ଼ି ତା' ଭିତରେ ରହିଲେ । ମାମୁ କହିଥିଲା ଏମିତି ହେବ । ଆମକୁ କହିଥିଲା ଥରେ ପତ୍ର ଭିତରେ ମୋଡ଼ି ମାଡ଼ି ହୋଇ ପଶିଲାପରେ ପ୍ରତିଦିନ ନଜର ରଖୁଥିବ । ମୁଁ ଦିନେ ଦେଖିଲି ସେ ପତ୍ରର ବସାକୁ କିଏ ଭିତର

Digitized by srujanika@gmail.com

ପଟୁ କୁଟୁ କୁଟୁ କରି କାଟୁଛି । କିଛି ସମୟ ଏକଧ୍ୟାନରେ ନଜର ରଖିଲି । ପ୍ରଥମେ ଦୁଇଟା ଶୁଣ୍ଢ ଦେଖାଗଲା । ଆଉ ତା'ପରେ ରଙ୍ଗ ବେରଙ୍ଗର ସୁନ୍ଦର ପ୍ରଜାପତିଟିଏ ବାହାରି ଆସିଲା ।

ଆମେ ସମସ୍ତେ ସକାଳୁ ସକାଳୁ ଉଠିପଡୁଁ । ଶୀତଦିନେ କମ୍ବଳ ଭିତରୁ ବାହାରିବା ପାଇଁ ଇଚ୍ଛା ହୁଏ ନାହିଁ - ତଥାପି ଉଠିପଡୁଁ । ମାମୁ ଯଦି ଥାଏ ଆମକୁ ସକାଳୁ ସକାଳୁ କେମିତି ଗେଣ୍ଡାଳିଆ ଆଉ ହଂସ ଦଳ ବାନ୍ଧି ଉଡ଼ିଯାଆନ୍ତି ଦେଖାଏ । ଦଳର ମୁଖ୍ୟ ବାଟ କଢ଼େଇ ଉଡ଼ିଚାଲେ ଆଉ ଅନ୍ୟ ସଦସ୍ୟମାନେ ତ୍ରିକୋଣ ଆକରରେ ଉଡ଼ି ଉଡ଼ି ଯାଆନ୍ତି । ସେମାନେ ହିମାଳୟ ପାରି ହୋଇଆସନ୍ତି । ଆମର ଏଠି ଟିକିଏ ଶୀତ କମିଗଲେ ପୁଣି ଫେରି ଚାଲିଯାଆନ୍ତି । ବାଟ ଭୁଲନ୍ତି ନାହିଁ ଏବଂ ଆସନ୍ତାବର୍ଷ ସେଇବାଟେ ଆସନ୍ତି । ସନ୍ଧ୍ୟାବେଳେ କେଉଁ ପାଟ କେଉଁ ଦିଘୀରେ ରହିବେ ସେ ବି ତାଙ୍କୁ ଜଣା ଆଉ ମନେ ବି ରଖନ୍ତି ।

ଆମେ ଅବନୀନ୍ଦ୍ର ନାଥ ଠାକୁରଙ୍କର 'ବୁଡ଼ୋ ଆଙ୍ଗଲା' ବହି ପଢ଼ିଲୁଁ । ଅବନୀନ୍ଦ୍ର ନାଥ ଭାଷାର ଚିତ୍ରକର । ତାଙ୍କର ବର୍ଣ୍ଣନା ପଢ଼ିଲେ ପାଠକ ସେଠାରେ ସ୍ୱୟଂ ଉପସ୍ଥିତ । ତାଙ୍କ ଲେଖାରେ ଜୀବଯନ୍ତୁ କଥା କହନ୍ତି । ଏହି ପୁସ୍ତକର ସାରମର୍ମ ଅତି ସରଳ । ଗୋଟିଏ ଛୋଟପିଲା ଦେବୀଙ୍କ ଅଭିଶାପରେ ବୁଢ଼ା ଆଙ୍ଗୁଠି ଭଳି ଟିକିଟିଏ ହୋଇଗଲା । ସେ ମଣିଷଙ୍କର କଥା ବୁଝିପାରେ ଉପରନ୍ତୁ ପଶୁପକ୍ଷୀଙ୍କର ଭାଷା ବି ବୁଝିପାରେ । ତା'ର ଅଭିଶାପରୁ ମୁକ୍ତିର ଏକମାତ୍ର ପନ୍ଥା ହେଉଛି ମାନସରୋବରକୁ ଯାଇ ସରସ୍ୱତୀଙ୍କୁ ପ୍ରିତକରିବା । ସେହି ଉଦ୍ଦେଶ୍ୟରେ ସେ ପୋଖରୀ କୂଳକୁ ଯାଇ ଗୋଟିଏ ସ୍ଥାନୀୟ ଛୋଟୀ ହଂସକୁ ମାନସରୋବର ଯିବାପାଇଁ ମଙ୍ଗେଇଲା । କାହାଣୀ ତ ଗୋଟିଏ ବହି । ସେ ହଂସ ରାଜିହେଲା ଏବଂ ସେହି ସମୟରେ ଦଳେ ହଂସ ମାନସସରୋବର ବାହୁଡ଼ି ଯାଉଥିଲା । ସେ ହଂସଟି ଏଇ ବୃଦ୍ଧାଙ୍ଗୁଳି ସାଦୃଶ୍ୟ ପିଲାଟିକୁ ପିଠିରେ ବସାଇ ଦଳରେ ସାମିଲ ହେଲା - ସେ ଦଳର ମୁଖ୍ୟ ଚକାନିକୋବର ।

ଅବନି ଠାକୁରଙ୍କର ସେ ବହିରେ ଭୌଗୋଳିକ ତଥ୍ୟ ଏବଂ ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ଅନନ୍ୟ । ସେ ବହି ପଢ଼ି ଶୁଣେଇଲା ବେଳେ ମାମୁ ଭାରତର ଉତ୍ତରପୂର୍ବ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଏବଂ ବୈଷମ୍ୟ ନିଜ ଅଭିଜ୍ଞତାରୁ ଆମକୁ ଜଣାଏ । ସେଥିରୁ ବଙ୍ଗପ୍ରଦେଶରୁ ମାନସରୋବର ପର୍ଯ୍ୟନ୍ତ ଆକାଶ ପଥଯାତ୍ରାର ଏକ ଚିତ୍ରଣ ମିଳିଲା । ଉପରନ୍ତୁ ମାମୁ ନିଜ ତରଫରୁ ପରିପୂରକ ତଥ୍ୟ ମଧ

Digitized by srujanika@gmail.com

ଯୋଗାଇ ଥିଲା ।

ରାମଚନ୍ଦ୍ରପୁରରେ ଆମେ ବାଗୁଡ଼ି, ବୋହୁଚୋରୀ, ଲୁଣଚୋରୀ, ଡାହି ମାଙ୍କୁଡ଼ି ଇତ୍ୟାଦି ଖେଳୁଥିଲୁ । ବାଗୁଡ଼ି, ଆଧୁନିକ ନାମ କବାଡ଼ିକୁ ଛାଡ଼ିଦେଲେ ବାକି ସବୁ ଲୁପ୍ତ ପ୍ରାୟ । ପିଣ୍ଡାରେ ଠିଆହେଲେ ବ୍ରାହ୍ମଣୀ ନଈ ଦେଖାଯାଏ । ଚତୁର୍ମାସ୍ୟା ଛାଡ଼ିଦେଲେ ବର୍ଷସାରା ଆମେ ପ୍ରାୟ ନଈରେ ଗାଧୋଉଁ । କାଶତଣ୍ଡି ଫୁଟି ତା ଛାଇ ନଈପାଣିରେ ପଡ଼ିଲେ ଗୋଳିଆ ପାଣି ସଫା ହୁଏ । ମୋତେ ପ୍ରାୟ ପାଞ୍ଚବର୍ଷ ହେଲାରୁ ମୁଁ କଦଳୀଗଡ଼ ପେଟ ତଳେ ଦେଇ ପୋଖରୀରେ ପହଁରା ଶିଖିଲି । ସନ୍ତରଣ ବିଦ୍ୟା ବନ୍ୟାଧ୍ୟୁସିତ ଅଞ୍ଚଳର ରକ୍ଷା କବଚ । ନଈରେ ହାତ ଗୋଡ଼ ପିଟି ଖୁବ୍ ପହଁରେ । ଚିତ୍‌ପହଁରା ଦିଏ, ବୁଡ଼ା ପହଁରା ଦିଏ ।

ମାମୁ ସନ୍ତରଣ ବିଦ୍ୟାରେ ମଧ୍ୟ ପାରଙ୍ଗମ । ପୁରୀରେ ମାମୁ ଲହରୀ ପାରିହୋଇ ସମୁଦ୍ର ଭିତରକୁ ଚାଲିଯିବା ମୁଁ ଆଶ୍ଚର୍ଯ୍ୟଚକିତ ହୋଇ ଦେଖି ମାମୁର ଗୋଟିଏ ସ୍ତାବକ ହୋଇ ସାରିଥିଲି । ମାମୁର ସମସ୍ତ କାର୍ଯ୍ୟ ସୁଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ । ସନ୍ତରଣ ମଧ୍ୟ ସେଥିମଧ୍ୟରୁ କାହିଁକି ବ୍ୟତିକ୍ରମ ହେବ ? ମାମୁ ଗୋଟିଏ ପୁରୁଣା ଇଂରାଜୀ ବହି ଖୋଜି ବାହାରକଲା । କାଗଜର ରଙ୍ଗ ହଳଦିଆ ଧରି ଆସିଲାଣି, ରୁଖିଆ କାଟି କାଟି ଛୋଟ ଛୋଟ କଣା କରିଛନ୍ତି । ପ୍ରଥମ ପୃଷ୍ଠାରେ - M.M. Chaudhury ଦସ୍ତଖତ । ଏ ବହି ମାମୁର ପିଲାଦିନର ସନ୍ତରଣ ଶିକ୍ଷାର ବହି - How well do you Swim.

ସନ୍ତରଣ ଗୋଟିଏ କଳା । ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାକଲେ ଯେପରି ସ୍ୱରସାଧନା କରିବାପାଇଁ ହୁଏ, ତାଳ-ଲୟକୁ ଖିଆଲ ରଖିବା ଦରକାର ହୁଏ, ଶାସ୍ତ୍ରୀୟ ସନ୍ତରଣ ସେହିପରି ସାଧନା ଦାବିକରେ । ମୁଁ ଯେଉଁ କାଳର କଥା ବର୍ଣ୍ଣନା କରୁଛି ତେତେବେଳେ ଓଡ଼ିଶାରେ ସନ୍ତରଣ ପ୍ରତି ଏତେ ଧ୍ୟାନ ଦିଆଯାଉନଥିଲା । ମିହିର ସେନଙ୍କର ଜନ୍ମ ଓଡ଼ିଶାରେ । ସେ କଲିକତାରେ ହିଁ ଅଧ୍ୟୟନ କରି ବିଲାତ ଯାଇଥିଲେ । ମିହିର ସେନ ପ୍ରଥମ ଭାରତୀୟ ଯେ କି ଇଂଲିଶ ଚାନେଲ ପାର ହୋଇଥିଲେ । ସେହି ପ୍ରଚେଷ୍ଟାରେ କୃତକାର୍ଯ୍ୟ ହେବା ନିମନ୍ତେ ଯେଉଁ ଅଧ୍ୟବସାୟ ଓ ସାଧନାର ଆବଶ୍ୟକ ତାହା ମିହିର ସେନଙ୍କର ସାଫଲ୍ୟ ଅନ୍ତେ ଲୋକ ଲୋଚନକୁ ଆସିଲା । ମାମୁଠାରୁ ଯେଉଁ ବହିଟି ପାଇଲି ସେ ବହି ଇଂରାଜୀରେ ଲେଖା ହେଲେ କ'ଣ ହେବ ସେଥିରେ ଭିନ୍ନ ଭିନ୍ନ ସନ୍ତରଣର ପ୍ରଣାଳୀକୁ ରେଖାଚିତ୍ର ମାଧ୍ୟମରେ ବୁଝାଇ

Digitized by srujanika@gmail.com

ଦିଆହୋଇଥିଲା । ଆମେ ସାଧାରଣତଃ ନଈ ଓ ପୋଖରୀରେ ଯେଉଁ ପ୍ରକାର ପଦ୍ଧତିରେ ପହଁରୀଥାଉଁ ସେ ପଦ୍ଧତିରେ ପହଁରିଲେ ଗତି କେବଳ କ୍ଷୀଣ ହିଁ ହେବ । ପ୍ରତିଯୋଗିତା ମୂଳକ ସନ୍ତରଣରେ ତାହାର ସ୍ଥାନ ନାହିଁ । ସନ୍ତରଣ ପ୍ରତିଯୋଗିତାରେ ପ୍ରତିଟି ପ୍ରତିଯୋଗିତା ଆରମ୍ଭରୁ କେଉଁ ପଦ୍ଧତିରେ ପହଁରୀବା ପାଇଁ ହେବ ତାହା ବହୁ ପୂର୍ବରୁ ସ୍ଥିରୀକୃତ । ସେହି ପଦ୍ଧତିରେ ନ ପହଁରୀଲେ ପ୍ରତିଯୋଗୀ ଅକୃତକାର୍ଯ୍ୟ ହେବା ନିଶ୍ଚିତ ।

ଶାସ୍ତ୍ରୀୟ ସନ୍ତରଣ ପ୍ରଥମ ସୋପାନର ଶିକ୍ଷାର ବିଷୟବସ୍ତୁ ହେଲା ହାତ, ଗୋଡ଼, ବେକ, ମୁଣ୍ଡ, ପାଟି ଓ ନାକ ମଧ୍ୟରେ ଏକ ସମନ୍ୱୟ ପ୍ରତିଷ୍ଠା କରିବା । ଉଦାହରଣ ସ୍ୱରୂପ ଗୋଟିଏ ହାତ ଯେତେବେଳେ ଆଗକୁ ବଢ଼େଇବାକୁ ହେବ ସେତେବେଳେ ଗୋଡ଼ ଦୁଇଟି କ'ଣ କରୁଥିବେ ? ମୁଣ୍ଡ କେଉଁ ଆଡ଼କୁ ବୁଲିବ ? ନିଶ୍ୱାସ ଭିତରକୁ ଟାଣିବ ନା ନିଶ୍ୱାସ ଛାଡ଼ିବ ? ବେଶି ଭାଗ ପହଁରୀବାର ପଦ୍ଧତି ହେଲା ନିଶ୍ୱାସ ପାଟିବାଟେ ଭିତରକୁ ନେଇ ନାକବାଟେ ଛାଡ଼ିବା । ନାନା ପ୍ରକାରର ପହଁରୀବାର ପଦ୍ଧତି ରହିଛି । ସେମାନଙ୍କ ଭିତରୁ ସେକାଳର କ୍ରଲ ଅର୍ଥାତ୍ ଗୁରୁଣ୍ଡିବା ଶୈଳୀ ଦୃତତମ ଏବଂ ତାକୁ ଅକ୍ତିଆର କରିବା ନିମନ୍ତେ ବହୁତ ସାଧନା ଆବଶ୍ୟକ । ତବଲାର ମାତ୍ରା ଭଳି କ୍ରଲ୍‌ର ଗୋଟାଏ ଚକ୍ର ଅଛି । ପ୍ରଥମ ସ୍ତରରେ ଛଅବିଟ ଅର୍ଥାତ୍ "ଛଅମାତ୍ରା"ର କ୍ରଲ ଶିଖିବାପାଇଁ ପଡ଼େ । ଆମେ ଡାହାଣ ହାତରୁ ଆରମ୍ଭ କରିବା । ସେ ହାତଟି ପାଣି ଉପରକୁ ଉଠାଇ ଆଗକୁ ସିଧା ବଢ଼ାଇବା । ସେତେବେଳକୁ ମୁଣ୍ଡ ବି ଡାହାଣଆଡ଼କୁ ମୋଡ଼ି ହୋଇଯିବ କିନ୍ତୁ ପାଣି ଉପରକୁ ଉଠିବ ନାହିଁ । ସେଇ ମୋଡ଼ି ହୋଇଥିଲାବେଳେ ପାଟି ଖପ୍‌କିନା ପେଟେ ପବନ ଟାଣି ନେବ । ସେତେବେଳେ ଗୋଡ଼ ଦୁଇଟି ପାଣିରେ ସମାନ୍ତରାଳ ରହି ଚବର ଚବର କରି ପାଣିକୁ ପିଟୁଥିବେ ଅଥଚ ଯେତେ ଦୂର ସମ୍ଭବ ପାଣି ଆଦୌ ଛିଟିକିବ ନାହିଁ । ପାଣି ଛିଟିକିଲେ ଶକ୍ତିର ବିନିର୍ବ୍ୟୟ । ଗୋଡ଼ ଚବର ଚବର ହୋଇ ଶରୀରକୁ ଆଗକୁ ଠେଲିବ । ଡାହାଣ ହାତ ପାଣିରେ ପଶିଲାବେଳକୁ ବାମ ହାତଟି ଉଠାଇ ଆଗକୁ ବଢ଼ାଇବାକୁ ହେବ ଏବଂ ତାହାରି ସହିତ ମୁଣ୍ଡ ବାମଦିଗକୁ ବୁଲିବ । ପାଣି ଭିତରେ ମୁଣ୍ଡ ବୁଲି ବାମପଟକୁ ଯିବା ଭିତରେ ନାକବାଟେ ନିଶ୍ୱାସ ଛାଡ଼ି ଛାଡ଼ି ଖାଲି ହୋଇଯିବ । ପୁଣି ବାମପଟୁ ମୁଣ୍ଡ ଡାହଣକୁ ବୁଲିବ ଏବଂ ଡାହାଣ ହାତ ଆଗକୁ ଯିବାକୁ ପ୍ରସ୍ତୁତ । ଏଇ ଗୋଟିଏ ଚକ୍ରରେ ଗୋଡ଼ ଦୁଇଟି ଛଅ ଥର ଚବର

Digitized by srujanika@gmail.com

ଚବର ହୋଇ ସାରିଥିବେ । ଏଇ ହେଉଛି ଛଅମାତ୍ରାର କ୍ରଲ । ତା ଉପରକୁ ଆଉ ଦୁଇଟି ମାତ୍ରା ଥିଲା - ଆଠ ମାତ୍ରା ଏବଂ ବାର ମାତ୍ରା । ଏଇ ଛଅ ମାତ୍ରାକୁ ସାଧିବାପାଇଁ ଆରମ୍ଭ କଲି । ନଈ ତୁଠରେ ଅଣ୍ଟ ପାଣିରେ ହାତ ଭରାଦେଇ ପେଟେଇ ଆଗେ ଗଣି ଗଣି ଗୋଡ଼ ଦୁଇଟା ଚବର ଚବର କଲି । ମାମୁ ଏ ସବୁକୁ ନଜର ଦିଏ ଆଉ ତାଳରୁ ହଟି ବେତାଳିଆ ହେଲେ ବତେଇ ଦିଏ, ଚେତେଇ ଦିଏ ।

ଏହାପରେ ନିଶ୍ୱାସ ପ୍ରଶ୍ୱାସରେ ଅଭ୍ୟାସ କଲି । ଏତକ କବଜାକୁ ଆସିଲାରୁ ନଈରେ ହାତଗୋଡ଼ ଆଉ ମୁଣ୍ଡର ସମନ୍ୱୟ ରଖି "ଛଅମାତ୍ରାର" କ୍ରଲ ଅଭ୍ୟାସ କଲି । ମାମୁ ତ କେଇଦିନ ରହି ଚାଲିଯାଏ । କିନ୍ତୁ ମୁଁ ସେଇ କ୍ରଲ ଅଧ୍ୟବସାୟ ସହ କରିଚାଲେ । ଏମିତି କରୁକରୁ ଭୁଲ୍ ମଧ୍ୟ ହୋଇଯାଏ ଏବଂ ସେହି ଭୁଲ୍‌କୁ ବାରମ୍ବାର ଦୂରକରି ଭଲ ପଦ୍ଧତିରେ ପହଁରେ । ମାମୁ ଆସିଲେ ଭୁଲ୍ ସୁଧାରେ । ଏହି ଏକକ ଅଭ୍ୟାସ କରିବା ସମୟରେ ସାଥିମାନେ ଟିକେ ଚେହିକରି ବି କହନ୍ତି - ଆସିଲୁ ଦେଖିବା ଆମ ସାଙ୍ଗରେ ପହଁରୀବୁ । ଦେଖିବା କିଏ ଜିତିବ ? ସେମାନେ ଦେଶୀୟ ପଦ୍ଧତିରେ ପହଁରୀ ଜିତନ୍ତି ଆଉ ମୁଁ ବରାବର ହାରେ । ମୁଁ ଲକ୍ଷ୍ୟକରି ଦେଖିଛି ମାମୁ କ୍ରଲ ପହଁରିଲାବେଳେ ହୁଲିଡଙ୍ଗା ଯେମିତି ସିଧାସଳଖ ସାପଭଳି ଶିରାକାଟି ବାହାରୀଯାଏ ମାମୁ ସେମିତି ପାଣିରେ ଦ୍ରୁତଗତିରେ ଶିରାକାଟି ବାହାରି ଯାଏ ଟିକିଏ ପାଣିବି ଛିରିକେନାହିଁ । ତେଣୁ ମୋର ଦୃଢ଼ ବିଶ୍ୱାସ ଥିଲା ଯେ କ୍ରଲକୁ ଅକ୍ତିଆର କଲେ ମୋର ଗତି ମଧ୍ୟ ବଢ଼ିବ । ବହୁକଷ୍ଟରେ ଛଅମାତ୍ରାକୁ ସାଧକଲି । କିନ୍ତୁ ତଥାପି ହାରିଲି । ତା'ପରେ ଲାଗିପାତି ଆଠମାତ୍ରାର କ୍ରଲକୁ ଅକ୍ତିଆର କଲି । ଆଠମାତ୍ରା କ୍ରଲ ଅକ୍ତିଆର ହେଲାରୁ ମୁଁ ମୋ ସାଙ୍ଗମାନଙ୍କୁ ହରାଇଲି ଏବଂ ମୋ'ଠାରୁ ବଡ଼ପିଲାଙ୍କୁ ବି ହରେଇଲି । କିନ୍ତୁ "ବାରମାତ୍ରା" ମୋ ଦ୍ୱାର ସାଧି ହେଲାନାହିଁ । ମାମୁ ଆଉ ଦୁଇଟା ପହଁରୀବାର ପଦ୍ଧତି ମୋତେ ଶିଖାଇଲା । ଗୋଟିଏ ବ୍ରେଷ୍ଟଷ୍ଟ୍ରୋକ୍ ଏବଂ ଅନ୍ୟଟି ରେସିଙ୍ଗ ବ୍ରେଷ୍ଟଷ୍ଟ୍ରୋକ୍ । ପ୍ରଥୋମକ୍ତ ପଦ୍ଧତିଟି ବନ୍ୟା ସମୟରେ ଦୁର୍ଭାଗ୍ୟକୁ ପାଣିରେ ପଡ଼ିଲେ ନିଜର ଜୀବନ ବଞ୍ଚାଇବାପାଇଁ ସହାୟକ । ଏହି ପଦ୍ଧତିରେ ସନ୍ତରଣରେ ବିଶେଷ ଉର୍ଜାର ବ୍ୟୟ ହୁଏ ନାହିଁ ଏବଂ ସନ୍ତରଣକାରୀ ଅନାୟସରେ ମାଇଲିଏ ଦୁଇମାଇଲ ପହଁରିଯାଇ ପାରିବ । ଏହା ଯଦି ଚ ଶାସ୍ତ୍ରୀୟ ସନ୍ତରଣ ପ୍ରଣାଳୀ ତଥାପି ହାତଗୋଡ଼ ଓ ନିଶ୍ୱାସ ପ୍ରଶ୍ୱାସର ସମନ୍ୱୟ ଏତେ କଷ୍ଟକର ନୁହେଁ । କ୍ରଲ ଶିଖିବାପୂର୍ବରୁ ବ୍ରେଷ୍ଟଷ୍ଟ୍ରୋକ୍ ଶିଖିଗଲି । ରେସିଙ୍ଗବ୍ରେଷ୍ଟଷ୍ଟ୍ରୋକରେ ମୁଣ୍ଡ ଆଉ

Digitized by srujanika@gmail.com

ବେକ ସିଧାରଖି ପାଣିରେ ଟିକେ ବୁଡ଼ାଇ ରଖିବାପାଇଁ ହୁଏ । ମୁଣ୍ଡ ପାଣି କାଟି କାଟି ଯାଏ ଠିକ୍ ଡଙ୍ଗା ବା ଷ୍ଟିମର୍‌ରେ ଆଗ ମଙ୍ଗ ଯେମିତି ପାଣିକାଟି ଆଗକୁ ବଢ଼େ । ନିଶ୍ୱାସ-ପ୍ରଶ୍ୱାସର ନିୟମ କ୍ରଲଠାରୁ ସହଜ । ପ୍ରତ୍ୟେକଟି ଚକ୍ର ଆରମ୍ଭରେ ମୁଣ୍ଡଟିକୁ ସାମାନ୍ୟ ଟେକି ପାଟିରେ ହାବୁକାଏ ପବନ ଖପ୍‌କିନା ଗିଳିନେଇ ମୁଣ୍ଡକୁ ତଳକୁ କରିବାକୁ ହୁଏ । ଆଉ ମୁଣ୍ଡ ଉଠାଇବା ଅବ୍ୟବହିତ ପୂର୍ବରୁ ନାକବାଟେ ପବନ ବାହାର କରିଦିଆଯାଏ । ଏହା ଫଳରେ ନାକରେ ପାଣି ପଶି ଶ୍ୱାସରୁଦ୍ଧହେବାର ସମ୍ଭାବନା ନଥାଏ । ଏଇ ପଦ୍ଧତିକୁ ମଧ ଖୁବ୍ ଭଲଭାବରେ ସାଧିଲି ଏବଂ ପ୍ରାୟ ନିଖୁଣ ଶୈଳୀରେ ବହୁତ ବାଟ ପହଁରୀ ପାରୁଥିଲି । ମାମୁ ମୋର ଏ ପଦ୍ଧତି ଦେଖି ସନ୍ତୁଷ୍ଟ ହେଲା । ଦିନେ କହିଲା, "ବାଃ ! ବେଶ ଭଲ ପହଁରା ଶିଖିଗଲୁଣି ।" ସେତେବେଳେ ମୋତେ ବାର କି ତେର ବର୍ଷ । ମୁଁ ପ୍ରତ୍ୟେହ ପ୍ରାୟ ଗୋଟିଏ ମାଇଲ ବ୍ରେଷ୍ଟଷ୍ଟ୍ରୋକ୍ ପହଁରୀ ପାରୁଥିଲି - ବଳିଆଗଣ୍ଡକୁ ଚାରିଥର ଏକର ସେକର ପହଁରୁ ଥିଲି । ମାମୁ ଆଗରୁ ଆସନ ସବୁ ଶିଖେଇଥିଲା । ଦୈନିକ ଆସନ ଓ ସନ୍ତରଣର ଅଭ୍ୟାସରେ ମୋର ଶରୀର ସୁଗଠିତ ହୋଇଉଠିଲା ।

ଏହି ସନ୍ତରଣ ଶିକ୍ଷାର ଏକ କ୍ଷୁଦ୍ର ଉପସଂହାର ରହିଛି । ପ୍ରାୟ ତିରିଶ ବର୍ଷ ଉତ୍ତାରୁ ମୁଁ ଗୋଟିଏ ବର୍ଷ CERN, Genevaରେ ବିତାଇଥିଲି । ସେ ସମୟରେ ମୋର ଘନିଷ୍ଠ ବନ୍ଧୁ ଅଶୋକ ନନ୍ଦୀ ମଧ CERNରେ ଥିଲେ । ତାଙ୍କର ପତ୍ନୀ ମାରିଅନ - ବିଦେଶୀନୀ । ଶୀତଦିନେ ମୁଁ ସେଠାରେ ଗୋଟିଏ ସନ୍ତରଣ ପୁଷ୍କରିଣୀକୁ ଯାଉଥିଲି କାରଣ ଶୀତଦିନେ କସରତର ଏହା ଗୋଟିଏ ସୁବିଧା ଉପାୟ । ଅଶୋକ ଓ ମାରିଅନ ବି ସେହି ସମୟରେ ଆସନ୍ତି । ମାରିଅନ ପ୍ରସ୍ତାବ ଦେଲା ଯେ ସେ ମୋର ପୁଅ ଏବଂ ସ୍ତ୍ରୀକୁ ପହଁରା ଶିଖାଇବ । ସେଥିପାଇଁ ସାଜ ସରଞ୍ଜାମ କିଣା ହେଲା । କାରଣ ଉପଯୁକ୍ତ ପରିଧାନ ବିନା ସେଇ ପୁଲରେ ଓହ୍ଲାଇବାର ଅନୁମତି ନାହିଁ ।

ମୁଁ ସେ ଶୀତଦିନେ ଶନିବାର ଆଉ ରବିବାର ଦୁଇ କିଲୋମିଟର ଲେଖାଏଁ ପହଁରୁଥିଲି । ସେଇ ପୁଲରେ ୨୦ଥର ଅର୍ଥାତ୍ ଏକ କିଲୋମିଟର ଏପାରି ସେପାରି ହେଲାପରେ ୨୦ମିନିଟ୍ ବିଶ୍ରାମ ନିଏ ଏବଂ ତା'ପରେ ଆଉ କୋଡ଼ିଏ ଲାପ । ଅଲିମ୍ପିକ୍ ମାପର ସେଇ ପୁଲ ଅର୍ଥାତ୍ ୫୦ମିଟର ଦୈର୍ଘ୍ୟ ।

ଏମିତି କେତେ ସପ୍ତାହ ଉତ୍ତାରେ ଦିନେ ମାରିଅନ ମତେ ପଚାରିଲା ଏଇ

Digitized by srujanika@gmail.com

ଶୈଳୀର ବ୍ରେଷ୍ଟଷ୍ଟ୍ରୋକ୍ ତମେ କାହାଠାରୁ ଶିଖିଲ ? ମୁଁ ତାକୁ ଓଲଟେଇ ପଚାରିଲି କ'ଣ ଭୁଲ ଶୈଳୀ ଅନୁସରଣ କରି ପହଁରୁଛି କି ? ସେ କହିଲା, "ନା ତା' ନୁହେଁ । ଏବେ ବହୁତ କମ୍ ଲୋକ ଏ ଶୈଳୀରେ ପହଁରନ୍ତି - ଏ ତ କ୍ଲାସିକ୍ ଷ୍ଟାଇଲ୍ (Classic Style) ।" ମୁଁ ମାରିଅନକୁ କହିଲି, "ଏ ପହଁରିବାର ଶୈଳୀ ମୋ ମାମୁ ମତେ ଶିଖାଇଛନ୍ତି ।"

କାହିଁ ବ୍ରାହ୍ମଣୀ ନଈର ବଳିଆଗଣ୍ଡ ଆଉ କାହିଁ Meyrinର ଅତ୍ୟାଧୁନିକ Indoor Pool । ମାମୁ ଯେଉଁ ବିଦ୍ୟାଶିକ୍ଷା ଦେଇଥିଲା ତାକୁ ଦେଖି Genevaରେ ବି ଲୋକ କହିଲେ Classic style - ଆଖର ମୋ ମାମୁ ତ ।

ପହଁରିବାରେ ଆମେ ଟିକେ ଟିକେ ଆଗେଇ ଗଲାପରେ ମାମୁ କହିଲା, "ପାଣି କି କୁଦା ମାରିବା ଶିଖେଇବ । ମୁଁ ଆଉ ମୋର ସାଙ୍ଗମାନେ ନଈ ଅତଡ଼ାରୁ ବଳିଆଗଣ୍ଡକୁ ମାଙ୍କଡ଼ଚିତ୍ ମାରି ଡେଉଁଥିଲୁଁ । ଆଉ ଆମ ବିଦ୍ୟାଳୟର ବାଙ୍ଗିକୁ ଡେଉଁଥିଲୁଁ । ଏଇଟା ବାହାଦୂରୀ ଥିଲା । ଶାସ୍ତ୍ରୀୟଢ଼ଙ୍ଗରେ ପାଣିକୁ କୁଦିବା / ଗୋତା ଆଉ ଗୋଟିଏ ସୂକ୍ଷ୍ମ ବିଦ୍ୟା । ସେଥିରେ ଗୁରୁତର ଆଘାତର ସମ୍ଭାବନା ରହିଛି । ଏ ପ୍ରକାର ଲମ୍ଫ ପ୍ରଦାନ ପୁଲରେ ପଟା ଉପରୁ ଗଭୀରତମ ପ୍ରଦେଶକୁ କରାଯାଇଥାଏ । ମାମୁ ଗୋଟାଏ ଶାଳ କାଠର ପଳଖା ଯୋଗାଡ଼ କଲା । ବାଉଁଶ କାଟି ଦୁଇ ଦୁଇଟା ଗୋଡ଼ ତିଆରି କଲା । ପ୍ରଥମେ ନଈ ପାଣିରେ ହାତରେ ଅଣ୍ଡାଳି ଅଣ୍ଡାଳି ବାଲି ଖୋଳି ଏଇ ଚାରିଟା ଗୋଡ଼, (ଦୁଇଟା ବାଉଶ ଛନ୍ଦା ହୋଇ ହଳେ ଗୋଡ଼ ଆଉ ସେମତି ହଳେ ଗୋଡ଼) ବାଲିରେ ବାଲିରେ ମଜଭୂତ କରି ପୋତା ହେଲା । ତା'ଉପରେ ସେ ପଳଖା ପଡ଼ିଲା । ସେଇ ପଳଖାର ଆଗପଟ ଗଭୀର ପାଣି ଆଡ଼କୁ ବଢ଼ିକରି ରହିଲା । ମାମୁ ସେଇ ପଳଖାରେ ଚଢ଼ି ଗୋଟିଏ ଗୋଟିଏ ଲମ୍ଫର ନା' ଧରି କହେ ଆଉ ତାକୁ ପ୍ରଦର୍ଶନ କରେ - ପ୍ଲେନ୍ ହେଡ଼ର, ସ୍ୱାଲୋ ଇତ୍ୟାଦି ଇତ୍ୟାଦି । ଆମେ କେଇଟା ସହଜ ସହଜ "ଡାଇଭ୍" ଶିଖିନେଲୁ । କିନ୍ତୁ ଆଗକୁ ବେଶି କାରସାଦି ଥିଲା କରିବା ପାଇଁ ଡର ମାଡ଼ିଲା । ଓଲଟ ମାଙ୍କଡଚିତ୍‌ଟା ମୁଁ ଅକ୍ତିଆର କଲି । କିନ୍ତୁ ଏଇ ଲମ୍ଫଦାନର ପଟା ଓ କଳ ବେଶିଦିନ ରହିଲାନାହିଁ । ବର୍ଷାଦିନ ଆସିଗଲା । ନଈରେ ନୂଆପାଣି ପଡ଼ିବା ଆଗରୁ ଆମେ ପଳଖା ପଟାଟା ଖୋଲି ବୋହି ବୋହି ନେଇ ଆସିଲୁଁ । ସେଇ ଚାରୋଟି ବାଉଁଶ ଖୁଣ୍ଟ ଏତେ ବସି

Digitized by srujanika@gmail.com

ଯାଇଥିଲା ଯେ ତାକୁ ବାହାର କରି ନପାରି ଛାଡ଼ି ଚାଲି ଆସିଲୁଁ । ଆମେମାନେ ମନକୁ ବୋଧ ଦେଲୁଁ । ଆମେ ଯଦି ଉପାଡ଼ି ନପାରିଲୁ ତା'ହେଲେ ସେଇ ଖୁଣ୍ଟ ସେମିତି ଆରବର୍ଷକୁ ଏଇଠି ଥିବ । ଆମେ ପଲଖାଟା ଆଣି ପୁଣି ବାନ୍ଧିଦେବା । ସେ ଆଶା ବିଫଳ ହେଲା । ବର୍ଷାଦିନ ପରେ ନଈ ଧାର ଛିଡ଼ିଲା । ଆମେ ବଲିଆଗଣ୍ଡକୁ ଯାଇ ସେଇ ଖୁଣ୍ଟକୁ ଖୋଜିଲବେଳକୁ ସେ ନିଶ୍ଚିହ୍ନ । ବ୍ରାହ୍ମଣୀ ତାକୁ ବୋଧହୁଏ ମୋଡ଼ି, ଉପାଡ଼ି ଭସେଇ ନେଇ ଗଲା ।

ମୋତେ ପ୍ରାୟ ଦଶ, ଏଗାର ବର୍ଷ ହେଲାବେଳକୁ ମୁଁ ମହୁମାଛି ଧରି ଶିଖିଗଲି । ପ୍ରଥମେ ମୋର ଗୋଟାଏ ମହୁମାଛି ବାକ୍ସ ଥିଲା । ମାମୁର "ମହୁଚାଷ" ବହିରୁ ମହୁମାଛି ପାଳନ ଶିଖିଗଲି । ମଝିରେ ମଝିରେ ଗଣେଶମାମୁ (ମହାନ୍ତି) ମତେ ଟିକେ ଟିକେ ବତେଇ ଦିଅନ୍ତି । ମାମ୍ନା ଆସି ରାମଚନ୍ଦ୍ରପୁରରେ ରହିଲାବେଳକୁ ମୋର ତିନିଟା ମହୁମାଛି ବାକ୍ସ । ଗାଗା ବି ସେ ବିଦ୍ୟାରେ ଅଭିଜ୍ଞ । ମାମୁ ସାଙ୍ଗରେ ଆଲୋଚନା, ପରାମର୍ଶ କରି ମହୁଚାଷର ଆହୁରି ସୂକ୍ଷ୍ମ କାଏଦା ମୁଁ ଶିଖିଲି । ତଳ କୋଠରୀରେ ରାଣୀ ଅଣ୍ଡା ଦିଏ । ବାକି ଉପର କୋଠରୀମାନଙ୍କରେ ମହୁମାଛିମାନେ ମହୁ ସଂଗ୍ରହ କରି ସଞ୍ଚୟକରି ରଖିଥାଆନ୍ତି । ଏଇ ଉପର ଫେଣାକୁ ଆମେ ନିଷ୍କାସନ କରି ମହୁନେଇ ଯାଇଥାଉଁ । ତଳ କୋଠରୀରେ ମହୁମାଛିଙ୍କର ଫେଣା କଳା ହୋଇଯାଏ । ତା'ର କାରଣ ବି ମତେ ଜଣାଥିଲା । ରାଣି ଅଣ୍ଡା ଦେବାର ପ୍ରାୟ ସାତ ଦିନପରେ ସେଇ ଖୋପଟିକୁ ମହମଦେଇ କର୍ମୀ ମହୁମାଛିମାନେ ବନ୍ଦକରି ଦିଅନ୍ତି । ସେଇ ଅଣ୍ଡାର ପର ଗଙ୍କୁରୀ ମହୁମାଛିରେ ପରିବର୍ତ୍ତନ ହେଲେ ଛୁଆଟି ତା'ର ଖୋପର ପରଦା କାଟି ବାହାରି ଆସେ । ସେ ବାହାରି ଆସିବାବେଳକୁ ତାର ଶରୀର ଉପରେ ଥିବା ଅତି ପତଳା ପରଦାଟି ସେଇ ଖୋପରେ ରହିଯାଏ । ଏ ସମସ୍ତ ତଥ୍ୟ ମୋର ଜଣାଥିଲା । ମାମୁ ମତେ ଦୁଇଟି କଥା କହିଲା । ପ୍ରଥମ କଥାଟି ହେଲା, ଯେ ଏଇ ପତଳା ପରଦା ଜମି ଜମି ସେଇ ଖୋପ ଗୁଡ଼ିକର ଆକାର ଧୀରେ ଧୀରେ ଛୋଟ ହୋଇଯାଏ । ଏହାର ଫଳ ସ୍ୱରୂପ ଉତ୍ତର ପୁରୁଷ ମାଛିର ଆକାର ଛୋଟ ହୋଇଯାଏ । କାରଣ ସେଇଁ ଅଣ୍ଡାର ବଢ଼ିବାପାଇଁ ସ୍ଥାନ ସଙ୍କୁଚିତ ହୋଇଯାଇଥାଏ । ସେଇ ପିଲାଟିର ବିକାଶ ସମ୍ପୂର୍ଣ୍ଣ ନ ହୋଇଥିବାରୁ ସେ ସାମାନ୍ୟ ଦୁର୍ବଳ ହୋଇ ଜନ୍ମହୁଏ । ମାମୁ କହିଲା ଯେ ମଝିରେ ମଝିରେ ଏଇ କଳା ପଡ଼ିଯାଇଥିବା

Digitized by srujanika@gmail.com

ଫେଣାକୁ ବଦଳାଇବା ପାଇଁ ହେବ । ସେ କହିଲା, ପ୍ରଥମେ କଳା ଫେଣାକୁ ତଳ କୋଠରୀରେ ଗୋଟାଏ କଡ଼କୁ ରଖିଦେ । ତା'ହେଲେ ରାଣୀ ନିରାପତ୍ତା ଦୃଷ୍ଟିରୁ ସେଇ ଫେଣାରେ ଅଣ୍ଡା ଦେବ ନାହିଁ କିମ୍ବା ବହୁତ ଅଳ୍ପ ଅଣ୍ଡା ଦେବ । ସେଇ ଫେଣାରେ ଯେଉଁ ଅଣ୍ଡା ଅଛି ତାହା ଭିତରୁ ସବୁ ଛୁଆମାଛି ବାହାରି ଗଲାପରେ ସେ ଫେଣାଟିକୁ କାଟି ବାକ୍ସରୁ ବାହାର କରିଦେବୁ । ମୁଁ କହିଲି ଯେଉଁ ଋତୁରେ ମହୁମାଛିମାନେ ମହୁ ସଂଗ୍ରହ କରନ୍ତି ସେ ସମୟରେ ଗୋଟିଏ ଫେଣା କାଟି ପକାଇଦେଲେ ମହୁ ଉତ୍ପାଦନ କମିଯିବ କାରଣ ମାଛିମାନେ ମହୁ ସଂଗ୍ରହକରି ଆଣି ତାକୁ ମହମ କରିବେ । ମାମୁ ଏ ଦିଗଟା ବି ଭାବିଥିଲା । ସେ କହିଲା, ଶୋରିଷ, ଧନିଆ, ଆମ୍ବ ମହୁର ଉତ୍ପାଦନ ହୋଇସାରିଲା ପରେ ଯେତେବେଳେ କରଞ୍ଜ, ନିମ ଭଳି ପିତା ମହୁର ମଉସମ ଆସିବ ସେତେବେଳେ ଫେଟାଣିକୁ କାଟି ବାହାର କରିଦେବୁ । ମାମୁ ଏହିପରି ସବୁ ବିଷୟରେ ସୂକ୍ଷ୍ମ ଦିଗକୁ ନଜର ରଖୁଥାଏ । ମୁଁ ମହୁଚାଷରେ ପାରଙ୍ଗମ ହୋଇଗଲାପରେ ଗାଗା ଥଟ୍ଟା କରି କହେ "ନରାଣାଂ ମାତୁଳ କ୍ରମ ।" ମାମୁ ସଯତ୍ନରେ ମତେ ଅନେକ କଥା ଶିଖାଇଛି ।

ଅମି ଗୁରୁତର ଅସୁସ୍ଥ ହୋଇପଡ଼ିଲା । ଗାଗା କଟକ ଚାଲିଗଲା । ମାମୁ ଆସି ରାମଚନ୍ଦ୍ରପୁରରେ ରହିଲା । ବା' କେଉଁଝରରେ । ପଣାସଂକ୍ରାନ୍ତି ପାରି ହୋଇଯାଇଥାଏ । ପ୍ରତିଦିନ ସକାଳୁ ନଈରେ ଭଲକରି ପହଁରିସାରି ଜଳଖିଆ ଖାଇ ଆମେ ଚାରିଜଣ ସ୍କୁଲ ଯାଉଁ । ଆଉ ମାମ୍ନା ବି ଆମ ସାଙ୍ଗରେ ଯାଏ । ଏକ ଓଳିଆ ସ୍କୁଲ । ସକାଳ ପ୍ରାୟ ଛଅଟାପରେ ଦିନକର କାର୍ଯ୍ୟାବଳୀ ଆରମ୍ଭ ହୁଏ । ପ୍ରଥମେ ଯିଏ ଯାହାର ପାଳି ଅନୁସାରେ ଖରକନ୍ତି, ଗୁହାଳ ସଫା କରନ୍ତି ଅଥବା ପାଇଖାନା ସଫା କରନ୍ତି ।

ଏପ୍ରିଲ୍ ୨୯, ୧୯୫୮ର ଘଟଣା । ମୁଁ ଗାନ୍ଧୀ ରାଜପଥ ଖରକୁଛି । ଏତିକିବେଳେ ଗୋଟାଏ ଜିପଗାଡ଼ି ନଳକୂଅ "ପଥଧାରା" ପାଖରେ ଠିଆହେଲା । ତାହା ଭିତରୁ ବିନୋଦମାମୁ (କାନୁନ୍‌ଗୋ) ଓହ୍ଲାଇ ପଡ଼ିଲେ । ମୁଁ ସକାଳୁ ସକାଳୁ ବିନୋଦ ମାମୁଙ୍କୁ ଦେଖି ଭାରି ଖୁସି ହୋଇଗଲି । ପହଁରାଟା ରାସ୍ତାକଡ଼ରେ ରଖି ଆଗେଇଯାଇ ତାଙ୍କୁ ନମସ୍କାର କରି ଅତି ଉତ୍ସାହରେ କ'ଣ କହି ପକାଇଲି । ବିନୋଦମାମୁ ଟିକେ ଗମ୍ଭୀର ହୋଇଗଲେ । ଏତିକିବେଳେ ଭୁବନାନନ୍ଦ ଗୁରୁଜୀ

Digitized by srujanika@gmail.com

(ସ୍ୱାଇଁ) ତନ୍ତଘର ଆଡୁ ବାହାରି ଆସିଲେ ଏବଂ ବିନୋଦ ମାମୁଙ୍କୁ ସହାସ୍ୟ ଅଭିବାଦନ କଲେ । ବିନୋଦମାମୁ ସେମିତି ଗମ୍ଭୀର ଭାବରେ ପ୍ରତିନମସ୍କାର କରି ଭୁବନାନନ୍ଦ ଗୁରୁଜୀଙ୍କୁ ଟିକିଏ ଦୂରକୁ ଆଡ଼କରି ନେଇ ଚୁପ୍ ଚୁପ୍ କ'ଣ କହିଲେ । ଭୁବନାନନ୍ଦ ଗୁରୁଜୀଙ୍କର ଆବଭାବ ବି ବଦଳିଗଲା । ମୁଁ ଗୁରୁଜନମାନଙ୍କ କଥୋପକଥନକୁ ନ କାନେଇ ଗାନ୍ଧୀ ରାଜପଥ ଖରକିବାରେ ଲାଗିଲି । ପ୍ରାର୍ଥନା ଘଣ୍ଟା ପଡ଼ିଲା । ପହଁରାଟି ଯଥା ସ୍ଥାନରେ ରଖି ଗୋଡ଼ ହାତ ଧୋଇ ପ୍ରାର୍ଥନାକୁ ଗଲି । ଖରାଦିନେ ସକାଳ ପ୍ରାର୍ଥନା ପିଜୁଳି ବାଡ଼ିରେ ହୁଏ । ସମସ୍ତେ ଚଟେଇ ପକେଇ ତଳେ ବସନ୍ତି । ମୁଁ ଆମ ସୋପାନର ସାଙ୍ଗ ପିଲାଙ୍କ ଭିତରେ ପ୍ରାର୍ଥନା ସଭାରେ ବସିଲି । ଗୁରୁଜୀମାନେ ଛାତ୍ରମାନଙ୍କ ଆଡ଼କୁ ମୁହେଁଇ ବସନ୍ତି । ମାମ୍‌ନା ସେ ସକାଳ ପ୍ରାର୍ଥନାରେ ଉପସ୍ଥିତ ନଥିଲା । ସବୁ ଗୁରୁଜୀ ଅତି ଗମ୍ଭୀର ହୋଇ ବସିଲେ । ଶ୍ରାବଣ ମାସରେ ବଡ଼ ଅସରାଏ ବର୍ଷା ହେବା ପୂର୍ବରୁ କଳାମେଘ ଯେମିତି ଢାକି ଢୁକି ହୋଇ ଚାରିଆଡୁ ଘୋଟିଆସେ ସମସ୍ତ ଗୁରୁଜୀମାନଙ୍କର ମୁହଁ ଠିକ୍ ସେହିପରି ଦେଖାଯାଉଥାଏ । ସେ ଦିନ ବିକ୍ରମ ଗୁରୁଜୀ (ବିଶ୍ୱାଳ) ଭଜନ ଗାଇଲେ - ମୋର ଯାହା ମନେ ଅଛି "ଅନ୍ତର ମମ ବିକଶିତ କରୋ... ।

ଏହା ଏକ ବ୍ୟତିକ୍ରମ । ସାଧାରଣତଃ ପାଳିକରି ଛାତ୍ରଛାତ୍ରୀମାନେ ଭଜନ ଗାଇଥାଆନ୍ତି । ପ୍ରାର୍ଥନା ସମାପ୍ତପରେ ଭୁବନାନନ୍ଦ ଗୁରୁଜୀ ଘୋଷଣାକଲେ ଗୋପବନ୍ଧୁ ଚୌଧୁରୀ ଆଉ ଇହ ଜଗତରେ ନାହାନ୍ତି । ସମସ୍ତେ ଠିଆ ହୋଇ ନୀରବ ପ୍ରାର୍ଥନା କଲେ । ସେଇ ଦୁଇମିନିଟ କେମିତି ଚାଲିଗଲା ମୁଁ ଜାଣିନାହିଁ । ମୁଁ ସିଧା ଦଉଡ଼ି ଘରକୁ ଗଲି । ବିନୋଦମାମୁ ବସିଥାଆନ୍ତି । ମାମୁ ଟିକେ ଟିକେ କାନ୍ଦୁ ଥାଏ । ମାମ୍‌ନା କାନ୍ଦୁ ଥାଏ । ନାନୀକୁ ସମ୍ଭାଳିବା ଆସମ୍ଭବ । ଆମେ ପିଲାଏ କୋହ ସମ୍ଭାଳି ପାରିଲୁନାହିଁ । କିଛି ଲୁଗାପଟା ବିଛଣା ତରତରରେ ଏକାଠିକରି ଆମେ ବିନୋଦମାମୁଙ୍କ ସହିତ କଟକ ବାହାରିଲୁଁ ।

ରାମଚନ୍ଦ୍ରପୁର ବରୀ ରାସ୍ତାକଡ଼ରେ ଗାଁ ଗଣ୍ଡାଲୋକ ଯାଗାକୁ ଯାଗା ଠିଆ ହୋଇ ଥାଆନ୍ତି । ମାମୁ-ମାମ୍‌ନାକୁ ଟିକେ ସଙ୍ଖୋଳି ଦେଖନ୍ତି । ସେଇ ଅଞ୍ଚଳରେ ମାମ୍‌ନାର ପରିଚୟ 'ବୋଉମା' । ବରୀ ଅଞ୍ଚଳରେ ଜେଜେ-ଅମି ଥିଲେ ବାପା-ମା' । ମାଉଣ୍ଟ ପଡ଼ିଆରେ ବହୁତ ଲୋକ ଜମା ହୋଇଥିଲେ । ଜେଜେଙ୍କର

Digitized by srujanika@gmail.com

୧୯୩୪ ମସିହାରୁ ଗାନ୍ଧୀ ଆନ୍ଦୋଳନର ସହକର୍ମୀ । ଜେଜେ ତ ୧୯୧୯ ମସିହାରୁ ବରୀ ଅଞ୍ଚଳ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ବରୀ, ରମ୍ଭା, ଆନନ୍ଦପୁର, ଅରଙ୍ଗାବାଦ, ବାଗ୍‌ଦାରୁ ସ୍ତ୍ରୀ, ପୁରୁଷ, ପିଲାଛୁଆ ନେଇ ଆସିଥିଲେ । ଆହୁରି ଦୂର ଗାଁରୁ ବି ଲୋକ ଆସିଥିଲେ । ମୁଁ ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଲୋକଙ୍କୁ ଚିହ୍ନିଲି । ତା'ଙ୍କର ତାଲିକା କଲେ ବହୁତ ଲମ୍ବା ହେବ । ମାମୁ ଅଳ୍ପ ସମୟ ପାଇଁ ଗାଡ଼ିରୁ ଓହ୍ଲାଇଲା । କହିବାର ତ କିଛି ନଥିଲା । ବୟୋଜ୍ୟେଷ୍ଠ ମୁଖ୍ୟବ୍ୟକ୍ତିମାନେ ତା' ପାଖରେ ଆସି ଅଳ୍ପସମୟ ଠିଆ ହେଲେ । ସେ ସମୟରେ ବରୀରୁ କଟକ ସଡ଼କ ବାଟେ ଆସିଲେ ପ୍ରାୟ ୪/୫ଘଣ୍ଟା ଲାଗୁଥିଲା । ଧର୍ମଶାଳା ପାଖରେ ବ୍ରାହ୍ମଣୀ ନଈ ପାରି ହେଲୁଁ । ବିରୂପା ଆଉ ମହାନଦୀରେ ତ ଆନିକଟ । ନାନୀକୁ ତୁହାକୁ ତୁହା କୋହ ଉଠୁଥାଏ । ଶେଷରେ କବୀରପୁର ପାଖାପାଖି ତା'ର ବାନ୍ତି ଆରମ୍ଭ ହେଲା । ସେ ସମୟରେ ନିର୍ମଳ ପାଣି ସହଜରେ ମିଳୁନଥିଲା । ସଡ଼କ କଡ଼ରେ ଗୋଟିଏ ଜନବସତି ଥିଲା । ପାଣି ମାଗିବାରୁ ସେଠା ବାସିନ୍ଦା ପିଇବା ପାଣି ଦେବାକୁ କୁଣ୍ଠା ବୋଧକଲେ । ସେମାନଙ୍କୁ ବୁଝାଇ କହିଲାରୁ ଜଣେ ମହିଳା ପ୍ରଶ୍ନକଲେ, "ଆମ ଅଛୁତ ହାତରୁ ପାଣି ପିଇବ ?" ଛୁଆଁ ଅଛୁଆଁର ପ୍ରଶ୍ନ ନଥିଲା । ନାନୀ ମୁଣ୍ଡରେ ପାଣି ଛାପି ଦେଲାରୁ ଆଉ ପାଣି ପିଏଇ ଦେଲାରୁ ସେ ଟିକିଏ ସୁସ୍ଥ ହେଲା ।

ଥୋରିଆସାହିରେ ସେତେବେଳେ ବହୁତ ଜନ ସମାଗମ । ମାମୁ ସେଇ ପିଣ୍ଡାରେ ଶୋକ ବିହ୍ୱଳ ହୋଇପଡ଼ିଲା । ଅମି ତ ବହୁଦିନଧରି ଶଯ୍ୟାଶାୟୀ ହୋଇ ରହିଥିଲା । ଜେଜେ ଚାଲିଗଲେ ମାତ୍ର ଗାଗା ଓ ଅନ୍ୟ ସମସ୍ତଙ୍କର ଗୁରୁତର ଆଶଙ୍କା ହେଲା ଯେ ଅମି ବୋଧହୁଏ ଜେଜେଙ୍କର ଅନୁଗାମିନୀ ହୋଇଯିବ । ଆମେ କଟକରେ ପହଞ୍ଚିବା ପର୍ଯ୍ୟନ୍ତ ଅମି ଟୋପାଏ ବି ପାଣି ପିଇନଥିଲା ବୋଲି ଆମେ ଶୁଣିଲୁଁ । ମୋର କିନ୍ତୁ ସ୍ପଷ୍ଟ ମନେଅଛି ନାନୀ ଅମିପାଖକୁ ତାର ଛୋଟ ହାତ ଦୁଇଟିରେ ଗୋଟିଏ ଗିଲାସ ଧରି ପିଇବାପାଇଁ ଅତି ଅଳି କଲାରୁ ଅମି ଟିକିଏ ପିଇଲା । ଥୋରିଆ ସାହିକୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମନ୍ତ୍ରୀମଣ୍ଡଳର ସଦସ୍ୟ, ସ୍ୱାଧୀନତା ସଂଗ୍ରାମୀ, ରାଜନୈତିକ ଦଳର କର୍ମୀସମୂହ, ବୁଦ୍ଧିଜୀବି, ଛାତ୍ର ଏବଂ ବହୁ ସଂଖ୍ୟକ କଟକ ବାସିନ୍ଦା ଆସୁ ଥାଆନ୍ତି । ମୋର ବୟସ ତେର ବର୍ଷ । ମୁଁ ଦେହାବସାନ ଠିକ

Digitized by srujanika@gmail.com

କଅଣ ତାହା କଳିପାରୁନଥାଏ । ମୋର ହେତୁ ହେବା ସମୟରୁ ଏଇ ପ୍ରଥମ ପରିବାରର ଜଣେ ମୁଖ୍ୟ ସଦସ୍ୟଙ୍କର ବିୟୋଗ ହେଲା । ମୁଁ ଜେଜେଙ୍କର ବଡ଼ ନାତି । ସେ ମତେ ଗେହ୍ଲାକରି ଆସୁଥିଲେ । ସେହି କୋମଳ ବୟସରେ ମୋର ମନରେ କିପରି ପ୍ରତିକ୍ରିୟା ହେଉଥାଏ ତାହା ବି ମୁଁ ଠିକ୍ ବୁଝିପାରୁନଥାଏ । ଏହି ମାନସିକ ଅବସ୍ଥାରେ କିଏ ଆସିଲେ କିଏ ଗଲେ ମୋ ମନରେ ତାହା କୌଣସ ରେଖାପାତ କରୁନଥାଏ । ମୋର ମନେ ଅଛି ଦାଦାଜେଜେ ଥକ୍କା ମାରିଲା ପରି କାନ୍ଥକୁ ଆଉଜି ମୁଣ୍ଡ ତଳକୁକରି ବସିଥାଏ । ସେ ତ ଜେଜେଙ୍କଠାରୁ ଛଅବର୍ଷର ସାନ । ଦୁଇ ଭାଇଙ୍କର ଅସୀମ ପ୍ରିତିଥିଲା । ଆଗେ ଦାଦାଜେଜେ କଲେଜ ଛାଡ଼ିଲା, ସେଇ ବର୍ଷ ଜେଜେ ଚାକିରୀରୁ ଇସ୍ତଫା ଦେଲେ । ସ୍ୱାଧୀନତା ପରେ ଅଳ୍ପ କେଇବର୍ଷପାଇଁ ଦୁଇ ଭାଇ ଅଲଗା ଅଲଗା ବାଟ ଧରିଲେ । ଦାଦାଜେଜେ ୧୯୫୬ ମସିହାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ କଟକ ଷ୍ଟେସନରୁ ସିଧା ଥୋରିଆସାହି ଆସିଲା - ଏଇ କଥା ମୁଁ ଶୁଣିଛି । ଦାଦାଜେଜେ ମୁଖ୍ୟମନ୍ତ୍ରୀତ୍ୱରୁ ଇସ୍ତଫାଦେବାର ନିଷ୍ପତ୍ତି ନେଲାରୁ ଜେଜେ ତାକୁ ନିଜର ଆନନ୍ଦ ପ୍ରକାଶ କରି ଯେଉଁ ଚିଠି ଲେଖିଥିଲେ ସେ ଚିଠିଟି ଦାଦାଜେଜେ ତା' ପାଖରେ ସବୁବେଳେ ରଖିଥିଲା । କଲିକତା ଷ୍ଟେସନରେ ତା'ର ବାକ୍ସଟି ଚୋରି ହୋଇଗଲା । ଚିଠିଟି ସେଇ ବାକ୍ସରେ ଥିଲା । ମୁଁ ସେ ଚିଠି ଦେଖିନାହିଁ କି ପଢ଼ିନାହିଁ । ଶୁଣିବାକଥା - ଜେଜେ କୁଆଡ଼େ ଲେଖିଥିଲେ ତମେ ଯେ ଆମ (ଭିତରକୁ)ଗହଣକୁ ଫେରି ଆସୁଛ ସେଥିରେ ମୁଁ ଅତ୍ୟନ୍ତ ଆନନ୍ଦିତ । ସେଦିନ ଆଗୋ ଅମି ପାଖେ ପାଖେ ରହିଥିଲା । ଉପର ବେଳା ଜେଜେଙ୍କୁ କଟକ ସହର ପରିକ୍ରମା କରାଇ ଖାନ୍‌ନଗର ନେଇଗଲେ । ବାଟରେ ତାଙ୍କୁ ତାଙ୍କର ବଡ଼ ଭଉଣୀ ମାଗମା'ଙ୍କ ଘରପାଖକୁ ନେଇଯାଇଥିଲେ । ବୟସରେ ତଫାତ୍ ବେଶ୍ କିଛିଥିଲା । ସେତେବେଳକୁ ଗାଗମା'ଙ୍କର ଦୃଷ୍ଟିଶକ୍ତି ଅତି କ୍ଷୀଣ । ସେ କୁଆଡ଼େ ଅଣ୍ଡାଳି ଅଣ୍ଡାଳି ଜେଜେଙ୍କର ମୁହଁ ଆଉ ମୁଣ୍ଡରେ ହାତ ବୁଲାଇ ଦେଇଥିଲେ । ବହୁତ ବହୁତ ଶୋକବାର୍ତ୍ତା ଆସିଲା । ପ୍ରତ୍ୟେହ ପ୍ରାର୍ଥନା ସଭାହୁଏ । ବହୁସଂଖ୍ୟାରେ ସର୍ବୋଦୟ କର୍ମୀ ଦୂର ଦୂରାନ୍ତରୁ ଭୂଦାନ ଅଫିସକୁ ଆସୁଥାଆନ୍ତି । ଆମେ ବହୁତ ଦିନ ଥୋରିଆସାହିରେ ରହିଲୁଁ । ସେ ବର୍ଷ ବାର୍ଷିକ ସର୍ବୋଦୟ ସମ୍ମିଳନୀ ପଣ୍ଢରପୁରରେ ହେବାର ସ୍ଥିର ହୋଇଥିଲା । ପ୍ରବନ୍ଧ ସମିତି ପ୍ରସ୍ତାବ କଲେ ଯେ ଅମି ସେଇ

Digitized by srujanika@gmail.com

ସର୍ବୋଦୟ ସମ୍ମିଳନୀରେ ସଭାନେତ୍ରୀ ହେବ । ଆମେ ସମସ୍ତେ ପଣ୍ଢରପୁର ଗଲୁଁ । ବିନୋବାଜୀ ତାଙ୍କର ସମବେଦନା ଓ ଶୋକ ଜ୍ଞାପନ କରିବାପାଇଁ ଗୋପବନ୍ଧୁ ଚଉଧୁରୀଙ୍କର ସମସ୍ତ ପରିବାରର ବର୍ଗଙ୍କ ସହ କିଛି ସମୟ ବିତାଇଲେ । ରାଜେନ୍ଦ୍ର ପ୍ରସାଦ ସେତେବେଳେ ଭାରତବର୍ଷର ରାଷ୍ଟ୍ରପତି । ରାଜେନ୍ଦ୍ରବାବୁ ଜେଜେଙ୍କର ସହବନ୍ଦୀହୋଇ ହଜାରୀବାଗ ଜେଲରେ ଥିଲେ । ମାମୁ ମଧ୍ୟ ସେଇଠି ଥିଲା । ରାଜେନ୍ଦ୍ରବାବୁଙ୍କ ପତ୍ନୀ ଓ ଅମି ଗୋଟିଏ ଜେଲରେ ଅନ୍ତେବାସୀ ଥିଲେ । ଦୁଇଜଣଙ୍କ ସ୍ନେହ ସମ୍ପର୍କ ଓ ବନ୍ଧୁତ୍ୱଥିଲା । ରାଜେନ୍ଦ୍ରବାବୁ ମଧ୍ୟ ଗୋପବାବୁଙ୍କର ପରିବାର ବର୍ଗଙ୍କୁ ତାଙ୍କର ସମବେଦନା ଜ୍ଞାପନ କରିବା ପାଇଁ ଭେଟିଲେ । ଆମେ ଅଣ୍ଡାବଚ୍ଚା ପାଲଟନ ବି ବଡ଼ମାନଙ୍କ ସାଙ୍ଗରେ ଯାଇ ରାଜେନ୍ଦ୍ରବାବୁଙ୍କ ସାମନାରେ ବସିଲୁଁ ।

ଅମି ପଣ୍ଡରପୁର ସର୍ବୋଦୟ ସମ୍ମିଳନୀରେ ହେଉଁ ଅଭିଭାଷଣ ଦେଇଥିଲା ତାର ଓଡ଼ିଆ-ହିନ୍ଦୀ ଅନୁବାଦ ମାମୁ କରିଥିଲା । ଆମେମାନେ ପଣ୍ଢରପୁରରୁ ପୁନା, ପୁନାରୁ ବମ୍ବେ ଗଲୁଁ । ବମ୍ବେରୁ କଟକ ଫେରିଆସିଲୁଁ । ତିନୁ ମାଉସୀର ବିବାହ ସେଇବର୍ଷ ଜୁଲାଇ ମାସରେ ବିଭୂତିଭୂଷଣ ମହାନ୍ତିଙ୍କ ସହ ସମ୍ପନ୍ନ ହେଲା ।

ଜେଜେଙ୍କର ପ୍ରୟାଣ ଅନ୍ତେ ଆମ୍ଭମାନଙ୍କର ଜୀବନଧାରାରେ ଅନେକ ପରିବର୍ତ୍ତନ ଘଟିଲା । ମାମ୍‌ନା ନାନା-ନାନୀଙ୍କ ସହିତ ଆସି ରାମଚନ୍ଦ୍ରପୁରରେ ରହିଲାରୁ ଆମମାନଙ୍କର ନିତିଦିନିଆ ଚଳଣି ଗୋଟାଏ ଗତରେ ପଡ଼ିଯାଇଥିଲା । ବା' ମଝିରେ ମଝିରେ ଆସି କିଛି ଦିନ ରହି ତାଙ୍କ କାମରେ ଚାଲି ଯାଉଥିଲେ । ଆମ୍ଭମାନଙ୍କର ସମସ୍ତ ଆକର୍ଷଣର କେନ୍ଦ୍ରବିନ୍ଦୁ ମାମୁ । ବା'ଙ୍କର ମୋ ଉପରେ କି ପ୍ରକାର ପ୍ରଭାବ ବଢ଼ିଛି ସେ ସବୁ ପ୍ରାଞ୍ଜଳ ଭାବରେ ଲେଖିଲେ ଗୋଟିଏ ପୋଥି ହେବ । ଜେଜେ ଚାଲି ଯିବାରୁ ଗାଗା-ମାମ୍‌ନା ବିଚାର ଆଲୋଚନା କରି ସ୍ଥିର କଲେ ଯେ ନଣନ୍ଦ-ଭାଉଜଙ୍କ ମଧ୍ୟରୁ କେହି ଜଣେ ଅମି ପାଖରେ ସବୁ ସମୟରେ ଉପସ୍ଥିତ ରହିବେ । ଆମେ ସମସ୍ତେ ମୌଳିକ ବିଦ୍ୟାଳୟରେ ପଢୁଥିଲୁଁ । ସେ ସମୟରେ ନୈତିକତା ଦୃଷ୍ଟିରୁ ଆମ୍ଭମାନଙ୍କୁ ସେହି ବିଦ୍ୟାଳୟରୁ ଉଠାଇ ନେଇ ଅନ୍ୟ କୌଣସି ବିଦ୍ୟାଳୟକୁ ସ୍ଥାନାନ୍ତରିତ କରିବା ଅନୁଚିତ ହେବ । ପ୍ରଥମେ ଗାଗା ଅମି ପାଖେ ପାଖେ ରହିବାର ସ୍ଥିର ହେଲା । ମାମୁ ସଘନ ଭୂଦାନ-ଗ୍ରାମଦାନ ଆନ୍ଦୋଳନରେ ଅଧିକ ବ୍ୟସ୍ତ ରହିଲା । ଫଳରେ ମାମୁ ପୂର୍ବରୁ ଆମ୍ଭମାନଙ୍କ ଗହଣରେ ଯେତିକି ସମୟ ବିତାଉଥିଲା ସେତକ

Digitized by srujanika@gmail.com

ଗଲା । ମାମୁ ଅଳ୍ପ କେଇ ମାସରେ ସର୍ବସେବା ସଂଘର ପ୍ରବନ୍ଧ ସମତିର ସଦସ୍ୟ ହେଲା । ଓଡ଼ିଶାରେ ଗସ୍ତକରିବା ଉପରନ୍ତୁ ମାମୁକୁ ବାରମ୍ବାର ଅନ୍ୟ ଅନେକ ଭୂଦାନ-ଗ୍ରାମଦାନ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ଓଡ଼ିଶା ବାହାରକୁ ଯିବାପାଇଁ ପଡ଼ିଲା ।

ରାମଚନ୍ଦ୍ରପୁରରେ ଯେଉଁ ମୌଳିକ ଶିକ୍ଷାର ପ୍ରୟୋଗ ହେଉଥିଲା ସେହି ପ୍ରୟୋଗରେ କେତେଗୁଡ଼ିଏ ତାତ୍ତ୍ୱିକ ବିଚାର ନିହିତ ଥିଲା । ବାର୍ଷିକ ପରୀକ୍ଷା ପ୍ରାୟ ନଥିଲା, କିମ୍ବା ବାର୍ଷିକ ପରୀକ୍ଷା ହେଲେ ମଧ ସେହି ଗୋଟିଏ ପରୀକ୍ଷାର ଫଳ ଉପରେ ଜଣକର ଭାଗ୍ୟ ନିର୍ଦ୍ଧାରଣ ହେଉ ନଥିଲା । ଛାତ୍ର ଛାତ୍ରୀମାନଙ୍କର ମୂଲ୍ୟାୟନ ବର୍ଷ ତମାମ ହେଉଥିଲା । ଗୁଣାତ୍ମକ ଦୃଷ୍ଟିକୋଣରୁ ଏହି ମୂଲ୍ୟାୟନର ପଦ୍ଧତି ହିଁ ପ୍ରକୃତରେ ଉପଯୁକ୍ତ ପଦ୍ଧତି । ଆଧୁନିକ ଶିକ୍ଷାଶାସ୍ତ୍ରର ଏହା ହିଁ ନିଷ୍କର୍ଷ । ଗୋଟିଏ ପରୀକ୍ଷାପାଇଁ ଛାତ୍ର ଛାତ୍ରୀ ମାସେ ଦୁଇମାସ ପରିଶ୍ରମକରି ପ୍ରଶ୍ନୋତ୍ତର ମୁଖସ୍ତକରି ପରୀକ୍ଷିତ ହେଲେ ସେହି ପ୍ରଣାଳୀରେ ପ୍ରକୃତ ଜ୍ଞାନର ପରୀକ୍ଷା ବା ଅଟକଳ ହୁଏ ନାହିଁ । ଯେଉଁ ପାଶ୍ଚାତ୍ୟ ଦେଶରୁ ଏ ଦେଶକୁ ଶିକ୍ଷା ପ୍ରଣାଳୀ ଆସିଥିଲା ସେହି ଶିକ୍ଷାପ୍ରଣାଳୀର ଦୋଷ ଦୁର୍ବଳତାର ପ୍ରଭାବରୁ ଦେଶକୁ ରକ୍ଷା କରିବା ନିମନ୍ତେ ଗାନ୍ଧୀଜୀଙ୍କର ଉଦ୍ୟମରେ ଭାରତବର୍ଷରେ ମୌଳିକ ଶିକ୍ଷାର ପ୍ରବର୍ତ୍ତନ ହେଲା । ବହୁ ସଂଖ୍ୟକ ଶିକ୍ଷା ବିଶାରଦ ବିଚାର ଆଲୋଚନା କରି ଭାରତର ସାମାଜିକ ବ୍ୟବସ୍ଥା ଏବଂ ସାଂସ୍କୃତିକ ପରମ୍ପରାକୁ ନଜରରେ ରଖି ମୌଳିକ ଶିକ୍ଷାର ମୂଳଦୁଆ ଗଢ଼ିଥିଲେ । ଏହି ଶିକ୍ଷାବ୍ୟବସ୍ଥାର ଅନ୍ତରାଳରେ ଏକ ଜୀବନ ଦର୍ଶନ ମଧ ଥିଲା । ସେ ଯୁଗର ପରିସ୍ଥିତିକୁ ଅନୁଧ୍ୟାନକରି ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ କରିବାର ବୈପ୍ଲବିକ ପ୍ରେରଣା ମଧ ମୌଳିକ ଶିକ୍ଷାର ଗୋଟିଏ ଅଭିନ୍ନ ଅଙ୍ଗ ଥିଲା ।

ଏହି ଶିକ୍ଷାର ପ୍ରୟୋଗ ସର୍ବ ପ୍ରଥମେ ରାମଚନ୍ଦ୍ରପୁରରୁ ହିଁ ପ୍ରାରମ୍ଭ ହୋଇଥିଲା । ସମୟର ଗତି ଭିନ୍ନ ମୋଡ଼ ନେଲାରୁ ଏହି ଶିକ୍ଷା ପଦ୍ଧତି ବହୁ ବାଧାବିଘ୍ନର ସମ୍ମୁଖୀନ ହେଲା । ରାମଚନ୍ଦ୍ରପୁର ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନଙ୍କୁ ପ୍ରଚଳିତ ଶିକ୍ଷା ପଦ୍ଧତିରେ ଚାଲୁଥିବା ସ୍କୁଲମାନେ ଗ୍ରହଣ କଲେ ନାହିଁ । ଫଳ ସ୍ୱରୂପ ଅଭିଭାବକମାନେ ପିଲାଙ୍କୁ ମୌଳିକ ବିଦ୍ୟାଳୟକୁ ପଠାଇବା ନିମନ୍ତେ ଉତ୍ସାହିତ

Digitized by srujanika@gmail.com

ହେଲେ ନାହିଁ । ସେହି ସମୟରେ ମୌଳିକ ଶିକ୍ଷା ବୋର୍ଡ଼ ତା'ର ବାର୍ଷିକ ପରୀକ୍ଷା ଅଷ୍ଟମ ସୋପାନର ଶେଷରେ କରୁଥିଲେ । ରାମଚନ୍ଦ୍ରପୁର ବିଦ୍ୟାଳୟର ଅଷ୍ଟମ ସୋପାନରେ ଏହି ପରୀକ୍ଷା ଦେବାର ସ୍ଥିର ହେଲା । ବିଭିନ୍ନ କାରଣରୁ ସେ ଅଞ୍ଚଳରେ କେତେକେ ଗ୍ରାମବାସୀ ରାମଚନ୍ଦ୍ରପୁର ବିଦ୍ୟାଳୟର କାର୍ଯ୍ୟକ୍ରମରେ ଅସନ୍ତୋଷ ପ୍ରକାଶ କଲେ ଏବଂ କେତେକ ଦାବୀ ମଧ୍ୟ କଲେ ଯେ ଶରତବାବୁ ପୁଣି ଆସି ଏହି ବିଦ୍ୟାଳୟ ସହିତ ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠା କରନ୍ତୁ । ବା' ଆସି ରାମଚନ୍ଦ୍ରପୁରରେ ରହିଲେ । ଗାଗା ତ ଅମି ପାଖରେ ରହିବାର ସ୍ଥିର ହୋଇଥିଲା । ମାମୁର ଦାୟିତ୍ୱ ଅଧିକ ହେଲା । ଏହି ପରିସ୍ଥିତିରେ ବା' ଆସିଲେ । ସେ ପର୍ଯ୍ୟନ୍ତ ପାଠପଢ଼ା ମୋ' ପାଇଁ ଅତ୍ୟନ୍ତ ଗୁରୁତର ବିଷୟ ନଥିଲା । ମୁଁ ବସ୍ତୁତଃ ଗଣିତ ଖେଳରେ ଖେଳରେ କରିପାରୁଥିଲି । ପ୍ରଶ୍ନୋତ୍ତରର ମୁଖସ୍ଥ କରିବା ଆବଶ୍ୟକ ନଥିଲା । ବିଜ୍ଞାନ ବୁଝିପାରୁଥିଲି ଏବଂ ତାକୁ ନିଜ ଭାଷାରେ ପ୍ରକାଶ କରିପାରୁଥିଲି । କିନ୍ତୁ ଏହି ବୋର୍ଡ଼ ପରୀକ୍ଷା କଥା ଉଠିଲାରୁ ମୋ ମୁଣ୍ଡ ଚମକିଲା । ଗୋଟିଏ ପରୀକ୍ଷାରେ ଇସପାର ନହେଲେ ଉସପାର । ମୁଁ ଇଂରାଜୀ ସପ୍ତମ ସୋପାନରେ ଟିକିଏ ଟିକିଏ ପଢ଼ିଲି ଏବଂ ଅତି ଛୋଟ ଛୋଟ ବାକ୍ୟ ରଚନା କରି ପାରୁଥିଲି । ଇଂରାଜୀ ଭାଷା ମୋ ନିମନ୍ତେ ଗୋଟିଏ ବୋଝ ହେଲା ।

ଏହା ହେଉଛି ୧୯୫୮ ମସିହାର ଘଟଣା । ଭେଜେଙ୍କର ପ୍ରୟାଣ ଉତ୍ତାରେ ସବୁ ବିପତ୍ତି ମୋତେ ଘେରିଲା । ଉପରନ୍ତୁ ମାମୁର ସଙ୍ଗସୁଖରୁ ବହୁ ପରିମାଣରେ ବଞ୍ଚିତ ହେଲି । ମୋର ଲୀଳା ଖେଳାର ପ୍ରାୟ ସମାପ୍ତି ହେଲା । ବା'ଙ୍କର ତତ୍ତ୍ୱାବଧାନରେ ରହିଲି ଏବଂ ବା' ଠାକୁବା'ଙ୍କ ଠାରୁ ଯେମିତି ବିଦ୍ୟାଶିକ୍ଷା କରିଥିଲେ ସେହି ଚନ୍ଦ୍ରମୋହନ ମହାରଣା ବାଟ଼ରେ ମତେ ଗଢ଼ିଲେ । ମାମୁ ରାମଚନ୍ଦ୍ରପୁର ଆସେ କିନ୍ତୁ ବେଶିଦିନ ନ ରହି ଚାଲିଯାଏ । ୧୯୬୦ ମସିହାରେ ଓଡ଼ିଶାରେ ପ୍ରଳୟଙ୍କରୀ ବନ୍ୟା ହେଲା । ସହଜେ ତ ଆମେ ଧୋଇଆ ଅଞ୍ଚଳରେ ଥିଲୁଁ । ଏ ବନ୍ୟାରେ ବରୀ ଅଞ୍ଚଳ ଛାରଖାର ହୋଇଗଲା । ରାମଚନ୍ଦ୍ରପୁର ହତାରେ ଯେତେ ଘରଥିଲା ସେଇଥିରୁ ମାତ୍ର ଦୁଇଟି ଘର ଭିତରେ ବନ୍ୟାଜଳ ପ୍ରବେଶ କରିନଥିଲା । ସେଥିମଧ୍ୟରୁ ଗୋଟିଏ ହେଲା ଆଚାର୍ଯ୍ୟ ନିବାସ - ଆଚାର୍ଯ୍ୟ ହରିହରଙ୍କ ନାମରେ ନାମିତ ଅତିଥି ନିବାସ । ଅନ୍ୟଟି, ଆମେ ଯେଉଁ ବଖୁରିକିଆ '[illegible]ବା'ଙ୍କ

Digitized by srujanika@gmail.com

ଘରେ ଥିଲୁଁ ସେଇଟି । ବଢ଼ିପାଣି ପିଣ୍ଡାର ମାତ୍ର ଦୁଇ ଚାରି ଇଞ୍ଚ ତଳେ ଥିଲା । ସେଇ ସମୟରେ ଇନ୍ଦୁପୁର 'ଚାରିଗାଁ' ଘାଇ ଭାଙ୍ଗିଲା । ଏହି ବନ୍ୟାର ଅବ୍ୟବହିତ ପରେ ପରେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ସାହାଯ୍ୟ କାମରେ ଯୋଗଦେଇ ମାମୁ ରାମଚନ୍ଦ୍ରପୁରରେ ଲଗାତାର ଅନେକ ଦିନ ରହିଲା । ମାମ୍ନା ଉପରେ ଅନ୍ୟ ଏକ ଗୁରୁ ଦାୟିତ୍ୱ ନ୍ୟସ୍ତ ହେଲା । କସ୍ତୁରବା ଗାନ୍ଧୀ ନିଧିର କାର୍ଯ୍ୟକର୍ତ୍ତା ଶିକ୍ଷା ଶିବିର ସତ୍ୟଭାମାପୁରକୁ ସ୍ଥାନାନ୍ତରିତ ହୋଇଥିଲା । ମାମ୍ନାକୁ ୧୯୬୧ ମସିହାରେ ସେଇ ଶିକ୍ଷା ଶିବିରର ଦାୟିତ୍ୱ ପ୍ରଦାନ ନିମନ୍ତେ ନିଷ୍ପତ୍ତି ହେଲା ଏବଂ ମାମ୍ନା ଓଡ଼ିଶାର ପ୍ରତିନିଧିରୂପେ ନିର୍ବାଚିତ ହେଲା । ମାମ୍ନା ନାନା-ନାନୀଙ୍କୁ ନେଇ ସତ୍ୟଭାମାପୁରରେ ରହିଲା । ସେଇ ବର୍ଷଟା ମାମୁ ସହିତ ମୋର କ୍ୱଚିତ୍ ଦେଖା ହୋଇଛି । ୧୯୬୨ ମସିହାରେ ମୁଁ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ବସିଲି । ପରୀକ୍ଷା ଅନ୍ତେ ଯେଉଁ ଦୀର୍ଘ ଅବକାଶ ମିଳିଲା ତାହାର ସଦୁପଯୋଗ କରିବାର ନାନା କଳ୍ପନା ଜଳ୍ପନା ମୁରବୀମାନେ କରୁଥିଲେ । ସେଥିମଧ୍ୟରୁ ଗୋଟାଏ ଯୋଜନା ହେଲା ମୁଁ କିଛି ଉପାଦେୟ ପୁସ୍ତକମାନଙ୍କୁ ଅନୁପ୍ରବେଶ କରେ । ମାମୁ ତାଲିକାରେ "Discovery of India, Glimpses of World History, ଗର୍କିଙ୍କ Mother", ରବୀନ୍ଦ୍ରନାଥ ଠାକୁରଙ୍କର ଉପନ୍ୟାସ "ଗୋରା" ଥିଲା । ସେତେବେଳକୁ ଇଂରାଜୀ ଭାଷା, ବଙ୍ଗଳା ଭାଷା ବୁଝିବାରେ ମୋର ଅସୁବିଧା ନଥିଲା । ମୁଁ ପୂର୍ବରୁ ଆନନ୍ଦମଠ ପଢ଼ିଥିଲି । ଦ୍ୱିତୀୟ ଯୋଜନା ହେଲା ମୁଁ ଦେଶ ଭ୍ରମଣରେ ଯାଏ । ମାମୁ-ଅମିଙ୍କ ସାଙ୍ଗରେ ପାଟଣା ଗଲି - ସେଠାରେ କୌଣସି ଏକ ଆଲୋଚନାଚକ୍ର ଥିଲା । ପାଟଣାରୁ ଆମେ ବାରଣାସୀ ଗଲୁଁ । ମାମୁ ତା କାମରେ ଚାଲିଗଲା । ମତେ ବୁବୁ ମାଉସୀ ଓ ନାରାୟଣ ମଉସାଙ୍କ ହେଫାଜତ୍‌ରେ ଛାଡ଼ିଲେ । ମୁଁ ବନାରସର ଅପରିଷ୍କାର ଘାଟ, ତୁଳସୀ ମାନସ ମନ୍ଦିର, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ସାରନାଥ ବୁଲିଲି । ନାରାୟଣ ମଉସା ସପରିବାରେ ଦିଲ୍ଲୀ ଗଲେ । ଆମେ ସମସ୍ତେ ମହେନ୍ଦ୍ର ଦେଶାଇଙ୍କ ଘରେ ରହିଲୁ । ତା' ଭିତରେ ନାରାୟଣ ମଉସା ଦିନେ ସମସ୍ତଙ୍କୁ ଧରି ପ୍ୟାରେଲାଲଙ୍କ ସହିତ ମିଶି ରାଜନ୍ଦ୍ରେବାବୁଙ୍କୁ ଦେଖା କରିବା ପାଇଁ ଗଲେ । ରାଜେନ୍ଦ୍ରବାବୁ ମୁଁ ଗୋପବାବୁଙ୍କ ନାତି ବୋଲି ଜାଣିଲାରୁ ଭାରି ଖୁସି ହେଲେ । ଆମକୁ କହିଲେ, ତମେ ପିଲାଏ ବଗିଚାରେ ବୁଲୁଥାଅ । ଆମେ ବଡ଼ ମଣିଷମାନେ

Digitized by srujanika@gmail.com

ଏଠି ବସି କଥାବାର୍ତ୍ତା କରିବୁ । ଆଉ ଦିନେ ସକାଳୁ ନାରାୟଣ ମଉସା ଆମ ସମସ୍ତିଙ୍କୁ ନେଇ ମୋରାରଜୀ ଦେଶାଇଙ୍କ ଘରେ ପହଞ୍ଚିଲେ । ସେ ସେତେବେଳେ ଭାରତବର୍ଷର ଅର୍ଥମନ୍ତ୍ରୀ । ସକାଳୁ ସକାଳୁ ସେ ବସି ସୂତା କାଟୁଛନ୍ତି । ମତେ ଭାରି ଭଲ ଲାଗିଲା - ଏତେ ଗୁରୁଦାୟିତ୍ୱରେ ଥାଇ ମଧ୍ୟ ସବୁଦିନେ ସୂତା କାଟିବା କିଛି କମ୍ ସାଧନାର ଲକ୍ଷଣ ନୁହେଁ । ନାରାୟଣ ମଉସା ସପରିବାରେ ଗୁଜୁରାତ ଗଲେ । ମତେ ଟୁଙ୍ଗୁଜେଜେଙ୍କ ବସାରେ ଛାଡ଼ିଦେଇଗଲେ । ସେଇ ସମୟରେ ମୁଁ ମାଧ୍ୟମିକ ପରୀକ୍ଷାରେ କୃତକାର୍ଯ୍ୟ ହେବାର ଖବର ପାଇଲି । ଟୁଙ୍ଗୁଜେଜେଙ୍କ ପାଖରୁ ବିଦାୟ ନେଇ ବିନା ଆରକ୍ଷଣ ଥିବା ଡବାରେ ଚଢ଼ି କାଲକା ମେଲରେ କଲିକତା ଆସିଲି । ଦିଲ୍ଲୀରୁ କାନପୁର ଖାଡ଼ା ଠିଆ ଠିଆ ଗଲି । କଲିକତାରେ ଦିନେ ଦୁଇଦିନ ରହି କଟକବାଟେ ରାମଚନ୍ଦ୍ରପୁର ଫେରିଲି । ମୁଁ ରେଭେନ୍ସା କଲେଜରେ ପଢ଼ିବା ସ୍ଥିରହେଲା । କଟକରେ ରହିବାରୁ ମାମୁ ସାଙ୍ଗରେ ଗୋଟିଏ ନୂଆ ସମ୍ପର୍କ ଗଢ଼ିଉଠିଲା । ତାହା ମୋ ଜୀବନର ଆଉ ଗୋଟିଏ ଅଧ୍ୟାୟ ଏବଂ ଆଉ ଏକ ନୂତନ ଅଭିଜ୍ଞତା ।

କଟକରେ ମୁଁ ଜୁଲାଇ ୧୯୬୨ ମସିହାରୁ ଜୁନ ୧୯୬୬ ମସିହା ପର୍ଯ୍ୟନ୍ତ ଚାରିବର୍ଷ ରହିଥିଲି । ଅବଶ୍ୟ ଛୁଟୀ ସମୟରେ କଟକରୁ ଅନ୍ୟତ୍ର ଯିବାକୁ ହୁଏ । ଏହି ଚାରିବର୍ଷ ମଧ୍ୟରେ ମାମୁ ସାହାଚର୍ଯ୍ୟରେ ସେ ମୋର ଜୀବନକୁ ଆଉ ଗୋଟିଏ ସ୍ତରକୁ ନେଇଗଲା । କଟକରେ ରହଣୀ ସମୟରେ ଅମି, ଗାଗା, ବା', ଦାଦାଜେଜେ, ଆଗୋ ସମସ୍ତେ ମୋତେ ବିଭିନ୍ନ ଦିଗରୁ ପ୍ରଭାବିତ କରିଥିଲେ । ସେ ସମସ୍ତ ଏହି ଲେଖାରେ ସ୍ଥାନ ଦେଲେ ଏହାର ଆକାର ଆଶାତୀତ ରୂପେ ପ୍ରସାରିତ ହେବ । ଏହି ପରିପ୍ରେକ୍ଷୀରେ ଏତକି କହିଲେ ଯଥେଷ୍ଟ ହେବ, ଯେ ମୁଁ ନିଜକୁ ଅନେକ ଅସହାୟ ମଣୁଥିଲି । ଏହି ଅସହାୟ ଭାବ କଲେଜ ପାଠକୁ ଆଶଙ୍କା କରି ନୁହେଁ । ମୋର ମନ ଭିତରେ ଗୋଟାଏ ଅସ୍ଥିର ଭାବ ଆଉ ଗୋଟିଏ କାରଣରୁ ଜାଗ୍ରତ ହେଲା । ମୋର ପୂର୍ବପୁରୁଷ ଅର୍ଥାତ୍ ମାମୁ, ଗାଗା, ...ସରକାରୀ ଶିକ୍ଷା ବ୍ୟବସ୍ଥାକୁ ବର୍ଜନ କରି 'ଅପାଠୁଆ' ରହି ଯାଇଥିଲେ । ସ୍ୱାଧୀନତା ପରେ କାଲୁମାମୁ କଲେଜରେ ନାମ ଲେଖାଇଥିଲା । ମୋର ହେତୁ ପାଇଲା ବେଳକୁ ସେ ବିଗତ । ରେମୁଣା ପଟୁ ବଡ଼' ଜେଠାବା'ଙ୍କର ପୁଅ ଏବଂ ବଡ଼ ପିଉସୀଙ୍କ ପୁଅ କୌଣସି ଏକ କାରଣରୁ ଉଚ୍ଚବିଦ୍ୟାଳୟର ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ନାତି-ନାତୁଣୀଙ୍କ ଭିତରେ ମୁଁ

Digitized by srujanika@gmail.com

ବଡ଼ । ମୋ ମନକୁ ଗୋଟାଏ କଥା ବାରମ୍ବାର ଘାରି ହେଉଥାଏ । ମୁଁ ମନେ ମନେ ଭାବେ ସତେ ଯେମିତି ସମସ୍ତେ ମୋ'ଠାରୁ କିଛି ଆଶା କରୁଛନ୍ତି । କେହି ତ କେଉଁଦିନ ପଦେ ମୁହଁ ଖୋଲି କହିନାହାଁନ୍ତି ଯେ ବଡ଼ ହେଲେ ତୁ ଏଇଆ ହେବୁ - ବଡ଼ ସରକାରୀ ଚାକିରୀ କରିବୁ, ବଡ଼ ଇଞ୍ଜିନିୟର୍ ହେବୁ...ବରଂ ଥରେ ବା' ମୋତେ ରାମଚନ୍ଦ୍ରପୁରରେ ପଚାରିଥିଲେ ତୁ ବଡ଼ ହେଲେ କ'ଣ କରିବୁ ? ତାହା ସଙ୍ଗେ ସଙ୍ଗେ ଏ କଥା ମଧ୍ୟ କହିଥିଲେ ମୋତେ ଏହାର ଉତ୍ତର ବର୍ତ୍ତମାନ ଦେବାର ଆବଶ୍ୟକତା ନାହିଁ । ତୁ ଛଅମାସ, କିମ୍ବା ବର୍ଷେ ମନସ୍ଥିର କରି ଭାବି କହିବୁ । ମତେ ନ କହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ତୁ ନିଜ ଭବିଷ୍ୟତ ନିଜେ ସ୍ଥିର କରିବା ପାଇଁ ଭାବିବା ଆରମ୍ଭ କର । କଲେଜରେ ନାମ ଲେଖାଇବା ପୂର୍ବରୁ ଆଲୋଚନା ଚାଲିଲା ମୁଁ ରହିବି କେଉଁଠି । ଥୋରିଆସାହି ଭୂଦାନ ଅଫିସରେ ଆବାସିକ ହୋଇ କଲେଜରେ ପଢ଼ିବା ଅନୁଚିତ ହେବ ବୋଲି କେହି କେହି ମତ ବ୍ୟକ୍ତକଲେ । କଲେଜ ହଷ୍ଟେଲରେ ଜଣିକିଆ ବଖରା ପାଇଁ ଅତି କୃତୀଛାତ୍ର ହିଁ ହକ୍‌ଦାର । ବାକି ସମସ୍ତେ ପାଞ୍ଚଜଣିଆ ବଖରାରେ ରହନ୍ତି । ଅର୍ଥାତ୍ ଗୋଟିଏ କୋଠରୀରେ ପାଞ୍ଚଜଣ ଛାତ୍ର ରହନ୍ତି । ଉପରନ୍ତୁ କଲେଜ ଶୌଚାଳୟ ଅତ୍ୟନ୍ତ ଅପରିଷ୍କାର । ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ମେସର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ରାଣୀହାଟ ଛକରୁ କଟକ ବଡ଼ ଡାକ୍ତରଖାନା ଆଡ଼କୁ ଯେଉଁ ସଡ଼କ ଯାଇଛି ସେଇ ସଡ଼କରେ କିଛିବାଟ ଆଗେଇ ଗଲେ ମେଡ଼ିକାଲ କଲେଜର ଅଧ୍ୟାପକମାନଙ୍କର ଯେଉଁ ଆବାସନ ଗୁଡ଼ିକ୍ ରହିଛି ତାହାରି ଆଖପାଖ ଅଞ୍ଚଳରେ ଗୋଟିଏ ଭଡ଼ାଘରେ ଗାନ୍ଧୀତତ୍ତ୍ୱ ପ୍ରଚାର କେନ୍ଦ୍ର ଖୋଲିଥିଲା । ତାହାର ମୁଖ୍ୟ ଭାଗବତ ପ୍ରସାଦ ନନ୍ଦ । ଭାଗବତ ବାବୁ ଅତି ସରଳ ଏବଂ ତାଙ୍କର ବ୍ୟବହାର ମଧୁର । ଭାଗବତବାବୁ ସେ ସମୟରେ ମଧୁସୂଦନ ଆଇନ କଲେଜର ଛାତ୍ର ଏବଂ କଲେଜ ଫୁଟବଲ ଟିମ୍‌ରେ ଖେଳନ୍ତି । ତାଙ୍କର ସହକାରୀ ଧ୍ରୁବ ଚରଣ ପ୍ରଧାନ । ଧ୍ରୁବଭାଇ ଘର ବ୍ରାହ୍ମଣୀ ନଈ ସେପାରି ହାଟସାଇ । ସେ ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟରୁ ଅଷ୍ଟମ ସୋପାନ ଶେଷକରି ଚମ୍ପତିମୁଣ୍ଡା ଜୀବନ ବିଦ୍ୟାଳୟକୁ ଗଲା । ସେମାନେ ମଧ୍ୟ ଆମରି ଭଳି ମାଧ୍ୟମିକ ପରୀକ୍ଷା ଦେଲା । ଧ୍ରୁବଭାଇ ଅନୁଗୁଳ କଲେଜରେ ଦୁଇବର୍ଷ ପଢ଼ି ରେଭେନ୍ସା କଲେଜରେ ଗଣିତ ଅନର୍ସରେ ନାମ ଲେଖାଇ ଥାଏ ।

Digitized by srujanika@gmail.com

ମୁଁ ସେଇ ଗାନ୍ଧୀତତ୍ତ୍ୱ ପ୍ରଚାର କେନ୍ଦ୍ରରେ ରହି କଲେଜରେ ପଢ଼ିବା ସ୍ଥିର ହେଲା । ସେଇ କେନ୍ଦ୍ରରେ ଗୋଟିଏ ପାଠାଗାର ଥାଏ । ଗାନ୍ଧୀ-ବିନୋବା ସାହିତ୍ୟର ପ୍ରଚୁର ପରିମାଣରେ ପୁସ୍ତକ ପୁସ୍ତିକା ମହଜୁଦ୍ ଥାଏ ଏବଂ ମୁଖ୍ୟ ସମ୍ବାଦପତ୍ର ଓ ପତ୍ରିକା ସେଠାକୁ ଆସେ । ପାଠାଗାର ସମୟ ନିର୍ଘଣ୍ଟ ସନ୍ଧ୍ୟା ୬ଟାରୁ ୮.୩୦ (ବୋଧହୁଏ) । ପାଠାଗାରରେ କଥୋପକଥନ ନିଷିଦ୍ଧ । ଏଇଟା ମତେ ଖୁବ୍ ସୁହେଇଲା । ମୁଁ ଗୋଟିଏ କୋଣରେ ବସି ମୋର ପାଠ ପଢ଼େ । ଆମେ ନିଜ ହାତରେ ରୋଷେଇ କରୁଁ । ମୋର ପାଳି ମସଲା ବାଟିବା, ପିଆଜ-ରସୁଣ କାଟି ଛେଚିବା । ଆମେ ତିନିଜଣ କାମ ବାଣ୍ଟିକୁଣ୍ଟି କରୁଥିଲୁଁ , ବେଶି କିଛି ଚପଟ ପଡୁନଥିଲା । ରାତିରେ ମଶାରୀ ଟାଙ୍ଗି ଶୋଇପଡୁଁ । ଗାନ୍ଧୀତତ୍ତ୍ୱ ପ୍ରଚାର କେନ୍ଦ୍ର ରେଭେନ୍ସା କଲେଜ ଆଉ ଭୂଦାନ ଅଫିସର ମଝାମଝି - ଅର୍ଥାତ୍ କଲେଜ ଯେତିକି ଦୂର - ଥୋରିଆସାହି ସେତିକି ଦୂର ।

ଏତେ କଥା ଫେଣେଇ ଫେଣେଇ ଲେଖିବାର ଉଦ୍ଦେଶ୍ୟ ଏହି କି ଯେ ଧ୍ରୁବଭାଇର ପ୍ରତ୍ୟକ୍ଷ ପ୍ରଭାବ ଫଳରେ ମୁଁ ପଦାର୍ଥ ବିଦ୍ୟାପ୍ରତି ଆକୃଷ୍ଟ ହେଲି । ତିନିମାସରେ ଧ୍ରୁବଭାଇ ମୋ' ଉପରେ ଏପରି ପ୍ରଭାବ ବିସ୍ତାର କରିଲା ଯେ ମୁଁ ପଦାର୍ଥ ବିଦ୍ୟା ନ ପଢ଼ିପାରିଲେ ଜୀବନଟା ବ୍ୟର୍ଥ ହୋଇଯିବ ବୋଲି ଭାବିଲି । ମୁଁ ତାକୁ ପଚାରିଲି, "ତମେ ତ ଗଣିତ ଅନର୍ସନେଲ ମୋତେ କାହିଁକି ପଦାର୍ଥ ବିଦ୍ୟା ଆଡ଼କୁ ଠେଲୁଛ ? ତମେ ସେ ଆଡ଼େ ଗଲନାହିଁ କିଆଁ ?" ଧ୍ରୁବଭାଇ କହିଲା ଦେଖ ଆମର ସବୁ ଭଲ ଭଲ ପିଲା ସେଠି ନେସି ହୋଇଛନ୍ତି । ସବୁ ବିଶ୍ୱବିଦ୍ୟାଳୟର ଶୀର୍ଷଶ୍ରେଣୀର ଛାତ୍ର । ମୁଁ ପଦାର୍ଥବିଦ୍ୟା ପାଇ ଥାଆନ୍ତି କି ନାହିଁ ସନ୍ଦେହ । ଯଦି ବି ସେଠିକୁ ଯାଇ ଥାଆନ୍ତି ମୁଁ ସେମାନଙ୍କ ସହ ସମସ୍କନ୍ଧ ହୋଇ ପ୍ରତିଯୋଗିତା କରିପାରିବାର କିଏ ମତେ ଆତ୍ମବିଶ୍ୱାସ ଦେବ ?" ମୁଁ ଧ୍ରୁବଭାଇକୁ ପଚାରିଲି, "ତମେ କିମିତିକା ଜାଣିଲ ମୁଁ ପଦାର୍ଥବିଦ୍ୟା ଅନର୍ସ ପାଇବି ଆଉ ସେଇ ପ୍ରବଳ ପ୍ରତିଯୋଗୀତାରେ ତିଷ୍ଠିବି ?" ଧ୍ରୁବ ଭାଇ କହିଲା, "ତୁ ଯଦି ଏବେଠାରୁ ପରିଶ୍ରମ କରିବୁ ଏବଂ ତୋର ମୂଳଭିତ୍ତି ସୁଦୃଢ଼ କରିବାର ପ୍ରୟାସ ଜାରି ରଖିବୁ ମୁଁ କହୁଛି ତୁ ପାରିବୁ ।" ସେ ମତେ ଆହୁରି ଉତ୍ସାହିତ କରି ପଦାର୍ଥବିଦ୍ୟାର ତତ୍ତ୍ୱ ବସି ପ୍ରାଞ୍ଜଳଭାବରେ ବୁଝାଇଲା । ଆମର ପ୍ରାକ୍-ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଯେଉଁ

Digitized by srujanika@gmail.com

ବିଷୟ ସବୁ ନଥିଲା ସେ ବିଷୟ ମଧ୍ୟ ସରଳ ଭାଷାରେ ବୁଝାଇଲା ।

ଭୂଦାନ ଅଫିସକୁ ମୁଁ ପ୍ରାୟ ପ୍ରତିଦିନ ସନ୍ଧ୍ୟାବେଳେ ଅଳ୍ପସମୟ ପାଇଁ ହେଲେ ବି ଯାଏ । ମାମୁ ଥିଲେ ମାମୁ ସାଙ୍ଗରେ ଟିକିଏ କଥାବାର୍ତ୍ତା ହୁଏ । ମାମୁର ବହି ଆଲମିରାରେ ନଜର ପକାଉ ପକାଉ ଦୁଇଟି ବହି ମତେ ତାଙ୍କ ଆଡ଼କୁ ଟାଣିଲେ । ଗୋଟିଏ ହେଲା ଆଇନ୍‌ଷ୍ଟାଇନ୍‌ଙ୍କର "Meaning of Relativity" । ଅନ୍ୟ ପୁସ୍ତକର ରଚୟିତା "Henri Semat" । ପ୍ରଥମେ ଡରି ଡରି ଆଇନଷ୍ଟାଇନଙ୍କ ବହିର ପୃଷ୍ଠା ଲେଉଟାଇଲି - ମନରେ ଟିକିଏ ଡର ବି ଥାଏ । କିଏ ଦେଖିଲେ କହିବ ଏତେ ବକଟେ ପିଲା କଲେଜ ଦୁଆର ବନ୍ଧ ନ ମାଡୁଣୁ ଆଇନଷ୍ଟାଇନ୍ ବହି ଖୋଲୁଛି । ଅବଶ୍ୟ ଏମିତି ନିରୁତ୍ସାହିତ କରିବା ପାଇଁ ସେଠି କେହି ନ ଥିଲେ । ସମସ୍ତଙ୍କର ମୁଁ ସ୍ନେହର ପାତ୍ର ଥିଲି । ମାମୁ ନଜର କଲା ଯେ ମୁଁ ଏଇ ଦୁଇଟି ବହି ଧରି ଓଲଟ ପାଲଟ କରୁଛି । ମାମୁର ବହି ଆଲମିରାରୁ ମୁଁ ବହି ବାହାର କରିଛି । ମାମୁ ନିଶ୍ଚୟ ପଢ଼ିଥିବ । ଧୀରେ ଧୀରେ ମୋର ସଙ୍କୋଚ ହ୍ରାସ ହେଲା । ମାମୁକୁ କିଛି ପଚାରିବାରୁ ମାମୁ ତା' ବାଟରେ ମୋତେ ବୁଝେଇଦେଲା । ପାଠକେ ଯଦି ପରଶମଣିରେ ସନ୍ଧାନେ ବହିଟି ପଢ଼ିଥିବେ ତାହାହେଲେ ମାମୁ ଆପେକ୍ଷିକ ତତ୍ତ୍ୱର ଯାହା ଉପସ୍ଥାପନା କରିଛି ତାହା ତ ଓଡ଼ିଆ ଭାଷାରେ ଅଦ୍ୱିତୀୟ । ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ ମାମୁ ସେ ବହିଟି ଜରୁରୀକାଳୀନ ପରିସ୍ଥିତିରେ ମିସା ବନ୍ଦୀଭାବରେ ଥିବା ସମୟରେ ରଚନା କରିଥିଲା । ଏହାର ବିଷଦ ଆଲୋଚନା ଉପଯୁକ୍ତ ପରିପ୍ରେକ୍ଷୀରେ ଅଧିକ ପ୍ରାଞ୍ଜଳ ଭାବରେ ଉପସ୍ଥାପିତ ହେବ । ସେହି ସମୟରୁ ମାମୁ ପାଖରେ ଆଉ ଗୋଟିଏ ପ୍ରକାରର ବିଚାର ଆଦାନପ୍ରଦାନ ସୃଷ୍ଟି ହେଲା । ପ୍ରଥମ ଦୁଇବର୍ଷ ମାମୁଠାରୁ ମୁଁ ଅନେକ କିଛି ଶିଖିଲି । ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ସହିତ ଏହି ଆଲୋଚନାର ବିଶେଷ ସମ୍ପର୍କ ନଥାଏ । ପାଠ୍ୟକ୍ରମକୁ ଅନୁସରଣ କରିବା ନିମନ୍ତେ ପାଠ୍ୟପୁସ୍ତକ ରହିଛି । ପାଠ୍ୟକ୍ରମର ବିଷୟବସ୍ତୁ ସେଥିରେ ଧାରାବାହିକ ରୂପେ ପର୍ଯ୍ୟବେଶିତ । ମନୋଯୋଗ ନିବେଶ କରି ପରିଶ୍ରମକଲେ ପ୍ରଥମ ଦୁଇବର୍ଷର ପଦାର୍ଥବିଦ୍ୟାର ପାଠ୍ୟକ୍ରମ ବିନା କଷ୍ଟରେ ବୁଝିହେବ । ଉପରନ୍ତୁ ସେହି ଦୁଇବର୍ଷ ଆମର ପଦାର୍ଥବିଦ୍ୟାର ଅଧ୍ୟାପକମାନଙ୍କର ଶିକ୍ଷାଦାନର ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ସେମାନେ ବିଷୟବସ୍ତୁଗୁଡ଼ିକୁ ଚିତ୍ତାକର୍ଷକ କରି

Digitized by srujanika@gmail.com

ପ୍ରାଞ୍ଜଳ ଭାବରେ ବୁଝାଉଥିଲେ । ଦ୍ୱିଧାର କୌଣସି ଅବକାଶ ନଥିଲା । ମାମୁ ସାଙ୍ଗରେ ମୋର ଗୁରୁ-ଶିଷ୍ୟର ସମ୍ପର୍କ ନଥିଲା । କିମ୍ବା ଗୃହ ଶିକ୍ଷକ-ଛାତ୍ରର ସମ୍ପର୍କ ନଥିଲା । ମାମୁ ସାଙ୍ଗରେ ବସି ବିଚାର ଆଲୋଚନା କରିବା ସମୟରେ ମନରେ କୌତୂହଳ ଜାଗ୍ରତ ହେଉଥିଲା । ନୂଆ ନୂଆ ବିଷୟ ବସ୍ତୁରେ ଆଗ୍ରହ ସୃଷ୍ଟି ହେଉଥିଲା ।

ମୁଁ ପ୍ରାୟ ତିନିମାସ ଗାନ୍ଧୀତତ୍ତ୍ୱ ପ୍ରଚାର କେନ୍ଦ୍ରରେ ରହିବା ପରେ ସେଠାରୁ ଯାଇ ବିରଜାମାମୁଙ୍କ (ବିରଜାପ୍ରସାଦ ରାୟ) ଘରେ ରହିଲି । ସକାଳବେଳା ପରୀକ୍ଷାଗାରକୁ ଯିବାପାଇଁ ହେଲା । ରୋଷେଇ କରି ଯିବା ବେଳକୁ ଟିକେ ଡେରି ହେଲା ଏବଂ ସକାଳୁ ପଢ଼ିବାପାଇଁ ସମୟ ଅଣ୍ଟିଲା ନାହିଁ । ବିରଜାମାମୁଙ୍କର କନିଷ୍ଠପୁତ୍ର ଛବା, ହରପ୍ରସାଦ ରାୟ - ପରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ କଲେଜରେ ଅଧ୍ୟାପକ - ମୋରି ବୟସର । ସେ ମଧ୍ୟ ରେଭେନ୍ସା କଲେଜର ଛାତ୍ର । ବିରାଜାମାମୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ବ୍ରହ୍ମପୁର ଜେଲରେ ଥିଲେ । ବା'ଙ୍କୁ ସେ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ଜେଜେ - ଅମୀଙ୍କ ସହିତ ତା'ଙ୍କର ଘନିଷ୍ଠ ସମ୍ପର୍କ ଥିଲା । ସେ ଜେଜେ-ଅମୀଙ୍କୁ ଭକ୍ତି ଏବଂ ସମ୍ମାନ କରୁଥିଲେ । ମାଇଁ କିରଣବାଳା ଦେବୀ, ଅତ୍ୟନ୍ତ ସ୍ନେହଶୀଳା ଏବଂ ଉଦାର ହୃଦୟର ମହିଳା ଥିଲେ । ମୁଁ ତାଙ୍କର ଯୋଗ୍ରା ଘରେ ରହିଲାରୁ ନିଜ ଘରେ ରହିବାପାରି ଲାଗିଲା । ସେଠାରେ ରହିବା ଫଳରେ ତାଙ୍କର ଦ୍ୱିତୀୟ ପୁତ୍ର ଦୁର୍ଗାପ୍ରସାଦ ରାୟଙ୍କର ସଂସ୍ପର୍ଶରେ ଆସିଲି । ତାଙ୍କୁ ସମସ୍ତେ ନୁଲିଦା' ଡାକନ୍ତି । ସେ ଜଣେ ଉଚ୍ଚକୋଟୀର ତାତ୍ତ୍ୱିକ ପଦାର୍ଥବିଜ୍ଞାନୀ । ସେ ଆନ୍ତର୍ଜାତିକ ସ୍ତରରେ ତାଙ୍କର ମୌଳିକ ଗବେଷଣାର ଅବଦାନ ନିମନ୍ତେ ପୃଥିବୀ ବିଖ୍ୟାତ । ନୁଲିଦା' ୧୯୬୨ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କୃତିତ୍ୱସହ ଏମ୍.ଏସ୍.ସି. ପାସ୍‌କରି ବମ୍ବେରେ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚଠାରେ ତାଙ୍କର ଗବେଷଣା ପ୍ରାରମ୍ଭ କଲେ । ମୋର ପଦାର୍ଥବିଦ୍ୟା ପ୍ରତି ଆକର୍ଷଣ ଥିବାର ଲକ୍ଷ୍ୟକରି ସେ ମୋତେ ବହୁତ ଉତ୍ସାହିତ କଲେ । ନୁଲିଦା'ମୋତେ ଆଜୀବନ ମାର୍ଗଦର୍ଶନ ଦେଇ ଆସିଛନ୍ତି । ମୁଁ ସିନା ଧ୍ରୁବଭାଇରର ସାହଚର୍ଯ୍ୟରୁ ବଞ୍ଚିତ ହେଲି କିନ୍ତୁ ନୁଲିଦା'ଙ୍କର ଉତ୍ସାହବାଣୀ ମୋ ମନର ଆତ୍ମବିଶ୍ୱାସକୁ ସୁଦୃଢ଼କଲା ।

ମାମୁ ସାଙ୍ଗରେ ସେଇ ଚାରିବର୍ଷରେ ଯେଉଁ ସମ୍ପର୍କ ଗଢ଼ିଉଠିଲା ମୋର

Digitized by srujanika@gmail.com

ମନେହୁଏ ତାହା ଚିରାଚରିତ ମାମୁ-ଭଣଜା ସମ୍ପର୍କଠାରୁ ଭିନ୍ନ । ମୁଁ ଯେତିକି ଯେତିକି ଆଗକୁ ବଢ଼ିଲି ସେତିକି ନୂଆ କଥା ଶିଖିଲି ଏବଂ ମୋର ମୂଳଦୁଆ ଅଧିକ ସୁଦୃଢ଼ହେଲା । ବିଶେଷକରି ଅନର୍ସ ଶ୍ରେଣୀରେ ପଢ଼ିଲାବେଳକୁ ଆମର ବହୁ ଅଧ୍ୟାପକ ସଯତ୍ନରେ ବିଷୟବସ୍ତୁ ପ୍ରାଞ୍ଜଳଭାବରେ ବୁଝାଉଥିଲେ । କେହି ଅବା ଜଣେ ଅଧେ ଅଧ୍ୟାପନାକୁ ସେତେ ପରିମାଣରେ ଗୁରୁତ୍ୱ ଦେଉନଥିଲେ । ମୋର ମନ ବି ପୂରାପୂରି ସେଇଆଡ଼କୁ ଢଳି ଯାଇଥିଲା । ଔପଚାରିକ ରୀତିରେ ପଦାର୍ଥ ବିଜ୍ଞାନର ଶିକ୍ଷାରୁ ଅଧ୍ୟାପକମାନଙ୍କର ଚେଷ୍ଟାରୁ ମୁଁ କେତେକ ପରିମାଣରେ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ସମନ୍ୱୟ ଏବଂ ଅନୁବନ୍ଧ ହୃଦ୍‌ବୋଧ କରିବା ପାଇଁ ଆରମ୍ଭକଲି । ସେତେବେଳେ ମୁଁ ନୂଆ କଥାଟିଏ ଶିଖିଲେ ମାମୁକୁ ଉତ୍ସାହରେ କହିପକାଏ । ସେତେବେଳେ ଆମର ସେଇଟା ଆଲୋଚନାର ବିଷୟବସ୍ତୁ । ମାମୁ କେତେକାଂଶରେ ଗଣିତ ଓ ପଦାର୍ଥବିଦ୍ୟା ୧୯୩୪ ମସିହାରେ କଲିକତାରେ ପଢ଼ିଥିଲା ଏବଂ ତା'ର ପାଠ ବ୍ରହ୍ମପୁର ଜେଲ୍‌ରେ ଜାରି ରଖିଥିଲା । କିନ୍ତୁ ସବୁ ବିଷୟ ତ ଏତେ ତନ୍ନ ତନ୍ନ କରି ଧାରାବାହିକ ଭାବରେ ପଢ଼ି ନଥିଲା । ସେ ଆଇନ୍‌ଷ୍ଟାଇନ୍‌ଙ୍କର ଆପେକ୍ଷିକ ତତ୍ତ୍ୱର ମୂଳ, ସାର କଥା, ବୁଝିଥିଲା ଏବଂ ତାହାର ସମ୍ପୃକ୍ତ ସମିକରଣ ଜାଣିଥିଲା । ମାକ୍ସୱେଲଙ୍କର ଚାରୋଟି ସୂତ୍ର ସମ୍ପୂର୍ଣ୍ଣରୂପେ ସମାଧାନ କରିବା ନିମନ୍ତେ ଯେତିକି ଭିତ୍ତିଭୂମୀର ଆବଶ୍ୟକ ହୁଏତ ସେତକ ସେ ଅକ୍ତିଆର କରି ନଥିଲା । ମୁଁ ତାକୁ ଥରେ ଆଲୋକର ଗତି ପଥ ସରଳରେଖା ବୋଲି କିପରି କାଲକୁଲସରୁ ପ୍ରତିପାଦିତ କରିହେବ ତାହା ବୁଝାଇଦେବାରୁ ସେ ଭାରି ଖୁସି ହୋଇଗଲା । ମାମୁର ମନ ସାରାଜୀବନ ଛୋଟ ପିଲାର ମନ ପରି ଜିଜ୍ଞାସୁ । ସେଇ ତ ଅସଲ ବିଜ୍ଞାନୀର ଲକ୍ଷଣ । ମାମୁ ତାର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନୂଆ ନୂଆ ତଥ୍ୟ/ତତ୍ତ୍ୱକୁ ଅନୁସନ୍ଧାନ କରିବାର ଯେଉଁ ଆନନ୍ଦ ସେଇ ପଥରୁ ବିଚ୍ୟୁତ ହୋଇନଥିଲା ।

ମୋର ୧୯୬୨ରୁ ୧୯୬୬ ମସିହାରେ ମାମୁ ସାଙ୍ଗରେ ଗୋଟଏ ନୂଆ ସମ୍ପର୍କର ପ୍ରାରମ୍ଭ ହେଲା । ସେହି ସମୟରୁ ତାର ପ୍ରାୟ ଅନ୍ତିମ ସମୟ ପର୍ଯ୍ୟନ୍ତ ଆମ ଦୁଇଜଣଙ୍କର ଆଲୋଚନାର ମୁଖ୍ୟ ବିଷୟବସ୍ତୁ ବିଜ୍ଞାନ । ଏ ପ୍ରକାରର ସୁଯୋଗ ବୋଧହୁଏ ଆଉ କାହାକୁ ମିଳିନାହିଁ । ସମସ୍ତଙ୍କୁ ବା ମିଳିଥାଆନ୍ତି କିପରି ? ମୁଁ କଟକରେ ରହୁଥିଲି । ମାମୁ ସାଙ୍ଗରେ ବାରମ୍ୱାର ଦେଖା ସାକ୍ଷାତ ହେଉଥିଲା ।

Digitized by srujanika@gmail.com

ପରେ ମୁଁ କାନପୁରରେ ଯାଇ ପଢ଼ିଲାବେଳେ ମଝିରେ ମଝିରେ ବର୍ଷରେ ପ୍ରାୟ ଦୁଇଥର ବନାରସ ଆସୁଥିଲି । ସେ ସମୟରେ ପ୍ରାୟ ମାମୁ ସାଙ୍ଗରେ ଦେଖାହୁଏ । ମୁଁ ସେତେବେଳକୁ ରୀତିମତ ପଦାର୍ଥ ବିଦ୍ୟାର ଛାତ୍ର ଆଉ କାନପୁରରେ ନାନା ଅବଧାନଙ୍କଠାରୁ ଛାଟ ଖାଇ ପାଠ ଅଭ୍ୟାସ କରୁଥାଏ । ସେଇଥିପାଇଁ ବନାରସରେ ମାମୁ ସାଙ୍ଗରେ ଆଲୋଚନା ବହୁତ ଆନନ୍ଦ ଦାୟକ ହୁଏ । ସେ ସମୟରେ ଅନେକ ଭକୁଆ ହୋଇ ଆମର ଆଲୋଚନା ଶୁଣନ୍ତି । ମାମୁର ଏକମାତ୍ର ଉଦ୍ଦେଶ୍ୟ ସୁଯୋଗ ପାଇଲେ କ'ଣ କ'ଣ ନୂଆ ଗବେଷଣା ଚାଲିଛି, ତାହା ବିଷୟରେ ଅବଗତ ହେବା । ସେ ସମୟରେ ତାହାର ଚତୁଃପାର୍ଶ୍ୱରେ କେଉଁମାନେ ଅଛନ୍ତି, କ'ଣ କରୁଛନ୍ତି ସେ ପ୍ରାୟ ଭୁଲିଯାଏ ।

ମାମୁ ତ ପିଲାଦିନେ ଫଟୋ ଉଠାଉଥିଲା ଏବଂ ଛବି ଆଙ୍କୁଥିଲା । ସେ ସର୍ବସେବାସଙ୍ଘର କର୍ମକର୍ତ୍ତା ହେବାପରେ ତାକୁ ଦେଶବ୍ୟାପୀ ଗସ୍ତ କରିବା ପାଇଁ ହେଲା । ସେ ସର୍ବସେବାସଂଘର ଅଧ୍ୟକ୍ଷ ହେଲାପରେ ତାକୁ ଗୋଟାଏ ପ୍ରଥମଶ୍ରେଣୀରେ ଅମାପ ରେଳପଥଯାତ୍ରା କରିବାର ପାସ ମିଳିଲା । ସେହି "ପାସ" ସହିତ ଜଣେ ପରିଚାରକ ବି ସାଙ୍ଗରେ ଯିବାର ବ୍ୟବସ୍ଥା ଥିଲା । ମାମୁ ସେହି ପାସ୍‌କୁ ଦେଖାଇ ସେ ସମୟରେ ତୃତୀୟ ଶ୍ରେଣୀରେ ଯାତ୍ରା କରୁଥିଲା । ଯଦି ତୃତୀୟ ଶ୍ରେଣୀରେ ଆରକ୍ଷଣ ନମିଳେ ତେବେ ଯାଇ ପ୍ରଥମ ଶ୍ରେଣୀରେ ଯାତ୍ରା କରୁଥିଲା । ମୁଁ ଥରେ ତା'କୁ ଗୋଟିଏ ଯୁକ୍ତି ବାଢ଼ିଲି । ମୁଁ କହିଲି ଯେ ତୁ ତୃତୀୟ ଶ୍ରେଣୀରେ ଯାତ୍ରା କରିବା ଫଳରେ ଗୋଟିଏ ଗରୀବ ଲୋକକୁ ଆରକ୍ଷିତ ଶ୍ରେଣୀରେ ଯିବାରୁ ବଞ୍ଚିତ କରୁଛୁ । କାରଣ ଯେଉଁ ଲୋକଟିର କେବଳ ତୃତୀୟ ଶ୍ରେଣୀରେ ଯାତ୍ରା କରିବାର ଆର୍ଥିକ ସମ୍ବଳ ମାତ୍ର ଅଛି ତୁ ତା'ର ଶୋଇବାର ସ୍ଥାନଟି ନେଇ ଗଲୁ । ସେ ବିଚରା ଠେଲି ପେଲି ହୋଇ ସାଧାରଣ ଡବାରେ ଯିବ । ମାମୁ ମୋର ଯୁକ୍ତି ମାନିଲା କିନ୍ତୁ ତୃତୀୟ ଶ୍ରେଣୀ ଯାତ୍ରା ଛାଡ଼ିଲାନାହିଁ । ଏହି କାର୍ଯ୍ୟକାଳ ମଧ୍ୟରେ ମାମୁ ସାଙ୍ଗରେ ଭଲ ମୋଟା କାଗଜ ଓ ଭଲ ପେନ୍ସିଲ ନେଇ ଯାତ୍ରାକରୁଥିଲା । ବିଭିନ୍ନ ସଭାସମିତି ଅଥବା ବୈଠକରେ ସର୍ବୋଦୟ କର୍ମୀ ଓ ମୁଖ୍ୟ ମୁଖ୍ୟ ବ୍ୟକ୍ତିମାନଙ୍କର ପେନ୍‌ସିଲ୍‌ରେ ବ୍ୟଙ୍ଗ ରେଖାଚିତ୍ର ଆଙ୍କୁଥିଲା । ସେଇଥିରୁ ମାମୁ କ୍ରମେ କ୍ରମେ ରଙ୍ଗ, ତୁଳିରେ ଛବି ଆଙ୍କିବା ଆରମ୍ଭ କଲା । ସେ ରୀତିମତ ଚିତ୍ରାଙ୍କନର ବହିରୁ ସେ ସବୁ କଳା ଅଧ୍ୟୟନ

Digitized by srujanika@gmail.com

କରି ପେଶାଦାର କଳାକାରଙ୍କର ସ୍ତରରେ ଚିତ୍ରାଙ୍କନ କଲା । ମାମୁର କୃତିତ୍ୱର ସାକ୍ଷୀ ବାଖରାବାଦଘରେ ପ୍ରଦର୍ଶିତ ତାହାର ହାତର ଚିତ୍ରକଳାର ସମଷ୍ଟି । ସେଇ ସମୟରେ ମାମୁ ଫଟୋ ଉଠାଇବା ଦିଗକୁ ପୁଣି ମନ ବଳାଇଲା । ବାଖରାବାଦରେ ଯେଉଁ ଟିଣଘର ଅଛି ତାହାର ଗୋଟାଏ ବଖରାକୁ ନିବୁଜ କରି ସେ ତା'ର ଅନ୍ଧକାର କୋଠରୀ କଲା । ସେଇଠି ସେ ଫିଲ୍ମ ଧୋଇ ଫଟୋ କାଗଜରେ ନେଗେଟିଭରୁ ଫଟୋକୁ ଉଠାଇ ତାକୁ ଧୋଇ ଶୁଖାଇ ତା'ର କଳାକୃତି ଦେଖାଇଲା । ସେହି ସମୟରେ ମୁଁ ମାମୁଠାରୁ ଏ ବିଦ୍ୟା ଶିଖିଲି । ମାମୁ ୧୯୬୯ ମସିହାରେ ଗାନ୍ଧୀ ଶତବାର୍ଷିକୀ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଗସ୍ତକଲା । ସେଇ ବର୍ଷ ତାକୁ ଜର୍ମାନୀର ଗୋଟିଏ ଟେଲିଭିଜନ କମ୍ପାନୀ ଗାନ୍ଧୀବିଚାରର ଆଲୋଚନାଚକ୍ରରେ ଭାଗନେବା ନିମନ୍ତେ ଆମନ୍ତ୍ରଣ କଲେ । ମାମୁ ପିଲାଦିନୁ କିଛି କିଛି ଜର୍ମାନ ଭାଷା ଶିଖିଥିଲା । ଏଇ ସୁଯୋଗରେ ମାମୁର ରୀତିମତ ଜର୍ମାନ ଭାଷା ଆଉ ଥରେ ଭଲକରି ଶିଖିଲା ଏବଂ କହି ମଧ୍ୟ ପାରିଲା ।

ସେ ଜର୍ମାନୀ ଯିବାର ଠିକ୍ ପୂର୍ବରୁ ମୋର ତା' ସାଙ୍ଗରେ ଦେଖାହେଲା । ଏବଂ ମୋ' ପାଇଁ କ'ଣ ଆଣିବ ବୋଲି ପଚାରିଲା । ମୁଁ ମାମୁକୁ କହିଲି ମୋ' ପାଇଁ ଗୋଟାଏ କ୍ୟାମେରା ଆଣିଦେଲେ ମୁଁ ତାକୁ ତାହାର ମୂଲ୍ୟ ଦେଇଦେବି । ମାମୁ ତ କ୍ୟାମେରା ଆଣିଦେଲା କିନ୍ତୁ ତାହାର ମୂଲ୍ୟ ଗ୍ରହଣ କଲାନାହିଁ । ମୁଁ କାନପୁରରେ ଫଟୋକ୍ଲବ୍‌ର ସଦସ୍ୟ ହେଲି ଆଉ କାନପୁର ପାଠାଗାରରୁ ବହିପତ୍ର ପଢ଼ି ଫଟୋ ଉଠାଇବା, ଫଟୋ ଧୋଇବା ବିଦ୍ୟାକୁ ସାଧକଲି । ତାର ପରବର୍ଷ ଆମେ କେଇଜଣ ବଦ୍ରିନାଥ, କେଦାରନାଥ, ଗଙ୍ଗୋତ୍ରୀ, ହେମକୁଣ୍ଡ...ଗଲୁଁ । ମୁଁ ପ୍ରଚୁର, ପ୍ରାୟ ୩୦୦, ସରିକି ଫଟୋ ଉଠାଇଲି । ତାକୁ ଧୋଇ ସେଇ ଅନ୍ଧାର କୋଠରୀରେ ଛାପା କାଗଜରେ ଛାପିଲି । ମନମୁତାବକ ଆଠ ଦଶଟା ଫଟୋକୁ ଖୁବ୍ ବଡ଼କରି ନିଜେ ନିଜେ ଛାପିଲି । ସେ ଫଟୋସବୁ ମାମୁକୁ ଦେଖାଇବାରୁ ମାମୁ ଖୁସିହେଲା ଏବଂ ତାହାର ଗଠନମୂଳକ ମନ୍ତବ୍ୟ ଦେଇ କହିଲା, "ଯେ କେଉଁ ଫଟୋକୁ କେଉଁ କୋଣରୁ ଉଠାଇଥିଲେ ଆହୁରି ଆକର୍ଷଣୀୟ ହୋଇଥାଆନ୍ତା ।" ଫଟୋ ଉଠାଇବା ଯେ ଗୋଟିଏ କଳା ସେ'କଥାଟି ମୁଁ କାନପୁରରେ ଶିଖିଲି । ସୁଯୋଗ ପାଇ ଗୋଟିଏ ଭଲ କ୍ୟାମେରା (SLR କ୍ୟାମେରା) ମଧ୍ୟ ହସ୍ତଗତକଲି ।

Digitized by srujanika@gmail.com

ମାମୁ ପୂର୍ବରୁ SLR କ୍ୟାମେରା କେବେହେଲେ ବ୍ୟବହାର କରିନଥିଲା । ମୁଁ ସେ କ୍ୟାମେରାର କରାମତି ମାମୁଙ୍କୁ ଦେଖାଇଲାରୁ ମାମୁ ବହୁତ ଖୁସିହେଲା । ସେଇ କ୍ୟାମେରାରେ ଛାଇ ଆଉ ଆଲୁଅର ଯେଉଁ ଖେଳ ତାହା ଚିତ୍ରକଳା ମାଧ୍ୟମରେ ପ୍ରକାଶ କରିବାର ସୁଯୋଗ ମିଳେ । ସେ ସୁଯୋଗ ଅନ୍ୟ କ୍ୟାମେରାରେ ମିଳେ ନାହିଁ । ମାମୁଙ୍କୁ ସେଇ ଫଟୋ, ବିଶେଷ କରି ଜାପାନରେ ଉଠାଇଥିବା ଫଟୋ ଦେଖାଇଲାରୁ ସେ ଅତ୍ୟନ୍ତ ଆନନ୍ଦିତ ହେଲା । ମାମୁର ସହାସ୍ୟ ବଦନରୁ ମୋର ପ୍ରତ୍ୟୟ ହେଲା ଯେ ମାମୁ ତା'ର ଛାତ୍ର ଉପରେ ସନ୍ତୁଷ୍ଟ । ମୋର ପ୍ରଚେଷ୍ଟା କିନ୍ତୁ ଜାରି ରହିଲା । ମୋର ଅନୁମାନ ଯେ ମାମୁ ଆହୁରୀ ଉଚ୍ଚକୋଟୀର ଚିତ୍ର ଦେଖିବାପାଇଁ ଇଚ୍ଛାକରେ ଏବଂ ସେ ନିମନ୍ତେ ମୋର ଅଧ୍ୟବସାୟର ଆବଶ୍ୟକତା ରହିଛି । ମୋତେ କେତୋଟି ସୁଯୋଗ ମିଳିଲା । ବିଷୟବସ୍ତୁ ହେଲା ଅସ୍ତଗାମୀସୂର୍ଯ୍ୟ, ଉଡ଼ନ୍ତା ପକ୍ଷୀ ଏବଂ ମେଘର ଛାଇ ଆଲୁଅର ଖେଳ । ସେ ଫଟୋ ସବୁ ଦେଖି ମାମୁ ଅତ୍ୟନ୍ତ ପ୍ରୀତ ହେଲା । ଗୋଟିଏ ଉଡ଼ନ୍ତା ଚଢ଼େଇର ଛବି ଦେଖି କହିଲା, "ବାଃ ଏଇଟା National Geographicsରେ ଛାପିବା ଭଳି ଛବି ।"

ଏ ପର୍ଯ୍ୟନ୍ତ ମୁଁ ମାମୁଠାରୁ ତିନିଗୋଟି ବିଦ୍ୟା ଶିଖିଲି । ମହୁଚାଷ, ସନ୍ତରଣ ଓ ଛାୟା-ଛବି । ମାମୁର ମତେ ବିଜ୍ଞାନ ପ୍ରତି ଆକୃଷ୍ଟ କରିବାର ଶ୍ରେୟ ଅନସ୍ୱୀକାର୍ଯ୍ୟ । ଏହା ମୁଁ ସୁବିସ୍ତାର ବର୍ଣ୍ଣନା କରିସାରିଛି ।

କାନପୁର ଛାଡ଼ି ମୁଁ ୧୯୭୩ ମସିହାରେ ଟୋକିଓ ଚାଲିଗଲି । ସେତେବେଳକୁ ମୋର ନାମ ପଛରେ ଗୋଟାଏ ଲାଙ୍ଗୁଡ଼ ପି.ଏଚ୍.ଡ଼ି. ଆଉ ନାମ ପୂର୍ବରୁ ଗୋଟାଏ ପରଦା ଡକ୍ଟର ଅର୍ଥାତ୍ ଏଇ ପରଦା ପାରିହେଲେ ନାମଟା କଅଣ ଜଣେ ଜାଣିବ । କାନପୁରରେ ତ ପ୍ରତିବର୍ଷ ଶହେ ଦେଢ଼ ଶହ ଏଇମିତି 'ଡକ୍ଟର' ହୋଇ ବାହାରୁଛନ୍ତି ସେଇଟା କ'ଣ ବଡ଼ କଥା ? ଚାରି ନମ୍ବର ଆଉ ପାଞ୍ଚନମ୍ବର ଛାତ୍ରାବାସରେ ଯେଉଁମାନେ ଥିଲେ ସେଥିମଧ୍ୟରୁ ବେଶି ଭାଗ ତ ଏଇ ପି.ଏଚ୍.ଡ଼ି. ପାଇଯିବେ । ସେ ଦୁଇବର୍ଷରେ ମାମୁ ସାଙ୍ଗରେ କ୍ୱଚିତ୍ ପତ୍ରାଳାପ ହୋଇଥିବ । ମୋର ମାମୁ ସହିତ ଚିଠିପତ୍ର ଆଦାନ ପ୍ରଦାନ ବହୁତ କମ ହେଉଥିଲା । ମୁଁ ପ୍ରାୟ ଦୁଇବର୍ଷପରେ ୧୯୭୪ ମସିହା ଡିସେମ୍ବର ମାସରେ ଦେଶକୁ ଫେରିଲି । ଏହି ଦୁଇବର୍ଷରେ ଭାରତବର୍ଷର ରାଜନୈତିକ ବାତାବରଣ ସମ୍ପୂର୍ଣ୍ଣ ଭିନ୍ନ ରୂପନେଇ

Digitized by srujanika@gmail.com

ସାରିଥିଲା । ବିଦେଶରେ ରହି ଭାରତୀୟ ସମ୍ବାଦପତ୍ରରୁ ମଧ୍ୟ ସେ ସମୟରେ ଦେଶର ଅବସ୍ଥା କିପରି ଦିଗକୁ ଗତିକରି ସାରିଥିଲା ତାହା କଳନା କରିବା ସମ୍ଭବ ନଥିଲା ।

ଭାରତବର୍ଷର ଜନସାଧାରଣ ୧୯୭୪ ମସିହାର ପ୍ରାରମ୍ଭବେଳକୁ ଘୋର ଅସନ୍ତୋଷ ମଧ୍ୟଦେଇ ଗତି କରୁଥିଲେ । ସ୍ୱାଧୀନତା ପ୍ରାପ୍ତିର ଫଳ ସ୍ୱରୂପ ସାଧାରଣ ନାଗରିକମାନଙ୍କର ଯେଉଁ ଆଶାଥିଲା ତାହା ମଉଳିବା ଆରମ୍ଭ କରିଥିଲା । ଗଣତନ୍ତ୍ରର ପ୍ରକୃତ ସ୍ୱରୂପ କିପରି ସେ ସମ୍ପର୍କରେ ହୁଏତ ଚାଷୀମୂଲିଆ, କାରଖାନାର ଶ୍ରମିକ ଏବଂ ଅର୍ଦ୍ଧଶିକ୍ଷିତ ଜନସାଧାରଣଙ୍କର ସମ୍ୟକ ଜ୍ଞାନ ନଥିଲା । ସମସ୍ତଙ୍କର ଆଶାଥିଲା ଯେ,ସେମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ହେବ । ଦିନ ମଜୁରିଆ ଏବଂ ଛୋଟ ଛୋଟ ଚାଷୀମାନେ ଆଶା ବାନ୍ଧିଥିଲେ ଯେ ତାଙ୍କର ଭାଗ୍ୟ ପରିବର୍ତ୍ତନ ହେବ । ଶିକ୍ଷିତ ଏବଂ ଅର୍ଦ୍ଧଶିକ୍ଷିତ ଲୋକଙ୍କର ଅଭିଳାଷ ଥିଲା ବେକାରୀ ହ୍ରାସ ପାଇବ ଏବଂ ସାମାନ୍ୟ କିଛି ସରକାରୀ କାମ କରାଇବା ପାଇଁ ବାରଦୁଆରକୁ ନଯାଇ ଅଣ୍ଟାଗୁଣ୍ଡା ନଦେଇ ସେମାନଙ୍କର ଯାହା ହକ୍ ତାହା ପାଇପାରିବେ । ଷଷ୍ଠ ଦଶନ୍ଧି ପ୍ରାରମ୍ଭରେ ଲକ୍ଷ୍ୟକଲେ ଦେଖାଯିବ ଯେ ସମୟର ଗତି ବଦଳିବା ପାଇଁ ଆରମ୍ଭ କରିଥିଲା । ଦୁଇଟି ପଞ୍ଚବାର୍ଷିକ ଯୋଜନାରେ ଦେଶ ଉନ୍ନତି ମାର୍ଗରେ ଅଗ୍ରସର ହୋଇଥିଲା । ଏଥିରେ ସନ୍ଦେହର ଅବକାଶ ନାହିଁ । ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ଘଟିଲା । ମହାମାରୀ ବହୁ ପରିମାଣରେ କାବୁ ହୋଇ ସାରିଥିଲା । ଶିଶୁ ମୃତ୍ୟୁର ପରିମାଣ ହ୍ରାସ ଘଟିଲା । ନୂଆ ନୂଆ ଶିକ୍ଷା ଅନୁଷ୍ଠାନମାନ ଖୋଲିଲା । ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାର ସୁଯୋଗ ପାଇଲେ । ନୂଆ ନୂଆ ବିଶ୍ୱବିଦ୍ୟାଳୟମାନ ଖୋଲିଲା । ଗାଁ ଗଣ୍ଡା ଭିତରକୁ ଯିବା ଆସିବା କରିବା ପାଇଁ ସଡ଼କ ତିଆରି ହେଲା । ଡାକ-ତାରର ଯୋଗାଯୋଗରେ ଉନ୍ନତି ହେଲା । ଦେଶ ନିଶ୍ଚିତଭାବେ ପ୍ରଗତି ପଥରେ ଆଗେଇ ଚାଲିଲା । ତଥାପି ଅସନ୍ତୋଷର କାରଣ କ'ଣ ? ଏହା କ'ଣ କେବଳ ଧୈର୍ଯ୍ୟର ଅଭାବର ଲକ୍ଷଣ ? ସ୍ୱାଧୀନତାର ପନ୍ଦର କୋଡ଼ିଏ ବର୍ଷ ବିତିଥିଲେ ମଧ୍ୟ ଇଂରେଜ ଶାସନର ବହୁ ପରମ୍ପରା ଦେଶରୁ ଲୁପ୍ତ ହୋଇ ନଥିଲା ଏବେ ମଧ୍ୟ ସେହି ପରିମ୍ପରା ପ୍ରାୟ ଜାରି ଅଛି । ଇଂରେଜ ଅମଳରେ ଲୋକଙ୍କୁ ଭୟଭୀତକରି ରଖିବା ଏବଂ ଶାସକ ଓ ଶାସିତ ମଧ୍ୟରେ ଗୋଟିଏ ବ୍ୟବଧାନ ସୃଷ୍ଟି କରିବା ସେହି ବିଦେଶୀ ସରକାରର ଗୋଟାଏ କାୟଦା ଥିଲା । ଏହି ଶାସନପଦ୍ଧତିରେ ସମାଜର

Digitized by srujanika@gmail.com

ଗୋଟିଏ ବର୍ଗର ଲୋକ ଯଥା ବ୍ୟବସାୟୀ, ଶିକ୍ଷକ, ସରକାରୀ କର୍ମଚାରୀ ପ୍ରଭୃତି ଅନ୍ତର୍ଭୁକ୍ତ ଥିଲେ । ସେମାନେ ସମସ୍ତେ ଯେ ଇଂରେଜ ସରକାରର ଗୋଲାମ ଥିଲେ କିମ୍ବା ସମର୍ଥକ ଥିଲେ ତାହା ନୁହେଁ, ଏହି ଶ୍ରେଣୀର ନାଗରୀକମାନଙ୍କ ମଧ୍ୟରେ ଅନେକ ଦେଶପ୍ରେମୀଥିଲେ, ଜାତୀୟବାଦୀ ଥିଲେ ଏବଂ କେହି କେହି ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରୁଥିଲେ ଏବଂ ସାହାଯ୍ୟ ମଧ୍ୟ କରୁଥିଲେ । କିନ୍ତୁ ଇଂରେଜ ସରକାରର ଶାସନ ପଦ୍ଧତି ପ୍ରାୟ ଏହି ଶ୍ରେଣୀକୁ ସୁହାଉଥିଲା । ସେମାନେ ସାଧାରଣ ଚାଷୀ, ମୂଲିଆ, ଶ୍ରମିକ ଅପେକ୍ଷା ଅଧିକ ସୁଯୋଗ ସୁବିଧା ପାଉଥିଲେ । ସେହି ବର୍ଗର ବ୍ୟକ୍ତିବିଶେଷଙ୍କୁ ବେଶି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନଥିଲା, ସେମାନଙ୍କର କିଛି କାମ ପଡ଼ିଲେ ତାହା ଦପ୍ତରରେ ଅଟକୁ ନଥିଲା । ଅପର ପକ୍ଷରେ ସମାଜର ବହୁ ସଂଖ୍ୟକ ସଦସ୍ୟ ଏହି ଯୋଗାଯୋଗର ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହା ମୋଟା ମୋଟି ସମାଜର ଅବଶିଷ୍ଟ ବହୁ ସଂଖ୍ୟକ ନାଗରୀକଙ୍କ ପ୍ରତି ପ୍ରଜୁଯ୍ୟ ଥିଲା । ଫଳ ସ୍ୱରୂପ ଠିକାଦାରୀ କରିବା ପାଇଁ, ଅଥବା ଚାକିରୀ ଖଣ୍ଡେ କରିବା ପାଇଁ, ଶିଳ୍ପ ପ୍ରତିଷ୍ଠାପାଇଁ କିମ୍ବା ଉଚ୍ଚଶିକ୍ଷା ନିମନ୍ତେ ଋଣ ପାଇବା ପାଇଁ, ସୁପାରିଶର ଆବଶ୍ୟକ ହେଉଥିଲା । ଅଥବା ଉତ୍କୋଚ ଦେବାକୁ ହେଉଥିଲା । ସପ୍ତମ ଦଶନ୍ଧିର ପ୍ରାରମ୍ଭ ବେଳକୁ ବିଭିନ୍ନ ସ୍ତରରେ ଦୁର୍ନୀତି ପ୍ରସାରିତ ହୋଇ ସାରିଥିଲା । ରାଜନୀତି ମଧ୍ୟରେ ଦୁର୍ନୀତି ପଶିଥିଲା । ସରକାରୀ କଳର ମଧ୍ୟ ସେହି ଦଶା । ବେକାରୀ, ବେରୋଜଗାରୀ ବଢ଼ି ଚାଲିଥିଲା । ଯେଉଁ ପିଲାଟି ୧୯୪୭ ମସିହାରେ ଜନ୍ମଗ୍ରହଣ କରିଥିଲା ତା'ର ଭବିଷ୍ୟତ କ'ଣ ସେ ୧୯୬୭ ମସିହାରେ ଜାଣିନଥିଲା । ତା'ର ବାପାଙ୍କର ଅବସ୍ଥା କେଉଁ ଦିଗକୁ ଯିବ ସେ ମଧ୍ୟ ଜାଣିପାରୁନଥିଲେ । ୧୯୬୦-୬୨ରୁ ଆରମ୍ଭକରି ୧୯୭୦-୭୨ ମସିହା ଭିତରେ ଦେଶସାରା ବିଭିନ୍ନ ସମୟରେ ବିଭିନ୍ନ କାରଣରୁ ବଡ଼ ବଡ଼ ଛାତ୍ର ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନଗୁଡ଼ିକ ପଛରେ କୌଣସି ମହତ ଉଦ୍ଦେଶ୍ୟ ନଥିଲା । ଛାତ୍ର ଧର୍ମଘଟ ଏବଂ ଆନ୍ଦୋଳନର ଦାବୀମଧ୍ୟ ସାମାନ୍ୟ । ବେଶିଭାଗ ଆନ୍ଦୋଳନ, ବିଶୃଙ୍ଖଳା ଓ ଝିମିଟି ଖେଳରୁ ମହାଭାରତ ଭଳି ଅତି ନଗନ୍ୟ କାରଣରୁ ସୃଷ୍ଟି । ମୁଁ କାନପୁରରେ ପଢ଼ିଲାବେଳେ ଉତ୍ତରପ୍ରଦେଶ ବ୍ୟାପୀ ଏକ ବିରାଟ ଛାତ୍ର ଆନ୍ଦୋଳନ ଆରମ୍ଭ ହେଲା । ଆମେ କୌଣସି ମତେ ଏହି ଆନ୍ଦୋଳନରେ ଆକ୍ରାନ୍ତ ହେଲୁ

Digitized by srujanika@gmail.com

ନାହିଁ । କାରଣ ଅତି ସହଜ । ମୁଁ ଯେଉଁ ଅନୁଷ୍ଠାନରେ ଛାତ୍ର ଥିଲି ଯଦି ଭାରତର ଶିକ୍ଷା ଅନୁଷ୍ଠାନମାନଙ୍କର ବର୍ଗୀକରଣ କରାଯାଏ ତେବେ ସେ ଅନୁଷ୍ଠାନ ଶୀର୍ଷରେ । ଜାତିଆଣ ଦୃଷ୍ଟିରୁ ଦେଖିଲେ ସେ ହେଉଛି ସବୁଠାରୁ ବଡ଼ ଜାତିର । ଅତ୍ୟନ୍ତ ମେଧାବୀ ଛାତ୍ରମାନେ କଠିନ ଏବଂ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ସେଠାରେ ପ୍ରବେଶ କରନ୍ତି । ସମସ୍ତଙ୍କର ଭବିଷ୍ୟତ ନିରାପଦ । କିଏ ଯଦି ନିଜ ଦୋଷରୁ ବାଟବଣା ନ ହୁଅନ୍ତି ତେବେ ଭବିଷ୍ୟତ ସୁଖମୟ । ସେହି ଅନୁଷ୍ଠାନର ଛାତ୍ର କି କାରଣରୁ ରାସ୍ତାରେ ବୁଲି ବୁଲି ଜିନ୍ଦାବାଦ, ମୁର୍ଦ୍ଦାବାଦ ଧ୍ୱନୀ ଦେବେ ? ଏହି ଛାତ୍ର ଆନ୍ଦୋଳନ ଚାଲିଥିବା ସମୟରେ ମୁଁ ନାରାୟଣ ମଉସାଙ୍କୁ ଗୋଟିଏ ଲମ୍ବା ଚିଠି ଲେଖିଥିଲି । ଆନ୍ଦୋଳନରେ ପ୍ରଧାନ କାରଣ ଛାତ୍ରମାନଙ୍କର ଭବିଷ୍ୟତ ଅନ୍ଧକାରମୟ, ବିଶ୍ୱବିଦ୍ୟାଳୟ ଏବଂ କଲେଜମାନଙ୍କରେ ଅଳ୍ପସଂଖ୍ୟକ ଅସାମାଜିକ, ଗୁଣ୍ଡାଶ୍ରେଣୀର ଯୁବକଙ୍କର ଅନୁପ୍ରବେଶ ଏବଂ ରାଜନୈତିକ ଦଳମାନଙ୍କର କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରସଙ୍ଗଠନକୁ ଅଧିକାର କରିବାର ପ୍ରଚେଷ୍ଟା । ବେଶିଭାଗ ଛାତ୍ର ଶାନ୍ତିପ୍ରିୟ ଏବଂ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ବିଦ୍ୟାଭ୍ୟାସ ଏବଂ ଜ୍ଞାନ ଆହରଣ । ଛାତ୍ରମାନଙ୍କର ମନରେ ଗୋଟିଏ ଚିନ୍ତା କିନ୍ତୁ ଘାରୁଥାଏ - ଭବିଷ୍ୟତରେ କ'ଣ କରିବି ? ଛାତ୍ରମାନେ ଏଇ ଅନିଶ୍ଚିତିତା ମଧଦେଇ ଗତିକରନ୍ତି । ସେମାନଙ୍କର ପରିବାର ବର୍ଗଙ୍କ ପ୍ରତି ମଧ ଭବିଷ୍ୟତର ଦାୟିତ୍ୱ ରହିଛି । ଅଳ୍ପସଂଖ୍ୟକ ଗୁଣ୍ଡାଶ୍ରେଣୀୟ ଛାତ୍ର ଗଣ୍ଡଗୋଳର ବୀଜ ବପନ କରନ୍ତି । ଅନେକ କ୍ଷେତ୍ରରେ ସେଇ ଅଳ୍ପସଂଖ୍ୟକ ଯୁବକ ସୁଯୋଗ ଅପେକ୍ଷାରେ ଚାହିଁ ବସିଥାଆନ୍ତି କିପରି ଗୋଟିଏ ଧର୍ମଘଟ ଭିଆଇ ପାରିବେ । କୌଣସିମତେ ଗଣ୍ଡକୋଳର ସୂତ୍ରପାତ କରି, ଶ୍ରେଣୀ ବର୍ଜନ, ଶୋଭାଯାତ୍ରାର ସଙ୍ଗଠନକରି ଏପରି ଏକ ପରିସ୍ଥିତି ସୃଷ୍ଟି କରାଇବେ ଯେ କଲେଜ ବା ବିଶ୍ୱବିଦ୍ୟାଳୟ କିଛି ଦିନ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଏକଥା ସମସ୍ତଙ୍କୁ ଜଣା ଯେ ରାଜନୈତିକ ଦଳର ପ୍ରଭାବ ଏହି ବିଶୃଙ୍ଖଳା ସୃଷ୍ଟିକାରୀ ସଂଖ୍ୟାଲଘୁ ଛାତ୍ର ଗୋଷ୍ଠୀଉପରେ ଥାଏ । ଗୋଟିଏ ଛୋଟ ଘଟଣାରୁ ବାରୁଦ ଗଦାରେ ଦିଆସିଲି ମାରିଲା ପରି ବିସ୍ଫୋରଣ ଆରମ୍ଭ ହୁଏ । ସଂଖ୍ୟା ଗରିଷ୍ଠ ନିରୀହ ଛାତ୍ରମାନଙ୍କର ପୁଞ୍ଜିଭୂତ ଅସନ୍ତୋଷ ଏଥିରେ ଇନ୍ଧନ ହୋଇଯାଏ । ମୋର ଏଇ ବିଶ୍ଳେଷଣକୁ ନାରାୟଣ ମଉସା ଗାନ୍ଧୀ ପ୍ରତିଷ୍ଠାନ (ବାରଣାସି)ର ଜଣେ ବରିଷ୍ଠ ଅଧାପକଙ୍କୁ ପଢ଼ି

Digitized by srujanika@gmail.com

ଶୁଣାଇଲେ । ସେ ଅଧ୍ୟାପକ ମନ୍ତବ୍ୟ କଲେ ଏ ଭଦ୍ରବ୍ୟକ୍ତି କ'ଣ ସମାଜ ବିଜ୍ଞାନୀ ବା ମନସ୍ତତ୍ତ୍ୱବିତ୍ ?

ଭାରତବର୍ଷରେ ରାଜନୈତିକ ପଟ୍ଟପରିବର୍ତ୍ତନ ମଧ୍ୟ ଘଟୁଥାଏ । ନିର୍ବାଚନ ରାଜନୀତିରେ ଟଙ୍କାର ଖେଳ ଏବଂ ନିର୍ବାଚନ ପ୍ରଚାର ଅଭିଯାନରେ ସେ ସମୟରେ ଅସାମାଜିକ ଶ୍ରେଣୀର ଲୋକଙ୍କର ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ମୁଁ ବନାରସକୁ ଛୁଟି କଟାଇବା ପାଇଁ ଗଲେ ଗଙ୍ଗାନଈରେ ପହଁରିବା ତ ନିଶ୍ଚିତ । ମୁଁ ସକାଳୁ ରେଳ ଲାଇନ୍ ପାରି ହୋଇ ଗରମ ଜଲେବି ଆଣେ, ଆମେ ସମସ୍ତେ ଗରମ ଜଲେବି ଆଉ ଉଷୁମ ଦୁଧ ଜଳଖିଆ କରୁଁ । ଦିନେ ଦିନେ ସାଇକଲ ମାରି ଗଦଉଲିଆ ଯାଇ । 'ପହଲମାନ' ଦୋକାନରୁ ରାବିଡ଼ି ଆଉ ମଲାଇ ଆଣେ । ସେ ସମୟରେ ମାମୁ ଯଦି ଉପସ୍ଥିତ ଥାଏ ତେବେ ଅତି ଉତ୍ତମ । ବନାରସକୁ ଛୁଟି କଟାଇବା ପାଇଁ ଗଲେ ବେଳେ ବେଳେ ଜୟ ପ୍ରକାଶ ନାରାୟଣ (ଜେପି)ଙ୍କ ସାନ୍ନିଧ ଲାଭ ହୁଏ । ସର୍ବସେବା ସଙ୍ଘର କର୍ମକର୍ତ୍ତାମାନଙ୍କ ସହିତ ଜେପିଙ୍କର ବୈଠକ ହୁଏ । ଏତଦ୍‌ବ୍ୟତୀତ ଜେପିଙ୍କ ସହିତ ସାଧନା କେନ୍ଦ୍ରର କର୍ମୀ ଏବଂ ଆଗନ୍ତୁକ ନବଯୁବକମାନଙ୍କର ଆଲୋଚନା ବିଭିନ୍ନ ପ୍ରସଙ୍ଗକୁ ନେଇ ହୋଇଥାଏ । ସେଥିରେ ଯୋଗ ଦେବାରେ କୌଣସି ପ୍ରତିବନ୍ଧ ନଥାଏ ।

ଜେପିଙ୍କର ଚିନ୍ତାଧାରା ଅତି ସୂକ୍ଷ୍ମ । ସେ ପ୍ରଥମେ ସାମ୍ୟବାଦ୍ ଏବଂ ସମାଜବାଦ ଦର୍ଶନପ୍ରତି ଆକୃଷ୍ଟ ହୋଇଥିଲେ । ସେ ସେହି ଦର୍ଶନର ପୃଷ୍ଠଭୂମିରେ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ କେଉଁ ରୂପରେଖ ନେବ ତାହାର ଯୋଜନା କଳ୍ପନାକରି ଥିଲେ । ସେହି ଉଦ୍ଦେଶ୍ୟରେ ସେ ଦେଶର ଚାଷୀ, ମୂଲୀଆ ଏବଂ ଶ୍ରମିକମାନଙ୍କୁ ସଙ୍ଗଠିତ କରିଥିଲେ । ଭାରତରେ ସମାଜବାଦୀ ବିପ୍ଳବର ସେ କର୍ଣ୍ଣଧାର ଥିଲେ । ଭାରତରେ ଯେଉଁ ପ୍ରଜାସମାଜବାଦୀ ଦଳ ସୃଷ୍ଟିହେଲା ଜେପି ତାହାର ସ୍ରଷ୍ଟା । ଜେପି ଅହିଂସକ ପନ୍ଥାକୁ ସର୍ବୋଚ୍ଚ ସ୍ଥାନ ଦେଇଥିଲେ । ସମସ୍ତ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଏବଂ ଅହିଂସା ପନ୍ଥାରେ ହେବା ଉଚିତ୍ ବୋଲି ତାଙ୍କର ଦୃଢ଼ ବକ୍ତବ୍ୟ । ସେ ବିନୋବାଜୀଙ୍କର ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇ ତାହାକୁ ଗ୍ରହଣ କଲେ ଏବଂ ପ୍ରଜା ସମାଜବାଦୀ ଦଳରୁ ଅଲଗା ହୋଇଗଲେ । ଜେପିଙ୍କର ବିରାଟ ବ୍ୟକ୍ତିତ୍ୱ, ତାଙ୍କର ସ୍ୱଚ୍ଛଜୀବନ ଏବଂ ଜନପ୍ରିୟତା ସର୍ବଭାରତୀୟ ସ୍ତରରେ ତାଙ୍କୁ ନେତା

Digitized by srujanika@gmail.com

ଭାବରେ ଶୀର୍ଷ ସ୍ଥାନ ଦେଇଥିଲା । କେହି କେହି ଭବିଷ୍ୟବାଣୀ ମଧ୍ୟ କରୁଥିଲେ ଯେ ଜବାହରଲାଲ୍‌ଙ୍କ ଅନ୍ତେ ଜୟପ୍ରକାଶ ନାରାୟଣ ଦେଶର ପ୍ରଧାନମନ୍ତ୍ରୀ ହେବେ - "ଇତିହାସ ସେ ପୁଛୋ କ୍ୟା ମୈ ନହିଁ ବନ ସକତା ପ୍ରଧାନମନ୍ତ୍ରୀ" - ପ୍ରିଜନ୍ ଡାଏରୀ ।

ବନାରସରେ ଜେପି ଆଲୋଚନାରେ ଅନେକ ସମୟରେ କହୁଥିଲେ ଯେ ଆଉ ଗୋଟାଏ ବିପ୍ଳବର ଆବଶ୍ୟକତା ରହିଛି । ସେ ବହୁବାର ଦୁଇଟି ଶବ୍ଦ ଉପରେ ଜୋର୍ ଦେଇଥିଲେ 'ବଗାବତ୍' ଓ 'ବାଗୀ' । ମୋ ମତରେ ବିପ୍ଳବ ଓ ବିପ୍ଳବୀ ଅପେକ୍ଷା ସେହି ପରିପ୍ରେକ୍ଷୀରେ ବିଦ୍ରୋହ ଏବଂ ବିଦ୍ରୋହୀ ବେଶି ଉପଯୁକ୍ତ । ଏହି ବିଚାର ଆଲୋଚନା ବାଂଲାଦେଶକୁ ପାକିସ୍ତାନରୁ ପୃଥକ୍ କରିବାର ପୂର୍ବର ଘଟଣା । ଅର୍ଥାତ୍ ଜେପି ୧୯୭୦ ମସିହାରୁ ଦେଶରେ ବଡ଼ ଧରଣର ବୈପ୍ଳବିକ ପରିବର୍ତ୍ତନର ଚିତ୍ରପଟ ରଚନା କରୁଥିଲେ ।.ସେହି ସମୟରେ ଅନେକ ନବଯୁବକ ବିଶ୍ୱବିଦ୍ୟାଳୟ ଶିକ୍ଷା ବର୍ଜନ କରି ସାଧନା କେନ୍ଦ୍ରରେ ରହିଲେ । ସେମାନଙ୍କର ଅଧିକାଂଶ ସମୟ ସ୍ୱାଧ୍ୟାୟ ଏବଂ ଗାନ୍ଧୀ-ସର୍ବୋଦୟ ଆଲୋଚନାରେ ବିତିଯାଉଥିଲା । ସେହି ଯୁବକମାନେ ବାଂଲାଦେଶର ମୁକ୍ତି ସଂଗ୍ରାମ ସମୟରେ ଦେଶର ସୀମାନ୍ତରେ ବାଂଲାଦେଶରୁ ବିତାଡ଼ିତ ଶରଣାର୍ଥୀମାନଙ୍କର ଥଇଥାନ କାମରେ ଲାଗିଲେ । ଇତି ମଧ୍ୟରେ ଗୁଜୁରାତରେ ଗୋଟିଏ ଛାତ୍ର ଆନ୍ଦୋଳନ ଆରମ୍ଭ ହେଲା । ଏହି ଆନ୍ଦୋଳନ ଛାତ୍ର ଆନ୍ଦୋଳନରୁ ବ୍ୟାପି ଗଣ ଆନ୍ଦୋଳନରେ ପରିଣତ ହେଲା । ରାଜ୍ୟ ସରକାର ଚିରାଚରିତ ଉପାୟରେ ଯେତେ ଦମନଲୀଳାର ଆଶ୍ରୟ ନେଲେ ମଧ୍ୟ ଆନ୍ଦୋଳନ ଆହୁରି ତେଜିଲା । ଗୁଜୁରାତର ନାଗରୀକ ଦାବୀକଲେ ଯେ ସେଠାକାର ସରକାର ଇସ୍ତଫା ଦିଅନ୍ତୁ । ଦିଲ୍ଲୀର ନିଷ୍ପତ୍ତି ଉପରେ ଗୁଜୁରାତ ସରକାରଙ୍କ ଭାଗ୍ୟ ନିର୍ଭର କରୁଥିଲା । କିନ୍ତୁ ଦିଲ୍ଲୀର ଉଚ୍ଚକର୍ତ୍ତୃପକ୍ଷ ଏହିପରି ଗୋଟିଏ ଦାବୀକୁ ମାନିନେଲେ ତାହା ତାଙ୍କର ଦୁର୍ବଳତାର ପ୍ରତୀକ ହେବ ବୋଲି ଅଟଳ ରହିଲେ । ଶେଷରେ ଗୁଜୁରାତବାସୀଙ୍କର ଜିତାପଟ ହେଲା ଏବଂ ସରକାର ତ୍ୟାଗପତ୍ର ଦେଲେ । ଲୋକମତର ଜୟ ହେଲା ବୋଲି କେତେକ ମତଦେଲେ ! ସରକାର ଗଲା । ଛାତ୍ର-ଜନତା ବିଜୟ ଦିବସ ପାଳନ କଲେ । ନୂଆ ସରକାର ଆସିଲା । ଜେପି ଥରେ ବିଚାର ଆଲୋଚନା ସମୟରେ କହିଲେ, "ସରକାର ବରଖାସ୍ତ ହୁଇ । ବିଜୟ ଦିବସ ମନାୟା ଔର

Digitized by srujanika@gmail.com

ବ୍ୟବସ୍ଥା ଜ୍ୟୋଁ କି ତ୍ୟୋଁ ରହଗୟା ।" ଏହା ୧୯୭୫ ମସିହାର ପ୍ରାରମ୍ଭର ଉକ୍ତି - ମୁଁ ଉପସ୍ଥିତ ଥିଲି । ଅର୍ଥାତ୍ ଜେପି ବହୁ ଦିନରୁ ବହୁତ ଦୂରକୁ ନଜର ରଖି ତାଙ୍କର ମାନସପଟରେ ଏକ ନୂତନ ଭାରତ ବର୍ଷର ରୂପରେଖ ଅଙ୍କନ କରୁଥିଲେ ।

ବିହାରରେ ସେ ସମୟରେ ଦୁର୍ନୀତି ବ୍ୟାପକ ଆକାର ଧାରଣ କରିଥିଲା । ଜାତିଆଣ ଭାବ ଗ୍ରାସ କରିଥିଲା । ବଡ଼ବାବୁ ଯଦି ଭୂମୀହାର ସେ ଅଫିସକୁ କାୟସ୍ଥ କିଛି କାମରେ ଗଲେ ତାହାଙ୍କ କାମ ସଫଳ ହେବା କାଠିକର ପାଠ । ଆଉ କାୟସ୍ଥ ଯଦି ବଡ଼ବାବୁ ଭୂମୀହାରଙ୍କ କପାଳ ମନ୍ଦ । ଅଥବା କାୟସ୍ଥ ଯଦି କୌଣସି ବିଭାଗର ମୁଖ୍ୟ ସମସ୍ତ ଅଧ୍ୟାପକ, ରିଡ଼ର...ନିଯୁକ୍ତି କେବଳ ସେହି ଜାତିରୁ ହିଁ ହେବାର ସମ୍ଭାବନା ଅଧିକ । ତା'ଛଡ଼ା ଯଉତୁକ, ଭୋଜିଭାତ, ତିଲକ୍ ସବୁଥିରେ ପ୍ରଚୁର ଅର୍ଥ ଶ୍ରାଦ୍ଧ । ଅର୍ଥାତ୍ କଳାଟଙ୍କାର ଲେନଦେଣ । ବିହାରର ଦୁର୍ନୀତିରେ ସମସ୍ତେ ଶ୍ୱାସରୁଦ୍ଧ । ଜେପି ପ୍ରଥମେ ଭ୍ରଷ୍ଟାଚାର ହଟେଇବା ପାଇଁ ଆନ୍ଦୋଳନ ପ୍ରାରମ୍ଭ କଲେ । ସେଥିରେ ତାଙ୍କୁ ଜନସମାଜର ସମର୍ଥନ ମଧ୍ୟ ମିଳିଲା । କିନ୍ତୁ ଭ୍ରଷ୍ଟାଚାରମୁକ୍ତ ବିହାର କିପରି ସମ୍ଭବ ? ସମଗ୍ର ବିହାର ପ୍ରଦେଶ ତ ଭ୍ରଷ୍ଟାଚାରରେ ଆକଣ୍ଠ ମଗ୍ନ - କେବଳ ଶ୍ୱାସ ପ୍ରଶ୍ୱାସ ନିମନ୍ତେ ନାକ ପୁଡ଼ାଟି ବୁଡ଼ି ନାହିଁ । ସରକାର ଏବଂ ଶାସକଦଳ ତ ଏହି ଭ୍ରଷ୍ଟାଚାରର ଉତ୍ସ ଏବଂ ପୃଷ୍ଠପୋଷକ । ଜେପି ମନସ୍ଥ କଲେ ଏହି ଦୁର୍ନୀତିଗ୍ରସ୍ତ ସରକାରକୁ ଜନଆନ୍ଦୋଳନ ମାଧ୍ୟମରେ ବହିଷ୍କାର କରିବାକୁ ହିଁ ହେବ । ସରକାରଙ୍କର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ ।

ଏହି ସମୟରେ ଜେପିଙ୍କୁ ଦୁଇଟି ପ୍ରଶ୍ନକୁ ସମାଧାନ କରିବାର ଆବଶ୍ୟକତା ହେଲା - ଭାରତବର୍ଷର ସମ୍ବିଧାନ ଏବଂ ସର୍ବୋଦୟ ଆନ୍ଦୋଳନର ନୀତିଗତ ପନ୍ଥା ।

ଶ୍ରୀମତୀ ଗାନ୍ଧୀଙ୍କର ଯୁକ୍ତିଥିଲା ସାଧାରଣ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ଲାଭକରି ଏହି ସରକାର ଶାସନ କରୁଅଛି । ଯଦି ନାଗରିକମାନେ ଏହି ସରକାରଙ୍କ କାର୍ଯ୍ୟକଳାପ ଓ କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ନୁହନ୍ତି ତେବେ ଆସନ୍ତା ନିର୍ବାଚନରେ ସେହି ଜନତା ହିଁ ଶାସକଦଳକୁ ନିଜ ମତଦାନ ଜାହିର କରି ହଟାଇବେ । ଆନ୍ଦୋଳନ ମାଧ୍ୟମରେ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ସରକାରଙ୍କୁ ଦରଖାସ୍ତ କରାଯାଇ ପାରିବ ନାହିଁ । ସମ୍ବିଧାନରେ ଏହିପରି କିଛି ବ୍ୟବସ୍ଥା ନାହିଁ । ଜେପିଙ୍କର ଯୁକ୍ତି ଥିଲା ଯେ ଏହିପରି କୁ-ଶାସନକୁ ସରକାରଙ୍କର କାର୍ଯ୍ୟକାଳର ଶେଷ ଅବଧି ପର୍ଯ୍ୟନ୍ତ

Digitized by srujanika@gmail.com

ବରଦାସ୍ତ କରିବା ଅସମ୍ଭବ । ଏହି ସରକାରଙ୍କୁ ବରଖାସ୍ତ କରିବା ସପକ୍ଷରେ ଜନମତ ଯଥେଷ୍ଟ ରହିଛି । ସମ୍ବିଧାନରେ ଏହିପ୍ରକାର ବ୍ୟବସ୍ଥା ନଥିଲେ ସମ୍ବିଧାନକୁ ସଂଶୋଧନକରି ନୂତନ ଆଇନ ପ୍ରଣୟନରେ ଏହି ବ୍ୟବସ୍ଥା କରାଯାଉ । ଜନସାଧାରଣଙ୍କର ଲୋକ ପ୍ରତିନିଧିଙ୍କୁ ସଂସଦରୁ ଫେରାଇ ଆଣିବାର ଅଧିକାର ପ୍ରଦାନ କରାଯାଉ । ଦୁଇପକ୍ଷର ଯୁକ୍ତି ଏହିପରି ଚାଲିଲା ଏବଂ ଜେପି ତାଙ୍କର ବିହାର ଆନ୍ଦୋଳନ ଜାରି ରଖିଲେ । ସର୍ବୋଦୟ ଆନ୍ଦୋଳନର ଗୋଟିଏ ମୂଳ ସ୍ତମ୍ଭ ଥିଲା ଯେ ସର୍ବୋଦୟ ବିଚାରରେ ତଥାକଥିତ ରାଜନୀତିର ସ୍ଥାନ ନାହିଁ - ଏହା ଲୋକନୀତି ଉପରେ ଆଧାରିତ । ସର୍ବୋଦୟ କର୍ମୀମାନେ ନିର୍ବାଚନ ରାଜନୀତିରେ ଭାଗ ନେଉ ନଥିଲେ, କୌଣସି ବ୍ୟକ୍ତି ବିଶେଷ କିମ୍ବା ରାଜନୈତିକ ଦଳର ସପକ୍ଷ କିମ୍ବା ବିପକ୍ଷରେ ପ୍ରଚାର କରୁନଥିଲେ ଏବଂ କ୍ଷମତା ରାଜନୀତିର ଉର୍ଦ୍ଧ୍ୱରେ ରହୁଥିଲା । ବିହାର ସରକାରଙ୍କୁ ହଟାଇବାର ପ୍ରସ୍ତାବକୁ ଅନେକେ ନାପସନ୍ଦ କଲେ ଏବଂ କେହି କେହି ବିରୋଧ ମଧ୍ୟ କଲେ । ଏହି ପୃଷ୍ଠଭୂମୀରେ ସର୍ବସେବାସଙ୍ଘର ପ୍ରବନ୍ଧ ସମିତିର ସଦସ୍ୟମାନଙ୍କ ମଧ୍ୟରେ ଭିନ୍ନ ମତ ପୋଷଣ କରୁଥିବା କେତେକ ସଦସ୍ୟ ମଧ୍ୟ ବାହାରିଲେ । ଜେପି ନିଜର ମତ କାହାରି ଉପରେ ଲଦି ଦେବାର ଲୋକ ନୁହନ୍ତି । ତାଙ୍କର ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯିବ ଯେ ସରକାର ଗାଦି ନ ଛାଡ଼ିବା ପର୍ଯ୍ୟନ୍ତ ଅବସ୍ଥା ସୁଧୁରିବା ଅସମ୍ଭବ । ଏହି ଦାବୀ କ୍ଷମତା ରାଜନୀତିର ପର୍ଯ୍ୟାୟରେ ଆସିବ ନାହିଁ । ସର୍ବସେବା ସଙ୍ଘର ବହୁ ସଦସ୍ୟ ଜେପିଙ୍କର ବିହାର ଆନ୍ଦୋଳନର ସପକ୍ଷରେ ଥିଲେ । ବିନୋବାଜୀ ସରକାର ହଟାଇବା ଦାବୀକୁ ସମର୍ଥନ କରୁନଥିଲେ । ମାମୁ, ନାରାୟଣମଉସା, ଆଚାର୍ଯ୍ୟ ରାମମୂର୍ତ୍ତୀ ଏବଂ ଆହୁରି ଅନେକ ମାନ୍ୟଗଣ୍ୟ ଚିନ୍ତାଶୀଳ ନେତା ଜେପିଙ୍କର ପନ୍ଥା ଅନୁସରଣ କଲେ । ଜେପି କେବଳ ସରକାର ପରିବର୍ତ୍ତନ ଚାହୁଁନଥିଲେ ସେ ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ମଧ୍ୟ ମୌଳିକ ପରିବର୍ତ୍ତନ ଚାହୁଁଥିଲେ । ଏହି ପରିବର୍ତ୍ତନ କାର୍ଯ୍ୟକ୍ରମରୁ ସମ୍ପୂର୍ଣ୍ଣ କ୍ରାନ୍ତିର ଆରମ୍ଭ । ଜେପି ଜାତିଭେଦ, ଆର୍ଥିକ ବୈଷମ୍ୟ ସାମାଜିକ କୁସଂସ୍କାର, ସମାଜର ଅନେକ ରୀତିରିଓ୍ୱାଜକୁ ଦୂର କରିବା ନିମନ୍ତେ ଆହ୍ୱାନଦେଲେ ଏବଂ ବହୁ ସଂଖ୍ୟାରେ ନବଯୁବକମାନେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣକ୍ରାନ୍ତି କାର୍ଯ୍ୟକ୍ରମରେ ଯୋଗଦେଲେ । ଜେପିଙ୍କର ଭ୍ରଷ୍ଟାଚାର ହଟାଇବାର ଅଭିଯାନ ଜାରି ରହିଲା ଏବଂ

Digitized by srujanika@gmail.com

ବିହାରରେ ସୁଶୃଙ୍ଖଳିତ ଭାବରେ ଧର୍ମଘଟ ଏବଂ ଶାନ୍ତିପୂର୍ଣ୍ଣ, ବିକ୍ଷୋଭ ଚାଲିଲା । ଭ୍ରଷ୍ଟାଚାର କେବଳ ବିହାର ପ୍ରଦେଶରେ ସୀମିତ ନଥିଲା । ଏହାର ଶାଖା, ପ୍ରଶାଖା ଦେଶବ୍ୟାପୀ ବିସ୍ତାରିତ ହୋଇ ସାରିଥିଲା । ଏହି ମହାଦ୍ରୁମର ଅସଲ ଚେରିଟି କେଉଁଠି କାହାକୁ ଅଜଣା ନଥିଲା । କହିବା ବାହୁଲ୍ୟ ଦେଶବାସୀ ଭ୍ରଷ୍ଟାଚାରର ପ୍ରକୋପରେ ଅତିଷ୍ଠ ହୋଇ ପଡ଼ିଥିଲେ । ବିହାର ଆନ୍ଦୋଳନ ଗତିଶୀଳ ହେଲାରୁ ଜନସାଧାରଣଙ୍କୁ ଆଶାର ଆଲୋକ ଦିଶିଲା ଭଳି ଲାଗିଲା । ବିଭିନ୍ନ ପ୍ରଦେଶରେ ବିହାର ଆନ୍ଦୋଳନର ଅନୁରୂପ ଆନ୍ଦୋଳନ ମୁଣ୍ଡଟେକିଲା । କଂଗ୍ରେସ ଓ ତା'ର ସହଯୋଗୀ କେତୋଟି ଦଳକୁ ଛାଡ଼ିଦେଲେ ଅନ୍ୟ ଅନେକ ରାଜନୈତିକ ଦଳ ଜେପିଙ୍କର ଆନ୍ଦୋଳନକୁ ସମର୍ଥନ କଲେ ଏବଂ ସହଯୋଗ ମଧ୍ୟ କଲେ । ଜେପି ବିଭିନ୍ନ ପ୍ରଦେଶରୁ ଆମନ୍ତ୍ରଣ ପାଇ ସେଠାକୁ ଗସ୍ତରେ ଗଲେ ଏବଂ ସମ୍ପୂର୍ଣ୍ଣ କ୍ରାନ୍ତିର ବାର୍ତ୍ତା ପ୍ରଚାରକଲେ । ଫଳରେ ଜପିଙ୍କର ଆନ୍ଦୋଳନ ଆଉ ବିହାର ପ୍ରଦେଶମଧ୍ୟରେ ଆବଦ୍ଧ ନରହି ସର୍ବଭାରତୀୟ ସ୍ତରରେ ପ୍ରସାରିତ ହେଲା । ଅନ୍ୟପଟେ ଇନ୍ଦୀରାଜୀ ଜିଦ୍ ଧରି ବସିଲେ ଯେ ବିହାର ସରକାର ତାଙ୍କର କାର୍ଯ୍ୟକାଳ ପୂରଣ କରିବେ । ଏକ ସାଧାରଣ ସଭାରେ ସେ ଜେପିଙ୍କୁ ଆହ୍ୱାନଦେଇ କହିଲେ ଏତେ ତରତର କାହିଁକି ଆସନ୍ତା ନିର୍ବାଚନରେ ଏହାର ଫଇସଲା ହୋଇଯିବ । ତାଙ୍କର ସହଯୋଗୀ ଭାରତୀୟ କମ୍ୟୁନିଷ୍ଟ ଦଳ ମଧ୍ୟ ତାହା ହିଁ ଦୋହରେଇଲେ । ମୁଁ ସେଇ ବିଶାଳ ସାଧାରଣ ସଭାରେ ଉପସ୍ଥିତ ଥିଲି ଯେଉଁଠି ଜେପି ଅତି ଧୀରେ ଧୀରେ ଅଥଚ ଦୃଢ଼ ଏବଂ ଗମ୍ଭୀର ସ୍ୱରରେ କହିଥିଲେ "ଏ ଚୁନୌତି ହମେ ସ୍ୱୀକାର ହୈ । ଅଗଲେ ଚୁନାଓ ମେଁ ବିହାର ମେଁ କଂଗ୍ରେସ ହାରେଗୀ ଔର ସି.ପି.ଆଇ. ହାରେଗି ।"

ଜେପି ୧୯୭୫ ମାର୍ଚ୍ଚମାସରେ ଓଡ଼ିଶା ଗସ୍ତରେ ଆସିଲେ । ଜେପିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଗଲା । ତାଙ୍କ ସଭାକୁ କିପରି ଲୋକ ନ ଆସିପାରିବେ ସେଥିପାଇଁ ସେ ଦିନ ସମସ୍ତ ବସ ଯାତାୟତ ବନ୍ଦ କରାଗଲା ତଥାପି ଦୂର ଦୂରାନ୍ତରୁ ଲୋକମାନେ ଟ୍ରାପିଲା ନେଇ ସାଇକଲ, ମଟରସାଇକଲ, ଟ୍ରେକର, ଟ୍ରକରେ ଚଢ଼ି କଟକ କିଲ୍ଲା ପଡ଼ିଆକୁ ଆସିଲେ । ସେଦିନ ସନ୍ଧ୍ୟାରେ କିଲ୍ଲା ମଇଦାନ ଲୋକାରଣ୍ୟ । ଜେପି ଶିକ୍ଷକ ଛାତ୍ରମାନଙ୍କୁ ଶିକ୍ଷାଦାନ କଲାଭଳି ସମ୍ପୂର୍ଣ୍ଣ କ୍ରାନ୍ତିର ମୂଳ କଥା ବୁଝାଇଲେ ।

ମାମୁ ତ ଜେପିଙ୍କ ସାଙ୍ଗରେ ଆରମ୍ଭରୁ ମିଶିଥିଲେ । ଜେପି ଜୀବନଦାନ

Digitized by srujanika@gmail.com

କରି ଭୂଦାନ ଆନ୍ଦୋଳନ ଯୋଗଦେଲା ପରେ ମାମୁ ବି ଜୀବନଦାନ କରିଥିଲା । ଜେପି ମାମୁଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ଦାଦାଜେଜେ ଏବଂ ଜେପିଙ୍କ ସମ୍ପର୍କ ବହୁ ପୁରାତନ । ଜେପି ସମାଜବାଦୀ ଆନ୍ଦୋଳନ ଆରମ୍ଭ କରିବା ସମୟରୁ ଦାଦାଜେଜେ ସହିତ ତାଙ୍କର ବହୁ ପତ୍ର ବିନିମୟ ହୋଇଥିଲା ଏବଂ ସେଥିରୁ ସେମାନଙ୍କର ନୀତିଗତ ଏବଂ ଆଦର୍ଶଗତ ଏକ ଭାବର ସୂଚନା ମିଳେ । ୧୯୭୫ ମସିହା ବେଳକୁ ଦାଦାଜେଜେ ବେଶି ସମୟ ଚମ୍ପତିମୁଣ୍ଡା, "ଜୀବନ ବିଦ୍ୟାଳୟରେ", ବିତାଉଥିଲା ଅଥବା ବାଜିରାଉତ ଛାତ୍ରାବାସରେ ରହୁଥିଲା - କ୍ୱଚିତ୍ କଦବା ଅଳ୍ପ ସମୟ ପାଇଁ ଗସ୍ତରେ ଯାଉଥିଲା । ଅନେକ ସମୟରେ ଏହା ମଧ୍ୟ ପ୍ରକାଶ କରୁଥିଲା ଯେ ସେ ଚମ୍ପତିମୁଣ୍ଡା କିମ୍ବା ବାଜିରାଉତ ଛାତ୍ରାବାସରେ ଟଲଷ୍ଟୟଙ୍କ ଭଳି ତା'ର ଜୀବନ ବିତାଇବ । ଜେପିଙ୍କର ଓଡ଼ିଶାଗସ୍ତ ସମୟରେ ଦୁହେଁ ଭେଟାଭେଟି ହେଲେ । ଦାଦାଜେଜେ ଓଡ଼ିଶାରେ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ଗୁରୁଦାୟିତ୍ୱ ନେଲା କାରଣ ସେ ଜେପିଙ୍କର ଏକାନ୍ତ ଅନୁରୋଧକୁ ଏଡ଼ାଇ ଦେଇପାରିଲା ନାହିଁ । ସେ ତ କ୍ଷମତା ରାଜନୀତିର ଉର୍ଦ୍ଧ୍ୱରେ ଥିଲା । ଅନେକ ରାଜନୈତିକ ନେତା ଦାଦାଜେଜେଙ୍କୁ ଆଦର ଓ ସମ୍ମାନ କରୁଥିଲେ । ଦାଦାଜେଜେ କ୍ଷମତା ରାଜନୀତିରେ ଥିଲା ଏବଂ ତନ୍ମଧ୍ୟରୁ ସ୍ୱେଚ୍ଛାରେ ବାହାରି ଆସି ସର୍ବୋଦୟ ଆନ୍ଦୋଳନରେ ଯୋଗଦେଇ ଥିଲା । ରାଜନୀତିରେ ଥିଲାବେଳେ ତା'ର ରାଜନୈତିକ ଜୀବନ ନିଷ୍କଳଙ୍କ ଥିଲା ଏବଂ କୌଣସି ଭ୍ରଷ୍ଟାଚାର ତାକୁ ସ୍ପର୍ଶକରି ନଥିଲା । ଜେପିଙ୍କର ମାନଦଣ୍ଡରେ ଓଡ଼ିଶାର ଜନନେତାଙ୍କ ମଧ୍ୟରେ ଦାଦାଜେଜେ ଏକମାତ୍ର ବ୍ୟକ୍ତିବିଶେଷ ଯିଏ ଏ ପ୍ରଦେଶର ସମ୍ପୂର୍ଣ୍ଣ କ୍ରାନ୍ତି ବିପ୍ଳବର ସୁଯୋଗ୍ୟ କର୍ଣ୍ଣଧାର । ଜେପି ଏପ୍ରିଲ୍ ପହିଲା, ଉତ୍କଳ ଦିବସ, ଦିନ ଭୁବନେଶ୍ୱର ଜନସଭାରେ ଭାଷଣ ଦେବାର କାର୍ଯ୍ୟକ୍ରମ ହୋଇଥିଲା । ଓଡ଼ିଶା ସରକାର ଏବଂ ତାଙ୍କର ଉପଦେଷ୍ଟା ମଣ୍ଡଳୀ ଏହି ଉପଲକ୍ଷ୍ୟେ ତତ୍ପର ହୋଇପଡ଼ିଲେ । ପୁରୁଣା ବସଷ୍ଟାଣ୍ଡ ପାଖ ପଡ଼ିଆରେ ସଭାକରିବା ପାଇଁ ଅନୁମତି ମିଳିଲାନାହିଁ । ସେଠି ଉତ୍କଳ ଦିବସ ପାଳନ ଉପଲକ୍ଷ୍ୟେ ସଙ୍ଗୀତ ସମାରୋହ ଏବଂ ମିଷ୍ଟାନ୍ନ ଭୋଜନର ବ୍ୟବସ୍ଥା ହୋଇଥିଲା । ଲୋକେ ମିଠେଇ ଖାଇ ଭୁବନେଶ୍ୱର ହାଟପଡ଼ିଆକୁ ଜେପିଙ୍କର ଭାଷଣ ଶୁଣିବାକୁ ଗଡ଼ିଲେ । ଜେପି ବିଦାୟ ନେଇ ଓଡ଼ିଶାର୍ ଗଲେ କିନ୍ତୁ ସମ୍ପୂର୍ଣ୍ଣ କ୍ରାନ୍ତିର ମଞ୍ଜିଟିଏ ପୋତି ତାହା ହେଫାଜତ୍ କହିବାପାଇଁ ଭଲ ମାଳୀଟିଏ ବାଛି ତାକୁ

Digitized by srujanika@gmail.com

ମନ୍ଦାଟି ଗଢେଇ ଦେଇ ମଧ୍ୟଗଲେ ।

ସେହି ବର୍ଷ ମାର୍ଚ୍ଚମାସରେ ନାନାର ବିବାହ ଆରତି ସହିତ ସମ୍ପନ୍ନ ହେଲା । ଆରତି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଦ୍ୟାରେ ଏମ୍.ଏସ.ସି. ପାସ୍‌କରି ଥାଏ । ସେ ରାଜଘାଟସ୍ଥିତ ବେଶାନ୍ତ ସ୍କୁଲର ଛାତ୍ରୀଥିଲା । ସେ ନାରାୟଣ ମାଉସାଙ୍କର ବଡ଼ପୁଅର ସହପାଠୀ ଥିଲା ଏବଂ ବୁବୁମାଉସୀ ପାଖକୁ ବରାବର ଆସୁଥିଲା । ଏହି ବିବାହ ଉତ୍ସବ ବିନା ଆଡ଼ମ୍ବରରେ ହୋଇଥିଲା । ଆମେ ପ୍ରାୟ ତିରିଶଜଣ ବରଯାତ୍ରୀ ରାଜଘାଟରୁ ବର ସାଙ୍ଗରେ ଚାଲି ଚାଲି କନ୍ୟାଘରକୁ ଯାଇଥିଲୁଁ । ବର-କନ୍ୟାଙ୍କୁ ସାଙ୍ଗରେ ନେଇ କଟକ ଫେରି ଆସିଲୁଁ । କଟକରେ ଗୋଟିଏ ବନ୍ଧୁମିଳନର ଆୟୋଜନ ହୋଇଥିଲା - କୌଣସି ଭୋଜି ଭାତର ବ୍ୟବସ୍ଥା ନଥିଲା । ଅତିଥିମାନଙ୍କୁ ଘୋଳଦହି ଏବଂ ଜଳଖିଆ ପରିବେଷଣ କରାଗଲା । ସେହି ବନ୍ଧୁମିଳନର ଆସରରେ, ବନ୍ଧୁବାନ୍ଧବ ଓ ସ୍ୱାଧୀନତାସଂଗ୍ରାମୀ ଏବଂ ବନ୍ଧୁ ସର୍ବୋଦୟ କର୍ମୀ ଯୋଗ ଦେଇଥିଲେ । ଅମି, ଦାଦାଜେଜେ, ଆଗୋଙ୍କର ବନ୍ଧୁ ପୁରାତନ ସହକର୍ମୀ ଆସିଥିଲେ । ସର୍ବୋଦୟ ପରିବାରର ପ୍ରାୟ ସମସ୍ତେ ଉପସ୍ଥିତ ଥିଲେ । ନାନୀର ବାହାଘର ଭୁବନେଶ୍ୱରର ବିଶ୍ୱନାଥ ଦାସଙ୍କର ତୃତୀୟ ପୁତ୍ର ରାଧାନାଥ ପ୍ରସାଦ ଦାସଙ୍କ ସହିତ ସ୍ଥିର ହୋଇଥିଲା । ରାଧାନାଥ ରେଭେନ୍ସା କଲେଜରେ ମୋର ସହପାଠୀ ଥିଲେ । ସେ ଆଇ.ଆଇ.ଟି. ବମ୍ବେରେ ମେଟାଲର୍ଜୀ ପଢ଼ିବାପାଇଁ ଗଲେ । ମୁଁ କାନପୁରରେ ପଢୁଥିବା ସମୟରେ ମଝିରେ ମଝିରେ ବମ୍ବେ ଯାଉଥିଲି ଏବଂ ପ୍ରାୟ ଆଇ.ଆଇ.ଟି ଛାତ୍ରାବାସରେ ରହୁଥିଲି । ରାଧାନାଥଙ୍କ ସହିତ ମୋର ସମ୍ପର୍କ ରହି ଆସିଥିଲା । ରାଧାନାଥ ପି.ଏଚ୍‌ଡ଼ି. କରିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ଗଲେ । ତାଙ୍କର ଗବେଷଣା ସମାପ୍ତି ପରେ ସେ ଭାରତବର୍ଷକୁ ପ୍ରତ୍ୟାବର୍ତ୍ତନ କରିବାର ନିଷ୍ପତ୍ତି କଲେ । ନାନୀ ବାହାଘର ମେ ମାସ ୨୯ ତାରିଖ ହେଲା । ବାହାଘରର କେଇଦିନ ଆଗରୁ ଆମେ ସମସ୍ତେ ବାଖରାବାଦ ଘରେ ଭିଡ଼ ଜମେଇଲୁଁ । ମାମ୍‌ନାର ଭାଇ ଭଉଣୀ ଏବଂ ତାଙ୍କର ପିଲାମାନେ ମଧ୍ୟ ଆସି ପହଞ୍ଚିଲେ । ସର୍ବମୋଟ ତିରିଶ ଜଣ ସରିକି ବନ୍ଧୁ ଆସି ରହିଥିଲେ । ଖରାଦିନ ଆମେ ବେଶିଭାଗ ସେଇ ବାରଣ୍ଡାରେ ମଶାରୀ ବାନ୍ଧି ଶୋଇଯାଉଁ । ଅତି ମଧୁର ପରିବେଶରେ ବିବାହ ସମ୍ପନ୍ନ ହେଲା । କାହାର ପ୍ରତ୍ୟୟ ନଥିଲା ଏହି ପ୍ରକାରର ବନ୍ଧୁ ବାନ୍ଧବମାନଙ୍କର ଏକତ୍ରିତ ହେବାର ଏହା ଶେଷ ମିଳନ ଉତ୍ସବ ଥିଲା । ନାନୀ

Digitized by srujanika@gmail.com

ବିବାହ ସମ୍ପନ୍ନ ହେବାର ଅଳ୍ପ କେଇଦିନପରେ ମୁଁ ଉତ୍କାମଣ୍ଡ (ଉଟି) ଚାଲିଗଲି । ଉଟିରେ TIFR ତରଫରୁ ଏ ଗ୍ରୀଷ୍ମାବକାଶର କର୍ମଶାଳା ଆୟୋଜନ ହୋଇଥିଲା । ସେଥିରେ ମୋର ଗବେଷଣାର ବିଷୟ - ତାତ୍ତ୍ୱିକ ମୌଳିକ କଣିକା ଉପରେ ଉଚ୍ଚକୋଟୀର ଆଲୋଚନାଚକ୍ର ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଆରମ୍ଭ ହେଲା । ଭାରତବର୍ଷର ପ୍ରାୟ ସମସ୍ତ ଶୀର୍ଷସ୍ଥାନୀୟ ଅଧ୍ୟାପକ ଓ ଗବେଷକମାନେ ଏକତ୍ରିତ ହୋଇଥିଲେ । ଏହି କର୍ମଶାଳାଟି ଉଚ୍ଚମାନର ହୋଇଥିଲା । ଉଟି ଗୋଟିଏ ଛୋଟ ସହର । ଇଂରେଜ ଶାସନ ସମୟରୁ ଏଠାରେ ଗ୍ରୀଷ୍ମାବକାଶ ନମିନ୍ତେ ସହରଟି ବସିଥିଲା । ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ । କେତେଗୁଡ଼ିଏ ସୁରମ୍ୟ ଉଦ୍ୟାନ ଉଟିର ଶୋଭା ବର୍ଦ୍ଧନ କରନ୍ତି । ସହର ଭିତରେ ଗୋଟିଏ ଛୋଟ ହ୍ରଦ ବା ଦୀଘୀ ମଧ୍ୟ ଅଛି । ଆମ୍ଭମାନଙ୍କର ପାଠ୍ୟକାର୍ଯ୍ୟକ୍ରମ ମଧ୍ୟ ଉପଯୁକ୍ତ ଭାରସାମ୍ୟକୁ ନଜରରେ ରଖି ପ୍ରସ୍ତୁତ ହୋଇଥିଲା । ସକାଳବେଳା ଦୁଇତିନିଟି ଗବେଷଣାର ବିଷୟ ବସ୍ତୁ ଉପରେ ଆଧାରିତ ଧାରାବାହିକ ଭାଷଣ ହୁଏ । ଉପରବେଳା ଯୁବକ ବୈଜ୍ଞାନିକମାନେ ସେମାନଙ୍କର ଗବେଷଣାର ଫଳାଫଳର ଉପସ୍ଥାପନା କରିଥାଆନ୍ତି । ବେଳା ଥାଉଁ ଥାଉଁ ସେ ଦିନର ପାଠ ପଢ଼ା ଶେଷ ହୋଇଯାଏ । ଆମେ ସମସ୍ତେ ସାଙ୍ଗମାନଙ୍କ ସହ ଉଟିରେ ବୁଲି ବାହାରୁଁ । ସେହି ବାତାବରଣ ମଧ୍ୟରେ ପାଠ ଶୋଷି ହୋଇଯାଉଥାଏ । ସନ୍ଧ୍ୟାବେଳେ ମଧ୍ୟ ଅନୌପଚାରିକ ଭାବରେ ଆଲୋଚନା ହୁଏ । ଆମ୍ଭମାନଙ୍କ ମଧ୍ୟରେ କେତେଜଣଙ୍କର କଣ୍ଠ ସଙ୍ଗୀତରେ ପାରଦର୍ଶିତା ଥିଲା । ଦିନେ ଦିନେ ସେହି ବନ୍ଧୁମାନଙ୍କଦ୍ୱାରା ମନୋରଞ୍ଜନର କାର୍ଯ୍ୟକ୍ରମ ଚାଲେ । ତେତେବେଳେ ସେଠାରେ ଟେଲିଭିଜନ ନଥିଲା । ସମ୍ବାଦର ମାଧ୍ୟମ ବୋଇଲେ ସମ୍ବାଦପତ୍ର ଅଥବା ଆକାଶବାଣୀ । ରାଜାନାରାୟଣ ଇନ୍ଦିରା ଗାନ୍ଧୀଙ୍କର ଲୋକସଭା ନିର୍ବାଚନକୁ ଆଇନତଃ ଆହ୍ୱାନକରି ଆହ୍ଲାବାଦ ଉଚ୍ଚ ନ୍ୟାୟାଳରେ ଏକ ଆବେଦନ କରିଥିଲେ । ରାଜ ନାରାୟଣ ଅଭିଯୋଗ କରିଥିଲେ ଯେ ଇନ୍ଦିରାଗାନ୍ଧୀ ତାଙ୍କର ନିର୍ବାଚନ ପ୍ରଚାରରେ ସରକାରୀ କଳର ଅପବ୍ୟବହାର କରିଥିଲେ । ସେହି ମକଦ୍ଦମାର ରାୟ ପ୍ରକାଶ ପାଇଲା ଏବଂ ଉଚ୍ଚନ୍ୟାଳୟାଳୟ ଇନ୍ଦିରାଗାନ୍ଧୀଙ୍କୁ ଜନପ୍ରତିନିଧିତ୍ୱ ଆଇନ୍‌ର କୌଣସି ଏକ ଧାରା ଉଲ୍ଲଙ୍ଘନ କରିଥିବାର ପ୍ରମାଣ ଥିବାରୁ ଦୋଷି ସାବ୍ୟସ୍ତ ହେଲେ । ସେହି ରାୟ ଅନୁସାରେ ସେ ତାଙ୍କର ଲୋକସଭା ସଦସ୍ୟ ପଦ

Digitized by srujanika@gmail.com

ହରାଇଲେ । ଫଳତଃ ପ୍ରଧାନମନ୍ତ୍ରୀ ପଦରେ ରହିବା ଅବୈଧ ହୋଇଗଲା । ବିରୋଧୀ ରାଜନୈତିକ ଦଳମାନେ ଏକଜୁଟ୍ ହୋଇ ଇନ୍ଦିରାଗାନ୍ଧୀଙ୍କ ଇସ୍ତଫା ଦାବୀ କଲେ । ଜେପି ତାଙ୍କର ବକ୍ତବ୍ୟରେ ସ୍ପଷ୍ଟଭାବରେ କହିଲେ ଯେ ନୈତିକତା ଦୃଷ୍ଟିରୁ ଇନ୍ଦିରା ପ୍ରଧାନମନ୍ତ୍ରୀ ପଦରୁ ଓହରିଯିବା ଆବଶ୍ୟକ ।

ଇନ୍ଦିରା ଗାନ୍ଧୀ ତାଙ୍କର ପ୍ରତ୍ୟାକ୍ରମଣରେ ପରିସ୍ଥିତି ଟିକିଏ ନରମ ହେବା ପାଇଁ କହିବାକୁ ଲାଗିଲେ ଯେ ଦେଶରେ ଏହି ବିଶୃଙ୍ଖଳା ପଛରେ ବିଦେଶୀ ରାଷ୍ଟ୍ରମାନଙ୍କର ଅଦୃଶ୍ୟ ହାତ ରହିଛି । ଦେଶ ଘୋର ଅନିଶ୍ଚିତତା ଏବଂ ଅସ୍ଥିରତା ଦିଗକୁ ଟାଣି ହୋଇ ଯାଉଛି । ବିହାରରେ ଯେଉଁ ଦମନଲୀଳା ହେଉଥିଲା ସେ ସମୟରେ ଜେପି ସରକାରୀ କର୍ମଚାରୀମାନଙ୍କୁ ଆହ୍ୱାନଦେଇ କହିଥିଲେ ଯେ ସରକାରୀ କର୍ମଚାରୀମାନେ ଭାରତୀୟ ସମ୍ବିଧାନକୁ ରକ୍ଷାକରିବା ପାଇଁ ପ୍ରତିଜ୍ଞାବଦ୍ଧ ତେଣୁ ସେମାନେ ବେଆଇନ ଆଦେଶକୁ ପାଳନ କରିବା ଅନୁଚିତ । ଏହି ବାଦବିବାଦ ମଧ୍ୟରେ ଇନ୍ଦିରାଗାନ୍ଧୀ ତାଙ୍କର କୌଣସି ଏକ ଭାଷଣରେ ପରୋକ୍ଷରେ ଜେପି ଦେଶ ସ୍ୱାର୍ଥ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତିବୋଲି ଆକ୍ଷେପ କଲେ ଏବଂ ଆଉ ପାହୁଣ୍ଡେ ଆଗେଇ ଯାଇ ଏ କଥା ମଧ୍ୟ କହିଲେ ଯେ ଯେଉଁଥିରୁ ଜେପିଙ୍କର ଦେଶଭକ୍ତି ଉପରେ ପ୍ରଶ୍ନବାଚୀ ଉଠିବ ।

ଇନ୍ଦିରା ଗାନ୍ଧୀଙ୍କର ଯେଉଁ ବଡ଼ ବଡ଼ ଆଇନ ପରାମର୍ଶଦାତା ଥିଲେ ସେମାନେ ଉଚ୍ଚତମ ନ୍ୟାୟାଳୟକୁ ଯାଇ ଅପିଲ କଲେ । ସେମାନେ ମଧ୍ୟ ଗୁହାରୀ କଲେ ଯେ ସେମାନଙ୍କର ଆବେଦନ ଗ୍ରହଣ କରାଯାଉ ଏବଂ ଆଲାହାବାଦ ଉଚ୍ଚନ୍ୟାୟାଳୟର ରାୟକୁ ଖାରଜ କରାଯାଉ । ମୋଟ ଉପରେ ଇନ୍ଦିରାଗାନ୍ଧୀଙ୍କର ଆବେଦନର ସାରମର୍ମ ହେଲା ଯେ ଉଚ୍ଚତମ ନ୍ୟାୟାଳୟରେ ତାଙ୍କର ଆବେଦନର ଫଇସଲା ନହେଲା ପର୍ଯ୍ୟନ୍ତ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ପଦରେ ରହିବେ । ଉଚ୍ଚତମ ନ୍ୟାୟାଳୟ ସେହି ମକଦ୍ଦମାର ପୁନର୍ବିଚାର ନିମନ୍ତେ ଗ୍ରହଣ କଲେ କିନ୍ତୁ ଆହ୍ଲାବାଦ ରାୟକୁ ସମ୍ପୂର୍ଣ୍ଣ ଖାରଜ କଲେ ନାହିଁ । ସାଧାରଣଭାଷାରେ ଇନ୍ଦିରାଗାନ୍ଧୀ ତାଙ୍କର ଲୋକସଭା ଆସନରେ ରହିବା ପାଇଁ ଅଯୋଗ୍ୟ ଏବଂ ଏହାର ତାତ୍ପର୍ଯ୍ୟ - ସେ ପ୍ରଧାନମନ୍ତ୍ରୀ ପଦରେ ରହିବାପାଇଁ ତାଙ୍କର ଅଧିକାର ହରାଇଲେ । ବିରୋଧୀ ରାଜନୈତିକ ଦଳମାନେ ତୁମୁଳ ହଟ୍ଟଗୋଳ ଆରମ୍ଭ କଲେ ଏବଂ ଇସ୍ତଫା ଦାବୀକଲେ । ଜେଇ

Digitized by srujanika@gmail.com

ମାସ ପୂର୍ବେ କିଛି ରାଜନୀତିଜ୍ଞ ନେତାମାନେ ମତପୋଷଣ କରୁଥିଲେ ଯେ ଇନ୍ଦିରା ଗାନ୍ଧୀ ଦେଶକୁ ଏକଛତ୍ରବାଦୀ ଶାସନ ଦିଗକୁ ଟାଣି ନେଇଯାଉଛନ୍ତି । ଏହି ପ୍ରକାରର ଗୋଟାଏ ଚାପା ବାତାବରଣର ସୃଷ୍ଟି ହେଉଥିଲା ବୋଲି ଜେପିଙ୍କର ନିକଟବର୍ତ୍ତୀ କର୍ମୀ ସହକର୍ମୀମାନେ ଅନୁଭବ କରୁଥିଲେ କିନ୍ତୁ ଏ ପ୍ରକାରର ନୈରାଶ୍ୟଜନକ ଆଶଙ୍କାକୁ କେହି ବିଶ୍ୱାସ କରୁନଥିଲେ । ଉଚ୍ଚତମ ନ୍ୟାୟାଳୟର ରାୟ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଗଲା । ଇନ୍ଦିରାଗାନ୍ଧୀଙ୍କର ବହୁ ବିଚକ୍ଷଣ ଆଇନଜୀବୀ ଉପଦେଷ୍ଟା ଥିଲେ ଏବଂ ସେମାନେ ତାଙ୍କୁ ଭାରତୀୟ ସମ୍ବିଧାନର ମୂଳ ଭିତ୍ତିକୁ ନଜରରେ ରଖି ମାର୍ଗଦର୍ଶନ ଦେଉଥିଲେ । ପ୍ରକୃତ ଘଟଣାବଳୀ ଏବଂ ସତ୍ୟ ତ ଲୋକଲୋଚନ ଅଗୋଚରରେ ରହିଲା । ଇନ୍ଦିରାଗାନ୍ଧୀ ଜୁନ ପଚିଶ ତାରିଖରେ ସମ୍ବିଧାନର ଧାରାକୁ ଅବଲମ୍ବନକରି ଜରୁରୀ ପରିସ୍ଥିତି ଜାରି କଲେ । ଭାରତୀୟ ନାଗରୀକମାନେ ସେମାନଙ୍କର ମୌଳିକ ଅଧିକାର ହରାଇଲେ । ବାକ୍ ସ୍ୱାଧୀନତା ବଳି ପଡ଼ିଲା । ସମ୍ବାଦପତ୍ରମାନେ ଯେଉଁ ସମ୍ବାଦ ପ୍ରକାଶ କରିବେ ତାହା ପ୍ରଥମେ ଯାଞ୍ଚ ହେବ । ଅର୍ଥାତ୍ ସମ୍ବାଦପତ୍ରମାନେ ସେମାନଙ୍କର ସ୍ୱାଧୀନ ମତବ୍ୟକ୍ତ କରିବାରୁ ବଞ୍ଚିତ ହେଲେ । ସମ୍ପାଦକୀୟରେ ନିଜର ମତାମତ ସ୍ୱାଧୀନ ଭାବେ ଲେଖି ପାରିବେ ନାହିଁ ।

ଉଟିରେ ଥାଇ ଏହି ନୂତନ ପରିସ୍ଥିତିର ପ୍ରତିକ୍ରିୟା କିପରି ହେବ, କ'ଣ ହେବ ତାହା ଜାଣିବା ସମ୍ଭବ ନଥିଲା । ଆମ କର୍ମଶାଳାରେ ଦୁଇ ପ୍ରକାର ମତପୋଷଣ କରୁଥିବା ଲୋକ ବାହାରିଲେ । ଗୋଟିଏ ଦଳ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବା ଗଣତନ୍ତ୍ରପ୍ରତି ବିରାଟ ଆଘାତ ବୋଲି ଯୁକ୍ତି କରୁଥିଲେ । ପ୍ରତିପକ୍ଷର ଯୁକ୍ତି ପ୍ରାୟ ଇନ୍ଦିରାଗାନ୍ଧୀଙ୍କର ସମର୍ଥନରେ ହିଁ ଥିଲା । ଦେଶ ମହା ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି । ବାହ୍ୟଶକ୍ତି ଦେଶର ସାର୍ବଭୌମ୍ୟକୁ ଧ୍ୱଂସ କରିବା ନିମନ୍ତେ ଷଡ଼ଯନ୍ତ୍ର କରୁଛନ୍ତି । ଦେଶରେ କେତେକ ଅଦୂରଦର୍ଶୀ ବ୍ୟକ୍ତି ସେମାନଙ୍କର ହାତବାରିସୀ ହୋଇଛନ୍ତି । କେହି କେହି ଜେପିଙ୍କୁ କଠୋର ସମାଲୋଚନା କରୁଥିଲେ । ମୁଁ ନୀରବରେ ସବୁ ଶୁଣୁଥାଏ । ଆମେ ବି.ବି.ସି.ରୁ ଜାଣିଲୁ ଜେପି ଅଟକ ହୋଇଛନ୍ତି ଆଉ କିଛି ତୁଙ୍ଗନେତା ମଧ୍ୟ କାରାଗାରରେ ବନ୍ଦୀ । ମୋର ପୂର୍ବରୁ ଏ ପ୍ରକାର ପରିସ୍ଥିତି ବିଷୟରେ କୌଣସି ଧାରଣା ନଥିଲା । ଅସହଯୋଗ ଆନ୍ଦୋଳନ,

Digitized by srujanika@gmail.com

ଲବଣସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନର ଗପ ଶୁଣିଥିଲି । ଘରବୁଡ଼ି ଯେ ପାଣି ଆଣ୍ଠୁଏ ହେଲାଣି ତାହା ମୁଁ ଉଟିରେ ରହି ଉପଲବ୍ଧି କରିପାରିନଥିଲି । ଜୁଲାଇମାସ ଆରମ୍ଭରେ ଆମେ ଉଟି ଛାଡ଼ିଲୁଁ । ମାଡ୍ରାସରେ ସେତେବେଳେ ସମ୍ବାଦପତ୍ରମାନଙ୍କ ଉପରେ କଟକଣା ଏତେ କଡ଼ାକଡ଼ି ଜାରି ହୋଇ ନଥିଲା । ରେଳ ଷ୍ଟେସନରୁ କାଗଜ କିଣି ଜାଣିଲି ଯେ ଦେଶବ୍ୟାପୀ ଗିରଫଦାରୀ ଚାଲିଛି ଏବଂ ବହୁ ନେତୃସ୍ଥାନୀୟ ବ୍ୟକ୍ତି କାରାରୁଦ୍ଧ । ମାଡ୍ରାସ ମେଲରେ ଚଢ଼ିଲି । ମୋର ଟିକଟ କଟକ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରେ କରିଥିଲି । ଡାକଗାଡ଼ି ରାତି ନଅଟା ପାଖାପାଖି, ଭୁବନେଶ୍ୱରରେ ପହଞ୍ଚିଲା । ମୁଁ ଡବା ଭିତରୁ ବନିକୁ ଦେଖି ଓହ୍ଲାଇ ଆସିଲି । ବନି ମୋତେ କଟକ ନଯାଇ ଭୁବନେଶ୍ୱରରେ ରହିଯିବାକୁ କହିଲା । ଆମେ ଗୋଟିଏ ରିକ୍ସାକରି ସହୀଦ୍‌ନଗରର ମୋର ଭଡ଼ା ଘରକୁ ଗଲୁଁ । ବନି ମୋତେ ଯାହା କହିଲା ତାହାର ସଂକ୍ଷିପ୍ତ ବିବରଣୀ ହେଲା ଯେ ଜୁନ୍ ଛବିଶ ତାରିଖ ପ୍ରାୟ ମଧ୍ୟରାତ୍ରରେ ଦାଦାଜେଜେ ଗିରଫ ହେଲା । ତା'ପରଦିନ ରାତିରେ ମାମୁର ପାଳି ପଡ଼ିଲା । ଜେପି ପଚିଶ ତାରିଖ ରାତିରେ ଧରା ହୋଇଗଲେ । ଫୋନ ଓ ତାରଦ୍ୱାରା ଯୋଗାଯୋଗ କରିବା ଅତି କଷ୍ଟକର । ତଥାପି ଯାହା କିଛି ଖବର ପହଞ୍ଚୁଛି ସେଥିରୁ ଜଣା ପଡୁଛି ଯେ ଜେପିଙ୍କ ଅନ୍ଦୋଳନ ସହିତ ସମ୍ପୃକ୍ତ ପ୍ରାୟ ସମସ୍ତ କର୍ମୀ ଗିରଫ ହୋଇଛନ୍ତି । ଯେଉଁମାନେ ଗିରଫ ହୋଇପାରିନାହାନ୍ତି ସେମାନେ ଭୂତଳଗତ ।

ମୁଁ ପରଦିନ ପଦାର୍ଥ ବିଦ୍ୟା ପ୍ରତିଷ୍ଠାନକୁ ସକାଳୁ ସକାଳୁ ଗଲି । ଏହି ପ୍ରତିଷ୍ଠାନଟି ୧୯୭୫ ମସିହାରେ ବିଧିବଦ୍ଧ ଭାବରେ ପ୍ରାରମ୍ଭ ହୋଇଥିଲା । ଆମେ ସେତେବେଳେକୁ ମାତ୍ର ସାତ ଆଠ ଜଣ । ସମସ୍ତେ ପରସ୍ପରର ଚିହ୍ନାଜଣା ଏବଂ ଆମମାନଙ୍କର ବ୍ୟବହାରରେ ଔପଚାରିକତା ନଥାଏ । କାମ କ'ଣ କରିବୁ ? ସକାଳୁ ସକାଳୁ ଜରୁରୀ ପରିସ୍ଥିତି ଏବଂ ନେତାମାନଙ୍କର ଗିରଫଦାରୀ ଆଲୋଚ୍ୟ ବିଷୟ । ମାମୁ ଏବଂ ଦାଦାଜେଜେ ଯେ ଜେଲ ଭିତରେ ପଶିଛନ୍ତି ସେ କଥା ମୁଁ କହିଲି । ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ମଧ୍ୟ ନଥିଲା । ସେଇଦିନ ପ୍ରାୟ ଏଗାରଟା ବାରଟା ବେଳକୁ ଆମର ଜଣେ ବରିଷ୍ଠ ସମ୍ପର୍କୀୟ ଗୋଟିଏ ରିକ୍ସାରେ ଆସି ପହଞ୍ଚିଲେ । ସେ ମୋତେ ପାଖକୁ ଡାକି କହିଲେ, "ସବୁ କିଛି ଶୁଣୁଛୁ ତ ? ବର୍ତ୍ତମାନ ବିଷମ ସମୟ ଆସିଗଲା, ଏମାନେ ଧେଇ ଧେଇ ହୋଇ

Digitized by srujanika@gmail.com

ନାଚିବେ । ତୁ ସେ ସବୁଥିରେ ପଶିବୁନାହିଁ, ପାଖ ପଶିଲେ ବଡ଼ ଅସୁବିଧାରେ ପଡ଼ିବୁ ।" ମୁଁ ଖାଲି ମୁଣ୍ଡ ଟୁଙ୍ଗାରିଲି ।

ସେହିଦିନ ଉପରବେଳା ବସ୍‌ଧରି ବାଦାମବାଡ଼ିରେ ପହଞ୍ଚିଲି । ସେଇଠୁ ଗୋଟିଏ ରିକ୍ସାକରି କାଠଯୋଡ଼ି ନଈକୂଳ ବାଖରାବାଦ "ମାମୁ"ଘରକୁ ଗଲି । ମୁଁ ପୂର୍ବରୁ ସମୟ ଅଟକଳ କରି ଠିକ୍ ମୁହଁ ସଞ୍ଜବେଳକୁ ପହଞ୍ଚିଲି । ପ୍ରଥମେ ଫାଟକ ନ ଖୋଲି ଗ୍ରାମସେବକ ପ୍ରେସ ପାଖକୁ ଗଲି । ଦେଖିଲି ତିନି ଚାରିଜଣ ପୁଲିସ ପିଣ୍ଡାରେ ବସିଛନ୍ତି ଏବଂ ସେମାନଙ୍କର ବିଛଣାପତ୍ର ମଧ୍ୟ ପିଣ୍ଡାରେ ରଖାହୋଇଛି । ଅର୍ଥାତ୍ ଦିନରାତି ପହରା ଦେବାର ବ୍ୟବସ୍ଥା ହୋଇ ସାରିଛି । ମୁଁ ଚାରିଆଡ଼କୁ ଆଖି ବୁଲେଇ ନେଲି । ଏଇ କେଇଜଣ ପୁଲିସ ପ୍ରହରୀଙ୍କ ବ୍ୟତିତ ରାସ୍ତାରେ କେହି ନାହାନ୍ତି ଅର୍ଥାତ୍ ସାମନାପଟ ଘର ଉପରେ ଗୁଇନ୍ଦା ପୁଲିସଙ୍କର ନଜର ନାହିଁ । ମୁଁ ଏଥର ଫାଟକଟିକୁ ନିଃଶବ୍ଦରେ ଖୋଲି ପ୍ରବେଶ କଲି । ସେତେବେଳେ ଗୋଟାଏ ଦେଶି ପୋଷା କୁକୁର ବାଖରାବାଦରେ ଥିଲା । ସେ ଭୁକି ଭୁକି ଦଉଡ଼ି ଆସିଲା । ତା'ର ନାମ ଧରି ଡାକିଦେଲାରୁ ସେ ନୀବର ହୋଇଗଲା । ଇତିମଧ୍ୟରେ ସୁଧାକର ପିଣ୍ଡାକୁ ଚାଲି ଆସିଲା । ଆମେ ଭିତରକୁ ଗଲୁଁ । ସୁଧାକର ଘରର ପୁଅ ଭଳି ଥାଏ ଏବଂ ସମସ୍ତଙ୍କର ଯତ୍ନକରେ । ମାମା୍‌ନାକୁ ଘର କାମରେ ସାହାଯ୍ୟକରେ । ଜରୁରୀ ପରିସ୍ଥିତିର ପାଳା ଆରମ୍ଭ ହେଲା ବେଳକୁ ମାମ୍‌ନା ଓଡ଼ିଶାରେ ବି ନଥିଲା । ଦାଦାଜେଜେ, ମାମୁ ଗିରଫ ହେଲାବେଳେ ସୁଧାକର ଥିଲା । ଏଇ ଦୁଇଜଣଙ୍କର କାରାଗମନ ପରେ ପୁଲିସ୍ ଦିନେ କୁଆଡ଼େ ବାଖରାବାଦକୁ ଆସି ସୁଧାକରକୁ ଜେରା କଲେ ଏବଂ ଘର ପିଲାଏ କେଉଁଠି ଅଛନ୍ତି କ'ଣ କରନ୍ତି ଇତ୍ୟାଦି ସୂଚନା ମାଗିଲେ । ମୃଦୁ ଖାନ-ତଲାସ କଲେ । ଅବଶ୍ୟ ସେତେବେଳେ ବାଖରାବାଦ ଘରୁ ମାଲ ପାଇବାର କିଛି ସମ୍ଭାବନା ନଥିଲା । ବାଖରାବାଦରୁ ମୁଁ ଥୋରିଆସାହି ସ୍ଥିତ ଭୂଦାନ ଅଫିସ ଗଲି । ସେତେବେଳେକୁ ସେଠାରେ ୨୪ଘଣ୍ଟିଆ ପୁଲିସ ପହରା ଲାଗିଥିଲା କି ନାହିଁ । କିନ୍ତୁ ଗୋଇନ୍ଦା ପୁଲିସ ସାଧା ପୋଷାକରେ ଉପସ୍ଥିତ ଥିଲେ । କାରଣ ଗୋଟିଏ ଯୋଡ଼ିଏ ଅଚିହ୍ନା ଚେହେରା ଦେଖାଗଲେ ।

ସେହି ସମୟରେ ଓଡ଼ିଶାରେ ଜରୁରୀପରିସ୍ଥିତିକୁ ବିରୋଧ କରି କି କି ପଦକ୍ଷେପ କିଆ ଯାଇଥିଲା ଏବଂ ଆନ୍ଦୋଳନ କିପରି ଚାଲିଥିଲା ତା'ର ସବିଶେଷ

Digitized by srujanika@gmail.com

ବିବରଣୀ ଅମିର ଆତ୍ମଜୀବନୀ ଏବଂ ଗାଗାର ଆତ୍ମଜୀବନୀରେ ବିସ୍ତୃତ ଭାବରେ ଲିପିବଦ୍ଧ ହୋଇଅଛି । ମାମୁର ଆତ୍ମଜୀବନୀରେ ଜୁନ୍ ଛବିଶର ଘଟଣା ମଧ୍ୟ ବିସ୍ତୃତ ଭାବରେ ଲିପିବଦ୍ଧ ହୋଇ ଅଛି । ମାମୁର ଆତ୍ମଜୀବନୀରେ ବିହାର ଆନ୍ଦୋଳନର ଇତିହାସ ଏବଂ ସର୍ବେସେବା ସଙ୍ଘର ଭିବାଜନ କାରଣ ଏବଂ ତାହାର ସର୍ବୋଦୟ ଆନ୍ଦୋଳନକୁ ଦୁର୍ବଳ କରିବାର ପ୍ରଭାବ ବିଷୟରେ ପ୍ରାଞ୍ଜଳ ବିଶ୍ଳେଷଣ ରହିଛି । ଏହି ଐତିହାସିକ ଘଟଣାକୁ ମୁଁ କେଉଁ ଦୃଷ୍ଟିକୋଣରେ ଦେଖିଥିଲି କେବଳ ସେତକ ଲେଖୁଛି । ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମୁଁ ମାମୁର ଆଉ ଗୋଟିଏ ବ୍ୟକ୍ତିତ୍ୱକୁ ଅନୁଧ୍ୟାନ କଲି ମାମୁର ଅନ୍ତର୍ନିହିତ ଦୃଢ଼ତା ଏବଂ ମନୋବଳର ପରିଚୟ ପାଇଲି ।

ଜୁନ୍ ୨୬ଭୋର ଭୋର ଇନ୍ଦିରାଗାନ୍ଧୀ ଜରୁରୀ ପରିସ୍ଥିତି ଘୋଷଣା କଲେ । ସେଇଦିନ ବାଖରାବାଦ ଘରର ସେଇ ବଡ଼ପିଣ୍ଡାରେ ଗୋଟିଏ ଆଲୋଚନା ସଭା ଆହୂତ ହେଲା । ସେହି ସଭାରେ ସର୍ବୋଦୟକର୍ମୀ, ଜେପିଙ୍କର ଆଦର୍ଶରେ ବିଶ୍ୱାସ କରୁଥିବା ରାଜନୈତିକ ନେତା ଏବଂ ସର୍ବୋଦୟ ପ୍ରେମିମାନେ ଯୋଗଦେଇଥିଲେ । ବହୁ ଦଶନ୍ଧିପରେ ସ୍ୱାଧୀନ ଭାରତର ଗଣତନ୍ତ୍ରର ଏକ ଦୁର୍ଦ୍ଦିନରେ ସେଇ ପିଣ୍ଡାରେ ମୁଷ୍ଟିମେୟ ଦେଶଭକ୍ତ ନିଃସ୍ୱାର୍ଥପର କେତେ ଜଣ ସ୍ୱାଧୀନ ଭାରତର ଲୁପ୍ତ ଗଣତନ୍ତ୍ରକୁ ପୁନରୁଦ୍ଧାର କରିବା ନିମନ୍ତେ ଏକତ୍ର ହେଲେ । ବାଖରାବାଦ ଘରେ ଏବେ ମଧ୍ୟ ଏକ ଐତିହାସିକ 'ଦରି' ରହିଛି । ସେହି ଦରି ଓଡ଼ିଶା ଇତିହାସର ବହୁ ସ୍ମରଣୀୟ ସିଦ୍ଧାନ୍ତ ହୋଇଥିବା ଆଲୋଚନା - ସଭା ଦେଖି ଆସିଛି । କଥିତ ଅଛି ଉତ୍କଳ ସମ୍ମିଳନୀର ପ୍ରାରମ୍ଭରେ ଯେତେବେଳେ ମୁଷ୍ଟିମେୟ ଜାଗ୍ରତ ଓଡ଼ିଆ କାୟମନୋବାକ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବୀ କରି ଆନ୍ଦୋଳନ ଆରମ୍ଭ କଲେ ସେହି ସମୟରେ ମଧ୍ୟ ସେହି ଦରି ଉପରେ ଓଡ଼ିଶାର ନେତାମାନେ ଉପବେଶନ କରିଥିଲେ । ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀର ସ୍ରଷ୍ଟା । ଏହି ଆନ୍ଦୋଳନର ପ୍ରାରମ୍ଭରେ ଗୋକୁଳାନନ୍ଦ ଚୌଧୁରୀ ମଧୁବାବୁଙ୍କର 'ଜୁନିଅର' ହୋଇ ଓକିଲାତି ଆରମ୍ଭ କରିଥିଲେ ଏବଂ ମଧୁବାବୁଙ୍କର ରାଜନୈତିକ କାର୍ଯ୍ୟକଳାପରେ ମଧ୍ୟ ତାଙ୍କର ଜଣେ ପ୍ରଧାନ ସହାୟକ ଥିଲେ । ଉତ୍କଳ ସମ୍ମିଳନୀର ରୂପରେଖ ନେଇ ହୁଏତ ଗୋକୁଳାନନ୍ଦ ଚୌଧୁରୀଙ୍କ ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତାମାନଙ୍କର ବୈଠକ ବସିଥିବ । ବାଖରାବାଦ ଘର ଯେତେବେଳେ ଓଡ଼ିଶାର ଗାନ୍ଧୀବାଦୀ ସ୍ୱାଧୀନତା

Digitized by srujanika@gmail.com

ସଂଗ୍ରାମର ପ୍ରାଣକେନ୍ଦ୍ର ସେହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏହି 'ଦରି' ଉପରେ ବସି ଗ୍ରହଣ କରାହୋଇଥିଲା । ସେ ଦିନର ବୈଠକର ନିଷ୍ପତ୍ତି ଏବଂ ତତ୍ପରେ ଯେଉଁ ପ୍ରଚାର ପତ୍ର ପ୍ରକାଶ ପାଇଥିଲା ତାହା କାହାରିକୁ ଅଗୋଚର ନୁହେଁ ।

ଥୋରିଆ ସାହିରୁ ଚୁମ୍ବକରେ ସବୁଶୁଣି ମୁଁ ଭୁବନେଶ୍ୱର ଫେରି ଆସିଲି ଏବଂ ପୂର୍ବପରି ପ୍ରତି ରବିବାର ଥୋରିଆସାହି ଗଲି । ସେତେବେଳକୁ ସେହି ଏକଛତ୍ରବାଦୀ ଶାସକର ବିରୋଧରେ ଛୋଟ ଛୋଟ ପ୍ରତିରୋଧାତ୍ମକ ଆନ୍ଦୋଳନ ପ୍ରାରମ୍ଭ ହୋଇଥାଏ । ସରକାରଙ୍କର ଗୋଇନ୍ଦା ବିଭାଗ ଯେତେ ଚେଷ୍ଟା କଲେ ମଧ୍ୟ ପ୍ରଚାରପତ୍ରର ପ୍ରକାଶ ଏବଂ ସେ ସବୁର ବିତରଣ ବନ୍ଦକରି ପାରୁନଥାନ୍ତି । ଗୋଟିଏ ପଟେ ଅମି ଜରୁରୀ ପରିସ୍ଥିତିରେ ବିରୋଧକରି ଆବେଦନପତ୍ର ଛପାଇ ବାଣ୍ଟିବାରେ କାମ ଲାଗି ରହି ଥାଏ ସେଗୁଡ଼ିକରେ ତା'ର ସ୍ୱାକ୍ଷର ଥାଏ । ଅନ୍ୟ ପଟେ ଆଗୋ ଭୂତଳ ଗାମିନୀ ହୋଇ "ସଂଗ୍ରାମ" ପତ୍ରିକା ପ୍ରକାଶ କରିବା ଆରମ୍ଭ କଲା । ଆଗୋକୁ ଗିରଫ କରିବା କଷ୍ଟକର ନଥିଲା । ସରକାରଙ୍କର ମୁଣ୍ଡରେ ବିଛା କାମୁଡ଼ିବାର ପ୍ରଧାନ କାରଣ ହେଲା ଯେ ଏତେ ପାରଙ୍ଗମ ଗୋଇନ୍ଦା ବିଭାଗ ଥାଉଁ ଥାଉଁ ଏଇ "ଚୋରା" କାଗଜ କେଉଁଠି ଛପା ହେଉଛି ଏବଂ କିଏ କିଏ ଏହାର ବଣ୍ଟନର ସଙ୍ଗଠନରେ ଅଛନ୍ତି - ତାକୁ ଠାବ ନ କରିପାରିବା ଏକ ଚୁନୌତି ହୋଇପଡ଼ିଲା ।

ଇନ୍ଦିରାଜୀ ଏବଂ ତାଙ୍କର ପରାମର୍ଶଦାତାମାନେ ଏହି ଜରୁରୀ ପରିସ୍ଥିତିରେ ଏକ ସୁଚିନ୍ତିତ ଯୋଜନା କରିସାରିଥିଲେ । ଏହା ପୂର୍ବପ୍ରକଳ୍ପିତ ଅତି ନିଖୁଣ ଯୋଜନାଥିଲା । ଯେଉଁ ଯେଉଁ ପ୍ରଦେଶମାନଙ୍କରେ ସ୍ୱୀୟ ରାଜନୈତିକ ଦଳ ଶାସନ ଗାଦିରେ ଥିଲେ ସେହି ସରକାର, ଦିଲ୍ଲୀ ସରକାରଙ୍କୁ ଭବିଷ୍ୟତରେ ଗିରଫ କରାଯିବାର ନେତା ଏବଂ କର୍ମୀମାନଙ୍କର ଏକ ସୁଦୀର୍ଘ ତାଲିକା ପଠାଇ ଦେଇଥିଲେ । ଶୁଣାଯାଏ କେଉଁ ସ୍ତରରେ ନେତାଙ୍କୁ କିପରି ଜେଲରେ ବନ୍ଦୀକରି ରଖାଯିବ ଏବଂ ତାଙ୍କ ପ୍ରତି କି ପ୍ରକାର ବ୍ୟବହାର କରାଯିବ ତାହାର ମଧ୍ୟ ଅଧ୍ୟାଦେଶ ଆସିଥିଲା । ଉଡ଼ାକଥା ଏବଂ ଗୁଜବ ଉପରେ ନିର୍ଭର ନ କରି ମୋର ଏହି ନିର୍ଣ୍ଣୟକୁ ମୁଁ ଯୁକ୍ତିଯୁକ୍ତ ଭାବେ ପ୍ରମାଣ କରିବା ପାଇଁ ପ୍ରଚେଷ୍ଟା କରୁଛି ।

ଓଡ଼ିଶାର ଯେଉଁ କର୍ମୀମାନେ 'ମିସା'ରେ ଗିରଫ ହେଲେ ସେମାନଙ୍କର ପତା କେଇ ସପ୍ତାହ ପର୍ଯ୍ୟନ୍ତ କାହାକୁ ଜଣାନଥିଲା । ମିସା ବନ୍ଦୀମାନଙ୍କୁ କଚେରୀକୁ

Digitized by srujanika@gmail.com

ଚାଲାଣକରି ବିଚାରକରି ଦଣ୍ଡଦେବାର ଆବଶ୍ୟକତା ନାହିଁ । ଏହି କାରଣରୁ କେଉଁ ବନ୍ଦୀ କେଉଁ କାରାଗାରକୁ ଗଲେ ତାହା ଜାଣିବାର ଉପାୟ ନଥିଲା । ବନ୍ଦୀଙ୍କର ନିକଟତମ ପରିବାର ବର୍ଗ - ପିତା, ମାତା, ସ୍ୱାମୀ, ସ୍ତ୍ରୀ, ସନ୍ତାନ, ସନ୍ତତିମାନେ ଅନ୍ଧକାରରେ ଥିଲେ । ବନ୍ଦୀମାନଙ୍କୁ କୌଣସି ପତ୍ରାଳାପ କରିବାର ଅଧିକାର ନଥିଲା । ମୋର ଜାଣିବାରେ ମାମୁ ଏବଂ ଦାଦାଜେଜେ କେଉଁଆଡ଼େ ରହିଲେ ସେ ବିଷୟରେ ସମସ୍ତେ ଅଜ୍ଞ ଥିଲେ । ଇଂରେଜ ସରକାର ମଧ୍ୟ ଏହି ଧରଣର ପଦକ୍ଷେପ ନେଇ ନଥିଲେ । ଆଉ ଗୋଟିଏ ନୂଆ ବ୍ୟବସ୍ଥା ମଧ୍ୟ ହୋଇଥିଲା । ଏହି ମିସାବନ୍ଦୀମାନଙ୍କୁ କୌଣସି ପ୍ରକାର ରାଜନୈତିକ ବନ୍ଦୀଙ୍କ ସହିତ ରଖାଗଲାନାହିଁ । ଅବଶ୍ୟ ପରେ ଏ ବ୍ୟବସ୍ଥାର ପରିବର୍ତ୍ତନ ହେଲା । ଉଦାହରଣ ସ୍ୱରୂପ ଦାଦାଜେଜେ (ନବକୃଷ୍ଣ ଚୌଧୁରୀ)କୁ ବାରିପଦା ଜେଲ୍‌ରେ ବନ୍ଦୀ କରି ରଖାଗଲା । ତାହାର ଏକମାତ୍ର ସହବନ୍ଦୀ ଜଣେ ସାମ୍ୟବାଦୀ ଦଳର ସଦସ୍ୟ । ମାମୁ ରହିଲା ଢେଙ୍କାନାଳ ଜେଲରେ । ଦାଦାଜେଜେ ଏ ପ୍ରକାରର ମାନସିକ ଅତ୍ୟାଚାର ବରଦାସ୍ତ କରିପାରିଲା ନାହିଁ । ତାହାର ୭୫ତମ ଜନ୍ମଦିବସ ସକାଳେ ମସ୍ତିଷ୍କରେ ରକ୍ତସ୍ରାବ ହୋଇ ଅଚେତ ହୋଇଗଲା । ବାରିପଦାର ଡାକ୍ତରଙ୍କର ତତ୍‌କ୍ଷଣାତ୍ ଚିକିତ୍ସା ଫଳରେ ବଞ୍ଚିଗଲା କିନ୍ତୁ ପକ୍ଷାଘାତ ହେତୁ ଅଙ୍ଗପ୍ରତ୍ୟେଙ୍ଗ ଚଳାଇବା ଅସମ୍ଭବ ହୋଇଗଲା । ସରକାର ତାକୁ ପାରୋଲରେ ମୁକ୍ତ କଲେ ଅର୍ଥାତ୍ ସୁସ୍ଥ ହୋଇଗଲେ ପୁନର୍ବାର ସରକାରଙ୍କର ଅତିଥି ହୋଇ ପ୍ରତ୍ୟାବର୍ତ୍ତନ କରିବା ପାଇଁ ହେବ । କଟକରେ ଆସି ରହିଲା । ସେ ସମୟରେ ବହୁ ବିଶେଷଜ୍ଞ ଡାକ୍ତରମାନଙ୍କର ପ୍ରଚେଷ୍ଟାରେ ସୁସ୍ଥ ହେଲା । କିନ୍ତୁ ଏହି ପକ୍ଷାଘାତରେ ତାହାର ଯେଉଁ ଅବନତି ଘଟିଲା ତାହା ଫଳରେ ଗୋଟିଏ ଗୋଡ଼ ଘୋଷାରି ଘୋଷାରି ଚାଲିଲା । ତାକୁ ବରିପଦା ଜେଲକୁ ପଠାଇବା ଯଦି ସୁଚିନ୍ତିତ ଯୋଜନା ନୁହେଁ ତେବେ ଆଉ କ'ଣ ? ରାଜନୈତିକ ବନ୍ଦୀମାନଙ୍କୁ ଅଲଗା ଅଲଗା କରି ରଖିବାର ପ୍ରଧାନ ଉଦ୍ଦେଶ୍ୟ ସେମାନଙ୍କର ମନୋବଳକୁ ଦୁର୍ବଳ କରିଦେବା । ସମସ୍ତେ ଜାଣନ୍ତି ଯେ ମାମୁ ଯୁକ୍ତି ତର୍କ କରିବା ସମୟରେ ଉତ୍ତେଜିତ ହୋଇଯାଏ କିନ୍ତୁ ଯୁକ୍ତିର ଖିଅ ଛାଡ଼େ ନାହିଁ କିମ୍ବା ମାନସିକ ଭାରସାମ୍ୟ ହରାଏ ନାହିଁ । ମାମୁ ଜେଲରେ କିପରି ସମୟ କାଟୁଥିବ ତାହା ଆମ୍ଭମାନଙ୍କର ଚିନ୍ତାର ବିଷୟ ହେଲା । କାରଣ ତାର ଭୌଗୋଳିକ ଅବସ୍ଥିତି ଆମ୍ଭମାନଙ୍କୁ ଜଣା ନଥିଲା । ପ୍ରାୟ କେଇ ସପ୍ତାହ ପରେ ମାମୁ ଏବଂ ଦାଦାଜେଜେଙ୍କର ଅବସ୍ଥିତି ଜଣାଯିବାରୁ ସେମାନଙ୍କ ସହ

Digitized by srujanika@gmail.com

ଯୋଗଯୋଗ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରାଗଲା । ମାମୁର ଚିଠିପତ୍ର ଆଦାନ ପ୍ରଦାନ ଅମି ଏବଂ ମାମ୍‌ନା ସାଙ୍ଗରେ ଆରମ୍ଭ ହେଲା । ସେ ପଟୁ ଯେଉଁ ଚିଠି ଆସୁଥିଲା ତାକୁ ସରକାର ଯାଞ୍ଚକରି ଛାଡୁଥିଲେ ଏବଂ ଏ ତରଫରୁ ଯାଉଥିବା ଚିଠିର ସେହି ଅବସ୍ଥା । ଚିଠିରେ ପାରିବାରିକ ବିଷୟ ବ୍ୟତିତ ଅନ୍ୟକୌଣସି ବିଷୟ ଉଲ୍ଲେଖ କରିବା ନିଷିଦ୍ଧ ଥିଲା । ଏଇ ପରିସ୍ଥିତିରେ ଜୟପ୍ରକାଶ ନାରାୟଣଙ୍କୁ ଜେଲରୁ ନେଇ ଚଣ୍ଡିଗଡ଼ରେ ଭାରତ ସରକାରଙ୍କର ଏକ ବିଖ୍ୟାତ ମେଡ଼ିକାଲ କଲେଜରେ ରଖାଗଲା । ଏହା ଏକ ଘୃଣ୍ୟ ଷଡ଼ଯନ୍ତ୍ର ଥିଲା । ଜେପିଙ୍କର ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପ୍ରକୋପ ଥିଲା । ଯେଉଁ ଔଷଧ ଏହି ପ୍ରକାରର ରୋଗୀକୁ ଦେବା ଡାକ୍ତରୀ ଶାସ୍ତ୍ରର ବିରୋଧୀ ସେହି ପ୍ରକାରର ଔଷଧ ତାଙ୍କୁ ଦିଆଗଲା । ଏହା ଫଳରେ ତାଙ୍କର ଦୁଇଟି ଯାକ କିଡ଼ିନି ନଷ୍ଟ ହୋଇଗଲା । ଏତେ ବଡ଼ ପ୍ରସିଦ୍ଧ ଡାକ୍ତରଖାନା, ଏତେ ବଡ଼ ବଡ଼ ବିଶେଷଜ୍ଞ ଚିକିତ୍ସା କରୁ କରୁ ଏ ପରି ଭୁଲ କିପରି ହେଲା ? ଏ ପ୍ରକାର ଉତ୍କଟ ଚିକିତ୍ସା ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍.ବି.ବି.ଏସ୍ ଡାକ୍ତର କରିବେ ନାହିଁ । ଜେପି ଦିଲ୍ଲୀରେ ଏ.ଆଇ.ଆଇ.ଏମ୍‌ରେ ଚିକିତ୍ସିତ ହେଲେ । ଜୀବନ ସଂଶୟ ବୋଲି ଡାକ୍ତର କହିଲେ । ତାଙ୍କୁ ବମ୍ବେର ଘରୋଇ ଡାକ୍ତରଖାନା 'ଯଶଲୋକ'କୁ ସ୍ଥାନାନ୍ତରିତ କଲାରୁ ଜୀବନ ରକ୍ଷା ହେଲା । ଡାକ୍ତର ଏମ୍.କେ.ମଣି ତାଙ୍କର ଚିକିତ୍ସା କଲେ । ତାଙ୍କୁ ବହୁବର୍ଷ ପରେ ମୁଁ ଭେଟିଥିଲି । ସେ ଅତ୍ୟନ୍ତ ଅମାୟିକ ଏବଂ ତାଙ୍କର ଡାକ୍ତରୀ ବିଦ୍ୟାରେ ଅସାଧାରଣ ବ୍ୟୁତ୍ପତ୍ତି ।

ସରକାର ତାଙ୍କର କଠୋର ନିତିକୁ ଟିକିଏ କୋହଳ କଲେ । ଚିଠିପତ୍ର ଆଦାନପ୍ରଦାନ ଉପରୁ କଡ଼ା କଟକଣା ଉଠିଗଲା । ଅର୍ଥାତ୍ ଆମ୍ଭେମାନେ ମଧ୍ୟ ଚିଠିପତ୍ର ଲେଖିପାରିଲୁଁ ଏବଂ ଆମ୍ଭମାନଙ୍କୁ ଜେଲରୁ ଚିଠିପତ୍ର ମଧ୍ୟ ଆସିଲା - ଅବଶ୍ୟ ଗୁଇନ୍ଦା ବିଭାଗ ସେ ସମସ୍ତ ପତ୍ରଗୁଡ଼ିକୁ ଯାଞ୍ଚକଲାପରେ ଉଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ନିକଟରେ ପହଁଞ୍ଚୁଥିଲା । ମାମୁ ସହିତ ପ୍ରଥମ ସାକ୍ଷାତରେ ମାମୁର ଓଡ଼ିଆ ଭାଷାରେ ଗୋଟିଏ ପୁସ୍ତକ ପ୍ରକାଶ କରିବା ଇଚ୍ଛା ଥିବା ସମ୍ବନ୍ଧରେ ମାମୁ ସହିତ ଆଲୋଚନା ହେଲା । ମାମୁର ଚିତ୍ରାଙ୍କନର ପ୍ରଚେଷ୍ଟା ମଧ୍ୟ ଜେଲ ମଧ୍ୟରେ ଜାରି ରହିଥିଲା । ମାମୁ ମୋତେ ତାର ତୈଳଚିତ୍ର ନିମନ୍ତେ ସରଞ୍ଜାମ ଆଣିଦେବା ପାଇଁ ବରାଦ୍ କଲା । ତା'ର ପଦାର୍ଥବିଦ୍ୟାର ପୁସ୍ତକ ନିମନ୍ତେ ମୁଁ ଖୋରାକ ଯୋଗାଇ ଦେଲି । ସେହି ଜରୁରୀକାଳୀନ ପରିସ୍ଥିତି ମଧ୍ୟରେ ମୁଁ ୟୁରୋପ ଗଲି ଏବଂ ମାମୁପାଇଁ ରଙ୍ଗ, ତୁଳୀ ଆଦି ତା'ର

Digitized by srujanika@gmail.com

ବରାଦ ମୁତାବକ ନେଇ ଆସିଲି । ମାମୁ ସହିତ ସାକ୍ଷାତ କରିବାର ସୁଯୋଗ ମାସେ ଦୁଇମାସରେ ପଡ଼େ । ମୁଁ ଅମୀ ସାଙ୍ଗରେ ସେହି ସାକ୍ଷାତକାରକୁ ଯାଏ । ସେଠାରେ ଗୁଇନ୍ଦା ବିଭାଗର ଜଣେ କର୍ମଚାରୀ ଉପସ୍ଥିତ ଥାଆନ୍ତି । ଆମେ ପ୍ରଥମେ ଜେଲ କାର୍ଯ୍ୟାଳୟରେ ବସି ଅପେକ୍ଷାକରୁଁ । ନିର୍ଦ୍ଦିଷ୍ଟ ସମୟରେ ମାମୁଁ ପ୍ରବେଶ କରେ । ଅନାବନତ ମସ୍ତକ, ସୌମ୍ୟମୂର୍ତ୍ତୀ, ଆଖିରେ ହସର ଝଲକ । ପ୍ରଥମେ ଅମୀ ସହିତ ପାରିବାରିକ ସମାଚାରର ଆଦାନପ୍ରଦାନ ହୋଇଥାଏ । ଏହି ସାକ୍ଷାତକାରର ଗୋଟିଏ ସର୍ତ୍ତ ଥାଏ ଯେ କଥପୋକଥନରେ କୌଣସି ରାଜନୈତିକ ବିଷୟର ଚର୍ଚ୍ଚା ନିଷିଦ୍ଧ । ରାଜନୈତିକ ବିଷୟର ଉତ୍ଥାପନ ହେଲେ ସାକ୍ଷାତରେ ତତ୍କ୍ଷଣାତ୍ ପୂର୍ଣ୍ଣଚ୍ଛେଦ । ଗୁଇନ୍ଦା କର୍ମଚାରୀ ସମସ୍ତ କଥପୋକଥନ ଲେଖି ଚାଲନ୍ତି । ଅମିର ପାଳି ସରିଲେ ମୋର ପାଳି ପଡ଼େ । ଆମ ଦୁଇଜଣଙ୍କର ଆଲୋଚନାର ବିଷୟବସ୍ତୁ ବିଜ୍ଞାନ - ପଦାର୍ଥ ବିଜ୍ଞାନ । ଗୋଟିଏ ସାକ୍ଷାତକାରରେ ନାଭିକୀୟ ଉର୍ଜ୍ଜାର ତାତ୍ତ୍ୱିକ ଆଲୋଚନା ହେଲା । ପ୍ରୋଟନ-ନ୍ୟୁଟ୍ରନ କିପରି ପରସ୍ପରକୁ ଆକର୍ଷଣ କରିଥାଆନ୍ତି ତାହା ହିଁ ଆଲୋଚନାର ବିଷୟ ବସ୍ତୁ ଥିଲା । ମାମୁ ସେଇ ୟୁକାଓ୍ୱାଙ୍କର ତତ୍ତ୍ୱକୁ ଅତି ସରଳଭାଷାରେ ସାଧାରଣ ପାଠକଙ୍କ ନିମନ୍ତେ ତା'ର "ପରଶମଣିର ସନ୍ଧାନେ" ବହିରେ ଉପସ୍ଥାପିତ କରିଛି । ଆଉ ଗୋଟିଏ ସାକ୍ଷାତରେ ମୌଳିକ କଣିକାମାନଙ୍କର ଶ୍ରେଣୀବିଭାଜନ ଏବଂ ସେଗୁଡ଼ିକର ଗୁଣାତ୍ମକ ତୁଳନା ବିଷୟରେ ଆଲୋଚନା ହୋଇଥିଲା । ସରକାରଙ୍କର ଖାସ ଅତିଥି ଭାବରେ 'ମିସା'ବନ୍ଦୀ ଜେଲ ଭିତରେ ପଦାର୍ଥ ବିଦ୍ୟାର ଗୂଢ଼ ତତ୍ତ୍ୱକୁ ହଜମ କରି ନିଜର ସ୍ୱାଭାବିକ, ସରଳ ଭାଷାରେ ସାବଲୀଳଭାବେ ପ୍ରକାଶ କରିପାରିଲା ଏ କଥା ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ । ସାଧାରଣତଃ ଜେଲ ଭିତରେ କିଛିଦିନ ରହିଲା ପରେ କେତେକ ବନ୍ଦୀ ମନକୁ ମନ ନିରାଶ ହୋଇପଡ଼ନ୍ତି । ଏହି ନୈରାଶ୍ୟ ହିଁ ମାନସିକ ଦୁର୍ବଳତା ଦିଗକୁ ଟାଣିନେଇ ଯାଏ ଏବଂ ବନ୍ଦୀ ଚୋରା ବାଲିରେ ପଡ଼ିଲାପରି ନିଜେ ନିଜେ ପୋତି ହୋଇ ପଡ଼େ ସେଇ ନୈରାଶ୍ୟର ବାଲିରେ । ମାମୁର ମୁଖମଣ୍ଡଳରେ ଏହି ପ୍ରକାର ନିରାଶା କିମ୍ବା ଗ୍ଲାନୀର ଚିହ୍ନବର୍ଣ୍ଣର ଆଭାସ ମଧ୍ୟ ନଥାଏ । ମାଆ ହୋଇ ପୁଅର କାରାବାସକୁ ସହ୍ୟକରିବା ନିମନ୍ତେ ଅସୀମ ଧୈର୍ଯ୍ୟ ଆବଶ୍ୟକ । ଅମି ତ ସ୍ଥିତପ୍ରଜ୍ଞା । ବିଦାୟ ମୁହୂର୍ତ୍ତରେ ହସ ହସ ହୋଇ ମାମୁକୁ ବିଦାୟ ଦିଏ । ସାକ୍ଷାତର ସମୟ ଶେଷ ହେଲେ ପ୍ରଥମେ ପ୍ରହରୀ ମାମୁକୁ ଜେଲଖାନା ଭିତରକୁ ନେଇ ଗଲାପରେ ଫାଟକ

Digitized by srujanika@gmail.com

ବନ୍ଦ ହୁଏ ଏବଂ ତା'ପରେ ଆମେ ମୁହଁ ଫେରି ଆସୁ । ମୋ ହୃଦ୍‌ବୋଧ ହୋଇ ସାରିଥିଲା ଯେ ମାମୁକୁ ଯେତେ ଦିନ ଜେଲ୍‌ରେ ରଖିଲେ ମଧ୍ୟ ତା'ର ମନୋବଳ ଅକ୍ଷୁର୍ଣ୍ଣ ରହିବ । ସେହି କାରାବାସର ଅବଧିରେ ମାମୁ "ପରଶମଣିର ସନ୍ଧାନେ", "ହାଟ ବଜାରେ ବ୍ରହ୍ମଜ୍ଞାନ" ଏବଂ "କସ୍ତୁରୀମୃଗ ସମ" ପୁସ୍ତକମାନ ରଚନା କଲା । କେଉଁ ବିଷୟ ବସ୍ତୁରେ ସେ ତା'ର ମନୋନିବେଶ କରି ତନ୍ନ ତନ୍ନ କରି ପଢ଼ିଥିଲା ମୋତେ ଅଜଣା । ମାମୁର ଜେଲରେ ହାତରେ ଆଙ୍କିଥିବା ଛବିର ସଂଖ୍ୟା କିଛି କମ୍ ନୁହେଁ । ମାମୁ ତା'ର ମାନସିକ ଶକ୍ତିକୁ ତାର ସୃଜନୀରେ ପ୍ରକାଶ କରିଥିଲା । ମାନସିକ ଦୌର୍ବଲ୍ୟ ଏବଂ ନୈରାଶ୍ୟର ଅବକାଶ ମଧ୍ୟ ନଥିଲା ।

ମାମୁ ତ ଜେଲରେ ରହିଲା । ଦାଦାଜେଜେ ଜେଲରୁ ଆସି ବାଖରାବାଦରେ ରହିଲା । ଆଗୋ ତା'ର ଜରୁରୀ ପରିସ୍ଥିତି ସଂଗ୍ରାମକୁ ଜାରି ରଖିଥାଏ । ସରକାର ଆଗୋକୁ ଜେଲରେ ରଖିବାପାଇଁ ମନସ୍ତକଲେ । ଫେବୃଆରୀ ଚାରି ତାରିଖ ୧୯୭୬ରେ ଆଗୋକୁ ସନ୍ଧ୍ୟାବେଳେ ବାଖରାବାଦ ଘରୁ ଗିରଫ କରାଗଲା । ସେ ଭାରତରକ୍ଷା ଆଇନର କୌଣସି ଏକ ଦଫାରେ ଧରା ହୋଇଗଲା ଏବଂ ତା' ଉପରେ ଆଉ ଗୋଟିଏ ଆରୋପଥିଲା ଯେ ସେ ଅସାମାଜିକ ଏବଂ ଅନୈତିକ କୁକର୍ମରେ ଲିପ୍ତ ଥିଲା । ଦାଦାଜେଜେ ବାଖରାବାଦ ଘରେ ଏକା ପଡ଼ିଗଲା - ଅବଶ୍ୟ ମାମ୍ନା, ଗାଗା, ଅମି ତା'ର ସମସ୍ତ ପ୍ରକାରର ଯତ୍ନ ନେଲେ । ଭାରତରକ୍ଷା ଆଇନରେ ଗିରଫ ହୋଇଥିବା କଇଦୀର କଚେରୀରେ ବିଚାର ହୁଏ । ଯେଉଁଦିନ ଆଗୋର ବିଚାରର ତାରିଖ ପଡ଼େ ସେଇଦିନ ଅନେକ ଯୁବକ ଯୁବତୀ ଜରୁରୀ ପରିସ୍ଥିତି ବିରୋଧୀ ଧ୍ୱନିଦେଇ କଚେରୀକୁ ଯାଉଥାଆନ୍ତି । ଦାଦାଜେଜେ ରିକ୍ସାରେ ବସି କଚେରୀପାଖକୁ ଯାଏ ଏବଂ ଛୋଟେଇ ଛୋଟେଇ ଇଜଲାସକୁ ଯାଇ ଆଗୋକୁ ଦେଖି ଆସେ । ସେ ଏକ ଅପୂର୍ବ ଦୃଶ୍ୟ । ଦୁଇଜଣଙ୍କର ବୟସ ସତୁରୀ ଉପରେ । ଜଣେ ପିଞ୍ଜରା ଭିତରେ ଆଉ ଜଣେ ପିଞ୍ଜରା ବାହାରେ । ଜଣେ ଯୁଦ୍ଧବନ୍ଦୀ ଆଉ ଜଣେ ଯୁଦ୍ଧରେ ଆହତ ସୈନିକ । ସେ ଲଢ଼େଇ ସ୍ୱାଧୀନ ଭାରତର ଗଣତନ୍ତ୍ରର ସୁରକ୍ଷା ପାଇଁ । ଯେଉଁମାନଙ୍କୁ ଇଂରେଜ ସରକାର ଜେଲଦଣ୍ଡ ଦେଇଥିଲେ ସେମାନଙ୍କ ମଧ୍ୟରୁ କେତେକ ମୁଷ୍ଟିମେୟ ସଂଗ୍ରାମୀ ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ରକ୍ଷା କରିବା ନିମନ୍ତେ ଅହିଂସକ ଉପାୟରେ ଜରୁରୀ ପରିସ୍ଥିତିରୁ ପ୍ରତିରୋଧ କରିବାରୁ ପୁନର୍ବାର

Digitized by srujanika@gmail.com

କାରାବରଣ କରିଥିଲେ ।

୧୯୭୭ ମସିହା ଜାନୁଆରୀ ମାସରେ ଇନ୍ଦିରା ସାଧାରଣ ନିର୍ବାଚନ ଘୋଷଣା କଲେ । କିଛି ଅଭିଜ୍ଞ ରାଜନୈତିକ ବିଜ୍ଞ ନେତାଙ୍କର ଅଭିମତ ଥିଲା ଯେ ଏହି ନିର୍ବାଚନ ଉଦ୍ଦେଶ୍ୟ ପ୍ରଣୋଦିତ । ପ୍ରାୟ ଦେଢ଼ ବର୍ଷର ଏହି ସ୍ୱେଚ୍ଛାଚାରୀ ଶାସନର ପ୍ରକୃତ ରୂପ ଧୀରେ ଧୀରେ ଆତ୍ମପ୍ରକାଶ କଲା । ଆନ୍ତର୍ଜାତିକ ମହଲରେ ଏହାର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଲା । ଭାରତବର୍ଷ ବିଶ୍ୱର ବୃହତ୍ତମ ଗଣତନ୍ତ୍ର । ଭାତରରେ ପ୍ରାୟ ପଚିଶବର୍ଷ ଧରି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର କ୍ରମାଗତ ଶାସନ ଚଳାଇ ଆସୁଥିଲେ । ଭାରତର ଅଧିକାଂଶ ଅଧିବାସୀ ସ୍ୱଳ୍ପଶିକ୍ଷିତ । ଉପରନ୍ତୁ ପ୍ରାୟ ୪୦% ଜନତା ଦାରିଦ୍ର୍ୟର ସୀମାରେଖାର ନିମ୍ନସ୍ତରରେ ଜୀବନ ଯାପନ କରୁଥିଲେ । ଇନ୍ଦିରାଙ୍କର ନିର୍ବାଚନ ଘୋଷଣା ଗୋଟିଏ ଧୂର୍ତ୍ତ ରାଜନୈତିକ ଚାଲ ବୋଲି ଅନେକେ ମତବ୍ୟକ୍ତ କଲେ । ଯଦି ସେ ନିର୍ବାଚନରେ ଜୟଲାଭ କରନ୍ତି ତାହାହେଲେ ଆନ୍ତର୍ଜାତିକ କ୍ଷେତ୍ରରେ ସେ ଯେଉଁ ସମାଲୋଚନାର ଶରବ୍ୟ ହୋଇଥିଲେ ସେଥିରୁ ସେ ମୁକ୍ତ ହୋଇଯିବେ । ଭାରତର ଜନତା ତାଙ୍କୁ ବିଜୟ ଉପହାର ପ୍ରଦାନ କଲେ ଏହା ମଧ୍ୟ ପ୍ରମାଣିତ ହୋଇଯିବ ଯେ ଇନ୍ଦିରା ଯେଉଁ କାର୍ଯ୍ୟକ୍ରମର ଅୟମାରମ୍ଭ କରିଥିଲେ ତାହା ପ୍ରତି ଜନ ସମର୍ଥନ ରହିଛି । ଇନ୍ଦିରାଗାନ୍ଧୀଙ୍କର ବହୁ ବୁଦ୍ଧିମନ୍ତ ପରାମର୍ଶଦାତା ଥିଲେ । ଇନ୍ଦିରାଙ୍କ ହାତରେ ରାଷ୍ଟ୍ରୀୟ ଏବଂ ପ୍ରାଦେଶିକ ସ୍ତରର ଗୁଇନ୍ଦା ବିଭାଗର ଗୋପନ ବିବରଣୀ ଥିଲା । ସେହି ତଥ୍ୟକୁ ଭିତ୍ତିକରି ଇନ୍ଦିରା ଏହି ଚାଲଟି ଚଳାଇଥିଲେ । ସେ ଜଣେ ବୁଦ୍ଧିମତୀ, ପ୍ରବୀଣା ନେତ୍ରୀ ଥିଲେ । ସେ ଅବଗତ ଥିଲେ ଯେ ପଲା ତାଙ୍କରି ପଟକୁ ଢଳି ଅଛି । ସମସ୍ତ ବିରୋଧି ରାଜନୈତିକ ନେତା କାରାବନ୍ଦୀ । ଜେପି ଜୀର୍ଣ୍ଣ, ଦୁର୍ବଳ ସ୍ୱାସ୍ଥ୍ୟରେ ନିର୍ବାଚନ ପ୍ରଚାର ନିମିତ୍ତ ଅକ୍ଷମ । ଇନ୍ଦିରାଙ୍କୁ ବିରୋଧ କରିବା ପାଇଁ କୌଣସି ସଙ୍ଗଠନ ନାହିଁ । ତେଣୁ ଏଇ ନିର୍ବାଚନରେ ବିଜୟ ସୁନିଶ୍ଚିତ । ସେ ସଞ୍ଜୟଙ୍କୁ ତାଙ୍କର ଉତ୍ତର ଦାୟାଦ ଭାବରେ ଗଢ଼ି ତୋଳିବାର ଯେଉଁ ସ୍ୱପ୍ନ ଦେଖୁଥିଲେ ସେ ସ୍ୱପ୍ନ ମଧ୍ୟ ଏହି ଐତିହାସିକ ବିଜୟ ଦ୍ୱାରା ସାକାର ହେବ ।

ଇନ୍ଦିରା ଜାନୁଆରୀ ମାସର ଅଧାଅଧି ବେଳକୁ ସମସ୍ତ ବନ୍ଦୀମାନଙ୍କୁ ଛେକ ଛେକ କରି କାରାଗାରରୁ ମୁକ୍ତ କଲେ । ସେ ଜରୁରୀ ପରିସ୍ଥିତିର ଅଧାଦେଶକୁ ମଧ୍ୟ ପ୍ରତ୍ୟାହାର କରାଇଲେ । ସମ୍ବାଦପତ୍ରମାନଙ୍କଠାରୁ କଟକଣା ଉଠିଗଲା । ସଭା

Digitized by srujanika@gmail.com

ସମିତିରେ ଲୋକେ ସେମାନଙ୍କର ସ୍ୱାଧୀନ ମତ ପ୍ରକାଶ କରିବାର ସୁବିଧା ପାଇଲେ । ଆକାଶବାଣୀ ଏବଂ ଦୂରଦର୍ଶନ ତ ସରକାରଙ୍କର ହାତ ମୁଠାରେ । କେତେ ବଡ଼ ବଡ଼ ସମ୍ବାଦପତ୍ରଙ୍କ ମାଲିକଙ୍କର ମଧ୍ୟ କୋକୁଆ ଭୟ । ସରକାରଙ୍କୁ ତୋଷାମଦକରି ଭଲ ଭଲ ସମ୍ବାଦ କେତେ ଖବର କାଗଜ ପ୍ରଥମେ ପ୍ରଥମେ ଛାପିଲେ ।

ମାମୁ ଜେଲରୁ ଜାନୁଆରୀ ୧୯୭୭ରେ ମୁକୁଳି ବାଖରାବାଦ ଆସିଲା । ସେଇଦିନ ମୁହଁ ସଞ୍ଜବେଳକୁ ଆମେ ଯାଇ ବାଖରାବାଦରେ ପହଁଞ୍ଚିଲୁଁ । ମାମୁ ସାମନାପଟ ପିଣ୍ଡାରେ ବସିଥାଏ । ତା' ପାଖରେ ଅଛ ଦେଇଜଣ କଟକ ଜେଲର 'ଅନ୍ତେବାସୀ' ଘେରି ଥାଆନ୍ତି । ଆମ୍ଭମାନଙ୍କୁ ଦେଖି ମାମୁ ଭାରି ଖୁସି ହୋଇଗଲା । ସାମାନ୍ୟ କଥୋପଥନ ପରେ ସେମାନେ ପୁନର୍ବାର ତାଙ୍କର ଚର୍ଚ୍ଚାର ବିଷୟବସ୍ତୁକୁ ଲେଉଟିଲେ । ମୁଁ ଟିକିଏ ଦୂରରେ ବସିଲି - ଉଦ୍ଦେଶ୍ୟ ଆଲୋଚନାରୁ ରସ ଗ୍ରହଣ କରିବା । ମାମୁ ନିର୍ବାଚନ ଘୋଷଣା ଖବର ତ ଶୁଣିଥିଲା କିନ୍ତୁ ସେ ଦେଶର ପରିସ୍ଥିତି, ରାଜନୈତିକ ବାତାବରଣ ଏବଂ ସର୍ବୋପରି ନାଗରିକମାନଙ୍କର ମନୋଭାବକୁ ଜାଣିବାପାଇଁ ସମୟ ପାଇନଥିଲା । ସେହି ମଣ୍ଡଳୀରେ ଅଧିକାଂଶ ମତ ବ୍ୟକ୍ତ କରୁଥିଲେ ଯେ ନିର୍ବାଚନ ଯୁଦ୍ଧରେ ଇନ୍ଦିରାଙ୍କୁ ପରାହତ କରିବା କଠିନ । ତାଙ୍କ ହାତରେ ଅର୍ଥବଳ, ଲୋକବଳ ଓ ଶାସନକ୍ଷମତା । ଇନ୍ଦିରା ପୁନର୍ବାର ବିଜୟୀ ହେଲେ ଦ୍ୱିଗୁଣ ଉତ୍ସାହରେ ତାଙ୍କର ସ୍ୱେଚ୍ଛାଚାରୀ ଦମନଲୀଳା ବଜାୟ ରଖିବେ । ସେ ତାଙ୍କର ବିଶ୍ୱସ୍ତ ସରକାରୀ କର୍ମଚାରୀମାନଙ୍କୁ ଦାୟିତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ କରି ସରକାରୀ କଳର ଉପଯୋଗ କରି ନିର୍ବାଚନର ପରିଚାଳନା କରାଇବେ । ସ୍ୱାଧୀନ ମତ ବ୍ୟକ୍ତ କରିବାର ଅଧିକାର ଥିଲେ ମଧ୍ୟ ଶାସନ କ୍ଷେତ୍ରରେ ତାଙ୍କର ଏହି ହସ୍ତକ୍ଷେପକୁ କେହି ସମାଲୋଚନା କରିବେ ନାହିଁ କିମ୍ବା ସମାଲୋଚନା କରିବା ନିମେନ୍ତେ ଆଗଭର ହେବେ ନାହିଁ ।

ମାମୁର ବକ୍ତବ୍ୟ ଅତ୍ୟନ୍ତ ସରଳ ଏବଂ ସ୍ପଷ୍ଟ ଥିଲା । ମାମୁର କହିବାର କଥା ହେଲା ଯେ ସେ ତା'ର ବନ୍ଧୁମାନଙ୍କର ଯୁକ୍ତିକୁ ବୁଝିପାରୁଛି ଏବଂ ଖୁବ୍ ସମ୍ଭବତଃ ନିର୍ବାଚନର ଶେଷ-ପରିଣାମ ଇନ୍ଦିରାଙ୍କ ସପକ୍ଷରେ ଯିବ । ଇନ୍ଦିରାଙ୍କୁ ପରାଜିତ କରିବା ଏଇ କାନ୍ଥରେ ମୁଣ୍ଡ ପିଟିବା ସହିତ ସମାନ । ଗୋଟାଏ ଶାବଳରେ ପିଟିଲେ ମଧ୍ୟ ଭାଙ୍ଗିବା କଷ୍ଟକର । ମାମୁ କହିଲା ଯେ ଆଉ ଗୋଟିଏ ଦିଗକୁ ଦୃଷ୍ଟିଦେବା ଆବଶ୍ୟକ । ଆମେ ସମସ୍ତେ ଯଦି ଏଇ କାନ୍ଥରେ ଗୋଟିଏ

Digitized by srujanika@gmail.com

ଛୋଟକଣାଟିଏ କରି ସେଇ କଣାଭିତରେ ଗୋଟାଏ ଶାବଳ ପୁରାଇ ସମସ୍ତେ ଏକା ସାଙ୍ଗରେ ବଳ ପ୍ରୟୋଗକରି ଶାବଳକୁ ଏପଟୁ ଠେଲିବା ତାହାହେଲେ ସେ ଶାବଳ କାନ୍ଥକୁ ଭେଦକରିବ । ଥରେ ଗୋଟିଏ ବଡ଼ ଛିଦ୍ର ହୋଇଗଲାପରେ ଏଇ କାନ୍ଥକୁ ଭାଙ୍ଗି ପକାଇବା ଅସମ୍ଭବ ନୁହେଁ । ପ୍ରଥମେ ଆମ୍ଭେମାନେ ଯେଉଁ କାର୍ଯ୍ୟକୁ ଅସମ୍ଭବ ମନେ କରୁଥାଉଁ ସେଇ ଅସାଧ କାର୍ଯ୍ୟକୁ ମଧ ସାଧନ କରିବା ସମ୍ଭବ । ଏତକ କହିସାରି ମାମୁ ଆଉରି କହିଲା, ଯେ ଗାଁ ଗଣ୍ଡାରେ ବୁଲି ବୁଲି ଗଣତନ୍ତ୍ରର ମର୍ଯ୍ୟାଦା ଏବଂ ଜରୁରୀ ପରିସ୍ଥିତିର ଅପକିର୍ତ୍ତୀକୁ ନାଗରୀକାମାନଙ୍କୁ ଅବଗତ କରାଇଲେ ଏଇ ନିର୍ବାଚନରେ ଇନ୍ଦିରାଙ୍କୁ ପରାସ୍ତ କରାଯାଇ ପାରିବ । ଏଇ ଥିଲା ସେ ଦିନର ମାମୁର ଆଶାବାଦୀ, ଉତ୍ସାହପୂର୍ଣ୍ଣ ବକ୍ତବ୍ୟ । ଅଳ୍ପ କେଇଦିନରେ ଭାରତବର୍ଷରେ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଲା । ବିରୋଧୀ ରାଜନୈତିକ ଦଳଗୁଡ଼ିକ ଏକତ୍ର ହୋଇ ଜନତାଦଳର ଗଠନ ହେଲା । କିଛି କଂଗ୍ରେସ କର୍ମୀ Congress for Democracy ଦଳ ଆରମ୍ଭ କଲେ । ଅନେକ ଅଣରାଜନୈତିକ ସଙ୍ଗଠନର କର୍ମୀମାନେ ଇନ୍ଦିରାଙ୍କର ଶାସକଦଳକୁ ବିରୋଧକରି ଗାଁ ଗଣ୍ଡାରେ ବୁଲିଲା । ସେଇ ସମୟରେ ଦାଦାଜେଜେ ପ୍ରାୟ ଦୁଇସପ୍ତାହ ଆମର ବସାଘରେ ଆସି ରହିଲା । ସେ ତାର ଭଗ୍ନସ୍ୱାସ୍ଥ୍ୟ ପ୍ରତି ଭ୍ରୁକ୍ଷେପନକରି ପୁରୀ ଜିଲ୍ଲା ଓ ବ୍ରହ୍ମପୁର ଜିଲ୍ଲାର କେତେକାଞ୍ଚଳକୁ ପ୍ରତିଦିନ ନିର୍ବାଚନ ପ୍ରଚାରରେ ଗଲା । ଆମେ ତା'ର ସ୍ୱାସ୍ଥ୍ୟ ସମ୍ପର୍କରେ ଚିନ୍ତିତ ହୋଇଉଠିଲୁଁ । କେଉଁ କେଉଁ ଦିନ ରାତି ଦଶଟାରେ ନିର୍ବାଚନ ସଭାମାନଙ୍କରେ ଭାଷଣଦେଇ କ୍ଲାନ୍ତ ଶରୀରରେ ସେ ଘରକୁ ଫେରି ଆସୁଥିଲା ।

ନିର୍ବାଚନ ଶେଷ ହେଲା । ଇନ୍ଦିରାଜୀ ରାଜନାରାୟଣଙ୍କ ଦ୍ୱାରା ପରାଜିତ ହେଲେ ଏବଂ କଂଗ୍ରେସ ଦଳ ସଂଖ୍ୟା ଗରିଷତା ପାଇ ପାରିଲେ ନାହିଁ । କେନ୍ଦ୍ରରେ ଜନତା ଦଳର ସରକାର ଗଠନ ହେଲା । ରାଜଘାଟରେ ଗାନ୍ଧୀଜୀଙ୍କ ସମାଧିପୀଠରେ ଜେପିଙ୍କ ଉପସ୍ଥିତିରେ ଜନତାଦଳ ସରକାରଙ୍କ ମନ୍ତ୍ରୀମଣ୍ଡଳ ଶପଥ ନେଲେ ଯେ ସେମାନେ ଭ୍ରଷ୍ଟାଚାରରେ ଲିପ୍ତ ହେବେ ନାହିଁ । ସେମାନେ ନିର୍ବାଚନ ଇସ୍ତାହାରର ପ୍ରତିଶ୍ରୁତି ରକ୍ଷା କରିବେ । ଜନସାଧାରଣଙ୍କର ଆଶା ହେଲା ଯେ ଦେଶରୁ ଭ୍ରଷ୍ଟାଚାର ହଟିବ । ଜେପି ବାରମ୍ବାର ଜୋର ଦେଇ କହି ଆସୁଥିଲେ ଯେ ଶାସନ ଗାଦିରେ ବସିଥିବା ଲୋକେ ଭ୍ରଷ୍ଟାଚାରର ପୃଷ୍ଟପୋଷକ ଏବଂ ତାହାର ଉତ୍ସ । ସାଧାରଣ ନାଗରୀକଙ୍କର ହୃଦବୋଧ ହେଲା ଯେ ଭ୍ରଷ୍ଟାଚାରର ସମାପ୍ତି ଅବଶ୍ୟମ୍ଭାବି କାରଣ

Digitized by srujanika@gmail.com

ନୂଆ ଶାସନ ଆସିଲା । ପୁରୁଣା ଶାସନ ପଦ୍ଧତିର ପରିବର୍ତ୍ତନ ହେବ । ଅଳ୍ପ କେଇମାସରେ ଜନତାଦଳର ନଦଉ କାନ୍ଥରେ ଫାଟ ଧରିଲା ଏବଂ ସେ କାନ୍ଥ ଭୁଷୁଡ଼ି ପଡ଼ିଲା । ଭାରତୀୟ ଜନତା ନିରାଶ ହେଲେ । ସେଇ ଜନତା ଇନ୍ଦିରା ଗାନ୍ଧୀଙ୍କୁ ପୁଣି ଆଉରି ଥରେ ଗାଦିରେ ବସାଇଲେ । ଜେପି ତାଙ୍କର ସ୍ୱପ୍ନ ବିଫଳ ହେବାର ଅଳ୍ପ କେଇଦିନପରେ ଆଖି ବୁଜିଲେ ।

ସର୍ବୋଦୟ ଆନ୍ଦୋଳନରେ ଲିପ୍ତ ଥିବା ବହୁ କର୍ମୀ ନିରାଶ ଏବଂ ବ୍ୟଥିତ ହେଲେ । ସେହି କର୍ମୀ ମଣ୍ଡଳୀରେ ଏପରି ଅନେକ କର୍ମୀଥିଲେ ଯେଉଁମାନେ କ୍ଷମତା ରାଜନୀତିରୁ ନିଜକୁ ଦୂରରେ ରଖି ଆସିଥିଲେ । ସର୍ବୋଦୟକର୍ମୀମାନେ ନିଷ୍ପକ୍ଷ ରହି କୌଣସି ରାଜନୈତିକ ଦଳ ସପକ୍ଷରେ କିମ୍ୱା ବିପକ୍ଷରେ ନିର୍ବାଚନ ପ୍ରଚାର କରୁନଥିଲେ । ଜରୁରୀ ପରିସ୍ଥିତି ପରେ ଯେଉଁ ପ୍ରଥମ ନିର୍ବାଚନ ୧୯୭୭ ମସିହାରେ ହୋଇଥିଲା ସେଇ ନିର୍ବାଚନ ସମୟରେ ଏହି ମୌଳିକ ନୀତିରେ ବ୍ୟତିକ୍ରମ ଘଟିଥିଲା । ଭାରତର ଗଣତନ୍ତ୍ରର ସୁରକ୍ଷାପାଇଁ ଏହି ନିତିକୁ ଆଡ଼େଇଦେଇ କର୍ମୀମାନେ ନିର୍ବାଚନ ପ୍ରଚାରରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ । ତେଣୁ ଜନତା ଦଳର ନେତାମାନଙ୍କର କ୍ଷମତା ଅଭିଲିପ୍ସା ଏବଂ ଅଭ୍ୟନ୍ତରୀଣ କନ୍ଦଳ ସେଇ ସର୍ବୋଦୟପରିବାର ନିମନ୍ତେ ଗୋଟିଏ ଭୀଷଣ ଆଘାତ ହୋଇଥିଲା । ଜରୁରୀକାଳୀନ ପରିସ୍ଥିତିରେ ତ ସର୍ବସେବା ସଂଘରେ ବିଭାଜନର ସୃଷ୍ଟିହୋଇଥିଲା ଏବଂ ପରବର୍ତ୍ତୀ କାଳରେ ଏକତା ଲେଉଟି ଆସିଲାନାହିଁ । ମାମୁ ତା'ର ସମସ୍ତ ଶକ୍ତି ବିନିଯୋଗକରି ଗାନ୍ଧୀ-ବିନୋବା ବିଚାରକୁ କାର୍ଯ୍ୟରେ ରୂପରେଖ ଦେବାପାଇଁ ତା'ର ପ୍ରଚେଷ୍ଟା ଚଳାଇ ଯାଉଥାଏ । ସେ ଯୁବକମାନଙ୍କୁ ଉଦ୍‌ବୁଦ୍ଧକରି ନୂଆ ନୂଆ କର୍ମୀମଣ୍ଡଳୀ ଗଠନରେ ପ୍ରୟାସ କରୁଥାଏ ।

ଜନତାଦଳ ଖଣ୍ଡ ଖଣ୍ଡ ହୋଇଗଲା । ଇନ୍ଦିରାଜୀଙ୍କର ବିପୁଳ ବିଜୟ ହେଲା ଓ ସେ ପୁଣି ଶାସନ ଗାଦିକୁ ଅକ୍ତିଆର କଲେ । ସେ ତାଙ୍କର ଅର୍ଦ୍ଧସମାପ୍ତ କାର୍ଯ୍ୟକ୍ରମକୁ ଆଗେଇ ଦେବାପାଇଁ ନୂତନ କୌଶଳ ଅବଲମ୍ୱନ କଲେ । ସର୍ବୋଦୟ କର୍ମୀମାନଙ୍କ ମଧ୍ୟରୁ ଯେଉଁମାନେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ବିଚାର କରୁଥିଲେ ସେମାନେ ଲୋକଶକ୍ତିକୁ ଜାଗ୍ରତ କରିବାର ପ୍ରଚେଷ୍ଟାରେ ବ୍ରତୀ ହେଲେ । ମାମୁ ସେହି ସମୟରେ କି କି ଭୂମିକାରେ ଦାୟିତ୍ୱ ପରିବହନ କରିଥିଲା ତାହାର ବିସ୍ତୃତ ଆଲୋଚନା କସ୍ତୁରୀ ମୃଗ ସମରେ ବର୍ଣ୍ଣିତ ହୋଇଛି ।

Digitized by srujanika@gmail.com

୧୯୮୩ ମସିହା ଅଗଷ୍ଟ ମାସ ୨୧ତାରିଖ - ଗହ୍ମାପୂର୍ଣ୍ଣିମା । ତା' ପରଦିନ ବାଖରାବାଦ ଯିବା ପାଇଁ ଡାକରାଆସିଲା । ମୁଁ ସପରିବାରେ କଟକ ଗଲି । ବାଖରାବାଦର ଏକ ମର୍ମନ୍ତୁଦ ସମ୍ବାଦ ପାଇଲି ଏବଂ ଏକ ସାଙ୍ଘାତିକ ଦୁର୍ଘଟଣାର ପରିଣାମ ମଧ୍ୟ ଦେଖିଲି । ଗହ୍ମାପୂର୍ଣ୍ଣିମା ଦିନ ଅନୁଗୁଳରୁ ଭୁବନେଶ୍ୱର ଆସି ବିଭୂତି ମଉସା ଦିଲ୍ଲୀ ଗଲେ । ତାଙ୍କୁ ଭୁବନେଶ୍ୱରରେ ଛାଡ଼ିବାପାଇଁ ତାଙ୍କର ପୁଅ ଅସୀମ (ପାପା)ଗୋଟିଏ ଟ୍ରେକରରେ ଆସିଥିଲା । ମଉସାଙ୍କୁ ବିମାନ ବନ୍ଦରରେ ପହଞ୍ଚାଇ ଦେଇ ସେ କିରଣ ମାଉସୀ (ମହାନ୍ତି) ଘରକୁ ଗଲା । ସେ ଅନୁଗୁଳ ଫେରିଯିବାକୁ ବାହାରିଲା । କିରଣ ମାଉସୀ ବାରଣ କରିବା ସତ୍ତ୍ୱେ ସେ ଭୁବନେଶ୍ୱରରେ ରାତିଟା ନରହି କଟକ ବାଖରାବାଦରେ ମାମୁ-ମାମିନାଙ୍କୁ ଦେଖା କରିବା ପାଇଁ ଗଲା । ସେମାନେ ମଧ୍ୟ ଏତେ ରାତିରେ ଦୂରବାଟକୁ ନଯିବା ପାଇଁ କହିଲେ । କିନ୍ତୁ ପାପା ଅନୁଗୁଳ ଫେରିଯିବାକୁ ମନସ୍ଥକରି କଟକରୁ ସେଇ ଟ୍ରେକରରେ ବାହାରିଗଲା । କିନ୍ତୁ ତା'ର ଅନୁଗୁଳ ପହଞ୍ଚିବା ନୋହିଲା । ଗହ୍ମାପୂର୍ଣ୍ଣିମା ବାସିଦିନ ଗାଧୁଆବେଳ ସରିକି ଅନୁଗୁଳ ନ ପହଞ୍ଚିବାରୁ ତିନୁ ମାଉସୀର ମନ ଉଚ୍ଛନ୍ନ ହେଲା । ସେ କଟକକୁ ଫୋନ୍ କରି ଜାଣିଲା ଯେ ପାପା ଗହ୍ମାପୂର୍ଣ୍ଣିମା ରାତିରେ କଟକରୁ ବାହାରିଯାଇଛି । ତିନୁ ମାଉସୀ କାଳ ବିଳମ୍ବ ନକରି କଟକ ବାହାରିଆସିଲା । ମାମୁ ପାପାକୁ ଖୋଜିବା ପାଇଁ ନାନା ପ୍ରକାର ଉଦ୍ୟମ କଲା । ପୁଲିସରେ ଏତଲା ଦିଆହେଲା ଏବଂ କଟକ ବଡ଼ ଡାକ୍ତରଖାନରେ ମଧ୍ୟ ଖୋଜ ଖବର ନିଆଗଲା । ତନ୍ନ ତନ୍ନ ଅନୁସନ୍ଧାନରୁ ଜଣାଗଲେ ସେ ସେଇ ଗହ୍ମାପୂର୍ଣ୍ଣିମା ରାତିରେ ଗୋଟିଏ ଯୁବକ ଏକ ଭୟଙ୍କର ଦୁର୍ଘଟଣାରେ ଗୁରୁତର ଅବସ୍ଥାରେ ବଡ଼ ଡାକ୍ତରଖାନାରେ ଦାଖଲ ହୋଇଥିଲା । ସେ ଯୁବକଟି ବଡ଼ଡାକ୍ତରଖାନାରେ ଅଳ୍ପ ସମୟପରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲା । ସେଇ ଯୁବକଟି ପାପା । ତାହାର ନିକଟରୁ କୌଣସି ପରିଚୟପତ୍ର ନପାଇ ତାହାର ଶବକୁ ଅଜଣା ମୃତଦେହ ଘରେ କର୍ତ୍ତୃପକ୍ଷ ସାଇତି ରଖିଥିଲେ । ପାପା ଉଦୀୟମାନ, ମେଧାବୀ ଛାତ୍ର ଥିଲା । ତାହାର ଭବିଷ୍ୟତ ଯେ ଉଜ୍ଜ୍ୱଳ ଏଥିରେ କାହାର ସନ୍ଦେହ ନଥିଲା । ତା'ର ଜୀବନର ଦୀପଶିଖା ଯେ ନିର୍ବାପିତ ହୋଇଯିବ ଏହା କଳ୍ପନାତୀତ । ଡାକ୍ତରଖାନାରୁ ଜଣାପଡ଼ିଲା ଯେ, ଯୋବ୍ରାର ରବୀନ୍ଦ୍ର ନାଥ କାନୁନ୍‌ଗୋ ପାପାକୁ

Digitized by srujanika@gmail.com

ବଡ଼ ଡାକ୍ତରଖାନାରେ ଦାଖଲ କରିଥିଲେ । ମୁଁ ଗାଗା ସାଙ୍ଗରେ ରବିଭାଇଙ୍କ ଘରକୁ ଗଲି । ରବିଭାଇ ଯେଉଁ ବିବରଣୀ ଦେଲେ ସେ ଅତ୍ୟନ୍ତ କରୁଣ । ନିର୍ଗୁଣ୍ଡି ଷ୍ଟେସନ ପୂର୍ବରୁ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା । ଟ୍ରେକରଟି ଦ୍ରୁତଗତିରେ ଯାଉଥିଲା । ଅନ୍ୟଦିଗରୁ ଗୋଟିଏ ବସ ଆସୁଥିଲା । ସେଇ ଯାତ୍ରୀବାହୀ ବସକୁ ବାଟ ଛାଡ଼ିବାପାଇଁ ସେ ଟ୍ରେକର ରାସ୍ତାର ବାମ ପଟକୁ ଖସିଲା । ସେଇ ବାମପଟ ରାସ୍ତାକଡ଼ରେ ଗୋଟିଏ ଟ୍ରକ ଠିଆ ହୋଇଥିଲା ଏବଂ ତା'ର ପଛପଟର ନାଲି ଆଲୁଅ ଜଳୁନଥିଲା । ଟ୍ରେକରଟି ଦ୍ରୁତ ଗତିରେ ଯାଉଥିଲା ଏବଂ ତାହାର ଇଞ୍ଜିନ୍ ଟ୍ରକ୍ ଡାଲା ତଳେ ପଶିଗଲା । ଦୁର୍ଘଟଣାସ୍ଥଳରେ ଚାଳକ ମୃତ୍ୟୁବରଣ କଲା । ପାପା ମୁମୂର୍ଷୁ ଅବସ୍ଥାରେ ସେଇଠି ପଡ଼ିରହିଲା । ରବିଭାଇ ସେଇଦିନ ରାତିରେ ଚୌଦ୍ୱାରରୁ ଫେରୁଥିଲେ । ସେ ଏଇ ମର୍ମନ୍ତୁଦ ଦୁର୍ଘଟଣା ସ୍ଥଳରୁ ପାପାକୁ ଉଦ୍ଧାରକରି ବଡ଼ଡାକ୍ତରଖାନାରେ ଦାଖଲ କଲେ । ଡାକ୍ତରମାନଙ୍କର ସମସ୍ତ ପ୍ରଚେଷ୍ଟା ବିଫଳ ହେଲା । ପାପାର ଏହି ଅକାଳମୃତ୍ୟୁ ସମସ୍ତଙ୍କ ମନରେ ଗଭୀର ଆଘାତ ଦେଲା । ସେ ଘଟଣାର ବର୍ଣ୍ଣନା କରିବାର କ୍ଷମତା ମୋର ନାହିଁ । ପାପାର ବୟସ ମୋ' ଠାରୁ ଅନେକ କମ୍ । ସେ ମିଷ୍ଟଭାଷୀ ଥିଲା ଏବଂ ତାହା କଣ୍ଠସ୍ୱର ମଧୁର ଥିଲା । ପାପାର ଏହି ଅକାଳ ବାହୁଡ଼ିଯିବା ଆମ୍ଭମାନଙ୍କ ପକ୍ଷରେ ଅତି କଷ୍ଟକର ଥିଲା । ପାପାର ଏହି ମର୍ମନ୍ତୁଦ ଦୁର୍ଘଟଣା ସମୟରେ ଦାଦାଜେଜେ ତା'ର ପ୍ରାକୃତିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱରରେ ରହୁଥିଲା । ସେମାନଙ୍କୁ ହଠାତ୍ କାରଣ ନ ଦର୍ଶାଇ କଟକ ନେଇ ଗଲାରୁ ସେମାନଙ୍କ ପାଇଁ କି ଦୁଃସମ୍ବାଦ ଅପେକ୍ଷା କରି ରହିଥିଲା ତାହା ତାଙ୍କର କଳ୍ପନାତୀତ ଥିଲା । ଆମେ ଭାଇଭଉଣୀମାନେ କଠୋର ସତ୍ୟକୁ ଗ୍ରହଣ କରିବାରେ ଅନଭିଜ୍ଞ ଥିଲୁ । ମୋର ନିଜର ଚିତ୍ତବୃତ୍ତି ଉପରେ ସେତେ ନିୟନ୍ତ୍ରଣ ନଥିଲା । ଯେଉଁମାନେ ଇନ୍ଦ୍ରିୟସଂଯମ ନିଜ ଜୀବନରେ ସାଧନା କରିଥାଆନ୍ତି ସେହିମାନେ ହିଁ ଏହି ଦାରୁଣ ଆଘାତକୁ ସହ୍ୟ କରିବା ନିମନ୍ତେ ସକ୍ଷମ । ପାପାର ସତ୍କାର ବିଭୂତି ମଉସା ଦିଲ୍ଲୀରୁ ଫେରି ଆସିଲା ଉତ୍ତାରୁ କଟକର ଖାନନଗରରେ ସମ୍ପନ୍ନ ହେଲା । ସେଇ ରାତିରେ ମୁଁ ମୋର ମାନସିକ ଭାରସାମ୍ୟକୁ ପୁନର୍ବାର ଫେରାଇ ଆଣିବାପାଇଁ ଚେଷ୍ଟାକଲି । ସକାଳ ହେବାରୁ ନିତ୍ୟକର୍ମ ଶେଷକରି ଆମ

Digitized by srujanika@gmail.com

ପ୍ରତିଷ୍ଠାନକୁ ଗଲି । ସକାଳବେଳା ମୋତେ ଘଣ୍ଟାଟିଏ ପଢ଼ାଇବାର ଥିଲା । ମୁଁ ମେରୀ କ୍ୟୁରୀଙ୍କୁ ସ୍ମରଣ କରି ଘଣ୍ଟାଟିଏ ପଢ଼ାଇ ପାରିଲି । କ୍ୟୁରୀଙ୍କର ଜୀବନୀରେ କଥିତ ଅଛି ଯେ ତାଙ୍କ ପତି ପିଏର ଗୋଟିଏ ଘୋଡାଗାଡ଼ି ଆଗରେ ପଡ଼ିଯାଇ ମୃତ୍ୟୁବରଣ କରିଥିଲେ । ସେ ପ୍ୟାରିସ୍ ବିଶ୍ୱବିଦ୍ୟାଳୟରେ ତେଜଷ୍କ୍ରିୟତା ଓ ରେଡ଼ିଅମ ନିଷ୍କାସନ ବିଷୟଟି ପଢ଼ାଉଥିଲେ । କ୍ୟୁରୀ ଦମ୍ପତି ବ୍ୟତିତ ଏହି ନିଷ୍କାସନ ପ୍ରଣାଳୀ ଆଉ ସମସ୍ତଙ୍କୁ ଅଜଣା । ଏଇ ଦୁର୍ଘଟଣା ପରେ କଳା ପୋଷାକ ପିନ୍ଧି ମେରୀ ପିଏର ଯେଉଁଠି ତାଙ୍କ ବକ୍ତବ୍ୟ ଶେଷ କରିଥିଲେ ସେଇଠାରୁ ତାଙ୍କର ପାଠପଢ଼ାଇବା ଆରମ୍ଭ କରିଥିଲେ । ମେରୀଙ୍କର ଏ ମାନସିକ ଭାରସାମ୍ୟ ରକ୍ଷା କରିବାର ଶକ୍ତି, ମୋର ମନୋବଳକୁ ଦୃଢ଼ କରିବାର ଗୋଟିଏ ଉତ୍ସ ହୋଇଥିଲା । ଆମ୍ଭେମାନେ ଦୈନନ୍ଦିନ କାର୍ଯ୍ୟକ୍ରମରେ ମନ ଲଗାଇବା ପାଇଁ ପ୍ରଚେଷ୍ଟାକଲୁଁ ।

ବୁବୁ ମାଉସୀର (ଉତ୍ତରା ଦେଶାଇ) ବଡ଼ଝିଅ ସଂଘମିତ୍ରା, ସାନପୁଅ ଆଫଲାତୁନ ଏବଂ ଜାମାତା ସୁରେନ୍ ସେତେବେଳେ ବନାରସର ବାସିନ୍ଦା । ବନ୍ଧୁମିଳନ ଓ କାଶୀଦର୍ଶନ ଇଚ୍ଛା ବଳବତୀ ହେବାରୁ ଆମେ ସପରିବାରେ ପୂଜାଛୁଟିରେ ବନାରସ ଗଲୁ । ସାଧନାକେନ୍ଦ୍ର ଗଙ୍ଗା ନଈ କୂଳରେ । ସଡ଼କ ଟପିଲେ ନଈ ଅତଡ଼ା । କାଶୀରେ ଗଙ୍ଗା ପୂର୍ବ ମୁହାଁ ହୋଇ ଯାଇଛି । ସାଧନା କନ୍ଦ୍ରେର ପୂର୍ବଦିଗକୁ ବରୁଣା ନଈ ଦକ୍ଷିଣମୁହାଁ ହୋଇଯାଇ ଗଙ୍ଗାରେ ପଡ଼ିଛି । ସାଧନାକେନ୍ଦ୍ରର ଦୃଶ୍ୟ ମନୋରମ । “ସୁବହ - ଏ - ବନାରସ” । ସାଧନାକେନ୍ଦ୍ରରୁ ଗଙ୍ଗାକୁ ଗଡ଼ିଗଲେ ସୂର୍ଯ୍ୟୋଦୟ ଅପରୂପ । ଗଙ୍ଗା ଗର୍ଭରୁ ସୂର୍ଯ୍ୟଙ୍କର ଜନ୍ମ ପ୍ରତୀୟମାନ ହୋଇଥାଏ । ପରିବେଶ ଶାନ୍ତ । ସାଧନାକେନ୍ଦ୍ରରୁ ଟାଙ୍ଗାକରି ଆମେ ସାରନାଥ ଗଲୁଁ । ମଦନମୋହନ ମାଳବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ବୁଲି ବୁଲି ଦେଖିଲୁଁ ଏବଂ ତୁଳସୀମାନସ ମନ୍ଦିରରେ ସନ୍ଧ୍ୟା ଆରତୀ ଦର୍ଶନକଲୁଁ । ଅକ୍ଟୋବର ୧୮ ତାରିଖ, ଖରାବେଳେ ବା’ଙ୍କ ପାଖରୁ ଗୋଟିଏ ତାର ଆସିଲା - ନାନା ଆଉନାହିଁ । ପ୍ରଥମେ ଆମ୍ଭମାନଙ୍କର ପ୍ରତିତୀ ନ ହେବା ସ୍ୱାଭାବିକ କିନ୍ତୁ ବା’ଙ୍କର ତାରର ବକ୍ତବ୍ୟ ଅତି ସ୍ପଷ୍ଟ । ମୋର କୌଣସି ନିର୍ଣ୍ଣୟରେ ଉପସ୍ଥିତ ହେବାର ଶକ୍ତି ନଥିଲା । ଯେତେ ଶୀଘ୍ର କଟକ ଫେରିଯିବା ପାଇଁ ସ୍ଥିର ହେଲା । ଆମ୍ଭେମାନେ ସଙ୍ଗେ ସଙ୍ଗେ ମୋଗଲ

Digitized by srujanika@gmail.com

ସରାଇ ଯାଇ ଟିକଟ କିଣି ପକାଇଲୁଁ । 'ନୀଳାଚଳ" ଗାଡ଼ିର ଗୋଟିଏ ଶୀତତାପ ନିୟନ୍ତ୍ରିତ ଡବାରେ ଚଢ଼ିବାପାଇଁ ଚେଷ୍ଟାକଲୁଁ । ମୁଁ ସେଇ ଡବାର ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କୁ କହିଲି ଆମେ ଅତ୍ୟନ୍ତ ଜରୁରୀକାମରେ କଟକ ଫେରୁଛୁଁ । କାଲି ସୁଦ୍ଧା ଆମକୁ ଯେ କୌଣସି ମତେ କଟକ ପହଞ୍ଚିବା ପାଇଁ ହେବ । ଆମେ ଖବର କାଗଜ ପାରି ତଳେ ଶୋଇ ଯିବାକୁ ପ୍ରସ୍ତୁତ କିନ୍ତୁ ଆପଣ ଆମମାନଙ୍କୁ ଏ ଗାଡ଼ିରୁ ଓହ୍ଲାଇ ଦିଅନ୍ତୁନାହିଁ । ସେ ଭଦ୍ରଲୋକ ଅତି ଶାନ୍ତ କଣ୍ଠରେ ଉତ୍ତର ଦେଲେ ଆପଣ ଗୟା ପର୍ଯ୍ୟନ୍ତ ଚାଲନ୍ତୁ ସେଇଠି ଦେଖିବା ଆଗକୁ କ'ଣ ହେବ । ଗୟାରେ ସେ ଆମକୁ ଶୋଇବା ପାଇଁ ଜାଗା କରାଇଦେଲେ ଏବଂ ଲାଞ୍ଚ ମାଗିଲେ ନାହିଁ । ଅନ୍ୟଜଣେ କର୍ମଚାରୀ ସେହି ଭଦ୍ରଲୋକଙ୍କର ବିଷୟରେ ଗୋଟିଏ କରୁଣ କାହାଣୀର ବର୍ଣ୍ଣନା କଲେ । ସେହି ଟିଟିଙ୍କର ପୁଅ ଗୋଟିଏ ଚଳନ୍ତା ଗାଡ଼ିର ଗୋଟିଏ ଆରକ୍ଷିତ ଡବାର ଦ୍ୱାରକୁ ବାହାରପଟୁ ଧରି ଲଟକି ଲଟକି ଯାଉଥିଲେ । ଏଇ ପିଲାଟି ଯେତେ ଅନୁନୟ, ବିନୟ କରି ଦ୍ୱାର ଖୋଲିବା ପାଇଁ ବାରମ୍ବାର ଅନୁରୋଧ କଲେ ମଧ ସେ ଡବାର ଟି.ଟି. ଦ୍ୱାର ଖୋଲିଲେ ନାହିଁ । ଗାଡ଼ିଟିର ବେଗ ବଢ଼ି ଚାଲିଲା । ଶେଷରେ ସେଇ ଯୁବକଟି ନିଜକୁ ସମ୍ଭାଳି ନ ପାରି ଗାଡ଼ିରୁ ଖସିପଡ଼ି ମୃତ୍ୟୁବରଣ କଲେ । ନିଜର ପୁଅକୁ ହରାଇ ଥିବାର ବେଦନା ବୋଧହୁଏ କରୁଣାରେ ରୂପାନ୍ତରିତ ହୋଇଯାଇଥିଲା ।

ମୋର ନିଜର ମାନସିକ ଭାରସାମ୍ୟ ରକ୍ଷାକରିବାର ଶକ୍ତି ନିତାନ୍ତ ଦୁର୍ବଳ । ସେ ରାତିରେ ମୋତେ ନିଦ ଆସିଲାନାହିଁ । ଯେତେ ଚେଷ୍ଟା ଏବଂ ଯତ୍ନ କରି ମନକୁ ବାଆଁରେଇଲେ ମଧ ପିଲାଦିନର ଛବି ବାରମ୍ବାର ଭାସି ଉଠିଲା । ଆମେ ସାଙ୍ଗ ହୋଇ କନ୍ତକାରରେ ଡଙ୍ଗା ପାରି କରୁଥିଲୁଁ । ନିଜ ନିଜ ଭିତରେ କଳି କରି ମାଡ଼ମରାମରି କରୁଥିଲୁଁ । ପିଜୁଳି, ଜାମୁ ଗଛରେ ଚଢ଼ି ଫଳ ଖାଇବା, ବ୍ରାହ୍ମଣୀ ନଈରେ ଖରାଦିନେ ଦିନକୁ ତିନିଥର ବୁଡ଼ିବା - ସବୁ ମନେ ପଡୁଥାଏ । ୧୯୬୦ ମସିହାରେ କିଏ ନାନାକୁ କହିଲା ବଡ଼ ବଢ଼ିହେବ । ସେତେବେଳକୁ ନଈରେ ଠାଏ ଠାଏ ବାଲି ଦିଶୁଥାଏ । ନାନା ଆଉ ବନି ଜିନିଷସବୁ ସଜାଡ଼ି ସଜାଡ଼ି ରଖୁଥାଆନ୍ତି । ବଢ଼ି ଆସିଲା ଦଶ ପନ୍ଦର ଦିନପରେ । ଆମେ ପିଣ୍ଡାରେ ଜାଗି ଦେଇ ବସିଥାଉଁ ।

Digitized by srujanika@gmail.com

ପାଣି ଧୀରେ ଧୀରେ ଚଢୁଥାଏ । ରାତି ଅଧାକୁ ପାଣି ଖସିବା ଆରମ୍ଭ କଲା । ପରଦିନ ନାନା-ବନି ଯେତେବେଳ ଯାହାର ଦରକାର ହେଲା ସବୁ ବାହାର କରି ଆଣି ଦେଉଥାଆନ୍ତି । ୧୯୬୦ ମସିହାପରେ ନାନା, ନାନୀ, ମାମ୍ନା ସତ୍ୟଭାମାପୁରରେ ରହିଲେ । ନାନା-ନାନୀ ବହୁଗ୍ରାମରେ ପଢ଼ିଲେ । ମୁଁ କଟକ ଆସିଲାରୁ ଆମର ବରାବର ସାକ୍ଷାତ ହେଲା । ସୁବିଧା ପାଇଲେ ମୁଁ ସାଇକେଲମାରି ସତ୍ୟଭାମାପୁର ଚାଲିଯାଏ । ଆମେ ରସକୁଣ୍ଡରେ ନ ହେଲେ କନକ ଦଣ୍ଡାରେ ଖୁବ୍ ବୁଲୁ । ୧୯୬୬ ମସିହାରେ ନାନା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ପଢ଼ିବାପାଇଁ ଗଲା । ଆଉ ମୁଁ ଗଲି ଆଇ.ଆଇ.ଟି. କାନପୁର । ଅଳ୍ପଦିନର ଅବକାଶରେ ମୁଁ ବନାରସ ଆସେ । ବୁବୁ ମାଉସୀ ପାଖରେ ରହେ । ନାନା ଆଉ ଗୋପୀନାଥ ମହାନ୍ତିଙ୍କ ପୁଅ 'କାବି' ଆସନ୍ତି । ଗଙ୍ଗାରେ ସ୍ନାନ ଓ ବନାରସର ମିଷ୍ଟାନ ଆମ୍ଭମାନଙ୍କର ପ୍ରିୟ । ମୁଁ କାନପୁରରେ ଥିବା ସମୟରେ ନାନା ବି.ଏଚ୍.ଏଲ୍.ରେ ଯୋଗଦେଲା । ସେ ଭୋପାଳରେ ଅବସ୍ଥାପିତ ହେଲା । କାନ୍‌ପୁରରୁ ବମ୍ବେ ଯିବା ବାଟରେ ଭୋପାଳ । ମୁଁ ଭୋପାଳରେ ରହଣୀକରେ । ଆମେ ଦୁଇ ଭାଇ ସାଙ୍ଗ ହୋଇ ବୁଲିବା ପାଇଁ ଯାଉଁ । ଥରେ ମୁଁ ନାନା ପାଖକୁ ଗଲାବେଳକୁ ତାକୁ ଗାଲୁଆ ଧରିଛି । କାବି ଆଉ ମୁଁ ମିଶି ତାକୁ ସେକା ସେକି କଲୁ, ଡାକ୍ତର ପାଖକୁ ନେଲୁଁ । ନାନା ଭୋପାଳରେ ରହିଲା, ମୁଁ ଦୁଇବର୍ଷପାଇଁ ଜାପାନ ଗଲି । ନାନା - ଆରତି ବାହାଘର ୧୯୭୫ରେ ହେଲା । ୧୯୭୮ ମସିହାରେ ମୋର ବିଲାତ ଯିବାର ହେଲା । ନାନାର ପୁଅ ଶାଶାକୁ ସେତେବେଳକୁ ଦୁଇବର୍ଷ । ମୁଁ ଭୋପାଳ ଗଲି । ନାନ, ଆରତୀ, ଶାଶା ଗହଣରେ ଦିନ କେଇଟା ଆନନ୍ଦରେ କଟିଲା । ନାନା ସାଙ୍ଗରେ ମୋର ସେଇ ଶେଷ ଦେଖାସାକ୍ଷାତ । ମୁଁ ଅକ୍ସଫୋର୍ଡ଼ରେ ଥିବା ବେଳେ ନାନା ତାର ପି.ଏଚ୍ ଡ଼ି. କରିବା ପାଇଁ ଆମେରିକା ଗଲା । ଆରତି ତା' ପାଖକୁ ଯିବା ବାଟରେ ଆମ ସାଙ୍ଗରେ କେଇଦିନ ବିତାଇ ଦେଇ ଯାଇଥିଲା ।

ମା'ପୁଅ ରାତ୍ର ଭୋଜନାନ୍ତେ ଶୋଇ ପଡ଼ିଲେ । ଅସ୍ଥିର-ମନ ଉପରେ କିଛି ନିୟନ୍ତ୍ରଣ ରହୁନଥାଏ । ବିରସ, ବିକଳ ଅନାୟତ୍ତ ଚିତ୍ତ । ରାତିରେ ଗାଡ଼ି ଧାରଣା ଉପରେ ଛୁଟି ଚାଲିଛି । ସେ ଗତିରେ ଗୋଟାଏ ତାଳ ଲୟ ରହିଛି ।

Digitized by srujanika@gmail.com

ଅମାନିଆ ମନ ଏଣେ ତେଣେ ବୁଲୁଛି । ମନୋଯୋଗ ରହୁନଥାଏ । ପୁରୁଣା ପିଲାଦିନ କଥା ସବୁ ମନକୁ ଆସି ଉଭେଇ ଯାଉଛନ୍ତି । ଆମେ ଚାରି ଭାଇ-ଭଉଣୀ ସାଙ୍ଗହୋଇ ପ୍ରତିବର୍ଷ ତ ସର୍ବୋଦୟ ସମ୍ମିଳନୀକୁ ଯାଉଥିଲୁଁ - ଚାନ୍ଦିଲ, ଗୟା, କାଞ୍ଚିପୁରମ୍, ପଣ୍ଢରପୁର । କେତେ ମଜାରେ ରେଳଯାତ୍ରାର ସମୟ ବିତି ଯାଉଥିଲା । ତେତେବେଳେ ତ ରେଳ ଯାତ୍ରାରେ ଆରକ୍ଷଣର ସୁବ୍ୟବସ୍ଥା ଥିଲାନାହିଁ । ଭୀଡ଼ ଭିତରେ ଠେଲା ପେଲାରେ ଚକଟି ମକଟି ହୋଇ ଯାଉଥିଲୁଁ । ତାହାରି ଭିତରେ ଖେଳ-କୌତୁକ ମଜାରେ ରେଳ ଗାଡ଼ିରେ ଦିନେ ଦୁଇଦିନ କଟି ଯାଉଥିଲା । ମନ ଆଜି କାହିଁକି ଏତେ ଅଶାନ୍ତ, ଅସ୍ଥିର ? ରାତିରେ ମନକୁ ମନ ନିଦ ଲାଗିଲେ । ଖଡ଼ଗପୁର ପାଖା ପାଖି ଆଖି ଖୋଲିଲା । ଆଉ ଦୁଇ ତିନି ଘଣ୍ଟାପରେ ଗାଡ଼ି ବାଲେଶ୍ୱର ପହଞ୍ଚିବ । ରେମୁଣା ବାଲେଶ୍ୱରରୁ ଚାରି ମାଇଲ । ନାନା ପ୍ରଥମକରି ଯେବେ ରେମୁଣା ଆସିଥିଲା ସେଇ ଦୃଶ୍ୟ ସ୍ମୃତିପଟରେ ଭାସି ଉଠିଲା । ମୁଁ ବାଡ଼ି ପୋଖରୀରେ ଗାଧୋଉଛି - ଅର୍ଥାତ୍ ପହଁରୁଛି । ମୋ ପୁତୁରା ଆସି ଖବର କଲା ନାନାଦାଦା ଆସିଲେଣି । ମୁଁ ପୋଖରୀରୁ ଉଠିବା ଆଗରୁ ନାନା ଆସି ପୋଖରୀ ଆଡ଼ିରେ ହାଜର । ମୁଁ ଉଠିବି କ'ଣ ? ସେ ଯାଇ ଲୁଗା ପାଲଟି ଆସି ପାଣିକୁ ଡେଇଁ ପଡ଼ିଲା । ଆମେ ଦୁଇ ଭାଇ ବହେ ପହଁରିଲୁ । ତାହାପରେ ପୁତୁରାକୁ କହିକରି ଜାଲ ଆଣି ମାଛ ଧରିବାର ପାଳା । ଆମେ ତିନିହେଁ ଜାଲର ତିନିକାନି ଧରି ପୋଖରୀର ଗୋଟିଏ ପଟୁ ଆର ପଟକୁ ପହଁରୀ ପହଁରୀ ଟାଣିଲୁଁ । ଛୋଟ ଛୋଟ ବାଟା, ମିଡ଼, ଭାକୁର ମାଛ ଜାଲରେ ପଡ଼ିଲେ । ବାଟାତକ ରଖି ପୋହଣା ଛୁଆକୁ ଛାଡ଼ିଦେଲୁଁ । ଆଉ ଥରେ ଜାଲ ଟାଣିଲା ବେଳକୁ ଜାଲଟା ଭାରି ଲାଗିଲା । ଆଉ ଟିକିଏ ଟାଣି ଆଣିଲାରୁ କଅଁଳା ବାଛୁରୀ ସରିକା ଗୋଟାଏ ବଡ଼ ମାଛ ଜାଲ ଭିତରୁ ଉପରକୁ ଟିକିଏ କୁଦା ମାରିଲା । ଆମେ ତିନିହେଁ ଅତି ଧୀରେ ଧୀରେ ଜାଲକୁ ଘାଟକୁ ଲଗେଇଲୁଁ । ମୁଁ ଜାଲକୁ ଚାରିଆଡୁ ଢାକି ଢାକି ଆଣି ମାଛଟାକୁ ଧରିଲି । ସେ ବିଚରା ଜାଲ ଭିତରେ ବନ୍ଦୀ - ହଲଚଲ ହେବାର ବାଟ ନାହିଁ, ଖାଲି ଲାଞ୍ଜ ପିଟୁଥାଏ । ମୁଁ ନୂଆବୋଉଙ୍କୁ ଡକାଇ ପଠାଇଲି । ନୂଆବୋଉଙ୍କୁ ପଚାରିଲି ଏ ମାଛକୁ ରଖିବି ନା ଛାଡ଼ିଦେବି । ନୂଆବୋଉ ସ୍ମିତହାସ୍ୟରେ କହିଲେ ନାନା ଆସିଛନ୍ତି

Digitized by srujanika@gmail.com

ନେଇ ଆସ । ସେଇଟା ଗୋଟାଏ ପାଞ୍ଚକିଲିଆ ଭାକୁର ମାଛ । ମୁଁ କହିଲି ବଡ଼ାଦକଲି ମୁଣ୍ଡଟା ନ କାଟି ଗୋଟା ରଖିବ - ସେ ମୁଣ୍ଡ ଝୋଳକରି ଖାଇବା ।

ମାଛ ରନ୍ଧା ହେଲା । ଭାକୁର ମାଛର ବିରାଟ ମୁଣ୍ଡ । ଆମର ରେବଣା ପ୍ରସିଦ୍ଧ ଉଚ୍ଚାଫନ୍ଦ ବାଲା ବଡ଼ ଗୋଟାଏ କଂସା ଥାଳିରେ ମୁଣ୍ଡଟା ମଝିରେ ରହିଲା । ଆମେ ଦାଦି ପୁତୁରାମାନେ ସେଇ ଥାଳି ଚାରିପଟେ ଆସନ ପକାଇ ନିଜ ନିଜ ଥାଳିରେ ଭାତ, ତରକାରି, ଭଜା ରଖି ଗୋଟା ଭାକୁର ମୁଣ୍ଡରୁ ଟିକିଏ ଟିକିଏ ନେଇ ଖାଇଲୁଁ । ନାନା କହିଲା, "ଜାଣିଚ ସିଂହମାନେ ଶିକାର କରି ଏମିତି ଶିକାରକୁ ଚାରିଆଡୁ ବେଢ଼ି ପୁଳାଏ ପୁଳାଏ ଖାଆନ୍ତି ।" ନାନା-ଆରତୀ ମୋ ବାହାଘରକୁ ଆସିଥିଲେ । ବାଲେଶ୍ୱରୀଆଙ୍କର ମାଛ ଉପରେ ବେଶି ନଜର । ବାଡ଼ି ପୋଖରୀରୁ ଢେର ମାଛ ଧରା ହେଲା । ସମସ୍ତେ ମନଇଚ୍ଛା ଖାଇଲେ । ନାନା ସେହି ଶେଷଥର ପାଇଁ ରେମୁଣା ଆସିଥିଲା । ଏଇ ଆନନ୍ଦର ଦିନଗୁଡ଼ିକ ମନଶ୍ଚକ୍ଷୁରେ ଉଭାସିତ ହୋଇ ଉଠୁଥାଏ । ମଧୁର ସ୍ମୃତି ମଧ୍ୟ କଦାଚିତ୍ ଦୁଃଖଦାୟକ ।

କଟକ ପାଖେଇ ପାଖେଇ ଆସୁଛି । ଆମେ ଦୁହେଁ ସ୍ଥିର କଲୁ ପ୍ରଥମେ ଥୋରିଆସାହି ଯାଇ ଅମିକୁ ଭେଟିବୁ । ରିକ୍ସାରୁ ଓହ୍ଲାଇ ଆଉ ଆଗକୁ ପାଦଚାଲୁ ନଥାଏ । ଫାଟକ ପାରିହୋଇ ଅତି ସନ୍ତର୍ପଣରେ ବାରନ୍ଦାକୁ ଯାଇ ଦୁଆର ବନ୍ଧପାଖରେ ଠିଆହେଲା ବେଳକୁ ଦେଖିଲି ଅମି ଖଟ ଉପରେ ପଡ଼ି ରହିଛି । ପ୍ରଥମେ ମିତା ଯାଇ ଗୋଡ଼ ପାଖରେ ବସିଲା । ଅମି ବିକଳ ହୋଇ କହିଲା, "ଏ କ'ଣ ହେଲା ?" ଅମି ସେ ପର୍ଯ୍ୟନ୍ତ କିଛି ଖାଇ ନଥିଲା (୧୯ ତାରିଖ ଉପରବେଳା) ବୁଝେଇ ସୁଝେଇ ଟିକେ କାଗଜିଲେମ୍ବୁ ପାଣି ପିଇଲା । କିଏ କାହାକୁ ବୋଧ ଦେବ ! ସେ ଦିନ ଥୋରିଆସାହିରେ ସେଇ ଘରର ଦୃଶ୍ୟ ଏବଂ ବାତାବରଣ ବର୍ଣ୍ଣନା କରିବା ପାଇଁ ମୋର ଭାଷା ନାହିଁ । ଅମି ମତେ ମୋର ପିଲାଦିନର କଥା ମନେପକାଇ ଦେଇ କେତେ କ'ଣ କହିଲା । ମୁଁ ଖାଲି ଅମି ମୁହଁକୁ ଚାହିଁ ରହିଥାଏ । ଥୋରିଆସାହିରୁ ଆମେ ଜିନିଷପତ୍ର ନେଇ ବାଖରାବାଦ ଚାଲିଲୁ । ମୁଁ ମନରେ ଟିକେ ଦମ୍ଭ ଧରିବା ପାଇଁ ଚେଷ୍ଟା କରୁଥାଏ । ଫାଟକ ଖୋଲି ପଶିଲାବେଳକୁ ଦେଖିଲି ଦାଦାଭେଭେ ବାରଣ୍ଡାରେ ବସିଛି । ତା' ପାଖରେ ବସିଲାରୁ ସେ ମୋର ହାତକୁ ଚାପିଧରିଲା ।

Digitized by srujanika@gmail.com

ଆମ ମୁହଁରୁ କଥା ବାହାରିଲା ନାହିଁ । କିଛି ସମୟ ପରେ କହିଲା, "ମଣିଷକୁ ଇଚ୍ଛାମୃତ୍ୟୁ ଦିଆ ହୋଇନାହିଁ ।" ମୁଁ ବା' କ'ଣ ଉତ୍ତର ଦିଅନ୍ତି ? ଦାଦାଜେଜେ ପାଖରୁ ଉଠି ମାମ୍‌ନା ପାଖକୁ ଗଲି । ସେଠି ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ମନର ସବୁ ଧୈର୍ଯ୍ୟ, ସବୁ ଦୃଢ଼ତା ନଈ ବଢ଼ିରେ ବାଲିବନ୍ଧପରି ଭାଙ୍ଗିଗଲା । ମାମ୍‌ନାର ଅସୀମ ଧୈର୍ଯ୍ୟ । କିନ୍ତୁ କଠୋର ଆଘାତକୁ ସହ୍ୟ କରିବା କ'ଣ ସର୍ବଦା ସମ୍ଭବ ? ଅନେକ ସମୟରେ ପୁଞ୍ଜିଭୂତ ଶୋକ, ଆବେଗର ପରିପ୍ରକାଶ ହୋଇଗଲେ ଦୁଃଖର ସାମୟିକ ଉପଶମ ଘଟେ । ଆମେ ପରସ୍ପରକୁ କି ସାନ୍ତ୍ୱନା ଦେବୁଁ ? କି ସମବେଦନା ଜଣାଇବୁ ? ଜଣେ ମାଆ ପୁତ୍ର ଶୋକରେ ଆତୁରା । ଆଉ ଜଣଙ୍କର ଭାତୃ ବିଚ୍ଛେଦ । ମୁଁ ମାମୁ ପାଖକୁ ଉଠିଗଲି । ମାମୁ ବାଖରାବାଦର ମଝି ବଖରାରେ ବସିଥିଲା । ତା' ପାଖରେ ଆଉ ଜଣେ ବସିଥିଲେ । ମୁଁ ଚୁପ୍ ହୋଇ ବସିଲି । ବିରଞ୍ଚାମାମୁ ଆସିଲେ । ସେ ମଧ ଚୁପ୍ ହୋଇ ଠିଆହୋଇ ରହିଲେ । ମାମୁ ତାଙ୍କୁ କହିଲା, "ତୁମେ ତ ତୁମର ପୁତୁରାକୁ ସଡ଼କ ଦୁର୍ଘଟଣାରେ ହରାଇଛ ।" ମାମୁ ହୃଦୟଟା ନିଶ୍ଚୟ ଦୁହିଁ ହୋଇ ଯାଉଥିବ । ମାମୁ ଯେତେ ସମ୍ଭବ ସ୍ୱାଭାବିକ ମାନସିକ ଅବସ୍ଥାରେ ଥିଲାପରି ଜଣା ପଡୁଥାଏ ।

ତା'ପରଦିନଠାରୁ ମାମୁ ଗୋଟିଏ ତୈଳଚିତ୍ର ଅଙ୍କନରେ ତା'ର ସମୟ ବିତାଇବାରେ ଲାଗିଲା । କେଇ ଦିନରେ ଦେଖାଗଲା ଯେ ନାନା ସରୋଦ କୋଳରେ ଧରି ବସିଥିବାର ଚିତ୍ରଟି ରୂପରେଖ ନେଉଛି । ନାନାର ସଙ୍ଗୀତପ୍ରତି ଆକର୍ଷଣ ଥିଲା ଏବଂ ତାହାର ଜନ୍ମଗତ ପ୍ରତିଭା ମଧ ଥିଲା । ନାନା ବନାରସରେ ପଢ଼ିଲା ସମୟରେ ପ୍ରଥମେ ଗିଟାର ବଜାଉଥିଲା । ସେଥିରେ ସେ ଲଘୁ ସଙ୍ଗୀତ ଏବଂ ରବୀନ୍ଦ୍ର ସଙ୍ଗୀତର ସ୍ୱର ବଜାଉଥିଲା । କ୍ରମେ କ୍ରମେ ନାନା ଶାସ୍ତ୍ରୀୟ ସଙ୍ଗୀତ ଦିଗକୁ ଆକର୍ଷିତ ହେଲା । ବନାସରରେ ଜଣେ ଓସ୍ତାଦଙ୍କ ନିକଟକୁ ଯାଇ ଶିକ୍ଷାକଲା । ଭୋପାଳରେ ଥିଲାବେଳେ ପ୍ରତ୍ୟହ ତା'ର "ରେୟାଜ" ଜାରି ରଖିଥିଲା । ନାନା ଆମେରିକାକୁ ତା'ର ସରୋଦ ସାଙ୍ଗରେ ନେଇ ଯାଇଥିଲା । ଶେଷପର୍ଯ୍ୟନ୍ତ ତାର ପ୍ରିୟ ସରୋଦ ତା'ର ସାଥିହୋଇ ରହିଥିଲା । ଆଉ ନାନା ତା'ର ସରୋଦକୁ ଏକା ଛାଡ଼ିଦେଇ ଚାଲିଗଲା । ମାମୁ ନାନା-ସରୋଦର ଯୋଡ଼ିକୁ ଚିତ୍ରରୂପ ଦେଲା । ମାମୁର କି ଆତ୍ମସଂଯମ !

Digitized by srujanika@gmail.com

ଆରତି ତା'ର ପୁଅକୁ ନେଇ କଟକ ଆସୁଛି ବୋଲି ଫୋନରେ କହିଲା । ସେ ଦିଲ୍ଲୀ ଆସିବ । ଦିଲ୍ଲୀରୁ ସେ ତ ଭୁବନେଶ୍ୱର ଏକା ଆସିବ ନାହିଁ । ନାନା ବିଚାର ଆଲୋଚନା ପରେ ସ୍ଥିର ହେଲା ମୁଁ ଆରତି-ଶାଶାଙ୍କୁ ଦିଲ୍ଲୀରୁ କଟକ ନେଇ ଆସିବି । ମୁଁ ଉଡ଼ାଜାହାଜରେ ଦିଲ୍ଲୀ ଚାଲିଗଲି । ଆମେ ବିମାନବନ୍ଦରକୁ ଗଲୁ । ମାମ୍‌ନାଙ୍କ ଜଣେ ଭଉଣୀ ଦିଲ୍ଲୀରେ ରହୁଥିବଲେ । ସେଇ ମଉସା-ମାଉସୀଙ୍କ ସାଙ୍ଗରେ ବିମାନବନ୍ଦରକୁ ଗଲି । ମୋର ଛାତି ଧଡ଼ ଧଡ଼ ହେଉଥାଏ । ଆରତି ବୁବୁ ମାଉସୀର ପୁଅର ସହପାଠିନୀ । ସେ ସ୍କୁଲରୁ ଅନେକ ସମୟରେ ବୁବୁମାଉସୀ ଘରକୁ ଚାଲି ଆସେ, ସେଇଠି ଖେଳାଖେଳି କରି ଜଳଖିଆ ଖାଇ ଘରକୁ ଯାଏ । ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପଦାର୍ଥବିଦ୍ୟାରେ ଏମ୍.ଏସ୍‌ସି. ପଢ଼ିଲା । ତା' ସାଙ୍ଗରେ ପ୍ରାୟ ଆଠ ନଅବର୍ଷର ପରିଚୟ । ତା'ପରେ ସେ ବୋହୁ ହୋଇ ଆସିଲା । ସେଇ ଆରତି ଯିଏ କୃଷ୍ଣମୂର୍ତ୍ତୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟକୁ ସ୍କୁଲ ପୋଷାକ ପିନ୍ଧି ଯାଉଥିଲା, ପୁଣି ସେଇ ଆରତି ଯିଏ ଦିନେ ବୋହୁ ଆସିଲା । ତାକୁ ମୁଁ ବନାରସରୁ କଟକ ନେଇ ଆସିଥିଲି । ସେଇ ଆରତିକୁ ମୁଁ ଯାଉଛି ଦିଲ୍ଲୀରୁ କଟକ ନେଇ ଯିବାପାଇଁ । ନାନା ତା' ପାଖରେ ନାହିଁ । ଆରତି ଆଜି ନିତାନ୍ତ ଏକାକିନୀ । ସାଙ୍ଗରେ ୭ବର୍ଷର ପୁଅ । ମୁଁ ଆରତିକୁ କିପରି ମୁହଁ ଦେଖାଇବି ? ମୁଁ ତାକୁ କ'ଣ କହିବି ? ଏଇ ଚିନ୍ତା ମତେ ଘାରୁଥାଏ । ମଉସା-ମାଉସୀ ସାଙ୍ଗରେ ଥାଆନ୍ତି - ସେତିକି ମତେ ଟିକିଏ ଭରସା ହେଉଥାଏ । ମୁଁ ମଉସା-ମାଉସୀଙ୍କ ପଛକୁ ଠିଆ ହୋଇଥାଏ । ତା'ର ନଜର ଯେତେବେଳେ ମୋ ଉପରେ ପଡ଼ିଲା ସେ ପଣତ କାନିରେ ଆଖିଲୁହ ପୋଛିଦେଲା । ତା' ଆଖିରୁ ବୋଧହୁଏ ଲୁହ ଝରି ଝରି ଶୁଖି ଯାଇଥିଲା । ମୁଣ୍ଡ ତଳକୁକରି ଚାଲି ଚାଲି ଆସିଲା । ସାଙ୍ଗରେ ଗୋଟିଏ ଧାତବ ପାତ୍ରରେ ନାନାର ଚିତାଭସ୍ମ । ପରଦିନ ଆମେ ତିନିଜଣ ବିମାନରେ କଲିକତା ଆସିଲୁଁ । କଲିକତାରୁ କରମଣ୍ଡଳ ଏକ୍ସପ୍ରେସ୍‌ରେ କଟକ ଚାଲି ଆସିଲୁ । ଆରତି ମାମୁ-ମାମ୍‌ନା ଯେତେବେଳେ ମୁହାଁମୁହିଁ ହେଲେ ସେ ସମୟର ଦୃଶ୍ୟ ଅନୁମେୟ । ନାନାର ଶ୍ରାଦ୍ଧ ଓ ଗତାନୁଗତିକ ରୀତିରେ ପାଳନ ହେଲା ନାହିଁ । ସମୂହ ପ୍ରାର୍ଥନା

Digitized by srujanika@gmail.com

ହେଲା । ସମସ୍ତଙ୍କର ପ୍ରିୟ ଭଜନ ପରିବେଷଣ ହେଲା, ସର୍ବଧର୍ମ ପ୍ରାର୍ଥନା ବୋଲା ହେଲା ।

ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଯେଉଁ ଅପୂରଣୀୟ କ୍ଷତି ଘଟିଲା ତାହା କଳ୍ପନାତୀତ । ଆରତିର ଦ୍ୱିତୀୟ ସନ୍ତାନର ଜନ୍ମ ୧୯୮୪ରେ ହେବାର ଥିଲା । ଆରତି ନତ୍ରଦାମ୍ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଦ୍ୟାରେ ଗବେଷଣା କରୁଥିଲା ଏବଂ ସେ ଆଶକରୁଥିଲା ଯେ ଆଉ ବର୍ଷେ ଦୁଇବର୍ଷରେ ତା'ର ଥିସିସର କାମ ଶେଷ ହୋଇଯିବ । ସେ ତିନିଜଣ ସେଇବର୍ଷ (୧୯୮୩) ଡିସେମ୍ବର ମାସରେ ଭାରତକୁ ଶୀତାବକାଶରେ ଆସିବାର ଯୋଜନା ମଧ କରିଥିଲେ । ମାମ୍ନା ନାନା ପାଇଁ ବିରିବଡ଼ି ସଞ୍ଚ ରଖିଥିଲା । ଆଉ ଘର ଗାଈଦୁଧର ଘରମରା ଘିଅ ଜମେଇ ଜମେଇ ରଖିଥିଲା । ଖରାଦିନ୍‌ରୁ ଆମ୍ବ ଆଚାର ତିଆରି କରି ସାଇତି ରଖିଥିଲା । ସବୁ ତ ଗଲା ।

ଆଗକୁ କ'ଣ ହେବ ? ବିଚାର - ଆଲୋଚନା ଚାଲିଲା । ଶେଷରେ ନିଷ୍ପତ୍ତି ହେଲା ଯେ ଆରତି ତାହାର ପି.ଏଚ୍‌ଡ଼ି. ପାଇଁ ଗବେଷଣା ଅବ୍ୟାହତ ରଖିବ । ଅର୍ଥାତ୍ ସେ ନତ୍ରଦାମ୍ ଲେଉଟି ଯିବ । ମାମୁ-ମାମ୍ନା ବି ଯାଇ ନତ୍ରଦାମ୍‌ରେ ରହିବେ । ତାହା ନହେଲେ ଯେଉଁ ପିଲାଟି ଏ ସଂସାରକୁ ଆସିବ ତାହାର ଯତ୍ନ କିଏ ନେବ ଏବଂ ଶାଶାକୁ କିଏ ସମ୍ଭାଳିବ ? ଶାଶା ଘଟଣାକୁ ହୃଦୟଙ୍ଗମ କରି ପାରୁଥାଏ ଅଥଚ ତାହାର ଜୀବନରେ ଯେଉଁ ଅପୂରଣୀୟ କ୍ଷତି ଘଟିଛି ତାହାକୁ ହୃଦୟଙ୍ଗମ କରିପାରୁ ନଥାଏ । ସେ ଆମ୍ଭମାନଙ୍କ ସହିତ ଖେଳେ, କାଠଯୋଡ଼ି କୂଳକୁ ବୁଲିବାକୁ ଯାଏ । କିନ୍ତୁ ହଠାତ୍ ସେ ତାହାର 'ବାପା'କୁ ଖୋଜେ । ତାହାର ବାପାକୁ ଯେ ଆଉ ଫେରି ପାଇବ ନାହିଁ ଏ କଥା ତାକୁ କିଏ ଫିଟାଇ ବୁଝାଇବ ।

ମାମୁ-ମାମ୍ନା-ଆରତି-ଶାଶା ଆମେରିକା ଗଲେ । ଏପ୍ରିଲ୍ ୧୯୮୪ରେ ଆରତିର ଗୋଟିଏ ପୁଅ ଜନ୍ମ ହେଲା । ନାମ ରଖାଗଲା ତଥାଗତ - ତାତା । ନାନା ଆମେରିକାରେ ଥିବାବେଳେ ବୁଦ୍ଧଧର୍ମ ଏବଂ ବୌଦ୍ଧଧର୍ମର ଦର୍ଶନପ୍ରତି ଆକୃଷ୍ଟ ହୋଇ ଅନେକ ଅଧ୍ୟୟନ କରିଥିଲା । ସମସ୍ତେ ବାଛି ଏହି ନାମଟି ରଖିଲେ । ମାମୁ-ମାମ୍ନା ଦୁଇ ନାତିକୁ ପାଳନ କରିବାରେ ଲାଗିଲେ ।

Digitized by srujanika@gmail.com

ସମୟର ସ୍ରୋତ ତ ବହିଚାଲେ । ଜୁନମାସରେ ତିନୁ ମାଉସୀ ଓ ବିଭୂତି ମାଉସାଙ୍କର ଦ୍ୱିତୀୟ କନ୍ୟା କସ୍ତୁରୀ (ଝୁନୁ)ର ବିବାହ ଅନୁଗୁଳରେ ସମ୍ପନ୍ନ ହେଲା । ବିଗତ ବର୍ଷର ଦୁଇଟି ଦାରୁଣ ଦୁର୍ଘଟଣାର ସ୍ମୃତି ଲିଭିନଥାଏ । ଆମେ ବାକି ସବୁ ଭାଇଭଉଣୀମାନେ ଏକାଠି ହୋଇଥାଉଁ । ବିବାହ ନିରାଡ଼ମ୍ବର ଭାବରେ ସମ୍ପନ୍ନ ହେଲା । ବର-କନ୍ୟା ବିଦାୟ ନେଲେ - ଝୁନୁ ଶାଶୁଘର ସୁଦୂର ଆସାମ ପ୍ରଦେଶରେ ।

ବାହାଘର ପରଦିନ ଦାଦାଜେଜେ ପୁସୁକୁ କହିଲା, ସେ ଚାଲି ଚାଲି ଖାଇବା ଜାଗାକୁ ଯାଇପାରିବ ନାହିଁ । ସେ ତା'ର କୁଡ଼ିଆରେ "ବାଘମୁହିଁ"ରେ ବସି ଖାଇବ । ସେଇଆ ହେଲା । ସନ୍ଧ୍ୟାବେଳକୁ ବି ଖାଇବା ତା'ରି କୁଡ଼ିଆରେ ଖାଇଲା । ପରଦିନ କହିଲା ଚାଲିଲା ବେଳକୁ ଛାତିରେ ଟିକିଏ କଷ୍ଟ ଅନୁଭବ କରୁଛି । ପୁସୁ ତ ନିଜେ ଡାକ୍ତର । ସେ ଟିକିଏ ଚିନ୍ତିତ ହୋଇ କହିଲା, ଯଦୁବାବୁଙ୍କୁ (ହୃଦ୍‌ରୋଗ ବିଶେଷଜ୍ଞ ଖ୍ୟାତନାମା ଡାକ୍ତର ଯଦୁନାଥ ପ୍ରସାଦ ଦାସ) ଖବର ଦେବା ନିତାନ୍ତ ଆବଶ୍ୟକ । ଯଦୁବାବୁ ଆସି ହସି ହସି ସ୍ୱାସ୍ଥ୍ୟ ସମ୍ବନ୍ଧରେ ଟିକିନିଖି ପ୍ରଶ୍ନକଲେ । ସେ ଏପରି ସହଜ ଏବଂ ସାବଲୀଳ ଢଙ୍ଗରେ କଥାବାର୍ତ୍ତା କରୁଥାଆନ୍ତି ଯେ ସେଥିରେ ରୋଗୀ ଭୟଭୀତ ନହୋଇ ତାହାର ମନ ଟିକିଏ ହାଲୁକା ହୋଇଯିବ । ଶେଷରେ ଯଦୁବାବୁ ଇ.ସି.ଜି. କଲେ । ଆଉରି କେତୋଟି କଥା ଜାଣିବା ପାଇଁ ଚାହିଁଲେ । ରାତିରେ କେଉଁଦିନ ଝାଳ ବୋହିଥିଲା କି ନାହିଁ ? ବାମପଟ ବାହୁରେ କେବଳ ଯନ୍ତ୍ରଣା ଅନୁଭବ କିରଥିଲେ କି ? ସେ ପିଣ୍ଡାକୁ ଉଠିଯାଇ ପୁସୁକୁ କହିଲେ ଯେ ଦାଦାଜେଜେର ଅଳ୍ପକେଇ ଦିନ ପୂର୍ବରୁ ଗୋଟିଏ ଷ୍ଟ୍ରୋକ୍ ହୋଇଯାଇଛି । ତାହାର ସମ୍ପୂର୍ଣ୍ଣ ବିଶ୍ରାମ ଆବଶ୍ୟକ । ଏପରିକି ସେ ବିଛଣାରୁ ଉଠି ପାଇଖାନା ଯିବା ମଧ୍ୟ ନିଷିଦ୍ଧ । ମୁଁ ଦାଦାଜେଜେ ପାଖରେ ବସିଥାଏ । ଯଦୁବାବୁଙ୍କର ଏ 'ଫତ୍ୱା' ପୁସୁ ଆଣି ଶୁଣାଇଦେଲା । ମୁଁ ଦେଖିଲି ତାହାର ମୁଖ-ମଣ୍ଡଳରେ ବିଷର୍ଣ୍ଣଭାବ ଖେଳିଗଲା । ମୋର କାହିଁକି ମନେହେଲା, ଠିକ୍ ଦାଦାଜେଜେ ଜାଣିଥିଲା ଯେ ତା'ର ଗୋଟାଏ ଷ୍ଟ୍ରୋକ୍ ହୋଇଯାଇଛି । ତାହା ସତ୍ତ୍ୱେ ସେ ତାହାର ପ୍ରାତଃଭ୍ରମଣ ଏବଂ ବ୍ୟାୟାମ ଜାରିରଖିଥିଲା । ମୁଁ ମନେ ମନେ ଭାବିଲି ଏ ଲୋକ ତ ଅତ୍ୟନ୍ତ ବୁଦ୍ଧିମାନ । ସେ ନିଶ୍ଚୟ ତାହାର ସ୍ୱାସ୍ଥ୍ୟର ଅବସ୍ଥା ସମ୍ବନ୍ଧରେ ନିଜେ ଅବଗତ ହୋଇସାରିଥିବ । କିନ୍ତୁ

Digitized by srujanika@gmail.com

ପ୍ରାତଃଭ୍ରମଣ ଏବଂ ବ୍ୟାୟାମ ଜାରି ରଖିବାର କି ଉଦ୍ଦେଶ୍ୟ ? ସ୍ୱାସ୍ଥ୍ୟର ଏହି ଅବସ୍ଥାରେ କୌଣସି ପ୍ରକାରର ବ୍ୟାୟାମ କଲେ ଦ୍ୱିତୀୟ ଷ୍ଟ୍ରୋକ୍ ଅନିବାର୍ଯ୍ୟ ଏବଂ ସାକ୍ଷାତ ମୃତ୍ୟୁକୁ ଆଲିଙ୍ଗନ କରିବା । ମୁଁ ଭାବେ ସେ ସମସ୍ତଙ୍କୁ ଫାଙ୍କି ଦେଇ ଖସି ଚାଲିଯିବାର ମସୁଧା କରିଥିଲା । ପୁସୁ ଡାକ୍ତର । ଦାଦାଜେଜେର ବେରାମର ଲକ୍ଷଣ ଦେଖି ତାହାର ସନ୍ଦେହ ହେଲା ଏବଂ ସେ ଯଦୁବାବୁଙ୍କୁ ଖବର କଲା । ଦାଦାଜେଜେ କେଇଦିନ ଶଯ୍ୟାଶାୟୀ ହୋଇ ରହିଲା । ଓଡ଼ିଶା ସରକାରଙ୍କର ତତ୍ତ୍ୱାବଧାନରେ ବାଜିରାଉତ ଛାତ୍ରବାସରେ ଚିକିତ୍ସିତ ହେଲା । କଟକ ବଡ଼ଡାକ୍ତରଖାନାକୁ ନେଇଯାଇ ସେଠାରେ ତା'ର ଚିକିତ୍ସା କରାଇବାର ସୂଚନା କେହି କେହି ଦେଲେ । ଡାକ୍ତରମାନଙ୍କର ସୁଚିନ୍ତିତ ମତାନୁସାରେ ତାହାର ସ୍ୱାସ୍ଥ୍ୟର ଅବସ୍ଥାରେ ଉନ୍ନତି ନହେଲ ପ୍ରାୟ ୧୪୦ କିଲୋମିଟର ମଟରଗାଡ଼ିରେ ନେଇଯିବା ବିପଦ୍‌ଜନକ । ବିଶେଷଜ୍ଞମାନେ ପାରୁପର୍ଯ୍ୟନ୍ତ ଚେଷ୍ଟାକରୁଥାଆନ୍ତି । ସ୍ୱାସ୍ଥ୍ୟର ଉନ୍ନତିର ବେଶି ଆଭାସ ମିଳୁନଥାଏ । ଦିନେ କହିଲା, "ମହତାବବାବୁଙ୍କୁ ଖବର ଦେଇଚ ?" ଆଉ ଦିନେ କହିଲା, "ହେଇ ବୁଲା ଆସିଚି ।" ଶେଷ ସମୟ ଉପସ୍ଥିତ । ଜୁନ ୨୨ତାରିଖ ରାତି ପ୍ରାୟ ବାରଟା, ଗୋଟାଏ ବେଳେ ମୋତେ ନିଦରୁ ଉଠାଇ କହିଲେ, ଦାଦାଜେଜର ସ୍ୱାସ୍ଥ୍ୟର ଅବନତି ଘଟୁଛି । ମୁଁ ଝରକା ପାଖରେ ବସିଲି । ଘର ଭିତରେ ଆତ୍ମୀୟମାନେ ଥାଆନ୍ତି । ନାରାୟଣ ମଉସା ପାଖରେ ଠିଆ ହୋଇଥାନ୍ତି । ଅବସ୍ଥା ସଙ୍ଗୀନ୍ । ରକ୍ତଚାପ ଖସି ଖସି ଯାଉଥାଏ । ହୃତ୍-ସ୍ପନ୍ଦନ ଅମାନିଆ । ନାରାୟଣ ମଉସା ଅତି ବିନୀତ କଣ୍ଠରେ ଡାକ୍ତରଙ୍କୁ କହିଲେ, "ଆପଣମାନେ ଆପଣମାନଙ୍କର ପ୍ରଚେଷ୍ଟା ଚଳାଇ ଯାଆନ୍ତୁ । ଆମ୍ଭେମାନେ ଯଦି ପ୍ରାର୍ଥନାକରୁଁ ଆପଣଙ୍କର ଆପତ୍ତି ଅଛି କି ?" ଡାକ୍ତର ସମ୍ମତି ଦେଲେ । ନାରାୟଣ ମଉସା ଗୋଟିଏ ଆସନ ଉପରେ ବସି ଈଶାବାସ୍ୟ ଉପନିଷଦ ଆବୃତ୍ତି କରିବା ଆରମ୍ଭ କଲେ । ଦାଦାଜେଜେ ଶେଷନିଶ୍ୱାସ କେବେ ତ୍ୟାଗକଲା ମୁଁ ଜାଣିପାରିଲି ନାହିଁ । ମୁଁ ନାରାୟଣ ମଉସାଙ୍କ 'କର୍ମନେବ କର୍ମାଣୀ...'ପାଖରେ ଅଟକି ଯାଇଥିଲି - 'ସତଂସମା' ନ ପହଞ୍ଚି ପାରିଲେ କ'ଣ ହେବ ?

Digitized by srujanika@gmail.com

ଛାତ୍ରାବାସର ଅନ୍ତେବାସୀମାନେ ପ୍ରାର୍ଥନାକଲେ । ଜୁନ ୨୩ତାରିଖ ସକାଳୁ ଲୋକମାନଙ୍କର ସୁଅ ଛୁଟିଲା । ତାକୁ ନେଇ ବାଜିରାଉତ ଛାତ୍ରାବାସର ପ୍ରାର୍ଥନାମନ୍ଦିରରେ ମଞ୍ଚ ଉପରେ ରଖିଲେ । କଟକ, ଭୁବନେଶ୍ୱରରୁ ଲୋକେ ଖବରପାଇ ସକାଳୁ ସକାଳୁ ପହଞ୍ଚିଲେ । ଆଗୋ ଚୁପ୍ ହୋଇ ଭାବାତୁର ହୋଇ ବାରଣ୍ଡାରେ ବସିଥାଏ । ମୁଁ ତା' ପାଖରେ ଯାଇ ବସିଲି । ମତେ କହିଲା, "ମୋର ପରମ ସୌଭାଗ୍ୟ ଯେ ମୁଁ ବାପି ଭଳି ଲୋକର ସାନ୍ନିଧ ଲାଭ କରିଥିଲି । ତା'ର ସହଯାତ୍ରୀ ହୋଇ ଏକ ପଥର ପଥିକ ହୋଇ ସାରା ଜୀବନ କଟାଇଲି । ଦିନେ ଦିନେ ଖାଲି ମୁଢ଼ି-ପିଆଜ ଖାଇ ଭୋକ ମେଣ୍ଟାଇଛୁ । ସେଇଥିରେ ପରମ ଆନନ୍ଦ ପାଇଛି । ଆହା ମୋର କି ପରମ ସୌଭାଗ୍ୟ ।"

ଦାଦାଜେଜେଙ୍କର ଅନ୍ତେଷ୍ଟିକ୍ରିୟା ବିଷୟରେ ଆଲୋଚନା ଆରମ୍ଭ ହେଲା । ବୟୋଜ୍ୟେଷ୍ଠ ମୁରବୀମାନେ ତ ସମସ୍ତେ ଉପସ୍ଥିତ ଥିଲେ । ଆଗୋ, ଅମି, ଗାଗା, ନାରାୟଣ ମଉସା, ବିଭୂତି ମଉସା, ବୁବୁମାଉସୀ ଆଉ ତିନୁ ମାଉସୀ ଏହାର ନିଷ୍ପତ୍ତି ନେବା ହିଁ ଉଚିତ । ଦୁଇ ପ୍ରକାରର ପ୍ରସ୍ତାବ ଉପରେ ଆଲୋଚନା ଚାଲିଲା । ସେତେବେଳକୁ କେତେଜଣ ଗାନ୍ଧୀବାଦୀ ସର୍ବୋଦୟ ମଣ୍ଡଳ ଓ ନବଜୀବନ ମଣ୍ଡଳର ବିଶିଷ୍ଟ ବ୍ୟକ୍ତି ଆସି ଉପସ୍ଥିତ ହେଲେଣି ଏବଂ ସେମାନେ ମଧ୍ୟ ଏଇ ଆଲୋଚନାରେ ଅଂଶଗ୍ରହଣ କରୁଥାଆନ୍ତି । ପ୍ରଥମ ପ୍ରସ୍ତାବଟି ଥିଲା ଯେ ସତ୍କାର କାର୍ଯ୍ୟ କଟକରେ ଖାନନଗରେ ହିଁ ସମାପନ ହେଉ । କଟକ ତା'ର ଜନ୍ମସ୍ଥାନ, ତା'ର ରାଜନୈତିକ ଜୀବନ କଟକରୁ ହିଁ ଆରମ୍ଭ । ମୁଖ୍ୟମନ୍ତ୍ରୀ ଭାବରେ କଟକର ରାଜଧାନୀରୁ ସେ ଓଡ଼ିଶାକୁ ନେତୃତ୍ୱ ଦେଇଥିଲା ସେଇଠୁ ସେ ଭୁବନେଶ୍ୱରକୁ ରାଜଧାନୀକୁ ଉଠାଇନେଇ ଯିବାର ନିଷ୍ପତ୍ତି କରି "ନୂଆ-ଭୁବନେଶ୍ୱର" ନିର୍ମାଣ କରାଇଲା । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫାଦେଇ କଟକର ଥୋରିଆସାହିରେ ରହି ଭୂଦାନ-ସର୍ବୋଦୟ ଆନ୍ଦୋଳନରେ ବ୍ରତୀ ହୋଇଥିଲା । ସର୍ବୋପରି ଜେଜେଙ୍କର ଦାହ ଖାନନଗରରେ ସମାହିତ ହୋଇଥିଲା । ଓଡ଼ିଶାର ଜନନାୟକ ଭାବରେ ତା'ର ସ୍ଥାନ ଶୀର୍ଷରେ । କଟକ-ଭୁବନେଶ୍ୱରର ଅଗଣିତ ନରନାରୀ ଶେଷ ଦର୍ଶନପାଇଁ ବ୍ୟାକୁଳ । ଏ ଯୁକ୍ତି ଅକାଟ୍ୟ । ବାଜିରାଉତ ଛାତ୍ରାବାସ ଓ ମହିଳାଶ୍ରମର ବହୁ କାର୍ଯ୍ୟକର୍ତ୍ତା ଏବଂ ଅନ୍ତେବାସୀଙ୍କର

Digitized by srujanika@gmail.com

ଏକାନ୍ତ ଇଚ୍ଛା ତାଙ୍କର 'ବାପି'ଙ୍କର ଶେଷକ୍ରିୟା ଅନୁଗୋଳରେ ହେବା ଉଚିତ । ଅନୁଗୋଳ ବାପି-ନୁମାଙ୍କର ସାଧନାପୀଠ, କର୍ମକ୍ଷେତ୍ର । ଏଠ ଆଶ୍ରମରୁ ସେମାନେ ସ୍ୱାଧୀନତା ଆନ୍ଦୋଳନର ସଙ୍ଗଠନ, ଗଡ଼ଜାତ ପ୍ରଜା ଆନ୍ଦୋଳନର ଅୟମାରମ୍ଭ କରିଥିଲେ । ସ୍ୱାଧୀନତା ପରେ ଏହିଠାରେ ବାଜିରାଉତ ଛାତ୍ରାବାସର ପ୍ରତିଷ୍ଠହେଲା । ନବଜୀବନ ମଣ୍ଡଳର ପ୍ରାଣକେନ୍ଦ୍ର । ମୌଳିକ ଶିକ୍ଷାର ଏକ ବ୍ୟାପକ ପ୍ରୟୋଗ ଅନୁଗୋଳରୁ ପ୍ରାରମ୍ଭ ହୋଇ ଚମ୍ପତିମୁଣ୍ଡା ପର୍ଯ୍ୟନ୍ତ ବ୍ୟାପ୍ତ ହେଲା - ଯଦି ଚ ମୌଳିକ ଶିକ୍ଷାର ଅୟମାରମ୍ଭ ରାମଚନ୍ଦ୍ରପୁରରେ ହୋଇଥିଲା । ଦାଦାଜେଜେ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗକରି ସର୍ବୋଦୟ ଆନ୍ଦୋଳନରେ ଲିପ୍ତ ଥାଇ ମଧ ଅନୁଗେଳକୁ ତା'ର କେନ୍ଦ୍ର-ବିନ୍ଦୁ କରି ରଖିଥିଲା । ଶେଷ ଜୀବନରେ ଟଲଷ୍ଟୟଙ୍କ ଭଳି ସେ ଚମ୍ପତିମଣ୍ଡାରେ ତା'ର ଶେଷ ଜୀବନ ବିତାଇବା ନିମିତ୍ତ ମନସ୍ଥ କରିଥିଲା । ଜେପିଙ୍କର ଆନ୍ଦୋଳନରେ ଝାସଦେବାରୁଁ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ଚମ୍ପତିମୁଣ୍ଡାରେ ବାସ କରିବା ନୋହିଲା । ସର୍ବୋପରି ଅନ୍ତେବାସୀମାନଙ୍କର ଗୋଟିଏ ବଳିଷ୍ଠ ସମ୍ବେଦନଶୀଳ ଯୁକ୍ତି ମଧ ଥିଲା । ଦାଦାଜେଜେର ଛାତ୍ରାବାସର ପୁଅ-ଝିଅମାନଙ୍କ ସହ ଗୋଟିଏ ସ୍ନେହର ନିବିଡ଼ ବନ୍ଧନ ସୃଷ୍ଟି ହୋଇଥିଲା । କଟକରେ ଅନ୍ତ୍ୟେଷ୍ଟିକ୍ରିୟା କରାଗଲେ ଅନୁଗୋଳର ଅପାମାନେ, ଛାତ୍ରାବାସର ପିଲାଏ ଶେଷ ଦର୍ଶନରୁ ବଞ୍ଚିତ ହେବେ । ଆଗୋ-ଅମି ତ ବିଶେଷ କିଛି କହୁ ନଥିଲେ । ଆଲୋଚନାରେ ଯୁକ୍ତିତର୍କ କିମ୍ବା କଥା କଟାକଟି ନଥିଲା । ମାତ୍ର ସବୁ ଦୃଷ୍ଟିକୋଣକୁ ନଜର ରଖି ଆଲୋଚନା ହେଉଥିଲା । ମୁଁ ସେଠି ଉପସ୍ଥିତ ଥିଲି । ସମସ୍ତେ ତ ବୟୋଜ୍ୟେଷ୍ଠ ଗୁରୁଜନ । ମୋର ମତ ଲୋଡ଼ିଲେ । ପ୍ରଥମେ ମୁଁ ଟିକିଏ ଇତଃସ୍ତତ ହୋଇ ମୋର ବ୍ୟକ୍ତିଗତ ମତଦେଲି । ପ୍ରଥମତଃ ଦୁଇପଟର ପଲା ସମାନ । ତଥାପି ମୁଁ କେବଳ ମୋର ମନର କଥା ପ୍ରକାଶ କଲି । ଦାଦାଜେଜେ ତା'ର ଜୀବଦ୍ଦଶାରେ ଗାନ୍ଧୀବିଚାରରୁ ଓହରିନାହିଁ । ତା'ର ସମାଜବାଦୀ ଦର୍ଶନପ୍ରତି ଆକର୍ଷଣ ଥିଲା । କ୍ଷମତା ରାଜନୀତିରେ ଅଂଶ ଗ୍ରହଣକରିବା ସମୟରେ ମଧ ସେ ସମାଜର ନିସ୍ପେଶିତ, ଦରିଦ୍ର ଶ୍ରେଣୀ ପାଇଁ ଜାଗରୂକ ଥିଲା ଏବଂ ସେଇମାନଙ୍କର ସ୍ୱାର୍ଥବିରୋଧୀ କୌଣସି କାର୍ଯ୍ୟ କରିବାର ନଜିର ନାହିଁ । ସେ ସାଂସଦୀୟ ରାଜନୀତିରୁ ବିମୁଖ ହୋଇ ସର୍ବୋଦୟ ଆନ୍ଦୋଳନରେ

Digitized by srujanika@gmail.com

ଯୋଗ ଦେଲା । ସେ ଯଦି କ୍ଷମତା ପଛରେ ଗୋଡ଼ାଇ ଗୋଡ଼ାଇ ଯାଇ ଥାଆନ୍ତା ତେବେ ଓଡ଼ିଶା ଛାଡ଼ି ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀମଣ୍ଡଳରେ ଯୋଗଦେଇଥାଆନ୍ତା - ନେହେରୁ ତ ତାଙ୍କୁ ସେ ସକାସେ ଆମନ୍ତ୍ରଣ ଦେଇଥିଲେ । ନିତାନ୍ତ ଗୋଟିଏ ରାଜ୍ୟପାଳ ତ ହୋଇଥାଆନ୍ତା । ତେବେ ସେ କି କାରଣରୁ ସବୁ ଛାଡ଼ି ଅନୁଗୋଳରେ ଆସି ରହିଲା ? ଜନତା ସରକାର ତିଷ୍ଠିପାରିଲା ନାହିଁ । ସେହି ଚିରାଚରିତ ରାଜନୀତିର ଖେଳ ଚାଲିଲା । ଦାଦାଜେଜେ ଏହି ସମସ୍ତ କ୍ଷୁଦ୍ର ରାଜନୀତିରୁ ଦୂରରେ ରହି ବାଜିରାଉତ ଛାତ୍ରାବାସର ପିଲାଙ୍କ ମେଳରେ ଦିନ କଟାଉଥିଲା । ପିଲାମାନେ ମଧ୍ୟ ତାହାର ସାନ୍ନିଧ୍ୟ ଲାଭକରି ଆନନ୍ଦିତ ହେଉଥିଲେ ଏବଂ ସେମାନଙ୍କର ଜ୍ଞାନର ଦିଗ୍‌ବଳୟ ବିସ୍ତାରିତ ହେଉଥିଲା । ରାଷ୍ଟ୍ରପତି ସଂଜୀବ ରେଡ୍ଡୀ ଓଡ଼ିଶା ଗସ୍ତ ସମୟରେ ଦାଦାଜେଜେ ସହିତ ସାକ୍ଷାତ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ଦାଦାଜେଜେ ଉତ୍ତରରେ ତାଙ୍କୁ ଲେଖିଥିଲା ଯେ ସେ ଆଉ ଅନୁଗୋଳରୁ ଅନ୍ୟତ୍ର ଯିବାପାଇଁ ଅନିଚ୍ଛୁକ । ସଂଜୀବ ରେଡ୍ଡୀ ଦାଦାଜେଜେଙ୍କୁ ସାକ୍ଷାତ କରିବାପାଇଁ ସ୍ୱୟଂ ଅନୁଗୋଳ ଆସିଥିଲେ । ଶେଷରେ ମୁଁ ମତବ୍ୟକ୍ତ କଲି ଯେ, ଦାଦାଜେଜେର ଦାହ ଅନୁଗୋଳରେ ହେବା ଉଚିତ୍ । ବିଶଦ୍ ଆଲୋଚନା ପରେ ଅନୁଗୋଳରେ ହିଁ ଶେଷକୃତ୍ୟ ହେବାର ସ୍ଥିର ହେଲା ।

ସାମାଜିକ ରୀତି ଅନୁସାରେ ନାରାୟଣ ମଉସା ଅଥବା ବିଭୂତି ମଉସା ମୁଖାଗ୍ନି ଦେବାର କଥା । କି କାରଣରୁ ଯେ ମୋତେ ମୁଖାଗ୍ନି ଦେବାପାଇଁ କହିଲେ ତାହା ମୋତେ ଅଜଣା । ମୁଁ ପ୍ରସ୍ତାବ ଦେଲି ଯେ ଆମେ ସବୁ ନାତି-ନାତୁଣୀ ତା'ର ସ୍ନେହ-ଆଦରର ସମାନ ଅଂଶିଦାର ତେଣୁ ଆମେ ସମସ୍ତେ ମିଶି ମୁଖାଗ୍ନି ଦେବା ହିଁ ଯୁକ୍ତିଯୁକ୍ତ । ମହିଳାମାନେ ମୁଖାଗ୍ନି ଦେବାର ପ୍ରଥା ନାହିଁ ଏବଂ ଏହାର ଦୃଷ୍ଟାନ୍ତ ବିରଳ । ଅବଶ୍ୟ ନାନୀ ମାମୁର ମୁଖାଗ୍ନି ଦେଇଥିଲା । ଶେଷରେ ଆମେ ଯେତେ ନାତିନାତୁଣୀ ଉପସ୍ଥିତ ଥିଲୁଁ ସମସ୍ତେ ମିଶି ମୁଖାଗ୍ନି ଦେଲୁଁ । ମାମୁ-ମାମ୍‌ନା ସେତେବେଳେ ଆରତି ପାଖରେ ଆମେରିକାରେ । ମାମୁର ଅନୁପସ୍ଥିତିକୁ ସମସ୍ତେ ଅନୁଭବ କଲେ । ମାମୁ ଯେ ଦାଦାଜେଜେଙ୍କୁ ତା'ର ଶେଷ ସମୟରେ ଦେଖି ପାରିଲା ନାହିଁ ତାହାର ନିଶ୍ଚୟ ଅନୁଶୋଚନା ହୋଇଥିବ ।

Digitized by srujanika@gmail.com

ମୁଁ ୧୯୮୪ରେ ଆମେରିକା ଯିବା ପାଇଁ ସ୍ଥିର କଲି । ଏହା ମୋର ପ୍ରଥମ ଆମେରିକା ଯାତ୍ରା । ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କରେ ସେମିନାର ଦେଇଦେଇ ମୁଁ ଚିକାଗୋରେ ପହଞ୍ଚିଲି । ସେଠାରେ ସେମିନାର ଦେଇ ମୁଁ ଆରତି ପାଖକୁ ବସରେ ଗଲି । ସେଠାରେ ଆରତିର ସାନ ପୁଅକୁ ଦେଖିଲି । ମାମୁ-ମାମ୍ନାଙ୍କ ସାଙ୍ଗରେ ପୁରୁଣା କଥା ମନେ ପକାଇ ଅନେକ କଥା ଭାଷା ହେଲୁଁ । ସେଇ ବିଶ୍ୱବିଦ୍ୟାଳୟର ପ୍ରଫେସର ବୋଷ ପଦାର୍ଥବିଦ୍ୟାର ଅଧ୍ୟାପକ । ତାଙ୍କର ସ୍ତ୍ରୀ ମଧ୍ୟ ପଦାର୍ଥବିଜ୍ଞାନୀ । ବୋଷ ଦମ୍ପତି ଆରତିର ମୁରବୀ ଭଳି ଥିଲେ । ସେ ମୋତେ ତାଙ୍କ ସାଙ୍ଗରେ ନେଇଗଲେ । ତାଙ୍କ ମୁହଁରୁ ମୁଁ ସେହି ମର୍ମନ୍ତୁଦ ଦୁର୍ଘଟଣାର କିଛି ଆଭାସ ପାଇଥିଲି । ନାନା ପ୍ରାୟ ୫୦ମାଇଲ ଦୂରରେ ଗୋଟିଏ କମ୍ପାନୀରେ ଚାକିରୀ କରୁଥିଲା । ସେ ପ୍ରତି ଶୁକ୍ରବାର ରାତିରେ ନତ୍ରଦାମ୍ ଆସି ତିନିରାତି ଆଉ ଦୁଇଦିନ ରହି ସୋମବାର ସଅଳ ସଅଳ ଉଠି କାମକୁ ଚାଲିଯାଏ । ଦୁର୍ଘଟଣା ଦିନ ବଡ଼ି ଭୋରରୁ ଉଠି, ଆରତିକୁ ନିଦରୁ ନ ଉଠାଇ ନିଜେ ନିଜେ ଜଳଖିଆ ଖାଇ ବାହାରିଗଲା । ଅକ୍ଟୋବର ମାସ । ପାଗ ଖୁବ୍ ଭଲ । ରାସ୍ତାରେ ସକାଳେ ପ୍ରାୟ ୫/୬ ମାଇଲ ପର୍ଯ୍ୟନ୍ତ ଦେଖାଯାଉନି । କୁହୁଡ଼ି କିମ୍ୱା ଛାଇ ଛାଇକା ମେଘ ନାହିଁ । ଆମେରିକାର ଗାଡ଼ି ଚଳାଇବା ନିୟମ ଅନୁଯାୟୀ ଯଦି ଦୁଇ ପାଖାପାଖି ସମାନ୍ତରାଳ ହଳଦିଆ ରଙ୍ଗର ଗାର ରାସ୍ତା ମଝିରେ ଥାଏ ତେବେ ସେଇ ଗାରକୁ ଟପି କୌଣସି ଗାଡ଼ି ରାସ୍ତାର ଅନ୍ୟ ଦିଗକୁ ଯାଇପାରିବ ନାହିଁ । ଅର୍ଥାତ୍ ବିପରୀତ ଦିଗରୁ ଆସୁଥିବା ଗାଡ଼ି ଏଇ ଯାଉଁଳୀ ହଳଦିଆ ଗାର ପାରିକରି ଅନ୍ୟପଟକୁ ଯିବ ନାହିଁ । ଦୁର୍ଘଟଣାର ପ୍ରଧାନ କାରଣ ହେଲା ଯେ ବିପରୀତ ଦିଗରୁ ଆସୁଥିବା ଗୋଟିଏ ଟ୍ରକ ସେଇ ଗାର ପାରିହୋଇ ନାନାର ଗାଡ଼ିକୁ ମୁହାଁମୁହିଁ ପିଟିଦେଲା । ଶେଷ ମୁହୂର୍ତ୍ତରେ ନାନା ବୋଧହୁଏ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରିଥିଲା କାରଣ ତା'ର ଗାଡ଼ିର ଚକ ନିଜକୁ ରକ୍ଷାକରିବା ଢଙ୍ଗରେ ମୁହେଁଇଥିଲା ବୋଲି ବୋଷବାବୁ କହିଥିଲେ । ସେଇ ବିରାଟ ଟ୍ରକଟି ଏତେ ଦ୍ରୁତଗତିରେ ଆସି ପିଟିଥିଲା ଯେ ଡାକ୍ତରଙ୍କର ମତ ଅନୁଯାୟୀ ନାନାର ପ୍ରାଣବାୟୁ ତତ୍କ୍ଷଣାତ୍ ଉଡ଼ିଯାଇଥିଲା । ଦୁର୍ଘଟଣାର ପୂର୍ବଦିନ ରାତିରେ ବୋଷ ଦମ୍ପତି ନାନା-ଆରତିଙ୍କୁ ନୈଶ୍ୟ ଭୋଜନକୁ ଆମନ୍ତ୍ରଣ କରିଥିଲେ । ନାନା

Digitized by srujanika@gmail.com

ସେଇଦିନ ରାତିରେ ତାଙ୍କରି ଘରେ ତାର ଶେଷ ସରୋଦ ବାଦନ କରିଥିଲା । ନାନାର ଗାଡ଼ି ପଛରେ ସେଇ ସରୋଦଟି ଅକ୍ଷତ ଅବସ୍ଥାରେ ରହିଥିଲା ।

୧୯୮୪ ଶେଷ ଆଡ଼କୁ ମୋତେ ଉଚ୍ଚଗବେଷଣା କରିବାର ସୁଯୋଗ ମିଳିବାର ସୂଚନା ପାଇଲି । ମାମୁ-ମାମ୍ନା ୧୯୮୫ରେ ଭାରତ ଲେଉଟି ଆସିଲେ । ଅମି ତ ତା'ର କର୍ମରେ ବ୍ୟସ୍ତ ରହୁଥାଏ । ତାକୁ ଦେଖିଲେ ମୋର ମନେ ହୁଏ ବେଳେ ବେଳେ ସେ ଯେମିତି ଉଦାସିଆ ଲାଗୁଛି । ପାପା, ନାନା ଜଣକ ପରେ ଜଣେ ତକାତକି ହୋଇ ଚାଲିଗଲା ପରି ଲାଗୁଥାଏ । ଦାଦାଜେଜେ ତ ପରିଣତ ବୟସରେ ଗଲା । ପ୍ରିୟ ଜନଙ୍କର ପ୍ରୟାଣ ଦୁଃଖଦାୟକ । ୧୯୮୫ ଜୁନ୍‌ମାସ । ଅମି ସତ୍ୟଭାମାପୁର ଯାଇଥାଏ ଏ କଥା ମୋତେ ଅଜଣା । ମୁଁ ଅମି ସହିତ ଦେଖା କରିବା ପାଇଁ କଟକ ଗଲି । ମୋର ସେହି ସମୟରେ ତ୍ରିଏଷ୍ଟେ ଯିବାର ଗସ୍ତକ୍ରମ ଥିଲା । ମୁଁ ସତ୍ୟଭାମାପୁର ନଯାଇ ଭୁବନେଶ୍ୱର ଫେରିଆସିଲି । ମନକୁ ବୁଝାଇ ଦେଲି ମାତ୍ର ମାସକ ପାଇଁ ତ ଯାଉଛି, ଫେରିଲେ ତ ଦେଖାହେବ । ଏହି ମାନସିକ ଅବହେଳା ପାଇଁ ମୋତେ ଏ ପର୍ଯ୍ୟନ୍ତ ପସ୍ତାଇବା ପାଇଁ ହେଉଛି । ମୁଁ ବିଦେଶରେ ଥିବାବେଳେ ସାମାନ୍ୟ ଜ୍ୱରରେ ଅଳ୍ପ କେଇଦିନ ପଡ଼ି ଅମିର ଦେହାବସାନ ଘଟିଲା । ମୁଁ ଶ୍ରାଦ୍ଧପୂର୍ବରୁ କଟକ ଫେରିଲି । ମନଭିତରେ ଗୋଟାଏ ବଡ଼ ଅବଶୋଷ ରହିଗଲା ଯେ ଅମିଠାରୁ ବିଦାୟ ନନେଇ ମୁଁ ଚାଲି ଯାଇଥିଲି ।

୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ମାମୁ ନାନା ପ୍ରକାର କାର୍ଯ୍ୟକ୍ରମରେ ଭାଗନେଇ ସମୟ ବିତାଇଲା । ଗଣତନ୍ତ୍ରକୁ ସୁଦୃଢ଼ କରିବାପାଇଁ ଦେଶସାରା ଗସ୍ତକଲା । ଦେଶରୁ ଭ୍ରଷ୍ଟାଚାର ବିଲୋପ କରିବା ପାଇଁ ଜନମତ ସୃଷ୍ଟି କରିବାରେ ସେ ବହୁତ ପ୍ରଚେଷ୍ଟା କଲା । ଦିଲ୍ଲୀରେ ସରକାର ଆସୁଥାଆନ୍ତି, ଯାଉଥାଆନ୍ତି । ରାଜନୀତିର ଦାଉ-ପେଞ୍ଚ ଚାଲିଥାଏ । ଧୀରେ ଧୀରେ ଦେଶର ଆର୍ଥିକ ଅବସ୍ଥାର ଅବନତି ଘଟୁଥାଏ । ଶେଷରେ ଏପରି ଅବସ୍ଥା ହେଲା ଯେ ଭାରତ ସରକାର ଖାଣ୍ଟି ସୁନା ବନ୍ଧାଦେଇ ବୈଦେଶିକ ମୁଦ୍ରା ଆଣିଲେ ।

ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ ଦେଶରେ ଆହୁରି ଏକ ସାଧାରଣ ନିର୍ବାଚନ ହେଲା । ବିଜ୍ଞ ଅର୍ଥନୀତି ବିଶାରଦମାନେ ପତ୍ରପତ୍ରିକାରେ ଲେଖିଲେ ଯେ ଭାରତବର୍ଷର

Digitized by srujanika@gmail.com

ଆର୍ଥିକ ନୀତିର ମୂଳଦୁଆକୁ ସମ୍ପୂର୍ଣ୍ଣ ନୂଆରୂପେ ପ୍ରସ୍ତୁତ କରିବାର ଆବଶ୍ୟକତା । କାଗଜପତ୍ରରେ ଯେଉଁ ଜନହିତକାରୀ ରାଷ୍ଟ୍ରର ଉଲ୍ଲେଖ ରହିଥିଲା ତାହାର ଆବଶ୍ୟକତା ନାହିଁ । ଦେଶରେ ବିଦେଶୀ ଦ୍ରବ୍ୟର ଅମଦାନୀ ଉପରୁ କଟକଣା କୋହଳ ହୋଇସାରିଥିଲା । ସେତିକି ଯଥେଷ୍ଟ ନୁହେଁ । ବିଦେଶୀମୁଦ୍ରା ଉଧାର ଆଣିବା ସର୍ତ୍ତରେ ଋଣ ମିଳିବ । ପୃଥିବୀର ଦୁଇଟି ବଡ଼ସଂସ୍ଥା ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ ଋଣ ଦେବେ କିନ୍ତୁ ଭାରତର ଆର୍ଥିକ ବ୍ୟବସ୍ଥାର ଆମୁଳଚୂଳ ପରିବର୍ତ୍ତନ ହେଲେ ଋଣ ମିଳିବ । ସହଜ ଭାଷାରେ ଗରୀବ ଚାଷୀ ଯଦି ସାହୁକାର ପାଖକୁ ଟଙ୍କା ଉଧାର ପାଇଁ ଯିବ ତେବେ ସାହୁକାରର ପରାମର୍ଶରେ ଧାନ ବୁଣିବ କି ନଳିତା ଚାଷ କରିବ ସେ କଥା ସାହୁକାର କହିବ । ସେ ସମୟରେ ବଡ଼ ଗୁଜବ ଉଠିଥାଏ ସେ ସରକାର ଯେଉଁ ଦଳଗଢ଼ନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ ଜଣେ ବିଚକ୍ଷଣ ଅର୍ଥନୀତିକୁ ଚିହ୍ନଟ କରିଛନ୍ତି - ସେ ବ୍ୟକ୍ତି ଅର୍ଥମନ୍ତ୍ରୀର ଦାୟିତ୍ୱ ବହନ କରିବେ । ସେହି ଅର୍ଥ-ବିଜ୍ଞାନୀ ଭାରତୀୟ ଆର୍ଥିକ ବ୍ୟବସ୍ଥାକୁ ନୂତନ ଦିଗ୍‌ଦର୍ଶନ ଦେବେ । ଆମ୍ଭେମାନେ ସମସ୍ତ ଆଲୋଚନା ପତ୍ର ପତ୍ରିକାରୁ ହିଁ ପଢୁଥାଉଁ ।

ମାମୁ କ୍ରାନ୍ତିଦର୍ଶୀ ଭଳି ଦେଶର ଭବିଷ୍ୟତକୁ ଦେଖିପାରୁଥିଲା । ବିଦେଶୀ ବେପାରୀ ଥରେ ଧସେଇ ପଶିଲେ ଜନସାଧାରଣଙ୍କର କି ଦୁର୍ଦ୍ଦଶା ହେବ ତାହା ତାକୁ ଜଳଜଳ ହୋଇ ଦିଶୁଥିଲା । ମାମୁ ତାହାର ସ୍ୱୀୟ ତାତ୍ତ୍ୱିକ ବିଚାରରୁ ଆର୍ଥିକ ଉଦାରୀକରଣର କୁଫଳର ବିଶ୍ଳେଷଣକରି ବହୁ ଉପାଦେୟ ପ୍ରବନ୍ଧ ଲେଖିଲା । ନାନା ସଭା ସମିତିରେ ଭାଷଣ ଦେଲା । ଏକ ସମୟରେ ସେ ବିଦେଶୀ ଦ୍ରବ୍ୟ ବର୍ଜନ କରିବାପାଇଁ ଆନ୍ଦୋଳନ ଠିଆ କରିବା ପାଇଁ ପ୍ରଚେଷ୍ଟା ମଧ କଲା । ମାମୁ ସହିତ ଆର୍ଥିକ ଉଦାରୀକରଣ ଏବଂ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଦ୍ୱାର ଉନ୍ମୁକ୍ତ କରିବାର ନୀତି ଓ ରାଜନୀତି ବିଷୟରେ ମୋର ଆଲୋଚନା ହୁଏ । ମାମୁର ରାଜନୀତି, ଅର୍ଥଶାସ୍ତ୍ର, ସମାଜ ବିଜ୍ଞାନ ଏବଂ ଆନ୍ତର୍ଜାତିକ କୁଟନୀତିରେ ଗଭୀର ଅଧ୍ୟୟନ ଥିଲା କିନ୍ତୁ ମାମୁ ଏ ସମସ୍ତ ଶାସ୍ତ୍ରର ମୂଳପିଣ୍ଡକୁ ନଜର ରଖି ଭାରତୀୟ ଜନତାଙ୍କର ଉଦାରୀକରଣ ପ୍ରକ୍ରିୟାରେ କି ଦୁର୍ଦ୍ଦଶା ହେବ ତାହା ବିଶ୍ଳେଷଣ କରି

Digitized by srujanika@gmail.com

ମୋତେ ବୁଝାଏ । ମୋର ପ୍ରତୀତି ହୋଇଯାଏ ଯେ ମୁଁ ଗଣିତ କିମ୍ବା ପଦାର୍ଥ ବିଦ୍ୟାର କୌଣସି ଭାଷଣରେ ବସିଛି । ଏଇଟା ଗୋଟାଏ ଏକତରଫା ପ୍ରବଚନ କିମ୍ବା ଉପଦେଶ ନ ଥିଲା । ମୁଁ ମାମୁକୁ ପ୍ରଶ୍ନକରେ, ମୁଁ ମୋର ଯୁକ୍ତିବାଢ଼େ । କେତେବେଳେ ଓଲଟା ଯୁକ୍ତିକରେ । ସେଥିରେ ମାମୁର ବିଚାର ଆହୁରି ଅଧିକ ସ୍ପଷ୍ଟ ହୋଇଯାଏ । ମାମୁ କେତୋଟି ମୂଳ କଥା ଉପରେ ଜୋର ଦେଉଥିଲା । ପ୍ରଥମତଃ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ ଅର୍ଥନୈତିକ ଉଦାରୀକରଣର ସର୍ତ୍ତରଖି ଯେଉଁ ଋଣ ଦେବାପାଇଁ ରାଜିହେଲେ ସେହି ସର୍ତ୍ତାବଳୀରେ କେତେଗୁଡ଼ିଏ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ନିହିତ ଥିଲା । ଏହି ଦୁଇଟି ସଂସ୍ଥାର ଆର୍ଥିକ ପୁଞ୍ଜି କେଉଁଠୁ ଆସିଲା ? ସମୃଦ୍ଧ ଧନୀ ରାଷ୍ଟ୍ରମାନେ ଏହି ଦୁଇଟି ସଂସ୍ଥାକୁ ଗଢ଼ି ସେଥିରେ ପୁଞ୍ଜିନିବେଶ କରିଲେ । ଏହି ଦୁଇଟି ସଂସ୍ଥା ପରିଚାଳନା ପଦ୍ଧତି ଗଣତାନ୍ତ୍ରିକ । କିନ୍ତୁ ଏହା ଗୋଟିଏ ଅଜବ ରକମର ଗଣତାନ୍ତ୍ରିକ ପ୍ରଣାଳୀ । ସାଧାରଣତଃ ଗଣତନ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିର ହାତରେ ଗୋଟିଏ ଭୋଟ - ସେ କୋଟିପତି ହେଉ ବା ଦାଣ୍ଡର ଭିକାରୀ ବି ହେଉ । ସଂଯୁକ୍ତରାଷ୍ଟ୍ର ପରିଷଦରେ (UNO)ମଧ୍ୟ ସେହି ସମ୍ବିଧାନ - ପ୍ରତ୍ୟେକ ଦେଶର ଗୋଟିଏ ଭୋଟ । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କର ଗଣତନ୍ତ୍ର ନିଆରା ନିୟମରେ ଚାଲେ । ସମୃଦ୍ଧ, ଧନୀ ରାଷ୍ଟ୍ରମାନେ ଅଧିକ ପୁଞ୍ଜି ନିବେଶ କରିଛନ୍ତି । ସେମାନେ ସମ୍ବିଧାନରେ ଏହି କୁଟିଳ ଫାନ୍ଦରଖି ପ୍ରଣୟନ କଲେ ଯେ, ଯେଉଁ ରାଷ୍ଟ୍ର ଯେତେ ପୁଞ୍ଜି ଖଟାଇଲା ସେହି ଦେଶର ଭୋଟ ସଂଖ୍ୟା ସେତେ ଅଧିକ । ଅର୍ଥାତ୍ ଗୋଟିଏ ରାଷ୍ଟ୍ର ହାତରେ ଯଦି ଦଶଟି ଭୋଟ, ଆଉ କାହା ହାତରେ ଆଠଟି । ଆର୍ଥିକ କ୍ଷେତ୍ରରେ ପଛୁଆ ଦେଶମାନଙ୍କର ଗୋଟିଏ କି ଦୁଇଟା ଭୋଟ ଏଇ ଦୁଇ ପ୍ରଧାନ ସଂସ୍ଥାରେ ସଦସ୍ୟ-ରାଷ୍ଟ୍ରମାନଙ୍କର ସମାନୁପାତିକ ଭୋଟ ଅଧିକାର ଏପରି ହିସାବ କିତାବ କରି ଖଞ୍ଜା ଖଞ୍ଜି ହୋଇଛି ଯେ ସମୃଦ୍ଧ ପଟର ଦେଶମାନେ ଏକଜୁଟ୍ ହୋଇ ଗରୀବ ଦେଶମାନଙ୍କୁ ଋଣଦେବା ବେଳେ ଭାବିଚିନ୍ତି କଡ଼ା ସର୍ତ୍ତମାନ ଲଦି ଦିଅନ୍ତି । ସେଇ ସର୍ତ୍ତରେ ଦୁର୍ବଳ ଦେଶ ଆଣ୍ଠେଇ ପଡ଼ିବ । ସେହି ଋଣର ଚୋରାବାଲିରୁ ଉଦ୍ଧାର ପାଇବା ଅସମ୍ଭବ - ଏ ପର୍ଯ୍ୟନ୍ତ କେହି ଉଦ୍ଧାର ପାଇ ପାରିନାହାନ୍ତି । ପ୍ରଥମେ ତ ସୁଧକୁ ସୁଝୁ ସୁଝୁ ନାକେଦମ । ସାଧାରଣତଃ

Digitized by srujanika@gmail.com

ଗରୀବ ଦେଶଭାବରେ ଋଣ ପରିମାଣ ହିସାବ କରି ଟିକିଏ କଡ଼ାହାରରେ ସୁଧ କଷା ହୁଏ । ସୁଧ ପଇଠ କରିବାରେ ଅସୁବିଧା ହେଲେ ଆହୁରି ଋଣନେଇ ପ୍ରଥମେ ପୁରୁଣା ଋଣର ସୁଧର ନିଷ୍ପତି ପାଅ । ସମୃଦ୍ଧ ଦେଶମାନଙ୍କରେ ପୁଞ୍ଜିପତିଙ୍କର ପ୍ରତିପତ୍ତି । ସେଇ ଦେଶମାନଙ୍କର ଆର୍ଥିକ ଉନ୍ନତି ଓ ପ୍ରଗତି ବଡ଼ ବଡ଼ ପୁଞ୍ଜିପତିଙ୍କ ହାତରେ ରହିଆସିଛି । ଋଣଗ୍ରସ୍ତ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ବ୍ୟବସ୍ଥା ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ପୁଞ୍ଜିପତି ଓ କାରଖାନା ମାଲିକମାନଙ୍କର ସ୍ୱାର୍ଥକୁ ରକ୍ଷାକରିବା ଭଳି ନୂଆ ଢାଞ୍ଚାରେ ପକାଇବାପାଇଁ ଚାପ ଆସେ ।

ଅର୍ଥାତ୍ ଭାରତର ପୁରୁଣା ଆର୍ଥିକ ଅବସ୍ଥାକୁ ବଦଳାଇବାକୁ ହେବ । ଆମଦାନୀର ନିୟମ କୋହଳ କରିବାପାଇଁ ହେବ । ଏ ଦେଶରୁ କଞ୍ଚାମାଲ ଅତି ସହଜରେ ନେଇ ସେଇଥିରୁ ପ୍ରସ୍ତୁତ ବିଭିନ୍ନ ବସ୍ତୁକୁ ପୁଣି ଭାରତକୁ ଆମଦାନୀ ହେବ । ମାମୁ ଏ ସମସ୍ତ ତତ୍ତ୍ୱ ଅତି ସହଜରେ ବୁଝାଇ ଦେଉଥାଏ । କ୍ଷୁଦ୍ର ଶିଳ୍ପ ଓ ଛୋଟ ଛୋଟ କାରଖାନା ମାଲିକମାନେ ଏହି ଆନ୍ତର୍ଜାତିକ ପ୍ରତିଯୋଗିତାରେ ତିଷ୍ଠିବା ସମ୍ଭବ ହେବନାହିଁ । ବେକାରୀ ବଢ଼ିବ । ବିଦେଶରୁ କୃଷିଜାତ ଦ୍ରବ୍ୟର ଆମଦାନୀ ହେଲେ ବେପାରୀ ପ୍ରଥମେ କମ୍‌ଦରରେ ବିକ୍ରିକରି ଦେଶଜ କୃଷି ଦ୍ରବ୍ୟର ଉତ୍ପାଦନକାରୀ ଚାଷୀଙ୍କ ବେଉସା ବୁଡ଼ାଇଦେବ । ଚାଷୀ ନିପାତ ହେଲାପରେ ପୁଣି ଚଢ଼ାଦରରେ ବିକିବେ । ଅବଶ୍ୟ ଏ ପ୍ରକ୍ରିୟା ସମାପ୍ତ ହେବାପାଇଁ କିଛି ବର୍ଷ ଲାଗିବ । ଏଇ ଅର୍ଥନୀତିର ସଫଳ ପ୍ରୟୋଗ ଦକ୍ଷିଣ ଆମେରିକା ଦେଶମାନଙ୍କରେ ହୋଇ ସାରିଛି । ଦରିଦ୍ରଲୋକେ ଅଧିକ ଦରିଦ୍ର ହୋଇଯିବେ ଏବଂ ଧନବାନ୍ ଲୋକେ ଅଧିକ ଧନୀ ହୋଇଯିବେ । ସମାଜରେ ଏହି ଆର୍ଥିକ ବୈଷମ୍ୟ ଦେଖାଦେଲେ ସାମାଜିକ ଅସ୍ଥିରତା ବୃଦ୍ଧିପାଇବ । ଆମଦେଶରେ ବାଣିଜ୍ୟ ବ୍ୟବସାୟ ବିସ୍ତାର କରିବା ପାଇଁ ଗୋଟାଏ ବଜାର ସୃଷ୍ଟିକରିବାର ଆବଶ୍ୟକତା ରହିଛି । ଆଧୁନିକ ସମୃଦ୍ଧ ଦେଶମାନଙ୍କରେ ଖାଉଟି ମାନଙ୍କର ବଜାର ବିଛେଇ ହୋଇଯାଇଛି । ସେଇ ସଂସ୍କୃତିକୁ ଭାରତବର୍ଷରେ ପ୍ରଚାର ଏବଂ ପ୍ରସାର କରିବାପାଇଁ ଉଦ୍ୟମ ଆବଶ୍ୟକ । ବିଳାସ ବ୍ୟସନ ନିମନ୍ତେ ପ୍ରସାଧନ ସାମଗ୍ରୀ, ନାନାପ୍ରକାର ପୋଷାକ ପରିଚ୍ଛେଦ, ସୌଖିନ ଧରଣର ଖାଇବା ପାଇଁ ବହୁ ମୂଲ୍ୟ ଭୋଜନାଳୟ ଏବଂ ଆହୁରି କେତେକ

Digitized by srujanika@gmail.com

ଲୋଭନୀୟ ଯୋଜନା ମଣିଷ ଭିତରେ ଲୁଚି ରହିଥିବା ଲାଳସାକୁ ଜାଗ୍ରତକରି ସେ ତୃଷ୍ଣା ମେଣ୍ଟାଇବା ନିମନ୍ତେ ବଜାର ପ୍ରତିଷ୍ଠା ଆଉ ଗୋଟିଏ କାର୍ଯ୍ୟକ୍ରମ ।

ମାମୁ ସାଙ୍ଗରେ ଆଲୋଚନା କରିବା ସମୟରେ ମୁଁ ଅନୁଭବ କଲି ଯେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କର ଋଣ କେବଳ ସାମାନ୍ୟ ଆର୍ଥିକ ଋଣ ନୁହେଁ ଏହା ଏକ ସୁଚିନ୍ତିତ ବ୍ୟାପକ ଦୀର୍ଘସୂତ୍ରୀ ଯୋଜନା । ଏଇ ଋଣରେ ବାନ୍ଧିହୋଇ ଦେଶ ନିଜର ସଂସ୍କୃତି, ସମାଜ ବ୍ୟବସ୍ଥା, ଅର୍ଥବ୍ୟବସ୍ଥା, ଐତିହ୍ୟକୁ ଜଳାଞ୍ଜଳିଦେଇ ସର୍ବପ୍ରକାରର ଦାସତ୍ୱ ସ୍ୱୀକାର କରିବ । ବିଦେଶୀ ଋଣ ନିମନ୍ତେ ଆବେଦନ କଲାପରେ କେଉଁ କେଉଁ ସର୍ତ୍ତ ଭିତ୍ତିରେ ସେ ଋଣ ମିଳିବ ତାହା ଉପରେ ଦୁଇପକ୍ଷ ମଧ୍ୟରେ ଆଲୋଚନା ଚାଲିଥାଏ । ଦିଲ୍ଲୀରେ ବିଶ୍ୱବ୍ୟାଙ୍କର ଗୋଟିଏ ଅଫିସ ଖୋଲିଲା । ସମ୍ବାଦ ପତ୍ରରେ ଖବର ପ୍ରଚାରିତ ହେଲା ଯେ ପରବର୍ତ୍ତୀ ବଜେଟ୍ ବିଶ୍ୱବ୍ୟାଙ୍କ୍ ମାର୍ଗଦର୍ଶନରେ ପ୍ରସ୍ତୁତ ହେବ । ମାମୁ କହିଲା, ଏହାଦ୍ୱାରା ଦେଶ ନିଜର ସାର୍ବଭୌମତ୍ୱ ହରାଇ ବସିଲା ଏବଂ ଦେଶର ବୈଦେଶିକ ନୀତି ମଧ ବିଶ୍ୱବ୍ୟାଙ୍କର ଇଙ୍ଗିତରେ ପରିଚାଳିତ ହେବ । ମୋର ତ ଅର୍ଥନୀତିରେ କୌଣସି ଚାଷନାହିଁ । ସମ୍ବାଦପତ୍ରମାନଙ୍କରେ ଦୁଇପ୍ରକାରର ପରସ୍ପର ବିରୋଧୀ ଯୁକ୍ତି ପଢ଼େ । ମାମୁ ସହିତ ଆଲୋଚନା କଲାବେଳେ ଭିତରି ଉଦ୍ଦେଶ୍ୟ ବିଷୟରେ ମାମୁ ଯୁକ୍ତି ଉପସ୍ଥାପନା କରେ ସେଥିରୁ ଅନେକ ବିଷୟବସ୍ତୁ ମୋ ମନକୁ ପାଏ । ଅବଶ୍ୟ ମୋର ଭୂମିକା ଗୌଣ - ଏ ପଟେ ନା ସେ ପଟେ ମୋର କିଛି କରିବାର ନଥାଏ । ପ୍ରାୟ ପଚିଶବର୍ଷ ପରେ ମାମୁର କଥା ମନେ ପକାଇଲେ ମୁଁ ଭାବେ ମାମୁ କେତେ ଦୂରକୁ ଦେଖିପାରୁଥିଲା । ଯେଉଁ ସ୍ୱଦେଶୀ ଆନ୍ଦୋଳନରେ ଝାସଦେଇ, ବିଦେଶୀ ଦ୍ରବ୍ୟ ବର୍ଜନକୁ ପ୍ରଧାନ ଆଭିମୁଖ୍ୟକରି ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା, ସେଇ ଦେଶରେ ପୁଣି ଥରେ ବିଦେଶୀ ବେପାରୀଙ୍କୁ ନିମନ୍ତ୍ରଣକରି ଆଣି ଦେଶର ଆର୍ଥିକ ସ୍ୱାଧୀନତାକୁ ତାଙ୍କରି ହାତରେ ଟେକି ଦିଆଗଲା । ମାମୁ ଶେଷ ପର୍ଯ୍ୟନ୍ତ ତା'ର ସଂଗ୍ରମା ଚଳେଇ ଯାଇଥିଲା ।

୧୯୯୯ରେ ଓଡ଼ିଶାର ସମୁଦ୍ରତଟବର୍ତ୍ତୀ ଜିଲ୍ଲାମାନଙ୍କରେ ପ୍ରଳୟଙ୍କରୀ ବାତ୍ୟା ତାହାର ଧ୍ୱଂସଲୀଳା ଦେଖାଇ ଦେଇଗଲା । ଏରସମା ଏବଂ ତାହାର ଆଖପାଖ

Digitized by srujanika@gmail.com

ଇଲାକାର କେତେକ ଗ୍ରାମ ନିଶ୍ଚିହ୍ନ ହୋଇଗଲା । ଗୋଟିଏ ଗୋଟିଏ ବସତିରେ ଦୈବକ୍ରମେ ମାତ୍ର ଜଣେ ଦୁଇଜଣ ଜୀବିତ ଥିଲେ । ମୁଁ ଚାକ୍ଷୁଷ ପ୍ରମାଣ ପାଇଛି ଯେ ଗୋଟିଏ ପଡ଼ାର ୫୭ଘରର ସମସ୍ତ ବାସିନ୍ଦାଙ୍କ ମଧ୍ୟରୁ ତିନିଜଣ ଗ୍ରାମରେ ଅନୁପସ୍ଥିତ ଥିବାରୁ ବର୍ତ୍ତିଗଲେ । ଅନ୍ୟ ସମସ୍ତଙ୍କୁ ସେହି ମହାବାତ୍ୟା ଗ୍ରାସକଲା । ସେହି ସମୟରେ ସର୍ବୋଦୟ ରିଲିଫ ସମିତର ସ୍ୱେଚ୍ଛାସେବକମାନେ ଓ କସ୍ତୁରବା ନିଧିର ମହିଳା କର୍ମୀମାନେ ଅକ୍ଳାନ୍ତ ପରିଶ୍ରମକରି ଦୁର୍ଦ୍ଦଶାଗ୍ରସ୍ତ ଗ୍ରାମବାସୀମାନଙ୍କର ସେବା ଓ ଥଇଥାନର ବ୍ୟବସ୍ଥା କଲେ । ମାମୁ ଏହି ରିଲିଫ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲା । ଗାଁ'ମାନଙ୍କରେ ରିଲିଫ୍ କେନ୍ଦ୍ର ପ୍ରତିଷ୍ଠା କରି ଭୋଜନ ବ୍ୟବସ୍ଥା, ବିକ୍ଷିପ୍ତ ଶବଗୁଡିକର ସମୂହ ସଂସ୍କାର, ପାନୀୟ ଜଳର ବ୍ୟବସ୍ଥା ପ୍ରଭୃତି ବହୁମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ଏହି ଦୁଇ ଅନୁଷ୍ଠାନ ସେବାର ପରମ ପରାକାଷ୍ଠା ପ୍ରଦର୍ଶନ କରିଥିଲେ । କସ୍ତୁରବା ନିଧିର ମହିଳାକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ରମାନ ପ୍ରତିଷ୍ଠାକରି ଗାଁ ଗାଁରେ ମହାମାରୀ ବ୍ୟାପିବାରୁ ଜନସାଧାରଣଙ୍କୁ ରକ୍ଷାକରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେଇଥିଲେ । ଏହି ସବୁ କାର୍ଯ୍ୟକ୍ରମ ସରକାରୀ ସାହାଯ୍ୟ ପହଞ୍ଚିବାର ପୂର୍ବରୁ ସେମାନେ ହାତକୁ ନେଇ ସାରିଥିଲେ । ଏହି ସଂସ୍ଥା ତରଫରୁ ବାସଗୃହ ନିର୍ମାଣର କାର୍ଯ୍ୟକ୍ରମ ମଧ୍ୟ ସାମିଲ କରାହୋଇଥିଲା । ପରିଣତ ବୟସରେ ମାମୁର ସ୍ୱାସ୍ଥ୍ୟ ମଧ୍ୟ ଭାଙ୍ଗିବା ପାଇଁ ଆରମ୍ଭ କଲା । ମାମୁ ତା'ର ଦୈନିକ ବ୍ୟାୟାମ ଏବଂ ସାନ୍ଧ୍ୟଭ୍ରମଣ ନିୟମିତ ଭାବରେ ଚାଲୁ ରଖିଥାଏ । ମାମୁ କେଇଂଥର ହଠାତ୍ ଉଠି ଠିଆ ହୋଇଯିବାରୁ ତା'ର ମୁଣ୍ଡ ବୁଲାଇ ଦେଲା ଓ ସେ ପଡ଼ିଯାଇଥିଲା । ଏହିପରି ଗୋଟିଏ ସାମାନ୍ୟ ଘଟଣା (ଦୁର୍ଘଟଣା)ଫଳରେ ତାହାର ମସ୍ତିଷ୍କରୁ ରକ୍ତସ୍ରାବ ହେଲା । ତାହା ଏତେ ଗୁରୁତର ନଥିଲା ଅର୍ଥାତ୍ ତତ୍କ୍ଷଣାତ୍ କୌଣସି ଆନୁସଙ୍ଗିକ ଲକ୍ଷଣ ପରିଲକ୍ଷିତ ହୋଇନଥିଲା । ଅଳ୍ପକେଇଦିନରେ ମାମୁ ଅସ୍ୱସ୍ତି ବୋଧକଲା ଏବଂ ପରୀକ୍ଷା କଲାରୁ ମସ୍ତିଷ୍କରେ ସାମାନ୍ୟ କ୍ଷତ ହୋଇ ସେଇଠାରେ ରକ୍ତଜମାଟ ବାନ୍ଧିଥିବାର ଦେଖାଗଲା । ମସ୍ତିଷ୍କରେ ଅସ୍ତ୍ରୋପଚାର କରିଲାପରେ ପରେ ମାମୁ ତାର ସ୍ୱାଭାବିକ ଜୀବନଯାତ୍ରା ପୁନର୍ବାର ଆରମ୍ଭ କଲା । ମାମୁ ରୀତିମତ ଭାବେ ସଭା ସମିତିରେ ଯୋଗଦେଲା ଏବଂ ଲେଖାଲେଖି ଆରମ୍ଭକଲା ।

Digitized by srujanika@gmail.com

୨୦୦୩ ମସିହାରେ ଆମେ ଆମର ନିଜ ଘରକୁ ଉଠିଗଲୁଁ । ମାମୁ ଦିନେ ସେ ଘରକୁ ବୁଲି ଆସିଲା । ତା' ସାଙ୍ଗରେ ମାମ୍‌ନା, ଗାଗା ଏବଂ ବା' ମଧ୍ୟ ଆସିଥିଲେ । ସେଇ ଘରର ଗୋଟିଏ ପଟ କାନ୍ଥ ପଥରର । ସେହି କାନ୍ଥରେ ମାମୁ ହାତରେ ଅଙ୍କା ଗୋଟିଏ ଚିତ୍ର ଟଙ୍ଗାଇବାପାଇଁ ମୋର ସ୍ତୀର ଇଚ୍ଛା । ମାମୁକୁ ସେଇ କଥା କହିଲି । ମାମୁ କହିଲା ଭାବିଚିନ୍ତି ଗୋଟିଏ ଛବି ଆଙ୍କିବ । ମୁଁ ମାମୁକୁ କହିଲି ଛବିଟା ଟିକିଏ ବଡ଼ ହେବା ଦରକାର - ଠିକ୍ ଅମିର ଛବି ଭଳି ବଡ଼ । ମୁଁ ଜୁନମାସ ଛଅ ତାରିଖରେ ବାଖରାବାଦରେ ମାମୁ ସହିତ ସାକ୍ଷାତକରିବା ପାଇଁ ଗଲି । ମାମୁ ମୋ ସାଙ୍ଗରେ ବଡ଼ ଉତ୍ସାହରେ ଆଲୋଚନା କଲା । ତାହାର ଅତି ଆଗ୍ରହ ଯେ "ପରଶମଣିର ସନ୍ଧାନେ"ପୁସ୍ତକର ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ ପାଇଁ ସେ ଲେଖିବ । ପଦାର୍ଥ ବିଜ୍ଞାନରେ ବିଗତ ଦୁଇ ଦଶନ୍ଧିରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଘଟିଛି ତାହାର ବିଶ୍ଳେଷଣ ଏବଂ ପର୍ଯ୍ୟାଲୋଚନା ଆଉ ଗୋଟିଏ ଦୁଇଟି ଅଧ୍ୟାରେ ଲେଖି ଯୋଗ କରିବ । ମୁଁ ଉତ୍ତରରେ କହିଲି ଯେ ମୁଁ ଟିକିଏ ସମୟ ପାଇଲେ ତା' ସାଙ୍ଗରେ ବସି ଆଲୋଚନା କରିବି । ସେ ଯେତିକି ତଥ୍ୟ ଉପଯୁକ୍ତ ଭାବିବ ସେତିକି ନୂତନ ସଂସ୍କରଣରେ ଯୋଗହେବ । ମାମୁର ତହିଁ ଆରଦିନ ଭୁବନେଶ୍ୱର ଆସିବାର ଥିଲା । ସେ କହିଲା, ସେ ସାମନ୍ତରାପୁର ଯାଇ ପଟ୍ଟନାୟକବାବୁଙ୍କ ସାଙ୍ଗରେ ଦେଖାକରିବାକୁ ଚାହେଁ - ପଟ୍ଟନାୟକବାବୁ ଏକାଟିଆ ହୋଇଗଲେ । ମଇ ମାସରେ ମୋର ଶାଶୁ ବିଗତ ହେଲେ । ଅଧ୍ୟାପକ ତ୍ରିନାଥ ମୃତ୍ୟୁଞ୍ଜୟ ପଟ୍ଟନାୟକ ମୋର ଶ୍ୱଶୁର । ମାମୁ ତାଙ୍କୁ ସଙ୍ଖୁଳିବାକୁ ଯିବ ବୋଲି ଇଚ୍ଛାପ୍ରକାଶ କରିଥିଲା । ସାତ ତାରିଖ ସନ୍ଧ୍ୟାବେଳେ ମାମୁକୁ ନାନୀଘରୁ ମୋ ଗାଡ଼ିରେ ନେଇ ବାହାରିଲି । ସେଇଠୁ ସାଆନ୍ତରାପୁରକୁ ଯିବା ରାସ୍ତାରେ ଭାରି ଭୀଡ଼ । ଧୀରେ ଧୀରେ ସାବଧାନରେ ଗାଡ଼ି ଚଳାଇବାପାଇଁ ପଡୁଥାଏ । ସେଇ ସମୟରେ ରବୀନ୍ଦ୍ର ସଙ୍ଗୀତର ଗୋଟାଏ ସିଡ଼ି ମୋ ଗାଡ଼ିରେ ବାଜୁଥିଲା । ଗାୟୀକା ସୁଚିତ୍ରା ମିତ୍ର । ତାଙ୍କର ସ୍ୱର ସାଧନା ଉଚ୍ଚକୋଟୀର ଏବଂ ସ୍ୱର ମଧ୍ୟ ସୁଲଳିତ । ସେ ଗୀତଗୁଡ଼ିକ ମନପ୍ରାଣ ଦେଇ ଗାଇଛନ୍ତି - ବଛା ବଛା ରବୀନ୍ଦ୍ର ସଙ୍ଗୀତ । ମାମୁ ତନ୍ମୟ ହୋଇ ଶୁଣୁଥାଏ ଆଉ ମଝିରେ ମଝିରେ ତା'ର ବକ୍ତବ୍ୟ ଦୁଇଚାରି ପଦରେ କହୁଥାଏ । ସୁଚିତ୍ରା ମିତ୍ରଙ୍କର

Digitized by srujanika@gmail.com

ଯେଉଁ ଗୀତ ସବୁଥିଲା ତାହା ଭିତରେ "ଆଗୁନେର ପରଶମନି", "ଚରନ ଧରିତେ", "ମାଥା ନତକରେ ଦାଓ", "ଜୀବନ ଯଖନ ଶୁକାଏ ଯାୟେ", "କ୍ଳାନ୍ତି ଆମାର", "ସତ୍ୟ ମଙ୍ଗଳ" ଇତ୍ୟାଦି ଥିଲା । ଜୀବନ ଯଖନ ଶୁକାଏ ଯାୟେ ଗୀତ ପରେ ମୁଁ ମାମୁକୁ ପଚାରିଲି ଯେ ଗାନ୍ଧୀଙ୍କର ପୁନା-ଅନଶନ ସମାପନ ସମୟରେ ରବୀନ୍ଦ୍ରନାଥ ଏଇ ଗୀତ ନିଜେ ଗାନ୍ଧୀଙ୍କ ସାମନାରେ ବସି ଗାଇଥିଲେ କି ? ମାମୁ ହଁ ଭରିଲା । ସାନ୍ତରାପୁରରୁ ଫେରିଲା ବେଳକୁ ସେଇ ଗୀତସବୁ ଶୁଣି ଶୁଣି ଆସିଲୁଁ । ମାମୁ କହିଲା ଯେ ରବୀନ୍ଦ୍ରନାଥ ସମସ୍ତଙ୍କ ପାଇଁ ଗୀତ ଲେଖିଛନ୍ତି । ପ୍ରେମର ମିଳନ, ବିରହ-ବିଚ୍ଛେଦ, ଆନନ୍ଦର ଧାରା, ଭକ୍ତିରସର, ପ୍ରାର୍ଥନା, ଦାର୍ଶନିକ ଭାବର ସଙ୍ଗୀତ... । ସେ ବର୍ଷ ମୋ ବାରି ଦଶହରୀ ଆମ୍ବଗଛରେ ଦୁଇଟି ମାତ୍ର ଆମ୍ବ ଫଳିଥିଲା । ତା'ପରଦିନ ଜୁନ ଆଠତାରିଖ ସକାଳେ ଗୋଟିଏ ପାଚିଲା ଆମ୍ବ ନେଇ ଦେଲି । ନାନାଘରେ ସମସ୍ତେ ଚେନାଏ ଚେନାଏ ଖାଇଲୁଁ । ଗଛ ପାଚିଲା ଆମ୍ବ ସ୍ନିଗ୍ଧ ସୁଗନ୍ଧ ଏବଂ ସୁସ୍ୱାଦୁ । ମାମୁ ଆମ୍ବ ଭାରି ଭଲପାଏ । ଚେନାଏ ଆମ୍ବ ଖାଇ ତା' ମନ ପୂରିଲା ନାହିଁ । ମୁଁ ତାକୁ କହିଲି "ତୁ କେବେ କ'ଣ ଭାବିଥିଲୁ ଯେ ତୁ ଭୁବନେଶ୍ୱରରେ ବସି ମୋ ବାରୀର ଦଶହରୀ ଆମ୍ବ ଖାଇବୁ ?" ଆର ବର୍ଷକୁ ଆହୁରି ବେଶି ଫଳିବ । ମାମୁ କହିଲା, ତୋ କାନ୍ଥରେ ଟଙ୍ଗାଇବା ପାଇଁ ଗୋଟାଏ ବଡ଼ିଆ ଛବି ଆଙ୍କିବାର ଆଇଡ଼ିଆ ମନକୁ ଆସିଛି । ସରଞ୍ଜାମ ଯୋଗାଡ଼ ହେଲେ ଆଙ୍କିବା ଆରମ୍ଭ କରିବି । ମୁଁ ସେଇଦିନ ଦିଲ୍ଲୀବାଟେ ଚଣ୍ଡୀଗଡ଼ ଚାଲିଗଲି । ଚଣ୍ଡୀଗଡ଼ରୁ ଦଶ ତାରିଖ ରାତିରେ ଦିଲ୍ଲୀ ଫେରିଆସିଲି । ବାର ତାରିଖ ସକାଳେ କଲାମଙ୍କ ସହ ସାକ୍ଷାତ୍‌କାର ସ୍ଥିର ହୋଇଥିଲା ।

ଏଗାର ତାରିଖ ସକାଳୁ ମୋର ପ୍ରାତଃଭ୍ରମଣ ଶେଷକରି ଜଳଖିଆ ପରେ ସମ୍ବାଦପତ୍ର ପଢ଼ିସାରି ଅତିଥି ଗୃହକୁ ପ୍ରବେଶ କରିବା ପାଇଁ ଯାଉଛି, ମୋତେ ଜଣେ କର୍ମଚାରୀ କହିଲେ, "ଆପଣଙ୍କର ଗୋଟିଏ ଫୋନ୍ ଭୁବନେଶ୍ୱରରୁ ଆସିଥିଲା । ସେ ଆହୁରି ଥରେ ଡାକିବେ, ଆପଣ ଆପଣଙ୍କର ନିଜ ବଖରାକୁ ଚାଲି ଯାଆନ୍ତୁ ।" ଅଳ୍ପ ସମୟପରେ ମୋର ବନ୍ଧୁ ଏବଂ ସହକର୍ମୀ ଅବିନାଶ ଖାରେ ମୋତେ କହିଲେ ଯେ, "ଭୋର ଭୋର ତୁମର ମାମୁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚାଲିଗଲେ ।

Digitized by srujanika@gmail.com

ତୁମେ କଟକ ଫେରି ଆସ ।" ସେ ସମୟରେ ଭୁବନେଶ୍ୱରକୁ ଏତେ ବିମାନ ସେବା ନଥିଲା । ସେଇଦିନ ତ ଭୁବନେଶ୍ୱର ଯିବା ଅସମ୍ଭବ । ମୁଁ ବାରତାରିଖ ଫେରିଯିବା ପାଇଁ ଟିକଟ ପାଇଲି । କଟକ ଫୋନ୍‌କରି ସେଇ କଥା ଜଣାଇଲି । କେତେକ ଆତ୍ମୀୟ ଇଚ୍ଛା ପ୍ରକାଶ କଲେ ଯେ ମୁଁ ଫେରିଲେ ବାରତାରିଖ ଉପରବେଳା ମାମୁର ଅନ୍ତେଷ୍ଟିକ୍ରିୟା ହେବ । ମୁଁ ଅସମ୍ମତ ହେଲି । ଜୁନମାସରେ ଆଉ ଗୋଟିଏ ଦିନ ରଖିବା ଅନୁଚିତ ହେବ ବୋଲି ମତ ଦେଲି ଏବଂ ନାନୀ ମୁଖାଗ୍ନି ଦେଲା । ସେଇ ଏଗାର ତାରିଖ ଉପରବେଳା କଲାମଙ୍କର ବ୍ୟକ୍ତିଗତ ସଚିବଙ୍କୁ ଫୋନରେ ଅନୁରୋଧ କଲି ଯେ ସେ ମୋର କଲାମଙ୍କ ସହ ସାକ୍ଷାତକାରକୁ ବାତିଲ କରିଦିଅନ୍ତୁ କାରଣ ମୋର ମାମୁ ବର୍ତ୍ତମାନ ପରଲୋକଗତ । ବାରତାରିଖ ଦିନ ସିଧା ବାଖରାବାଦ ଗଲି । କିଏ କାହାକୁ କ'ଣ କହିବ ? ମାମୁର ପ୍ରୟାଣ ପରିଣତ ବୟସରେ ଘଟିଲା । କିନ୍ତୁ ଅଘଟଣଟି ଅକସ୍ମାତ ଘଟିଲା । ଦଶ ତାରିଖ ସନ୍ଧ୍ୟାବେଳେ ମାମୁ ବିଶ୍ୱନାଥ ପଟ୍ଟନାୟକ 'ଆଜ୍ଞା'ଙ୍କୁ ଦେଖିବାପାଇଁ କଟକ ବଡ଼ ଡାକ୍ତରଖାନାକୁ ଯାଇଥିଲା । ଫେରିବା ବାଟରେ ରାଣୀହାଟରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଯଦୁନାଥ ପ୍ରସାଦ ଦାସଙ୍କୁ ଭେଟି ତାଙ୍କ ସହିତ ଗପସପ କରି ବାଖରାବାଦ ଆସି ଖାଇ ଶୋଇଲା । ପରଦିନ ଭୋରରୁ ଉଠି ପାଇଖାନା ଗଲା ଏବଂ ପରେ ଚୌକିରେ ବସି ଯନ୍ତଣା ଅନୁଭବ କଲା । ମାମୁକୁ ଦେଖି ଗାଗା ଯନ୍ତଣାର ଆତିଶଯ୍ୟ ଅନୁମାନ କରି ପଚାରିଲା, "ଭାଇ, କ'ଣ ବହୁତ କଷ୍ଟ ହେଉଛି ?" ମାମୁ ମୁଣ୍ଡ ଟୁଙ୍ଗାରୀ "ହଁ"ଭରିଲା । ଇତି ମଧ୍ୟରେ ଯଦୁବାବୁଙ୍କୁ ଫୋନ୍‌ରେ ଖବର କରାଗଲା, ଏବଂ ପାଖରୁ ଜଣେ ଡାକ୍ତର ବି ଆସିଲେ । ଯଦୁବାବୁ ଆସି ପହଞ୍ଚିଲା ବେଳକୁ ସବୁ ଶେଷ ।

ବାଖରାବାଦ ଘର ମତେ ଖାଲି ଖାଲି ଲାଗୁଥାଏ । ମୁଁ ମାମ୍‌ନା ମୁହଁକୁ ଆଖି ଟେକି ଚାହିଁପାରୁ ନଥାଏ । ମାମ୍‌ନାର ତ ଅସୀମ ଧୈର୍ଯ୍ୟ । ସେ ପ୍ରାୟ କନ୍ଦାକଟା କରୁ ନଥାଏ । କେହି ଜ୍ଞାତିକୁଟୁମ୍ବ ଫୋନ୍ କଲେ ସେ କେବଳ କହିବାର ଶୁଣିଛି, "ମତେ ଏକା ଏକା ଲାଗୁଛି । ଜଣଙ୍କ ସାଙ୍ଗରେ ଏତେ ବର୍ଷ ଧରି ଜୀବନ ବିତାଇ ଆସିଥିଲି । ତାଙ୍କର ଅନୁପସ୍ଥିତି ତ ମୁଁ ଅନୁଭବ କରୁଛି ।"

Digitized by srujanika@gmail.com

ମୋର ମନ କିନ୍ତୁ ଏ ଘର ସେ ଘର ହୋଇ ମାମୁକୁ ଖୋଜି ବୁଲୁଥାଏ । ବାଖରାବାଦର ମଝି ବଖରାରେ ମାମୁ ବସି ପଢ଼ାପଢ଼ି, ଲେଖାଲେଖି କରେ । ମୁଁ ଭୁବନେଶ୍ୱରରୁ ଯାଇ ସେଇ 'ଅଫିସ' ଘରେ ପଶିଗଲେ ମାମୁ ମତେ ମୁହଁ ଟେକି ଚାହେଁ । ଆମେ ସେଇ ଘରେ ବସି ଗପସପ କରୁଁ । ସେଠିକି ଗଲାବେଳକୁ ମୋର ମନ ଆଖି ମାମୁକୁ ଖୋଜନ୍ତି । ଖାଇବା ଜାଗାରେ ମାମୁ ବରାବର ଗୋଟିଏ ନିର୍ଦ୍ଦିଷ୍ଟ ଚୌକିରେ ବସି ଖାଏ । ସେଇଠି ସେ ଚୌକି ଖାଲି । ସନ୍ଧ୍ୟାବେଳେ ବାଖରାବଦ ଘର ବାରଣ୍ଡାରେ ପ୍ରାର୍ଥନା ହୁଏ । ମାମୁ ପ୍ରାର୍ଥନା ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସାଧାରଣତଃ ବସୁଥିଲା । ମାମୁ ଚାଲିଯିବା ପରେ ଶୋକ ପାଳନର ଦିନଗୁଡ଼ିକରେ ସେହି ପିଣ୍ଡାରେ ପ୍ରାର୍ଥନା ହେଉଥିଲା ଏବଂ ପ୍ରାର୍ଥନା ଟିକିଏ ଅପେକ୍ଷାକୃତ ବିସ୍ତୃତ ହେଉଥିଲା । ପରିବାର ବର୍ଗଙ୍କ ବ୍ୟତୀତ ଆହୁରି ଅନେକ ବନ୍ଧୁବାନ୍ଧବ, ପ୍ରିୟଜନ ମଧ୍ୟ ସେହି ପ୍ରାର୍ଥନାରେ ଯୋଗଦେଉଥିଲେ । କିନ୍ତୁ ମାମୁର ଆସନ ଶୂନ୍ୟ । ଓଡ଼ିଶାବ୍ୟାପୀ ଶୋକସଭା ହେଲା । ଭାରତବର୍ଷର ବିଭିନ୍ନ ପ୍ରଦେଶରୁ ଶୋକବାର୍ତ୍ତାମାନ ଆସିଲା । ଓଡ଼ିଶାର ତ ନାନା ଗାଁ ଗଣ୍ଡାରେ ଶୋକସଭା ହେଲା । ମାମୁର ଜନସମ୍ପର୍କ ଓଡ଼ିଶାର ପୁରପଲ୍ଲୀରେ ପରିବ୍ୟାପ୍ତଥିଲା । ବିନୋବାଜୀଙ୍କର ପଦଯାତ୍ରା ସମୟରେ ତ ସେ ଲକ୍ଷ୍ମଣନାଥଠାରୁ ବାତିଲି ପର୍ଯ୍ୟନ୍ତ ତାଙ୍କ ସାଙ୍ଗରେ ଥିଲା । ଉପରନ୍ତୁ ମାମୁ ଭୂଦାନ ଯଜ୍ଞର ବାର୍ତ୍ତା ପ୍ରଚାର ପାଇଁ ଏବଂ ଭୂଦାନ ସଂଗ୍ରହ କାମରେ ଗାଁ ଗାଁ ପାଦରେ ଚାଲି ଚାଲି ଅଥବା ସାଇକଲରେ ଚଢ଼ି ଜନସମ୍ପର୍କ ସ୍ଥାପନ କରିଥିଲା । ସ୍ୱାଧୀନତା ସଂଗ୍ରାମୀ ଏବଂ ଭୂଦାନ-ସର୍ବୋଦୟ କର୍ମୀଙ୍କର ସେ ଭାଇ/ବୁଲୁଭାଇ ଥିଲା । ସେଥି ସକାଶେ କେତେ ସର୍ବୋଦୟ-ପରିବାରର ସଦସ୍ୟ ମାମୁନାକୁ ସଙ୍ଖୋଳିବା ପାଇଁ ଆସୁଥିଲେ ତାହାର ଗଣତି କରିହେବ ନାହିଁ । କଟକ ସହରରେ ବିଭିନ୍ନ ଅନୁଷ୍ଠାନରେ ଶୋକସଭା ହୋଇଥିଲା । ମୁଁ ପରିବାର ଭିତରେ ବଡ଼ ଭାବରେ 'ଗଣା' ହେଉଥିଲି । ସେଥିପାଇଁ ମୋତେ ଔପଚାରିକ ଭାବରେ କେହି କେହି କର୍ମକର୍ତ୍ତା ବିଶେଷ ଭାବରେ ଆମନ୍ତ୍ରଣ ମଧ୍ୟ କରୁଥିଲେ । ମୁଁ ସେଇ ସଭାଗୁଡ଼ିକୁ ଯାଉଥିଲି । ସେଠାରେ ପ୍ରଦତ୍ତ ଭାଷଣ ଗୁଡ଼ିକ ଶୁଣି ମୋର ହୃଦ୍‌ବୋଧ ହେଲା ଯେ ମାମୁର ବ୍ୟକ୍ତିତ୍ୱ କି ପ୍ରକାରର ଥିଲା । ମାମୁ ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କୁ କିପରି ପ୍ରଭାବିତ କରିଥିଲା

Digitized by srujanika@gmail.com

ଏବଂ ଅନୁପ୍ରାଣିତ କରିଥିଲା । କଟକର ଶହୀଦ୍‌ଭବନରେ କଟକ ନଗରବାସୀଙ୍କ ତରଫରୁ ଏକ ଶୋକସଭାର ଆୟୋଜନ ହୋଇଥିଲା ସେହି ସଭାରେ ଯଥେଷ୍ଟ ଜନ ସମାଗମ ହୋଇଥିଲା । ରାଜନୈତିକ ନେତା, ସ୍ୱାଧୀନତାସଂଗ୍ରାମୀ, ଗାନ୍ଧୀ-ସର୍ବୋଦୟ ବିଚାରର କର୍ମୀ, ବୁଦ୍ଧିଜୀବି ଓ ଯୁବକ ନେତାମାନେ ଭାଷଣ ଦେଇଥିଲେ । ସେହି ଭାଷଣ ଶୁଣୁ ଶୁଣୁ ମୁଁ ଭାବିବାକୁ ଆରମ୍ଭକଲି ଯେ ଏହି ବକ୍ତାମାନେ ଜଣେ ବ୍ୟକ୍ତିର କର୍ମମୟ ଜୀବନର ଆଲୋଚନା କରୁଛନ୍ତି ନା କେତେଜଣ ବ୍ୟକ୍ତିଙ୍କର ଶୋକସଭା ଏକାଦିନେ ଗୋଟିଏ ସଭାଗୃହରେ ପାଳନ କରୁଛନ୍ତି ?

ସେହି ସଭାରେ ମନୋରମା ମହାପାତ୍ରଙ୍କର ଭାଷଣ ମୋର ହୃଦୟକୁ ସ୍ପର୍ଶ କରିଥିଲା । ସେ ଜଣେ ବିଦୂଷୀ । ଓଡ଼ିଆ, ବଙ୍ଗଳା ଓ ଅନ୍ୟ ଅନେକ ସାହିତ୍ୟରେ ତାଙ୍କର ଜ୍ଞାନ ଅତ୍ୟନ୍ତ ଗଭୀର । ତାଙ୍କର ଭାଷଣ ସାରଗର୍ଭକ ଏବଂ ଭାଷଣ ଦେବାର ସମସ୍ତ କଳାରେ ସେ ସୁନିପୁଣା । ସେ ଦିନର ଭାଷଣ ତାଙ୍କର ନିଜ ମାନଦଣ୍ଡରେ ତଉଲିଲେ ମଧ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା । ମନୋରମା ମହାପାତ୍ର ସେ ଦିନ ଭାବବିହ୍ୱଳ ହୋଇ ପଡ଼ିଥିଲେ । ଭାବବିହ୍ୱଳ ହେବାର କାରଣ ମଧ୍ୟ ଯଥେଷ୍ଟ । ଦୁଇ ପରିବାରର ସମ୍ପର୍କ ଘନିଷ୍ଠ ଥିଲା । ରାଧାନାଥ ରଥ ମହାଶୟ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଜେଜେ-ଅମିଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ଥିଲା । ତାଙ୍କର ସନ୍ତାନମାନଙ୍କର ମାମୁ, ଗାଗା, ବୁବୁମାଉସୀ ପ୍ରଭୃତିପ୍ରତି ସ୍ନେହ ଓ ସମ୍ମାନ ଥିଲା । ରାଧାନାଥବାବୁ ଦାଦାଜେଜେର ମନ୍ତ୍ରୀମଣ୍ଡଳର ପୁରୁଖା, ଟାଣୁଆ ସଦସ୍ୟ ମଧ୍ୟ ଥିଲେ । ସେ ସର୍ବୋଦୟ ରିଲିଫ୍ ସମିତିର ସଭାପତି ହୋଇଥିଲେ । ମନୋରମା ମହାପାତ୍ରଙ୍କର ପିଲା ଦିନୁ ଅମି-ଜେଜେ, ଆଗୋ-ଦାଦାଜେଜେ, ମାମୁ, ଗାଗାଙ୍କ ସାଙ୍ଗରେ ମଧୁର ସମ୍ପର୍କ ଥିଲା । ସେ ପରିବାରର ସଦସ୍ୟା ଭଳିଥିଲେ । ତାଙ୍କର ଅଭିଭାଷଣରେ ମାମୁର କର୍ମମୟ ଜୀବନ, ତାହାର ସାହିତ୍ୟ ସାଧନା ଏବଂ ବ୍ୟକ୍ତିତ୍ୱର ଅତି ସୁନ୍ଦର ଚିତ୍ର ଉପସ୍ଥାପନ କଲେ । ମନୋରମାଦେବୀ ଗୋଟିଏ ବାକ୍ୟରେ କହିଲେ, ଯେଉଁଟି ମୋର ହୃଦୟକୁ ଅଧିକ ସ୍ପର୍ଶକଲା । ତାଙ୍କ ଭାଷାରେ "ମନମୋହନ ଚଉଧୁରୀ କାହାରି ନିକଟରେ ନତମସ୍ତକ ହୋଇ ନାହାନ୍ତି । ସେ କେବଳ ନିଜର ବିବେକ ନିକଟରେ ନତମସ୍ତକ ହୋଇଛନ୍ତି ।" କେତେ ବଡ଼ କଥା । କି ବିଶାଳ ବ୍ୟକ୍ତିତ୍ୱ ?

Digitized by srujanika@gmail.com

ମାମୁର ଜୀବନ ବୃତାନ୍ତ ପୁସ୍ତାକାକାରରେ ଭବିଷ୍ୟତରେ ପ୍ରକାଶିତ ହେବ । ସମ୍ଭବତଃ ଏକାଧିକ ପୁସ୍ତକ ପ୍ରକାଶିତ ହେବ । ବିଦ୍ୱାନ, ପଣ୍ଡିତ, ସୁଲେଖମାନେ ଉତ୍କୃଷ୍ଟ ପୁସ୍ତକ ରଚନାକରି ମାମୁର ଜୀବଦ୍ଦଶାର କାର୍ଯ୍ୟାବଳୀର ବିସ୍ତୃତ ଆଲୋଚନା କରିବେ, ତାହାର ମୂଲ୍ୟାୟନ କରିବେ । ସମୟ ମୂକ ଅଥଚ ନିଷ୍ଠୁର ବିଚାରପତି । ମାମୁର କର୍ମମୟ ଜୀବନର ଐତିହାସିକ ଗୁରୁତ୍ୱ ଲୋକ ଲୋଚନକୁ ଆସିବ । ଏହି ପ୍ରକାରର ଜୀବନୀ ପ୍ରସ୍ତୁତ କରିବା ସମୟ ସାପେକ୍ଷ ଏବଂ ଏହାର ରଚନା କଷ୍ଟସାଧ । ମୋର ଦୃଢ଼ ଧାରଣା ଏବଂ ଆଶା ଯେ ଏହିପରି ଏକ ପୁସ୍ତକ / ଗ୍ରନ୍ଥ ପ୍ରକାଶିତ ହେବ ।

ମାମୁର ଜୀବନ ବୈଚିତ୍ର୍ୟମୟ । ସାତୋଟି ଅନ୍ଧ ଅଣ୍ଡାଳି ଅଣ୍ଡାଳି ଯାହା ଅନୁଭବ କଲେ ସେତକ ପ୍ରକାଶ କଲେ । କେହି ଜଣେ ସେ ସମସ୍ତ "ତଥ୍ୟ"ର ସମନ୍ୱୟ କରି କହିଲେ - ଏହା ଗୋଟିଏ ହାତୀ । କିନ୍ତୁ ଗୋଟିଏ ଅନ୍ଧ ଲୋକ ଯଦି କହି ଥାଆନ୍ତା, ଯେ ସେ ଗୋଟିଏ ଦଉଡ଼ି କିମ୍ୱା କୁଲାଟିଏ ଛୁଇଁ ଆସିଲା । ଏତିକି କଥାରୁ କ'ଣ ନିରୂପଣ ହୋଇ ଥାଆନ୍ତା ଯେ ସେ ହାତୀର ଲାଙ୍ଗୁଡ଼ ଅଥବା କାନକୁ ଛୁଇଁ ଆସିଲା ?

ମାମୁ ଅଳ୍ପ ବୟସରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲା । ଗାନ୍ଧୀ ବିଚାରକୁ ଅଧ୍ୟୟନକରି, ନିଜ ଜୀବନରେ ସେହି ପନ୍ଥା ଅନୁସରଣ କରି ନିଜର ଲକ୍ଷ୍ୟଦିଗରେ ଆଗେଇଥିଲା । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ତାହାର ଦୁଆର ଝରକା କିଳି ଦେଇଥିଲା । ମାମୁ ତାହାର ଆତ୍ମଜୀବନୀରେ ଉଲ୍ଲେଖକରି ଲେଖିଛି ଯେ ସାମ୍ୟବାଦ ଏବଂ ସମାଜବାଦର ମୌଳିକ ବିଚାରକୁ ବିଶ୍ଳେଷଣାତ୍ମକ ଭାବେ ଅଧ୍ୟୟନ କରିଥିଲା । ମାମୁ କଂଗ୍ରେସ ସୋସିଆଲିଷ୍ଟ ଦଳର କେଇ ବର୍ଷ ସଦସ୍ୟ ଥିଲା ଏବଂ ସେହି ସଦସ୍ୟ ପଦରୁ ସେ ପରେ ଇସ୍ତଫା ମଧ୍ୟ ଦେଇଦେଲା । ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମେ ତାହାର ହୃଦ୍‌ବୋଧ ହେବାରୁ ସେ ଗାନ୍ଧୀଜୀଙ୍କର ଅଠର-ସୂତ୍ରୀ କାର୍ଯ୍ୟକ୍ରମକୁ ଗ୍ରହଣକରି ନିଜ ଜୀବନରେ ପାଳନ କଲା । ଓଡ଼ିଶାରେ ମୌଳିକ ଶିକ୍ଷାର ଅୟମାରମ୍ଭ କାଳରେ ସେ ମୌଳିକ ଶିକ୍ଷାର କାର୍ଯ୍ୟକ୍ରମରେ ସକ୍ରୀୟ ଭାଗ ନେଇଥିଲା ଏବଂ ତାହାର ପାଠ୍ୟକ୍ରମକୁ ରୂପରେଖ ଦେବାରେ ସାହାଯ୍ୟ

Digitized by srujanika@gmail.com

କରିଥିଲା । ମାମୁ ଭୂଦାନଯଜ୍ଞ ଆନ୍ଦୋଳନରେ ଯୋଗଦେବା ପୂର୍ବରୁ ଗାନ୍ଧୀ-ବିଚାରକୁ ପାଥେୟକରି ବରୀରେ ନିରବଚ୍ଛିନ୍ନ ସାଧନାରେ ବ୍ରତୀହୋଇ ରହିଥିଲା ।

ମାମୁର ଜ୍ଞାନପିପାସା ଅସୀମ ଥିଲା । ମାମୁର ଅର୍ଥଶାସ୍ତ୍ର, ମନୋବିଜ୍ଞାନ, ସମାଜବିଜ୍ଞାନ, ରାଜନୀତିବିଜ୍ଞାନ, ଇତିହାସ ଏବଂ ପ୍ରତ୍ନତତ୍ତ୍ୱରେ ଜ୍ଞାନ ଗଭୀର ଥିଲା । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଏବଂ ଇଂରାଜୀ ଭାଷା ଅକ୍ତିଆର କରିଥିଲା । ରବିବାବୁ, ଶୈଳଙ୍କ ରବି, ଯେଉଁ କେତୋଟି ଲେଖା ଓ ପୁସ୍ତକର ସଙ୍କଳନ କରିଛନ୍ତି ସେଇଥିରୁ ମାମୁର ଏଇ ପ୍ରତିଭାର ଆଭାସ ମିଳେ । ମାମୁର ଦର୍ଶନଶାସ୍ତ୍ରର ଅଧ୍ୟୟନ ଊଣାନୁହେଁ ।

ମାମୁର ଅନନ୍ୟ ବୈଶିଷ୍ଟ୍ୟ ଯେ ସେ କେବଳ ପୁସ୍ତକଗତ ବିଦ୍ୟା ଏବଂ ବିଚାରକୁ ଆହରଣକରି ସନ୍ତୁଷ୍ଟ ହୁଏ ନାହିଁ ସେ ଜ୍ଞାନ ଆହରଣ କରି ସେ ବିଷୟ ବସ୍ତୁକୁ ରୋମନ୍ଥନକରି, ଜୀର୍ଣ୍ଣକରି ଯେଉଁ ସାରାଂଶ ତାହାର ମେଧାକୁ ଯାଏ ତାହାକୁ ହିଁ ନିଜ ଦୃଷ୍ଟିକୋଣରେ ବିଶ୍ଳେଷଣ କରି ପ୍ରକାଶ କରେ । ଯେଉଁ ପାଠକମାନେ "Exploring Gandhi" ପଢ଼ିଥିବେ ସେମାନେ ଗାନ୍ଧୀ-ବିଚାର ବିଷୟରେ ମାମୁର ନିଜର ବକ୍ତବ୍ୟ ବିଷୟରେ ଅବଗତ ହୋଇଥିବେ । ହାଟ ବଜାରେ ବ୍ରହ୍ମଜ୍ଞାନ ମଧ ସେଇ କାଟର ପୁସ୍ତକ । ମାମୁ ସେଥିରେ ତାହାର ନିଜସ୍ୱ ଯୁକ୍ତିର ଉପସ୍ଥାପନା କରିଛି । ଦେଶରେ ନୂତନ ଅର୍ଥନୈତିକ ବ୍ୟବସ୍ଥାର ପ୍ରାରମ୍ଭରେ ଆଲୋଡ଼ନ ସୃଷ୍ଟି ହେଲା । ଉଦାରୀକରଣ, ଜାଗତିକରଣ, ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଅବାଧ ପ୍ରବେଶ - ଏଗୁଡ଼ିକ ଚର୍ଚ୍ଚାର ବିଷୟବସ୍ତୁ ମଧ ହେଲା । ଅଧିକାଂଶ ଲୋକେ ଉଦାରୀକରଣ ପ୍ରକ୍ରୀୟା ସମ୍ବନ୍ଧରେ କିଛି ଜାଣି ନଥିଲେ । ସୁଫଳ ଏବଂ କୁଫଳ ତ ପରର କଥା । ମାମୁ ତାହାର "ଅର୍ଥନୀତିର ଗୋଲକ ଧନ୍ଦା" ବହିରେ ପୁଞ୍ଜିବାଦର ମୂଳଦୁଆ ସମ୍ବନ୍ଧରେ ପ୍ରାଞ୍ଜଳ ଭାବରେ ବୁଝାଇ ସୁଝାଇ ଲେଖିଛି । ପ୍ରଥମତଃ ସିମାବଦ୍ଧ କମ୍ପାନୀର ସୃଷ୍ଟି କିପରି ହୁଏ । ଆମ୍ଭେମାନେ ଯେଉଁମାନଙ୍କୁ କମ୍ପାନୀର ମାଲିକ ବୋଲି ଜାଣି ଥାଉଁ ଏବଂ କମ୍ପାନୀର ଭାଗ୍ୟ ଯେଉଁମାନେ ନିୟନ୍ତ୍ରଣ କରନ୍ତି ସେମାନେ କେତେ ପରିମାଣରେ ପୁଞ୍ଜି ଖଟାଇ ଥାଆନ୍ତି । ବହୁ ସଂଖ୍ୟକ ଅଂଶୀଦାରଙ୍କ ଟଙ୍କା ନେଇ "ମାଲିକମାନେ" ସାମାନ୍ୟ ଅଂଶ ଖଟାଇ ଥିଲେ ମଧ ମୋଟା ଦରମା ନେଇ

Digitized by srujanika@gmail.com

ଅୟସରେ ଥାଆନ୍ତି । ନିଜର ମୋଟା ପଇସା କାଢ଼ିନେଲା ପରେ ଯାଇ ବାକିତକ ଲାଭାଂଶୁ ଅଂଶୀଦାରମାନଙ୍କୁ ଦେଇଥାଆନ୍ତି । କମ୍ପାନୀ ଦେବାଳିଆ ହେଲେ ମଧ୍ୟ ସେମାନଙ୍କର ସ୍ୱାର୍ଥରେ ତେତେ ବାଧା ଆସେ ନାହିଁ । ଏହା ତ ଆମେରିକାର ନିତି ଦିନିଆ ଘଟଣା ।

ଏହି ସମସ୍ତ ଜଟିଳ ଅର୍ଥନୈତିକ ଖେଳ କସରତର ନିୟମକୁ ମାମୁ ଅତି ସରଳ ଭାଷାରେ ତାହାର ଏହି ପୁସ୍ତକରେ ବୁଝାଇ ଦେଇଛି । ଆର୍ଥିକ ଉଦାରୀକରଣରେ ବହୁରାଷ୍ଟ୍ରୀୟ କମ୍ପାନୀ ଯେ କିପରି ଲାଭବାନ ହୁଅନ୍ତି ସେ ବିଷୟରେ ବୁଝାଇଛି । ଉପରନ୍ତୁ ବିକାଶଶୀଳ, ଦରିଦ୍ର ରାଷ୍ଟ୍ରଗୁଡ଼ିକର ଆର୍ଥିକ ବ୍ୟବସ୍ଥାର କି କି ପରିଣତି ହେବ ତାହାର ମଧ୍ୟ ମାମୁ ଭବିଷ୍ୟତ ବାଣୀ କରିସାରିଥିଲା । ଏ ସବୁ ହେଲା ସମାଜ ବିଜ୍ଞାନର ବିଷୟ ବସ୍ତୁରେ ମାମୁର ଗହୀର ଚାଷ । ମାମୁ ବିଜ୍ଞାନକୁ ଯେ ନିଜ ନଜରରେ ଦେଖି ଜନସାଧାରଣଙ୍କର ଗ୍ରହଣଯୋଗ୍ୟ ସୁପାଠ୍ୟ ଭାଷାରେ ପ୍ରକାଶ କରିପାରିଲା ତାହା ଓଡ଼ିଆ ବିଜ୍ଞାନ ସାହିତ୍ୟ ପାଇଁ ଏକ ବିରାଟ ଅବଦାନ । ପଦାର୍ଥବିଦ୍ୟା ତତ୍ତ୍ୱନିଷ୍ଠ ଜଡ଼ ବିଜ୍ଞାନ । ପଦାର୍ଥ ବିଦ୍ୟାର ତତ୍ତ୍ୱ ପ୍ରକାଶ କରିବାର ଭାଷା ଗଣିତଶାସ୍ତ୍ର । ସେହି ଗଣିତ ଶାସ୍ତ୍ରର ଶବ୍ଦରେ ପଦାର୍ଥ ବିଦ୍ୟାର ବାକ୍ୟର ସଂଯୋଜନା ଏବଂ ଏହି ବାକ୍ୟର ସମଷ୍ଟି ଗୋଟିଏ ତଥ୍ୟକୁ ପ୍ରତିପାଦିତ କରିଥାଏ । "ନାନ୍ୟପନ୍ଥା ତିଷ୍ଠତି" । ଯଥା ଜାଗତିକ ଆପେକ୍ଷିକ ତତ୍ତ୍ୱକୁ ବୁଝିବାନିମନ୍ତେ ରିମାନିଆନ ଜ୍ୟାମିତିରେ ଜ୍ଞାନ ଆବଶ୍ୟକ । ଏହାକୁ ଅକ୍ତିଆର ନକରିଥିଲେ ଗୋଟିଏ ଧାଡ଼ି ବୁଝିବା ଅସମ୍ଭବ । ଏଇ ରିମାନିଆନ ଜ୍ୟାମିତି ବୁଝିବାପାଇଁ ଇଉକ୍ଲିଡ୍‌ଙ୍କର ଜ୍ୟାମିତି ସମ୍ପୂର୍ଣ୍ଣ ରୂପେ ବୁଝିବା ଆବଶ୍ୟକ । ଏତକ ପାଠକୁ କାବୁକରି ତାହାପରେ କାଲକୁଲସରେ ଦୋରସ୍ତ ହେବାପାଇଁ ହେବ । ସେଇଠୁ ଆଉ ପାହାଚେ ଉପରକୁ ଯାଇ ମ୍ୟାକ୍ସୱେଲ୍‌ଙ୍କର ଚାରୋଟି ସୂତ୍ରକୁ ବୁଝିବା ଦରକାର । ଏତିକି ମୂଳଦୁଆ ମଜ୍‌ବୁତ୍ ହେଲାପରେ ଆଇନଷ୍ଟାଇନଙ୍କର ଆପେକ୍ଷିକ ତତ୍ତ୍ୱର ସୌଧରେ ପ୍ରବେଶ କରିବାର ଯୋଗ୍ୟତା ହାସଲ ହେବ । ତାହାକୁ ପାରି ହୋଇଗଲେ ଦିଓ୍ୱାନେ-ଏ-ଖାସରେ ଯାଇ General Theory of Relativity. ।

Digitized by srujanika@gmail.com

ଏତକ ପଢ଼ିସାରିଲା ବେଳକୁ ପାଠକେ ଯଦି ମୋ ଉପରେ ଖପ୍ପା ଏବଂ ସେ ମନେ ମନେ ସ୍ଥିର କରିସାରିଥାନ୍ତି ଯେ ମୁଁ ଫୁଟାଣି ମାରି ବଡ଼ ବଡ଼ କଥା କହି ମୋର ପାଣ୍ଡିତ୍ୟ ଜାହିର୍ କରୁଛି ତାହାହେଲେ ତାଙ୍କର ଭାବନାର ସ୍ରୋତ ଠିକ୍ ଦିଗରେ ଗଡ଼ି ଚାଲିଛି । ମୁଁ ସମ୍ପୂର୍ଣ୍ଣ ସଫଳ ହୋଇଛି । ଆଉ ଟିକିଏ ଆଗକୁ ବଢ଼ନ୍ତୁ ଏବଂ ଅଳ୍ପ କେଇ ପୃଷ୍ଠା ପଢ଼ନ୍ତୁ । ମାମୁର ଯୋଗ୍ୟତା - ମାଟ୍ରିକ୍ ପାସ୍ । ସେ ବି ଦ୍ୱିତୀୟ ଶ୍ରେଣୀରେ ପାସ୍ । ମାମୁ ତା'ର ଆତ୍ମ ଜୀବନୀରେ ବାରମ୍ବାର ଉଲ୍ଲେଖ କରିଆସିଛି ଯେ ଜ୍ୟୋତିର୍ବିଜ୍ଞାନ ଏବଂ ନକ୍ଷତ୍ର ବିଜ୍ଞାନପ୍ରତି ତା'ର ବିଶେଷ ଆକର୍ଷଣ ଜାତ ହୋଇଥିଲା - ତାହା ମଧ୍ୟ ତରୁଣ ବୟସରୁ । ମାମୁ ଅଗଷ୍ଟମାସ, ୧୯୩୪ରେ କଲିକତା ଜେଜେଙ୍କ ସାଙ୍ଗରେ ଗଲା । ଜେଜେ ନେଇ ସତୀଶବାବୁଙ୍କର ସୋଦପୁର ଆଶ୍ରମରେ ଛାଡ଼ିଲେ । ମାମୁ ସ୍ୱେଚ୍ଛାରେ ବିଦେଶ ନ ଯାଇ ବିଜ୍ଞାନ ପଢ଼ିବାର ବାଟ ବନ୍ଦ କରିସାରିଥିଲା । ମାମୁକୁ ସେତେବେଳକୁ ଉଣେଇଶ ବର୍ଷ ବୟସ । ତାହାର ଯେ ଗଣିତରେ ଏବଂ ବିଜ୍ଞାନରେ ଅସାଧାରଣ ପ୍ରତିଭା ଅଛି ତାହା ସେ ନିଶ୍ଚୟ ହୃଦୟଙ୍ଗମ କରି ସାରିଥିବ ଏବଂ ବିଜ୍ଞାନପ୍ରତି ତାହାର ପ୍ରବଳ ଆକର୍ଷଣକୁ ମଧ୍ୟ ଅନୁଭବ କରୁଥିବ । ଏହି ପରିସ୍ଥିତିରେ ନିଜ ଜୀବନର "ପ୍ରଥମ ପ୍ରେମିକା"କୁ ମୁହଁ ମୋଡ଼ି ନିଜର ବିବେକକୁ ପଥ ପ୍ରଦର୍ଶକକରି ଦେଶର ସ୍ୱାଧୀନତା ଆନ୍ଦୋଳନରେ ଜୀବନକୁ ଉତ୍ସର୍ଗୀକୃତ କରିବା କି ପ୍ରକାରର କଠୋର ନିଷ୍ପତ୍ତି ? ଏ ପ୍ରକାର କଠିଣ ବ୍ରତ ଗ୍ରହଣକରି ସେହି ଲକ୍ଷ୍ୟରୁ ଆଜୀବନ ବିଚ୍ୟୁତ ନହେବା କ'ଣ ଅସାମାନ୍ୟ ପୌରୁଷର ଲକ୍ଷଣ ନୁହେଁ ?

ମାମୁ ତାହାର ପ୍ରଥମ ପ୍ରେମକୁ ଭୁଲି ନଥିଲା । ମାମୁ ହୁଏ ତ ବୈଜ୍ଞାନିକ ହୋଇ ପଦାର୍ଥ ବିଦ୍ୟାରେ ମୌଳିକ ଗବେଷଣା କଲା ନାହିଁ । ପଦାର୍ଥ ବିଦ୍ୟାକୁ ମୁହଁମୋଡ଼ି ତାହାଠାରୁ ମଧ୍ୟ ଦୂରେଇ ଗଲା ନାହିଁ । ଏଇ କଠିନ ଏବଂ ଜଟିଳ ଶାସ୍ତ୍ରରେ ଅନୁପ୍ରବେଶ କରିବାର କଳା ନିଜେ ନିଜେ ନିରବଚ୍ଛିନ୍ନ ସାଧନା-ରତ ହୋଇ ହାସଲ କଲା । ସୋପାନ ସୋପାନ ଅତିକ୍ରମ କଲା । ସତୀଶବାବୁଙ୍କର ସାହାଚର୍ଯ୍ୟ ଏଥି ନିମନ୍ତେ ସହାୟକ ହେଲା । ଜ୍ୟୋତିର୍ବିଜ୍ଞାନକୁ ବୁଝିବା ନିମନ୍ତେ

Digitized by srujanika@gmail.com

ପଦାର୍ଥ ବିଦ୍ୟାର ମୂଳଭିତ୍ତିକୁ ଅକ୍ତିଆର କରିବା ଆବଶ୍ୟକ । ମାମୁ ଗଣିତବିଦ୍ୟାର ଭିତ୍ତିଭୂମି ପ୍ରସ୍ତୁତ କରି ପାହୁଣ୍ଡ ପାହୁଣ୍ଡ ଆଗେଇ ପଦାର୍ଥ ବିଦ୍ୟାର ମୂଳତଥ୍ୟ ଏବଂ ସୂତ୍ରକୁ ସାଧି କଲା । କଲେଜ ନଯାଇ, କୌଣସି ମାର୍ଗଦର୍ଶକ ଅଧ୍ୟାପକ / ଶିକ୍ଷକ ନଥାଇ ଏ ସମସ୍ତ ବିଦ୍ୟା ସାଧନ କରିବାର ଆଉ ଦୃଷ୍ଟାନ୍ତ ଅଛି କି ? ମୋର ମାମୁ ମୋ ପାଇଁ ରକ୍ତ-ମାଂସର ସାକ୍ଷାତ ଏକଲବ୍ୟ ? ତାହାପାଇଁ ଜଣେ ଦ୍ରୋଣାଚାର୍ଯ୍ୟଙ୍କର ପ୍ରତିମୂର୍ତ୍ତି ମଧ୍ୟ ନଥିଲା ।

ମାମୁ ପାଇଁ ଇଉକ୍ଲିଡ୍, ଗାଲିଲିଓ, ନିଉଟନ୍, ମ୍ୟାକ୍ସୱେଲ୍, ଆଇନ୍‌ଷ୍ଟାଇନ୍, ବୋହର୍, ପ୍ଲାଙ୍କ୍, ଦୁବ୍ରଲି, ହାଜେନବର୍ଗ...ସମସ୍ତେ ଦ୍ରୋଣାଚାର୍ଯ୍ୟ । ମାମୁ ସେମାନଙ୍କର ନିକଟବର୍ତ୍ତୀ ହେବାର ସୁଯାଗ ପାଇ ନାହିଁ ଏବଂ ସେହି କାରଣରୁ ମାମୁକୁ ତାର ବାମହସ୍ତର ବୃଦ୍ଧାଙ୍ଗୁଷ୍ଠ ଦକ୍ଷିଣା ରୂପେ ଅର୍ପଣ କରିବା ପାଇଁ ହୋଇନାହିଁ । ମାମୁର ଅକ୍ଷୁର୍ଣ୍ଣ ଅଧ୍ୟବସାୟ ଏବଂ ନିରବଚ୍ଛିନ୍ନ ସାଧନା ତାକୁ ପରଶମଣିର ସନ୍ଧାନେ ଲେଖିବାରେ ସକ୍ଷମ ହେଲା । ନିଜର ନମ୍ରତା ପ୍ରକାଶକରି ସେ କହିଛି ଯେ ତା'ର ପଦାର୍ଥ ବିଦ୍ୟାରେ ଚାଷ କେତେଦୂର ତାକୁ ନିଜେ ପରଖିବା ପାଇଁ ସେ ପରଶମଣିର ସନ୍ଧାନେ ବହି ଜେଲ ଭିତରେ ରହି ଲେଖିଲା । ବହି ଲେଖିଲାବେଳେ ଘରେ ଦୁଇ ଭଣଜା (ବନି ଆଉ ମୁଁ) ଆଉ ବୋହୁ ଆରତି, ପଦାର୍ଥ ବିଦ୍ୟାରେ କଲେଜ ପଢୁଆ ଏବଂ ବୁବୁ ମାଉସୀ "ଜୋଇଁ" ସୁରେନ୍ ବି ସେଇଆ । ଆମର ଗୋଟାଏ "ଜୋକ" ଚାଲୁଥିଲା ଯେ ଘରେ ଏତେ ପଦାର୍ଥବିଦ୍ୟା ପି.ଏଚ୍.ଡ଼ି. (ସ୍ୱପ୍ନା ବି ଆସି ମିଶିଲେ) ଯେ ମାମୁ ଆମ ସାଙ୍ଗରେ ପ୍ରତିଯୋଗିତା କରି ତା'ର ପରାକାଷ୍ଠା ଦେଖାଇବା ପାଇଁ "ପରଶମଣିର ସନ୍ଧାନେ" ବହି ଲେଖିଲା । ମାମୁ ୨୦୦୨ ମସିହାରୁ ସେଇ ବହିର ପରିବର୍ଦ୍ଧିତ ସଂସ୍କାରର ମସୁଧା କରୁଥିଲା । ସେଥିରେ ମୌଳିକ କଣିକା ବିଷୟରେ ଗୋଟାଏ ଦୁଇଟା ଅଧ୍ୟାୟ (ଯଥା କ୍ୱାର୍କ ଇତ୍ୟାଦି) ଏବଂ ଆଉ ଗୋଟିଏ ଅଧ୍ୟାୟ ସମସ୍ତ ଶକ୍ତିର ସମନ୍ୱୟ ଓ "ଷ୍ଟ୍ରିଙ୍ଗ୍ ଥିଓରୀ" ବିଷୟରେ ଯୋଗକରିବାର ଇଚ୍ଛା ପ୍ରକାଶ କଲା । ମୁଁ ମାମୁକୁ ଷ୍ଟ୍ରିଙ୍ଗ୍ ଥିଓରୀର ସାରକଥା ସରଳ ଭାଷାରେ ଏବଂ କାଗଜରେ ଚିତ୍ର କରି ବୁଝାଇଲି । ସେ ମନେ ମନେ କହିଲା, "ବାଃ ଏ ତ ଂଭାରି

Digitized by srujanika@gmail.com

ସହଜ ।" ମୁଁ ମାମୁକୁ ଥଟ୍ଟାରେ ଥଟ୍ଟାରେ ଦିନେ ବାଖରାବାଦଘରେ କହିଲି, "ତୁ ଭାବୁଛୁ ଆମମାନଙ୍କୁ ହରାଇସାରି ତୁ ତୋର ନାତିକୁ ଏବେ ଟକ୍କର ଦେବୁ ?" ଟକ୍କର ଦେଇଥାନ୍ତା କି ନାହିଁ ଆଉ ଟିକିଏ ରହିଥିଲେ ଜଣା ପଡ଼ିଥାନ୍ତା କିନ୍ତୁ ହିମ୍ମତ୍ ତ ଥିଲା । "ପରଶମଣି ସନ୍ଧାନେ" ବହିର ନୂତନ ସଂସ୍କରଣ ମାମୁର ପ୍ରୟାଣ ଅନ୍ତେ ପ୍ରକାଶିତ ହେଲା । ସେହି ସଂସ୍କରଣରେ ଗୋଟିଏ ଅଧ୍ୟାୟ ପାଇଁ ମୁଁ ଲେଖେ ବୋଲି କେହି କେହି ଆଗ୍ରହ ପ୍ରକାଶ କରିଥିଲେ । ମୁଁ ସମ୍ମତି ଦେଇ ପାରିଲି ନାହିଁ । ମାମୁର ଭାଷା, ଉପସ୍ଥାପନାର କଳା ଏବଂ ମନୋରମ ଉପଯୁକ୍ତ ଉପମାଦେଇ ବୁଝାଇ ଲେଖିବାର ଶକ୍ତି ମୋହର ନାହିଁ । ମାମୁ କଲିକତାରେ ତାହାର ଆଦ୍ୟଯୌବନରେ ବିଜ୍ଞାନ ଚର୍ଚ୍ଚାର ପ୍ରାରମ୍ଭ କରିଥିଲା । ତା'ର ସେହି ଜ୍ଞାନପିପାସା ତୃପ୍ତ ହେଉ ନଥିଲା । ବିଖ୍ୟାତ ଗାନ୍ଧୀବାଦୀ କାକା କାଲେଲେକର ଥରେ ମାମୁ ସୋଦପୁରରେ ଥିବା ସମୟରେ ସେଠାକୁ ଆସିଥିଲେ । ସେ ଆଶ୍ରମରେ Arthur Eddingtonଙ୍କର ପ୍ରଣୋଦିତ ବ୍ରହ୍ମାଣ୍ଡର ରହସ୍ୟ ଏବଂ ଜ୍ୟୋତିର୍ବିଜ୍ଞାନର ବହିଟି ପଢ଼ିଥିବାର ଦେଖିଲେ । Edingtonଙ୍କର ଆଇଷ୍ଟାଇନ୍ଙ୍କର ଜାଗତିକ ଆପେକ୍ଷିକ ତତ୍ତ୍ୱଉପରେ ଗଭୀର ପାଣ୍ଡିତ୍ୟ ଥିଲା । ତାଙ୍କୁ ବିଶ୍ୱର ଶ୍ରେଷ୍ଠ ପଦାର୍ଥ ବିଜ୍ଞାନବିତ୍‌ର ମାନ୍ୟତା ମଧ୍ୟ ମିଳୁଥିଲା । କାକା କାଲେଲକର ଜ୍ୟୋତିର୍ବିଜ୍ଞାନ ବହିଟି ସୋଦପୁର ଆଶ୍ରମରେ ଦେଖି ହସି ହସି କହିଲେ, "ଏଠାରେ ଏହି ବହି ପଢ଼ିବା ଲୋକ ବି ଅଛନ୍ତି ?" ଗାନ୍ଧୀବାଦୀ ତୁଙ୍ଗ ନେତୃମଣ୍ଡଳୀରେ ଗୋଟିଏ ଶ୍ରେଣୀର ଚିନ୍ତକ ମତ ପୋଷଣ କରୁଥିଲେ କୁଚ୍ଛ୍ର ଅହିଂସକ ସାଧନାରେ ଜଡ଼ବିଜ୍ଞାନ, ସଙ୍ଗୀତ ଏବଂ ଲଳିତ କଳାର ସ୍ଥାନ ଅତ୍ୟନ୍ତ ଗୌଣ । ମାମୁର ଜୀବନଦର୍ଶନ ଏହି ବିଚାରରେ ବିଶ୍ୱାସ କରୁଥିବା ଗାନ୍ଧୀ-ପନ୍ଥୀମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜଡ଼ବିଜ୍ଞାନ, ସଙ୍ଗୀତ, ନୃତ୍ୟ-ନାଟକ, ଚିତ୍ରକଳା ମନୁଷ୍ୟର ଜୀବନକୁ ପୂର୍ଣ୍ଣତା ପ୍ରଦାନର ଉପାଦାନ । ସତ୍ୟ-ଅହିଂସା-କରୁଣାର ସାଧନା ପଥର ଏମାନେ ପ୍ରତିବନ୍ଧକ ହୋଇ ନପାରିନ୍ତି । "ଏ କି ଲାବଣ୍ୟେ ପୂର୍ଣ୍ଣ ପ୍ରାଣ ।"

ମାମୁକୁ ଯେତେ ନିକଟରୁ ଦେଖି ଆସୁଥିଲେ ମଧ୍ୟ ଅଳ୍ପ ବୁଦ୍ଧି ଓ ସ୍ୱଳ୍ପଜ୍ଞାନରେ ମାମୁକୁ କଳନା କରିବା ମୋ ପକ୍ଷରେ ଅସମ୍ଭବ । ମୋର ଅନୁଭବ ଏବଂ ଅଭିଜ୍ଞତା

Digitized by srujanika@gmail.com

ଯେତିକି ବଢ଼ି ବଢ଼ି ଚାଲିଲା ମୋର ଜ୍ଞାନର ଦିଗନ୍ତ ପ୍ରସାରିତ ହେଲା । ମୁଁ ମାମୁକୁ ନୂଆ ଦୃଷ୍ଟି ଭଙ୍ଗୀରେ କଳିବାପାଇଁ ଚେଷ୍ଟାକଲି । ତା'ର ଜୀବନର ଶେଷ କୋଡ଼ିଏ ବର୍ଷ ମୁଁ ନିଜେ ତା'ର ଜୀବନଦର୍ଶନର ଗୋଟିଏ ନୂତନ ଦିଗକୁ ଆବିଷ୍କାର କଲି । ଏହି ଆବିଷ୍କାର ମୋ ପାଇଁ ଭାବିବାର ନୂଆ ଖୋରାକ ଯୋଗାଇଲା । ମୁଁ ଆଶ୍ଚର୍ଯ୍ୟହେଲି ଯେ ଏ ପର୍ଯ୍ୟନ୍ତ ମୁଁ କାହିଁକି ମାମୁର ଚରିତ୍ରର ଏଇ ଆଡ଼କୁ ନଜର କରିନଥିଲି ।

ମାନବ ସଭ୍ୟତାର ପ୍ରାରମ୍ଭରୁ ପ୍ରଥମେ ପରିବାର, ତା'ପରେ ଗୋଷ୍ଠୀଗତ ଜୀବନଯାତ୍ରାର ପ୍ରାରମ୍ଭ ହେଲା । ସେଇ ମୂଳଦୁଆରୁ ଜନବସତି, ରାଜ୍ୟ ଓ ସାମ୍ରାଜ୍ୟର ସୃଷ୍ଟି ହେଲା । ମଣିଷ ଏପରି ଗୋଟିଏ ପ୍ରାଣୀ ଯେ ନିଜର ସନ୍ତାନ ସନ୍ତତିଙ୍କ ଉର୍ଦ୍ଧ୍ୱରେ ତାହାର ସାମାଜିକ ବ୍ୟବସ୍ଥା ପରିବ୍ୟାପ୍ତ ହୋଇଥାଏ । ମଣିଷ ମଣିଷ ଭିତରେ ସମ୍ପର୍କ ଗଢ଼ିଉଠେ । ସେ ସମ୍ପର୍କ ପ୍ରେମର ହୋଇଥାଏ ଅଥବା ଘୃଣା - ବିଦ୍ୱେଷର ମଧ୍ୟ ହୋଇଯାଇପାରେ । ଇତିହାସର ବିବର୍ତ୍ତନ ମଧ୍ୟରେ ମହାପୁରୁଷ, ଧର୍ମଗୁରୁମାନଙ୍କର ପ୍ରଚେଷ୍ଟା ମନୁଷ୍ୟ ସମାଜ ମଧ୍ୟରେ ପ୍ରେମର ବନ୍ଧନକୁ ସୁଦୃଢ଼ କରିବା ନିମନ୍ତେ ଉଦ୍ଦିଷ୍ଟ । ଏହି ପ୍ରଚେଷ୍ଟାରୁ ଧର୍ମର ସୃଷ୍ଟି ଏବଂ କାଳାନ୍ତରେ ଧର୍ମ-ଧର୍ମ ମଧ୍ୟରେ ସଂଘର୍ଷର କାରଣ ହୋଇଛି । ଉନବିଂଶ ଶତାବ୍ଦୀରେ ଦେଶାନ୍ତର ଗମନ ଓ ଉପନିବେଶ ସ୍ଥାପନର ପ୍ରକ୍ରୀୟା ବିଭିନ୍ନ ଦେଶର ନାଗରୀକମାନଙ୍କୁ ପରସ୍ପରର ନିକଟବର୍ତ୍ତୀ କରିଛି ଏବଂ ନୂଆ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହୋଇଛି । ଏହି ନୂତନ ସମ୍ପର୍କ ସର୍ବଦା ନ୍ୟାୟ ସଙ୍ଗତ ଏବଂ ମାନବିକତା ଦୃଷ୍ଟିରୁ ଗ୍ରହଣୀୟ ହୋଇ ନପାରେ - ପ୍ରଭୁ-ଦାସତ୍ୱ, ଶାସକ-ଶାସିତ, ରାଜା-ପ୍ରଜା । ସମାଜ ବ୍ୟବସ୍ଥାର ପରିବର୍ତ୍ତନ ନିମନ୍ତେ ଯୁଦ୍ଧ, ରାଷ୍ଟ୍ରବିପ୍ଳବର ସୂତ୍ରପାତ ମଧ୍ୟ ହୋଇଛି । ଆଧୁନିକ ଯୁଗରେ ପ୍ରତ୍ୟେକ ଯୁଦ୍ଧର ଯଥାର୍ଥତା ପ୍ରତିପାଦନ ନିମନ୍ତେ ପରସ୍ପର ବିରୋଧୀ ପକ୍ଷ ସେମାନଙ୍କର ସଂଘର୍ଷର ମହତ୍ ଉଦ୍ଦେଶ୍ୟ ମଧ୍ୟ ପୋଷଣକରି ଯୁଦ୍ଧାରମ୍ଭ କରନ୍ତି । ଇରାକ୍ ଆକ୍ରମଣ କରିବାର ଅବ୍ୟବହିତ ପୂର୍ବର ଯେଉଁ ଲୋକସମ୍ପର୍କର ପ୍ରଚୁର ପ୍ରଚାର ଚାଲିଲା ତାହା କାହାକୁ ଅଜଣା ? ଛୋଟ ମୁହଁରେ ବଡ଼ କଥା - ମାମୁ ସହିତ ଏ ସବୁର କି ସମ୍ପର୍କ ? ଉନବିଂଶ ଶତାବ୍ଦୀ ଏବଂ ବିଂଶ ଶତାବ୍ଦୀରେ ବହୁ

Digitized by srujanika@gmail.com

ମନିଷୀ ନୂଆ ଚିନ୍ତାଧାରା ପ୍ରଚାର କଲେ । ବିଶ୍ୱର ଜନସମାଜ ନିକଟତର ହେଲେ । ଦାର୍ଶନିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀରେ କିଛି ନୂତନ ବିଚାରଧାରା ସୃଷ୍ଟିହେଲା । ମାମୁର ଗୋଟିଏ କଥା ମୋର ମନରେ ରେଖାପାତ କରିଥିଲା । ମାମୁର କୌଣସି ପୁସ୍ତକ କିମ୍ୱା ପ୍ରବନ୍ଧରେ ମଧ୍ୟ ନିଶ୍ଚୟ, ସେ ଏହାର ସାର ଗର୍ଭକ ଆଲୋଚନା କରିଥାଇପାରେ । ଫରାସୀ ବିପ୍ଳବର ମୂଳ କାରଣ ରାଜା ଲୁଇଙ୍କର ଅତ୍ୟାଚାରୀ, ସ୍ୱେଚ୍ଛାଚାରୀ ଶାସନ । ସମାଜର ଉଚ୍ଚଶ୍ରେଣୀର ଅଳ୍ପ କେତେକ ବିଭବଶାଳୀ ବ୍ୟକ୍ତି ଭୋଗ ବିଳାସରେ ଜୀବନ ଅତିବାହିତ କରୁଥିଲେ । ସମାଜର ବେଶି ଖଟିଖିଆ ଲୋକେ ବଞ୍ଚିବାର ଅଧିକାରରୁ ସୁଦ୍ଧା ବଞ୍ଚିତ ହୋଇ ରାଜା-ଜମିଦାରଙ୍କର ଲୁଣ୍ଠନ ଏବଂ ଅତ୍ୟାଚାରରେ ନିଷ୍ପେଶିତ ହେଉଥିଲେ । ଏହି ଅସନ୍ତୋଷ କୁହୁଳି କୁହୁଳି ଶେଷରେ ଫରାସୀ ବିପ୍ଳବର ରୂପ ନେଲା । ଇତିହାସମାନଙ୍କରେ ଏହାର ପ୍ରାଞ୍ଜଳ ବିଶ୍ଳେଷଣ ଲିପିବଦ୍ଧ । ଫରାସୀ ବିପ୍ଳବର ସମୁଦ୍ର-ମନ୍ଥନରୁ ଯେଉଁ ତିନୋଟି ଅମୃତପାତ୍ର ମାନବଜାତିକୁ ମିଳିଲା ସେ ତିନୋଟି ହେଲା - ସ୍ୱାଧୀନତା, ସମତା ଏବଂ ଭାତୃଭାବ ବା ଭାଇଚାରା । (Liberte, Egalite, Fraternite) । ପରବର୍ତ୍ତୀ କାଳରେ ମଧ୍ୟ ଯେତେ ସାମାଜିକ ବିପ୍ଳବ (ଅନେକ କ୍ଷେତ୍ରରେ ଆନ୍ତର୍ଜାତିକ ଯୁଦ୍ଧ) ଘଟିଛି ଏଇ ତିନୋଟି ମୂଲ୍ୟବୋଧର ଦ୍ୱାହି ଦେଇ ସେ ସବୁର ପ୍ରାରମ୍ଭ ହୋଇଛି । ମାମୁ ଏଇ ତିନିଗୋଟି ଶବ୍ଦ (ମୂଲ୍ୟବୋଧ) ଉପରେ କହିବାର ମୁଁ ବହୁବାର ଶୁଣିଛି । ଉଦାହରଣ ସ୍ୱରୂପ ରୁଷ ବିପ୍ଳବ ପରେ ପରେ ସେଠାରେ ସମତା ବହୁପରିମାଣରେ ପ୍ରତିଷ୍ଠିତ ହେଲା । ବ୍ୟକ୍ତିଗତ ସ୍ୱାଧୀନତା କେତେ ପରିମାଣରେ କ୍ଷୁର୍ଣ୍ଣ ହେଲା । ଭାଇଚାରା କେତେଦୂର ଆଗେଇଲା ଜଣାନାହିଁ - କିଛି ନିର୍ଦ୍ଦୋଷ ଲୋକ ତ ସାଇବେରିଆ ଯାଇଥିଲେ । ଫ୍ରାନ୍ସର ଉଦାହରଣ ମଧ୍ୟ ପ୍ରଣିଧାନ ଯୋଗ୍ୟ । ଫରାସୀ ବିପ୍ଳବ ଅବ୍ୟବହିତ ପରେ ନେପୋଲିଅନ୍ ଯାହା କରିବସିଲେ ତାହାର ଯଥାର୍ଥତା କେତେ ଦୂର ? ଦ୍ୱିତୀୟ ମହାଯୁଦ୍ଧ ସମୟରେ ଜର୍ମାନ ଶାସନବେଳେ ଫରାସୀ ନାଗରୀକମାନେ ଯେଉଁ ଲାଞ୍ଛନା, ଅତ୍ୟାଚାରର ଶିକାର ହୋଇଥିଲେ, ଦ୍ୱିତୀୟ ମହାଯୁଦ୍ଧର ଅବସାନ ଉତ୍ତାରୁ ତାଙ୍କର ନିର୍ବାଚିତ ସରକାର ଆଫ୍ରିକୀୟ ଦେଶମାନଙ୍କରେ ଯେଉଁ ଅତ୍ୟାଚାର କଲେ ତାହା କ'ଣ Liberte, Egalite, Fraternite ?

Digitized by srujanika@gmail.com

ବିଶ୍ୱର ମହାନ ଚିନ୍ତାନାୟକ, ଦାର୍ଶନିକଙ୍କର ଉଦାରବାଣୀ ସହିତ ଭାରତବର୍ଷର ଦୁଇ ମହାପୁରୁଷ ସେମାନଙ୍କର ବିଚାର ମାନବ ସମାଜକୁ ପ୍ରକାଶକରି 'ନୂତନ ଆହ୍ୱାନ ଦେଲେ । ରବୀନ୍ଦ୍ରନାଥ ବିଶ୍ୱଜନ ପ୍ରିତି ସନ୍ଦେଶ ପ୍ରଚାର କଲେ । କବିଗୁରୁ ତାଙ୍କର କବିତା ମାଧ୍ୟମରେ ବିଶ୍ୱ ମହାମାନବର ବିଚାର ଉପସ୍ଥାପନା କଲେ । ଦେଶପ୍ରେମର ସୀମା ଲଙ୍ଘନ କରି ବିଶ୍ୱପ୍ରେମ ସମସ୍ତ ମାନବ ଜାତିକୁ ଗୋଟିଏ ମାଳିରେ ବାନ୍ଧି ରଖିବ । ଗୁରୁଦେବଙ୍କର ଏହି ଆହ୍ୱାନ ହୃଦୟକୁ ସ୍ପର୍ଶକଲା । ମହାତ୍ମାଗାନ୍ଧୀଙ୍କର ମୂଳଭିତ୍ତି ସତ୍ୟ ଏବଂ ଅହିଂସା । ଗାନ୍ଧୀଜୀ ବହୁବାର ଉଲ୍ଲେଖ କରିଛନ୍ତି ଯେ ହିଂସାକୁ ପ୍ରେମରେ ହିଁ ଜୟ କରିବା ସମ୍ଭବ । ସେହି ପ୍ରେମ ନିର୍ମଳ ହେବା ଆବଶ୍ୟକ । ନୂଆଖାଲି ପଦଯାତ୍ରା ସମୟରେ ଏହାର ସେ ବିଶେଷ ପ୍ରୟୋଗ ମଧ କରିଛନ୍ତି ଏବଂ ତାଙ୍କର ବଦ୍ଧମୂଳ ଧାରଣା ଥିଲା ଯେ ପ୍ରେମର ବନ୍ଧନରେ ହୃଦୟକୁ ହୃଦୟ ସହିତ ବାନ୍ଧିହେବ । ଏହି ପବିତ୍ର ସମ୍ପର୍କ ମଧ୍ୟରେ ହିଂସାର ସ୍ଥାନ କେଉଁଠି ? ସତ୍ୟ-ପ୍ରେମ-କରୁଣା ଅହିଂସା ସାଧନାର ସାଧନ । ଏହି ପଥରେ ଅଗ୍ରସର ହେଲେ ପୃଥିବୀ ହିଂସାରୁ ମୁକ୍ତି ପାଇବ । ବିନୋବାଜୀ ଗାନ୍ଧୀଜୀଙ୍କର ସତ୍ୟ-ଅହିଂସା ଦର୍ଶନକୁ ଆହୁରି ପୁଷ୍ଟକଲେ । ତାଙ୍କର ପୃଥିବୀର ସମସ୍ତ ଧର୍ମଗ୍ରନ୍ଥର ଅଧ୍ୟୟନ ଅତ୍ୟନ୍ତ ଗଭୀର । ସେ ଧର୍ମଗ୍ରନ୍ଥର ଆକ୍ଷରୀକ ଟୀକା-ଅନ୍ୱୟ ନକରି ସେହି ଧର୍ମର ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଆହାରଣ କରିଥାଆନ୍ତି । ତନ୍ମଧ୍ୟରୁ ନିଜର ମୌଳିକ ଦୃଷ୍ଟିଭଙ୍ଗୀରେ ସେହି ଧର୍ମର ବ୍ୟାଖ୍ୟା କରିଥାଆନ୍ତି । ଗୀତା ପ୍ରବଚନରେ ସେ ଗୀତାର ଯେଉଁ ବ୍ୟାଖ୍ୟା କରିଛନ୍ତି ସେହିଥରୁ ବିନୋବାଙ୍କର ମୌଳିକ ଆଧ୍ୟାତ୍ମିକ ବିଶ୍ଳେଷଣର ଆଭାସ ମିଳେ । ବିନୋବାଜୀଙ୍କର ସର୍ବୋଦୟ - ଭୂଦାନ ଆନ୍ଦୋଳନ ସତ୍ୟ-ଅହିଂସା ମୂଳଦୁଆ ଉପରେ ପ୍ରତିଷ୍ଠିତ । ଆନ୍ଦୋଳନର ପ୍ରାରମ୍ଭ ସାମାଜିକ ଏବଂ ଅର୍ଥନୈତିକ ବୈଷମ୍ୟ ଦୂର କରିବା ଉଦ୍ଦେଶ୍ୟରେ ହୋଇଥିଲା । ବିନୋବାଜୀ ନିଜର ସୂକ୍ଷ୍ମ ବିଚାରକୁ ଅଧିକ ମାର୍ଜିତକରି ବିଶ୍ୱମୈତ୍ରୀ, ବିଶ୍ୱଶାନ୍ତିର ଦର୍ଶନକୁ ମଧ ତାଙ୍କର ବିପ୍ଳବର ଅଙ୍ଗବିଶେଷ କରିଥିଲେ । ସଙ୍କୀର୍ଣ୍ଣ ଜାତୀୟତା / ରାଷ୍ଟ୍ରୀୟତା ଭାବର ଉର୍ଦ୍ଧ୍ୱକୁ ଯାଇ ସେ "ଜୟଜଗତ୍"ର ଧ୍ୱନୀ ଦେଇଥିଲେ । ବିନୋବାଜୀଙ୍କର

Digitized by srujanika@gmail.com

ଏହି ବିଶ୍ୱଜର-ପ୍ରିତି ଦର୍ଶନ ମାମୁକୁ ପ୍ରଭାବିତ କରିଥିଲା ଏବଂ ମାମୁର ବିଶ୍ୱମାନବୀୟ ଚିନ୍ତନକୁ ଅଧିକ ପୁଷ୍ଟ କରିଥିଲା ।

ମାମୁ ଗାନ୍ଧୀଜୀଙ୍କର ଅହିଂସକ ପନ୍ଥାର ପଥିକ ଥିଲା ଏବଂ ଏଇ ପଥରୁ କେବେ ବାଟହୁଡ଼ା ହୋଇନାହିଁ । "କସ୍ତୁରୀମୃଗ ସମ" ବହିରେ ବିଭିନ୍ନ ପରିପ୍ରେକ୍ଷୀରେ ଏହାକୁ ଦୋହହାଇଛି । ଆଗୋର ପ୍ରଭାବରୁ ମାମୁ ରବୀନ୍ଦ୍ର ସାହିତ୍ୟ ପ୍ରତି ଆକୃଷ୍ଟ ହେଲା । ସେ ନିଜର ସ୍ୱାଧ୍ୟାୟ, ଚିନ୍ତନ, ମନନରୁ ରବୀନ୍ଦ୍ର ନାଥର ଦର୍ଶନକୁ ଗ୍ରହଣ କଲା ଏବଂ ବିଶ୍ଳେଷଣ କଲା । ମାମୁକୁ ଯେଉଁମାନେ ଅତି ଘନିଷ୍ଠ ଭାବରେ ଜାଣନ୍ତି ସେମାନେ କହିବେ ମାମୁର କେତେ ରବୀନ୍ଦ୍ର ସଙ୍ଗୀତ କଣ୍ଠସ୍ଥ ଥିଲା । ମାମୁ ରବୀନ୍ଦ୍ର ସଙ୍ଗୀତର ମର୍ମାଗତ ଆଧ୍ୟାତ୍ମିକ ବାର୍ତ୍ତାକୁ ଆହରଣ କରିଥିଲା । ଗାନ୍ଧୀ-ରବୀନ୍ଦ୍ରଙ୍କର ବିଶ୍ୱ ମହାମାନବର ଦର୍ଶନକୁ ମାମୁ ସମ୍ପୂର୍ଣ୍ଣରୂପେ ତା'ର ଜୀବନରେ ଗ୍ରହଣ କରିଥିଲା । ମାମୁର ଜୀବନ - ଦଶର୍ନର ଆଲୋଚନା ମୁଁ କ୍ୱଚିତ୍ ଶୁଣିଛି ।

ମାମୁ ତା'ର ଆତ୍ମଜୀବନୀରେ ବିନମ୍ରତାର ସହିତ ନିଜକୁ କିମ୍ଭୁତ ବୋଲି ଆଖ୍ୟାଦେଇ ନିଜର କାର୍ଯ୍ୟାବଳୀର ସାରାଂଶକୁ ଉପସ୍ଥାପିତ କରିଛି । ଉପର ଠାଉରିଆ ହୋଇ ପଢ଼ିଲେ ପ୍ରଥମେ ମନେ ହେବ ଯେ ମାମୁର କିଛି ବିଶେଷ ପରିଚୟ ନାହିଁ । ସେ କଳାକାରମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ (ପୁରସ୍କାରମାନ ପାଇବାପୂର୍ବରୁ) ଲେଖକ ମହଲରେ ସର୍ବୋଦୟ ନେତା, ବିଜ୍ଞାନୀଙ୍କ ପାଖରେ ଓଡ଼ିଆ ଲେଖକ... । ମାମୁକୁ ଟିକିଏ ନିରେଖି ତଉଲିଲେ ମୋର ମୁଣ୍ଡ ବୁଲେଇ ଦିଏ । ଗୋଟିଏ ଲୋକ ତା'ର ଜୀବଦ୍ଦଶାରେ କେତେ କ'ଣ ନ କରିପାରିଲା ?

ରାମଚନ୍ଦ୍ରପୁରରେ ମୋତେ ପଢ଼ାଇଲାବେଳେ ମୁଁ ଫୁଲା ଫାଙ୍କିଆ ହୋଇ କିଛି କରିବସିଲେ ମତେ ବା' ଆକଟ କରନ୍ତି । ମାମୁର ଯେ ସବୁ କାମ ପରିପାଟୀ ଏବଂ ନିଖୁଣ ଭାବରେ କରିପାରେ ତାହାରି ଉଦାହରଣ ଦେଇ କହନ୍ତି, "ଦେଖ ବାବୁ ମାମୁ କିପରି ସବୁ କାମ ପରିପାଟୀରେ ପକ୍କାକରନ୍ତି । ସେ ଚଣ୍ଡୀପାଠରୁ ଆରମ୍ଭ କରି ଯୋତା ସିଲେଇ ସବୁ କାର୍ଯ୍ୟରେ ନିପୁଣ ।" ପ୍ରକୃତରେ ମାମୁ ତ ଚମଡ଼ାକାମ ଶିଖିଥିଲା ଏବଂ ସଂସ୍କୃତରେ ମାମୁର ପାଣ୍ଡିତ୍ୟ ଥିଲା କଥିତ ଅଛି ତା'ର ଉଚ୍ଚାରଣ ତ୍ରୁଟିଶୂନ୍ୟ ।

Digitized by srujanika@gmail.com

ଲେନାଦୋ ଦା ଭିଞ୍ଚି ଯେତେବେଳେ ଫ୍ରାନ୍ସର ସମ୍ରାଟ ଫ୍ରାନ୍ସ ଓ୍ୟା ପ୍ରମିଏଙ୍କର ରାଜସଭାରେ ଉପସ୍ଥିତ ହେଲେ ତାଙ୍କୁ ପ୍ରଶ୍ନ ହେଲା, 'ତୁମେ କ'ଣ କରିପାର ?" ଲେଓନାଦୋ ଇଷତ୍ ହସି ଉତ୍ତର ଦେଲେ, "ମୁଁ ନୂଆ ନୂଆ କପିକଳ ତିଆରି କରି ଭାରି ଭାରି ଜିନିଷ ଉଠାଇବାର ଉପାୟ ଜାଣେ । ମୁଁ ରାଜାଙ୍କର ସୈନ୍ୟମାନଙ୍କ ପାଇଁ ନୂତନ ମାରଣାସ୍ତ୍ରର ଡିଜାଇନ କରିଥିଲି । ଦୁର୍ଗରକ୍ଷା କରିବା ନିମନ୍ତେ ଏହି ପ୍ରକାରର ତୋପ ତିଆରିର ନକ୍ସା କରିଛି ଇତ୍ୟାଦି ଇତ୍ୟାଦି । ଆଉ, ଅନେକ ବିଦ୍ୟା ମଧ୍ୟ ଜଣାଅଛି ।" କେତେ ପଳ ନୀରବ ରହି ଧୀର ସ୍ୱରରେ କହିଲେ, "କିଛି ଚିତ୍ରକଳା ମଧ୍ୟ ଜଣାଅଛି ।"

□□

Digitized by srujanika@gmail.com



Ray Printers, Cuttack
Mob-9861366065

Digitized by srujanika@gmail.com